


ଉତ୍କଳ ପ୍ରସଙ୍ଗ
ଉତ୍କଳ ଦିବସ ବିଶେଷାଙ୍କ

KAL PRASANGA Regd. No. O-05/86
—Licensed to post without Pre-Payment





PRINTED AT ORISSA GOVERNMENT PRESS, CUTTACK-10




ଶୁଭଧର୍ମୀରେ ଉପରାଷ୍ଟ୍ରପତି ଶ୍ରୀ ଭେଙ୍କଟ ରମଣଙ୍କ ସମ୍ବର୍ଦ୍ଧନା ...

# କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



ପ୍ରିୟମ୍ବଦା ମହାନ୍ତି

ପୁରସ୍କାର ଗ୍ରହଣରତ ମୁଣ୍ଡ



ଭୁବନେଶ୍ୱର ମଞ୍ଚ ..

# ଉତ୍କଳ ପ୍ରସଙ୍ଗ

ଫାଲ୍‌ଗୁନ/ଚୈତ୍ର ୧୯୦୮ ଶକାବ୍ଦ ୪୩ ଭାଗ ୮/୯ ସଂଖ୍ୟା ମାର୍ଚ୍ଚ/ଅପ୍ରେଲ ୧୯୮୭

● ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଫଣୀ ଭୂଷଣ ଦାସ

ସମ୍ପାଦକ : ଶ୍ରୀ ମଦନ ମୋହନ ମିଶ୍ର

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

●

**ମୁଖ୍ୟ ସମ୍ପାଦକ**

**ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ**

● **ପ୍ରଚ୍ଛଦପଟ**

ଶ୍ରୀ ବଳଦେବ ମହାରଥା

**ପ୍ରକାଶକ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ୨୦.୦୦

**ମୁଦ୍ରଣ :**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ପ୍ରତି ଖଣ୍ଡ : ୨.୦୦

**ଓଡ଼ିଶା ସରକାରଙ୍କ** ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେପରି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।


# ସୂଚୀପତ୍ର


| | | |
|---|---|---|
| ପରିବେଶ ଓ ଏକବିଂଶ ଶତାବ୍ଦୀ .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଓଡ଼ିଶାର ପ୍ରାଣକେନ୍ଦ୍ର ଶ୍ରୀ ମନ୍ଦିର ଏକ ଐତିହାସିକ ସମୀକ୍ଷା । | ଡକ୍ଟର ସତ୍ୟନାରାୟଣ ରାଜଗୁରୁ .. | ୪ |
| ଆମର ଏକତା ଓ ସଂହତି .. | ଡକ୍ଟର ଅମୂଲ୍ୟ ମହାପାତ୍ର .. | ୯ |
| ଉତ୍କଳ ଗୌରବ ମଧୁସୂଦନ ଓ ମହାତ୍ମା ଗାନ୍ଧି .. | ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଷଡଙ୍ଗୀ .. | ୧୨ |
| ଓଡ଼ିଶାର ଆଦିବାସୀ ଜୀବନ: କଳ୍ପନା .. | ଶ୍ରୀ ଭଗୀରଥି ନେପାକ .. | ୧୫ |
| ଧର୍ମ ଦର୍ଶନ ଓ ଭାରତବର୍ଷ .. | ଅଧ୍ୟାପକ ଡକ୍ଟର ଶରତ ଚନ୍ଦ୍ର ରଥ.. | ୧୯ |
| ଓଡ଼ିଆ ଭାଷା ପ୍ରଚଳନର ଅତୀତ .. | ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର . | ୨୨ |
| ଓଡ଼ିଶାର ପୁରାତନ ନାମ .. | ଡକ୍ଟର ଦାଶରଥୀ ପଣ୍ଡା .. | ୨୬ |
| ପ୍ରାଚୀନ ଉତ୍କଳରେ ନାରୀ ବ୍ୟବହୃତ ବସ୍ତ୍ର .. | ଶ୍ରୀ ସୀମାଞ୍ଚଳ ପ୍ରଧାନ .. | ୨୮ |
| ନୂଆ ଓଡ଼ିଶା ନୂଆପାଠ .. | ଶ୍ରୀ ଚନ୍ଦ୍ରଶେଖର ନାୟକ .. | ୩୦ |
| ଆମ ସଂସ୍କୃତି ଓ ଆମ ଶିକ୍ଷା .. | ଶ୍ରୀ ଶତ୍ରୁଘ୍ନ ନାଥ .. | ୪୧ |
| ସ୍ୱତନ୍ତ୍ର ପ୍ରଦେଶ ଗଠନରେ ରାଜା ବୈକୁଣ୍ଠନାଥ .. | ଡକ୍ଟର ଜଗନ୍ନାଥ ପଟ୍ଟନାୟକ .. | ୪୫ |
| ସଫଳ କାହାଣୀ .. | .. | ୪୯ |
| ପଲ୍ଲି ପ୍ରସଙ୍ଗ .. | .. | ୫୩ |
| ସ୍ୱତନ୍ତ୍ର ପ୍ରଦେଶ ଗଠନରେ ପାରଳା ଗଜପତିଙ୍କ ଭୂମିକା । | ଡକ୍ଟର ହରିହର କାନୁନ୍‌ଗୋ .. | ୬[illegible] |
| ଇତିହାସ ସୂତ୍ରଃ କମଳଲୋଚନ ଦୋରା ବିଶୋୟୀ | ଡକ୍ଟର ଦଣ୍ଡପାଣି ବେହେରା .. | ୭[illegible] |
| ଓଡ଼ିଆ ଚଳଚ୍ଚିତ୍ର—୧୯୮୬ .. | ଶ୍ରୀ ରଣଧୀର ଦାସ .. | ୭[illegible] |

ଓଁ ଆ ବ୍ରହ୍ମନ୍ ବ୍ରାହ୍ମଣୋ
ବ୍ରହ୍ମବର୍ଚସୀ ଜାୟତା—
ମା ରାଷ୍ଟ୍ରେ ରାଜନ୍ୟଃ ଶୂର
ଇଷବ୍ୟୋଽତିବ୍ୟାଧୀ ମହାରଥୋ ଜାୟତାମ୍ ।
ଦୋଗ୍‌ଧ୍ରୀ ଧେନୁର୍ବୋଢାନଡ୍ ବାନାଶୁଃ
ସପ୍ତିଃ ପୁରନ୍ଧିର୍ଯୋଷା ଜିଷ୍ଣୁ
ରଥେଷ୍ଠାଃ ସଭେୟୋ ଯୁବାସ୍ୟ
ଯଜମାନସ୍ୟ ବୀରୋ ଜାୟତାମ୍ ।
ନିକାମେ ନିକାମେ ନଃ ପର୍ଜନ୍ୟୋ ବର୍ଷତୁ ।
ଫଳବତ୍ୟୋ ନ ଓଷଧୟଃ ପଚ୍ୟନ୍ତାମ୍
ଯୋଗକ୍ଷେମୋ ନଃ କଳ୍ପତାମ୍ ॥
(ଯଜୁ ୨୨, ୨୨)



—— ହେ ବ୍ରହ୍ମନ୍ ! ଆମମାନଙ୍କର ରାଷ୍ଟ୍ରରେ ଜ୍ଞାନ ପ୍ରସାର ପାଇଁ ବ୍ରହ୍ମତେଜଯୁକ୍ତ, ସଦାଗ୍ରହୀ ଉପଦେଶକ ଜନ୍ମଲାଭ କରନ୍ତୁ । ନ୍ୟାୟ ପ୍ରତିଷ୍ଠା ପାଇଁ ଶସ୍ତ୍ରନିପୁଣ କ୍ଷତ୍ରିୟ ବୀର ଉତ୍ପନ୍ନ ହୁଅନ୍ତୁ । ସମୃଦ୍ଧି ପାଇଁ ଗୋଧନ, ଅଶ୍ୱ, ଅଶ୍ୱଶକ୍ତି ସଂପନ୍ନ ଯନ୍ତ୍ରାଦି ବୃଦ୍ଧି ପାଉ । ବୁଦ୍ଧିମତୀ ମହିଳା, ତେଜସ୍ୱୀ ବୀର, ଉତ୍ତମ ସନ୍ତାନ ଜାତ ହୁଅନ୍ତୁ । ଯଥା ସମୟରେ ବୃଷ୍ଟିପାତ ହେଉ । ବିବିଧ ଶସ୍ୟ ଓ ଔଷଧି ଉତ୍ପାଦିତ ହେଉ । ଅପ୍ରାପ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତ ହେଉ । ପ୍ରାପ୍ତ ଐଶ୍ୱର୍ଯ୍ୟ ସଂରକ୍ଷିତ ରହୁ । ହେ ମଙ୍ଗଳମୟ ! ସର୍ବ କ୍ଷେତ୍ରରେ ଆମମାନଙ୍କ ରାଷ୍ଟ୍ରର ଅଭ୍ୟୁଦୟ ସଂଗଠିତ ହେଉ ।



# ଓଡ଼ିଶା ଦିବସ ଉପଲକ୍ଷେ ରାଜ୍ୟପାଳଙ୍କ ବାର୍ତ୍ତା

ଓଡ଼ିଶାର ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ ଓଡ଼ିଶା ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ନିମ୍ନୋକ୍ତ ବାର୍ତ୍ତା ପ୍ରଦାନ କରିଛନ୍ତି—

''୧୯୩୬ ଅପ୍ରେଲ ପହିଲାର ମହାନ୍ ଐତିହାସିକ ତାତ୍ପର୍ଯ୍ୟ ରହିଛି  କାରଣ ଏହି ଦିନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲା । ଏହା ଏକ ସ୍ମରଣୀୟ ତଥା ଆତ୍ମ ସମୀକ୍ଷାର ଦିନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏକ ଆକସ୍ମିକ ନାଟକୀୟ ଘଟଣା ନୁହେଁ ବରଂ ଅଗଣିତ ସ୍ୱାଧୀନତା ସଂଗ୍ରାମୀ, କବି, କଳାକାର, ସାହିତ୍ୟିକ, ନାଟ୍ୟକାର ଏବଂ ଭବିଷ୍ୟ ଦ୍ରଷ୍ଟାଙ୍କର ବର୍ଷ ବର୍ଷର ଉତ୍ସର୍ଗୀକୃତ ପ୍ରୟାସର ଏହା ହେଉଛି ସିଦ୍ଧି ଦିବସ । ସେମାନେ କେବଳ ସ୍ୱତନ୍ତ୍ର ପ୍ରଦେଶ ଗଠନର୍  ଚିତ୍ର ନିଜ ମାନସ ଚକ୍ଷୁରେ ବା କଳ୍ପନା ଦୃଷ୍ଟିରେ ଦେଖି ନଥିଲେ । ସେହି କଳ୍ପନାକୁ ଏକ ଐତିହାସିକ ବାସ୍ତବତାରେ ରୂପାୟିତ କରିବା ପାଇଁ ଅସୀମ ତ୍ୟାଗ ଓ କଷ୍ଟ ସ୍ୱୀକାର କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ଦିବସ ସୁବର୍ଣ୍ଣ ଜୟନ୍ତୀ ପାଳନର ଏହି ସ୍ମରଣୀୟ ଅବସରରେ ମୁଁ ଓଡ଼ିଶାର ସେହି ବରପୁତ୍ରମାନଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସେମାନଙ୍କର ନିରବଚ୍ଛିନ୍ନ ତ୍ୟାଗ ଓ ସଂଗ୍ରାମ ବ୍ୟତିରେକ ସ୍ୱତନ୍ତ୍ର ପ୍ରଦେଶ ଗଠନର ସ୍ୱପ୍ନ ଆଜି ବାସ୍ତବରେ ପରିଣତ ହୋଇ ନଥାନ୍ତା ।

''ସ୍ୱତନ୍ତ୍ର ପ୍ରଦେଶ ଗଠନର ସୁବର୍ଣ୍ଣ ଜୟନ୍ତୀ ପାଳନ ସାର୍ଥକ ଭାବେ ଗୋଟିଏ ପ୍ରଦେଶ ଜୀବନର ୫୦ ବର୍ଷ ପୂର୍ତ୍ତିର ପ୍ରତୀକ । ମାନବ ଜୀବନ ଯେପରି ବିବର୍ତ୍ତନର ଧାରାରେ ବାଲ୍ୟ, କୈଶୋର, ଯୌବନ ଓ ବାର୍ଦ୍ଧକ୍ୟ ମାଧ୍ୟମରେ ଅଭିବୃଦ୍ଧି ପ୍ରାପ୍ତ ହୁଏ ଏହା ମଧ୍ୟ ସେହିପରି । ୫୦ ବର୍ଷ ପୂର୍ତ୍ତି ସମୟର ଏକ ସଂକେତ । ଆମ ରାଜ୍ୟ ଯେ ଯୌବନ ଅତିକ୍ରମ କରି ବୟସର ପରିପକ୍ୱତା ଆଡକୁ ପାଦ ବଢାଇଛି ଏହା ତାହାର ଇଙ୍ଗିତ । ଏହି ଅବସ୍ଥାରେ ଗୋଟିଏ ପ୍ରଦେଶ ସବୁ କ୍ଷେତ୍ରରେ ଇପ୍ସିତ ଲକ୍ଷ୍ୟ ହାସଲର ଚରମ ସୋପାନରେ ଉପନୀତ ହେବା ଆଶା କରାଯାଏ । ଏହି ପର୍ଯ୍ୟାୟରେ ଏହା ମଧ୍ୟ ଶାରୀରିକ ଏବଂ ଆବେଗିକ ପରିପକ୍ୱତା ତଥା ସ୍ଥିରତା ଲାଭ କରିଥାଏ । କୃଷି, ଶିଳ୍ପ, ବିଜ୍ଞାନ ଓ ବୈଷୟିକ ବିଦ୍ୟା, ଜଳସେଚନ ଓ ବିଦ୍ୟୁତ୍ ପରି ଜାତୀୟ ଜୀବନର ବିବିଧ ବିଭାବରେ ଗତ ପାଞ୍ଚ ଦଶନ୍ଧିରେ ଆମ ରାଜ୍ୟ ଯେ ଉଲ୍ଲେଖନୀୟ ସଫଳତା ହାସଲ କରିଛି, ଏହା କହିବା ନିଷ୍ପ୍ରୟୋଜନ । ରାଜ୍ୟର ଭୌଗଳିକ

ଆୟତନ, ଜନସଂଖ୍ୟା, ପ୍ରାକୃତିକ ବିଭବ, ସମୃଦ୍ଧ ଖଣିଜ ଓ ଜଙ୍ଗଲ ସମ୍ପଦ, ସାମୁଦ୍ରିକ ସଂପଦ ତଥା ଜଳ ସମ୍ପଦ ଓ ବୈଷୟିକ ବିଭବର ଚତୁଃସୀମାକୁ ବିସ୍ତାର କରି, ତା' ସହିତ ଆମେ ଯଦି ରାଜ୍ୟବାସୀଙ୍କ ଆର୍ଥିକ ଅବସ୍ଥାକୁ ସାଧାରଣ ଭାବେ ଅନ୍ୟ କେତେକ ଉନ୍ନତ ରାଜ୍ୟର ସମୃଦ୍ଧ ଓ ସୁପ୍ରତିଷ୍ଠିତ ଅଧିବାସୀଙ୍କ ସହିତ ତୁଳନା କରୁ ଏବଂ ବିଶେଷ କରି ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟଙ୍କ ମଧ୍ୟରେ ଥିବା ମୁଷ୍ଟିମେୟ ଅନଗ୍ରସର ଶ୍ରେଣୀର ଉତ୍କଟ ଦୈନ୍ୟର ସମୀକ୍ଷା କରୁ ତାହାହେଲେ ଆମ ପାଇଁ ଆତ୍ମ ସନ୍ତୋଷ ଲାଭର ତିଳେମାତ୍ର ଅବକାଶ ନାହିଁ । ଆମ ସମ୍ମୁଖରେ ଥିବା ମାର୍ଗ ଦୀର୍ଘ ଓ ଦୁସ୍ତର । ରାଜ୍ୟର ମହନୀୟ ଅତୀତ ଗୌରବ ଓ ଗାରିମା ପୁନଃ ପ୍ରତିଷ୍ଠିତ  କରିବା ପାଇଁ ତଥା ପ୍ରତ୍ୟେକଙ୍କର ଆଖିରୁ ଲୁହ ପୋଛି ଦେବା ପାଇଁ ଆମକୁ ଧୈର୍ଯ୍ୟ, ସାହସ, ଦୃଢ଼ ସଂକଳ୍ପ ଓ ଉତ୍ସର୍ଗୀକୃତ ପ୍ରୟାସ ଅବ୍ୟାହତ ରଖିବାକୁ ପଡ଼ିବ ।

"ସେ ଶିକ୍ଷାର୍ଥୀ ହୁଅନ୍ତୁ ବା ଶିକ୍ଷକ ହୁଅନ୍ତୁ, କୃଷକ ହୁଅନ୍ତୁ ବା କୃଷି ଶ୍ରମିକ ହୁଅନ୍ତୁ କିମ୍ବା କାରଖାନା ଶ୍ରମିକ ହୁଅନ୍ତୁ, ରାଜ୍ୟକୁ ସବୁ କ୍ଷେତ୍ରରେ ସମୃଦ୍ଧ କରି ଏହାର ଦ୍ରୁତତର ବିକାଶ ସାଧନ ପାଇଁ ଯଥାସାଧ୍ୟ ଉଦ୍ୟମ କରିବାକୁ ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିବେଦନ କରୁଛି । ଏହାଫଳରେ ସାମୂହିକ ଭାବେ ଆମ ରାଜ୍ୟ ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିବ ଏବଂ ଅନ୍ୟତମ ଉନ୍ନତ ରାଜ୍ୟ ରୂପେ ପ୍ରତିଷ୍ଠିତ ହୋଇପାରିବ । ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ ଓ ଅଭ୍ୟୁଦୟଶୀଳ ଭାରତବର୍ଷର ଅବିଚ୍ଛେଦ୍ୟ ଅଙ୍ଗ ସ୍ୱରୂପ ଓଡ଼ିଶାକୁ ଏକ ସମୃଦ୍ଧିଶାଳୀ ଏବଂ ସମତାନ୍ତ୍ରିକ ରାଜ୍ୟ ଭାବେ ଗଢ଼ିବା ପାଇଁ ଆସନ୍ତୁ, ଏହି ଶୁଭ ଦିନରେ ଆମେ ସମସ୍ତେ ପ୍ରଣିଧାନରେ ନିଜକୁ ଉତ୍ସର୍ଗ କରିବା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ସ୍ୱାଧୀନତା ଆନ୍ଦୋଳନରେ ଶକ୍ତି, ସାହସ ଓ ଦୃଢ଼ତା ପ୍ରଦର୍ଶନ କରି ରାଜ୍ୟର ଯେଉଁମାନେ ଶହୀଦ ହୋଇଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ଏହାହିଁ ହେବ ଆମର ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି ।

"ଆଜିର ଏହି ପବିତ୍ର ଦିବସରେ ମୁଁ ଓଡ଼ିଶାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ନୂତନ ଶକ୍ତି, ସାହସ ସଞ୍ଚୟ କରି ସେମାନେ ସମୃଦ୍ଧି ପଥରେ ଅଗ୍ରସର ହୁଅନ୍ତୁ, ଏହାହିଁ ମୋର କାମନା ।"

ବନ୍ଦେ ଉତ୍କଳ ଜନନୀ



## ଓଡ଼ିଶା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଗତ ବର୍ଷ ଅପ୍ରେଲ ପହିଲା ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଆରମ୍ଭ ହୋଇଥିଲା । ଆଜି ସେହି ସୁବର୍ଣ୍ଣ ଜୟନ୍ତୀ ବର୍ଷ ଶେଷ ହୋଇ ଆମେ ଏକ ନୂତନ ବର୍ଷରେ ପଦାର୍ପଣ କରୁଛେ । ଏକ ମୃତ୍ୟୁଞ୍ଜୟୀ ଜାତିର ଉତ୍‌ଥାନ ପତନ ମଧ୍ୟରେ ପଚାଶ ବର୍ଷର ଗୌରବମୟ ଇତିହାସ ବିଶେଷ ଭାବରେ ସ୍ମରଣୀୟ । ଐତିହାସିକ ଓଡ଼ିଶା ଅତୀତରେ ଥିଲା କ'ଣ, କିପରି ତା'ର ପତନ ଘଟିଲା, କିପରି ତାହା ଏକ ଘୋର ଅନ୍ଧକାରମୟ ଯୁଗରେ ଗତିକରୁଥିଲା, କିପରି ଏକ ଜାଗରଣର ଜ୍ୟୋତି ଶିଖା ତା'କୁ ଏହି ଅନ୍ଧକାର ମୁଖରୁ ବାହାରକୁ ଟାଣିଆଣିଲା, ଭାଷା, ସାହିତ୍ୟ ଓ ସଂସ୍କୃତିର ରକ୍ଷା ପାଇଁ ଏକ ସଫଳ ସଂଗ୍ରାମରେ ଝାସ ଦେଇ କିପରି ଓଡ଼ିଶା ଏକ ନୂଆ କଳେବର ଲାଭ କଲା, ଭାରତୀୟ ମହାଜାତି ମଧ୍ୟରେ ପୁଣି ରାଜନୈତିକ ସ୍ୱୀକୃତି ଫେରି ପାଇଲା, ଏସବୁ ବିଶେଷ ଭାବରେ ଅନୁଧ୍ୟାନର ବିଷୟ । ଯେଉଁମାନେ ଓଡ଼ିଶାରେ ଏହି ନବ ଜାଗରଣ ଘଟାଇଥିଲେ ସେମାନଙ୍କର ତ୍ୟାଗ, ତପସ୍ୟା ଓ ଉଦ୍ୟମକୁ ଆଜି କୃତଜ୍ଞତାର ସହିତ ସ୍ମରଣ କରିବାର କଥା । ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ଏବଂ ଭାଷା ଓ ସାହିତ୍ୟରେ ଫକୀର ମୋହନ, ରାଧାନାଥ, ମଧୁସୂଦନ, ଗଙ୍ଗାଧର ଓଡ଼ିଆ ଜାତିର ଚିର ନମସ୍ୟ ହୋଇ ରହିବେ । ଆଜି ଏହି ପୂର୍ବ ସୁରୀମାନଙ୍କୁ ଏବଂ ସେମାନଙ୍କ ସହିତ ଯେଉଁ ଅଗଣିତ ଜନତା ସଂଗ୍ରାମ କରିଥିଲେ ମୁଁ ସେମାନଙ୍କର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଚି ।

୧୯୩୬ ରୁ ୧୯୮୭ ମଧ୍ୟରେ ଓଡ଼ିଶାର ଅଭୂତପୂର୍ବ ଉନ୍ନତି ଘଟିଚି । ଏହାର ମାନଚିତ୍ର ବଦଳି ଯାଇଚି । କୃଷି, ଶିଳ୍ପ, ଶିକ୍ଷା, ସଂସ୍କୃତି, ସମସ୍ତ କ୍ଷେତ୍ରରେ ଓଡ଼ିଶାର ବିପୁଳ ଅଗ୍ରଗତି ସମ୍ଭବ ହୋଇଚି । ଆଜି ଓଡ଼ିଶାର ଲୋକେ ସଂକଳ୍ପବଦ୍ଧ ଭାବରେ ନିଜର ପ୍ରାଚୀନ ଗୌରବକୁ ଫେରାଇ ଆଣିବା ପାଇଁ । ଉତ୍ତର ଭାରତ ଓ ଦକ୍ଷିଣାବର୍ତ୍ତ ମଧ୍ୟରେ ଅବସ୍ଥିତ ଓଡ଼ିଶା ହେଉଚି ଭାରତୀୟ ସଂସ୍କୃତିର ଏକ ସମନ୍ୱୟ ଭୂମି । ଭାଷା, ନୃତ୍ୟ, ସଙ୍ଗୀତ, ସାହିତ୍ୟ, ଧର୍ମ, ଆସ୍ଥିର ବ୍ୟବହାର, ସମସ୍ତ କ୍ଷେତ୍ରରେ ଓଡ଼ିଶାରେ ଏକ ମହାନ୍ ସାଂସ୍କୃତିକ ସମନ୍ୱୟ ଗଢ଼ି ଉଠିଚି, ଯାହାକି ଭାରତବର୍ଷରେ ଅତୁଳନୀୟ । ଓଡ଼ିଶାର ବିପୁଳ ପ୍ରାକୃତିକ ସଂପଦ, ବୁଦ୍ଧିମାନ ଓ ପରିଶ୍ରମୀ ଲୋକଶକ୍ତି ଏବଂ ବିଶେଷ ଭାବରେ ଏକ ଜାଗ୍ରତ ଯୁବଶକ୍ତି ନିଶ୍ଚିତ ଭାବରେ ଏହାକୁ ଆଗେଇ ନେବ ଏବଂ ଓଡ଼ିଶା ଅଚିରେ ଭାରତରେ ଶୀର୍ଷ ସ୍ଥାନ ଅଧିକାର କରିବ । ଆଜି ଏହି ପୁଣ୍ୟ ଦିନରେ ଆମର ସଂକଳ୍ପ ହେଉ - ଓଡ଼ିଶାକୁ ଆମେ ସବୁକ୍ଷେତ୍ରରେ ଆଗେଇ ନେବା ଏବଂ ଏକ ଗୌରବମୟ, ସମୃଦ୍ଧିଶାଳୀ ଓଡ଼ିଶା ଗଠନ କରିବା ।

ବନ୍ଦେ ଉତ୍କଳ ଜନନୀ

## STATEMENT ABOUT OWNERSHIP AND OTHER PARTICULARS ABOUT THE UTKAL PRASANGA

### FORM IV

( *See* Rule 8 )

| | | |
|---|---|---|
| 1. Place of Publication | ... | Bhubaneswar |
| 2. Periodicity of its publication | ... | Monthly |
| 3. Printer's name | ... | Shri S. R. Patnaik, for and on behalf of the Government of Orissa. |
| Nationality | ... | Indian |
| Address | ... | Director of Printing, Stationery and Publication, Orissa, Cuttack, Pin-753010. |
| 4. Publisher's name | ... | Shri F. B. Das, for and on behalf of the Government of Orissa. |
| Nationality | ... | Indian |
| Address | .. | Director of Information & Public Relations and Additional Secretary to Government of Orissa, Information & Public Relations Department, Bhubaneswar, Pin-751001. |
| 5. Chief Editor's name | ... | Shri Satyananda Champatiray |
| Nationality | ... | Indian |
| Address | ... | Chief Editor, Information & Public Relations Department, Government of Orissa, Bhubaneswar, Pin-751001. |
| 6. Editor's name | ... | Shri S. B. Patanaik |
| Nationality | ... | Indian |
| Address | ... | Editor, Utkal Prasanga, Information & Public Relations Department, Government of Orissa, Bhubaneswar, Pin-751001. |
| 7. Name and address of individuals who own newspaper and partners or share-holders holding more than one per cent of the total capital. | | Government of Orissa |

I, Shri F. B. Das, I. A. S., Director of Information & Public Relations and Additional Secretary to Government, Information and Public Relations Department, hereby declare that the particulars given above are true to the best of my knowledge and belief.

F. B. DAS
Signature of Publisher

# ମୋ ଦୃଷ୍ଟିରେ ....

ଉତ୍କଳ ଦିବସର ପୁଣ୍ୟ ତିଥିରେ ''ଉତ୍କଳ ପ୍ରସଙ୍ଗ'' ତା'ର ଶୁଭାନୁଧ୍ୟାୟୀ ପାଠକପାଠିକାଙ୍କ ପ୍ରତି ସାଦର ଅଭିନନ୍ଦନ ଜଣାଇ ଆତ୍ମପ୍ରକାଶ କରୁଛି ।

ଏକାବନ ବର୍ଷ ପୂର୍ବେ ଓଡ଼ିଶା ଏକ ପ୍ରଦେଶ ହୋଇ ଭାରତକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲା—ଭାଷା ଭିତ୍ତିକ ପ୍ରଦେଶ ଗଠନ । ଆଜି ସେହି ପୂର୍ବସୁରୀମାନଙ୍କ ସ୍ମରଣ ଉଦ୍ଦେଶ୍ୟରେ ଏହି ''ଉତ୍କଳ ପ୍ରସଙ୍ଗ'' ଉତ୍ସର୍ଗୀକୃତ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ଅବସରରେ ''ଏକବିଂଶ ଶତାବ୍ଦୀ ଓ ପରିବେଶ'' ପ୍ରବନ୍ଧରେ ଓଡ଼ିଶାର ଏକବିଂଶ ଶତାବ୍ଦୀ ଆଡ଼କୁ ପ୍ରଗତି ତଥା ଆମର ଜନ୍ମ ମରଣ ସମସ୍ୟା ଏବଂ ପରିବେଶ ବିଷୟରେ ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି । ପରିବେଶ ଆମର ସବୁଠୁଁ ବଡ ସମସ୍ୟା ଏବଂ ଏହି ପରିବେଶ ସମ୍ପର୍କରେ ଆମେ ଆଜି ଉତ୍କଳବାସୀଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।

ଏହି ସଂଖ୍ୟାରେ ଉତ୍କଳର ଐତିହାସିକ ତଥା ସାମାଜିକ ପ୍ରାଣକେନ୍ଦ୍ର ଶ୍ରୀମନ୍ଦିର ସମ୍ବନ୍ଧରେ ବିଖ୍ୟାତ ଐତିହାସିକ ଡ଼କ୍ଟର ରାଜଗୁରୁଙ୍କ ଲେଖାପ୍ରତି ଜାତୀୟ ଐକ୍ୟ ଦୃଷ୍ଟିରୁ ପାଠକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।

ସ୍ୱତନ୍ତ୍ର ଉତ୍କଳର ଗଠନରେ ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ଅବଦାନ ଓ ରାଜା ବୈକୁଣ୍ଠନାଥ ଦେ'ଙ୍କର ସାଧନା ସମ୍ପର୍କରେ ପ୍ରବନ୍ଧ ଏ ସଂଖ୍ୟାରେ ପ୍ରକାଶ ପାଇଛି ।

ଇତିହାସକୁ ସ୍ମରଣ କରିବା ଆମର ଏକମାତ୍ର କାମନା ନୁହେଁ, ଭାରତର ଏକତା ଓ ସଂହତି ରକ୍ଷା କରିବା ସମ୍ବନ୍ଧରେ ଅଧ୍ୟାପକ ଶତ୍ରୁଘ୍ନ ନାଥ ଓ ଡ଼କ୍ଟର ଅମୂଲ୍ୟ ମହାପାତ୍ରଙ୍କ ସୁଚିନ୍ତିତ ମତ ପ୍ରତି ମଧ୍ୟ ଆମ ପାଠକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ।

ସ୍ୱାଧୀନ ଭାରତରେ ସ୍ୱତନ୍ତ୍ର ଓଡ଼ିଶା ତା'ର ମର୍ଯ୍ୟାଦା ଓ ଗୌରବ ରକ୍ଷାକରି ଏକବିଂଶ ଶତାବ୍ଦୀକୁ ଆଗେଇ ଯାଉ ଏହାହିଁ ଆମର ପ୍ରାର୍ଥନା ।



# ପରିବେଶ ଓ ଏକବିଂଶ ଶତାବ୍ଦୀ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆମେ ଦୁଇହଜାର ମସିହାର ଯେତିକି ନିକଟତର ହେଉଛେ ଆମର ପ୍ରାକୃତିକ ପରିବେଶ ସେତିକି ଦ୍ରୁତ ଗତିରେ ଦୂଷିତ ସମ୍ପ୍ରତି ବିଶ୍ୱର ପରିବେଶ ସୁରକ୍ଷା ଏକ ଆଲୋଚନାର ବିଷୟ ହୋଇ ରହିନାହିଁ, ବରଂ ସମଗ୍ର ମାନବଜାତି ନିମନ୍ତେ ଉଦ୍‌ବେଗର କାରଣ ହୋଇଛି । ଏହି ସମାସ୍ୟାର ସମାଧାନ ଉପରେ ଆମର ଭବିଷ୍ୟତ ତଥା ସମଗ୍ର ମାନବ ଜାତିର ଜୀବନଧାରଣ ନିର୍ଭର କରୁଛି । ଏ ସମ୍ପର୍କରେ ଯଥା ସମୟରେ (Institute of Oriental and Orissan Studies) ଏକ ଆଲୋଚନାଚକ୍ର ଅନୁଷ୍ଠିତ କରାଇଥିବାରୁ ସେମାନେ ଅଭିନନ୍ଦନୀୟ ।

ଆମେ ଏକବିଂଶ ଶତାବ୍ଦୀରେ ପହଞ୍ଚିବାକୁ ମାତ୍ର ୧୫ ବର୍ଷ ବାକୀ ରହିଛି । ତେବେ, ଏକବିଂଶ ଶତାବ୍ଦୀରେ ପହଞ୍ଚିବା ଅର୍ଥ କ'ଣ ହୋଇପାରେ ? ଏହାର ଅର୍ଥ ହେଉଛି ବିଂଶ ଶତାବ୍ଦୀର ଶେଷ ଭାଗରେ ବିଶ୍ୱର ଜନସଂଖ୍ୟା ଛଅ ନିୟୁତ ହେବା ସ୍ଥଳେ ଭାରତର ଜନସଂଖ୍ୟା ଏକ ନିୟୁତ ହେବ । ଏହାର ଅର୍ଥ ବର୍ତ୍ତମାନ ଅଭାବ ରହିଥିବା ପ୍ରାକୃତିକ ସମ୍ପଦର ଦ୍ରୁତ ଅବକ୍ଷୟ ହେବ । ସହରାଞ୍ଚଳରେ କିମ୍ବା ବସ୍ତି ଅଞ୍ଚଳରେ ଅଧିକରୁ ଅଧିକ ସଂଖ୍ୟକ ଲୋକ ବସବାସ କରିବେ । ସେମାନଙ୍କ ପାଇଁ କର୍ମ ସଂସ୍ଥାନର ସୁବିଧା କରିବାକୁ ହେଲେ ସ୍ୱଳ୍ପୋପଯୋଗୀ ଜମିର ସମ୍ପ୍ରସାରଣ କରାଯିବା ସଙ୍ଗେ ସଙ୍ଗେ ଅଧିକ ସଂଖ୍ୟାରେ କଳକାରଖାନା ବସାଇବାକୁ ପଡ଼ିବ । ଏହା ଫଳରେ ଜଙ୍ଗଲ ସମ୍ପଦର କ୍ଷୟ ହେବ ଏବଂ ନୂତନ ଶିଳ୍ପ ବିକାଶ ଦ୍ୱାରା ପରିବେଶ ଦୂଷିତ ହୋଇଯିବ । ଏ ପରିସ୍ଥିତିରେ ମାଟି ମାଆ ତାର ସୀମିତ ସମ୍ବଳରେ କ୍ରମ ବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରି ପାରିବ ନାହିଁ । ମନୁଷ୍ୟ ତା'ର ସନ୍ତାନ ବଳରେ ବର୍ତ୍ତମାନଠାରୁ ଏଭଳି ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ଯଦ୍ୱାରା କି ଜନସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଏକ ସୁଖମୟ ଜୀବନର ଯଥାର୍ଥ ଚାହିଦା ପୂରଣ ହୋଇପାରିବ ।

ମନୁଷ୍ୟ ତାର କର୍ମଫଳ ଭୋଗ କରିବାର ଅନିର୍ବାର୍ଯ୍ୟତା ସମ୍ପର୍କରେ ଏଠାରେ ଜଣେ ପ୍ରସିଦ୍ଧ ସଂସ୍କୃତ କବିଙ୍କର ଶ୍ଳୋକ ଉଦ୍ଧାର ନକରି ମୁଁ ରହି ପାରୁନାହିଁ :

> ମଜ୍ଜତ୍ୱୟସି ଯାତୁ ମେରୁ ଶିଖରଂ ଶତ୍ରୁଞ୍ଜୟତ୍ୱାହବେ,
> ବାଣିଜ୍ୟେ କୃଷିସେବନେ ସକଳା ବିଦ୍ୟାଃ କଳାଃ ଶିକ୍ଷତାଂ ।
> ଆକାଶଂ ବିପୁଳଂ ପ୍ରଯାତୁ ଖଗବତ୍ କୃତ୍ୱା ପ୍ରଯତ୍ନଂ ପରଂ,
> ନାଭାବ୍ୟଂ ଭବତୀହ କର୍ମବଶତୋ ଭବ୍ୟସ୍ୟ ନାଶଃ
> କୁତଃ ?

(ଜଣେ ହୁଏତ ଅଥଳ ସାଗର ଗର୍ଭକୁ ରତ୍ନାଦି ଅନୁସନ୍ଧାନ କରିବାକୁ ଯାଇପାରେ, କେହି ହୁଏତ ହିମାଳୟର ଶିଖର ଦେଶରେ ଆରୋହଣ କରିପାରେ, ଯୁଦ୍ଧରେ ତା'ର ଶତ୍ରୁମାନଙ୍କୁ ପରାଜୟ କରିପାରେ, ଶିଳ୍ପ, ବାଣିଜ୍ୟ ଓ କୃଷି ତଥା ଅନ୍ୟାନ୍ୟ କଳା ଓ ହସ୍ତଶିଳ୍ପରେ ପାରଦର୍ଶିତା ଅର୍ଜନ କରିପାରେ; କିନ୍ତୁ କେହି ନିଜ କର୍ମଫଳର ଅନିର୍ବାର୍ଯ୍ୟତାକୁ ଏଡ଼ାଇ ଦେଇ ପାରିବ ନାହିଁ ।)

ବୃହତ ଧରଣର ସମସ୍ତ ବୈପ୍ଳବିକ ପରିବର୍ତ୍ତନ ଆଜି ବିଶ୍ୱର ଉଭୟ ବୈଜ୍ଞାନିକ ଓ ଶିଳ୍ପ କ୍ଷେତ୍ରରେ ଦେଖାଦେଲାଣି । ଆମ ପରିବେଶର ନାହିଁ ନ ଥିବା ଅଧୋଗତି ଘଟିବା ସଙ୍ଗେ ସଙ୍ଗେ ସଂକ୍ରମଣ ଓ ଦୂଷିତକରଣର ମାତ୍ରା ବଢ଼ିବାରେ ଲାଗିଛି । ଆମେ ଜଣା ମାଇରୁ ନିର୍ଗତ ଅଂଶ ଏବଂ ଶିଳ୍ପ କାରଖାନାରୁ ଅଦରକାରୀ ଆବର୍ଜନା, ସାର କିମ୍ବା କୀଟନାଶକ ଔଷଧ ଅଥବା

ଦେବାର —ରକ୍ଷିୟ ଦ୍ରବ୍ୟାଦି ଦ୍ୱାରା ଗଙ୍ଗା ଓ ରାଇନ ନଦୀଭଳି ବଡ଼ ବଡ଼ ନଦୀଗୁଡ଼ିକୁ ଦୂଷିତ କରି ଦେଉଛୁ । ଆମେ ବାୟୁମଣ୍ଡଳକୁ ବହୁ ବିଷାକ୍ତ ଗ୍ୟାସ ଛାଡ଼ି ଦେଉଛେ, ଯଦ୍ୱାରା ବିଭିନ୍ନ ଶ୍ୱାସ ଜନିତ ରୋଗ ଏବଂ ଅନ୍ୟାନ୍ୟ ଦୁଃସାଧ୍ୟ ରୋଗର କାରଣ ହେଉଛି । ମାଟି ମାଆ ଉପରେ ଆମର ସୁବିଧା ଏତେ ବଢ଼ି ଯାଇଛି ଯେ ସବୁଜ ବୃକ୍ଷ ରାଜିର ଜୀବନ ବ୍ୟାପକ ଧ୍ୱଂସ ହେଉଛି କିମ୍ବା ଏକର ଏକର ବିସ୍ତୀର୍ଣ୍ଣ ଜମିରେ ଜଳାଭାବ ସମସ୍ୟା ଉପୁଜୁଛି ।

ଉଭୟ ବିକାଶଶୀଳ ଓ ବିକାଶୋନ୍ମୁଖୀ ରାଷ୍ଟ୍ରଗୁଡ଼ିକ ସେମାନଙ୍କର ନୂଆ ଜାତ ହେଉ ନ ଥିବା ସୀମିତ ସମ୍ବଳକୁ ଦ୍ରୁତ ବେଗରେ କ୍ଷୟ ପ୍ରାପ୍ତ କରାଉଛନ୍ତି ଏବଂ ଯେଉଁ ଦେଶ ନିଜକୁ ସର୍ବଶ୍ରେଷ୍ଠ ଶିଳ୍ପୋନ୍ନତ ରାଷ୍ଟ୍ରରୂପେ ଦାବୀ କରୁଛନ୍ତି ସେ ରାଷ୍ଟ୍ର ଇତିହାସରେ ସମଗ୍ର ମାନବ ଜାତି ଯେତିକି ସମ୍ବଳ ଉପଯୋଗ କରି ନ ଥିଲେ ତାଠାରୁ ଅଧିକ ସମ୍ବଳ ଉପଯୋଗ କରିଛନ୍ତି । ଆଧୁନିକତାର ଯଥେଷ୍ଟ ସୁବିଧା ଥିବା ତଥାକଥିତ ସଭ୍ୟ ଜଗତରେ ତୈଳ, ଖଣିଜଦ୍ରବ୍ୟ, କାଠ ଓ ଜଙ୍ଗଲ ତଥା ଅନ୍ୟାନ୍ୟ କଞ୍ଚାମାଲଗୁଡ଼ିକର ସୀମାତୀତ ଉପଯୋଗ ହେଉଛି । ଥରେ ଯଦି ଏହି ସମ୍ବଳଗୁଡ଼ିକର ଶେଷ ହୋଇଯାଆନ୍ତା, ତେବେ ସମଗ୍ର ମାନବଜାତିର ଭାଗ୍ୟ କ'ଣ ହୁଅନ୍ତା ? ଏହା ପରିସମାପ୍ତି ବିହୀନ ଏକ ସମସ୍ୟା । ଏଥିପାଇଁ ସମସ୍ତ ବିକାଶଶୀଳ ଓ ବିକାଶୋନ୍ମୁଖୀ ରାଷ୍ଟ୍ର ଦୋଷୀ, କିନ୍ତୁ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବିକାଶଶୀଳ ତଥା ଶିଳ୍ପୋନ୍ନତ ବୋଲି ଦାବୀ କରୁଥିବା ରାଷ୍ଟ୍ରଗୁଡ଼ିକ ସର୍ବାପେକ୍ଷା ଅପରାଧୀ । ଯାହାହେଉ, ବିଶ୍ୱବ୍ୟାପୀ ଜାଗରଣ ଆଜି ମାନବଜାତିର ଏକମାତ୍ର ଆଶା ଭରସା । ଏହାଦ୍ୱାରା ସ୍ୱତଃ ସ୍ଫୁର୍ତ୍ତଭାବେ ଆମ ଜୀବ ଜଗତର ପରିବେଶ ସୁରକ୍ଷା ହୋଇପାରିବ ।

ଆମ ଦେଶ ତୁଳିକୁ ବିଚାର କରାଗଲେ ଜଣାଯାଏ ଯେ, ବିଗତ ୩୦ ବର୍ଷ ମଧ୍ୟରେ ଅତି ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଜନସଂଖ୍ୟା, ବ୍ୟାପକ ଦାରିଦ୍ର୍ୟ ଏବଂ ୧୯୭୦ରୁ ବର୍ଷ ମଧ୍ୟରେ ଶିଳ୍ପ ତଥା କୃଷିର ଦ୍ରୁତ ବିକାଶ, ଅଧିକ ୪୦ ନିୟୁତ ହେକ୍ଟର ଭୂମିକୁ କୃଷି ପରିସରକୁ ଆଣିବା, ଉପଯୋଗୀ ଜମିର ପ୍ରାୟ ଶତକଡ଼ା ୪୦ ଭାଗ ବୃଦ୍ଧି ଘଟାଇବା କାରଣଗୁଡ଼ିକ ଯୋଗୁଁ ଆମ ପରିବେଶର ଅବନତି ଘଟିଛି । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଫଳରେ ଜଙ୍ଗଲ ସମ୍ପଦ ନଷ୍ଟ ହେଲା ଏବଂ ମୃତ୍ତିକାକ୍ଷୟ ମଧ୍ୟ ଘଟିଲା । ଏହି ବିଗତ ବର୍ଷଗୁଡ଼ିକ ମଧ୍ୟରେ ବହୁବାର ବନ୍ୟା ଦେଖାଦେଲା ।

ଯେତେବେଳେ ବିପୁଳ ଜଙ୍ଗଲ ସମ୍ପଦ ଥିଲା ଓ ଜନସଂଖ୍ୟା କମ୍ ଥିଲା, ସେତେବେଳେ ଜାଳେଣିକାଠ ପାଇଁ ଜଙ୍ଗଲ କାଟିବା ଦ୍ୱାରା ଜଙ୍ଗଲ ଭୂମିରେ ଉକ୍ତ କ୍ଷତି ହେଉ ନ ଥିଲା । କିନ୍ତୁ ଆମର ସ୍ୱାଧୀନତା ଲାଭ କରିବାର ୨୫ ବର୍ଷ ମଧ୍ୟରେ ଜାଳେଣି କାଠପାଇଁ ଲକ୍ଷାଧିକ ହେକ୍ଟର ହେକ୍ଟରର ପରିମିତ ଜଙ୍ଗଲ ପୃଥିବୀ କ୍ଷତି ହେଲାଣି । ଶିଳ୍ପ ଅଭିବୃଦ୍ଧି ଫଳରେ,

ସିମେଣ୍ଟ, ସାର ଓ କାଗଜ ଶିଳ୍ପପରି ଦୂଷିତ ପଦାର୍ଥ ସୃଷ୍ଟି କରୁଥିବା ଶିଳ୍ପ କାରଖାନାର ସଂଖ୍ୟା ବୃଦ୍ଧି ପାଉଛି ଏବଂ ଅଟୋମୋବାଇଲ ଯାନ ସଂଖ୍ୟା ବୃଦ୍ଧି ଫଳରେ, ଉଭୟ ନଗରାଞ୍ଚଳ ଓ ଗ୍ରାମାଞ୍ଚଳରେ ବାୟୁ ଓ ଜଳ ଦୂଷିତ ହେବା ଏକ ସମସ୍ୟା ହୋଇପଡ଼ିଛି । ସାର ଓ କୀଟନାଶକ ଔଷଧର ପ୍ରୟୋଗ ବୃଦ୍ଧି ପାଇଲେ ମୃତ୍ତିକାର ପୋଷଣ କ୍ଷମତା ହ୍ରାସପାଏ ଏବଂ ସମାଜର ଅପୂରଣୀୟ ଧ୍ୱଂସ ଘଟାଏ । ମ୍ୟାଲେରିଆ ନିୟନ୍ତ୍ରଣ ଦିଗରେ ଡ଼ି. ଡ଼ି. ଟି.ର ବ୍ୟବହାର ଦ୍ୱାରା ମଧ୍ୟ ଅନୁରୂପ ଫଳ ମିଳିଛି ' ଆବର୍ଜନା, ନର୍ଦ୍ଦମା ଜଳ ଏବଂ ନର୍ଦ୍ଦମାଗୁଡ଼ିକର ଅଣ-ନିଷ୍କାସନ ହେତୁ ଆମେ ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଅସୁବିଧାର ସମ୍ମୁଖୀନ ହେଉଛେ ।

ଉଭୟ ବିକାଶ ଜନିତ ଓ ପାରିପାର୍ଶ୍ୱିକ ବିକାଶ ଘଟି ନଥିବା ଯୋଗୁଁ ପରିବେଶ ପ୍ରତି ବିପଦ ଦେଖା ଦେଇଛି । ଯୋଜନାବଦ୍ଧ ଅର୍ଥନୈତିକ ଅଭିବୃଦ୍ଧି, ଯଥା — କ୍ରମ ବର୍ଦ୍ଧିଷ୍ଣୁ କୃଷି ଉତ୍ପାଦନ ଓ ଦ୍ରୁତ ଶିଳ୍ପାୟନ ସହିତ ପରିବେଶ ସଂରକ୍ଷଣକୁ କିପରି ସୁସଙ୍ଗତ କରାଯାଇ ପାରିବ ତାହା ହେଉଛି ଏକ ମୁଖ୍ୟ ପ୍ରଶ୍ନ । ପରିବେଶ ସଂରକ୍ଷଣ ସହିତ ବିଶ୍ୱର ସାମଗ୍ରିକ ବିକାଶକୁ ଅବ୍ୟାହତ ରଖିବା ପାଇଁ ଯେଉଁ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେଉଛି, ତାହା ଅଚିରେ ଦୂର ହୋଇପାରିବ, ଯଦି ସେ କ୍ଷେତ୍ରରେ ଉପଯୁକ୍ତ ତଥ୍ୟ ସଂଗ୍ରହ କରାଯାଇ ତଦନୁଯାୟୀ କାର୍ଯ୍ୟକାରୀ କରାଯାଏ ।

ପରିବେଶ ସଂରକ୍ଷଣ କରିବା ତଥା ଦୂଷିତ କରଣକୁ ରୋକିବା ଦିଗରେ ପଦକ୍ଷେପମାନ ପ୍ରବର୍ତ୍ତନ କରିବା ସଙ୍ଗେ ସଙ୍ଗେ ଜଙ୍ଗଲ, ବନ୍ୟା ନିୟନ୍ତ୍ରଣ, ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟକର ଜଳ ଯୋଗାଣ ନିମନ୍ତେ ଅଧିକ ପରିମାଣର ଅର୍ଥ ଯୋଗାଇଦେବା ସରକାରଙ୍କର ଦାୟିତ୍ୱ । ଜଙ୍ଗଲ ସୁରକ୍ଷା କରିବା ତଥା ଜାଳେଣି କାଠ ଓ ଗଡ଼କାଠ ଅଳ୍ପ ପରିମାଣରେ ବ୍ୟବହାର କରିବା ହେଉଛି ଗୋଷ୍ଠୀ ଜୀବନର ଦାୟିତ୍ୱ । ଏ ସମ୍ପର୍କିତ ଆଇନଗୁଡ଼ିକୁ ପ୍ରବର୍ତ୍ତନ କରିବା ପାଇଁ ରାଜ୍ୟ ଦୂଷିତ କରଣ ନିୟନ୍ତ୍ରଣ ବୋର୍ଡ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହା ବ୍ୟତୀତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନେକଗୁଡ଼ିଏ ନିୟମ ପ୍ରଣୟନ କରାଯାଉଛି । ସମସ୍ତ ଆଇନ କାନୁନ କାର୍ଯ୍ୟକାରୀ କରିବା ପାଇଁ ପ୍ରବର୍ତ୍ତନ ଉଦ୍ୟମ ତ୍ୱରାନ୍ୱିତ କରାଯାଉଛି । ସର୍ବସାଧାରଣ ତଥା ବେସରକାରୀ ଜମିରେ ବ୍ୟାପକ ଆକାରରେ ବୃକ୍ଷରୋପଣ କରିବା କାର୍ଯ୍ୟ ସରକାର ହାତକୁ ନେଇଛନ୍ତି । ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ସାମାଜିକ ବନ ପ୍ରକଳ୍ପ ଅନୁଯାୟୀ ମାଗଣାରେ ଚାରା ବଣ୍ଟନକରି ସ୍ଥାନୀୟ ଜନସାଧାରଣଙ୍କୁ ଉକ୍ତ ପ୍ରକଳ୍ପ ସହ ସଂଶ୍ଳିଷ୍ଟ କରାଯାଉଛି । ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ପରିବାର, ଅନୁଷ୍ଠାନ ତଥା ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ଉତ୍ସାହିତ କରାଯାଉଛି । ଜାଳେଣିକାଠ ଓ ଗୋଖାଦ୍ୟ ନିମନ୍ତେ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ କେନ୍ଦ୍ର ସରକାର ଜାତୀୟ ପତିତ ଜମି ଉନ୍ନୟନ ବୋର୍ଡ ଗଠନ କରିଛନ୍ତି ଏବଂ ଶୀଘ୍ର ଜାତୀୟ ଜଙ୍ଗଲନୀତି ଘୋଷିତ ହେବ । ଆଉ ଗୋଟିଏ କଥା ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ ଯେ,


ଉଭୟ ନଗରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯିବା ସହ ବ୍ୟାପକ ଆକାରରେ ଦାରିଦ୍ର୍ୟ ବିମୋଚନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ନିଜ ନିଜ ଅଞ୍ଚଳରେ ଘେରି ରହିଥିବା ଜଙ୍ଗଲର ସୁରକ୍ଷା ଲାଗି ଯେଉଁ ବ୍ୟକ୍ତି ବିଶେଷ ତଥା ସଙ୍ଗଠନଗୁଡ଼ିକ ପ୍ରଶଂସନୀୟ ଆଗ୍ରହ ପ୍ରକାଶ କରିଛନ୍ତି, ସେମାନଙ୍କୁ 'ପ୍ରକୃତି ମିତ୍ର ପୁରସ୍କାର' ପ୍ରଦାନ କରାଯାଉଛି ।

ଭାରତ ହେଉଛି ସେହି ମହାନ ଦେଶ, ଯେଉଁଠି ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ ରହିଥିଲେ ହେଁ, ତାହାର ଗୌରବମୟ ପରମ୍ପରା ଓ ଐତିହ୍ୟର ଅନ୍ୟ ଏକ ଦିଗ ହେଉଛି, ସମସ୍ତ ଜୀବ ଜଗତ, ଉଦ୍‌ଭିଦ ଜଗତ ଓ ପ୍ରାଣୀ ଜଗତ ପ୍ରତି ଜନସାଧାରଣ ଅନୁପମ ସ୍ନେହ ପ୍ରଦର୍ଶନ କରିବାରେ ତ୍ରୁଟି କରିନାହାନ୍ତି । ସୁପ୍ରଶସ୍ତ ସାହିତ୍ୟ, ଚିତ୍ରକଳା, ଭାସ୍କର୍ଯ୍ୟ, ହସ୍ତକଳା ପ୍ରତି ତୀକ୍ଷ୍ଣ ଦୃଷ୍ଟିପାତ କଲେ ଏହା ସ୍ୱତଃ ପ୍ରତୀୟମାନ ହୁଏ ଯେ, ତାହାର ତୃଣ ବୃକ୍ଷଲତା, ପ୍ରାଣୀ, ହ୍ରଦ, ନଦନଦୀ, ଗିରିରାଜି, ସାଗର ତଥା ମାଆ ଧରିତ୍ରୀକୁ ସର୍ବୋତ୍କୃଷ୍ଟ ସମ୍ମାନ ପ୍ରଦର୍ଶନ ଓ ସବିଶେଷ ଗୁରୁତ୍ୱ ମଧ୍ୟ ଆରୋପ କରାଯାଇଛି । ଦିବ୍ୟଦ୍ରଷ୍ଟା ବୈଦିକ ମୁନିଋଷି ତାଙ୍କର ସୁପ୍ରସିଦ୍ଧ ଶାନ୍ତି ସ୍ତୋତ୍ରାବଳୀରେ ମାନବ ସମାଜକୁ ବାୟୁ, ଆକାଶ, ଧରିତ୍ରୀ, ପୟ, ଅରଣ୍ୟ, ବୃକ୍ଷରାଜି ଓ ଅନ୍ୟାନ୍ୟ ସହୋଦର ତଥା ଅନ୍ୟ ପ୍ରାଣୀମାନଙ୍କ ସହିତ ଶାନ୍ତିରେ ସହାବସ୍ଥାନ କରିବାପାଇଁ ନିମ୍ନୋକ୍ତ ସାର୍ବଜନୀନ ଆବେଦନ କରିଯାଇଛନ୍ତି ।

" ଓଁ ଦ୍ୟୌ ଶାନ୍ତିଃ, ଅନ୍ତରିକ୍ଷଂ ଶାନ୍ତିଃ, ପୃଥିବୀ ଶାନ୍ତିଃ ଆପଃ ଶାନ୍ତିଃ, ଔଷଧୟଃ ଶାନ୍ତିଃ, ବନସ୍ପତୟେଃ ଶାନ୍ତିଃ, ବ୍ରହ୍ମ ଶାନ୍ତିଃ, ବିଶ୍ୱଦେବାଃ ଶାନ୍ତିଃ, ଶାନ୍ତିରେବ ଶାନ୍ତିଃ, ସର୍ବମେବ ଶାନ୍ତିଃ ସା ମା ଶାନ୍ତିରୋଧି ।"

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ"

*କଟକ ବନ ବିକାଶ କେନ୍ଦ୍ରରେ ୧୨-୧୨-୧୯୮୬ରେ ଅନୁଷ୍ଠିତ ପରିବେଶ ଓ ଏକବିଂଶ ଶତାବ୍ଦୀ ଶୀର୍ଷକ ଆନ୍ତର୍ଜାତିକ ଆଲୋଚନା ଚକ୍ରରେ ପ୍ରଦତ୍ତ ମୁଖ୍ୟମନ୍ତ୍ରୀଙ୍କ ଭାଷଣରୁ



# ଓଡ଼ିଶାର ପ୍ରାଚୀନତମ ଶ୍ରୀମନ୍ଦିର...

## ।। ଏକ ଐତିହାସିକ ସମୀକ୍ଷା ।।

ଡଃ ସତ୍ୟନାରାୟଣ ରାଜଗୁରୁ

**ଶ୍ରୀ** ପୁରୁଷୋତ୍ତମ–ଜଗନ୍ନାଥଙ୍କ ଆଧୁନିକ ମନ୍ଦିର ଗଙ୍ଗ ବଂଶୀୟ ମହାରାଜା ଅନନ୍ତବର୍ମ ଚୋଡ଼ଗଙ୍ଗ ଦେବଙ୍କ ଦ୍ଵାରା ଖ୍ରୀ: ୧୨ଶ ଶତାବ୍ଦୀରେ ପୁରୀ ସମୁଦ୍ର କୂଳରେ ବିରାଟ ଆକାରରେ ସେ ତାହା ନିର୍ମାଣ କରିଥିଲେ । ଏ କଥା ସର୍ବ ପ୍ରଥମେ ଅନଙ୍ଗଭୀମ ଦେବ (୨ୟ) ଙ୍କ ପୁତ୍ର ରାଜରାଜ ଦେବ (ଖ୍ରୀ: ୧୧୯୮–୧୨୧୧) ଙ୍କ ଦାସ ଗୋବା ତାମ୍ର ଶାସନର ନିମ୍ନୋକ୍ତ ଶ୍ଳୋକରୁ ପ୍ରମାଣିତ ହୁଏ ।

ପାଦୌ ଯସ୍ୟ ଧରାନ୍ତରୀକ୍ଷମଖିଳଂ ନାଭିଶ୍ଚ ସର୍ବାଦିଶଃ
ଶ୍ରୋତ୍ରେ ନେତ୍ରେ ସୁରଂ ରବୀନ୍ଦୁ ଯୁଗଳଂ ମୂର୍ଦ୍ଧାପି ଚ ଦ୍ୟୌରସୌ
ପ୍ରାସାଦଂ ପୁରୁଷୋତ୍ତମସ୍ୟ ନୃପତିଃ କୋ ନାମ କର୍ତ୍ତୁଂ କ୍ଷମଃ
ତସ୍ୟେତ୍ୟାଦ୍ୟନୃପୈରୁପେକ୍ଷିତ ମିମଂ ଚକ୍ରେଥ ଗଙ୍ଗେଶ୍ୱରଃ ।।
ଲକ୍ଷ୍ମୀ ଜନ୍ମ ଗୃହଂ ପୟୋନିଧିରସୌ ସମ୍ମବିତସ୍ୟ ସ୍ଥିରମ୍
ନୋ ଧାମ୍ନି ଶ୍ୱଶୁରସ୍ୟ ପୂର୍ବ୍ୟତେ ଇତି କ୍ଷୀରାବ୍ଧିବାସ ଧ୍ରୁବମ୍ ।
ନିର୍ବିଣ୍ଣଃ ପୁରୁଷୋତ୍ତମଃ ପ୍ରମୁଦିତ ତଦ୍ଧାମ ଲକ୍ଷ୍ମୀ ତ୍ରମା
ଯୋଗ୍ୟଂ ବର୍ତ୍ତିତୁ ଗୃହଂ ବରଂ ପିତୁ ଗୃହାତ୍ ପ୍ରାପ୍ୟ ପ୍ରମୋଦାନ୍ୱିତ ।।

ଅର୍ଥାତ୍ ଯେଉଁ ବିଶ୍ୱରୂପ ପୁରୁଷୋତ୍ତମଙ୍କ ଉଭୟ ପାଦ ସମଗ୍ର ପୃଥିବୀ ଓ ଗଗନ ମଣ୍ଡଳକୁ ଆକ୍ରମଣ କରେ ଓ ନାଭି ସର୍ବ ଦିଗ ମାନଙ୍କରେ ସୁବିସ୍ତୃତ ଯାହାଙ୍କର ନେତ୍ର ସୁର ସୂର୍ଯ୍ୟ ଓ ଚନ୍ଦ୍ର ତୁଲ୍ୟ ଉଜ୍ଜ୍ୱଳ; ଯାହାଙ୍କର ମୂର୍ଦ୍ଧ୍ନ ଦ୍ୟୁଲୋକ (ସ୍ୱର୍ଗ ବିଶ୍ୱାସିତ); ସେହି ଦେବତାଙ୍କ ପ୍ରସାଦ, ଯାହାକି ପୂର୍ବ ରାଜାମାନେ ନିର୍ମାଣ କରିବାକୁ ଅକ୍ଷମ ହୋଇ ପରିତ୍ୟାଗ କରିଥିଲେ, ଗଙ୍ଗେଶ୍ୱର (ଚୋଡ଼ଗଙ୍ଗ) ଙ୍କ ବ୍ୟତୀତ ଅନ୍ୟ କିଏ ବା କରିବାକୁ ସମର୍ଥ ହୋଇ ପାରନ୍ତେ ? ପୂର୍ବେ ବିଷ୍ଣୁ ତାଙ୍କ ପତ୍ନୀ ଲକ୍ଷ୍ମୀଙ୍କ ପିତୃଗୃହ କ୍ଷୀରସମୁଦ୍ରରେ ନିବାସ କରୁଥିଲେ । ତାଙ୍କ ସହିତ ଲକ୍ଷ୍ମୀମଧ୍ୟ ସେଠାରେ ରହୁଥିଲେ । କିନ୍ତୁ ବର୍ତ୍ତମାନ ବିରାଟ ଆକାରରେ ବିଷ୍ଣୁଙ୍କ ପ୍ରାସାଦ ନିର୍ମିତ ହେବାରୁ ପିତୃ ଗୃହ ଅପେକ୍ଷା ଭର୍ତ୍ତୃ ଗୃହରେ ବାସ କରିବା ଶ୍ରେୟସ୍କର ଭାବି, ଲକ୍ଷ୍ମୀ ମଧ୍ୟ ସେହି ନବନିର୍ମିତ ପ୍ରାସାଦରେ ଅବସ୍ଥାନ କରି ଅଛନ୍ତି ।

ଉପରୋକ୍ତ ପ୍ରଥମ ଶ୍ଳୋକରେ ବିଷ୍ଣୁଙ୍କର ଯେଉଁ ବିରାଟ ରୂପର ବର୍ଣ୍ଣନା କରାଯାଇଛି, ତାହା ଉକ୍ତ ତାମ୍ରଶାସନର ରଚନା କରିଥିବା ପ୍ରଶସ୍ତିକାରଙ୍କୁ 'ପୁରୁଷସୂକ୍ତ' ର ନିମ୍ନୋକ୍ତ ଶ୍ଳୋକଂ ଶକ୍ତି ପ୍ରଭାବିତ କରିଥିବ–

"ନାଭ୍ୟା ଆସୀଦନ୍ତରୀକ୍ଷଂ
ଶୀର୍ଷ୍ଣୋଦ୍ୟୌଃ ସମବର୍ତ୍ତତ ।
ପଦଭ୍ୟାଂ ଭୂମି ଦିଶଃ ଶ୍ରୋତ୍ରାତ୍
ତଥା ଲୋକାଂ ଅକଳ୍ପୟନ୍ ।।
(ପୁରୁଷସୂକ୍ତ, ଶ୍ଳୋ ୧୩)

ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀ ମନ୍ଦିର ନିର୍ମିତ ହେବାର ବହୁକାଳ ପୂର୍ବରୁ ଯେ, ସିନ୍ଧୁ କୂଳରେ ମହାଲକ୍ଷ୍ମୀଙ୍କ ସହିତ ଶ୍ରୀ ପୁରୁଷୋତ୍ତମଙ୍କର ପ୍ରତିମା ପ୍ରତିଷ୍ଠା ଲାଭ କରିଥିଲା, ଏଥିରେ ଆଦୌ ସନ୍ଦେହ ନାହିଁ । କାରଣ ସଂସ୍କୃତ କବି ମୁରାରୀଙ୍କ ରଚିତ 'ଅନର୍ଘ–ରାଘବ' ନାଟକ ର ପ୍ରସ୍ତାବନାରେ ଲେଖା ଅଛି :

"ଭୋ ଭୋ ଲବଣୋଦ ବେଲା ବନାଳୀ ତମାଳ–
ତରୁ କନ୍ଦଳସ୍ୟ ତ୍ରିଭୁବନ ମୌଳି ମଣ୍ଡଳ–ମହା–
ନୀଳମଣେଃ କମଳାକୁଚ କଳଶ କେଳି–
କସ୍ତୁରିକା–ପତ୍ରାଙ୍କୁରସ୍ୟ ଭଗବତଃ ପୁରୁଷୋତ୍ତମସ୍ୟ
ଯାତ୍ରାୟାଂ ଉପସ୍ଥାନୀୟାଃ ସଭାସଦଃ..."

ମୁରାରୀଙ୍କ କାଳ ନିର୍ଣ୍ଣୟ କରିବାକୁ ଯାଇ ଐତିହାସିକ ପଣ୍ଡିତମାନେ ଖ୍ରୀଷ୍ଟାବ୍ଦ ପ୍ରାୟ ୯୦୦ ବୋଲି ସ୍ଥିର କରି ଅଛନ୍ତି । କେତେକ ଐତିହାସିକ ମଧ୍ୟ ମୁରାରୀଙ୍କ କାଳ ଖ୍ରୀ: ୧୧ଶ ବା ୧୨ଶ ଶତାବ୍ଦୀ ବୋଲି ସନ୍ଦେହ କରନ୍ତି । ଉପରୋକ୍ତ ପ୍ରସ୍ତାବନାରୁ ଆଉ ମଧ୍ୟ ଜଣାଯାଉଛି ଯେ, ପୁରୁଷୋତ୍ତମ ଓ ଲକ୍ଷ୍ମୀ ଏକତ୍ର ପୁରୀ ସମୁଦ୍ର କୂଳରେ କେବଳ ପ୍ରତିଷ୍ଠା ଲାଭ କରି ନଥିଲେ; ତାଙ୍କର କୌଣସି ଯାତ୍ରା ସେଠାରେ ହେଉଥିଲା ଏବଂ ସେଥିରେ ବୁଦ୍ଧ ଲୋକଙ୍କର ସମାଗମ ହେଉଥିଲା । ଯେଉଁ ଯାତ୍ରା କଥା ଏଥିରେ ଉଲ୍ଲେଖ ଅଛି, ତାହା ଓଡ଼ିଶାରେ ଶ୍ରୀ ପୁରୁଷୋତ୍ତମଙ୍କ ସୁପ୍ରସିଦ୍ଧ ରଥ ଯାତ୍ରା କିମ୍ବା ଅନ୍ୟ କେଉଁ ଯାତ୍ରା, ସେ କଥା କହିବା ସମ୍ଭବ ନୁହେଁ । ତେବେ ଯେଉଁ ଉତ୍ସବ (ଯାତ୍ରା) ରେ ବହୁ ଜନସମାଗମ ହୋଇଥିଲା ଏବଂ ସେମାନଙ୍କ ସମ୍ମୁଖରେ 'ଅନର୍ଘ ରାଘବ' ନାଟକ ପରିବେଷିତ ହୋଇଥିଲା, ତାହା ଯେ ନିଶ୍ଚିତ ଭାବେ ଏକ ବୈଷ୍ଣବ–ଯାତ୍ରା ହୋଇଥିବ ଏଥିରେ ସନ୍ଦେହ ନାହିଁ ।

ବର୍ତ୍ତମାନ ପ୍ରଶ୍ନ ହେଉଛି, ପୁରୀରେ ଉପେକ୍ଷିତ କିମ୍ବା ଅବହେଳିତ ହୋଇ ଭଗ୍ନ ଅବସ୍ଥାରେ ଚୋଡ଼ଗଙ୍ଗଙ୍କ ପୂର୍ବରୁ ଯେଉଁ ବିଷ୍ଣୁ ମନ୍ଦିରଟି ଥିଲା, ସେଥିରେ ବର୍ତ୍ତମାନ ପରି ତିନୋଟି ଦାରୁ ମୂର୍ତ୍ତି (ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ) ପ୍ରତିଷ୍ଠା ଲାଭ କରିଥିଲେ, ଅଥବା ଏକ ଲକ୍ଷ୍ମୀ ଓ ପୁରୁଷୋତ୍ତମଙ୍କ ପ୍ରତିମା ସେଥିରେ ପୂଜିତ ହେଉଥିଲେ ତାହା ମଧ୍ୟ ସ୍ଥିରକରିବା ସମ୍ଭବ ନୁହେଁ । ଯଦି ତ୍ରିମୂର୍ତ୍ତିଙ୍କୁ ଚୋଡ଼ଗଙ୍ଗ ପ୍ରତିଷ୍ଠା କରିଥିବେ ତା'ହେଲେ ବଳଭଦ୍ର ଓ ସୁଭଦ୍ରା ନାମ ପୂର୍ବୋକ୍ତ ଦାସ ଗୋବା ତାମ୍ର ଶାସନରେ ଖୋଦିତ ହୋଇଥିବା ପ୍ରଶସ୍ତି ଶ୍ଳୋକରେ ଦିଆଗଲାନାହିଁ କାହିଁକି ? ଆଉ ମଧ୍ୟ ମୁରାରୀଙ୍କ ଅନର୍ଘ ରାଘବ—ନାଟକରେ ମଧ୍ୟ ''କମଳା—କୁଚ—କଳଶ—କେଳି—କସ୍ତୁରିକା—ପତ୍ରାଙ୍କୁର—ମହା ନୀଳମଣି'' ବିଶେଷଣ ମଣ୍ଡିତ ବିଷ୍ଣୁଙ୍କର ତଥା ପ୍ରସଙ୍ଗ କ୍ରମେ ଲକ୍ଷ୍ମୀଙ୍କର ଉପସ୍ଥିତି କେବଳ ସିନ୍ଧୁ କୂଳରେ ବର୍ଣ୍ଣିତ ହୋଇ, ବଳରାମ ଓ ସୁଭଦ୍ରା ସେଥିରୁ ବିଚ୍ୟୁତ ହେଲେ କିପରି ? ଏ ରହସ୍ୟ ଅଦ୍ୟାପି ଘୋର ଜଟିଳତା ସୃଷ୍ଟି କରିଛି । ତଥାପି ପୁରୁଷୋତ୍ତମ (ବିଷ୍ଣୁଙ୍କ) ବାସୁଦେବ କୃଷ୍ଣ ରୂପରେ ଉପାସନା କରାଯାଉଥିବା ପୁଣି ବ୍ରହ୍ମ ପୁରାଣ, ନାରଦୀୟ ପୁରାଣ ଓ ସ୍କନ୍ଦ ପୁରାଣ ଲେଖା ହେଲା ବେଳେ ତ୍ରିମୂର୍ତ୍ତିଙ୍କ ସମାବେଶ ନୀଳାଚଳରେ ହୋଇଥିବା ପ୍ରମାଣ ମିଳୁଛି । ସ୍କନ୍ଦ ପୁରାଣ, ଉତ୍କଳଖଣ୍ଡରେ ବର୍ଣ୍ଣିତ ଅଛି ଯେ, ବଟ ମୂଳରେ ଇନ୍ଦ୍ରନୀଳ ମଣି ଦ୍ୟୁତି ସମ୍ପନ୍ନ ଚକ୍ର ଓ ଗଦାଧର ବିଷ୍ଣୁ ପ୍ରତିମା ତାଙ୍କ ବାମ ପାର୍ଶ୍ୱରେ ପଦ୍ମହସ୍ତା ମହାଲକ୍ଷ୍ମୀ ଏବଂ ଅନ୍ୟ ପାର୍ଶ୍ୱରେ ବୀଣାପାଣି (ସରସ୍ୱତୀ) ପ୍ରତିଷ୍ଠା ଲାଭ କରିଥିଲେ ।

''ତତ୍ ପୂର୍ବ ବେଦିକା ମଧ୍ୟେ ନ୍ୟଗ୍ରୋଧଚ୍ଛାୟ ଶୀତଳେ ।
ଇନ୍ଦ୍ରନୀଳମୟୋ ଦେବ ଆସ୍ତେ ଚକ୍ର ଗଦାଧରଃ ॥
ବାମପାର୍ଶ୍ୱଗତା ଲକ୍ଷ୍ମୀରାତିଷ୍ଠ ପଦ୍ମ ପାଣିନା ।
ବଲ୍ଲକୀ ବାଦନା ପାରା ଭଗବାନ ମୁଖ ଲୋଚନା ॥

ଐତିହାସିକମାନେ 'ସ୍କନ୍ଦ ପୁରାଣ' ର ସମୟ ଖ୍ରୀ: ୧୪ଶ ଶତାବ୍ଦୀ ବୋଲି ସ୍ଥିର କରନ୍ତି । ତେଣୁ ସେତେବେଳକୁ ନିଶ୍ଚିତ ଭାବେ ଶ୍ରୀମନ୍ଦିରରେ ତ୍ରିମୂର୍ତ୍ତି ହୋଇଥିଲେ; କିନ୍ତୁ ସ୍କନ୍ଦ ପୁରାଣରେ ଅନ୍ୟଥା ବିଷ୍ଣୁମୂର୍ତ୍ତି ବିଷୟ ଲେଖା ଅଛି । ବ୍ରହ୍ମ ପୁରାଣରେ ସ୍ନାନ—ଯାତ୍ରା ସମ୍ପର୍କରେ ଉଲ୍ଲେଖ ଅଛି ।

''ସ୍ନାନ କାଳେ ତୁ ଯେମର୍ତ୍ତ୍ୟାଃ ପଶ୍ୟନ୍ତି ପୁରୁଷୋତ୍ତମ ।
ବଳଭଦ୍ରଂ ସୁଭଦ୍ରାଂଚ ତେ ଯାନ୍ତି ପରମ ବ୍ୟୟମ୍ ॥''

'ସ୍କନ୍ଦ ପୁରାଣରେମଧ୍ୟ ଲେଖା ଅଛି :

ଜୟସ୍ତୁ ରାମକୃଷ୍ଣେତି ସୁଭଦ୍ରେତି ସକୃଲଗାଃ ।
ବଦନ୍ତି ମାର୍ଜନେ କାଳେ ଯାନ୍ତି ବ୍ରହ୍ମପଦଂ ମମ ॥

କିନ୍ତୁ ବ୍ରହ୍ମ ପୁରାଣ ଓ ସ୍କନ୍ଦ ପୁରାଣର ଅର୍ବାଚୀନତା ପ୍ରମାଣିତ ହେଲେ ମଧ୍ୟ ସେଥିରେ ସଠିକ କାଳ ନିର୍ଣ୍ଣୟ କରିବା କଠିନ । ତେବେ ଏହି ଲେଖକ ଦ୍ୱାରା ପଠିତ ଓ ପ୍ରକାଶିତ ସର୍ବ ପ୍ରଥମ ଶିଳାଲେଖଟି ଯହିଁରେକି ପୁରୁଷୋତ୍ତମଙ୍କ ମନ୍ଦିରରେ ଅଖଣ୍ଡବର୍ତ୍ତୀ ଦୀପଦାନ, ଅନନ୍ତବର୍ମ ଚୋଡ଼ଗଙ୍ଗଙ୍କ ୫୭ ଶ୍ରାହି (ଅଙ୍କ) ରେ ଅର୍ଥାତ୍ ଖ୍ରୀ: ୧୧୩୧—୩୨ ରେ ସମାହିତ ହୋଇଥିଲା, ତାହା ମୂଳ ମନ୍ଦିରସ୍ଥ ମୁକ୍ତିମଣ୍ଡପ ନିକଟରେ ଥିବା ନୃସିଂହ ମନ୍ଦିରର ଭିତ୍ତି ସଂଲଗ୍ନ ଏକ ପ୍ରସ୍ତର ଫଳକରେ ଖୋଦିତ ହୋଇଅଛି । ସେହି ଲିପିରୁ ଆମେ ତା ମନେ କରୁଛୁ ଯେ, ଶ୍ରୀମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ ହେଲା ପରେ ବୋଧହୁଏ ମହାରାଜା ଚୋଡ଼ଗଙ୍ଗ ହିଁ ସର୍ବ ପ୍ରଥମେ ଏହି ଅଖଣ୍ଡ ଦୀପଟି ଦେବ ଦେବ ଶ୍ରୀ ପୁରୁଷୋତ୍ତମଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲେ । ଖ୍ରୀ: ୧୧୧୧—୦୨ ପରେ ସେ ଉତ୍କଳ ଜୟ କରି ଶ୍ରୀମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବେ । ତାହା ପୂର୍ଣ୍ଣ କରିବାକୁ ୧୦/୧୫ ବର୍ଷରୁ କମ୍ ସମୟ ଲାଗି ନଥିବ । ଏ ଦୃଷ୍ଟିରୁ ବିଚାର କଲେ, ଶ୍ରୀମନ୍ଦିର ଗଠିତ ହୋଇ ଦେବ ପ୍ରତିମାଙ୍କ ପ୍ରତିଷ୍ଠା ପରେ ସେଥିରେ 'ଅଖଣ୍ଡ ଦୀପ'ର ଜ୍ୱଳନ ବ୍ୟବସ୍ଥା କରିବା ଆବଶ୍ୟକ ହୋଇଥିବ । ତେଣୁ ଶ୍ରୀମନ୍ଦିରର ପ୍ରତିଷ୍ଠା ଠିକ୍ ସେତିକି ବେଳେ ଅର୍ଥାତ୍ ଖ୍ରୀ: ୧୧୩୧—୩୨ ଚୋଡ଼ଗଙ୍ଗଙ୍କ ୫୭ ଶ୍ରାହି ରେ ସମ୍ପନ୍ନ ହୋଇ ଥିବା ମଧ୍ୟ ଅସମ୍ଭବ ନୁହେଁ ।

ଶ୍ରୀ ନୃସିଂହଙ୍କ ମନ୍ଦିରଟି କୌଣସି କାରଣରୁ ଭାଙ୍ଗି ପଡ଼ିଥିଲା । ତେଣୁ ସେଥିର ଦ୍ୱାର ସମ୍ମୁଖରେ ଯେଉଁ ଭିତ୍ତି ପ୍ରସ୍ତରଗୁଡ଼ିକ ବ୍ୟବହୃତ ହୋଇଛି, ତାହା ଅନ୍ୟ ଏକ ଭଗ୍ନ ମନ୍ଦିରରୁ ସଂଗୃହୀତ ହୋଇ ସେଥିରେ ବ୍ୟବହୃତ ହୋଇଥିବା ଜଣାଯାଏ । କାରଣ ସେହି ଭଗ୍ନ ମନ୍ଦିରରେ ଯେଉଁ ପ୍ରାଚୀନ ଶିଳାଲେଖଗୁଡ଼ିକ ଥିଲା, ତାହା ପ୍ରାଚୀରରେ ଅସଂଲଗ୍ନ ଭାବେ ପରେ ଯୋଡ଼ି ଦିଆଯାଇଛି; ଏବଂ ଶିଳାଲେଖର ଖଣ୍ଡଗୁଡ଼ିକ ଅସ୍ତବ୍ୟସ୍ତ କରାଯାଇଥିବା ପରିଲକ୍ଷିତ ହୁଏ । ଅତ୍ୟନ୍ତ ପରିତାପର ବିଷୟ ଏହି ଯେ, ଶ୍ରୀ ମନ୍ଦିରର ବିଶ୍ୱବ୍ୟାପୀ ପ୍ରାଧାନ୍ୟ ଦୃଷ୍ଟିରୁ ସେଥିର ମୂଲ୍ୟବାନ୍ ଐତିହାସିକ ପ୍ରମାଣଗୁଡ଼ିକ ବର୍ତ୍ତମାନ ନଷ୍ଟ ହେଉଥିଲେ ସୁଦ୍ଧା ସେଥିପ୍ରତି କେହି ଧ୍ୟାନ ଦେଉ ନାହାନ୍ତି । ଆଉ ମଧ୍ୟ ନୃସିଂହ ମନ୍ଦିରର ଭିତ୍ତିଗାତ୍ରରେ ବହୁ ଶିଳାଲେଖ ଅଦ୍ୟାପି ଚୂନ ପଲସ୍ତରା ଭିତରେ ଆତ୍ମଗୋପନ କରି ରହିଛି । ସେଗୁଡ଼ିକର ପାଠୋଦ୍ଧାର ସକାଶେ ପ୍ରତ୍ନତତ୍ତ୍ୱ ବିଭାଗର ଦୃଷ୍ଟି ବାରମ୍ବାର ଆକର୍ଷଣ କରି ସୁଦ୍ଧା ଆମେ ଅକୃତକାର୍ଯ୍ୟ ହୋଇ ନିରାଶରେ ଫେରୁଛୁ । ବର୍ତ୍ତମାନ ପ୍ରଶ୍ନ ହେଉଛି, ଶ୍ରୀପୁରୁଷୋତ୍ତମକ୍ଷେତ୍ର ଏକ ପୁଣ୍ୟଧାମ ରୂପେ କେଉଁ ସମୟରୁ ଭାରତରେ ପ୍ରସିଦ୍ଧି ଲାଭ କଲା । ଅବଶ୍ୟ ପୁରାଣମାନଙ୍କର ବହୁ ପ୍ରକ୍ଷିପ୍ତାଂଶ ଏବଂ କ୍ଷେତ୍ର ସମ୍ପର୍କରେ କିମ୍ବଦନ୍ତୀଗୁଡ଼ିକ ଐତିହାସିକ ଦୃଷ୍ଟିକୋଣରୁ ସିଦ୍ଧାନ୍ତ ରୂପେ ଗ୍ରହଣ କରିବା ଠିକ୍ ନୁହେଁ । ତେଣୁ ପ୍ରାଚୀନ ଶିଳାଲେଖକୁ ସମ୍ବଳ କରି ଏ ପ୍ରଶ୍ନର ସମାଧାନ କରାଯାଇପାରେ । ମଧ୍ୟପ୍ରଦେଶସ୍ଥ ମେହାର ଶିଳାଲେଖ, ଯାହାକି ସେଠା ସରସ୍ୱତୀ ମନ୍ଦିର ଗାତ୍ରରେ ସଂଲଗ୍ନ ହୋଇଅଛି, ତାହା ଶ୍ରୀ ପୁରୁଷୋତ୍ତମକ୍ଷେତ୍ରର ପ୍ରାଧାନ୍ୟ ସ୍ୱୀକାର କରିଥିବା ଜଣାଯାଉଛି । ଡଃ ଦୀନେଶ ଚନ୍ଦ୍ର ସର୍କାର ଓ ଭି.ଏସ୍. ସୁବ୍ରମନ୍ୟଂ ଏଥିର ସମୟ ଲିପି ତତ୍ତ୍ୱ ଦୃଷ୍ଟିରୁ ଖ୍ରୀ: ୧୦ମ ଶତାବ୍ଦୀର ମଧ୍ୟ ଭାଗ ବୋଲି ନିରୂପଣ କରି ଅଛନ୍ତି (Ep.Ind., Vol. XXXV.) ସେଥିରେ ଲେଖା ଅଛି—

''ସମୁଦ୍ର ମଜ୍ଜନାତ୍ କୃତଂ ଓଡ୍ରେଷୁ ପୁରୁଷୋତ୍ତମମ୍ ।
ଦୃଷ୍ଟ୍ୱା ତତୋଽଥିକେ ଭୂୟଃ ପୁରାଗଲତ୍ୟଂ ଶିଶୁ ॥

ଦାମୋଦର ନାମକ ଜଣେ ଷୋଡ଼ଶ ବର୍ଷୀୟ ଛାତ୍ର ଓଡ୍ର ଦେଶସ୍ଥ ପୁରୁଷୋତ୍ତମଙ୍କ ଦର୍ଶନ କରିବାକୁ ଆସି ସମୁଦ୍ରରେ ସ୍ନାନ କଲାବେଳେ ସେଥିରେ ନିମଜ୍ଜିତ ହୋଇଥିଲା । ସେହି ମୃତ ଶିଶୁର ସ୍ମୃତି ଉଦ୍ଦେଶ୍ୟରେ ତାର ନିଜ ଜନ୍ମସ୍ଥାନ ମେହାର ଗ୍ରାମରେ ସରସ୍ୱତୀଙ୍କ ମନ୍ଦିର ଗଠିତ ହୋଇଥିବା ପ୍ରସଙ୍ଗ ସଂଶିତ ଲେଖରେ ବର୍ଣ୍ଣିତ ହୋଇଅଛି ।

ଯଦି ଲିପିତତ୍ତ୍ୱ ଦୃଷ୍ଟିରୁ ସେଥିର କାଳ ଖ୍ରୀ: ୧୦ମ ଶତାବ୍ଦୀ ବୋଲି ଧରାଯାଏ, ତେବେ ପୁରୁଷୋତ୍ତମ କ୍ଷେତ୍ରର ମହାତ୍ମ୍ୟ ଦୂର ଦୂରାନ୍ତର ଯାତ୍ରୀମାନଙ୍କ ନିକଟରେ ପ୍ରଚୁର ଖ୍ୟାତି ବିସ୍ତାର କରିଥିଲା । ତେଣୁ ଶ୍ରୀ ପୁରୁଷୋତ୍ତମଙ୍କ ପ୍ରତିଷ୍ଠା ନିଶ୍ଚିତ ଭାବେ ଖ୍ରୀ ଦଶମ ଶତାବ୍ଦୀ ପୂର୍ବରୁ ଶ୍ରୀ କ୍ଷେତ୍ରରେ ସମ୍ପନ୍ନ ହୋଇ ସାରିଥିବା ସୁନିଶ୍ଚିତ ।

ବର୍ତ୍ତମାନ ଅନ୍ୟ ଏକ ପ୍ରଶ୍ନ ହେଉଛି, କିଏ ବା କେଉଁ ରାଜବଂଶ ଓଡ୍ର ଦେଶରେ ସେହିପରି ଖ୍ୟାତି ସମ୍ପନ୍ନ ବିଷ୍ଣୁ କ୍ଷେତ୍ରର ପ୍ରତିଷ୍ଠା କରିଥିଲେ ? ମାଦଳା ପାଞ୍ଜିରେ ଲେଖାଅଛି ଯେ, ସୋମବଂଶୀ ମହାରାଜା ଯଯାତି କେଶରୀ ପୁରୀ ଓ ଭୁବନେଶ୍ୱରଠାରେ ପ୍ରତିଷ୍ଠିତ ବିଷ୍ଣୁ ଓ ଶିବଙ୍କ ଉଭୟ ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଦ୍ୱିତୀୟୋକ୍ତ ମନ୍ଦିରଟି (ଲିଙ୍ଗରାଜ) ସମ୍ଭବତଃ ଯଯାତିଙ୍କ କୀର୍ତ୍ତି ହୋଇପାରେ । କିନ୍ତୁ ନୀଳାଚଳରେ ଶ୍ରୀ ପୁରୁଷୋତ୍ତମଙ୍କ ପ୍ରତିଷ୍ଠା ତାଙ୍କ ଦ୍ୱାରା ସମ୍ପନ୍ନ ହୋଇ ନଥିଲା । ମହାରାଜ ଚୋଡ଼ଗଙ୍ଗଙ୍କ ଉତ୍କଳ ବିଜୟ ବେଳେ ଯେଉଁ ମନ୍ଦିରଟି ଅର୍ଦ୍ଧ ନିର୍ମିତ କିମ୍ବା ଭଗ୍ନ ଅବସ୍ଥାରେ ପୁରୀ ସିନ୍ଧୁ କୂଳରେ ଥିଲା, ତାହା

ନିଶ୍ଚିତ ଭାବେ ସେ ଅଞ୍ଚଳର କୌଣସି ବୈଷ୍ଣବ ଧର୍ମାଶ୍ରୟୀ ଶାସକଙ୍କର ନାହିଁ । ଏ ଦୃଷ୍ଟିରୁ ପୁରୀ ଅଞ୍ଚଳର ପ୍ରାଚୀନ ରାଜନୈତିକ ଅବସ୍ଥା ସମ୍ବନ୍ଧରେ ସାମାନ୍ୟ ବିସ୍ତୃତ କରିବା ଆବଶ୍ୟକ ।

ଖ୍ରୀ: ୭ମ ଶତାବ୍ଦୀରୁ ଆରମ୍ଭ କରି ଯେଉଁ ରାଜବଂଶମାନେ ଏ ଅଞ୍ଚଳ ଅଧିକାର କରି ଶାସନ କାର୍ଯ୍ୟ ଚଳାଉଥିଲେ, ସେମାନେ ହେଉଛନ୍ତି, ଶୈଳୋଦ୍ଭବ, ଶୈଳୋଦ୍ଭବ ଏବଂ ଭୌମ-କର ବଂଶୀୟ ଶୈବ ଓ ବୌଦ୍ଧ ଧର୍ମାବଲମ୍ବୀ ରାଜନବର୍ଗ । ଖ୍ରୀ: ୭ମ ଶତାବ୍ଦୀରୁ ଆରମ୍ଭ କରି ପ୍ରାୟ ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ କେହି ହେଲେ ସେ ଅଞ୍ଚଳର ରାଜା ବା ରାଣୀ 'ପରମ ବୈଷ୍ଣବ' କିମ୍ବା 'ପରମବୈଷ୍ଣବୀ' ରୂପେ ପରିଚିତ ହୋଇ ନାହାନ୍ତି । ସେହି ରାଜାମାନଙ୍କ ପ୍ରଦତ୍ତ ଦାନ ଶାସନରେ ଯେଉଁ ବିରୁଦାବଳୀ ଉଲ୍ଲେଖ ହୋଇଛି, ସେଥିରୁ ସେମାନଙ୍କର ଆଶ୍ରିତ ଧର୍ମର ସୂଚନା ଜଣାଯାଏ । ଶୈବ ରାଜାମାନେ 'ପରମ ମହେଶ୍ୱର' ଏବଂ ବୌଦ୍ଧ ରାଜାମାନେ 'ପରମ ସୌଗତ' ବା 'ପରମ ତଥାଗତ' ଉପାଧି ବ୍ୟବହାର କରୁଥିଲେ । ଏଣୁ ସେମାନେ ବୈଷ୍ଣବ-କ୍ଷେତ୍ର ତଥା ବିଷ୍ଣୁ ମନ୍ଦିର ଗଠନ କରିବାକୁ କାହିଁକି ବା ଆଗ୍ରହ ପ୍ରକାଶ କରନ୍ତେ ?

କଳିଙ୍ଗ ଓ ଦକ୍ଷିଣ କୋଶଳରେ, ଅର୍ଥାତ୍ ଆଧୁନିକ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶା ଅଞ୍ଚଳରେ ରାଜତ୍ୱ କରୁଥିବା କେତେକ ମାଠର ବଂଶୀୟ ରାଜା ଓ ପାଣ୍ଡବ ବଂଶୀୟ ରାଜା ଖ୍ରୀ: ୬ଷ୍ଠ ଶତାବ୍ଦୀ ପୂର୍ବରୁ 'ପରମ ଭାଗବତ' ସଂଜ୍ଞା ଗ୍ରହଣ କରିଥିଲେ । କିନ୍ତୁ ସେମାନଙ୍କ ପରେ ଯେଉଁ ରାଜବଂଶ ସେହି ଅଞ୍ଚଳଗୁଡ଼ିକ ଅଧିକାର କଲେ ସେମାନେ ସମସ୍ତେ 'ପରମ ମାହେଶ୍ୱର' ଉପାଧି ବହନ କରି ଶୈବ ଦୀକ୍ଷା ଗ୍ରହଣ କରିଥିବା ପ୍ରସଙ୍ଗ ବହୁ ତାମ୍ର ଲେଖରୁ ପ୍ରମାଣିତ ହୋଇଅଛି ।

ମାଠର ଓ ପାଣ୍ଡବ ବଂଶୀୟ ରାଜାମାନଙ୍କ ଅଧିକାର ପୁରୁଷୋତ୍ତମ କ୍ଷେତ୍ର ପର୍ଯ୍ୟନ୍ତ ବ୍ୟାପୀ ଥିବା ପ୍ରମାଣ ଅଦ୍ୟାପି ଜଣାଯାଇ ନାହିଁ । ଏହା ବ୍ୟତୀତ ସେମାନଙ୍କ ଶାସନ କେନ୍ଦ୍ର ପୁରୀଠାରୁ ଶତାଧିକ କ୍ରୋଶ ଦୂରରେ ରହିଥିବାରୁ ପୁରୁଷୋତ୍ତମ କ୍ଷେତ୍ର ବିଷ୍ଣୁ କ୍ଷେତ୍ରରେ ପରିଣତ କରିବା ତାଙ୍କ ପକ୍ଷରେ ଆଦୌ ସମ୍ଭବ ବୋଲି ଜଣାଯାଉ ନାହିଁ ।

ଯେଉଁ ସମୟରେ କଳିଙ୍ଗ ନଗରଠାରୁ ପ୍ରାଚୀନ ଗଙ୍ଗବଂଶୀୟ ରାଜାମାନେ ମହେନ୍ଦ୍ର ଗିରିର ଶିଖର ଦେଶରେ ପ୍ରତିଷ୍ଠିତ ଗୋକର୍ଣ୍ଣେଶ୍ୱର ଶିବଙ୍କୁ ତାଙ୍କ ଇଷ୍ଟ ଦେବତା ରୂପେ ଗ୍ରହଣ କରିଥିଲେ, ସେତେବେଳେ ଋଷିକୁଲ୍ୟାଠାରୁ ବୈତରଣୀ ମଧ୍ୟବର୍ତ୍ତୀ ଅଞ୍ଚଳରେ ଖ୍ରୀ: ୮ମ ଶତାବ୍ଦୀରୁ ଆରମ୍ଭ କରି ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ ଭୌମ-କର ବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ସେମାନେ ବୌଦ୍ଧ ଧର୍ମାବଲମ୍ବନ କରି ବହୁ ବୌଦ୍ଧ-ମନ୍ଦିର ସେ ଅଞ୍ଚଳରେ ସ୍ଥାପନ କଲେ । ରତ୍ନଗିରି, ଉଦୟଗିରି ଓ ଲଳିତଗିରିର ବୌଦ୍ଧ ସ୍ଥାପତ୍ୟ ତାହାରି କାଳି ପ୍ରସ୍ତୁତ କରୁଛି । ପୁରୁଷୋତ୍ତମ କ୍ଷେତ୍ରରେ ବିଷ୍ଣୁ ମନ୍ଦିରର ଅବସ୍ଥିତି ବିଷୟ ବୋଧ ହୁଏ ସର୍ବ ପ୍ରଥମେ କୃଷ୍ଣ ମିଶ୍ରଙ୍କ କୃତ 'ପ୍ରବୋଧ ଚନ୍ଦ୍ରୋଦୟ' ନାଟକର ନିମ୍ନୋକ୍ତ ସଂସ୍କୃତ ଭାଷାର ସଂଳାପରୁ ସୂଚିତ ହୋଇଅଛି—

''ପୁରୁଷ—ଉତ୍କଳେଷୁ ଦେଶେ ଦେବସ୍ୟ ଆଗତୋଽସ୍ମି ।
ଅସ୍ତି ଖ ଅତିକ୍ର ସଲିଲେଶେ ପୁରୁଷୋତ୍ତମ ସର୍ଜିତମ୍ ଦେବତା
ଭବନମ୍ ॥
ମହାମୋହ—ଭୂତେ ଭବାନ୍ ।
ପୁରୁଷ—ତତ୍ରୈବ ପୁରୁଷୋତ୍ତମାଦେ ଆଗତୋଽସ୍ମି ॥''

ଏହି ନାଟକରେ ପୁରୁଷ, ମହାମୋହ ପ୍ରଭୃତି ଭୂମିକାରେ ଯେଉଁ ଆଧ୍ୟାତ୍ମିକ ପ୍ରବୃତ୍ତିଗୁଡ଼ିକର ଅବତାରଣା କରାଯାଇଛି ସେଥିରୁ 'ପୁରୁଷ' ଚରିତ୍ରର ମୁଖରେ କୁହାଯାଇଛି, ''ଉତ୍କଳ ଦେଶରୁ ସେ ଆସିଛନ୍ତି । ତହିଁରେ ସାଗର ତଟରେ ପୁରୁଷୋତ୍ତମଠାରେ ଦେବତାଙ୍କ ମନ୍ଦିର (ଦେବତା ନିକେତନ) ଥିବା ପ୍ରସଙ୍ଗ 'ମହାମୋହ' ନାମକ କାଳ୍ପନିକ ଚରିତ୍ରଠାରେ ପ୍ରକାଶ କରିଛନ୍ତି ।

ଏହି ନାଟକର ରଚୟିତା କୃଷ୍ଣ ମିଶ୍ର ସୁଦେଲ୍ଖଣ୍ଡର ରାଜା କୀର୍ତ୍ତିବର୍ମା, ଯେ କି କାଳଞ୍ଜରଠାରୁ ଶାସନ ବିସ୍ତାର କରିଥିଲେ, ତାଙ୍କର ଜଣେ ସଭା ପଣ୍ଡିତ ବୋଲି ସେହି ନାଟକରେ ବର୍ଣ୍ଣିତ ହୋଇଅଛି । ତେଣୁ ତାଙ୍କର ସମୟ ଖ୍ରୀ: ୧୧ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବୋଲି ମେକ୍‌ଡୋନାଲ୍ (Macdonnel) ସ୍ଥିର କରି ଅଛନ୍ତି । (History of Sanskrit Literature - Macdonnel-1962-P-310) ସୁତରାଂ ପୁରୁଷୋତ୍ତମଙ୍କ ମନ୍ଦିର ଚୋଡଗଙ୍ଗ ନିର୍ମାଣ କରିବା ଶହେ ବର୍ଷ ପୂର୍ବରୁ ପୁରୁଷୋତ୍ତମ କ୍ଷେତ୍ରର ପ୍ରାଧାନ୍ୟ ଥିଲା ।

ଭୌମ-କର ବଂଶୀୟ ରାଜାମାନେ ଉତ୍କଳ ଅଧିକାର କରି ଖ୍ରୀ: ୮ମ ଶତାବ୍ଦୀରୁ ରାଜ୍ୟ ଶାସନ ବିସ୍ତାର କରିବାକୁ ଲାଗିଲେ । ସେହି ରାଜବଂଶର ପ୍ରଥମ ଭାଗରେ ରାଜତ୍ୱ କରିଥିବା ରାଜାମାନେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । କିନ୍ତୁ ପରବର୍ତ୍ତୀ ରାଜାମାନେ ଶୈବଧର୍ମରେ ଦୀକ୍ଷିତ ହୋଇ 'ପରମମାହେଶ୍ୱର' ଉପାଧି ବହନ କଲେ । ତାନ୍ତ୍ରିକ ଶୈବ ଧର୍ମରେ ସେମାନେ ଶିବଙ୍କୁ ଆରାଧନା କରୁଥିବା ପ୍ରସଙ୍ଗ ଶାନ୍ତିକର ଦେବଙ୍କ ଅନୁଗୁଳ ତାମ୍ର ଶାସନରେ ଖୋଦିତ ହୋଇଅଛି ।
(O.H.R.J. Vol. XII, No.1)

ନିମ୍ନୋକ୍ତ ମଙ୍ଗଳ ଶ୍ଳୋକରୁ ତାହା ପ୍ରମାଣିତ ହୁଏ—

''ନାଥଶ୍ଚନ୍ଦ୍ରୋଦରସ୍ଥ କ୍ଷିତି ଜଳ ଦହନ ସ୍ପର୍ଶନା କାଶ ଧାମ୍ନୋ
ସର୍ବାତ୍ମା ସର୍ବଶକ୍ତିଃ ଶଶିତରଣିତରିବିଶ୍ୱମୂର୍ତ୍ତିଃ ପୁରାଣଃ ।
ଯୋଽସୌ ଦେବାତି ଦେବୋ ସ ଜୟତି
ଭଗବାନ୍ ଦେହିନା ଦେହ ମଧ୍ୟେ
ଆଦୌ ହଂସା ଭିଧାନୋ ସ ଜୟତି କରତାଂ
ପ୍ରାଣରୂତୋ ମହେଶଃ'' ॥

ଶାନ୍ତିକରଙ୍କ ପରେ ସେହି ବଂଶର ଅନ୍ୟ ରାଜାମାନେ 'ପରମ ମାହେଶ୍ୱର' ପଦବୀ ଗ୍ରହଣ କରିଥିବା ପ୍ରସଙ୍ଗ ସେମାନଙ୍କ ଦାନ ଶାସନ ଗୁଡ଼ିକରୁ ପ୍ରମାଣିତ ହୁଏ । କିନ୍ତୁ ଭୌମାବ୍ଦ ୧୫୮ (ଖ୍ରୀ: ୮୯୪)ରେ ତ୍ରିଭୁବନ ମହାଦେବୀ ଓରଫ୍ ପୃଥ୍ୱୀ ମହାଦେବୀଙ୍କ ଦୁଇଟି କୌଣସି ପ୍ରାପ୍ତ ତାମ୍ର ଶାସନରେ ସେ ନିଜକୁ 'ପରମ ବୈଷ୍ଣବୀ' ଉପାଧିରେ ଭୂଷିତ କରି ଅଛନ୍ତି । ଏଣୁ ଉତ୍କଳରେ ରାଜତ୍ୱ କରୁଥିବା ପ୍ରାଚୀନତମ ବୈଷ୍ଣବ ଧର୍ମାବଲମ୍ବିନୀ ରୂପେ ସେ ଇତିହାସରେ ପରିଚିତ ହୁଅନ୍ତି ।

ଖ୍ରୀ: ୧୦ମ ଶତାବ୍ଦୀରେ ତାନ୍ତ୍ରିକ ବିଧିର ପୂଜା ପଦ୍ଧତି ବହୁଳ ଭାବେ ବିସ୍ତାର ଓ ପ୍ରାଧାନ୍ୟ ଲାଭ କରି ଶୈବ ଓ ବୈଷ୍ଣବ ଧର୍ମ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ସମର୍ଥ ହୋଇଥିଲା । 'ତୋଡଳ ତନ୍ତ୍ରୋକ୍ତ' ନିମ୍ନରେ ଉଦ୍ଧୃତ ଅଂଶରୁ ସେଥିରେ ପ୍ରମାଣ ମିଳୁଛି—

''ଶ୍ରୀ ଶିବ ଉବାଚ:
ତାରାଦେବୀ ନୀଳ (ମୀନ) ରୂପା ବଗଳା କୂର୍ମ ମୂର୍ତ୍ତିକା ।
ଧୂମାବତୀ ବରାହସ୍ୟାତ୍ ଛିନ୍ନମସ୍ତା ନୃସିଂହିକା ॥
ଭୁବନେଶ୍ୱରୀ ବାମନସ୍ୟାତ୍ ମାତଙ୍ଗୀ ରାମ ମୂର୍ତ୍ତିକା ।
ତ୍ରିପୁରା ଜାମଦଗ୍ନ୍ୟାସ୍ୟାତ୍ ବଳଭଦ୍ରସ୍ତୁ ଭୈରବୀ ॥
ମହାଲକ୍ଷ୍ମୀ ଭବେଦ୍ବୁଦ୍ଧୋ ଦୁର୍ଗାସ୍ୟାତ୍ କଳ୍କି ରୂପିଣୀ ।
ସ୍ୱୟଂ ଭଗବତୀ କାଳୀ କୃଷ୍ଣମୂର୍ତ୍ତିଃ ସମୁଦ୍ଭବ ॥
ଇତି ତେ କଥିତଂ ଦେବ୍ୟାବତାରଂ ଦଶମେବ ହି ।
ଏତାସାଂ ପୂଜନାଦେବି ମହାଦେବ ସମୋଭବେତ'' ॥

(ତୋଡଳତନ୍ତ୍ର, ୧୦ମ ଉଲ୍ଲାସ)

ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ, ତାନ୍ତ୍ରିକ ଉପାସନା ଶାକ୍ତ, ଶୈବ ଏବଂ ବୈଷ୍ଣବମାନଙ୍କର ଏକ ମହାମିଳନ କ୍ଷେତ୍ରରେ ପରିଣତ ହେଲା । ବିଷ୍ଣୁଙ୍କର ଦଶାବତାର ସଙ୍ଗେ ଶକ୍ତି ଉପାସକମାନେ ମଧ୍ୟ ଦେବୀଙ୍କର ଦଶ

ଅବତାର କଳ୍ପନା କରି ହରି-ହର ପୂଜା ବିଧି ପ୍ରବର୍ତ୍ତିତ କରିବାକୁ ଲାଗିଲେ । ତେଣୁ ଶ୍ରୀ ପୁରୁଷୋତ୍ତମଙ୍କୁ ବୌଦ୍ଧ ରୂପେ ମହାଲକ୍ଷ୍ମୀଙ୍କ ସଙ୍ଗେ ସମାନ କରି ତାନ୍ତ୍ରିକ ବିଧିରେ ତାଙ୍କର ପୂଜାବିଧି ନିର୍ଣ୍ଣିତ ହୋଇଥିଲା । ସୁଭଦ୍ରାଙ୍କୁ ମଧ୍ୟ ଭୁବନେଶ୍ୱରୀ ମନ୍ତ୍ରରେ ତାଙ୍କ ପୂଜା ବିଧିର ନିର୍ଣ୍ଣୟ କରାଯାଇଛି । ସ୍ନାନ ବେଦୀରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଦେବ ସ୍ନାନ ପରେ ସୁଭଦ୍ରାଙ୍କୁ ପୁଷ୍ପାଞ୍ଜଳି ଦେଲାବେଳେ 'ସପ୍ତଶତି-ଚଣ୍ଡୀରୁ କେତୋଟି ବନ୍ଦନା ଶ୍ଳୋକ ପାଠ କରାଯାଇଥାଏ । ଯଥା—

ସର୍ବ ମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ ।
ଶରଣ୍ୟେତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମୋସ୍ତୁତେ ।

ଇତ୍ୟାଦି

ସୁଭଦ୍ରାଙ୍କ ପୂଜାରେ ମଧ୍ୟ 'ଦେବୀସୂକ୍ତ' ପାଠ କରାଯାଏ ।


ଖ୍ରୀ: ୧୦ମ ଶତାବ୍ଦୀ ଆରମ୍ଭରେ କିମ୍ବା ୯ମ ଶତାବ୍ଦୀ ଶେଷରେ ସମ୍ଭବତଃ ଭୌମକର ବଂଶୀୟ ଯେଉଁ ଶୈବ ରାଜାମାନେ ସେ ଅଞ୍ଚଳରେ ରାଜତ୍ୱ କରୁଥିଲେ, ସେମାନଙ୍କ ଦ୍ୱାରା ପୁରୀର ଶ୍ରୀ ମନ୍ଦିର ଗଠିତ ହେବା ପୂର୍ବରୁ କେତୋଟି ଶିବ ମନ୍ଦିର ଖ୍ରୀ: ୯ମ ଶତାବ୍ଦୀରେ ନିର୍ମିତ ହୋଇଥିଲା । ମାର୍କଣ୍ଡେଶ୍ୱର, ଜମ୍ବେଶ୍ୱର, ଲୋକନାଥ ମନ୍ଦିରମାନଙ୍କରେ ଯେଉଁ ଶିବଲିଙ୍ଗ ସ୍ଥାପିତ ହୋଇଅଛନ୍ତି, ତାହା ଆଧୁନିକ ଭୂପୃଷ୍ଠର ବହୁ ନିମ୍ନ ସ୍ତରରେ ଥିବା ଦେଖାଯାଏ । ସେପରି ଶ୍ରୀମନ୍ଦିରର ଉତ୍ତରାଂଶରେ ବଟାପାତାଳ ତଥା ଈଶାନେଶ୍ୱରଙ୍କ ଲିଙ୍ଗ ବହୁ ତଳ ସ୍ତରରେ ଥିବାରୁ ସେ ସମସ୍ତେ ଖ୍ରୀ: ୧୦ମ ଶତାବ୍ଦୀ ପୂର୍ବରୁ ଅର୍ଥାତ୍ ପୃଥ୍ୱୀ ମହାଦେବୀଙ୍କ ସମୟରେ ଶ୍ରୀ ପୁରୁଷୋତ୍ତମ ପ୍ରତିଷ୍ଠା ପୂର୍ବରୁ ତାହା ଏକ ଶୈବ କେନ୍ଦ୍ରରେ ପରିଣତ ହୋଇଥିବା ସମ୍ଭବ । ତାପରେ ଖ୍ରୀ: ୯ମ ଶତାବ୍ଦୀରେ ପରମ ବୈଷ୍ଣବୀ ପୃଥ୍ୱୀ ମହାଦେବୀଙ୍କ ଉଦ୍ୟମରେ ସେଠାରେ ବିଷ୍ଣୁଙ୍କ ପ୍ରତିମା କିମ୍ବା ଶ୍ରୀ ପୁରୁଷୋତ୍ତମ ଓ ଲକ୍ଷ୍ମୀଙ୍କ ମନ୍ଦିର ଗଠିତ ହେଲା । କିନ୍ତୁ ରାଜନୈତିକ ଘଟଣା ଚକ୍ରରେ ପଡ଼ି ଭୌମକର ବଂଶର ଅବସାନ ପରେ ଯେତେବେଳେ ବାହ୍ୟ ଶତ୍ରୁମାନଙ୍କ ଆକ୍ରମଣରୁ ଉତ୍କଳକୁ ସୁରକ୍ଷିତ କରିବା ସକାଶେ ଖଣ୍ଡପାଳ ଓ ସାମନ୍ତ ରାଜାମାନଙ୍କ ଆମନ୍ତ୍ରଣ କ୍ରମେ ସୋମବଂଶୀ ମହାରାଜ ଯଯାତି (୨ୟ) ଉତ୍କଳର ଶାସନ ଭାର ବହନ କଲେ, ଏବଂ ତାଙ୍କ ରାଜଧାନୀ ମହାନଦୀ ତଟସ୍ଥ ଯଯାତି ନଗରରେ ସ୍ଥାପନ କଲେ ସେତେବେଳେ ତାଙ୍କର ଶୈବ ଗୁରୁପୀଠ ଭୁବନେଶ୍ୱରଠାରେ ବିରାଟ ଆକାରରେ କୃତ୍ତିବାସ (ଲିଙ୍ଗରାଜ)ଙ୍କ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ । ତାଙ୍କ ରାଣୀ କୋଳାବତୀ ମଧ୍ୟ ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମେଘେଶ୍ୱରଙ୍କ ମନ୍ଦିର ନିର୍ମାଣ କରି ସେଥିରେ ସ୍ୱୀୟ ବଂଶର କୀର୍ତ୍ତି ବର୍ଣ୍ଣନା କରି ଗୋଟିଏ ଶିଳା ଲିପି ସଂଯୁକ୍ତ କରିଥିଲେ । ସେହି ସମୟରେ ତ୍ରିଭୁବନ ମହାଦେବୀ-ପୃଥ୍ୱୀ-ମହାଦେବୀ ପ୍ରତିଷ୍ଠା କରିଥିବା ନୀଳାଚଳର ପୁରୁଷୋତ୍ତମ ମନ୍ଦିର ତ୍ୟକ୍ତ ହୋଇ ରହିଲା, ଯାହାକି ଖ୍ରୀ: ୧୨ଶ ଶତାବ୍ଦୀ ଆରମ୍ଭ କାଳରେ ଗଙ୍ଗବଂଶୀୟ ମହାରାଜା ଚୋଡ଼ଗଙ୍ଗଦେବ ବିରାଟ ଆକାରରେ ବିଷ୍ଣୁ ମନ୍ଦିର ନିର୍ମାଣ କଲେ ଏବଂ ରାମାନୁଜଙ୍କ ପ୍ରବର୍ତ୍ତିତ ଶ୍ରୀ ବୈଷ୍ଣବ ସମ୍ପ୍ରଦାୟରୁ ତାଙ୍କର ବୈଷ୍ଣବ ଗୁରୁ ନିର୍ବାଚନ କରି ବିଷ୍ଣୁ-ଶିବ-ଶକ୍ତିଙ୍କୁ ସମ୍ମିଳିତ ଭାବେ ମନ୍ଦିରରେ ସ୍ଥାପନ କଲେ,ଏହା ଫଳରେ ନୀଳାଚଳ ଧାମର ବୈଶିଷ୍ଟ୍ୟ ଓ ମହାତ୍ମ୍ୟ ଭାରତର ସର୍ବତ୍ର ପ୍ରସାର ଲାଭ କଲା । ଶ୍ରୀ ପୁରୁଷୋତ୍ତମ- ଜଗନ୍ନାଥଙ୍କୁ ସ୍ପର୍ଶ କରିବା ଆଚଣ୍ଡାଳ ବ୍ରହ୍ମ ପର୍ଯ୍ୟନ୍ତ ସମସ୍ତଙ୍କର ଅଧିକାର ରହିଲା । ଏ ସମ୍ପର୍କରେ ଗୋଟିଏ ପ୍ରାଚୀନ ତାଳପତ୍ର ପୋଥି 'ବ୍ରହ୍ମ ପୁରାଣ'ରୁ ସଂଗୃହୀତ ନିମ୍ନୋକ୍ତ ଶ୍ଳୋକଟି ଉଦ୍ଧାର କରାଯାଇ ପାରେ—

ତତ୍ର ନାନା ବିଧୈର୍ବାଦ୍ୟୈଃ କୃଷ୍ଣଂ ନୀଳ ଘନଂ ଦ୍ୱିଜାଃ ।
ସାନ୍ଧିନଂ ଚ ସୁଭଦ୍ରାଂ ଚ ଜୟ ମଙ୍ଗଳ ନିସ୍ୱନୈଃ ॥
ବ୍ରାହ୍ମଣୈଃ କ୍ଷତ୍ରିୟୈର୍ବୈଶ୍ୟୈଃ ଶୂଦ୍ରୈରନ୍ୟୈଶ୍ଚ ଜାତିଭିଃ ।
ଅନେକ ଶତ ସାହସ୍ରୈ ଶ୍ଚୁତଂ ସ୍ତ୍ରୀ ପୁରୁଷୈର୍ଦ୍ୱିଜାଃ ॥
ଗୃହସ୍ଥାଃ ସ୍ନାତକାଶ୍ଚୈବ ଯତୟୋ ବ୍ରହ୍ମଚାରିଣଃ ।
ସାସ୍ନୟନ୍ତି ତଦା କୃଷ୍ଣଂ ମଞ୍ଚସ୍ଥଂ ସହଳାୟୁଧମ୍ ॥

ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହେଉଛି ଯେ, ଜାତି ଭେଦ ପ୍ରଥା ପୁରୁଷୋତ୍ତମ-କ୍ଷେତ୍ରରେ ଛିନ୍ନ ହୋଇଥିଲା । ତେଣୁ ଏହା ବୌଦ୍ଧ ଧର୍ମ ପ୍ରଭାବିତ ରାଜା ବା ଗୁରୁମାନଙ୍କ ସଂସ୍କୃତି ବୋଲି ନିଶ୍ଚିତ ଭାବେ କୁହାଯାଇପାରେ । ଭାରତର ଅନ୍ୟ କୌଣସି ଦେବ ସ୍ଥାନରେ ଏପରି ସର୍ବଧର୍ମର ସମନ୍ୱୟ ଘଟି ନାହିଁ ।

---

ଚିତ୍ରକର ଲେନ୍
ପାରଳାଖେମୁଣ୍ଡି
ଗଞ୍ଜାମ



ଇଟା ମନ୍ଦିର, ଝରିଆଲ

# ତାଲିମ ଓ ପରିଦର୍ଶନଭିତ୍ତିକ କୃଷି ସମ୍ପ୍ରସାରଣ କାର୍ଯ୍ୟକ୍ରମ

ନୂଆ ନୂଆ ବୈଜ୍ଞାନିକ ପଦ୍ଧତି ଉଦ୍‌ଭାବନ କରି ଦେଶର କୃଷି ବଢାଇବା ନିମନ୍ତେ ଗବେଷଣାଗାରରେ କୃଷି ବୈଜ୍ଞାନିକମାନେ ସର୍ବଦା କର୍ମରତ ଅଛନ୍ତି ।

ଗବେଷଣାଗାରର ଫଳାଫଳକୁ କୃଷକମାନଙ୍କ ନିକଟରେ ପହଞ୍ଚାଇ ଉଚିତ ଉପଯୋଗୀ କରିବା ନିମନ୍ତେ 1977 ମସିହାରୁ ରାଜ୍ୟରେ "ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମ" ଗ୍ରହଣ କରାଯାଇଛି ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର 51,639ଟି ଗ୍ରାମରେ ବାସ କରୁଥିବା କୃଷକମାନଙ୍କୁ ନୂତନ କୃଷି ପଦ୍ଧତିରେ ଅଭ୍ୟସ୍ତ କରାଇବା ସଙ୍ଗେ ସଙ୍ଗେ ନିୟମିତ ଆବଶ୍ୟକ ବୈଷୟିକ ପରାମର୍ଶ ଦେବାର ବ୍ୟବସ୍ଥା ରଖାଯାଇଛି ।

ଗ୍ରାମ୍ୟ ସ୍ତରରେ ଆଲୋଚନା ଚକ୍ର ଓ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ କୃଷି ବିଶେଷଜ୍ଞଙ୍କ, କୃଷି ସମ୍ପ୍ରସାରଣ ଅଧିକାରୀ ଓ ଗ୍ରାମ କୃଷି କର୍ମଚାରୀଙ୍କ ସହିତ ପରାମର୍ଶ କରିବାର ବ୍ୟବସ୍ଥା ରହିଛି ।

ବିଭିନ୍ନ ସମୟରେ ହେଉଥିବା ଆଲୋଚନା ଚକ୍ର ଓ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ କୃଷିଭାଇମାନେ ବହୁ ସଂଖ୍ୟାରେ ଭାଗ ନେଇ ଦେଶର କୃଷି ଉତ୍ପାଦନ ବୃଦ୍ଧିକୁ ଅଧିକ ତ୍ୱରାନ୍ୱିତ କରନ୍ତୁ ।

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର

# ଆମର ଏକତା ଓ ସଂସ୍କୃତି

ଡକ୍ଟର ଅମୂଲ୍ୟ ମହାପାତ୍ର

ଥରେ ଗ୍ରୀସ୍ ଦେଶର ମହାନ୍ ଦାର୍ଶନିକ ଡାୟୋଜେନାସ୍ ଦିବାଲୋକରେ ହାତରେ ଲଣ୍ଠନଟିଏ ଧରି ସେଠାକାର ଅଧିବାସୀମାନଙ୍କୁ ସହରର ରାସ୍ତାରେ ଦେଖିବାରେ ଲାଗିଥାଆନ୍ତି । ତାଙ୍କର ଏପରି କାର୍ଯ୍ୟ ଦେଖି ଅନେକ ବ୍ୟକ୍ତି ପାଗଳ ବୋଲି ଭାବୁଥାନ୍ତି । ମାତ୍ର ପ୍ରକୃତରେ ସେହି ଜ୍ଞାନ ପିପାସୁ ଦାର୍ଶନିକ ପାଗଳ ନଥିଲେ । ସେ କେବଳ ଗ୍ରୀସ୍‌ରେ ରହିଥିବା ସଂସ୍କୃତି ସମ୍ପନ୍ନ ବ୍ୟକ୍ତିଙ୍କୁ ଖୋଜିବାରେ ଲାଗିଥିଲେ । ଠିକ୍ ସେହିପରି ଆମର ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ ଆତ୍ମ ଜିଜ୍ଞାସା ମଧ୍ୟରେ ରହି ଭାବୁଥିଲେ, "ମୁଁ ଜାଣୁଛି ଭାରତ ବୋଲି ଗୋଟିଏ ଦେଶ ଅଛି, ମାତ୍ର ଏହି ଭାରତରେ କେଉଁମାନେ ଭାରତୀୟ ତାହା ଜାଣିପାରୁ ନାହିଁ" । ଏହିପରି ଚିନ୍ତା କରିବାର ଉଦ୍ଦେଶ୍ୟ ହେଲା, ଭାରତର ବିଭିନ୍ନ ପ୍ରଦେଶର ଲୋକମାନେ ନିଜକୁ ବଙ୍ଗାଳୀ, ମାଡ୍ରାସୀ, ପଞ୍ଜାବୀ, ଆସାମୀ ଓ ଓଡ଼ିଆ ବୋଲି ପରିଚୟ ଦେଉଥିଲେ, ମାତ୍ର କୌଣସି ବ୍ୟକ୍ତି ନିଜକୁ ଭାରତୀୟ କହିବାକୁ ପସନ୍ଦ କରୁ ନଥିଲେ । ତେଣୁ ଦାର୍ଶନିକ ଡାୟୋଜେନାସଙ୍କ ପରି ପଣ୍ଡିତ ନେହେରୁ "ଭାରତୀୟ କିଏ" ତାହା ଠାବ୍ କାଣି ପାରୁ ନଥିଲେ ।

ସେହି ପରିପ୍ରେକ୍ଷୀରେ ସ୍ୱାମୀ ବିବେକାନନ୍ଦ ତାଙ୍କର ଜାତୀୟତା ଭାବର ବକ୍ତୃତା ଦେଲାବେଳେ ଭାରତୀୟମାନଙ୍କୁ ଆହ୍ୱାନ ଦେଇ କହିଥିଲେ "ଆମେ ପ୍ରଥମେ ଭାରତୀୟ ତା' ପରେ ବଙ୍ଗାଳୀ, ଓଡ଼ିଆ, ମାଡ୍ରାସୀ, ତେଲୁଗୁ, ମରାଠୀ ବା ଗୁଜୁରାଟୀ" । ଆମେ ସମସ୍ତେ ମିଳିମିଶି ଦେଶବାସୀଙ୍କର ଦାରିଦ୍ର୍ୟ ଓ ଅଜ୍ଞତା ଦୂର କରିବାକୁ ବଦ୍ଧ ପରିକର ହେବା ।

ଭାରତ ଏକ ବିଶାଳ ଦେଶ । ଏଠାରେ ଭିନ୍ନଭିନ୍ନ ଜାତି ଓ ଧର୍ମର ବ୍ୟକ୍ତିମାନେ ବାସ କରନ୍ତି । ସେମାନଙ୍କର ଆଚାର, ବ୍ୟବହାର, ଚାଲିଚଳନ, ପର୍ବ ପର୍ବାଣୀ ବେଶଭୂଷା ପ୍ରଭୃତି ଭିନ୍ନଭିନ୍ନ ହୋଇଥିଲେ ମଧ୍ୟ ଯେଉଁ ଜାତୀୟ ମନ୍ତ୍ରରେ ଆମେ ସମସ୍ତେ ଓତପ୍ରୋତ ଭାବରେ ଜଡ଼ିତ, ତାହାହେଲା ଆମର ଏକତା ଓ ଜାତୀୟ ସଂହତି । ସମସ୍ତ ବିଭେଦ ଓ ବୈଷମ୍ୟ ଥାଇ ସୁଦ୍ଧା ଆମର ଏକତା ଓ ସଂହତି ନଷ୍ଟ ହୋଇ ନାହିଁ । ଭିନ୍ନତା ମଧ୍ୟରେ ଏକତା ଓ ଅନେକତ୍ୱ ମଧ୍ୟରେ ଐକ୍ୟ ପ୍ରତିଷ୍ଠିତ ହୋଇଥାଏ ।

ଆମ ଦେଶର ଉତ୍ତରରେ ହିମାଳୟ ପର୍ବତ ଓ ଦକ୍ଷିଣରେ ଭାରତ ମହାସାଗର ଯଥାକ୍ରମେ ଭାରତମାତାର ମୌଡମଣି ଓ ପଦଧୌତ କାରିଣୀ ଭାବରେ ରହି ଏକତାର ସୂତ୍ରକୁ ମଜବୁତ୍ କରି ପାରିଛି । ସେହିପରି ଆମର ଏହି ଭାରତରେ ବିଭିନ୍ନ ଜାତିର ଲୋକ ଦେଖାଗଲେ ମଧ୍ୟ ଆମେ ସମସ୍ତେ ଏହି ଭାରତ ମାତାର ସନ୍ତାନ । ଗୋଟିଏ ମା'ର ଆମେ ସମସ୍ତେ ଭାଇ ଓ ଭଉଣୀ । ଦ୍ୱିତୀୟତଃ ଭାରତ ମୁଖ୍ୟତଃ ହିନ୍ଦୁସ୍ଥାନ ନାମରେ ପରିଚିତ । ଆମମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଜାତି ଥିଲେ ମଧ୍ୟ ଆମେ ସେହି ମହାନ ମୁନି ଋଷିଙ୍କର ବଂଶଧର । ବେଦ ଉପନିଷଦ ଓ ଗୀତା ଆମର ଜ୍ଞାନର ମୂଳ ଉତ୍ସ । ଆମେ ଯେଉଁ ପ୍ରାର୍ଥନା କରୁଁ ତାହାମଧ୍ୟ ଦେଶର ଏକତା ଓ ସଂହତି ନିମନ୍ତେ ଉଦ୍ଦିଷ୍ଟ । ଯଥା- ସର୍ବେ ଭବନ୍ତୁ ସୁଖିନଃ, ସର୍ବେ- ସନ୍ତୁ ନିରାମୟା... । ଆମର ଭାବନା ହେଉଛି- "ଆତ୍ମବତ୍ ସର୍ବଭୂତେଷୁ"... । ଆମର ଦର୍ଶନ ହେଉଛି— "ସର୍ବମ୍ ଖଳ୍ୱିଦଂ ବ୍ରହ୍ମ" ଓ ଆମର ଲକ୍ଷ୍ୟ ହେଲା— "ବସୁଧୈବ କୁଟୁମ୍ବକମ୍" । ସଂସ୍କୃତ ଆମର ଆଦିଭାଷା । ଗଣତନ୍ତ୍ର ଆମର ଶାସନ ନୀତି । ଏହି ସମସ୍ତ ସମନ୍ୱୟ ଓ ଏକତା ମଧ୍ୟରେ ଆମେ ଭାରତୀୟ ହେଉଛୁ ଶାନ୍ତିପ୍ରିୟ । ଶାନ୍ତି ଓ ସଂହତି ଆମ ଜୀବନର ମହାନ୍ ପାଥେୟ । ଅହିଂସା ଆମର ଆଚରଣ । ଏହି ଅହିଂସା ମାଧ୍ୟମରେ ଆମେ ଆମର ସ୍ୱାଧୀନତା ହାସଲ କରିଛୁ । ଶ୍ରୀ ଅରବିନ୍ଦଙ୍କର ରୂପାନ୍ତର ଓ ବିବର୍ତ୍ତନ ଧାରାରେ ଆମେ ବିଶ୍ୱାସ କରୁଁ । ଗାନ୍ଧୀଙ୍କର ସତ୍ୟ, ଅହିଂସା ଓ ସତ୍ୟାଗ୍ରହ ଆମର ଆଶ୍ରୟ ଓ ଅବଲମ୍ବନ । ଶ୍ରୀ ରାମକୃଷ୍ଣଙ୍କର ସର୍ବଧର୍ମ ସମନ୍ୱୟ ମନ୍ତ୍ରରେ ଆମେ ସମସ୍ତେ ଉଦ୍‌ଭାସିତ । ଆମର ଅଥର୍ବ ଓ ଯଜୁର୍ବେଦ "ରାଷ୍ଟ୍ର" ଶବ୍ଦର ସୁପ୍ରୟୋଗ ବହନ କରି ଏହାର ପ୍ରାଧାନ୍ୟ ପ୍ରତିପାଦନ କରେ ।

ଏହା ସତ୍ତ୍ୱେ ଆମମାନଙ୍କ ମଧ୍ୟରେ ଯେଉଁ ଭେଦଭାବ, ଭିନ୍ନତା ଓ ସଂକୀର୍ଣ୍ଣତା ଦେଖା ଦେଉଥାଏ ତାହା ଆମର ଏକତା ଓ ସଂହତିରେ କୁଠାରଘାତ କରେ । ଏହାର କାରଣ ପ୍ରତି ଦୃଷ୍ଟିପାତ କଲେ ଦେଖାଯାଏ, ପ୍ରତ୍ୟେକ ମାନବଠାରେ ମୁଖ୍ୟତଃ ପ୍ରକୃତି, ବିକୃତି ଓ ସଂସ୍କୃତି ସବୁ ସମୟରେ କର୍ମ ମୁଖର ହୋଇଥାଏ । ଆମର ଶାରୀରିକ ଓ ମନସ୍ତାତ୍ତ୍ୱିକ ପ୍ରଭାବରେ ପ୍ରକୃତି କାର୍ଯ୍ୟ କରେ । ଯେପରି ଆମର ଖାଦ୍ୟପେୟ ଓ ସୁଖ ଶାନ୍ତି ପ୍ରଭୃତି ପ୍ରକୃତିଗତ ସ୍ୱଭାବ । ଯାହାକୁ ସହଜରେ ଉପଲବ୍ଧି କରିବାକୁ ପଡ଼ିଥାଏ । ଆମର ସଂସ୍କୃତି ହେଉଛି— ଆମର ତ୍ୟାଗ ଓ ମହାନୀୟତା । ଯେତେବେଳେ ଆମେ ଆମର ଖାଦ୍ୟକୁ ନିଜେ ନ ଖାଇ ତାହାକୁ ଅନ୍ୟକୁ ଦେଇ କ୍ଷୁଧା ନିବାରଣ କରିଥାଉଁ— ତାହାହିଁ ଆମର ସଂସ୍କୃତି ଓ ଦର୍ଶନ । ଇଶାବାସ୍ୟୋପନିଷଦରେ ତେଣୁ ଉଲ୍ଲେଖ ଅଛି—

"ତେନ ତ୍ୟକ୍ତେନ ଭୁଞ୍ଜିଥା" । ଅର୍ଥାତ୍ ତ୍ୟାଗମୟ ଜୀବନ ହେଉଛି ଏକ ମହାନ ଯଜ୍ଞ । ପ୍ରଥମେ ଆମେ ଆମର ଖାଦ୍ୟକୁ ଦୀନ ଦରିଦ୍ର ବୁଭୁକ୍ଷୁଙ୍କୁ ଦେଇ ତାହାପରେ ନିଜେ ଗ୍ରହଣ କରିଥାଉଁ । ଆମର ବିକୃତି ହେତୁ ଆମେ ଖାଦ୍ୟ ଦ୍ରବ୍ୟକୁ ଖାଇ ନଷ୍ଟ କରି ତାହାର ଅପପ୍ରୟୋଗ କରିଥାଉଁ, ମାତ୍ର ତାହାକୁ ଅନ୍ୟକୁ ଦେଇ ନାହୁଁ । ଏହି ବିକୃତି ହେତୁ ଆମେ ସମସ୍ତେ କୁକର୍ମ ଓ କୁ ଚିନ୍ତାରେ ଲିପ୍ତ ଥାଉଁ । ଏହା ଆମର ସାତ୍ତ୍ୱିକ ଭାବନାକୁ ନଷ୍ଟ କରି ଦେଇଥାଏ । ଆମମାନଙ୍କ ମଧ୍ୟରେ ରହିଥିବା ପଶୁଗୁଣ ବା ଆସୁରୀୟ ଗୁଣ ଏହି ବିକୃତିର ପରିଚାୟକ । ମନୁଷ୍ୟର ସମସ୍ତ ବିକାର ଭାବନା ଏହି ବିକୃତି ହେତୁ ହୋଇଥାଏ । ତେଣୁ ଆମର ଏକତା ଓ ଜାତୀୟ ସଂହତି ରୂପକ ମାନବିକ ଗୁଣ ଏହି ବିକାର ଓ ବିକୃତି ହେତୁ ତାହାର ଅପପ୍ରୟୋଗ ହୋଇଥାଏ । ଯେତେବେଳେ ମନୁଷ୍ୟ କେବଳ ଆତ୍ମ ସ୍ୱାର୍ଥ ଓ ସଂକୀର୍ଣ୍ଣତା ମଧ୍ୟରେ ଆବଦ୍ଧ ହୋଇ ରହିଥାଏ । ସେ କେବଳ ପେଟ ଓ ପ୍ରଜନନ ଚିନ୍ତାରେ ନିଜକୁ ସୀମିତ କରି ରଖିଥାଏ । ଫଳରେ ମହାନ ଭାବନା, ଜାତୀୟ ଚିନ୍ତାଧାରା, ବିଶ୍ୱଭାଇ ଧାରା ଓ ଭାତୃତ୍ୱ ଲୁପ୍ତ ହୋଇଯାଏ । ନିଜକୁ ନିଜର ସର୍ବସ୍ୱ ଓ ପୃଥିବୀ ମନେକରି ମନୁଷ୍ୟ ସଦାସର୍ବଦା ଆତ୍ମ ସ୍ୱାର୍ଥ ନିମନ୍ତେ ସଂଗ୍ରାମ କରିଚାଲେ । ସେପରି ପଦକ୍ଷେପରେ ସେ ଯେଉଁ ଏକତାର ଆଶ୍ରୟ ନିଏ, ତାହା ସମୂହ କଲ୍ୟାଣ ଦିଗରେ କାର୍ଯ୍ୟ ନକରି ବରଂ ତାହା ମାନବର ବିନାଶ ସାଧନ କରିଥାଏ ।

ଏକତା ଓ ସଂହତିର ଆବଶ୍ୟକତା ଯୁଗେ ଯୁଗେ ରହି ଆସିଛି । ଶ୍ରୀ ରାମଚନ୍ଦ୍ର ଏକତା ଓ ସଂହତି ବଳରେ ବାନରସେନାଙ୍କୁ ଏକତ୍ରିତ କରାଇ ସୀତାଙ୍କୁ ଉଦ୍ଧାର କରିଥିଲେ । ମାତ୍ର ରାବଣର ଏକତା ଓ ସଂହତି ଅଭାବରୁ ସେ ମୃତ୍ୟୁ ବରଣ କରିଥିଲେ । ସୌର ମଣ୍ଡଳ, ଗ୍ରହନକ୍ଷତ୍ର ପ୍ରକୃତିରେ ମଧ୍ୟ ସଂହତି ରହିଛି । ମହୁମାଛି ଓ ପିମ୍ପୁଡ଼ିଠାରେ ଅଧିକ ସଂହତି ଓ ଏକତା ମଧ୍ୟ ଦୃଷ୍ଟି ଗୋଚର ହୋଇଥାଏ । ତେଣୁ କୁହାଯାଉଛି ଯେ "ସଂଘ ଶକ୍ତି କଳୌଯୁଗେ" । ଯାହା ଜଣଙ୍କ ଦ୍ୱାରା ସମ୍ଭବ ନହୁଏ ତାହା ପାଞ୍ଚଜଣଙ୍କ ଦ୍ୱାରା ସମୟ ବିଶେଷରେ ସଫଳ ହୋଇଥାଏ । କେତେକ କାର୍ଯ୍ୟରେ ପଦକ୍ଷେପ ଦ୍ୱାରା ବିଶେଷ ଫଳ ମିଳିଥାଏ । ଏପରିକି ଭିନ୍ନ ଭିନ୍ନ ଜାତିର ପଶୁ ଜନ୍ତୁଙ୍କର ମଧ୍ୟରେ ସଂହତି ଥିବାର ଦେଖାଯାଏ । ଯେପରି ହରିଣ, ବଳଦ, ମୃଗ, କାଉ । ସେହିପରି ପକ୍ଷୀପରେ ମଧ୍ୟ ଜୀବଜନ୍ତୁ ମଧ୍ୟରେ ସଂହତି ଥିବାର ଦେଖାଯାଏ । ଯେଉଁ ଦେଶ ଯେତେ ଅଧିକ ସଂହତି ଓ ଏକତାରେ ବଳିୟାନ୍ ସେ ଦେଶ ସେତେ ଉନ୍ନତ ଓ ବିକାଶ ଶୀଳ । ବାହାର ଓ ଭିତରର ଶତ୍ରୁମାନେ ସେଠାରେ ତାଙ୍କର ବିକୃତ ରୂପ ଓ ଅସଦ୍-ଆଚରଣ କରିପାରନ୍ତି ନାହିଁ । ଆଜିର ଯୁଗରେ ସଂହତି ଓ ଏକତା ଆମର ଦେଶ ଜାତିର ଉନ୍ନତି ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ ।

ଏକତା ହେଉଛି ଆମର ଶକ୍ତି । ସଂହତି ଆମର ଐତିହ୍ୟ । ଏହା ମନୁଷ୍ୟର ମାନବିକ ଗୁଣକୁ ଧାରଣ କରିଥାଏ । ଏକତା ଓ ସଂହତି ବିନାରେ କୌଣସି କାର୍ଯ୍ୟ ସୁରୁଖୁରୁରେ ହୋଇପାରେ ନାହିଁ । ଜନତାର ଏକତା ଦେଶର ଶକ୍ତି ଓ ସାହସ ।

ଆମ ଦେଶର ଜନକ ମହାତ୍ମା ଗାନ୍ଧୀ ଭାରତର ପ୍ରତ୍ୟେକ ସନ୍ତାନକୁ ପରସ୍ପର ଭାଇଭାଇ ଭାବରେ ବଞ୍ଚିବାକୁ ପରାମର୍ଶ ଦେଇଥିଲେ । ଦେଶର ଏକତା ନିମନ୍ତେ ସେ ସ୍ୱରାଜ୍ୟ, ସ୍ୱଦେଶୀ, ଅସ୍ପୃଶ୍ୟତା ନିବାରଣ ଓ ହିଂସା ନିବାରଣ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ସ୍ୱାଧୀନତାର ମୂଳରେ ଥିଲା ଚେତନାର ଜାଗରଣ । ଗାନ୍ଧିଜୀଙ୍କର ଅହିଂସା ମନ୍ତ୍ରରେ ଏକ ଦେଶପ୍ରେମ ଭାବନା ସୃଷ୍ଟି ହୁଏ । ଏହାଦ୍ୱାରା ପ୍ରତ୍ୟେକ ଲୋକର ଆମର ଦେଶରେ ପ୍ରସ୍ତୁତ ହେଉଥିବା ସାମଗ୍ରୀ ପ୍ରତି ଆଗ୍ରହ ସୃଷ୍ଟି ହୁଏ । ସ୍ୱଦେଶୀ ଜରିଆରେ । ଏହା ମନୁଷ୍ୟର ଓ ନିଜର ମାନବ ଜାତି ପ୍ରତି ଆଗ୍ରହ ସୃଷ୍ଟି ଆତ୍ମନିର୍ଭର ସୃଷ୍ଟି କରିଥାଏ । ସେହିପରି ଅସ୍ପୃଶ୍ୟତା ନିବାରଣ ବ୍ୟତୀତ ସମାଜରେ ଏକତା ସୃଷ୍ଟି ପାଇବା ଅସମ୍ଭବ । ଉଚ୍ଚନୀଚ ଭେଦଭାବ

ଦୂରେଇ ଦେବାକୁ ହେବ । ଯେହେତୁ ଆମେ ସମସ୍ତେ ଗୋଟିଏ ମାଆର ସନ୍ତାନ । ଏହି ସଂକୀର୍ଣ୍ଣତା ଆମର ମାନବିକ ଗୁଣର ବିକାଶ ଓ ସଂହତି ବୃଦ୍ଧି ଦିଗରେ ଅନ୍ତରାୟ ସୃଷ୍ଟି କରିଥାଏ । ନିଶାନିବାରଣ ଦ୍ୱାରା ମନୁଷ୍ୟ ତାର ବିକୃତି ଠୁ ଦୂରରେ ରହିବାକୁ ପ୍ରୟାସ କରେ । ନିଶାପାନ କରି ଅନେକ ବ୍ୟକ୍ତି ତାଙ୍କର ବିବେକ ଅନୁସାରେ କାର୍ଯ୍ୟ କରିବାରେ ଅକ୍ଷମତା ପ୍ରକାଶ କରନ୍ତି । ସେମାନଙ୍କ ଠାରେ ଭଲମନ୍ଦର ବିଚାର ନଥାଏ । ନିଶାରେ ବିଭୋର ହୋଇ ସେମାନେ ଅନେକ କୁକର୍ମ ମଧ୍ୟ କରି ବସନ୍ତି । ତେଣୁ ଦେଶର ସଂହତି ମାର୍ଗରେ ଏହା ବାଧା ସୃଷ୍ଟି କରେ । ଆମର ଭୂତପୂର୍ବ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଭାରତର ଏକତା ଓ ସଂହତି ନିମନ୍ତେ ଅନେକ ପ୍ରୟାସ କରି ଯାଇଛନ୍ତି । ସେମାନଙ୍କ ଅବଦାନ ଭାରତ ପ୍ରତି ଅତି ମହାନ୍, ଯାହାକୁ କଳନା କରିବା କଷ୍ଟକର । ସେହି ପରିପ୍ରେକ୍ଷୀରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜନ୍ମ ଦିବସକୁ ଜାତୀୟ ସଂହତି ଦିବସ ଓ ସେହି ସପ୍ତାହକୁ "କ୍ୱାମୀ ଏକତା ସପ୍ତାହ" ଭାବରେ ସାରା ଭାରତରେ ପାଳନ କରାଯାଉଛି । ଏହା ଫଳରେ ଦେଶବାସୀ ଆଗରେ ଏକତା ଓ ସଂହତି ଚେତନାର ପୁନରୁଦ୍ଧାର ଦିଗରେ ସହାୟ ହୋଇ ପାରିବ ।

ଏହା ବ୍ୟତୀତ ଭାରତରରେ ରହିଥିବା ଧର୍ମ ନୀତିର ବୈଷମ୍ୟ ଓ ସଂକୀର୍ଣ୍ଣତାକୁ ଦୂରେଇବାକୁ ପଡ଼ିବ । ଧର୍ମ ନାମରେ ଅନେକ ବ୍ୟକ୍ତି ଠକେଇ ହୀନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ପ୍ରତ୍ୟେକ ଧର୍ମର ଉଦ୍ଦେଶ୍ୟ ସମାଜର ହିତ ସାଧନ କରିବା । ଭିନ୍ନ ଭିନ୍ନ ଧର୍ମର ଲକ୍ଷ୍ୟ ଏକ ହୋଇଥାଏ । ଯେହେତୁ ପ୍ରତ୍ୟେକ ଧର୍ମ ସେହି ଏକ ଅଦ୍ୱିତୀୟ ପରମ୍ ବ୍ରହ୍ମଙ୍କୁ ଉପାସନା କରିଥାନ୍ତି । ଏହାର ମାର୍ଗ ଭିନ୍ନ ହେଲେମଧ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଭିନ୍ନ ନୁହେଁ । ପ୍ରତ୍ୟେକ ଧର୍ମ ସତ୍ୟ, ଶିବ ଓ ସୁନ୍ଦରକୁ ଗ୍ରହଣ କରିଥାନ୍ତି । ପ୍ରତ୍ୟେକ ଧର୍ମକୁ ଭାରତରେ ସମାନ ମର୍ଯ୍ୟାଦା ଓ ସ୍ଥାନ ଦିଆଯାଇଥାଏ । ଯେହେତୁ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ଶ୍ରୀ ରାମକୃଷ୍ଣ ପରମହଂସ ଦେଶର ସମସ୍ତ ଧର୍ମକୁ ଏକ ଦୃଷ୍ଟିରେ ଦେଖୁଥିଲେ । ତାଙ୍କଠାରେ ହିନ୍ଦୁ, ଖ୍ରୀଷ୍ଟିୟାନ ଓ ଇସଲାମ୍ ଧର୍ମ ପରସ୍ପର ପରିପୂରକ । ମାତ୍ର କେହି କାହାର ବିରୋଧ ନୁହେଁ । ଉଦାହରଣ ସ୍ୱରୂପ ଗୋଟିଏ ଘରକୁ ବିଭିନ୍ନ ଦିଗରୁ ତାହାର ଚିତ୍ର ଉଠାଇଲେ ତାହା ଭିନ୍ନ ଭିନ୍ନ ଆକାର ହୋଇଥିଲେ ମଧ୍ୟ ତାହା ଯେପରି ସେହି ଘରକୁ ବୁଝାଇଥାଏ, ସେହିପରି ଭିନ୍ନ ଭିନ୍ନ ଧର୍ମ ମଧ୍ୟରେ ସେହି ଏକ ଈଶ୍ୱର ବିଦ୍ୟମାନ ରହିଥାନ୍ତି ।

ଏତଦ୍ ବ୍ୟତୀତ ଅଦ୍ୱୈତ ବେଦାନ୍ତ ଶାସ୍ତ୍ର ଅନୁସାରେ ଜୀବ ଓ ବ୍ରହ୍ମ ମଧ୍ୟରେ କୌଣସି ପ୍ରଭେଦ ନାହିଁ । "ଜୀବ ବ୍ରହ୍ମୈବ ନାପର" ଅଥବା "ସର୍ବମ୍ ଖଳ୍ୱିଦଂ ବ୍ରହ୍ମ" । ଅର୍ଥାତ୍ ସମସ୍ତ ଜୀବ ମଧ୍ୟରେ ଭଗବାନଙ୍କର ସତ୍ତା ବିଦ୍ୟମାନ । ତେଣୁ ପ୍ରତ୍ୟେକ ପ୍ରାଣୀକୁ ଆମେ ସ୍ୱୟଂ ନାରାୟଣଙ୍କର ଏକ ରୂପ ବୋଲି ଗ୍ରହଣ କରିବା ଆବଶ୍ୟକ । ଯଦି ଆମେ ଏହି ଦର୍ଶନରେ ଅନୁପ୍ରାଣିତ ହେବୁ, ତା ହେଲେ ସମଗ୍ର ମାନବ ସମାଜ ଆମର ଆତ୍ମୀୟ ଓ ନିଜର ହୋଇ ରହିବ । କାହା ପ୍ରତି ଅସତ୍ ଆଚରଣ କରିବୁ ନାହିଁ । ଆମେ ଈଶ୍ୱରଙ୍କର ସତ୍ତାଥିବା ଜୀବ କାହାରି ହୃଦୟରେ ବ୍ୟଥା ବା କଷ୍ଟ ଦେବାକୁ ଆମେ ଇଚ୍ଛା କରିବୁ ନାହିଁ । ସମସ୍ତଙ୍କୁ ଉପଯୁକ୍ତ ସମ୍ମାନ ଦେବୁ । ଫଳରେ "ବସୁଧୈବ କୁଟୁମ୍ବକମ୍" ଭାବନା ଆମ ମନରେ ଜାଗ୍ରତ ହେବ । ସମସ୍ତେ ସୁଖ ଶାନ୍ତିରେ ଦିନାତିପାତ କରିବେ । ଆମେ ସେହି ଅମୃତର ସନ୍ତାନ– ପରମାତ୍ମାଙ୍କର ନିର୍ଦ୍ଦେଶରେ ପରିଚାଳିତ ହେବୁ । ଯେହେତୁ ସମସ୍ତଙ୍କଠାରେ ସେହି ଆତ୍ମା ବିଦ୍ୟମାନ । ତାହାକୁ ଅପମାନ ହେଲାଭଳି କୌଣସି କାର୍ଯ୍ୟ ଆମେ କରିବୁ ନାହିଁ । ଏହାଦ୍ୱାରା ଆମମାନଙ୍କ ମଧ୍ୟରେ ଉପୁଜୁଥିବା କଳହ, ଗଣ୍ଡଗୋଳ, ବିଭେଦ, ଅନ୍ୟାୟ ଓ ଅତ୍ୟାଚାର ସୃଷ୍ଟିହେବ ନାହିଁ ।

ଏହା ବ୍ୟତୀତ ଭାଷାଗତ ବୈଷମ୍ୟ ଓ ରାଜନୀତି ବୈଷମ୍ୟ ପ୍ରଭୃତି ଦେଶର ଏକତା ଓ ସଂହତିରେ ବାଧା ସୃଷ୍ଟି କରିଥାଏ । ଆମର ଭାଷା ମନର ଭାବ ପ୍ରକାଶ କରିବାରେ ସହାୟ ହୋଇଥାଏ । ସେହିଭାଷା ଆମର ମାତୃଭାଷା । ଭାରତ ଆମର ମାଆ । ତେଣୁ ଆମକୁ ତାହାର ଏକ ଭାଷା ସମସ୍ତଙ୍କ ପ୍ରତି ପ୍ରଯୁକ୍ତ୍ୟ କରିବା ଅତି ଆବଶ୍ୟକ । ଦେଶର ଭିନ୍ନ ଭିନ୍ନ ଭାଷା କେବଳ ଆଞ୍ଚଳିକ ଭାଷା । ତେଣୁ ଆମର ରାଷ୍ଟ୍ରୀୟ ଭାଷା ହିନ୍ଦିକୁ ଅଧିକ ଗୁରୁତ୍ୱ ଦେବାକୁ ହେବ । ଭାଷାଗତ ବୈଷମ୍ୟ ଦୂର ନ ହେଲା ଯାଏଁ ଆମର ଆଞ୍ଚଳିକ ବୈଷମ୍ୟ ଦୂର ହୋଇ ପାରିବ ନାହିଁ । ମଧୁସୂଦନ ତାଙ୍କର କବିତାରେ ଲେଖିଛନ୍ତି–

''ମାତୃଭୂମି ମାତୃଭାଷା ଉଭୟେ ଜନନୀ
ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ'' ।

ରାଜନୀତି କ୍ଷେତ୍ରରେ ମଧ୍ୟ ସେହିକଥା । ଯେତେ ରାଜନୀତି ଦଳ ରହିଲେ ସୁଦ୍ଧା ସେମାନଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଦେଶର ହିତ ସାଧନ ହେବ ଆବଶ୍ୟକ । ଅବଶ୍ୟ ରାଜନୀତି ଦଳ ଯେତେ ବୃଦ୍ଧି ପାଇବ ତାହା ଆମ ଦେଶର ଏକତା ଓ ସଂହତି କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିବ । ଗୋପବନ୍ଧୁ କହିଛନ୍ତି–

''ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ
ବିଶ୍ୱ ହିତେ ହିନ୍ଦୁ ପ୍ରତିଗଭ ବିନ୍ଦୁ'' ।

ତେଣୁ ସମସ୍ତ ବିଭେଦ ଓ ବୈଷମ୍ୟ ମଧ୍ୟରେ ରହି ସୁଦ୍ଧା ଆମକୁ ଜାତୀୟ ସଂହତି ଓ ଏକତା ନିମନ୍ତେ ଆପ୍ରାଣ ଉଦ୍ୟମ କରିବାକୁ ହେବ । ମହାତ୍ମା ଗାନ୍ଧୀଙ୍କ ମତରେ ଆମେ ସମସ୍ତେ ଏକ ବଗିଚାର ଭିନ୍ନ ଭିନ୍ନ ଫୁଲର ଗୋଟିଏ ହାର । ଆମର ଏକତା ହେଉଛି– ଏକାମତା ଓ ସଂହତି ହେଉଛି ଜୀବନ ସଂହତି ଯାହାକୁ ରବିନ୍ଦ୍ରନାଥ ଠାକୁର ''ଜୀବନ ଦେବତା'' ବୋଲି କହିଛନ୍ତି । ଭାରତ ହେଉଛି ଏକ ରାଷ୍ଟ୍ର, ଏକ ସଂହତି ଓ ଏକ ଧର୍ମ ମୋନବ ଧର୍ମ । ଆମର ସଂସ୍କୃତି ହେଉଛି ବିଶ୍ୱ ଦରବାରରେ ପ୍ରଥମ । ତେଣୁ ଯଜୁର୍ବେଦରେ କୁହାଯାଇଛି– 'ସା ପ୍ରଥମା ସଂସ୍କୃତି ବିଶ୍ୱଧାରା' । ଗୋପବନ୍ଧୁ ଦାସ ତାଙ୍କର କବିତାରେ ଲେଖିଛନ୍ତି–

ସର୍ବେ ଆମେ ଏକ ଈଶ୍ୱର ସନ୍ତାନ
ସାଧ ବିଶ୍ୱହିତେ ତେଜି ଅଭିମାନ ।

ତେଣୁ ଏକ ଈଶ୍ୱରଙ୍କ ସନ୍ତାନ ଭାବରେ ଆମେ ସମସ୍ତେ ମାନ ଅଭିମାନ ତ୍ୟାଗ କରି ବିଶ୍ୱହିତରେ ନିଜକୁ ନିୟୋଜିତ କରିବା ଆବଶ୍ୟକ । ସମସ୍ତଙ୍କ ମଧ୍ୟରେ ନିଜକୁ ଓ ନିଜ ମଧ୍ୟରେ ସମସ୍ତଙ୍କୁ ଦେଖିବା ଆମର ଧର୍ମ । ଆମର ଏହି ନୀତି ଜାତୀୟ ସଂହତି । ଏକତା ବୃଦ୍ଧି କରିବାରେ ସାହାଯ୍ୟ କରିପାରିବ । ଫଳରେ ଦେଶରେ ଶାନ୍ତି, ମୈତ୍ରୀ, ଭ୍ରାତୃଭାବ ଓ ଏକତା ପ୍ରତିଷ୍ଠା ହୋଇ ପାରିବ ।

ଡି:ଏ:ଭି କଲେଜ, କୋରାପୁଟ
କୋରାପୁଟ-୭୬୪୦୨୦



# ଉତ୍କଳ ଗୌରବ ମଧୁସୂଦନ ଓ ମହାତ୍ମା ଗାନ୍ଧୀ

ଶ୍ରୀ ବଳରାମ ମହାନ୍ତି

ଉତ୍କଳ ଗୌରବ ମଧୁସୂଦନ ଓ ମହାତ୍ମା ଗାନ୍ଧୀଙ୍କ ଜୀବନ ଦର୍ଶନ, ଅଭିମୁଖ୍ୟ ଓ କାର୍ଯ୍ୟପନ୍ଥା ଭିତରେ କେତେକ କ୍ଷେତ୍ରରେ ମୌଳିକ ବିରୋଧ ଥିଲେ ମଧ୍ୟ ଉଭୟଙ୍କ ଭିତରେ ଆଶ୍ଚର୍ଯ୍ୟଜନକ ମେଳ ଥିଲା । ଭାରତରେ ସ୍ୱାଧୀନତା ସଂଗ୍ରାମ ପାଇଁ ମହାତ୍ମା ଗାନ୍ଧୀ ବ୍ରିଟିଶ ଶାସନ ସହିତ ଅସହଯୋଗକୁ ତାଙ୍କ ମୂଳନୀତି ଭାବରେ ଗ୍ରହଣ କରିଥିଲେ । ଏହି ଅସହଯୋଗ ନୀତି ପ୍ରତି ଦେଶରେ ଜନ ସମର୍ଥନ ମିଳିଥିଲା । ତେଣୁ ସ୍ୱାଧୀନତା ସଂଗ୍ରାମରେ ସମସ୍ତ ପର୍ଯ୍ୟାୟରେ ଗାନ୍ଧୀଜୀଙ୍କ ନେତୃତ୍ୱରେ ଏହି ନୀତି ଅନୁସରଣ କରାଯାଇଥିଲା । ମାତ୍ର ବ୍ରିଟିଶ୍ ଶାସନ ପ୍ରତି ଅସହଯୋଗ ନୀତି ଘୋଷଣା କରାଗଲା ସେତେବେଳେ କଂଗ୍ରେସ ଅନ୍ତର୍ଗତ କେତେକ ବିଶିଷ୍ଟ ବୁଦ୍ଧିଜୀବୀ ନେତା ଏହାକୁ ସମର୍ଥନ କରିନଥିଲେ । ସେମାନେ ଭାରତର ସ୍ୱାଧୀନତା ଚାହୁଁଥିଲେ ମଧ୍ୟ ବିଧାନ ସଭାରେ ପ୍ରବେଶ କରି ଲଢ଼ି କରିପାରିଲେ ସ୍ୱାଧୀନତା ହାସଲ କରାଯାଇ ପାରିବ ବୋଲି ବିଶ୍ୱାସ କରୁଥିଲେ । ଦାଦାଭାଇ ନାଓରୋଜୀ ଓ ଗୋପାଳକୃଷ୍ଣ ଗୋଖେଲଙ୍କ ପରି ଉତ୍କଳ ଗୌରବ ମଧୁସୂଦନ ଦାସ ମଧ୍ୟ ଏହିଭଳି ମତର ସମର୍ଥକ ଥିଲେ । ଦେଶର ଜଣେ ଉଦାରପନ୍ଥୀ ନେତା ଭାବରେ ମଧୁସୂଦନ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ ଅସହଯୋଗ ଦ୍ୱାରା ନୁହେଁ ବିଧାନ ପରିଷଦ ଜରିଆରେ ସ୍ୱାଧୀନତା ହାସଲ ଶ୍ରେୟସ୍କର ମଣ୍ଡା । ୧୯୨୧ ମସିହା ମାର୍ଚ୍ଚ ୧୯ ତାରିଖରେ ବିହାର-ଓଡ଼ିଶା ବିଧାନ ସଭାରେ ଭାଷଣ ଦେଇ ମଧୁସୂଦନ ସ୍ପଷ୍ଟ ଭାବରେ କହିଥିଲେ, "ଆମେ [illegible] ଯେ ଆମେ ବିଧାନ ପରିଷଦ ଭିତରେ ହିଁ ସ୍ୱରାଜ ପାଇଁ [illegible] ଭାରତର ସର୍ବଶ୍ରେଷ୍ଠ ରାଜନୀତିଜ୍ଞ ଦାଦାଭାଇ [illegible] ଘୋଷଣା କରିଥିଲେ କି ଯେ ଏହି ବିଧାନ ପରିଷଦ ହିଁ ଭାରତରେ ସ୍ୱାଧୀନତା ସଂଗ୍ରାମର କ୍ଷେତ୍ର ହେବ ?" ସେ [illegible] ଗୁରୁତ୍ୱ ଦେଇଥିଲେ । ସେତେବେଳର ବିଶିଷ୍ଟ କଂଗ୍ରେସ [illegible] ଦ୍ୱାରା କଂଗ୍ରେସ ସଭାପତି [illegible] ମଧ୍ୟ ପୁଣି ବିଧାନ ସଭାକୁ ନିର୍ବାଚିତ [illegible] । ଏ କ୍ଷେତ୍ରରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ନୀତି ସହିତ [illegible] ମଧୁସୂଦନଙ୍କର ମତ ବିରୋଧ ଥିଲେ ମଧ୍ୟ [illegible] ଭିତରେ ନିଷ୍କପଟ ସାମଞ୍ଜସ୍ୟ ଥିଲା ।

**କୁଟୀର ଶିଳ୍ପ ପୁନରୁଦ୍ଧାର ପାଇଁ ଉଦ୍ୟମ**

ମହାତ୍ମା ଗାନ୍ଧୀ ୧୯୨୧ ରେ ସ୍ୱାଧୀନତା ସଂଗ୍ରାମ ଚଳାଇବା ସଙ୍ଗେ ସଙ୍ଗେ [illegible] କର୍ମୀମାନଙ୍କ ପାଇଁ କେତେକ ଗଠନମୂଳକ କାର୍ଯ୍ୟକ୍ରମ ଘୋଷଣା କରିଥିଲେ ଏବଂ ଏହି କାର୍ଯ୍ୟକ୍ରମ ଭିତରେ କୁଟୀର ଶିଳ୍ପର ପୁନରୁଦ୍ଧାର ଥିଲା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଗାନ୍ଧୀଜୀ ଏହି କାର୍ଯ୍ୟକ୍ରମ ଘୋଷଣା କରିବାର ୨୦ ବର୍ଷ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ମଧୁସୂଦନ ହାତବୁଣା ଲୁଗା ପାଇଁ ନିଜେ ଗୋଟିଏ ତନ୍ତ ସ୍ଥାପନ କରିଥିଲେ ଏବଂ ୧୯୦୨ରେ 'ଓଡ଼ିଶା ଆର୍ଟ ଓ୍ୱେୟାର' ସ୍ଥାପନ କରି ସେଥିରେ ଓଡ଼ିଶାର ପ୍ରସିଦ୍ଧ ତାରକସି ଓ ଶିଙ୍ଗ କାମର ପୁନରୁଦ୍ଧାର କରାଇଥିଲେ । ପରେ ସେ ଉତ୍କଳ ଟାନେରୀ ନାମରେ ନିଜେ ଗୋଟିଏ ଜୋତା କାରଖାନା ସ୍ଥାପନ କଲେ । ମଧୁସୂଦନ ଅନୁଭବ କରିଥିଲେ ଯେ ଓଡ଼ିଶାର ଆଳସ୍ୟ ପରାୟଣ ଲୋକଙ୍କୁ କାମ ଯୋଗାଇ ଦେବା ପାଇଁ ତଥା ସେମାନଙ୍କ ଅର୍ଥନୈତିକ ଉନ୍ନତି ପାଇଁ ଏହି କୁଟୀର ଶିଳ୍ପଗୁଡ଼ିକର ପୁନରୁଦ୍ଧାର ଏକାନ୍ତ ଆବଶ୍ୟକ । ୧୯୦୩ ମସିହାରେ ମଧୁସୂଦନ ଅକ୍ଲାନ୍ତ ଉଦ୍ୟମରେ ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀରେ ଓଡ଼ିଶାର ପ୍ରସିଦ୍ଧ କୁଟୀରଶିଳ୍ପଗୁଡ଼ିକୁ ଉଦ୍ଧାର କରିବା ନିମନ୍ତେ ସେ ପ୍ରସ୍ତାବ ଗୃହୀତ କରାଇଥିଲେ ଏବଂ ଉତ୍କଳ ସମ୍ମିଳନୀରେ ନିଜେ ହସ୍ତତନ୍ତ ଲୁଗା ପିନ୍ଧି ବସୁଥିଲେ । ସମ୍ମିଳନୀ ମଞ୍ଚରେ ଜଣେ ପ୍ରତିନିଧି ପରଦାରେ ସୂତାକାଟିବା ପ୍ରଦର୍ଶନ କରିଥିଲେ । ଏହିପରି ମହାତ୍ମା ଗାନ୍ଧୀ ସ୍ୱାଧୀନତା ସଂଗ୍ରାମ ଘୋଷଣା କରିବାର ବହୁ ପୂର୍ବରୁ ମଧୁସୂଦନ କୁଟୀର ଶିଳ୍ପ ପୁନରୁଦ୍ଧାର ପାଇଁ ଉଦ୍ୟମ କରି ଏବଂ ଉତ୍କଳମଣି ଗୋପବନ୍ଧୁ ସତ୍ୟବାଦୀଠାରେ ତାଙ୍କ ସୁଯୋଗ୍ୟ ସହକର୍ମୀମାନଙ୍କୁ ନେଇ ଜାତୀୟ ଶିକ୍ଷା ପ୍ରବର୍ତ୍ତନ କରି ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଥିଲେ ।

**ବୃତ୍ତିଭିତ୍ତିକ ଶିକ୍ଷା ପ୍ରବର୍ତ୍ତନ ପାଇଁ ମଧୁସୂଦନଙ୍କ ପରିକଳ୍ପନା**

ମହାତ୍ମା ଗାନ୍ଧୀ ଦେଶରେ ପ୍ରଚଳିତ ଶିକ୍ଷା ପଦ୍ଧତି ପରିବର୍ତ୍ତେ ଯେଉଁ ବୃତ୍ତି ଭିତ୍ତିକ ଶିକ୍ଷା ପଦ୍ଧତି ପ୍ରବର୍ତ୍ତନ କରିବାକୁ ଚାହିଁଥିଲେ ଯାହାକୁ ୱାର୍ଦ୍ଧା ଶିକ୍ଷା ପଦ୍ଧତି ବା ମୌଳିକ ଶିକ୍ଷା ପଦ୍ଧତି ବୋଲି କୁହାଯାଏ, ତାର ବହୁ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ ଏହିଭଳି ବୃତ୍ତି ଭିତ୍ତିକ ଶିକ୍ଷା ପଦ୍ଧତି ପ୍ରଚଳନ ପାଇଁ ବଙ୍ଗଳା ବିଧାନ ପରିଷଦରେ ମତବ୍ୟକ୍ତ କରିଥିଲେ । ୧୯୦୨ ମସିହାରେ ମଧୁସୂଦନ ବଙ୍ଗଳା ବିଧାନ ପରିଷଦ ସଦସ୍ୟ ଥିଲାବେଳେ ପରିଷଦ ବୈଠକରେ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ପାରମ୍ପରିକ ହସ୍ତଶିଳ୍ପ ଶିକ୍ଷା ପ୍ରବର୍ତ୍ତନ କରିବା ନିମନ୍ତେ ସରକାରଙ୍କୁ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ "ସୁନା ଓ କାରିଗରଙ୍କର ଯେଉଁ ପିଲାମାନେ ସ୍କୁଲରେ ପଢୁଛନ୍ତି କେବଳ ପାଠ୍ୟ ପୁସ୍ତକରେ

ସେମାନଙ୍କର ଶିକ୍ଷା ଆବଦ୍ଧ ହେବା ବାଞ୍ଛନୀୟ ନୁହେଁ, ସେମାନେ ଶାରୀରିକ ଶ୍ରମ ଦ୍ୱାରା ନିଜ ନିଜର ପରିବାର ଯେଉଁ କୁଟୀର ଶିଳ୍ପ ବହୁ ପୁରୁଷରୁ କରି ଆସୁଛନ୍ତି ତାହା ସ୍କୁଲରେ ଶିକ୍ଷା ଦେବାର ମଧ୍ୟ ବ୍ୟବସ୍ଥା ହେବା ଦରକାର, ତା ହେଲେ ସେହି ପିଲାମାନେ ଯାଇ ସେହି ଶିଳ୍ପ କାର୍ଯ୍ୟରେ ତାଙ୍କ ବାପ ମାଙ୍କୁ ସାହାଯ୍ୟ କରି ପାରିବେ ଏବଂ ତଦ୍ଦ୍ୱାରା ସେମାନଙ୍କର ଆୟ କିଛି ବୃଦ୍ଧି ହେବ ।" ପୁଣି ୧୯୧୦ ମସିହାରେ ସେହି ବଙ୍ଗଳା ବିଧାନ ପରିଷଦରେ ମଧୁସୂଦନ ତାଙ୍କ ଭାଷଣରେ ସୂଚନା ଦେଇଥିଲେ ଯେ "ଭାରତୀୟ କୃଷକମାନେ ସାଧାରଣତଃ ରକ୍ଷଣଶୀଳ, ତେଣୁ ସେମାନେ ସହଜରେ ନୂତନ କୃଷି ପଦ୍ଧତି ଅନୁସରଣ କରିବାକୁ ଚାହିଁବେ ନାହିଁ, ଏହି ଦୃଷ୍ଟିରୁ ଗ୍ରାମାଞ୍ଚଳ ବିଦ୍ୟାଳୟମାନଙ୍କରେ କ୍ଷୁଦ୍ର ପରୀକ୍ଷାମୂଳକ କୃଷି ଫାର୍ମମାନ ସ୍ଥାପନ କରାଯିବା ଆବଶ୍ୟକ । ସେଠାରେ କୃଷି ସମ୍ବନ୍ଧୀୟ ବୈଜ୍ଞାନିକ ଗବେଷଣା ଲବ୍ଧ ନୂତନ ତଥ୍ୟମାନ ସ୍ଥାନୀୟ ଭାଷାରେ ଲେଖା ଯାଇଥିବା ପୁସ୍ତିକା ସାହାଯ୍ୟରେ ବୁଝାଇ ଦିଆଯାଇ ପାରିବ । ଏହା ଫଳରେ ଏହି ଫାର୍ମରେ ପରୀକ୍ଷା କରି ଦେଖିବା ପାଇଁ ପିଲାମାନେ ଉତ୍ସାହିତ ହେବେ ଏବଂ ତାଙ୍କ ବାପା ମା ମାନେ ଏହାକୁ ଦେଖି ଶିଖିବେ । ଆଧୁନିକ କୃଷିଜ୍ଞାନ ପ୍ରସାର ପାଇଁ ତାହା ଉତ୍କୃଷ୍ଟ ପନ୍ଥା ହେବ" । ଗାନ୍ଧୀଜୀଙ୍କ ପ୍ରବର୍ତ୍ତିତ ମୌଳିକ ଶିକ୍ଷା ପଦ୍ଧତିର ଏହାଥିଲା ମୂଳଭିତ୍ତି ।

### ମଧୁସୂଦନ ଓ ଜାତୀୟ କଂଗ୍ରେସ

ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠିତ ହେବାର ଚାରିବର୍ଷ ପୂର୍ବରୁ ୧୮୮୨ ମସିହାରେ ସେ ସମୟର ଓଡ଼ିଆ ବୁଦ୍ଧିଜୀବୀଙ୍କ ଦ୍ୱାରା ଉତ୍କଳ ସଭା ପ୍ରତିଷ୍ଠିତ ହୋଇଥିଲା । ପ୍ରଥମେ ମଧୁସୂଦନ ଉତ୍କଳ ସଭାର ଜଣେ ବିଶିଷ୍ଟ ସଭ୍ୟ ଥିଲେ ଏବଂ ପରେ ସେ ଉତ୍କଳ ସଭାର ନେତୃତ୍ୱ ନେଇ ଏହାକୁ ପୁନର୍ଗଠିତ କରିଥିଲେ । ୧୮୮୬ ମସିହାରେ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନଠାରୁ ୧୯୦୮ ପର୍ଯ୍ୟନ୍ତ ମଧୁସୂଦନ ପ୍ରତିବର୍ଷ କର୍ମବୀର ଗୌରୀ ଶଙ୍କର ଓ ଗୋକୁଳାନନ୍ଦ ଚୌଧୁରୀ ପ୍ରମୁଖଙ୍କ ସହିତ କଂଗ୍ରେସ ଅଧିବେଶନରେ ଯୋଗ ଦେଉଥିଲେ । ଅଧିବେଶନରୁ ଫେରିବା ପରେ କଂଗ୍ରେସର ନୀତି ଓ କାର୍ଯ୍ୟକ୍ରମକୁ ପ୍ରଚାର କରିବା ଦିଗରେ ମଧୁସୂଦନ ନେତୃତ୍ୱ ମଧ୍ୟ ନେଇଥିଲେ । ମାତ୍ର ୧୯୦୩ ମସିହାରେ ଜାତୀୟ କଂଗ୍ରେସର ମାନ୍ଦ୍ରାଜ ଅଧିବେଶନରେ ଗୃହୀତ ଏକ ପ୍ରସ୍ତାବ ଓଡ଼ିଶାର ପ୍ରତିନିଧିମାନଙ୍କୁ ହତାଶ କରିଥିଲା । ସେତେବେଳକୁ ଭାରତ ସରକାରଙ୍କ ରିଜଲେ ଘୋଷଣାନାମା ପ୍ରକାଶ ପାଇଥାଏ । ଏଥିରେ ସମତଳ ତଥା ପାର୍ବତ୍ୟ ଅଞ୍ଚଳର ସମସ୍ତ ଓଡ଼ିଆଭାଷୀ ଲୋକଙ୍କୁ ଏକ ଶାସନାଧୀନ କରିବା ପାଇଁ ଭାରତ ସରକାର ନିଷ୍ପତ୍ତି କରିଛନ୍ତି ବୋଲି ଘୋଷଣା କରାଯାଇଥିଲା । କଂଗ୍ରେସର ବାର୍ଷିକ ଅଧିବେଶନରେ ଏ ସମ୍ପର୍କରେ ଗୃହୀତ ପ୍ରସ୍ତାବରେ ଅନ୍ୟାନ୍ୟ ଅଞ୍ଚଳ ସହିତ ମାନ୍ଦ୍ରାଜ ପ୍ରଦେଶରୁ ଗଞ୍ଜାମ ଓ ଭିଜାଗାପଟମ୍ ଏଜେନ୍ସି ଅଞ୍ଚଳ ଅଲଗା କରି ଦେବା ନିଷ୍ପତ୍ତିର ନିନ୍ଦା କରାଗଲା । ଏହାପରେ ମାନ୍ଦ୍ରାଜ ସରକାରଙ୍କ ତୀବ୍ର ବିରୋଧ ଯୋଗୁଁ ଗଞ୍ଜାମ ଓ ଭାଇଜାଗ ପଟମ୍ ଏଜେନ୍ସି ଓଡ଼ିଶା ସହିତ ମିଶି ପାରିଲା ନାହିଁ । କଂଗ୍ରେସ ଭାଷା ଭିତ୍ତିରେ ପ୍ରଦେଶ ଗଠନ ନୀତିକୁ ଗ୍ରହଣ କରି ନେଇଥିଲେ ମଧ୍ୟ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଗତ ଖଣ୍ଡି ଓଡ଼ିଆ ଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବାର ପ୍ରସ୍ତାବ ବିରୋଧ କରିବା ପରସ୍ପର ବିରୋଧୀ ଚିନ୍ତା ବୋଲି ମଧୁସୂଦନ ମନେ କରିଥିଲେ । ତେଣୁ ଜାତୀୟ କଂଗ୍ରେସ ଜରିଆରେ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ପୂରଣ ହୋଇ ପାରିବ ନାହିଁ, ଏହା ଅନୁଭବ କରି ସେ କଂଗ୍ରେସଠାରୁ ଅଲଗା ହୋଇଯାଇ ଉତ୍କଳ ସମ୍ମିଳନୀ ଜରିଆରେ ଓଡ଼ିଆଭାଷୀଙ୍କ ଏକତ୍ରୀକରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଆନ୍ଦୋଳନରେ ଆତ୍ମନିବେଶ କରିବେ ବୋଲି ନିଷ୍ପତ୍ତି କଲେ ।

ମଧୁସୂଦନ ଜାତୀୟ କଂଗ୍ରେସ ଅନୁଷ୍ଠାନଠାରୁ ଅଲଗା ରହି ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ତାଙ୍କର ସମସ୍ତ ସମୟ ଓ ଶକ୍ତି ବିନିଯୋଗ କଲେ ମଧ୍ୟ ମହାତ୍ମା ଗାନ୍ଧୀଙ୍କ ପ୍ରବର୍ତ୍ତିତ ବହୁ ଆଦର୍ଶ ଓ କାର୍ଯ୍ୟକ୍ରମ ପ୍ରତି ସମର୍ଥନ ଜଣାଇଥିଲେ । ମଧୁସୂଦନ ୧୯୨୨ରେ ବିହାର ଓଡ଼ିଶା ବିଧାନ ପରିଷଦରେ ସ୍ୱାୟତ୍ତ ଶାସନ ବିଭାଗ ମନ୍ତ୍ରୀ ଥିଲାବେଳେ ସମସ୍ତ ଜିଲ୍ଲା ବୋର୍ଡ ଓ ମ୍ୟୁନିସିପାଲିଟିରେ ହରିଜନମାନଙ୍କ ପ୍ରତିନିଧିଙ୍କୁ ସ୍ଥାନ ଦେବା ପାଇଁ ଯେଉଁ ପ୍ରସ୍ତାବ ଆସିଥିଲା ତାକୁ ସେ ଆଗ୍ରହର ସହିତ ସମର୍ଥନ କରିଥିଲେ । ସ୍ୱାଧୀନତା ସଂଗ୍ରାମ ଚାଲିଥିଲାବେଳେ ଉତ୍କଳ ଗୌରବ ମଧୁସୂଦନ ବ୍ରିଟିଶ୍ ସରକାରଙ୍କ ଅଧୀନରେ ମନ୍ତ୍ରୀତ୍ୱ ଗ୍ରହଣ କରିଥିବାରୁ ତାଙ୍କ ପ୍ରତି ଯେଉଁ ଅସନ୍ତୋଷ ପ୍ରକାଶ ପାଇଥିଲା ୧୯୨୩ ମସିହାରେ ସେ ନୀତିଗତ କାରଣରୁ ଇସ୍ତଫା ଦେଇ ଚାଲି ଆସିବାରୁ ସମସ୍ତ ଅସନ୍ତୋଷ ଦୂର ହୋଇ ଯାଇଥିଲା ଏବଂ ଉତ୍କଳ ଗୌରବ ମଧୁସୂଦନ ପୁଣି ସର୍ବଜନପ୍ରିୟ ହୋଇଥିଲେ । ମାତ୍ର ସେତେବେଳକୁ ସେ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ । ଆଇନଜୀବୀ ଭାବରେ ସେ ଯେଉଁ ବିପୁଳ ପରିମାଣ ଅର୍ଥ ଉପାର୍ଜନ କରିଥିଲେ ସେଥିର ଅଧିକାଂଶ ଭାଗ ସେ ଓଡ଼ିଶାର ବିଖ୍ୟାତ କୁଟୀର ଶିଳ୍ପଗୁଡ଼ିକର ପୁନରୁଦ୍ଧାର ପାଇଁ ବିନିଯୋଗ କରି ଦେଇଥିଲେ । ଶେଷରେ ତାଙ୍କ ପ୍ରତିଷ୍ଠିତ 'ଉତ୍କଳ ଟାନେରୀ' ଜୋତା କାରଖାନାକୁ ଦକ୍ଷତାର ସହିତ ପରିଚାଳନା କରିବା ପାଇଁ ଯେଉଁ ପରିମାଣ ଅର୍ଥ ଆବଶ୍ୟକ ହେଉଥିଲା ତାହା ତାଙ୍କ ପାଖରେ ନଥିଲା ଏବଂ ଏଥିପାଇଁ ପୂର୍ବରୁ ସେ ଯେଉଁ ଅର୍ଥ ଋଣ କରିଥିଲେ ତାକୁ ସେ ସୁଝି ପାରିନଥିଲେ । ଏହି ଅବସ୍ଥାରେ ମଧୁସୂଦନ ୧୯୨୫ ମସିହାରେ ମହାତ୍ମା ଗାନ୍ଧୀଙ୍କ ସାହାଯ୍ୟ ଲୋଡ଼ିଥିଲେ ।

### ମଧୁସୂଦନଙ୍କୁ ସାହାଯ୍ୟ କରିବା ପାଇଁ ଗାନ୍ଧୀଜୀଙ୍କ ଆଗ୍ରହ

୧୯୨୫ ମସିହାରେ ତାଙ୍କ ଜୋତା କାରଖାନା ପରିଦର୍ଶନ କରିବା ପାଇଁ ମଧୁସୂଦନ ଗାନ୍ଧୀଜୀଙ୍କୁ ନିମନ୍ତ୍ରଣ କଲେ । ଗାନ୍ଧୀଜୀ ତାଙ୍କ ନିମନ୍ତ୍ରଣ କ୍ରମେ କଟକ ଆସିଥିଲେ । ସେତେବେଳକୁ ଗାନ୍ଧୀଜୀ କଂଗ୍ରେସରୁ ଅଲଗା ହୋଇ ଗଠନମୂଳକ କାର୍ଯ୍ୟରେ ଆତ୍ମନିୟୋଗ କରିବା ପାଇଁ ନିଷ୍ପତ୍ତି କରିଥାନ୍ତି । କୌଣସି ଜାତୀୟ କାର୍ଯ୍ୟ ସାଧିତ ହେବାର ସମ୍ଭାବନା ନଥିଲେ ଗାନ୍ଧୀଜୀ ବ୍ୟକ୍ତିଗତ ନିମନ୍ତ୍ରଣ ରକ୍ଷା କରିବା କ୍ୱଚିତ ଦେଖାଯାଏ । ମାତ୍ର ଗାନ୍ଧୀଜୀ ମଧୁସୂଦନଙ୍କ ନିମନ୍ତ୍ରଣ କ୍ରମେ କଟକ ଆସି ମଧୁସୂଦନଙ୍କ ଜୋତା କାରଖାନା ପରିଦର୍ଶନ କରିଥିଲେ । ଏହି ଗସ୍ତର କାର୍ଯ୍ୟକ୍ରମ ସେ ପ୍ରଦେଶ କଂଗ୍ରେସ କମିଟିକୁ ମଧ୍ୟ ଜଣାଇ ନଥିଲେ । ଏହି ଗସ୍ତବେଳେ ଗାନ୍ଧୀଜୀ ବଙ୍ଗଳାର ବିଶିଷ୍ଟ ଗାନ୍ଧୀବାଦୀ ନେତା ସ୍ୱର୍ଗୀୟ ସତୀଶଚନ୍ଦ୍ର ଦାସଗୁପ୍ତ ଓ ଆଉ କେତେକ ବ୍ୟବସାୟୀଙ୍କୁ ମଧ୍ୟ ସାଙ୍ଗରେ ଆଣି ଏହି ଜୋତା କାରଖାନା ଦେଖାଇଥିଲେ । ଉତ୍କଳ ଟାନେରୀରେ ମଲା ଗୋରୁ ଚମଡାରେ ଜୋତା ତିଆରି ହେଉଥାଏ । ସେହିପରି ମଲା ଗୋରୁ ଚମଡାରେ ଜୋତା ତିଆରି ପାଇଁ ଶ୍ରୀ ସତୀଶଚନ୍ଦ୍ର ଦାସଗୁପ୍ତ କଲିକତାଠାରେ ପରୀକ୍ଷା କରୁଥାନ୍ତି । ଉତ୍କଳ ଟାନେରୀ ପ୍ରତି ଗୋହତ୍ୟା ବିରୋଧୀ ବ୍ୟବସାୟୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗାନ୍ଧୀଜୀ ୧୯୨୭ ଡିସେମ୍ବର ୩ ତାରିଖରେ "ୟଙ୍ଗ୍ ଇଣ୍ଡିଆ" ପତ୍ରିକାରେ ଲେଖିଥିଲେ— "ଚମଡା ବିଶେଷଜ୍ଞମାନେ ମତେ କହିଛନ୍ତି ଯେ କଟା ଗୋରୁ ଛାଲରୁ ଯେପରି ସୁନ୍ଦର ଚମଡା ପ୍ରସ୍ତୁତ ହୋଇ ପାରିବ, ମୁଁ ନିଜେ ଏ ଦିଗରେ ପରୀକ୍ଷା ଚଳେଇଛି । କଟକରେ ଶ୍ରୀ ମଧୁସୂଦନ ଦାସ ବହୁ ବର୍ଷ ହେଲା ଏହା କରାଉଛନ୍ତି ଏବଂ ସେ ମୋତେ କହୁଛନ୍ତି ଯେ ଏହା ସଫଳ ହୋଇଛି" । ଯାହାହେଉ ସମସ୍ତ ଚେଷ୍ଟା ସତ୍ତ୍ୱେ ମଧୁସୂଦନଙ୍କ ପକ୍ଷରେ ଏହି ଜୋତା କାରଖାନାଟି ଚଳେଇବା ସମ୍ଭବ ହେଲା ନାହିଁ । ସେ ଅନ୍ୟ ବ୍ୟବସାୟୀଙ୍କୁ କାରଖାନାଟିକୁ ବିକ୍ରି କରିଦେବାକୁ ରାଜି ହେଲେ ନାହିଁ ।


### ଗାନ୍ଧୀଜୀଙ୍କ ଚିନ୍ତାଧାରା ସହିତ ମଧୁସୂଦନଙ୍କ ଚିନ୍ତାଧାରାର ମେଳ

ଗାନ୍ଧୀଜୀଙ୍କ ଚିନ୍ତାଧାରା ସହିତ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ମଧୁସୂଦନଙ୍କ ଅମେଳ ଥିଲା ତଥା ଗାନ୍ଧୀଜୀ ମଧୁସୂଦନଙ୍କୁ ଗଭୀର ଶ୍ରଦ୍ଧା କରିଥିଲେ, ଗାନ୍ଧୀଜୀଙ୍କ ଜୀବନ ଦର୍ଶନର ଏହା ଏକ ଅସାଧାରଣ ମହତ୍ତ୍ୱ ।

ଦେଶର କେତେକ ବିଶିଷ୍ଟ ବ୍ୟକ୍ତି ଯେଉଁମାନେ ଗାନ୍ଧୀଜୀଙ୍କ ରାଜନୈତିକ ଚିନ୍ତାଧାରାର ତୀବ୍ର ବିରୋଧୀ ଥିଲେ, ସେମାନଙ୍କ ପ୍ରତି ଗାନ୍ଧୀଜୀଙ୍କ ଗଭୀର ଶ୍ରଦ୍ଧା ଥିଲା । ମଧୁସୂଦନ ଓଡ଼ିଶାର କୁଟୀର ଶିଳ୍ପର ପୁନରୁଦ୍ଧାର କରିବା ପଛରେ ଯେଉଁ ଉଚ୍ଚ ଆଦର୍ଶ ଥିଲା ତାହା ଗାନ୍ଧୀଜୀଙ୍କୁ ମୁଗ୍ଧ କରିଥିଲା । ଗାନ୍ଧୀଜୀ ତାଙ୍କ ବକ୍ତୃତାରେ କେତେକ ସ୍ଥାନରେ ଏ ସଂପର୍କରେ ପ୍ରକାଶ କରିଛନ୍ତି । ମଧୁସୂଦନ କୁଟୀର ଶିଳ୍ପର ପୁନରୁଦ୍ଧାର କରି ଶ୍ରମର ମର୍ଯ୍ୟାଦା ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ବୁଦ୍ଧି ଓ କର୍ମର ସଂଯୋଗ କରିବାକୁ ଚାହିଁଥିଲେ । ଏହାଫଳରେ ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହେବ ବୋଲି ତାଙ୍କର ମତ ଥିଲା, ଏହାହିଁ ଥିଲା ଗାନ୍ଧୀଜୀଙ୍କ ଆଦର୍ଶ । ତେଣୁ ଏ କ୍ଷେତ୍ରରେ ଉଭୟଙ୍କ ଚିନ୍ତାଧାରା ଭିତରେ ଗଭୀର ସାମଞ୍ଜସ୍ୟ ରହିଥିଲା । ଏ ସଂପର୍କରେ ଗାନ୍ଧୀଜୀ ୧୯୨୮ ମସିହା ମଇ ୧୦ ତାରିଖରେ ଲେଖିଥିଲେ–ଶ୍ରୀ ମଧୁସୂଦନ ଦାସ କହିଛନ୍ତି ଯେଉଁମାନେ କେବଳ ଗାଈ ବଳଦ ସଙ୍ଗେ କାମ କରନ୍ତି ଏବଂ ଗୃହ ଶିଳ୍ପ ଛାଡ଼ି ହାତର କଳା କୌଶଳ ପାଶୋରି ପକାନ୍ତି ସେମାନଙ୍କ ଶରୀରତ ଦୁର୍ବଳ ହୋଇଯାଏ ଅଧିକନ୍ତୁ ମନ ମଧ୍ୟ ଦୁର୍ବଳ ହୋଇଯାଏ'' । ୧୯୩୪ ସେପ୍ଟେମ୍ବର ୭ ତାରିଖରେ ପୁଣି ଲେଖିଥିଲେ– ଶରୀର ଶ୍ରମରୁ ବୁଦ୍ଧିକୁ ଅଲଗା କରିଦେବା ଫଳରେ ଆମେ ସବୁଠାରୁ ଅସ୍ପୃଶ୍ୟ, ସବୁଠାରୁ ଶୋଷିତ ଜାତି ହୋଇଯାଇଛୁ । ଗାଁ ଗହଳରେ ଚମଡ଼ା ଶିଳ୍ପର ଅବସ୍ଥା ଦେଖିଲେ ସବୁଠାରୁ ଏହାର ଭଲ ପ୍ରମାଣ ମିଳିବ । ସ୍ୱର୍ଗୀୟ ମଧୁସୂଦନ ଦାସ ଏ ସମ୍ବନ୍ଧରେ ମୋ ଆଖି ଖୋଲି ଦେଇଥିଲେ । ସେ ମୋତେ ବୁଝାଇ ଦେଇଥିଲେ ଯେ ଆମେ ସମାଜର ଗୋଟିଏ ବଡ଼ଭାଗଙ୍କ ପ୍ରତି ଘୋର ଅନ୍ୟାୟ କରୁଛୁ । ସେ ନିଜେ ମଧ୍ୟ ଶିଖାଇବା ଉଦ୍ଦେଶ୍ୟରେ ଏକ ଚମଡ଼ା କାରଖାନା ଖୋଲି ନିଜ ଜୀବନରେ ସେହି ଅନ୍ୟାୟର ପ୍ରାୟଶ୍ଚିତ କରିବାର ଚେଷ୍ଟା କରିଥିଲେ । ତାଙ୍କର ଏ ଉଦ୍ୟମ ତାଙ୍କ ଆଶାର ଅନୁରୂପ ସଫଳ ହୋଇ ନଥିଲା, ମାତ୍ର ତାଙ୍କ ଉଦ୍ୟମରେ କଟକର ଶହ ଶହ ମୋଚିଙ୍କ ପେଟ ପୋଷିବାର ବାଟ ଖୋଲି ଯାଇଥିଲା * * * ଗାଁରେ ଗ୍ରାମ ଶିଳ୍ପମାନ ବୁଡ଼ି ଯିବାରୁ ଗାଁ ଲୋକେ କେବଳ ଗୋରୁ ଗାଈଙ୍କ ସଙ୍ଗେ ବିଲ ବାଡ଼ିରେ ଏକମାତ୍ର କୃଷି ଧନ୍ଦାରେ ଲାଗି ରହୁଛନ୍ତି । ବର୍ଷରେ ଚାରି ଛ ମାସ ବେକାର ହୋଇ ଅଳସୁଆ ବସୁଛନ୍ତି । ସେଥିରେ ତାଙ୍କର ଅବସ୍ଥା ଆଉ କ'ଣ ହେବ ? ''ମଧୁବାବୁଙ୍କ ଭାଷାରେ ସେମାନେ ପଶୁ ଅବସ୍ଥାକୁ ଆସିଯିବେ, ତାଙ୍କ ଦେହ ପାଇଁ ଓ ମନ ପାଇଁ ଉପଯୁକ୍ତ ଖାଦ୍ୟ ମିଳିବ ନାହିଁ, ଫଳରେ ନିରାଶା ଓ ନିରାନନ୍ଦରେ ଜୀବନ କଟାଇବେ'' ।

---

୧୧୩ ବାପୁଜୀ ନଗର
ଭୁବନେଶ୍ୱର



# ଓଡ଼ିଶାର ଆଦିବାସୀ ଜୀବନ : କରମା

ଶ୍ରୀ ଭାଗୀରଥି ନେପାକ

ବର୍ଷା ଋତୁ ସରିଯାଏ । ଧାନଗଛରେ ବିଲ ଭରିଯାଏ । ପଙ୍କାର ସଭିଏ ଯାଇ ପୂଜ ହୁଅନ୍ତି ବିଲ ଭିତରେ । ବିଲବଛା, ବିହୁଡ଼ା, ଲୁଆ, ହିତହଣା କାମରେ ସମସ୍ତେ ଲାଗି ପଡ଼ନ୍ତି । ଆଗାମୀ ଫସଲ ପାଇଁ ସମସ୍ତଙ୍କ ମନରେ ଆଶା ଓ ଆନନ୍ଦ ।

ଠିକ୍ ଏତିକି ବେଳେ ଆସେ ଶରତ୍ ଋତୁ । ଆକାଶ ନୀଳ ଓ ନିର୍ମଳ ଦେଖାଯାଏ । ଭାଦ୍ରବ ମାସ ଶୁକ୍ଳ ପକ୍ଷ ଏକାଦଶୀ ଦିନ ହିନ୍ଦୁମାନେ ନିର୍ଜଳା ଉପବାସ କରି ଏକାଦଶୀ ବ୍ରତ ପାଳନ କରନ୍ତି । ଏହିଦିନ ପଶ୍ଚିମ ଓଡ଼ିଶାର ଆଦିମ ଅଧିବାସୀମାନେ କରମା ନାଚ ଉତ୍ସବର ଆୟୋଜନ କରନ୍ତି ।

କରମା ନାଚ ପୂର୍ବରୁ କରମ୍ ସାଇଁଙ୍କ ପୂଜା କରାଯାଏ ।

ଆଦିବାସୀମାନେ ବିଶ୍ୱାସ କରନ୍ତି ଯେ, କରମ୍ ସାଇଁଙ୍କ ପୂଜାକଲେ ବିଲରେ ପୋକ ଲାଗେ ନାହିଁ, ଗୋରୁବଳଦ ଫାଟୁଆ ରୋଗରେ ପଡ଼ନ୍ତି ନାହିଁ, ପ୍ରଚୁର ଫସଲ ହୁଏ ଓ ସୁଖ ସୌଭାଗ୍ୟ ମିଳେ ।

ଆଦିବାସୀ ଗାଁ ମୁଣ୍ଡରେ ପୂଜା ମଣ୍ଡପ ତିଆରି କରାଯାଏ । ସେହି ମଣ୍ଡପକୁ ନାନା ପ୍ରକାର ଫୁଲ, ଫଳ ଓ ପତ୍ରରେ ସଜାଇ ଦିଆଯାଏ । ପୂଜା ମଣ୍ଡପର ମଝିରେ କରମା ଡାଳ ପୋତାଯାଏ । ଆଦିବାସୀ-ପୁରୋହିତ 'ଝାଙ୍କର' ଏହି ଡାଳକୁ ପୂଜାକରି ଗାଆଁର ଶୁଭକାମନା କରେ ।

ଏହି କରମା ଡାଳକୁ ଆଦିବାସୀମାନଙ୍କର ଇଷ୍ଟ ଦେବତା କରମ୍ ସାଇଁ ବା କରମ୍‌ସାନୀଙ୍କ ପ୍ରତୀକ ରୂପରେ ଗ୍ରହଣ କରାଯାଏ । ଏହାଙ୍କ ଆଗରେ କୁକୁଡ଼ା ବଳି ଦିଆଯାଏ ଓ ମଦ ଢାଳି ପୂଜା କରାଯାଏ ।

କରମା ପୂଜାପରେ ଝାଙ୍କର କରମ୍‌ସାଇଁଙ୍କ ମହିମା ଗାନ କରେ । କରମା-ବେଦୀର ଚାରିପାଖରେ ବସିଥିବା ଆଦିବାସୀ ସ୍ତ୍ରୀ ପୁରୁଷ ଓ ବାଳକ ବାଳିକାମାନେ ଝାଙ୍କର ମୁହଁରୁ କରମା ପୂଜାର ଗୀତ ଶୁଣନ୍ତି । ତାପରେ ମଦ-ପ୍ରସାଦ ପାଇ ଯୁବକ ଯୁବତୀମାନେ ମେଳିବାନ୍ଧି ନାଚନ୍ତି ।

କରମା ପୂଜା ଓ ନାଚ ଦୁଇଦିନ ଧରି ଲାଗିରହେ । ସମଗ୍ର ଗ୍ରାମ ଏହି ପୂଜା ଓ ନାଚରେ ବ୍ୟସ୍ତ ରହେ । ଯୁବକ ଯୁବତୀମାନେ ଦଳ ଦଳ ହୋଇ ସାରା ରାତି ଗୀତ ଗାଆନ୍ତି ଓ ନାଚନ୍ତି । ତୃତୀୟ ଦିନ ସକାଳ ପାହିବା ସଙ୍ଗେ ସଙ୍ଗେ ସେମାନେ କରମ୍‌ସାଇଁଙ୍କ ପ୍ରତୀକ କରମା ଡାଳକୁ ଶୋଭାଯାତ୍ରାରେ ଗାଁ ପାଖର ନାଳ, ନଈ ବା ପୋଖରୀକୁ ନିଅନ୍ତି । ସେଇଠି କରମ୍ ସାଇଁଙ୍କୁ ବିସର୍ଜନ କରାଯାଏ । ଏହାପରେ ଶୋଭାଯାତ୍ରାରେ ଯୋଗ ଦେଇଥିବା ସମସ୍ତେ ସ୍ନାନ କରି ଗାଁକୁ ଫେରି ଆସନ୍ତି । ଏହିଦିନ ଗାଁରେ ବିରାଟ ଭୋଜି ହୁଏ । ଗାଁର ସମସ୍ତେ ଏହି ଭୋଜିରେ ଯୋଗ ଦେଇ ଗୋଟିଏ ଧାଡ଼ିରେ ବସି ଖାଆନ୍ତି । ତାପରେ ନାନା ପ୍ରକାର ଆନନ୍ଦ ଉତ୍ସବ ଚାଲେ । ଏହି ସମୟରେ ଆଦିବାସୀମାନେ ସମସ୍ତ ପ୍ରକାର ପାରିବାରିକ କଳହକୁ ପାଶୋରି ଦେଇ ସଙ୍ଗ ହୋଇ ଗୀତ ଗାଆନ୍ତି ଓ ନାଚନ୍ତି ।

ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ ଯେ, କରମା ଡାଳ ପୂଜା ଆଦିମ ଅଧିବାସୀ ବା ଅଷ୍ଟ୍ରିକ ସଭ୍ୟତାରେ ପ୍ରଚଳିତ ଦାରୁ ପୂଜାର ପ୍ରତୀକ ।

### ବଡକର୍ମା

ପ୍ରତିତିନ ବର୍ଷରେ ବଡକର୍ମା ଉତ୍ସବ ପାଳନ କରାଯାଏ ।

ଏହା ବାର୍ଷିକ କର୍ମାପରି ମାତ୍ର ଦୁଇ ଦିନ ପାଇଁ ପାଳିତ ନ ହୋଇ ଦୀର୍ଘ ପାଞ୍ଚ ଦିନ ପାଇଁ ପାଳନ କରାଯାଏ ।

ଯେଉଁ ଗ୍ରାମରେ ବଡ କର୍ମା ଉତ୍ସବ ପାଳିତ ହୁଏ, ସେହି ଗ୍ରାମର ଆଦିବାସୀ ଯୁବକ ଯୁବତୀମାନେ ପାଞ୍ଚୋଟି ବିଭିନ୍ନ ଗ୍ରାମକୁ ଯାଇ ନାଚ ଓ ଗୀତର ପ୍ରତିଯୋଗିତା ପ୍ରଦର୍ଶନ କରିଥାନ୍ତି । ଏମାନେ ଗୋଟିଏ ଗ୍ରାମରେ ଗୋଟିଏ ଦିନ ରହନ୍ତି । ଯେଉଁ ଗ୍ରାମରେ ଏମାନେ ରହନ୍ତି, ସେହି ଗ୍ରାମବାସୀମାନେ ଏମାନଙ୍କର ରହିବା ଓ ଖାଇବା ବନ୍ଦୋବସ୍ତ କରନ୍ତି ।

### କରମା କହାଣୀ

ଆଦିବାସୀ-ପୁରୋହିତ 'ଝାଙ୍କର' କରମା ପୂଜା କରିସାରିବା ପରେ କରମା କହାଣୀ ଶୁଣାଏ ।

ଝାଙ୍କର କହେ, "ଜଣେ ସାଧବର ସାତପୁଅ ଓ ସାତ ଝିଅ ଥିଲେ । ସାଧବ ନିଜ ଘରୁ ଭୋଜ ଲଡୁ ଓ ଶୋଷ ଲଡୁ ନେଇ ବୋଇତରେ ବସି ବେପାର କରିବାକୁ ବିଦେଶକୁ ଗଲା । ବେପାରରେ ବହୁତ ଲାଭକଲା ଓ ଧନରତ୍ନ ନେଇ ଘରକୁ ଫେରିଲା ।

ସାଧବ ଧନରତ୍ନ ଭରା ବୋଇତକୁ ବନ୍ଦାଇବା ପାଇଁ ସାତପୁଅ ଓ ସାତ ଝିଅଙ୍କୁ ଡକାଇ ପଠାଇଲା ।

ସେତିକି ବେଳେ ଗାଁରେ କରମା ପୂଜା ଚାଲିଥାଏ । ଲୋକମାନେ ମାଦଳ ବଜାଉଥିଲେ ଓ ସ୍ତ୍ରୀମାନେ ଗୀତ ଗାଇ ନାଚୁଥିଲେ । ସେଥିପାଇଁ ସେମାନେ ସଙ୍ଗେ ସଙ୍ଗେ ବୋଇତ ବନ୍ଦାଇବାକୁ ଯାଇ ପାରିଲେ ନାହିଁ ।

ଏହା ଦେଖି ସାଧବ ବୁଢ଼ା ରାଗିଗଲା । ସେ ରାଗରେ ଆସି କରମା ବେଦୀ ଭାଙ୍ଗିଦେଲା ଓ ସାତ ପୁଅଙ୍କର ସାତ ମାଦଳ କସ୍ତି ଭାଙ୍ଗିଦେଲା ।

**କରମା କାହାଣୀ(୨) : "କରମ୍ ଓ ଧରମ୍"**

ପୂର୍ବେ କରମ୍ ଓ ଧରମ୍ ନାମରେ ଦୁଇ ଭାଇ ଥିଲେ । ଘରେ ବୁଢ଼ୀ ମାଆ ଛଡ଼ା ଆଉ କେହି ନଥିଲେ । ବୁଢ଼ୀ ଦୁଇ ଭାଇଙ୍କ ପାଇଁ ରାନ୍ଧେ । ଆଉ କୌଣସି କାମ କରିପାରେ ନାହିଁ ।

କରମ୍ ଓ ଧରମ୍ ବଡ ଦୁଃଖରେ ଚଳନ୍ତି । ବଣ ଜଙ୍ଗଲ ବୁଲି ଫୁଲ ଫଳ, ପତ୍ର, କନ୍ଦା ଯାହା ପାଆନ୍ତି ବୁଢ଼ୀମାଆ ହାତକୁ ବଢ଼ାଇ ଦିଅନ୍ତି । ବୁଢ଼ୀ ସେତକ ରାନ୍ଧି ବାଢ଼ି ପୁଅ ଦୁଇଟାଙ୍କୁ ବାଢ଼ି ଦିଏ ଓ ନିଜେ ଖାଏ । ଦିନେ ଦିନେ କିଛି ମିଳେ ନାହିଁ । ପରିବାରର ସମସ୍ତେ ଭୋକରେ ଶୁଅନ୍ତି ।

ଥରେ ଗ୍ରୀଷ୍ମ ଋତୁରେ ବହୁତ ଖରା ହେଲା ଓ ଝାଞ୍ଜି ପବନ ବୋହିଲା । ଯୁଆଡେ ଦେଖିବ ଧୂ ଧୂ ଖରା । ଗଛ ପତ୍ର ଝାଉଁଳି ପଡ଼ିଲା । ଝରଣା ଧାର ଶୁଖିଗଲା । କରମ୍ ଧରମ୍ ବଣ ପାହାଡର ଡାଳିଲା ଭୂଇଁରେ ଖାଇବା ଜିନିଷ ଖୋଜି ବୁଲିଲେ । କିନ୍ତୁ ଦୁର୍ଭାଗ୍ୟକୁ କିଛି ହେଲେ ମିଳିଲା ନାହିଁ । ଗଛଲତା ଶୁଖି ଯାଇଛି । ଫଳମୂଳ ମିଳିବ କାହୁଁ ? କିଛିଦିନ ଭୋକ ଉପାସରେ ରହିବା ପରେ ସେମାନେ ବଣର କୁଡ଼ିଆ ଛାଡ଼ି ଅନ୍ୟପାଡେ ଯାଇ ମୂଲ ଲାଗିବାକୁ ସ୍ଥିର କଲେ ।

ଆଦିବାସୀ ବସ୍ତିଠାରୁ ବହୁ ଦୂରରେ ଜଣେ ସାହୁକାର ଥିବାର ସେମାନେ ଜାଣିଥିଲେ । ତେଣୁ ଧରମ୍ ଓ କରମ୍ ଦୁଇଭାଇ ଯାଇ ସେହି ସାହୁକାର ପାଖକୁ ଯାଇ କାମ କଲେ । କିନ୍ତୁ ସାହୁକାର ଜଣକ ଦୁଷ୍ଟ ପ୍ରକୃତିର ଥିଲା । କାମ କରାଇ ମଜୁରି ନ ଦେଇ ଦୁଇ ଭାଇଙ୍କୁ ଘଉଡ଼ି ଦେଲା ।

କରମ୍ ଓ ଧରମ୍ ନିରାଶ ହୋଇ ଖାଲି ହାତରେ ପୁଣିଥରେ କୋଡ଼ିଏ କୋଶ ବାଟ ବୁଲି ବୁଲି ନିଜର ଆଦିବାସୀ ବସ୍ତିକୁ ଫେରିଆସିଲେ । ମାଆ ବୁଢ଼ୀ ପୁଅ ଦୁଇଟାର ଫେରିବା ବାଟକୁ ଅନେଇ ବସିଥାଏ । ଭାବୁଥାଏ, ପୁଅମାନେ ଫେରି ଆସିଲେ ଚୁଲି ଜାଳିବ ଓ ରାନ୍ଧିବଢ଼ା କରି ପେଟେ ପେଟେ ଖୁଆଇବ । ସେମାନେ ଖାଲି ହାତରେ ଫେରି ଆସିବା ଦେଖି ବୁଢ଼ୀ ମନରେ ଦୁଃଖ ହେଲା ।

(ଦୁଇ)

ଦିନକର କଥା—

ବଡ ଭାଇ ଧରମ୍ ଖାଦ୍ୟ ଅନ୍ବେଷଣରେ ଏକା ଏକା ବାହାରି ଥିଲା । ବହୁତ ବାଟ ବୁଲିବା ପରେ ସେ ଥକି ପଡ଼ିଲା । ଏଣେ ଭୀଷଣ ଭୋକ ବି ହେଉଥାଏ । ସେ ଆଉ ବୁଲି ନପାରି ପାଖରେ ଥିବା ଏକ ଗଛ ଛାଇରେ ବିଶ୍ରାମ ନେଲା । ଭୋକ ବାଧା ସଙ୍ଗେ ପାଦ ବାଧା ତାକୁ ଅଧୀର କରି ଦେଉଥାଏ । ବିଶ୍ରାମ ନେଉ ନେଉ ସେହି ଗଛ ଛାଇ ତଳେ ନିଘୋଡ ନିଦରେ ଶୋଇ ପଡ଼ିଲା ।

ଧରମ୍ ଯେଉଁ ଗଛ ତଳେ ଶୋଇ ପଡ଼ିଲା, ତାହା 'କରମା' ଗଛ । କରମ୍ ଗୋସାଇଁ ବା କରମ୍ ସାଇଁ ସେହି ଗଛରେ ରହନ୍ତି । ସେ ଯାହା ଉପରେ ଦୟା କରନ୍ତି, ତାର ଦୁଃଖ, ଅଭାବ ରହେ ନାହିଁ ।

ଧରମ୍ ଶୋଇ ଶୋଇ କରମାସାଇଁଙ୍କୁ ସପନ ଦେଖିଲା । କରମା ସାଇଁ ଧରମ୍‌କୁ କହିଲେ, ଧରମ୍‌ରେ, ତୁ ଯେଉଁ ଗଛତଳେ ଶୋଇଛୁ, ସେଇ ଗଛ ପାଖରେ ଆଉ ଗୋଟିଏ କରମା ଡାଳ ଭଙ୍ଗା । ସେଇଠି ମାଦଳ ବଜାଇ ପୂଜାକର ଓ ତିନିଥର ପୁଜାର କର । ସେଇଠି ମାଦଳ ବଜାଇ ନାଚ । ଏହାପରେ ନଈ କୂଳକୁ ଯିବୁ । ସେଇଠି ଗୋଟିଏ ଗଛପତ୍ରର ବୁଦା ଦେଖିବୁ । ତା' ପାଖରେ ଗାଈଟିଏ ଓ ବାଛୁରୀଟିଏ ଚରୁଥିବା ଦେଖିବୁ । ବୁଦା ପାଖପଟେ ବଇଁଶୀଟିଏ ଥିବ । ବୁଦା ପାଖରେ ପଗଡ଼ି କନା ଥୁଆ ହୋଇଥିବ । ସେହି ଗାଈ ବାଛୁରୀ, ବଇଁଶୀ ଓ କନା ନେଇ ଆସିବୁ ।

ଧରମ୍ ନିଦରୁ ଧଡପଡ ହୋଇ ଉଠି ଦେଖିଲା, ପାଖରେ କେହିନାହିଁ । ସେ ଭାବିଲା, କରମା ଗଛର କରମ୍ ମହାପ୍ରଭୁ ତାକୁ ସପନାଇଲେ । ସେ ସଙ୍ଗେ ସଙ୍ଗେ ଆଉ ଏକ କରମା ଡାଳ ଆଣି ସେହି ଗଛ ପାଖରେ ପୋତିଲା । ନଈ ଆଡକୁ ଯାଇ ଦେଖିଲା, ନଈ କୂଳରେ ସାନ ସାନ ଗଛର ବୁଦାଟିଏ ଅଛି । ତାରି ପାଖରେ ଗାଈ ବାଛୁରୀ ଚରୁଛନ୍ତି । ବୁଦା ପାଖରେ ପଗଡ଼ି କନା ଓ ବୁଦା ପାଖପଟେ ବଇଁଶୀଟିଏ ରଖାଯାଇଛି । ଧରମ୍ ପଗଡ଼ି କନାକୁ ମୁଣ୍ଡରେ ଭିଡ଼ିଲା ଓ ବଇଁଶୀ ବଜାଇ ନାଚିଲା । ତାପରେ ଗାଈ ବାଛୁରୀ ଦୁଇଟିକୁ ସଙ୍ଗରେ ନେଇ ଘରକୁ ଫେରିଲା ।

କାଳକ୍ରମେ ଗାଈର ଅନେକ ବାଛୁରୀ ହେଲେ ।

ଧରମ୍ ଓ କରମ୍ ଦୁଇ ଭାଇଙ୍କ ଅବସ୍ଥା ସୁଧୁରିଲା । ସେ ଦୁହେଁ ସୁଖରେ ରହିଲେ ।

(ତିନି)

ଆଉ ଦିନକର କଥା—

ଧରମ୍ ଓ କରମ୍ ରହୁଥିବା ଘରର ସ୍ୱଳ ଉପରେ ଏକ କରମା ଗଛ ଉଠିଥିବା ଦେଖାଗଲା ।

ଧରମ୍ ଓ କରମ୍‌ର ମାଆ ବୁଢ଼ୀ ନିଜ ଘରର ସ୍ୱଳ ଉପରେ କରମା ଗଛ ଉଠିଥିବା ଦେଖି ଖୁବ୍ ଖୁସି ହେଲା । ସେ ପୁଅ ଦିଟାକୁ ପାଖକୁ ଡାକି କହିଲା, ହେଉ ଦେଖ । ଆମରି ଘର ସ୍ୱଳ ଉପରେ କରମା ଗଛ ଉଠିଛି । ଆଉ ତିନି ଦିନପରେ କରମ୍‌ସାଇଁଙ୍କ ଦିନ ପଡ଼ିବ । ସେଦିନ ଘର ଉପର ସ୍ୱଳରୁ କରମା ଗଛ ଆଣି ତଳେ ଲଗାଇବ । ମାଦଳ ବଜାଇ ପୂଜା କରିବ ଓ ଗାଁ ଲୋକଙ୍କୁ ଭୋଜିଦେବ ।

ବୁଢ଼ୀର କଥାମାନି ତିନିଦିନ ପରେ ପଡୁଥିବା କରମ୍‌ସାଇଁଙ୍କ ତିଥିଦିନ, ଅର୍ଥାତ୍ ଭାଦ୍ରବ ଶୁକ୍ଳ ପକ୍ଷ ଏକାଦଶୀ ଦିନ କରମ୍ ଓ ଧରମ୍ ସେହି ଗଛକୁ ଆଣି ଘର ସାମନାରେ ପୋତିଲେ । ଗଛ ଚାରିପଟେ ଲିପାପୋଛା କରି ପରିଷ୍କାର କରିଦେଲେ । ତା'ପରେ କରମା ଗଛକୁ ପୂଜାକଲେ ଓ ମାଦଳ ବଜାଇ ଗଛ ଚାରିପଟେ ନାଚିଲେ ।

ନାଚ ଶେଷ ହେବାପରେ, ଗାଁର ଦୁଇଜଣ ଅଭିଆଡି ପୁଅ ସେହି ଗଛକୁ ଗାଁ ପାଖର ଝରଣାକୁ ନେଇ ପୋତିଦେଲେ । ଝରଣାରେ ଗାଧୋଇ ପାଧୋଇ ଘରକୁ ଫେରିଲେ । ଗାଁର ସବୁଠୁ ଗରିବ ଝିଅକୁ ଡାକି ନୂଆ ଲୁଗା ଦିଆଗଲା । ଭୋଜିଭାତ ପରେ ସେ ଦିନର ଉତ୍ସବ ଶେଷହେଲା ।

(ଚାରି)

ଏହାପରେ ଏକ ବିଚିତ୍ର ଘଟଣା ଘଟିଲା ।

ଧରମ୍ ପ୍ରତିଦିନ ଝରଣା କୂଳକୁ ଧାଇଁଲା ଓ କରମା ଗଛର ଚାରିପଟେ ନାଚିବାକୁ ଲାଗିଲା ।

ଏହିପରି ଭାବରେ ଦିନ ପରେ ଦିନ ବିତିଗଲା । ଧରମ୍ ଝରଣା କୂଳକୁ ଯିବା ଓ କରମା ଗଛର ଚାରିପଟେ ନାଚିବା ବନ୍ଦ କଲାନାହିଁ । ରାତି ପାହିଲେ ସେ ଝରଣା କୂଳକୁ ଧାଇଁଯାଏ ଓ ନାଚେ ।

ଏହା ଦେଖି ସାନଭାଇ କରମ୍ ରାଗିଗଲା । ସେ ଦିନେ ଝରଣା ପାଖକୁ ଯାଇ କରମା ଗଛକୁ ଉପାଡ଼ି ଝରଣା ଜଳରେ ଭସାଇ ଦେଲା ।

କରମ୍‌ର ଏକାଣ୍ଡ ପରେ ତାଙ୍କ ଘରେ ବିପତ୍ତି ପଡ଼ିଲା । ସେମାନେ କ୍ରମେ ଗରିବ ହୋଇଗଲେ । ଘରର ଛପର ହୋଇ ପାରିଲା ନାହିଁ । ଗାଈ ବାଛୁରୀତକ ମରି ହଜିଗଲେ । ଦିନେ ଦିନେ ସେମାନଙ୍କୁ ଉପାସରେ ରହିବାକୁ ପଡ଼ିଲା ।

ଏପରି ଅବସ୍ଥାରେ ସେମାନେ ଅନ୍ୟ ଜଣକ ପାଖରୁ ଜମି ଖଣ୍ଡେ ଠିକା ନେଇ ଚାଷ କଲେ । ଦୁର୍ଭାଗ୍ୟକୁ ସେ ଜମିରେ ଫସଲ ହେଲା ନାହିଁ ।

ସେମାନେ ଏହାଦେଖି ରାଗିଗଲେ । ଭାବିଲେ, ଜମିର ଫସଲ ସବୁ ଉଜାଡ଼ି ଦେବେ ।

ଫସଲ ଉଜାଡ଼ି ଦେବେ ବୋଲି ସ୍ଥିରକରି ଧରମ୍ ଓ କରମ୍ ଜମି ଆଡକୁ ଯାଉଛନ୍ତି, ବାଟରେ ଜଣେ ଅଚିହ୍ନା ବୁଢା ସଙ୍ଗରେ ଦେଖାହେଲା । ବୁଢା ସେ ଦୁହିଁଙ୍କ ସଙ୍ଗେ ସୁଖଦୁଃଖ ହୋଇ ସବୁକଥା ବୁଝିଲା । ତାପରେ କହିଲା, ଜମିରୁ ଫସଲ ଉଜାଡ଼ି ଦେଲେ ଦେବତା ରାଗିଯିବେ । ତା ଅପେକ୍ଷା ସମୁଦ୍ର କୂଳରେ ଥିବା କରପନ ପାହାଡକୁ ଯାଅ ଓ ସେଇଠି କରମ୍ ସାଇଁଙ୍କୁ ଦେଖାକର । ତାଙ୍କୁ ଦୁଃଖ ଶୁଣାଇଲେ ସେ ତାର ପ୍ରତିକାର କରିବେ ।

ଅଚିହ୍ନା ବୁଢା ମୁହଁରୁ ଏ ଉପଦେଶ ଶୁଣି ଧରମ୍ ଓ କରମ୍ ଜମି ଆଡକୁ ନଯାଇ ସମୁଦ୍ର ଆଡକୁ ମୁହାଁଇଲେ । ଖରା, ବର୍ଷା, ଶୀତ ସବୁ ସହି ଭୋକ ଉପାସରେ ସମୁଦ୍ର ଆଡକୁ ଚାଲିଥାନ୍ତି ।

ରାସ୍ତାରେ ଯାଉ ଯାଉ ଧରମ୍ କିଛି ଖାଇବା ଫଳ ସଂଗ୍ରହ କଲା । କିନ୍ତୁ ସେ ଫଳ ବି ଖାଇହେଲା ନାହିଁ । କାରଣ ସବୁ ଫଳ ଭିତରେ ପୋକ ସାଲୁବାଲୁ । ଖାଇବା ଜିନିଷ ପାଇ ମଧ୍ୟ ଖାଇ ହେଲା ନାହିଁ ।

ସେମାନଙ୍କର ଏ ଅବସ୍ଥା ଦେଖି ରାସ୍ତା ଉପରେ ଥିବା ଗୋଟିଏ ପଣସ ଗଛ ପଚାରିଲା, କୁଆଡେ ଯାଉଛନ୍ତି ଭାଇମାନେ ?

ଧରମ୍ କହିଲା, ଆମେ ସମୁଦ୍ର ପାଖରେ କରପନ୍ ପାହାଡକୁ ଯାଉଛୁ । କରପନ୍ ପାହାଡର କରମ୍‌ସାଇଁଙ୍କୁ ଦେଖାକରିବୁ । ଆମର ଦୁଃଖ କହିବୁ ।

ପଣସ ଗଛ କହିଲା, ଭଲ କଥା । କରମ୍‌ସାଇଁଙ୍କ ପାଖକୁ ଯାଅ । ତୁମର ଦୁଃଖ କହିବ । କିନ୍ତୁ ମୋର ଦୁଃଖ କଥା ବି ତାଙ୍କୁ ଜଣାଇବ । ମୋ ମୂଳରେ ଗୋଟିଏ ଲୋକ ଶହେବର୍ଷ ହେଲା ସୁନାରୂପା ପୋତି ଯାଇଛି । ସେ ଆଉ ଫେରି ନାହିଁ । ସେହି ସୁନା ରୁପା ଜଗି ଜଗି ହାଲିଆ ହେଲିଣି । ଏହାକୁ ଦେବି, ପଚାରି ଆସିଥିବ । କାହାକୁ ଦେଲେ ଯାଇ ମୁଁ ଏ ଦାୟିତ୍ୱରୁ ନିସ୍ତାର ପାଇବି । କିନ୍ତୁ ଦେଖ, କରପନ୍ ପାହାଡ ଉପରେ ଆହୁରି ଅନେକ ଦେବତା ଅଛନ୍ତି । ସେମାନଙ୍କୁ ଜୁହାର କରିବ ନାହିଁ । ଖାଲି କରମ୍‌ସାଇଁଙ୍କୁ ଜୁହାର ଦେବ । ସେ ସବୁଠୁ ବଡ ଦେବତା ।

ଧରମ୍ ଓ କରମ୍ ସେ କଥା ଶୁଣି ହଁ ଭରିଲେ ଓ ଆଗକୁ ଚାଲିଲେ ।

କିଛି ବାଟ ଗଲାପରେ ବରଗଛଟିଏ ପଡ଼ିଲା । ବରଗଛ ପାଟିକରି ପଚାରିଲା—କୁଆଡେ ଯାଉଛ କିହୋ ?

ଧରମ୍ କହିଲା, କରମ୍‌ସାଇଁଙ୍କ ପାଖକୁ ଯାଉଛୁ । ତାଙ୍କୁ ଆମର ଦୁଃଖ ଜଣାଇବୁ ।

ବରଗଛ କହିଲା, କରମ୍‌ସାଇଁଙ୍କ ପାଖରେ ତୁମର ଦୁଃଖ ଜଣାଇବା ପରେ ମୋର ଦୁଃଖ ବି ଜଣାଇଥିବ । ବହୁଦିନ ହେଲା, ଗୋଟିଏ ଲୋକ ମୋରି ଛାଇତଳେ ଗୋଟାଏ ଗାଈ ବଳଦ ଛାଡ଼ି ଦେଇଗଲା । ମୁଁ ସେମାନଙ୍କୁ ଏପର୍ଯ୍ୟନ୍ତ ଜଗି ଜଗି ହାଲିଆ ହେଲିଣି । ସେ ଲୋକ ଫେରି ତାର ଗାଈ ବଳଦ ନେଉ ନାହିଁ । ମୁଁ ଏଥିରେ କଣ କରିବି, କରମ୍‌ସାଇଁଙ୍କୁ ପଚାରି ଆସିଥିବ । ହଁ, ଗୋଟିଏ କଥା ମନେ ରଖିଥିବ । କରପନ୍ ପାହାଡରେ ଅନେକ ଗୁମ୍ଫା ଅଛି । କରମ୍‌ସାଇଁଙ୍କ ଗୁମ୍ଫା ସବୁଠୁ ବଡ । ତୁମେ କରମ୍‌ସାଇଁଙ୍କ ଗୁମ୍ଫା ବ୍ୟତୀତ ଅନ୍ୟ କାହାରି ଗୁମ୍ଫାରେ ପଶିବ ନାହିଁ ।

ଦୁଇ ଭାଇ ବରଗଛ କଥାରେ ରାଜି ହେଲେ ଓ ଆଗକୁ ଚାଲିଲେ ।

ଯାଉ ଯାଉ ବାଟରେ ପିପ୍ପଳ ଗଛଟିଏ ପଡ଼ିଲା । ସେ ବଡ ପାଟିରେ ପଚାରିଲା, କୁଆଡେ ଯାଉଛ ?

ଧରମ୍ କହିଲା, ଆମେ କରପନ୍ ପାହାଡକୁ ଯାଉଛୁ । କରମ୍‌ସାଇଁଙ୍କୁ ଦେଖା କରି ଦୁଃଖ ଜଣାଇବୁ ।

ପିପ୍ପଳ ଗଛ କହିଲା, ଭଲ କଥା । ତୁମେ ଦୁଃଖ କହି ସାରିଲେ ମୋରି ଦୁଃଖ କଥା କହିବ । ମୋ ପାଖରେ ଏଇ ଯେଉଁ ଜମି ଦେଖୁଛ, ତାକୁ ଜଗି ଜଗି ହାଲିଆ ହେଲିଣି । କରମ୍‌ସାଇଁଙ୍କୁ ପଚାରିବ, ଏ ଜମି କାହା ଜିମାରେ ଦେବି । ହଁ, ଆଉ ଗୋଟିଏ କଥା ମନେ ରଖିଥିବ । କରପନ୍ ପାହାଡ ପାଖରେ ଆଉ ଗୋଟିଏ ଛୋଟ ପାହାଡ ଅଛି । ସେ ପାହାଡକୁ ଜମା ଯିବ ନାହିଁ ।

ଦୁଇ ଭାଇ ପିପ୍ପଳ ଗଛ କଥାରେ ରାଜିହୋଇ ଆଗକୁ ଚାଲିଲେ । ଦୁଇଦିନ ଦୁଇରାତି ଚାଲିବା ପରେ ସମୁଦ୍ର କୂଳରେ କରପନ୍ ପାହାଡ ପଡ଼ିଲା । ସେହି ପାହାଡ ଉପରେ ବସି କରମ୍‌ସାଇଁ ଧ୍ୟାନ କରୁଥିଲେ ।

ଦୁଇ ଭାଇ ଯାଇ ପାହାଡ ଚଢି କରମ୍‌ସାଇଁଙ୍କ ପାଖରେ ପହଞ୍ଚିଲେ ଓ ତାଙ୍କୁ ଜୁହାର ହେଲେ । କରମ୍‌ସାଇଁ ସେମାନଙ୍କୁ ପାଖରେ ବସାଇଲେ ଓ ସେମାନଙ୍କ ମୁହଁରୁ ସବୁକଥା ଶୁଣିଲେ । ତାପରେ ସେମାନଙ୍କ ମନ ବିଚାରିବାକୁ କହିଲେ, ତୁମେ ଯାଇ ଆର ପାହାଡରୁ ଘେରାଏ ବୁଲି ଆସ ।

ଧରମ୍ ଓ କରମ୍ କହିଲେ, ନାହିଁ ମହାପ୍ରଭୁ, ଆମେ କେବଳ ଆପଣଙ୍କୁ ଜାଣୁ, ଆପଣଙ୍କ ପାହାଡକୁ ଜାଣୁ । ଅନ୍ୟ ପାହାଡରେ ଆମର ଲାଭ କଣ ?

କରମ୍‌ସାଇଁ କହିଲେ, ଅନ୍ୟ ଗୁମ୍ଫାମାନ ବୁଲିଆସ ।

ଦୁଇ ଭାଇ କହିଲେ, ନାହିଁ ମହାପ୍ରଭୁ, ଆମେ କେବଳ ଆପଣଙ୍କ ଗୁମ୍ଫା ଜାଣୁ । ଅନ୍ୟ ଗୁମ୍ଫାକୁ ଯିବୁ ନାହିଁ ।

କରମ୍‌ସାଇଁ ପୁଣି କହିଲେ, ଏ ପାହାଡରେ ଆହୁରି ଅନେକ ଗୋସାଇଁ ଅଛନ୍ତି । ସେମାନଙ୍କୁ କଣ ମୁଣ୍ଡିଆ ମାରିବ ନାହିଁ ?

କରମ୍ ଓ ଧରମ୍ ଏକ ସ୍ୱରରେ କହିଲେ, ଆପଣଙ୍କ ଛଡା ଆଉ କାହାକୁ ମୁଣ୍ଡିଆ ମାରିବୁ ନାହିଁ । ଆମେ କେବଳ ଆପଣଙ୍କୁ ଜାଣୁ । ଏହା କହି ସେମାନେ କରମ୍‌ସାଇଁଙ୍କୁ ପୁଣିଥରେ ଜୁହାର ହେଲେ ।

କରମ୍ ଓ ଧରମ୍ ଉତ୍ତର ଶୁଣି ଓ ଭକ୍ତି ଦେଖି କରପନ୍ ପାହାଡର କରମ୍‌ସାଇଁ ଖୁସି ହୋଇଗଲେ ଓ ଆଶୀର୍ବାଦ ଦେଲେ ।

କରମ୍ ଓ ଧରମ୍ ପଣସ ଗଛ, ବରଗଛ ଓ ପିପ୍ପଳ ଗଛ କହିଥିବା ବିଷୟ ଜଣାଇଲେ ।

କରମ୍‌ସାଇଁ କହିଲେ, ତୁମେ ସେମାନଙ୍କୁ ଜଣାଇ ଦେବ ଯେ, ସେମାନେ ଯାହାକୁ ଇଚ୍ଛା କରିବେ, ସେମାନଙ୍କ ଜିମାରେ ଥିବା ସଂପତ୍ତି ଦେଇଦେବେ ।

ଧରମ୍ ଓ କରମ୍ କରମ୍‌ସାଇଁଙ୍କୁ ଦର୍ଶନକରି ତାଙ୍କ ପାଖରୁ ବିଦାୟ ନେଇ ଆସିଲେ । ଆସିଲା ବେଳେ କରପନ୍ ପାହାଡର ମିଠା ଫଳମୂଳ ଖାଇଲେ ଓ ଲୁଗାରେ ବାନ୍ଧି ନେଇ ଆସିଲେ ।

ଦୁଇଦିନ ଦୁଇରାତି ଚାଲିବା ପରେ ପ୍ରଥମେ ପିପ୍ପଳ ଗଛ ଓ ତାପରେ ବରଗଛ ଓ ପଣସ ଗଛ ପଡ଼ିଲା । ସେମାନଙ୍କୁ ଧରମ୍ ଓ କରମ୍ କରମ୍‌ସାଇଁ କହିଥିବା ମୁତାବକ ଜଣାଇଲେ, ତୁମର ଯାହାକୁ ଇଚ୍ଛା ତୁମ ଜିମାରେ ଥିବା ସଂପତ୍ତିକୁ ଦାନ କରିଦିଅ ।

ସେହି ଗଛମାନେ ଧରମ୍ ଓ କରମ୍‌କୁ କହିଲେ, ଆମେ ଏ ସଂପତ୍ତି ଦେବାକୁ ଆଉ କାହାକୁ ଖୋଜିବାକୁ ଯିବୁ ? ତୁମେ ଦୁହେଁ ଏ ସଂପତ୍ତି ପାଇଯାଅ ।

ଧରମ୍ ଓ କରମ୍ ସବୁ ସଂପତ୍ତିର ମାଲିକ ହୋଇଗଲେ ।

ଏହାପରେ ସେମାନେ ସୁଖରେ କାଳ କାଟିଲେ ଓ ପ୍ରତିବର୍ଷ କରମ୍‌ସାଇଁଙ୍କ ପୂଜା କଲେ ।

ଏହା ଦେଖି କରମ୍‌ସାଇଁ ରାଗିଗଲେ । ତାଙ୍କ କୋପରେ ସାଧବ ବୁଡ଼ାର ବୋଇତ ଭାଙ୍ଗିଲା । ଗୋରୁ ବଳଦମାନେ ଚରିବାକୁ ଯାଇ ଫେରିଲେ ନାହିଁ । ତା ଘର ଛାରଖାର ହୋଇଗଲା ।

ସାଧବ ଏହାଦେଖି ଝାଙ୍କର ପାଖରେ ପହଞ୍ଚିଲା ଓ ସବୁକଥା କହିଲା ।

ଝାଙ୍କର କହିଲେ, ତୁମେ କରମ୍‌ସାଇଁଙ୍କ ଦ୍ରୋହ କଲ । ତାଙ୍କର ପ୍ରିୟ ମାଦଲ୍ ଭାଙ୍ଗିଦେଲ । ତେଣୁ ଏପରି ଦଶା ଭୋଗିଲ । ପୁଣି କରମ୍ମା ପୂଜା ଓ କରମ୍ମା ନାଚ କରାଅ । ତୁମର ମଙ୍ଗଳ ହେବ ।

ସାଧବ ବୁଢ଼ା ସାତୋଟି କରମ୍ମା ଡାଳ ଆଣିଲା । ସାତୋଟି ମାଦଳ ଆଣିଲା ସାତ ପୁଅ, ସାତ ଝିଅ, ସାତ ବୋହୂ ଓ ବୁଢ଼ା ବୁଢ଼ୀ ମିଶି କରମ୍ମା ପୂଜାକଲେ ଓ ଗୀତ ଗାଇ ନାଚିଲେ ।

ସାତ ପୁଅ ମାଦଲ ବଜାଇଲେ । ସାତ ବୋହୂ ଓ ସାତ ଝିଅ ସାତଦିନ ପର୍ଯ୍ୟନ୍ତ ପାଳିକରି ନାଚିଲେ ।

ସାତଦିନ ଏପରି କରିବା ପରେ, ଭାଙ୍ଗିଲା ବୋଇତ ଯୋଡ଼ି ହେଲା, ଧନରତ୍ନ ସବୁ ମିଳିଲା ଓ ଗାଈ ବଳଦମାନେ ଫେରି ଆସିଲେ ।

ସାଧବ ବୁଢ଼ା ଏହା ଦେଖି ଖୁସି ହେଲା ଓ ପ୍ରତିବର୍ଷ କର୍ମା ପୂଜାକଲା ।

* * *

ଆଉ କେତେକ ସ୍ଥାନରେ ଝାଙ୍କର ଯେଉଁ କରମ୍ମା କାହାଣୀ ଶୁଣାଏ, ତହିଁରେ 'କର୍ମ' ଓ 'ଧର୍ମ' ଏହି ଦୁଇ ଭାଇଙ୍କର ମହିମାଗାନ କରାଯାଇଥାଏ ।

**କରମ୍ମା ନାଚ**

କରମ୍ମା ନାଚର ପ୍ରଧାନ ଆକର୍ଷଣ ମାଦଲ୍ ବା ମାନ୍ଦଲ୍ ବାଦ୍ୟ ।

ମାନ୍ଦଲ ବା ମାଦଲ୍ 'ମୃଦଙ୍ଗ' ଶ୍ରେଣୀୟ । ଏହା ମାଟିରେ ତିଆରି ହୋଇଥାଏ । ଦୁଇ ମୁହଁରେ ଚମଡା ଛାଉଣୀ ଥାଏ । ମୃଦଙ୍ଗ ଅପେକ୍ଷା ମାଦଲ ଆକୃତିରେ ବଡ । ଏହାର ଶବ୍ଦ ଗୁରୁ ଗମ୍ଭୀର ।

ମାଦଲିଆ ବା ମାଦଲ ବାଦକ କରମ୍ମା-ନାଚ ମଝିରେ ରହି ମାଦଲ ବଜାଇ ଥାଏ । ତାର ଚାରିପଟେ ସ୍ତ୍ରୀ ଓ ପୁରୁଷମାନେ ହାତ ଧରାଧରି ହୋଇ ନାଚନ୍ତି । ମାଦଲ ବାଦ୍ୟର ତାଳେ ତାଳେ ଏମାନେ ପାଦ ପକାଇ, ଗୀତ ଗାଇ ଗାଇ ଉଦଣ୍ଡ ନୃତ୍ୟ କରନ୍ତି । ଏହି ଗୀତ ଓ ନାଚ ଏକ ସଙ୍ଗରେ ସମାନ୍ତରାଳ ଭାବରେ ଗତି କରିଥାଏ । ଏହା ସରଳ ଓ ଅନାବିଳ ଭାବରେ ପରିବେଷଣ କରାଯାଏ । ଏଥିରେ ଆଦିବାସୀମାନଙ୍କ ହୃଦୟର ଭାଷା ରୂପାୟିତ ହୁଏ ।

ଏହି ନୃତ୍ୟ ସଙ୍ଗୀତ ଆଦିବାସୀ ଜୀବନର ସୌଖିନ ବିଳାସ ନୁହେଁ, ସେମାନଙ୍କର ଜୀବନର ଅବିଚ୍ଛେଦ୍ୟ ଅଙ୍ଗ । ଏଥିରେ ପ୍ରକୃତି ବର୍ଣ୍ଣନା ଠାରୁ ଆରମ୍ଭ କରି ଜୀବନ ଓ ପାରିବାରିକ ଚିତ୍ର ପ୍ରକାଶ ପାଇଥାଏ ।

**କରମ୍ମା ଗୀତ**

ଆଦିବାସୀମାନଙ୍କର ଲିଖିତ ଭାଷା ନାହିଁ । କଥିତ ଭାଷାରେ ଏମାନେ ଗୀତ ଗାଆନ୍ତି । ଏହି ଗୀତ ଗୁଡ଼ିକ ଗାଇ ଗାଇ ସେମାନେ ପୁରୁଷାନୁକ୍ରମେ ମନେ ରଖିଥାନ୍ତି । ଗୀତଗୁଡ଼ିକର ଭାବ ଓ ଭାଷା ଅତି ସରଳ ଓ ସରସ । ପ୍ରକୃତି କୋଳରେ ଏମାନେ ଜନ୍ମ ହୋଇ ବଢ଼ନ୍ତି ଓ ଶେଷ ନିଃଶ୍ୱାସ ଗ୍ରହଣ କରନ୍ତି । ତେଣୁ ଏମାନଙ୍କ ଗୀତରେ ଜଟିଳ ତତ୍ତ୍ୱ ଭାବନା, ଜୀବନର ସୁଖ ଦୁଃଖ, ଭଲମନ୍ଦ, ପ୍ରେମ ପ୍ରଣୟ, ଅତୀତର ଘଟଣାବଳୀ ସ୍ଥାନ ପାଇଥାଏ ।

କରମ୍ମା ଗୀତଗୁଡ଼ିକରେ ପଲ୍ଲୀ ଜୀବନ ଓ ପଲ୍ଲୀ ପ୍ରକୃତିର ଅନାବିଳ ଚିତ୍ର ସ୍ଥାନ ପାଇଥାଏ । ଜୀବନ ଯୌବନର ରଙ୍ଗୀନ ସ୍ୱପ୍ନ କରମ୍ମା ଗୀତର ଅନ୍ତରାଳେ ଅଙ୍କିତ । ଏପରି ପଲ୍ଲୀ କୋଳରେ ଅନାଖ୍ୟାତ ରହି ରଚନା କରିଥାଏ । କିନ୍ତୁ କେବେ, କାହିଁକି ଏ ଗୀତ ରଚନା କଲା ତାର ହିସାବ କେହି ରଖନ୍ତି ନାହିଁ । ଗୀତର ସରସ ଭାବନା, ମଧୁର ଛନ୍ଦକୁହିଁ ମନେ ରଖି ପୁରୁଷାନୁକ୍ରମେ ଗାୟନ କରିଥାନ୍ତି ।

ଏ ଗୀତ କହେ, ଜୀବନରେ ସୁଖ ଶାନ୍ତି ଆନନ୍ଦ ଅଛି । ଏହା ନୀଳ ଆକାଶରେ, ସବୁଜ ପତ୍ରରେ, ରଙ୍ଗୀନ ଫୁଲ ଫଳରେ, ପାହାଡ଼ୀ ଝରଣାରେ, ନାଚ ଓ ଗୀତରେ, ପ୍ରେମରେ, ସାଙ୍ଗ ସାଥି ମେଳରେ ମିଳି ପାରିବ । ହତାଶ ହୁଅ ନାହିଁ । ଭାଙ୍ଗିପଡ ନାହିଁ । ଟଙ୍କା ପଇସାରୁ କଣ ମିଳିବ ? ଆସ, ଗୀତ ଗାଇ ନାଚିବା । ଗୀତ ଗାଇ ଓ ନାଚି ଜୀବନ ବିତେଇ ଦେବା । ମନଭରି ପ୍ରେମ କରିବା ।

ଏବେ କରମ୍ମା ଗୀତରେ ରାଧା କୃଷ୍ଣ, ସୀତା ରାମ, ମହାଭାରତ ପ୍ରଭୃତି ପୁରାଣ କାହାଣୀ ମଧ୍ୟ ପରିବେଷଣ କରାଯାଉଛି ।

କରମ୍ମା ପୂଜା ପରେ ପରେ କରମ୍ମା ଗୀତ ଋତୁ ଆରମ୍ଭ ହୋଇଯାଏ । କେବଳ କରମ୍ମା ଉତ୍ସବ ନୁହେଁ, ଉତ୍ସବ ପରେ ହେମନ୍ତ, ଶୀତ, ବସନ୍ତ ଋତୁରେ ମଧ୍ୟ ଏହା ଗାୟନ କରାଯାଏ । ଏପରିକି ଗ୍ରୀଷ୍ମର ଧୁଧୁ ଖରାରେ ଜଙ୍ଗଲ ଗଛ ଛାଇରେ ବସି ହାଲିଆ ମାରିବା ବେଳେ, ଧାରା ଶ୍ରାବଣ ବର୍ଷାରେ ଓଦା ହେଲାବେଳେ, ବିଲରେ ରୁଆ କଲାବେଳେ, ଭାଦ୍ରବ ମାସରେ ମେଘ ଛାଡ଼ିଗଲା ବେଳେ ଓ ବିଭିନ୍ନ ପରିବେଶରେ ଏ ଗୀତ ବୋଲା ଯାଇଥାଏ । ବିବାହ ଓ ଝିଅ ବର ଘରକୁ ଗଲାବେଳେ ମଧ୍ୟ କରମ୍ମା ଗୀତ ବୋଲାହୁଏ ।

ପାହାଡ ତଳର ପଲ୍ଲୀ କୋଳରେ ମାଦଲ ବାଦକ ମାଦଲ ବଜାଇ ଉଚ୍ଚ ସ୍ୱରରେ ଗାଏ–

"କରମ୍ମାର ଡାଳେରେ–
ଚଟିଆ ନେଲା ଫାଳେରେ–"

ମାଦଲ ବାଦ୍ୟ ଓ ବାଦକର ଆହ୍ୱାନ-ସଂଗୀତ ଗ୍ରାମର ଯୁବକ ଯୁବତୀମାନଙ୍କୁ ଆଶ୍ଚର୍ଯ୍ୟଜନକ ଭାବରେ ଆକର୍ଷଣ କରିଥାଏ । ପୁଅ ଝିଅମାନେ, ଯିଏ ଯେଉଁଠି ଥାଉନା କାହିଁକି ଏହା ଶୁଣି ଏକାଠି ରୁଣ୍ଡ ହୋଇ ଯାଆନ୍ତି । ତାପରେ ନିଜ ନିଜ ଭିତରେ ପୃଥକ ପୃଥକ୍ ଧାଡ଼ିରେ ବିଭକ୍ତ ହୋଇ ନାଚିବା ଆରମ୍ଭ କରି ଦିଅନ୍ତି ।

ଅନ୍ୟାନ୍ୟ ଆଦିବାସୀ ସଙ୍ଗୀତ ପରି କରମ୍ମା ଗୀତ ମଧ୍ୟ ଗୋଟିଏ ଘୋଷା ପଦ ଥାଏ । ଗୀତର ଆଉ କେତୋଟି ପଦ ଗାଇବା ପରେ ଏଇ ଘୋଷା ପଦକୁ ବାରମ୍ବାର ଦୋହରାଇବାକୁ ପଡେ । ଏ ଗୀତର ପ୍ରତିଧ୍ୱନି ପାହାଡ ତଳୁ ଫେରିଆସେ । ମାଦଲ ବାଦ୍ୟ ସମଗ୍ର ପରିବେଶକୁ ମୁଖରିତ କରେ । ସମଗ୍ର ଅଞ୍ଚଳ ସଙ୍ଗୀତମୟ ହୋଇଯାଏ ।

କରମ୍ମା ଗୀତ ଗୋଷ୍ଠୀ ସଙ୍ଗୀତ । ଏହି ଗୀତ ସମବେତ ନରନାରୀମାନେ ଏକାଠି ମିଶି ଗାଇଥାନ୍ତି କିମ୍ବା ଗୋଷ୍ଠୀ ମଧ୍ୟରେ ଦୁଇଦଳ ହୋଇ ପରସ୍ପରକୁ ସମ୍ବୋଧନ କରି ଗାଆନ୍ତି । ଗୋଟିଏ ଦଳ ପ୍ରଶ୍ନ କରନ୍ତି ଓ ଅନ୍ୟଦଳ ଗୀତ ମାଧ୍ୟମରେ ଉତ୍ତର ଦିଅନ୍ତି । ନାଚିବା ମଧ୍ୟ ସେହିପରି । ନାଚିବା ଓ ଗୀତ ଗାଇବାରେ ପ୍ରତିଯୋଗିତା ଚାଲେ । ଏଥିପାଇଁ କାନ୍ତି ନାହିଁ । ଗୀତ ଓ ନାଚ ଛନ୍ଦଭାର । ପାଦ ପକାଇବାରେ, ଗୀତ ଗାଇବାରେ, ସ୍ୱରରେ, ମୁଖ ଭଙ୍ଗୀରେ ଶୃଙ୍ଖଳା ଅଛି । ଗୀତ ଗାଇ ଗାଇ ନାଚିବା, ପଦେ ଗୀତ ଗାଇ ସାରିବା ପରେ ସାମାନ୍ୟ ଅଟକି ଯାଇ ନାଚିବା, ପୁଣି ଗୀତ ଗାଇବା, ପୁଣି ନାଚିବା ଅତ୍ୟନ୍ତ ଉପଭୋଗ୍ୟ ହୋଇଉଠେ ।

**ବେଶଭୂଷଣ**

ପୁଅ ଓ ଝିଅମାନେ ନିଜ ନିଜ ଶରୀରକୁ ବଣୁଆ ଫୁଲ, ଫଳ ଓ ପତ୍ରରେ ସଜାଇ ଥାନ୍ତି । ବଣର ସୁନ୍ଦରତା ଏହି ଫୁଲ ଫଳ ଓ ପତ୍ରର ସାଜସଜ୍ଜା ଭିତରେ ଧରାପଡେ ନାହିଁ । ବେଙ୍କର ଖୁଣ୍ଟିମାନ ଏମାନଙ୍କ ଶରୀରରେ ନୂତନ ସୌନ୍ଦର୍ଯ୍ୟ ଭରିଦିଏ । ପକ୍ଷୀର ଚିତ୍ର ବିଚିତ୍ର ପର ଏମାନଙ୍କ ମସ୍ତକରେ ବିଚିତ୍ର ମେଘର ସୌନ୍ଦର୍ଯ୍ୟ ଭରିଦିଏ ।

# ସମଦର୍ଶନ ଓ ଭାରତବର୍ଷ

ଅଧ୍ୟାପକ ଡକ୍ଟର ଶରତ ଚନ୍ଦ୍ର ରଥ

**ଭା**ରତବର୍ଷ କେବଳ ଏକ ଭୂଖଣ୍ଡ ନୁହେଁ, ଏହା ଏକ ଜାଗ୍ରତ ଚେତନା । ନିଜସ୍ୱ ଜୀବନୀ ଶକ୍ତିର ପ୍ରଭାବରେ ତାହା ସ୍ମରଣାତୀତ କାଳରୁ ଟିକି ରହିଛି । ବିଶ୍ୱର ସର୍ବାଙ୍ଗୀନ କଲ୍ୟାଣ ସାଧନ ହେଉଛି ତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ବାହ୍ୟ ପ୍ରକୃତିର ସମ୍ମୋହନରୂପ ସହିତ ମାନବିକତାର ବଳିଷ୍ଠ ରୂପାୟନ ତଥା ସାହିତ୍ୟର ରସସିକ୍ତ ଅଭିବ୍ୟକ୍ତି ଏଠାରେ ସୁଲଭ । ଏ ପ୍ରସଙ୍ଗରେ ଜର୍ମାନ ମନୀଷି ମାକ୍ସ ମୁଲର କହନ୍ତି–''ଯଦି ସମଗ୍ର ପୃଥିବୀ ଭିତରେ ଏପରି ଏକ ଦେଶର ସନ୍ଧାନ ଦେବାକୁ ମତେ କୁହାଯାଏ, ଯାହା ପ୍ରକୃତିର ଶ୍ରେଷ୍ଠତମ ସମ୍ପଦ, ଯାହାର କେତେକ ଅଂଶକୁ ପୃଥିବୀର ନନ୍ଦନ କାନନ ଆଖ୍ୟା ଦିଆଯାଇପାରେ ତେବେ ମୁଁ କହିବି ସେହି ଦେଶ ହେଉଛି ଭାରତବର୍ଷ । ଆମର ଅନ୍ତର୍ଜୀବନକୁ ଆହୁରି ପରିପୂର୍ଣ୍ଣ, ଆହୁରି ସାର୍ବଜନୀନ ଓ ବାସ୍ତବରେ ମାନବିକ କରିବାକୁ ହେଲେ କେଉଁ ଦେଶର ସାହିତ୍ୟରୁ ଆମେ ଯଥାର୍ଥ ଗଠନ ମୂଳକ ପ୍ରେରଣା ପାଇ ପାରିବୁ, ତେବେ ପୁନର୍ବାର ମୁଁ ନିର୍ଦ୍ଦେଶ କରିବି ଭାରତବର୍ଷ ହେଉଛି ସେହି ଦେଶ'' । ଏପରି ଦେଶର ସାଂସ୍କୃତିକ ମୂଲ୍ୟବୋଧ ଅନନ୍ୟ ସାଧାରଣ । ଏହି ମୂଲ୍ୟବୋଧ ହିମାଳୟର ଗିରି ଗୁହାରୁ କୁମାରିକା ଉପକୂଳ ସାମୁଦ୍ରିକ ତରଙ୍ଗମାଳା ପର୍ଯ୍ୟନ୍ତ ପରିଚ୍ଛନ୍ନ ଭାବରେ ପରି ଚିହ୍ନିତ । ଅନୈକ୍ୟ ଭିତରେ ଐକ୍ୟର ଅବତାରଣା ଭାରତୀୟ ସଂସ୍କୃତିର ଅନ୍ୟତମ ବୈଶିଷ୍ଟ୍ୟ । ଭିନ୍ନ ଭାଷା, ଭିନ୍ନ ଆଗ୍ରହ ବ୍ୟବହାର, ଭିନ୍ନ ବେଶ ପୋଷାକ ଆଦି ବହୁଭିନ୍ନତା ସାଂସ୍କୃତିକ ବାତାବରଣରେ ବିଭେଦ ଆଣି ନାହିଁ । ଐକ୍ୟର ତାନ ଶ୍ରୁତି ଗୋଚର ହୋଇ ତା'ର ପଶ୍ଚାତ୍‌ରେ ଏକ କ୍ରିୟାଶୀଳ ଶକ୍ତିର ସମ୍ୟକ ସୂଚନା ପ୍ରଦାନ କରୁଛି । ସମଦର୍ଶନ ଏହି ଐକ୍ୟର ମୌଳିକ ତଥ୍ୟ, ଯାହା ଭାରତକୁ ସମଗ୍ର ବିଶ୍ୱ ଆଗରେ ସ୍ୱତନ୍ତ୍ର ସିଂହାସନର ଅଧିକାରୀ ଅତୀତରେ କରାଇଛି । ସାମ୍ୟବାଦୀ ଦର୍ଶନ ଓ ସମଦର୍ଶନ ଏକାକଥା ନୁହେଁ । ସମଦର୍ଶନର ସ୍ଥିତି ଭାରତବର୍ଷରେ ଯେପରି ପ୍ରାଚୀନ ସେହିପରି ପ୍ରତିଷ୍ଠିତ, ଯାହାର ଭିତ୍ତି ହେଉଛି ଭ୍ରାତୃତ୍ୱ । ଭ୍ରାତୃତ୍ୱ ବିହୀନ ସାମ୍ୟବାଦ ଚିରଦିନ ସ୍ଥାୟୀ ହୋଇ ପାରେନା । ଧନ ସମ୍ପଦର ସୁଷମ ବଣ୍ଟନରେ କେବଳ ସାମ୍ୟବାଦର ମହତ୍ତ୍ୱ ପ୍ରକଟିତ ହୋଇପାରେନା । ଆଗେ ଦରକାର ଭ୍ରାତୃତ୍ୱ ପରେ ସାମ୍ୟ ।

ଭାଷା ଭାଷା ଭିତରେ, ଧର୍ମ ଧର୍ମ ଭିତରେ, ସଂପ୍ରଦାୟ ସଂପ୍ରଦାୟ ଭିତରେ ତଥା ବ୍ୟକ୍ତି ବ୍ୟକ୍ତି ଭିତରେ ସ୍ୱାଭାବିକ ସହନଶୀଳତାର ଅନ୍ୟ ନାମ ଭ୍ରାତୃତ୍ୱ । ଭ୍ରାତୃତ୍ୱ କଥାର କଥା ନୁହେଁ, ବରଂ ଅନୁଭବର ବିଷୟ । କିଛି କିଛି ସମାନତା ନଦେଖିଲେ ଭ୍ରାତୃତ୍ୱର ସ୍ଥିତି ସୁଦୃଢ ହୁଏ ନାହିଁ । ଗୋଟିଏ ପିତାର ଯଦି ସୁରୋଟି ସନ୍ତାନ ଥାନ୍ତି, ତେବେ ସେହି ସନ୍ତାନମାନଙ୍କ ଭିତରେ ଥିବା ସାମ୍ୟ ହିଁ ଭ୍ରାତୃତ୍ୱ ପ୍ରତି କାରଣ ହୋଇଥାଏ । ତେଣୁ ଏକ ପରମପିତାଙ୍କର ସନ୍ତାନ ଭାବରେ ସମଗ୍ର ଜାତିର ଲୋକଙ୍କ ମଧ୍ୟରେ ଭ୍ରାତୃଭାବ କାହିଁକି ନ ଆସିବ ? ପୁନଶ୍ଚ ପ୍ରତ୍ୟେକ ମନୁଷ୍ୟର ଗଠନଗତ ଉପାଦାନ ପ୍ରାୟ ସମାନ ହୋଇଥିବାରୁ ଭ୍ରାତୃତ୍ୱର ଭାବନା ଅସ୍ୱାଭାବିକର ନୁହେଁ । ଭବିଷ୍ୟପୁରାଣ ଏ ପ୍ରସଙ୍ଗରେ ଥିବା ଉକ୍ତିଟି ଅନୁଧ୍ୟାନ ଯୋଗ୍ୟ ।

''ପାଦ ପ୍ରସ୍ୱେରୈସ୍ତନୁବର୍ଣ୍ଣ କେଶୈଃ
ସୁଖେନ ଦୁଃଖେନ ଚ ଶୋଣିତେନ
ତ୍ୱଙ୍ମାସ ମେଦୋଽସ୍ଥିରସୈଃ ସମାନାଶ୍ଚତୁଃ
ପ୍ରଭେଦାହି କଥଂ ଭବନ୍ତି ।''

ଅର୍ଥାତ୍ ପାଦପ୍ରସ୍ୱର, ତନୁ, ବର୍ଣ୍ଣ, କେଶ, ସୁଖ, ଦୁଃଖ, ରକ୍ତ, ତ୍ୱକ୍, ମାଂସ, ମେଦ, ଅସ୍ଥି, ରସ ଇତ୍ୟାଦିରେ ତ ସମସ୍ତେ ସମାନ, ତେବେ ପ୍ରଭେଦ କେଉଁଠି ? ଏହି ସତ୍ୟକୁ ଭାରତବର୍ଷ ସ୍ୱୀକାର କରିଥିବାରୁ ଭ୍ରାତୃଭାବରେ ପ୍ରତିଷ୍ଠା ଏଠାରେ ଅଧିକ ଭାବରେ ସ୍ଥାୟୀ । ପ୍ରତ୍ୟେକ ବ୍ୟକ୍ତିର ଦେହ ହେଉଛି ପରମ ପ୍ରଭୁଙ୍କର ସ୍ଥୂଳତମ ଅଭିବ୍ୟକ୍ତି । ପୁଣି ଭଗବାନଙ୍କ ସିଂହାସନ ନିମନ୍ତେ ଏକ ସୁନିର୍ବାଚିତ ଭିତ୍ତି । ଭଗବାନ ମନ୍ଦିରରେ ନ ଥାନ୍ତି କି ମସ୍‌ଜିଦ୍‌ରେ ନଥାନ୍ତି, ସେ ଥାଆନ୍ତି ପ୍ରତ୍ୟେକଙ୍କ ପାଖରେ । କବୀର ଭଗବାନଙ୍କ ମୁହଁରେ ଏହି କଥା କହିବାକୁ ଯାଇ କହିଛନ୍ତି–

'ମୋ କୋ କହାଁ ଢୁଁଢେ ବନ୍ଦେ
ମୈଁ ତୋ ତେରେ ପାସ ମେଁ
ନା ମୈଁ ଦେବଲ ନା ମୈଁ ମସ୍‌ଜିଦ୍
ନା କାବେ କୈଲାସ ମେଁ ।''

ଅର୍ଥାତ୍ ଭଗବାନ କହିଛନ୍ତି, ମୋତେ କାହିଁକି ବୃଥାରେ ବାହାରେ ଖୋଜି ଧନ୍ଦି ହେଉଛୁ । ମୁଁ ରହିଛି ତୋ ପାଖରେ ମୁଁ ଦେବାଳୟରେ ନଥାଏ, ନଥାଏ ମସ୍‌ଜିଦ୍‌ରେ, ନଥାଏ କାବାରେ, ନଥାଏ କୈଳାସରେ । ତେଣୁ ସଂପ୍ରଦାୟ ଭିତରେ ବା ଧର୍ମ ଭିତରେ ବାଦାନୁବାଦ କେତେ ନିରର୍ଥକ ଓ ଭିତ୍ତିହୀନ ତାହା ସ୍ପଷ୍ଟଭାବେ ପ୍ରତୀୟମାନ । କବୀରଙ୍କ ପରି ଦାଦୁ ମଧ୍ୟ ସମଦର୍ଶନର ସୁଦୃଢ ସ୍ୱର ଉତ୍ତୋଳନ କରି କହିଛନ୍ତି–

'ସବ ଘଟ ଏକୈ ଆତ୍ମା କ୍ୟା ହିନ୍ଦୁ ମୁସଲମାନ ।'

ସବୁଘଟରେ ତ ଆତ୍ମା ଏକ, ହିନ୍ଦୁ ମୁସଲମାନ ଭେଦ କ'ଣ ? ଦାଦୁଙ୍କ କଥାରେ ହିନ୍ଦୁ ମୁସଲମାନ ଦୁଇ ହାତ । ଦୁଇ ହାତ ଯୁକ୍ତ ହୋଇ ଅଞ୍ଜଳି ନହେଲେ କିପରି ଜନ୍ମ ଭୂମିର ଅମୃତ ରସ ପାନ କରାଯିବ ।

"ଦୁ ନ୍ୟୁ ହାଥ ହେ ରହେ, ମିଲି ରସ ପିୟା ନ ଜାଇ"

ଦାଦୁଙ୍କର ରଜ୍ଜବଜୀ ନାମରେ ଜଣେ ପରମଭକ୍ତ ଥିଲେ । ସେ ସାଂପ୍ରଦାୟିକ ଭେଦ ଭାବକୁ ବହୁ ଉର୍ଦ୍ଧ୍ୱରେ ଥିଲେ । ତାଙ୍କର ଚିନ୍ତା ଓ ଚେତନା ଯେପରି ସୂକ୍ଷ୍ମ ପ୍ରସାରୀ ସେପରି ଯୁଗଉପଯୋଗୀ ଥିଲା । ସେ କହିଛନ୍ତି ସେ ଆମର ହୃଦୟ କନ୍ଦରରେ ପ୍ରଭୁ ସର୍ବଦା ତାଙ୍କର ଧର୍ମ ଶାସ୍ତ୍ର ଲେଖୁଛନ୍ତି । ତାହାକୁ କେହି ଦେଖିପାରିବେ ନାହିଁ । ମାନବ ଇତିହାସରେ ପ୍ରଭୁଙ୍କର ଅଖଣ୍ଡ ବେଦ ଉଦ୍‌ଘାଟିତ । ବାହାରେ ଝୁଟା ଆକୃଥି ଶିକ୍ଷାର ବେଶ ଅନ୍ତରର ସେଇ ବେଦ କୋରାନ ପଢିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି । ଏହିପରି ବହୁ ସାଧକ ଜୀବନର ମୂଲ୍ୟାୟନ କରିବା ସହିତ ଜୀବନର ଲକ୍ଷ୍ୟ ଯେ ଏକ ଓ ଅଭିନ୍ନ ଏହା ଉପଲବ୍ଧି କରି ସମଗ୍ର ମାନବ ଜାତିକୁ ସମୁଚିତ ଦିଗ୍‌ଦର୍ଶନ ଦେଇଛନ୍ତି ।

ସାହିତ୍ୟ, ସଂଗୀତ, ଶିଳ୍ପ କଳା ଓ ସ୍ଥାପତ୍ୟ ବିଦ୍ୟା କ୍ଷେତ୍ରରେ ମଧ୍ୟଯୁଗରେ ହିନ୍ଦୁ, ମୁସଲମାନ ଓ ଅନ୍ୟାନ୍ୟ ସଂପ୍ରଦାୟ ମଧ୍ୟରେ ପାରସ୍ପରିକ ବୁଝାମଣା ଫଳରେ ସମଦର୍ଶନର ସ୍ୱରୂପ ସ୍ପଷ୍ଟ ଭାବରେ ପ୍ରକଟିତ ହୋଇଥିଲା । ମୁସଲମାନ ରାଜତ୍ୱ କାଳରେ ବହୁ ସଂସ୍କୃତ ଗ୍ରନ୍ଥ ପାରାସୀ ଭାଷାରେ ଅନୁଦିତ ହୋଇଥିଲା । ଅକବର ରହିମ, ଅବ୍ଦୁଲ ରହିମ ଖାନ ଖାନା ପ୍ରଭୃତି ଶାସକବୃନ୍ଦଙ୍କ ରସସିକ୍ତ ବୈଷ୍ଣବ ସାହିତ୍ୟର ସ୍ଥାନମାଧନ୍ୟ ଗ୍ରାହକ ଥିଲେ । ଅକବରଙ୍କ ରହିମଙ୍କର ରଚନାର ଗୋଟିଏ ପଂକ୍ତି ତାଙ୍କ ବୈଷ୍ଣବ ସାହିତ୍ୟ ପ୍ରତି ଅନୁରକ୍ତିର ପ୍ରକୃଷ୍ଟ ପ୍ରମାଣ ସ୍ୱରୂପ ଦିଆଯାଇପାରେ ।

"ଶରଦ ନିଶି ନିଶୀଥେ ଚାନ୍ଦ କୀ ରୋଶନାଈ
ସଘନ ବନ ନିକୁଞ୍ଜେ କାହ୍ନ ବଂଶୀ ବଜାଈ"

ସମ୍ରାଟ ଅକବରଙ୍କ ରାଜତ୍ୱ କାଳରେ ନାଗୋରୀ ମୁବାରକଙ୍କର ପୁତ୍ର ଅବୁଲଫାଜଲ ଓ ଫୈଜୀ ବହୁ ସଂସ୍କୃତ ଗ୍ରନ୍ଥର ଅନୁବାଦ କରିଥିଲେ । ସମ୍ରାଟ ସାହାଜାହାନଙ୍କର ଜ୍ୟେଷ୍ଠ ପୁତ୍ର ଦାରାଶିକୋ ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ମୂଳ ସଂସ୍କୃତରୁ ପଚାଶ ଖଣ୍ଡ ଉପନିଷଦ ପାରସୀ ଭାଷାରେ ଅନୁବାଦ କରିଥିଲେ । ସଂସ୍କୃତ ପ୍ରତି ଅଶେଷ ପ୍ରୀତି ତାଙ୍କର ସମଦର୍ଶୀ ମନୋଭାବର ସ୍ୱର୍ଣ୍ଣ ସ୍ମାରକୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏହିପରି ବିଶ୍ଳେଷଣ କଲେ ଜଣାଯାଏ ଯେ ସମଦର୍ଶୀ ମନୋଭାବର ପ୍ରସ୍ତୁତି, ପ୍ରସାର ଭାରତବର୍ଷରେ ବିଭିନ୍ନ ସମୟରେ ହୋଇଛି । ଅବଶ୍ୟ ସମୟ ସମୟରେ ଦର୍ପଣରେ ଧୂଳି ଜମି ମୁହଁ ନଦିଶିଲା ଅବସ୍ଥା ଯେ ହୋଇନାହିଁ ଏପରି ନୁହେଁ, ସେତେବେଳେ ନୂତନ ଦିଗ୍‌ଦ୍ରଷ୍ଟାଙ୍କର ଆବିର୍ଭାବ ହୋଇଛି ଓ ସେହି ମଳିନତା ତାଙ୍କ ପ୍ରଭାବରେ ଅପସରି ଯାଇଛି । ଆଜି ମଧ୍ୟ ସମୟ ସମୟରେ ସାମ୍ପ୍ରଦାୟିକ ମନୋମାଳିନ୍ୟ ଜନିତ ସୃଷ୍ଟି ପାଇ ଏକ ଏକ ସମସ୍ୟା ସୃଷ୍ଟି କରୁଛି । ଏହି ସମସ୍ୟାର ସମାଧାନ ପାଇଁ ସମଦର୍ଶନର ଚିନ୍ତା ହିଁ ଏକମାତ୍ର ପନ୍ଥା । ଧର୍ମ ଦୃଷ୍ଟିରୁ କହିବାକୁ ଗଲେ ସମସ୍ତେ ଅସମାନ ପରି ମନେହେଲେ ହେଁ ଆଧ୍ୟାତ୍ମିକତା ଦୃଷ୍ଟିରୁ ସମସ୍ତେ ସମାନ । ସେଥିରେ ଜାତି, ଧର୍ମ, ବର୍ଣ୍ଣର ଭେଦଭାବ ନାହିଁ । ତେଣୁ ଆଜିର ସମାଜରେ ସାଂପ୍ରଦାୟିକ ସଦ୍‌ଭାବ ପାଇଁ ଆଧ୍ୟାତ୍ମିକତା ଏକମାତ୍ର ଭିତ୍ତିଭୂମି । ଧର୍ମ ହେଉଛି ଯାହା ଯାହା ଧାରଣ କରେ ... ଅସ୍ଥିର ଏହି ପୃଥିବୀ ଧର୍ମର ଧର୍ମ ... ଏହି ଧର୍ମ ଉପରେ ପ୍ରତିଷ୍ଠିତ ହୋଇଥିବାରୁ ଅନେକ ମନରେ ... ଗୋଟିଏ ଜନ୍ମ ... ଜୀବନକୁ ଅବରୋଧ କରେ ଓ

ଅସ୍ୱାଭାବିକର ପରିବେଶ ସୃଷ୍ଟି କରେ । ଏହି ପରିବେଶରେ ଆଜିର ସମାଜ କଳୁଷିତ ଓ ସନ୍ତାପିତ । ଏଥିରୁ ମୁକ୍ତି ପାଇବାକୁ ହେଲେ ଧର୍ମ, ସଂପ୍ରଦାୟର ନିଗଡ ବନ୍ଧନ ଠାରୁ ଉର୍ଦ୍ଧ୍ୱରେ ରହି ସେହି ଚରମ ସତ୍ୟ ଓ ପରମ ତତ୍ତ୍ୱର ସ୍ପର୍ଶ ଲାଭ କରିବାକୁ ହେବ । ଏହାହିଁ ଆଧ୍ୟାତ୍ମିକତା ଯାହା ଜୀବନକୁ ନେଇ ଗଢି ଉଠିଥାଏ । ଜୀବନକୁ ଭୁଲି, ହତାଦର କରି ଧର୍ମ କରିହୁଏ, କିନ୍ତୁ ଆଧ୍ୟାତ୍ମିକତାରେ ଜୀବନ ପ୍ରତି ଆବଶ୍ୟକୀୟ ଅନୁରାଗ କରଣୀୟ ହୁଏ । ଜୀବନ ବିନା ଆଧ୍ୟାତ୍ମିକତା ଅର୍ଥହୀନ । ଜୀବନର ସର୍ବାଙ୍ଗୀନ ବିକାଶ ଏହାଦ୍ୱାରା ସଂଗଠିତ ହୁଏ । କୁସଂସ୍କାର, ଅନ୍ଧ ବିଶ୍ୱାସର ଉର୍ଦ୍ଧ୍ୱରେ ଏହାର ସ୍ଥିତି । ଆଧ୍ୟାତ୍ମିକତା ହେଉଛି ସକଳ ଗୋଷ୍ଠୀ ଓ ସକଳ ଧର୍ମର ଶେଷ ଲକ୍ଷ୍ୟ ବିନ୍ଦୁର ଅନ୍ୟନାମ । ତେଣୁ ଏଥିରେ ମାର୍ଗର ଭିନ୍ନତାର ଗୁରୁତ୍ୱ ନଥାଏ । ସେହି ଦୀକ୍ଷାରେ ଦୀକ୍ଷିତ ହେଲେ ମନୁଷ୍ୟ ମନୁଷ୍ୟ ଭିତରେ ସାମ୍ୟ ପ୍ରତିଷ୍ଠିତ ହୋଇପାରିବ । ଗୋଷ୍ଠୀ ସୃଷ୍ଟି କରିବା ନୁହେଁ, ସାଂପ୍ରଦାୟିକ ମନୋଭାବରୁ ମୁକ୍ତରହି, ଚିନ୍ତା ଓ ଚେତନାରେ ମୁକ୍ତ ଏହା ସହିତ ଯୁକ୍ତରହିବା ଆଜିର ପ୍ରାଥମିକ ଆବଶ୍ୟକତା ।

ଏହି ଆବଶ୍ୟକତା ଭାରତବର୍ଷରେ ପୂରଣ ହେଲେ ଅର୍ଥାତ୍ ଭାରତବର୍ଷରେ ଭ୍ରାତୃତ୍ୱର ବନ୍ଧନ ସୁଦୃଢ ହେଲେ, ତାହା କ୍ରମଶଃ ବିଶ୍ୱରେ ପରିବ୍ୟାପ୍ତ ହେବ । କାରଣ ଭାରତ ହେଉଛି ସମଗ୍ର ବିଶ୍ୱର ଆଶା ଓ ଆଶ୍ୱାସନା । ଭାରତ ଆଗାମୀ ଦିନରେ ବିଶ୍ୱର ଗୁରୁ ଆସନ ଅଳଙ୍କୃତ କରିବ । ଶ୍ରୀ ଅରବିନ୍ଦଙ୍କ କଥାରେ—"ଭାରତ ଯଦି ସଂକଳ୍ପ କରେ, ତେବେ ମାନବ ଜାତି ଆଜି ଯେଉଁ ସମସ୍ୟା ନେଇ ବିବ୍ରତ ଓ କିଂକର୍ତ୍ତବ୍ୟ ବିମୂଢ ହୋଇ ପଡ଼ିଛି, ସେ ସବୁର ଦେଇପାରେ ଏକ ଅବ୍ୟର୍ଥ ମୀମାଂସା, ଏକ ନୂତନ ନିର୍ଦ୍ଦେଶ" । ଭାରତରେ ଶାନ୍ତି ଆସିଲେ ଜଗତରେ ଶାନ୍ତି ପ୍ରତିଷ୍ଠିତ ହେବ । କାରଣ ଭାରତ ହେଉଛି ଅନୁଭବର କେନ୍ଦ୍ରସ୍ଥଳ, ଏକ ନିଶ୍ଚିତ ଗଠନମୂଳକ ନିର୍ଦ୍ଦେଶର ମହାମନ୍ତ୍ର । ଭାରତର ଜାଗରଣରେ ପାର୍ଥିବ ପରିବେଶର ଜାଗୃତି, ଭାରତର ଅଗ୍ରଗତିରେ ବିଶ୍ୱ ମାନବ ଜାତିର ଗତିପଥ ପ୍ରଶସ୍ତ ଓ କୁସୁମିତ, ଏହା କହିବାର ତାତ୍ପର୍ଯ୍ୟ ହେଉଛି ଯେ ଭାରତ ହେଉଛି ଆତ୍ମିକ ଶକ୍ତି । ଆତ୍ମିକ ଚେତନା ଜାଗ୍ରତ ହେଲେ ଯେପରି ଶରୀରର ପ୍ରତ୍ୟେକ ଅଙ୍ଗ ତାର ଯଥାର୍ଥ ରୂପ ପ୍ରାପ୍ତ ହୁଏ, ସେହିପରି ଭାରତ ଜାଗ୍ରତ ହେଲେ ସମଗ୍ର ବିଶ୍ୱର ପୂର୍ଣ୍ଣାଙ୍ଗ ପ୍ରଗତି ସମ୍ଭବ ହେବ । ଶ୍ରୀମାଙ୍କ ବାଣୀରୁ ଏ କଥାର ମହତ୍ତ୍ୱ ଉପଲବ୍ଧ ହୁଏ । ସେ କହନ୍ତି—"ଭାରତର ଭବିଷ୍ୟତ ଖୁବ୍ ସ୍ପଷ୍ଟ, ଭାରତ ହିଁ ଜଗତର ଗୁରୁ । ପୃଥିବୀର ଭବିଷ୍ୟତ ରୂପରେଖ ଭାରତ ଉପରେ ନିର୍ଭର କରେ । ଭାରତ ହିଁ ଜୀବନ୍ତ ଆତ୍ମା" ।

ଭାରତର ଆତ୍ମାକୁ ଆବିଷ୍କାର କରି ତାକୁ ଜାଗ୍ରତ କରାଇ ପାରିଲେ ପାର୍ଥିବ ପରିବେଶରେ ଦିବ୍ୟ ଜୀବନର ଲଳିତ ରୂପାୟନ ସମ୍ଭବ ହେବ । ଏ ଦୃଷ୍ଟିରୁ ଦେଖିଲେ ଏ ଦିଗରେ ପ୍ରତ୍ୟେକ ଭାରତୀୟଙ୍କର ଏକ ଏକ ବିଶିଷ୍ଟ ଭୂମିକା ରହିଛି । ଅନ୍ୟ ଭାଷାରେ କହିଲେ ବିଶ୍ୱ ସମସ୍ୟା ସମାଧାନ ନିମନ୍ତେ ପ୍ରତ୍ୟେକ ସଚେତନ ଭାରତୀୟ ଏକ ଏକ ପାତ୍ରମାତ୍ର ପୂର୍ଣ୍ଣ ଅଭିବ୍ୟକ୍ତି । ଏଥିପାଇଁ ପ୍ରତ୍ୟେକ ଭାରତୀୟ ଜାତି, ଧର୍ମ, ବର୍ଣ୍ଣ, ଭାଷା ଭେଦର ଉର୍ଦ୍ଧ୍ୱରେ ରହି ଆମ ପରମ୍ପରାରେ ପ୍ରତିଷ୍ଠିତ ସମଦର୍ଶନର ଦର୍ଶରେ ନିଜର ଆତ୍ମିକ ସତ୍ତା ସମ୍ପର୍କରେ ସଚେତନ ହୋଇ ତାହାକୁ ଆବିଷ୍କାର କରିବା ସର୍ବଦୌ ବାଞ୍ଛନୀୟ । ବ୍ୟକ୍ତିଗତ ଆତ୍ମାର ଆବିଷ୍କାରରେ ହିଁ ଜାତିଗତ ତଥା ଦେଶଗତ ଆତ୍ମାର ଆବିଷ୍କାର ସମ୍ଭବ ହେବ । ତେଣୁ ଏ କଥା କୁହାଯାଇପାରେ ଯେ ପ୍ରତ୍ୟେକ ସଚେତନ ଭାରତୀୟ ଏକ ଏକ ପ୍ରଜ୍ୱଳିତ ଦୀପ । ଗୋଟିଏ ଗୋଟିଏ ଦୀପର ପ୍ରଜ୍ୱଳିତ ଶିଖାରେ ଭାରତର ଆତ୍ମିକ ଦୀପର ଶିଖା ପ୍ରଜ୍ୱଳିତ ହେବ ଏବଂ ସମଗ୍ର ବିଶ୍ୱ ରୂପକ ଦୀପ ଏହି ଶିଖା ଦ୍ୱାରା ପ୍ରଜ୍ୱଳିତ ହେବ । ବିଶ୍ୱ ମାନବ ଅବଲୋକିତ ପଥର ପଥିକ ହେବ ଓ ଦିବ୍ୟ ଜୀବନର ପରିପୂର୍ଣ୍ଣ ପ୍ରକାଶ ପାର୍ଥିବ ଜଗତରେ ସତ୍ୟ ଓ ବାସ୍ତବ ହୋଇ ଉଠିବ ।

ତେବେ ଭାରତୀୟଙ୍କୁ ନିଜ ଚୈତ୍ୟ ସତ୍ତାର ଆବିଷ୍କାର ପାଇଁ ପଳାୟନପନ୍ଥୀ ହୋଇ ସଂସାରରୁ ତଥା ଜୀବନରୁ ପଳାୟନ କରିବାକୁ ପଡ଼ିବ ନାହିଁ । ବରଂ ଜୀବନକୁ ପରିବେଶର ଅପୂର୍ଣ୍ଣତାକୁ ଭଲ ପାଇବାକୁ ପଡ଼ିବ । ବିଜ୍ଞାନ ତଥା କାରିଗରୀ କୌଶଳକୁ ସ୍ୱାଗତ କରି ତାର ସଦୁପଯୋଗ କରିବାକୁ ହେବ । ରିକ୍ତ ସନ୍ନ୍ୟାସୀର ରୁକ୍ଷତା ନୁହେଁ, ଅନୁରାଗ ହେବ ଜୀବନରେ ବରଣୀୟ ଉପାଦାନ । ଆତ୍ମିକ ସତ୍ତାର ଆବିଷ୍କାର ପାଇଁ ଆବଶ୍ୟକୀୟ ସମସ୍ତ ଚିନ୍ତା ଓ କ୍ରିୟାକୁ ସମାକ୍ଷଣ ଜଣାଇବାକୁ ହେବ । ପୁନଶ୍ଚ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରୁଥିବା ସମସ୍ତ ଚିନ୍ତା ଓ କ୍ରିୟାକୁ ବର୍ଜ୍ଜନ କରିବାକୁ ହେବ । ଗ୍ରହଣ ଓ ବର୍ଜ୍ଜନର କ୍ରିୟାଟି ଅଧିକରୁ ଅଧିକ ନିର୍ମ୍ମଳ ହେବ ସେତେବେଳେ ଯେତେବେଳେ ଜଣେ ନିଃଶେଷରେ ମୂଳ ଚେତନା ସମ୍ପର୍କରେ ସଚେତନ ହେବ । ତାଙ୍କ ପ୍ରତି ଗଭିର ପ୍ରେମଭାବ ପୋଷଣ କରିପାରିବ । ତାଙ୍କର ଆହ୍ୱାନ ଶୁଣି ପାରିବ । ପ୍ରେମ ଏକମାତ୍ର ସଦ୍‌ବସ୍ତୁ, ଯାହା ମୂଳ ଚେତନା ସହିତ ସଂଯୁକ୍ତ ହେବା ପାଇଁ ଏକ ବଳିଷ୍ଠ ସଂଯୋଗ ସୂତ୍ର । ସେହି ପରମ ପ୍ରେମମୟଙ୍କ ପ୍ରତି ଅନ୍ତରରେ ଆସ୍ଥା ରଖି ଅଗ୍ରଗତି କଲେ ଚଲା ପଥ ସରଳ ଓ ସୁଗମ ହୋଇ ପାରିବ। ରବୀନ୍ଦ୍ରନାଥଙ୍କର ସ୍ୱରରେ ପ୍ରତ୍ୟେକଙ୍କ ସ୍ୱର ମିଶି ଏହା ଉଚ୍ଛାରିତ ହେଉଥିବ ।

''ଅହରହ ତବ ଆହ୍ୱାନ ପ୍ରଚ୍ଚରିତ, ଶୁଣି ତବ ଉଦାରବାଣୀ
ହିନ୍ଦୁ, ବୌଦ୍ଧ, ଶିଖ, ଜୈନ, ପାରସିକ, ମୁସଲମାନ, ଖ୍ରୀଷ୍ଟାନୀ
ପୂରବ ପଶ୍ଚିମ ଆସେ, ତବ ସିଂହାସନ ପାଶେ
ପ୍ରେମହାର ହୟ ଗାଁଥା
ଜନଗଣ — ଐକ୍ୟ ବିଧାୟକ ଜୟହେ ଭାରତ ଭାଗ୍ୟ ବିଧାତା
ଜୟହେ, ଜୟହେ, ଜୟହେ, ଜୟ, ଜୟ, ଜୟ ଜୟହେ'' ।

---

'ମାତୃକୃପା'–ଇ.ଡି.୬୫୭
ବଡଗଡ ବ୍ରିଟକଲୋନୀ
ଭୁବନେଶ୍ୱର-୧୪



ଲୋକନାଥ ମନ୍ଦିର

# ଓଡ଼ିଆ ଭାଷା ପ୍ରଚଳନର ଅତୀତ

ଅଧ୍ୟାପକ ଡକ୍‌ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର

ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ପ୍ରଚଳନ କରିବା ନିମନ୍ତେ ଯେଉଁ ସଂକଟ ବା ପ୍ରତିବନ୍ଧକ ଦେଖାଦେଇଛି ତାହା ବହୁଦିନ ପୂର୍ବରୁ ଆତ୍ମପ୍ରକାଶ କରିଥିଲା । ଏଥିପାଇଁ ଓଡ଼ିଶାର ଇତିହାସକୁ ଅନୁଧ୍ୟାନକଲେ ପ୍ରଥମେ ୧୮୦୧ ମସିହାରେ ଏଚ୍. ଟି. କୋଲବ୍ରୁକ୍ ସାହେବଙ୍କ ମତ ଦୃଷ୍ଟି ପଥାରୂଢ଼ ହୁଏ । କୋଲବ୍ରୁକ୍ ସାହେବ ଓଡ଼ିଆଭାଷା ଭାଷୀ ଅଞ୍ଚଳ ଓ ଓଡ଼ିଆଭାଷା ସଂପର୍କରେ ନିଜର ମତପ୍ରଦାନକରି କହିଥିଲେ "ଓଡ଼ିଶା ସୁବାସହିତ ଚିହ୍ନିତ ଉତ୍କଳ ବା ଉତ୍କଳଦେଶ ମେଦିନୀପୁରଠାରୁ ମାଣିକ-ପାଟଣା ଓ ସମୁଦ୍ରଠାରୁ ସମଲପୁର ପର୍ଯ୍ୟନ୍ତ ବିସ୍ତୃତ । ଏହି ପ୍ରଦେଶର, ଭାଷା ଓ ଲିପି ଉଭୟେ ଓଡ଼ିଆ ନାମରେ ପରିଚିତ । ଏଭାଷାର କୋଡ଼ୋଡ଼ି ଅଶୁଦ୍ଧ ଓ ହିନ୍ଦୁସ୍ଥାନୀଭାଷା ମଧ୍ୟରେ ଅନୀତ କେତେକ ପାର୍ଶୀ ଓ ଆରବୀଶବ୍ଦ ସ୍ଥାନ ପାଇଛନ୍ତି । ଅନ୍ୟ ଶବ୍ଦମାନଙ୍କର ଉତ୍ପତ୍ତିସ୍ଥଳ ସନ୍ଦେହପୂର୍ଣ୍ଣ । ଏ ପ୍ରଦେଶର ବ୍ରାହ୍ମଣମାନେ ସଂସ୍କୃତ ଭାଷାକୁ ଓଡ଼ିଆ ଲିପିରେ ଲେଖନ୍ତି । ଲୁହାଲେଖନୀ ଓ ତାଳପତ୍ରରେ ଏ ଅକ୍ଷରସବୁ ଲେଖାଯିବାରୁ ଏହାର ଲିପି ଦେବନାଗରୀଲିପିଠାରୁ ସ୍ୱତନ୍ତ୍ର ହୋଇଅଛି । ଏ ଲିପି ଦକ୍ଷିଣ ଭାରତୀୟ ଲୋକଙ୍କଲିପି ସହିତ ସାଦୃଶ୍ୟ ରକ୍ଷା କରିଅଛି । (Asiatic Researches, Vol. VI (1801), P. 225).

କିନ୍ତୁ ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଆଗମନ କରିବା ପୂର୍ବରୁ ଏଦେଶ ଖ୍ରୀ: ୧୫୬୮ରୁ ଖ୍ରୀ: ୧୮୦୩ ପର୍ଯ୍ୟନ୍ତ ମୋଗଲ ଓ ମରହଟ୍ଟାମାନଙ୍କ ଦ୍ୱାରା ଶାସିତ ହୋଇଥିଲା । ଫଳରେ ବିଶାଳ ଓଡ଼ିଆ ସାମ୍ରାଜ୍ୟ ପରାଧୀନତାର ନିଗଡ଼ ବନ୍ଧନ ମଧ୍ୟରେ ତଥା ବିଭିନ୍ନ ଶାସକଙ୍କ ହାତରେ, ଖଣ୍ଡବିଖଣ୍ଡିତ ହୋଇଯାଇଥିଲା । ପରେ ଏହି ଖଣ୍ଡବିଖଣ୍ଡିତ ରାଜ୍ୟମାନେ ପଡ଼ୋଶୀରାଜ୍ୟର ଭାଷାଦ୍ୱାରା ପ୍ରଭାବିତ ହେବା ସଂଗେ ସଂଗେ ଓଡ଼ିଶାର ଭାଷାକୁ ମଧ୍ୟ ପ୍ରଭାବିତକଲେ । ଇଂରେଜମାନଙ୍କ ଆଗମନ ସମୟରେ ଓଡ଼ିଶାର କଚେରୀମାନଙ୍କରେ ପାର୍ଶୀ-ଭାଷାର ପ୍ରଚଳନ ଥିବାରୁ ଖ୍ରୀ: ୧୮୦୫ରେ କଟକର କମିସନର ସାହେବ ଓଡ଼ିଆ ଲୋକଙ୍କ ସହିତ ସଂପର୍କ ସ୍ଥାପନ ନିମନ୍ତେ କଚେରୀରେ ଓଡ଼ିଆ ଓ ପାର୍ଶୀ ଭାଷାରେ ବିଷୟମାନ ଲେଖିବାକୁ ଆଦେଶ ଦେଇଥିଲେ । (A sketch history of Orissa from 1803 to 1828 by Toynbee, P. 70).

କମିସନରଙ୍କ ଏହି ଆଦେଶନାମା କିଛିଦିନଧରି କାର୍ଯ୍ୟକାରୀ ହେବାପରେ ପ୍ରଶାସନିକ ଅସହଯୋଗ ଓ ଅଣଓଡ଼ିଆଙ୍କ ହସ୍ତକ୍ଷେପ ଫଳରେ ଓଡ଼ିଆଭାଷା ପ୍ରଚଳନରେ ପୁନର୍ବାର ଅନ୍ତରାୟ ସୃଷ୍ଟି ହେଲା । ତେଣୁ ତା-୩୦-୫-୧୮୩୭ରେ ରେଭିନ୍ୟୁ ସେକ୍ରେଟାରୀଙ୍କ ଆଦେଶନାମାନୁଯାୟୀ ଓଡ଼ିଶାରେ କଚେରୀମାନଙ୍କରେ ଓଡ଼ିଆ ଭାଷାର ପ୍ରଚଳନ ଉପରେ ପ୍ରାଧାନ୍ୟ ଦିଆଗଲା । ଏପରିକି ପ୍ରଶାସନିକ କ୍ଷେତ୍ରରେ ହସ୍ତକ୍ଷେପକୁ ବନ୍ଦକରିବା ନିମନ୍ତେ ତା-୧୧-୭-୧୮୩୭ରେ ପ୍ରତି କଲେକ୍ଟର ରେଭିନ୍ୟୁ ସେକ୍ରେଟାରୀଙ୍କ ପାଖକୁ ଟ୍ରିଭିଲିୟନ ସାହେବ ଏକ ଆଦେଶନାମା ପଠାଇଥିଲେ ଯାହାର ମର୍ମାର୍ଥ ହେଉଛି 'ଚାକିରୀ ନିମନ୍ତେ ଦେଶୀୟ ଭାଷା ଜାଣିବା ଏକାନ୍ତ ଆବଶ୍ୟକ । ଏହା ନଜାଣିଲେ ଚାକିରୀ ମିଳିବନି । ଯେଉଁମାନେ ଦେଶୀୟ ଭାଷାରେ କାର୍ଯ୍ୟ ନିର୍ବାହକରି ନପାରୁଛନ୍ତି ସେମାନେ ଶୀଘ୍ର ଦେଶୀୟ ଭାଷା ଶିକ୍ଷା କରିବା ଉଚିତ ।

ଏହି ଆଦେଶନାମା ଦିଆଯିବାର ଦୀର୍ଘ ଦଶବର୍ଷପରେ ଅର୍ଥାତ୍ ଖ୍ରୀ: ୧୮୪୭-୪୮ ମସିହାରେ କଟକ ଉର୍ଣ୍ଣାକୁଲର ସ୍କୁଲରେ ଛାତ୍ରମାନଙ୍କର ସଂଖ୍ୟା କମ୍‌ଦେଖି କଟକ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ବାଇରିଂସ ସାହେବ ଓଡ଼ିଆ ଭାଷାକୁ ବଂଗଭାଷାର ଉପଭାଷା ବୋଲି ମତ ଦେଇଥିଲେ । କିନ୍ତୁ ତତ୍କାଳୀନ କମିସନର ଗୋଲଡସବ୍ରୀ ଏହାକୁ ଅତ୍ୟନ୍ତ ଭ୍ରମସଙ୍କୁଳ ମତବାଦ ବୋଲି ଘୋଷଣା କରିବା ସଂଗେ ସଂଗେ ଓଡ଼ିଶାରେ ଓଡ଼ିଆ ଭାଷା ପରିବର୍ତ୍ତେ ବଂଗଭାଷା ପ୍ରଚଳନ କରିବା ଅତ୍ୟନ୍ତ ଆପତ୍ତିଜନକ ଓ ଏ ନୀତି ଗ୍ରହଣ କରାଗଲେ ବଂଗଦେଶର ଲୋକ ଓଡ଼ିଶାରେ ଓଡ଼ିଆମାନଙ୍କୁ ବିତାଡ଼ନକରି ଚାକିରୀ ପାଇବା

ସୁଯୋଗଲାଭ କରିବେ । (Report of the Council of Education 1848-49, PP. 336-337).

ଏହାର କିଛିଦିନପରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପଦପଦବୀରେ ଅଧିଷ୍ଠିତ ହୋଇଥିବା ବଂଗାଳୀମାନଙ୍କ ତରଫରୁ ଓଡ଼ିଆଭାଷା ଉଠାଇବାପାଇଁ ଯେଉଁ ଉଦ୍ୟମ ହୋଇଥିଲା ସେଥିରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଡେପୁଟି ଇନ୍‌ସପେକ୍‌ଟର ଉମାଚରଣ ହାଲଦାର ଓ ଇନ୍‌ସପେକ୍‌ଟର ମିଷ୍ଟର ହାରିସନ୍ । ୧୮୬୪-୬୫ ମସିହାରେ ଏହି ଦୁଇଜଣ ଓଡ଼ିଆ ବିଦ୍ୟାଳୟମାନଙ୍କରେ ଓଡ଼ିଆଭାଷା ପରିବର୍ତ୍ତେ ବଂଗଳାଭାଷା ପ୍ରଚଳନକୁ ଅନୁମୋଦନ କରିବା ସଂଗେ ସଂଗେ ଓଡ଼ିଆଭାଷା ବିରୋଧରେ ମଧ୍ୟ ସ୍ୱର ଉତ୍ତୋଳନ କରିଥିଲେ ।

ଏହିଭଳି ଏକ ସନ୍ଧିସନ୍ଧି ମୁହୂର୍ତ୍ତରେ ୧୮୬୮ ମସିହାରେ ପ୍ରତ୍ନତାତ୍ତ୍ୱିକ ରାଜେନ୍ଦ୍ରଲାଲମିତ୍ର କଟକରେ ଡିବେଟିଂ କ୍ଲବରେ ବକ୍ତୃତା ପ୍ରସଂଗରେ କହିଲେ 'ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ଯେ ହେବ ସେ ସର୍ବାଗ୍ରେ ଉତ୍କଳଭାଷା ଉଠାଇଦେଇ ବଂଗଭାଷା ପ୍ରଚଳନ କରିବେ କାରଣ ଯେତେକାଳ ପର୍ଯ୍ୟନ୍ତ ଉତ୍କଳ ଭାଷା ଉଠିଯାଉନାହିଁ, ସେତେକାଳ ପର୍ଯ୍ୟନ୍ତ ଏଦେଶର ଉନ୍ନତିହେବା ଅସମ୍ଭବ । କେବଳ ସେତିକି ନୁହେଁ ଓଡ଼ିଶାର ଲୋକ ସଂଖ୍ୟା ଅଳ୍ପ ଥିବାରୁ ଏମାନଙ୍କୁ ନେଇ ସ୍ୱତନ୍ତ୍ର ଭାଷା ସୃଷ୍ଟି କରିବା ଅସମ୍ଭବ' ବୋଲି ସେ ମତବ୍ୟକ୍ତ କରିଥିଲେ ।

ଇତ୍ୟବସରରେ ଉମାଚରଣ ହାଲଦାର ବଂଗଳା ଅକ୍ଷରରେ ଓଡ଼ିଆଭାଷା ଲେଖିବାପାଇଁ ବିଶେଷ ଆଗ୍ରହ ପ୍ରଦର୍ଶନ କରିଥିଲେ । ଏପରି ତା-୧୭-୯-୧୮୬୯ରେ ଇଣ୍ଡିଆନ୍ ମିରର 'ପତ୍ରିକାରେ ଓଡ଼ିଶାର ଶିକ୍ଷା ପ୍ରଣାଳୀ ସଂପର୍କରେ ଏକ ପ୍ରବନ୍ଧ ମାଧ୍ୟମରେ ଓଡ଼ିଶାରେ ବଂଗଳାଭାଷା ଶିକ୍ଷା କରିବାକୁ ଉତ୍ସାହିତ କରାଯାଇଥିବାରୁ ତା-୨୫-୯-୧୮୬୯ ଉତ୍କଳ ଦୀପିକାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏପରିକି ବେଡ଼ି ଉପରେ କୋରଡ଼ାମାଡ଼ପରି ବଂଗର ଶିକ୍ଷା ବିଭାଗୀୟ ଡିରେକ୍‌ଟର ମଧ୍ୟ ବଂଗଳାଭାଷାର ପ୍ରଚଳନକୁ ଅନୁମୋଦନ କରିବା ସଂଗେସଂଗେ ଓଡ଼ିଆପୁସ୍ତକ ପ୍ରକାଶ ନିମନ୍ତେ କୌଣସି ଅର୍ଥ ମଞ୍ଜୁର କରିନଥିଲେ (ଉତ୍କଳଦୀପିକା-ତା-୧-୮-୧୮୬୯ ସଂଖ୍ୟା)

ଠିକ୍ ଏହିଭଳି ଏକ ବିସ୍ମୟକର ମୁହୂର୍ତ୍ତରେ ୧୮୭୦ ମସିହାରେ ବାଲେଶ୍ୱର ଜିଲା ସ୍କୁଲରେ ଜଣୈକ ବଂଗୀୟ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କର 'ଉଡ଼ିୟା ଏକ ସ୍ୱତନ୍ତ୍ରଭାଷା ନହେ' ପୁସ୍ତିକା ଓଡ଼ିଆ ବିରୋଧୀ ଆନ୍ଦୋଳନକୁ ଉଦ୍ଦୀପିତ କରିଥିଲା । ଏହି ପୁସ୍ତିକାରେ ସଂଶୋଧନ କାର୍ଯ୍ୟ ବାବୁ ରାଜେନ୍ଦ୍ର ଲାଲ ମିତ୍ର କରିଥିବା କଥା ମଧ୍ୟ ପୁସ୍ତିକାର ମୁଖବନ୍ଧରେ ଉଲ୍ଲେଖ ହୋଇଛି । ଏହିଗ୍ରନ୍ଥ ଉପରେ ତା-୨୬-୨-୧୮୭୦ର ଉତ୍କଳ ଦୀପିକାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏପରିକି ଏହାପରେ କେତେଜଣ ବଂଗବାସୀ ଓଡ଼ିଆଭାଷାକୁ ଉଠାଇଦେଇ ବଂଗଭାଷାର ପ୍ରଚଳନ ନିମନ୍ତେ ହୀନ ପ୍ରଚେଷ୍ଟା କରିଥିଲେ । ସେମାନେ ବଂଗଳାଭାଷା ଓ ଅକ୍ଷରରେ ମୁଦ୍ରିତ ଏକ ଦରଖାସ୍ତ ଦ୍ୱାରା ଓଡ଼ିଆଭାଷା ଉଠାଇଦେଇ ବଂଗଳାଭାଷାକୁ ବିଦ୍ୟାଳୟରେ ପୁନଃ ପ୍ରଚଳନ ନିମନ୍ତେ ଗୁପ୍ତରେ ଦସ୍ତଖତ ସଂଗ୍ରହ କରୁଥିଲେ । ତା-୨୬-୩-୧୮୭୦ର ଉତ୍କଳଦୀପିକା ଏହି ଚୁକ୍ତିକାରବାର ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସଙ୍ଗେସଙ୍ଗେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା ।

ଏହି ସମୟରେ ଜିଲା ସମୂହର ଡେପୁଟି ଇନ୍‌ସପେକ୍‌ଟର ବାବୁ ଶିବୁଦାସ ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷାର ଉଚ୍ଛେଦ ନିମନ୍ତେ ଯେଉଁ ଉଦ୍ୟମ କରିଥିଲେ ତା'ର ବିରୁଦ୍ଧରେ ବାଲେଶ୍ୱର ସମ୍ବାଦ ବାହିକାରେ ପ୍ରତିକ୍ରିୟା ପ୍ରକାଶ ପାଇବାଦ୍ୱାରା ବାଲେଶ୍ୱରର ଜନସାଧାରଣ ଏଥିନିମନ୍ତେ ସ୍ୱର ଉତ୍ତୋଳନ କରିଥିଲେ । ୧୮୭୦ ମସିହା ଜୁଲାଇ ମାସର 'କାଲକାଟାଅବଜରଭର' ଏହାର ସମାଲୋଚନା କରି ମତଦେଇଥିଲା ଯେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା' । ପୂର୍ବରୁ ଏ ଭାଷାର ଅନେକ ଗ୍ରନ୍ଥ ରହିଛି ଓ ଦିନକୁଦିନ ଗ୍ରନ୍ଥର ସଂଖ୍ୟା ବୃଦ୍ଧି ପାଉଛି । ତେଣୁ ସରକାର ଓଡ଼ିଶା ବାସୀଙ୍କୁ ବାଧ୍ୟତାମୂଳକ ଭାବରେ, ବଂଗଳା ଶିକ୍ଷା ଦେବା ଅନ୍ୟାୟହେବ ।

ଓଡ଼ିଶାର ଉତ୍ତରଦିଗରେ ଓଡ଼ିଆଭାଷ ସଂପର୍କରେ ଏଭଳି ଚକ୍ରାନ୍ତ ଚାଲିଥିବା ବେଳେ ଦକ୍ଷିଣ ଦିଗରେ ଥିବା ମାନ୍ଦ୍ରାଜ ଶିକ୍ଷା ବିଭାଗଦ୍ୱାରା ଓଡ଼ିଆଭାଷା ଉଠାଇଦେବାକୁ ପ୍ରବଳ ଉଦ୍ୟମ ହୋଇଥିଲା । ତତ୍କାଳୀନ 'ଇଣ୍ଡିଆନ୍ ଅବଜରଭର' ଏ ସଂପର୍କରେ ଯାହା ପ୍ରକାଶ କରିଥିଲା ତାର ମର୍ମାର୍ଥ ହେଉଛି 'ମାନ୍ଦ୍ରାଜ ଶିକ୍ଷାବିଭାଗ ଡିରେକ୍‌ଟର ପାଉଲ ସାହେବ ବିଶ୍ୱବିଦ୍ୟାଳୟ ପରୀକ୍ଷାରୁ ଉତ୍କଳଭାଷା ଉଠାଇଦେବା ନିମନ୍ତେ ତତ୍କାଳୀନ ସରକାରଙ୍କୁ ଅନୁରୋଧ କରିଥିଲେ । ତାଙ୍କମତରେ ଓଡ଼ିଆମାନଙ୍କୁ ତେଲୁଗୁଭାଷା ଶିକ୍ଷା କରିବାକୁ ବାଧ୍ୟ କରାଗଲେ ତାହା ଅନେକ ଉପକାର କରିବ । କାରଣ ତେଲୁଗୁ ଭାଷାରେ ପୂର୍ବ କାଳର ସାହିତ୍ୟ ପୁସ୍ତକ ଅଛି । ଓଡ଼ିଆ ଅର୍ଦ୍ଧ ଅସଭ୍ୟ ଭାଷା ଓ ଏଥିରେ ଯେଉଁ ଅଳ୍ପ ପରିମାଣର ପୁସ୍ତକଅଛି ତାହା କୌଣସି କାମରେ ନୁହେଁ' । (ଉତ୍କଳ ଦୀପିକା ତା ୨୩-୧୨-୧୮୭୧ ସଂଖ୍ୟା) ।

ତା-୨୨-୬-୧୮୭୨ ଉତ୍କଳ ଦୀପିକାରୁ ଜଣାଯାଏ ଯେ ତାତ୍କାଳୀନ ସରକାର ଦେଶୀୟଭାଷାର ପ୍ରଚଳନ ନିମନ୍ତେ ଉଦ୍ୟମ କରିଥିଲେ । କିନ୍ତୁ ସରକାରୀ କାର୍ଯ୍ୟାଳୟସ୍ଥ ଲେଖକମାନେ (କିରାଣୀ) ଭାଷାର ଶୁଦ୍ଧତାପ୍ରତି ନଜର ନଦେବାରୁ କେତେକ ଦୁଃଖ ପ୍ରକାଶ କରିଥିଲେ । ବ୍ରାଉନ୍‌ସାହେବ ଏଥିପ୍ରତି ଯତ୍ନବାନ ହେବା ସଂଗେ ସଂଗେ ଶୁଦ୍ଧ ଓଡ଼ିଆଭାଷା ପ୍ରଚଳନ ନିମନ୍ତେ ପରାମର୍ଶଦେଇ ଓଡ଼ିଆଭାଷା ଓ ସାହିତ୍ୟର ଉପକାର କରିଥିଲେ । ଖ୍ରୀ: ୧୮୭୫ ମସିହା ବେଳକୁ ଓଡ଼ିଆଭାଷା ଓ ସାହିତ୍ୟର ସୁରକ୍ଷାନିମନ୍ତେ ତଦାନୀନ୍ତନ କମିସନର ରେଭେନ୍‌ସା ସାହେବଙ୍କର ଅବଦାନ ବାସ୍ତବିକ୍ ଅବିସ୍ମରଣୀୟ । (ସମ୍ବାଦବାହିକା ତା-୧୬-୩-୧୮୭୫)

୧୮୮୦ ମସିହାରେ ବାବୁ ଦ୍ୱିଜଦାସ ଦତ୍ତ ଏକ ଆଲୋଚନା ସଭାରେ ଦୃଢ଼ ଯୁକ୍ତି ସମ୍ବଳିତ ମତପ୍ରଦାନକରି ପ୍ରମାଣିତ କରିଥିଲେ ଯେ ଓଡ଼ିଆଭାଷା ଏକ ସ୍ୱତନ୍ତ୍ରଭାଷା ଓ ଏହା ବଂଗଳା ଭାଷାରୁ ଅପଭ୍ରଂଶହୋଇ ସୃଷ୍ଟି ହୋଇନାହିଁ । (ସମ୍ବାଦ—ବାହିକା-ତା-୮-୧-୧୮୮୦) । ତେଣୁ ଓଡ଼ିଆଭାଷା ଉନ୍ନତି ତଥା ଅବନତି ଏଭଳି ଦ୍ୱନ୍ଦାତ୍ମକ ପରିବେଶ ମଧ୍ୟରେ

ଅନୂନ୍ୟ ୧୦ବର୍ଷ ଅତିକ୍ରାନ୍ତ କରିବାପରେ ସମ୍ବଲପୁର ଅଞ୍ଚଳରେ ଭାଷା ଆନ୍ଦୋଳନ ପୁନର୍ବାର ମୁଣ୍ଡଟେକି ଉଠିଥିଲା । ସେ ସଂପର୍କରେ ୧୮୯୦ ମସିହା ଜୁଲାଇମାସ ୪ତାରିଖରେ 'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ 'ଓଡ଼ିଆ ଭାଷାର ବିଲୋପ ଚେଷ୍ଟା' ଶୀର୍ଷକ ସମ୍ବାଦ ମାଧ୍ୟମରେ ସମ୍ବଲପୁରର ସରକାରୀ କାର୍ଯ୍ୟାଳୟର କାଗଜପତ୍ର ଓଡ଼ିଆ ଭାଷାରେ ଲେଖା ନଯାଇ ହିନ୍ଦୀରେ ଲେଖାଯିବା ନିମନ୍ତେ ସୂଚନା ପ୍ରଦାନ କରାଗଲା ।

ଫଳରେ ଜନସାଧାରଣଙ୍କ ମନରେ ଗଭୀର ଅସନ୍ତୋଷ ପ୍ରକାଶ ପାଇବାଦ୍ୱାରା ସମ୍ବଲପୁରରେ ଜନ ଆନ୍ଦୋଳନ ତେଜିଉଠିଲା । କେବଳ ସେତିକିନୁହେଁ ବିଭିନ୍ନ ପତ୍ରପତ୍ରିକାରେ ପ୍ରବଳ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଲା । ତେଣୁ ଜୁଲାଇ ୧୮୯୨ ମସିହାରେ ଓଡ଼ିଶାର କମିସନର ଟୋଏନବୀ ତାଙ୍କର Annual General Administrative Report, Orissa Divisionରେ ଉଲ୍ଲେଖ କରିଥିଲେ ଯେ ବଙ୍ଗଳାର ଚୌଧୁରୀ ଅଧିବାସୀଙ୍କୁ ଓଡ଼ିଶାରେ ଚୌଧୁରୀ କର୍ମରେ ନିଯୁକ୍ତକଲେ ପତ୍ର ପତ୍ରିକାମାନ ତାର ଘୋର ବିରୋଧ କରୁଛନ୍ତି ।

ଏହାର କିଛିଦିନପରେ ଛତିଶଗଡ଼ ବିଭାଗର କମିସନର ସାହେବ ସମ୍ବଲପୁରଠାରେ ଗୋଟିଏ ହିନ୍ଦୀଭାଷାରେ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଇନ୍‌ସପେକ୍ଟର ଜେନେରାଲଙ୍କୁ ଅନୁରୋଧ କରିଥିଲେ । ଇନ୍‌ସପେକ୍ଟର ଜେନେରାଲ ସମ୍ବଲପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟଚନ୍ଦ୍ରଙ୍କଠାରୁ ପରାମର୍ଶ ଲୋଡ଼ିବାରୁ ବିଜୟବାବୁ ଦୃଢ଼ତାର ସହିତ ଏହାକୁ ବିରୋଧକରିବା ସଂଗେ ସଂଗେ ମାତୃଭାଷା ଓଡ଼ିଆଭିନ୍ନ ଦେଶୀ ଭାଷାରେ ଗୋଟିଏମାତ୍ର ଉଚ୍ଚତର ବିଦ୍ୟାଳୟ ନଥିବାରେ ହିନ୍ଦୀଭାଷାର ବିଦ୍ୟାଳୟ ପ୍ରତିଷ୍ଠା ବିଷୟକ ପ୍ରସ୍ତାବକୁ କଦାପି ଅନୁମୋଦନ କରାଯାଇ ନପାରେ ବୋଲି ମତ ଦେଇଥିଲେ । (ସମ୍ବଲପୁର ହିତୈଷିଣୀ– ତା-୧୩-୯-୧୮୯୩) ।

ଏହି ସମୟରେ ପୁନର୍ବାର ସମ୍ବଲପୁରରେ ମାତୃଭାଷା ଓଡ଼ିଆର ଉଚ୍ଛେଦକାରୀ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିଲା ତାହା ତା-୨୩-୧-୧୮୯୫ର ସମ୍ବଲପୁର ହିତୈଷିଣୀରେ ପ୍ରକାଶ ପାଇଥିଲା । ଏହି ଚକ୍ରାନ୍ତ ତା-୧୯-୧-୧୮୯୫ ମସିହାରେ ମଧ୍ୟପ୍ରଦେଶ ଗେଜେଟରେ ପ୍ରକାଶ ପାଇଥିଲା । ଏଥିରେ ଉଲ୍ଲେଖଥିଲା ଆଗାମୀ ୧୮୯୬ ମସିହା ଜାନୁଆରୀ ମାସ ପହିଲାଠାରୁ ସମ୍ବଲପୁରର ସମସ୍ତ ସରକାରୀ କାର୍ଯ୍ୟରେ ଉତ୍କଳ ଭାଷା ବଦଳରେ ହିନ୍ଦୀ ଭାଷା ପ୍ରଚଳନ ଓ ପ୍ରଚଳନ କରାଯିବ । ସମ୍ବଲପୁର ହିତୈଷିଣୀର ତା-୩୦-୧-୧୮୯୫ ସଂଖ୍ୟାରେ ଏହାର ତୀବ୍ର ପ୍ରତିବାଦ ସଂଗେ କ୍ଷୋଭପ୍ରକାଶ କରାଯାଇଥିଲା । କେବଳ ସେତିକିନୁହେଁ ସେହି ବର୍ଷ ଫେବୃଆରୀ ମାସ ୧୧ତାରିଖ ଦିନ ଶ୍ରୀ ଜଗନ୍ନାଥ ମନ୍ଦିରରେ ବିଶ୍ୱେଶ୍ୱର ପାଣି, ଗଙ୍ଗାଧର ମେହେର, ପ୍ରମୁଖ ନେତୃବର୍ଗ ଆଦି ଏକ ସଭାକରି ଏହିମତର ଘୋର ପ୍ରତିରୋଧ କରିଥିଲେ ।

ତା ୩-୭-୧୮୯୭ ମସିହାର ସମ୍ବଲପୁର ହିତୈଷିଣୀରେ ଶୁଭ ସମାଚାର ଶିରୋନାମାରେ ପ୍ରକାଶ ପାଇଥିଲା "ସେହି ଓଡ଼ିଆ ଭାଷା' ନିମନ୍ତେ ସମ୍ବଲପୁରବାସୀମାନେ ନୀରବରେ ଅଶ୍ରୁପାତ କରୁଥିଲେ, ସମ୍ବଲପୁରବାସୀମାନେ ନାଗପୁରକୁ ଯାଇଥିଲେ ଏବଂ ସୁଦୂର ସିମିଳା ପାହାଡ଼ ଆରୋହଣ କରିଥିଲେ, ସେଇ ଭାଷା ସମ୍ବଲପୁରର ଅଦାଲତରେ ପୁନଃ ପ୍ରଚଳିତ ହେବା ନିମନ୍ତେ ଭାରତ ଗଭର୍ଣ୍ଣମେଣ୍ଟ ଆଦେଶ ଦେଇ ଅଛନ୍ତି । ଏଥିରୁ ବଡ଼ ସୌଭାଗ୍ୟର ବିଷୟ କଅଣ ଅଛି ?" ଏହି ଆଦେଶ ତା ୧-୧-୧୯୦୩ରୁ କାର୍ଯ୍ୟକାରୀ ହେବା ନିମନ୍ତେ ଠିକ୍ ହୋଇଥିଲା ।

୧୯୧୪ ମସିହାରେ ଓଡ଼ିଆ ଭାଷାର ସଙ୍କଟପୂର୍ଣ୍ଣ ପରିସ୍ଥିତି ତଥା ପାର୍ଶ୍ୱବର୍ତ୍ତୀ ରାଜ୍ୟମାନଙ୍କ ଭାଷାର ପ୍ରଭାବକୁ ଲକ୍ଷ୍ୟ କରି ପ୍ରଚଣ୍ଡ ଧୂମକେତୁ ଛଦ୍ମ ନାମରେ ଜଣେ ଉତ୍କଳ ଭାଷାର ଆଦେଶ' ନାମକ ଗୋଟିଏ କବିତା ଓଡ଼ିଆ ଓ ନବସମ୍ବାଦ'ର ତା ୧୮-୩-୧୯୧୪ସଂଖ୍ୟାରେ ପ୍ରକାଶ କରି ପ୍ରବଳ ଆଲୋଡ଼ନ ସୃଷ୍ଟି କରିଥିଲେ ।

ତା ୧୯-୧୦-୧୯୧୭ ମସିହାରେ କଟକ ଟାଉନହଲ୍‌ଠାରେ ମାନ୍ୟବର ମଧୁସୂଦନ ଦାସ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରିବା ନିମନ୍ତେ ଏକ ସଭା କରିଥିଲେ । କାରଣ ଏହାର ପୂର୍ବ-ବର୍ଷ ଅର୍ଥାତ୍ ୧୯୧୬ ମସିହାରେ ଭାଷା ସୂତ୍ରରେ ପ୍ରଦେଶ ଗଠନ କରିବା ନୀତିକୁ ଭାରତର କଂଗ୍ରେସ ପାର୍ଟି ଗ୍ରହଣ କରିଥିଲେ । ଏହାର କିଛିଦିନ ପରେ ତା ୧୧-୪-୧୯୨୦ରେ ବଲାଙ୍ଗୀରଠାରେ ଓଡ଼ିଆ ରକ୍ଷା ନିମନ୍ତେ ଗୋଟିଏ ସାଧାରଣ ସଭା କରାଯାଇ ଓଡ଼ିଆ ଅଞ୍ଚଳର ଏକୀକରଣ ତଥା ରକ୍ଷା ନିମନ୍ତେ ଚାନ୍ଦା ସଂଗ୍ରହ କରାଯାଇଥିଲା ।

ଓଡ଼ିଶାର ଏଭଳି ପରିସ୍ଥିତି ବେଳେ ୧୯୨୯ରେ ଦିଲ୍ଲୀରେ ଅନୁଷ୍ଠିତ ଭାରତୀୟ ଲେଜିସଲେଟିଭ୍ ଆସେମ୍ବ୍ଲିରେ ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ଗଠନ ନିମନ୍ତେ ଅନୁକୂଳ ପ୍ରସ୍ତାବ ଗୃହୀତ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା । ଏପଟେ ଓଡ଼ିଆ ଭାଷାର ହୀନ ବଳବତ୍ ତଥା ଅନ୍ୟ ଭାଷା ତୁଳନାରେ ଅନଗ୍ରସରତାକୁ ଲକ୍ଷ୍ୟ କରି ତା ୨୦-୧-୧୯୨୩ରେ ସମ୍ବଲପୁର ହିତୈଷିଣୀରେ ଗଭୀର ଦୁଃଖ ପ୍ରକାଶ କରାଯାଇଥିଲା ।

୧୯୨୭ ମସିହାରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ସାଇମନ୍ କମିଶନ୍‌ଙ୍କ ପାଖରେ ଆନ୍ଧ୍ରର ସୀମା ସଂପର୍କରେ ଯେତେବେଳେ ଦାବୀ ଉପସ୍ଥାପନ କରାଗଲା ସେତେବେଳେ ସାଇମନ୍ ତାଙ୍କ ଦାବୀକୁ ଏଡ଼ାଇଦେଇ ଓଡ଼ିଶାର ଏକତ୍ରୀକରଣ ସପକ୍ଷରେ ମତ ଦେଇଥିଲେ । ସେତେବେଳେ ତା ପରେ ଯେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ସୀମା ନିର୍ଦ୍ଧେଶକ ଓଡ଼ୋନାଲ୍ କମିଟି ପକ୍ଷରୁ ମାନ୍ଦ୍ରାଜ ଗଞ୍ଜାମ ଓ ବିଶାଖାପାଟଣା ଓଡ଼ିଶାର ଭାଗ ରୂପେ ସ୍ଥିର କରାଯାଇ ପରେ ସେଥିରେ ସାମାନ୍ୟ କିଛି ପରିବର୍ତ୍ତନ କରାଗଲା । ଏହି ରିପୋର୍ଟ ଉପରେ ବ୍ରିଟିଶ୍ ପାର୍ଲିଆମେଣ୍ଟ ପକ୍ଷରୁ Joint Committee on Indian Constitutional Reform (session 1933-34). Vol. I (para II). proceedings p. 69-70ରେ ସିନ୍ଧୁ ଓ ଓଡ଼ିଶା ପାଇଁ କେବଳ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ସୁପାରିଶ୍ କରାଗଲା । କେବଳ ସେତିକି ନୁହେଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ଅନୁକୂଳ ପ୍ରସ୍ତାବ ଶ୍ୱେତପତ୍ର ତ ୧୭-୩-୧୯୩୩ରେ ପ୍ରକାଶ କରାଗଲା


ଏହା'ର ୩ ବର୍ଷ ପରେ ତା ୧-୪-୧୯୩୬ ମସିହା ଦିନ ଓଡ଼ିଆ ଭାଷା ଭାଷୀ ଅଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରା'ଗଲେ ମଧ୍ୟ ଓଡ଼ିଆ ଭାଷାର ଉନ୍ନତି ନିମନ୍ତେ ବିଶେଷ କିଛି ଉଦ୍ୟମ କରାଗଲା ନାହିଁ ।

ଭାରତ ସ୍ୱାଧୀନତା ଲାଭ କରିବାର ୭ ବର୍ଷ ପରେ ତା ୩-୯-୧୯୫୪ରେ ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓଡ଼ିଆକୁ ପ୍ରଶାସନିକ ଭାଷା ରୂପେ ପ୍ରଚଳନ କରିବା ନିମନ୍ତେ ଓଡ଼ିଶା ଗେଜେଟର ଗୋଟିଏ ବିଶେଷ ସଂଖ୍ୟାରେ ଏହି ଆଇନ୍‌ର ପ୍ରଥମ ଚିଠା ବା ବିଲ୍ ପ୍ରକାଶ କରାଇଥିଲେ । ଠିକ୍ ସେହିବର୍ଷ ଅକ୍‌ଟୋବର ପହିଲାଦିନ ଓଡ଼ିଶା ରାଜ୍ୟପାଳଙ୍କ ଦ୍ୱାରା ବିଲ୍ ଅନୁମୋଦନ ଲାଭ କରିଥିଲା ଓ ତା ୧୫-୧୦-୧୯୫୪ ମସିହାର ଏକ ସ୍ୱତନ୍ତ୍ର ଗେଜେଟ୍ ଦ୍ୱାର ଯଥାବିଧି ପ୍ରକାଶିତ ହୋଇଥିଲା । କିନ୍ତୁ ଅତ୍ୟନ୍ତ ଦୁଃଖ ତଥା ପରିତାପର ବିଷୟ ଯେ ପ୍ରଶାସନିକ ଅସହଯୋଗ ଦ୍ୱାରା ଏହା କାର୍ଯ୍ୟକାରୀ ହୋଇ ପାରି ନଥିଲା ।

ପୁନଶ୍ଚ ସ୍ୱର୍ଗତଃ ସଦାଶିବ ତ୍ରିପାଠୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏହାର ପୁନରୁଦ୍ଧାର ନିମନ୍ତେ ଉଦ୍ୟମ ହୋଇଥିଲେ ମଧ୍ୟ ତାହା ଫଳବତୀ ହୋଇ ପାରି ନଥିଲା । ଅଧୁନା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଆ ଭାଷାର ପ୍ରଚଳନ ନିମନ୍ତେ ଯେଉଁ ଉଦ୍ୟମ କରିଛନ୍ତି ତାହା ଓଡ଼ିଆ ଭାଷୀଙ୍କ ପ୍ରାଣରେ ଓଡ଼ିଆ ଭାଷା ପ୍ରତି ପ୍ରଚଣ୍ଡ ସ୍ନେହ ସୌହାର୍ଦ୍ଦ୍ୟ ଆଣିଦେବ ତାହା ଅନସ୍ୱୀକାର୍ଯ୍ୟ । କିନ୍ତୁ ଏଥିପାଇଁ ପ୍ରଶାସନିକ ସହଯୋଗ ତଥା ପ୍ରତ୍ୟେକ ଓଡ଼ିଆ ନାଗରିକର କିଛି ନା କିଛି ସାହାଯ୍ୟର ଆବଶ୍ୟକତା ରହିଛି । ଏହା ସହିତ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟୟନ ତଥା ଅନୁଧ୍ୟାନ ନିମନ୍ତେ ଉପଯୁକ୍ତ ପରିବେଶ ସୃଷ୍ଟି ସଙ୍ଗେ ସଙ୍ଗେ ଆବଶ୍ୟକୀୟ ସହଯୋଗ ଏକାନ୍ତ ଅପରିହାର୍ଯ୍ୟ ।

---

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ବ୍ରହ୍ମପୁର-୭୬୦୦୦୭-ଗଞ୍ଜାମ



ପୁରୀ ସ୍ୱର୍ଣ୍ଣବେଳାରେ ସୂର୍ଯ୍ୟୋଦୟ

# ଓଡ଼ିଶାର ପୁରାତନ ନାମ

ଡକ୍ଟର ଦାଶରଥି ପଣ୍ଡା

ଯେଉଁ ଭାଷାର ଇତିହାସ ଆଲୋଚନା କରିବାକୁ ହେବ ସେହି ଭାଷା ଯେଉଁ ପ୍ରଦେଶରେ ପ୍ରଚଳିତ ସେହି ପ୍ରଦେଶର ଆଦିମ ଅଧିବାସୀ କିଏ, ସେମାନେ ପ୍ରାଚୀନ କାଳରେ କି ଭାଷା ବ୍ୟବହାର କରୁଥିଲେ ଏହା ଆଲୋଚନା କରିବା ନିତାନ୍ତ ଆବଶ୍ୟକ । ସୁତରାଂ ଓଡ଼ିଆ ଭାଷାର ଇତିହାସ ଜାଣିବାକୁ ହେଲେ ଓଡ଼ିଶାର ପୁରାତତ୍ତ୍ୱ ଆଲୋଚନା କରି, ଓଡ଼ିଶାର ଆଦିମ ଅଧିବାସୀମାନଙ୍କୁ ଚିହ୍ନିବାକୁ ହେବ ଓ ସେମାନେ ପ୍ରଥମେ ଯେଉଁ ଭାଷା ବ୍ୟବହାର କରୁଥିଲେ ସେହି ଭାଷା ସମ୍ବନ୍ଧରେ ଜ୍ଞାନ ଉପାର୍ଜନ କରିବାକୁ ହେବ । ତେବେ ଯାଇ ଓଡ଼ିଶା ବିଷୟରେ ସଂପୂର୍ଣ୍ଣ ଜ୍ଞାନ ଆହରଣ ହୋଇପାରିବ ।

ମହାଭାରତର ଆଦିପର୍ବରେ ଏହା କୁହାଯାଇଛି ଯେ– ଦୀର୍ଘତମ ଋଷିଙ୍କ ଔରସରେ ବଳୀର ସ୍ତ୍ରୀ ସୁଦେଷ୍ଣା ଗର୍ଭରୁ ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ ଏହି ପାଞ୍ଚପୁତ୍ର ଜନ୍ମି ପାଞ୍ଚ ପ୍ରଦେଶରେ ରାଜା ହୋଇଥିଲେ ଓ ସେମାନଙ୍କ ନାମାନୁସାରେ ସେମାନଙ୍କ ରାଜ୍ୟର ନାମକରଣ ହୋଇଥିଲା (୧) ଏହି ଉକ୍ତି ବିଶ୍ୱାସ ଯୋଗ୍ୟ ନ ହେଲେ ମଧ୍ୟ ଏଥିରୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଅନୁମାନ କରନ୍ତି ଯେ–ଉକ୍ତ ପାଞ୍ଚଟି ରାଜ୍ୟ ପରସ୍ପର ଲଗାଲଗି ହୋଇ ରହିଥିଲେ । ପୁଣି ପୁରାଣମାନଙ୍କରେ ବୈତରଣୀ ନଦୀ କଳିଙ୍ଗ ରାଜ୍ୟ ଭିତରେ ପ୍ରବାହିତ ହେଉଥିବାର ବର୍ଣ୍ଣିତ ଅଛି (୨) । ଏହି ସବୁ କାରଣରୁ ଅନୁମିତ ହୁଏ ଯେ, ଗଙ୍ଗାଠାରୁ ଦକ୍ଷିଣକୁ କଳିଙ୍ଗ ରାଜ୍ୟ ବିସ୍ତୃତ ଥିଲା । କିନ୍ତୁ କାଳିଦାସଙ୍କ ରଘୁବଂଶରେ ଚତୁର୍ଥ ସର୍ଗରେ ବର୍ଣ୍ଣିତ ଅଛି ଯେ–ରଘୁଙ୍କ ସୈନ୍ୟମାନେ କପିଶା ନଦୀ ପାର ହେଲା ପରେ ଉତ୍କଳ ଜାତି ସେମାନଙ୍କୁ କଳିଙ୍ଗକୁ ବାଟ ଦେଖାଇ ଦେଇଥିଲେ ଓ ରଘୁଙ୍କ ସୈନ୍ୟମାନେ ମହେନ୍ଦ୍ର ପର୍ବତ ନିକଟରେ କଳିଙ୍ଗର ରାଜା ସହିତ ଯୁଦ୍ଧ କରିଥିଲେ (୩) । ଏଥିରୁ ଜଣାଯାଏ ଯେ, ପଞ୍ଚମ ଶତାବ୍ଦୀ ବେଳକୁ ସମୁଦ୍ର କୂଳବର୍ତ୍ତୀ ସମତଳ ପ୍ରଦେଶ ଉତ୍କଳ ନାମରେ ପରିଚିତ ହୋଇଥିଲା । ତେବେ କାହାଦ୍ୱାରା କେବେ ତାହା ପୁଣି ଉତ୍କଳ ବୋଲି କୁହାଗଲା ସେ ବିଷୟ କହିହେବ ନାହିଁ । ବ୍ରହ୍ମଦେଶର ଇତିହାସରୁ ଜଣାପଡେ ଯେ ଖ୍ରୀଷ୍ଟ ଜନ୍ମ ପୂର୍ବରୁ କଳିଙ୍ଗ ଜାତି ଯେତେବେଳେ ସେ ଦେଶକୁ ଯାଇଥିଲେ, ସେତେବେଳେ ସେଠାରେ ତ୍ରିକଳିଙ୍ଗ ରାଜ୍ୟ ସ୍ଥାପନ କରିଥିଲେ । ଏହି ତ୍ରିକଳିଙ୍ଗ ରାଜ୍ୟ ତିନୋଟି ଜିଲ୍ଲା ଘେନି ଗଢା ହୋଇଥିଲା (୪) । ଆମ ଦେଶରେ ମଧ୍ୟ ଏହିପରି ବହୁ ପ୍ରାଚୀନକାଳରୁ ତ୍ରିକଳିଙ୍ଗ ରାଜ୍ୟଥିଲା । ଯେ ହେତୁ ମରଞ୍ଜମୁରା ଦାନ ପତ୍ରରେ ଉତ୍କଳ, କୋଙ୍ଗଦ, କଳିଙ୍ଗ ଓ କୋଶଳ ଯଯାତିଙ୍କ ଅଧୀନରେ ଥିବାର ଉଲ୍ଲେଖ ଅଛି । ଯଯାତିଙ୍କ ପୂର୍ବ ପୁରୁଷ 'ତ୍ରିକଳିଙ୍ଗାଧିପତି' ଓ କୋଶଳେନ୍ଦ୍ର ଉପାଧି ଗ୍ରହଣ କରିଥିଲେ । ସୁତରାଂ ଉତ୍କଳ, କୋଙ୍ଗଦ ଓ କଳିଙ୍ଗ ଏହି ତିନୋଟି ରାଜ୍ୟ ମିଶି ଯେ ତ୍ରିକଳିଙ୍ଗ ରାଜ୍ୟ ଗଢା ହୋଇଥିଲା ଏଥିରେ ସନ୍ଦେହ ନାହିଁ । (୫) ଏହିସବୁ ବିବରଣରୁ ସ୍ପଷ୍ଟରୂପେ ଜଣାଯାଏ ଯେ–ଉତ୍କଳ ଓ କୋଙ୍ଗଦ କଳିଙ୍ଗ ରାଜ୍ୟର ଅନ୍ତର୍ଗତ ଥାଇ କଳିଙ୍ଗ ରାଜ୍ୟର ଗୋଟିଏ ଗୋଟିଏ ବିଭାଗ ସ୍ୱରୂପ ନିଜ ନିଜ ନାମରେ ସ୍ୱାତନ୍ତ୍ର୍ୟ ରକ୍ଷା କରିଥିଲେ । ଶୈଳୋଦ୍ଭବ ରାଜବଂଶ ପ୍ରତିଷ୍ଠିତ ହେବାରୁ ସପ୍ତଶତାବ୍ଦୀରେ କୋଙ୍ଗଦ ସ୍ୱାଧୀନ ହୋଇଥିବାର ଜଣାଯାଏ (୬) । ଉତ୍କଳ କେବେ କଳିଙ୍ଗ ରାଜ୍ୟରୁ ବିଚ୍ଛିନ୍ନ ହୋଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା, ତାହା ଜଣାଯାଏ ନାହିଁ । ପୁଣି ହୁଏନ୍‌ସାଙ୍ଗ ବିବରଣୀରୁ ମଧ୍ୟ ପ୍ରାଚୀନ ଉତ୍କଳର ଆୟତନ ନିର୍ଣ୍ଣୟ କରାଯାଇପାରେ । ସେ ଲେଖିଛନ୍ତି ଯେ–ସେତେବେଳେ ଉତ୍କଳର ପରିମାଣ ଥିଲା– ୩୦୦୦ଲି ଅର୍ଥାତ୍ ପ୍ରାୟ ୧୨୫୦ କୋଶ । ଏକଥା ସତ୍ୟ ଯେ ସେ ସମୟରେ ଭାରତରେ ଆଧୁନିକ ରୀତିରେ ଜରୀପ ପଦ୍ଧତି ପ୍ରଚଳିତ ନଥିଲା । କିନ୍ତୁ ଆଜିକାଲି ଯେପରି ଲୋକେ କହନ୍ତି–ନୂଆଁ ଗଡ଼ ଚଉଦକୋଶ, କେନ୍ଦୁଝର ବିଶାଶହେ କୋଶ ସେହିପରି ପୂର୍ବେ ମଧ୍ୟ କହୁଥିଲେ । ସେତେବେଳେ ସେ ନିଶ୍ଚିତଭାବେ ଉତ୍କଳୀୟ ଲୋକଙ୍କଠାରୁ ବୁଝି ଲେଖିଥିବେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଏବଂ ମଧ୍ୟ ଉତ୍କଳ

ପ୍ରଦେଶର ଦକ୍ଷିଣ ପୂର୍ବ କୋଣରେ ଚେଲି ତଲ (Che-li-talo) ନାମକ ଗୋଟିଏ ନଗର ଥିଲା । ସେଠାରୁ ବାଣିଜ୍ୟ ଉଦ୍ଦେଶ୍ୟରେ ଲୋକେ ସମୁଦ୍ରରେ ଦେଶ ବିଦେଶକୁ ଯାଉଥିବାର ଦର୍ଶାଇଛନ୍ତି (୭) ଏହି ଚେଲି ତଲ ପୁରୀଛଡ଼ା ଅନ୍ୟସ୍ଥାନ ହୋଇ ନ ପାରେ । କାରଣ ପୁରୀକୁ କ୍ଷେତ୍ର କହନ୍ତି । ଚୀନ ଭାଷାରେ ମଧ୍ୟ ଚେଲିତଲକୁ କ୍ଷେତ୍ର କୁହାଯାଏ । ତେଣୁ ପୁରୀ ଅଞ୍ଚଳ ଓଡ଼ିଶା ପ୍ରଦେଶରେ ଥିବାର ଜଣା ପଡୁଛି । ଶୁଳ୍କି ରାଜବଂଶର ତମ୍ବାପଟାମାନଙ୍କରୁ ଜଣାଯାଏ ଯେ— ଗଣ୍ଡମଣ୍ଡଳରେ ଓଡେସ ଜାତି (ଆଧୁନିକ ଓଡ଼ଚଷା) ପ୍ରାଚୀନ କାଳରେ ବାସ କରୁଥିଲେ । ଏହି ଗଣ୍ଡମଣ୍ଡଳ ବାମଣ୍ଡା ଗାଙ୍ଗପୁର ଓ ବଣାଇ ଅଞ୍ଚଳ ସହିତ ଚିହ୍ନିତ ହୁଏ । ହରିବଂଶରୁ ମଧ୍ୟ ଗୟା ଜିଲ୍ଲା ପର୍ଯ୍ୟନ୍ତ ଉତ୍କଳ ବିସ୍ତୃତ ଥିବାର ଜଣାଯାଏ । ତାହା ହେଲେ ଉତ୍ତରରେ ବଂଶାଇନଦୀଠାରୁ ଦକ୍ଷିଣରେ ପୁରୀ ଓ ପଶ୍ଚିମରେ ଗୟାଜିଲ୍ଲା ପର୍ଯ୍ୟନ୍ତ ଉତ୍କଳ ବିସ୍ତୃତ ଥିବାର ପ୍ରମାଣିତ ହୁଏ । ହୁଏନ୍‌ସାଙ୍ଗ ଅନ୍ୟ ଏକ ବିବରଣୀରୁ ମଧ୍ୟ ପ୍ରାଚୀନ ଉତ୍କଳର ଆୟତନ ନିରୂପଣ କରାଯାଇ ପାରେ । ସେ ଲେଖିଛନ୍ତି ଯେ କର୍ଣ୍ଣ ସୁବର୍ଣ୍ଣଠାରୁ ଦକ୍ଷିଣ ପଶ୍ଚିମକୁ ୭୦୦ ଲିଃ ଅର୍ଥାତ୍ ପ୍ରାୟ ୨୪୦ ମାଇଲ ଅଗ୍ରସର ହୋଇ ଉତ୍କଳରେ ପହଞ୍ଚିଲେ, ୧୨୦୦ଲିଃ ପ୍ରାୟ ୪୧୦ ମାଇଲ ଯାଇ କୋଙ୍ଗଦରେ ପହଞ୍ଚିଲେ ଓ ୧୪୦୦ ବା ୧୫୦୦ଲିଃ ପ୍ରାୟ ୪୮୦ ବା ୫୨୦ ମାଇଲ ଯାଇ କଳିଙ୍ଗରେ ପହଞ୍ଚିଲେ । କର୍ଣ୍ଣ ସୁବର୍ଣ୍ଣଠାରୁ ଦକ୍ଷିଣ ପଶ୍ଚିମକୁ ଲମ୍ବା ରାସ୍ତାରେ ଯାଇ-ଥିବାରୁ ହୁଏନ୍‌ସାଂ କର୍ଣ୍ଣ ସୁବର୍ଣ୍ଣଠାରୁ କୋଙ୍ଗଦ ଓ କଳିଙ୍ଗ ପ୍ରତ୍ୟେକର ଦୂରତା ଧରି ଅଛନ୍ତି । କିନ୍ତୁ କର୍ଣ୍ଣ ସୁବର୍ଣ୍ଣ ଏପର୍ଯ୍ୟନ୍ତ ନିଃସନ୍ଦେହରୂପେ ଚିହ୍ନିତ ହୋଇ ପାରି ନାହିଁ । ପ୍ରାଚୀନ କୋଙ୍ଗଦ ରାଜ୍ୟ ଆଧୁନିକ ଗଞ୍ଜାମ ଜିଲ୍ଲାରୂପେ ଚିହ୍ନିତ ହୋଇପାରେ । କାରଣ ଭାଷାତତ୍ତ୍ୱ ଅନୁସାରେ କୋଙ୍ଗଦ ନାମ ରୂପାନ୍ତରିତ ହୋଇ ଗଞ୍ଜାଶବ୍ଦ ଉତ୍ପନ୍ନ ହୋଇ ପାରେ । ଗଞ୍ଜାମ ସହରକୁ ସାଧାରଣଲୋକେ ଗଞ୍ଜାବୋଲି କହନ୍ତି । ତେଲୁଗୁ ଭାଷାର ପ୍ରଭାବରେ ତହିଁରେ ଅତିରିକ୍ତ 'ମ' ବର୍ଣ୍ଣଟି ଯୁକ୍ତ ହୋଇଅଛି । ଆଧୁନିକ ଓଡ଼ିଶାର ଜିଲ୍ଲାପରି ପ୍ରାଚୀନକାଳରେ ଜିଲ୍ଲା ଥିବାର ସୂଚନା ମିଳେ । ଯେହେତୁ ନାଟ୍ୟ ଶାସ୍ତ୍ରରେ 'ତୋଶଳ ପ୍ରଦେଶର ଉଲ୍ଲେଖଅଛି (୮) । ଅଶୋକ କଳିଙ୍ଗ ଜୟକରି ତୋଶଳରେ ଯେଉଁ ରାଜଧାନୀ ସ୍ଥାପନ କରିଥିଲେ, ତାହା ଭୁବନେଶ୍ୱରରେ ଅବସ୍ଥିତ ଥିଲାବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନେ ଅନୁମାନ କରନ୍ତି । ପୁଣି ପଟିଆରୁ ଆବିଷ୍କୃତ ଖଣ୍ଡିଏ ତାମ୍ର ଶାସନରେ ଦକ୍ଷିଣ ତୋଶଳର ଉଲ୍ଲେଖ ଅଛି । ତାହାହେଲେ ଉତ୍କଳର ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳ କୋଶଳ ନାମରେ ଅଭିହିତ ହେଉଥିଲାବୋଲି ନିଃସନ୍ଦେହରେ କୁହାଯାଇପାରେ । ଆହୁରିମଧ୍ୟ କଳିଙ୍ଗ ଭୂମିରେ କକ୍ଷିବତ୍ତ ନାମକ ବ୍ୟକ୍ତି ବୈଦିକ ସମାଜରେ ବିଶେଷ ପ୍ରତିଷ୍ଠା-ଲାଭ କରିଥିବାର ପ୍ରମାଣ ଋଗ୍‌ବେଦରେ ମିଳୁଛି (୯) । ଏଠାରେ କକ୍ଷିବତ୍ତ ମହର୍ଷି ଦୀର୍ଘତମଙ୍କ ପୁତ୍ରରୂପେ ପରିଚିତ । ବୈଦିକମନ୍ତ୍ର ରଚୟିତା ଉତ୍କିଳ-ଋଷିଙ୍କୁ ପୁରାଣରେ ଉତ୍କଳ କୁହାଯାଇଛି । ଏଠାରେ ଉତ୍‌ର ଅର୍ଥ ଊର୍ଦ୍ଧ୍ୱକୁ ଏବଂ କିଳ ବା କଳର ଅର୍ଥ ଶରୀରସ୍ଥ ଯନ୍ତ୍ର । ଏଣୁ ଉତ୍କିଳ ବା ଉତ୍କଳର ଅର୍ଥ ଊର୍ଦ୍ଧ୍ୱରେତା । ପୁରାଣ ଅନୁସାରେ ଅତ୍ରୀ, ମରୀଚି, ଅଙ୍ଗିରା ପ୍ରଭୃତି ସାତ ପ୍ରଜାପତି ଭାରତୀୟ ଜାତିକୁ ସୃଷ୍ଟି କରିବା ଉତ୍ତାରୁ ଉତ୍କଳ ପ୍ରଭୃତିଙ୍କ ଜନ୍ମ । ଏଥିରୁ ଜଣାପଡ଼େ ଓଡ଼ିଶାର ବ୍ରାହ୍ମଣମାନେ ପିତୃମାତୃ ଶ୍ରାଦ୍ଧର ଶେଷରେ ଏପରି ମର୍ମରେ ବାକ୍ୟଟି ପଢ଼ି ଗୋବଧରୁ ମୁକ୍ତି ପାଇବାପାଇଁ ସ୍ତୁତି କରନ୍ତି । ମନର ସଂଜ୍ଞମତା ପାଇଁ ପ୍ରାଣାୟମ ସାଧନ କରୁଥିଲେ । ପୁଣି ଏହି କଳିଙ୍ଗ ରାଜ୍ୟରେ ଖ୍ରୀଷ୍ଟ ୯୮୫ରେ ରାଜ ରାଜ ଚୋଳ ରାଜତ୍ୱ କରୁଥିଲେ । ତାଙ୍କର ପୁତ୍ର ରାଜେନ୍ଦ୍ର ଚୋଳଙ୍କର ରାଜତ୍ୱ ସମୟଥିଲା ୧୦୧୮–୪୪ ଖ୍ରୀଷ୍ଟାବ୍ଦ । ସେ ବର୍ମା, ଆଣ୍ଡାମାନ ଓ ନିକୋବର ଆଦି ଜୟ କରିଥିବାର ମଧ୍ୟ ଯଥେଷ୍ଟ ପ୍ରମାଣ ଅଛି (୧୦) । କଳିଙ୍ଗ ସାମ୍ରାଜ୍ୟ ବିସ୍ତୃତ ହୋଇଥିବା ବେଳେ ବଙ୍ଗୋପସାଗରକୁ କଳିଙ୍ଗ ସାଗର ବୋଲି କୁହାଯାଉଥିଲା । କଳିଙ୍ଗସାଗର ପଥରେ ଯାତାୟାତ କରି ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜଗୁଡ଼ିକୁ ଶାସନ କରୁଥିଲେ କଳିଙ୍ଗ ଜାତି । ଏବଂ ମଧ୍ୟ ଷଷ୍ଠ ଶତକରେ ପଶ୍ଚିମ ଯବର ରାଜାଥିଲେ ପୂର୍ଣ୍ଣବର୍ମା । ତାଙ୍କର ଏକ ଶିଳା ଲେଖରେ ସେ ଲେଖିଛନ୍ତି–ତାଙ୍କ ପିତାଙ୍କ ଦ୍ୱାରା 'ଗୋମତି' ଓ ଚନ୍ଦ୍ରଭାଗା ନାମକ ଦୁଇଟି ପୟଃ ପ୍ରଣାଳୀ ଖୋଦିତ ହୋଇଥିଲା । ଚନ୍ଦ୍ରଭାଗା ଓ ଗୋମତୀ କଳିଙ୍ଗର (୧୧) । ପୁନଃ ଚଟଗ୍ରାମ, ବ୍ୟାଘ୍ରତଟ, କାମାଖ୍ୟା, କାମରୂପଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତଥିଲା କଳିଙ୍ଗ ରାଜ୍ୟର ପରିସୀମା । ତେଣୁ ଏହି ବିଶାଳ ଭୂଖଣ୍ଡରେ ଆଦିମ ଓଡ଼ିଆଭାଷା ପ୍ରସ୍ତରଲାଭ କରିଥିବାର ସନ୍ଦେହ ନାହିଁ । ସୁତରାଂ ବର୍ତ୍ତମାନର ଓଡ଼ିଶା କହିଲେ ତତ୍‌କାଳୀନ ଉତ୍କଳ, କଳିଙ୍ଗ ଓ କଙ୍ଗୋଦନାମରେ ନାମିତ ହେଉଥିଲା । ଏହି ସବୁ ବିବିଧ ପ୍ରମାଣରୁ ଆମେ ଅନୁମାନକରି ପାରିବା ।

---

ପାରଳାଖେମୁଣ୍ଡି, ଗଞ୍ଜାମ ।

---

(୧) ବ୍ୟାସଦେବ ମହାଭାରତ (ସଂସ୍କୃତ) ଆଦିପର୍ବ, ଅ୧୦୪

(୨) ତତ୍ରୈବ " (ଭୀଷ୍ମପର୍ବ) ପୃ ଅ. ୧୧୪

(୩) କାଳିଦାସ ରଘୁବଂଶ ଚତୁର୍ଥ ସର୍ଗ

(୪) Col-Gerine on Ptolemy's Geography.

(୫) Maranjamura Charter J. R. S. B. & O. 1966

(୬) Buguda Plates—E. I. Vol. III, Page 41

(୭) ସାମୁଏଲ ବିଲ—Buddhist Records of the Western World(London Kegan Paul) Vol. I, Page204.

(୮) ଭରତ ପ୍ରଣୀତ ନାଟ୍ୟ ଶାସ୍ତ୍ର–ଅ–୧୩ ଶ୍ଳୋକ–୨୭ ଯଥା–କୋଶଳା ସ୍ତୋଶଳା ଶ୍ଚୈବ କଳିଙ୍ଗା ଏବମୋଣ୍ଡକାଃ

(୯) ଋକ୍‌ବେଦ-୧ମ ମଣ୍ଡଳ, ୧୮ ସୂକ୍ତ, ପ୍ରଥମା ଋକ୍ ଯଥା–ସୋମାନଂସ୍ୱରଣଂ କୃଣୁହି ବ୍ରହ୍ମଣସ୍ପତେ, କକ୍ଷିବନ୍ତ ଯଃ ଔଶିଜଃ ।

(୧୦) Tamil Poem Kaling Huparani-Canto—VIII th

(୧୧) Radha Kumud Mookharji—History of Indian Shipping and Maritime Activity—Page 174 to 177.

# ପ୍ରାଚୀନ ଉତ୍କଳରେ ନାରୀ ବ୍ୟବହୃତ ବସ୍ତ୍ର

ଶ୍ରୀ ସୀମାଞ୍ଚଳ ପ୍ରଧାନ

ପୃଥିବୀର ସମସ୍ତ ଅଞ୍ଚଳରେ ନାରୀ ଓ ପୁରୁଷ ବସ୍ତ୍ର ପରିଧାନ କରୁଥିବା ଦୃଷ୍ଟି ଗୋଚର ହୁଏ । ସଭ୍ୟତାର ବିକାଶ ସଙ୍ଗେସଙ୍ଗେ ବସ୍ତ୍ରର ବିକାଶ ଅତି ଚରମ ସୀମାରେ ପହଞ୍ଚିଥିବା କାହାକୁ ଅବିଦିତ ନୁହେଁ । ଏହି ବସ୍ତ୍ର ମନୁଷ୍ୟ କେବେଠାରୁ ପିନ୍ଧିଆସିଥିଲା । ତାହାର ନିର୍ଦ୍ଦିଷ୍ଟ ସମୟରେଖା ଅଦ୍ୟାପି ଗବେଷଣାର ବିଷୟ ବୋଲି ମନେ ହୁଏ । କିନ୍ତୁ ଏତିକି କୁହାଯାଇପାରେ, ଆଦିମ ମଣିଷ ନିଜକୁ ଖରା, ବର୍ଷା, ଶୀତ, କାକର ଆଦିରୁ ରକ୍ଷା କରିବା ନିମିତ୍ତ କୌଣସି ଗଛର ବକଳ କିମ୍ବା ମୃତ ପଶୁର ଚମଡ଼ାକୁ ବ୍ୟବହାର କରି ଆସିଥିବା ଲକ୍ଷ୍ୟ କରାଯାଏ । ଆଦିମ ମଣିଷର ପରିଧାନ ବସ୍ତ୍ର ତା' ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କିମ୍ବା ଲଜ୍ଜା ନିବାରଣାର୍ଥେ ଯେ ବ୍ୟବହୃତ ଏହା କହିବା ଯୁକ୍ତିଯୁକ୍ତ ନୁହେଁ ।

ଭାରତର ବିଭିନ୍ନ ପ୍ରାଚୀନ ଚିତ୍ରକଳାକୁ ଅନୁଧ୍ୟାନ କଲେ ଉଭୟ ନାରୀ ଓ ପୁରୁଷ ବସ୍ତ୍ର ପରିଧାନ କରିଥିବା ଦୃଷ୍ଟିଗୋଚର ହୁଏ । କିନ୍ତୁ ପୁରୁଷ ଓ ନାରୀର ବସ୍ତ୍ର ଓ ତାର ପରିଧାନ ଯେ ସଂପୂର୍ଣ୍ଣ ରୂପେ ଅଲଗା ଏହା ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ । ପ୍ରାଚୀନ କାଳରୁ ଆଞ୍ଚଳିକ ଭେଦରେ ମଧ୍ୟ ଭିନ୍ନ ଢଙ୍ଗରେ ନାରୀମାନେ ବସ୍ତ୍ର ପରିଧାନ କରୁଥିବା ଦେଖାଯାଇଥାଏ । ଉଦାହରଣ ସ୍ୱରୂପ ଭରହୁତଠାରେ ମିଳି ଚିତ୍ରରେ ନାରୀର ବସ୍ତ୍ର ପରିଧାନ ସଂପୂର୍ଣ୍ଣ ପୃଥକ ଧରଣର । ଏଥିରେ ଏକ କଟୀବସ୍ତ୍ର ଦେଖାଯାଏ ଏବଂ ଉପରିଭାଗ ପାଇଁ ଉତ୍ତରୀୟ ବ୍ୟବହୃତ ହୋଇଥିବାର ଦେଖାଯାଏ । ଏହି ବସ୍ତ୍ର ପରିଧାନ ଅଜନ୍ତାଚିତ୍ର ସହିତ ସାମଞ୍ଜସ୍ୟ ରକ୍ଷା କରିଛି, ମାତ୍ର ଉତ୍କଳର ଚିତ୍ରକଳାରେ ଏପରି ବସ୍ତ୍ର ପରିଧାନ ଆଉ ଦେଖାଯାଏ ନାହିଁ (୧) । ଏହାଛଡ଼ା ନାରୀମାନେ କାଛିଆ କଞ୍ଚା ପରିଧାନ କରୁଥିବାର ଚିତ୍ରମଧ୍ୟ [illegible] ହୋଇଥିବା ଲକ୍ଷ୍ୟ କରାଯାଏ । ଏହି ବସ୍ତ୍ର ପରିଧାନର [illegible] ବିଭିନ୍ନ [illegible] ମଧ୍ୟରେ ଥିବା ପ୍ରାଚୀନ ମୂର୍ତ୍ତିମାନଙ୍କୁ ଅନୁଧ୍ୟାନ କଲେ ଜାଣିହେବ ।

ଓଡ଼ିଶା ତଥା ଭାରତୀୟ ମଧ୍ୟରେ [illegible] କୋଣାର୍କର ଏକ [illegible] ମୂର୍ତ୍ତି ଦେଖିଲେ [illegible] ପରିଦୃଷ୍ଟ ହୁଏ । କିନ୍ତୁ କୌଣସି [illegible] ଦେଖାଯାଏ ନାହିଁ (୨) । କିନ୍ତୁ ଭାରତୀୟ ବିଭିନ୍ନ ଶାସ୍ତ୍ର, ପୁରାଣ ଓ [illegible] ନାରୀମାନଙ୍କର ବ୍ୟବହୃତ ବିଭିନ୍ନ [illegible] । ଏ ସମସ୍ତ ବସ୍ତ୍ରର ନାମକରଣରୁ [illegible] ବସ୍ତ୍ର ଅଳଙ୍କାରରୁ ନିଶ୍ଚିତ ରୂପେ ଭିନ୍ନ ଧରଣର । ସାହିତ୍ୟରେ ବର୍ଣ୍ଣିତ ବିଭିନ୍ନ ବସ୍ତ୍ର ଗୁଡ଼ିକର ଚିତ୍ରରାଜି ଲିପିବଦ୍ଧ ହୋଇନଥିବାରୁ ସେଗୁଡ଼ିକର ଫୋଟଚିତ୍ର ଏଠାରେ ସମ୍ଭବପର ନୁହେଁ । ଆଲୋଚ୍ୟ ପ୍ରବନ୍ଧର ଶିରୋନାମା ଦୃଷ୍ଟିରୁ ଏଠାରେ ପ୍ରାଚୀନ ଓଡ଼ିଶାରେ ବ୍ୟବହୃତ ନାରୀମାନଙ୍କର ବସ୍ତ୍ର ସଂପର୍କରେ କିଛି ଆଲୋକପାତ କରାଯାଇ ପାରେ ।

ଆଧୁନିକା ରମଣୀମାନଙ୍କର ବସ୍ତ୍ର ପ୍ରାଚୀନ ଉତ୍କଳୀୟ ରମଣୀମାନଙ୍କର ବସ୍ତ୍ର ମଧ୍ୟରେ ଯଥେଷ୍ଟ ପ୍ରଭେଦ ଥିବା ଲକ୍ଷ୍ୟ କରିହୁଏ । ନାରୀ ତା'ର ଲଜ୍ଜା ନିବାରଣ କରିବାଠାରୁ ଆରମ୍ଭ କରି ତା'ର ଶରୀରକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପରିଧାନ କରିଥାଏ । ଏହି ବସ୍ତ୍ର ତା'ର ଶରୀରକୁ ବହୁଗୁଣିତ କରିବାରେ ସାହାଯ୍ୟ କରିଥାଏ । ତେଣୁ ଚିନାମାନେ କହନ୍ତି– (୩) । ଅର୍ଥାତ୍ ନାରୀ ଶରୀରର ଦଶବୃତୀୟାଂଶ ପ୍ରକୃତିଦର ସୁନ୍ଦର, କିନ୍ତୁ ଅବଶିଷ୍ଟ ଦଶ ସପ୍ତାଂଶ ବିଭିନ୍ନ ପୋଷାକ ଦ୍ୱାରା ହି ହୋଇଥାଏ । ଭାରତର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଧରଣର ବସ୍ତ୍ର ମିଳୁଥିବା ଦୃଷ୍ଟିଗୋଚର ହୁଏ ।

ଏହି ବସ୍ତ୍ର ପରିଧାନ ଆଞ୍ଚଳିକ ଭେଦରେ ବିଭିନ୍ନ ଧରଣର ହୋଇଥିବା ଲକ୍ଷ୍ୟ କରାଯାଇ ପାରେ । ତେଣୁ ନାରୀର ବସ୍ତ୍ର ଓ ତା'ର ପରିଧାନରୁ ସେ କେଉଁ ଅଞ୍ଚଳର ନାରୀ ତାହା ସହଜରେ ଜାଣି ହୁଏ । ଦୃଷ୍ଟାନ୍ତ ସ୍ୱରୂପ ମରହଟ୍ଟା ରମଣୀମାନଙ୍କର କାଛିଆ କଞ୍ଚା ଓ ବସ୍ତ୍ରାଞ୍ଚଳର ଶେଷ ଭାଗରେ ଗଣ୍ଠି ପକାଇଥିବା ଚିତ୍ରରୁ ସେମାନଙ୍କୁ ନିର୍ଦ୍ଦିଷ୍ଟ ସଂପ୍ରଦାୟର ରମଣୀ ବୋଲି ଚିହ୍ନଟ କରାଯାଇଥାଏ । ସେହିପରି ଉତ୍କଳୀୟ ନାରୀମାନଙ୍କର ବିଭିନ୍ନ କିସମର ବସ୍ତ୍ର ଓ ସେଗୁଡ଼ିକର ପରିଧାନକୁ ଲକ୍ଷ୍ୟକଲେ ସେମାନଙ୍କୁ ଖାଣ୍ଟି ଓଡ଼ିଆ ଘରର ନାରୀ ବୋଲି ସହଜରେ ଚିହ୍ନଟ କରିଦେବା ଅସୁବିଧାଜନକ ନୁହେଁ ।

ପ୍ରାଚୀନ ଓଡ଼ିଶାର ବିଭିନ୍ନ ମୂର୍ତ୍ତି, ପ୍ରାଚୀନ ଚିତ୍ରପୋଥି ଓ ପ୍ରାଚୀନ ସାହିତ୍ୟଗୁଡ଼ିକୁ ଲକ୍ଷ୍ୟକଲେ ନାରୀମାନେ ପୋଷାକ ରୂପେ ବସ୍ତ୍ର ବ୍ୟତୀତ ଅନ୍ୟକିଛି ପରିଧାନ କରୁଥିବା ଦେଖାଯାଏ ନାହିଁ । ତେଣୁ କୁହାଯାଇପାରେ ପ୍ରାଚୀନ ଓଡ଼ିଶାର ନାରୀମାନେ ବସ୍ତ୍ରପ୍ରିୟ । ସେହି ବସ୍ତ୍ର ଗୁଡ଼ିକର ଲମ୍ବା, ଚଉଡ଼ା, ମୋଟା, ପତଳା ଓ ବିଭିନ୍ନ ରଙ୍ଗ ଉପରେ ମଧ୍ୟ ସେମାନେ ଗୁରୁତ୍ୱ ଦେଉଥିବା ଲକ୍ଷ୍ୟ କରାଯାଏ । ସେମାନଙ୍କର ବ୍ୟବହୃତ ବସ୍ତ୍ରଗୁଡ଼ିକୁ ମୁଖ୍ୟତଃ ସାତଗୋଟି ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ଯଥାକ୍ରମେ ପାଟ, ଶାଢ଼ୀ, ଲୁଗା, ଛିଟ, ନେତ ଓ କାନ୍ଥୁଲା । ନାରୀମାନେ ନିଜର ଶକ୍ତି ସାମର୍ଥ୍ୟ, ସମୟ ଓ ରୁଚି ଅନୁଯାୟୀ ଉପରୋକ୍ତ ବସ୍ତ୍ରଗୁଡ଼ିକର ବ୍ୟବହାର କରିଥିବା ଦେଖାଯାଏ ।

ନାରୀମାନେ ବିଭିନ୍ନ ପ୍ରକାର ପାଟ ବ୍ୟବହାର କରୁଥିବା ପରିଦୃଷ୍ଟ ହୁଏ । ସେଗୁଡ଼ିକ ମଧ୍ୟରେ କଳାମେଘ ପାଟ, ଦକ୍ଷିଣୀ ପାଟ, ଝିଙ୍କିମିଳି ପାଟ, ସମ୍ବଲପୁରୀ ପାଟ, ସିନ୍ଦୂରାପାଟ, କଳାପାଟ, ଫୁଲପକା ପାଟ, ପିତାମ୍ବରୀ ପାଟ, କ୍ଷୀରୋଦର ପାଟ, ଜରଗଙ୍ଗା ପାଟ, ବସନ୍ତ ପାଟ, କୁସୁଣି ପାଟ, ଚିତ୍ରମୁଖା ପାଟ, ରଙ୍ଗ ପାଟ, ମୁଗେଇ ପାଟ, ବରମପୁରିଆ (ବ୍ରହ୍ମପୁର) ପାଟ, ନେତ୍ରପାଟ, ଚିତ୍ରମେଘପାଟ, ମୁଗୁନି ପାଟ, ନୂଆପାଟଣା ପାଟ ପ୍ରଭୃତି ଉଲ୍ଲେଖନୀୟ । ଉପରୋକ୍ତ ପାଟବସ୍ତ୍ରର ବ୍ୟବହାର ସାଧାରଣ ପରିବାର ନାରୀମାନଙ୍କଠାରେ ଦେଖାଯାଏ ନାହିଁ । ପାଟ ବସ୍ତ୍ରର ମୂଲ୍ୟ ସାଧାରଣ ବସ୍ତ୍ରର ମୂଲ୍ୟଠାରୁ ଖୁବ୍ ବେଶୀ । ତେଣୁ ସଂଭ୍ରାନ୍ତ ପରିବାରର ନାରୀମାନଙ୍କଠାରେ ଏହାର ବ୍ୟବହାର ସର୍ବାଧିକ ବୋଲି ଜଣାପଡେ ।

'ପାଟ' ଦୈନନ୍ଦିନ ବସ୍ତ୍ର ରୂପେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳେ ନାହିଁ । ସାଧାରଣତଃ ଏହା ବିଭିନ୍ନ ପୂଜାପର୍ବ, ଓଷାବ୍ରତ, ଯାନିଯାତ୍ରା ପ୍ରଭୃତି ଦିନମାନଙ୍କରେ ବ୍ୟବହୃତ ହୋଇଥାଏ । ଉକ୍ତପାଟ ବିଭିନ୍ନ ରଙ୍ଗର ଓ ବିଭିନ୍ନ ଡିଜାଇନ୍‌ର ଥିବା ଦୃଷ୍ଟି ଗୋଚର ହୁଏ । ନାରୀର ପସନ୍ଦ ଓ ରୁଚି ଅନୁଯାୟୀ ଏହା ବୟନ କରାଯାଇଥାଏ । ଓଡ଼ିଶାରେ ମୁଖ୍ୟତଃ ନୀଳ, ହଳଦିଆ, ଲାଲ, ଗୋଲାପି ଓ ଧଳା ରଙ୍ଗର ପାଟ ଦେଖିବାକୁ ମିଳିଥାଏ । ବ୍ରହ୍ମପୁର ଓ ସମ୍ବଲପୁର ପାଟ ସେଥିମଧ୍ୟରୁ ଉତ୍କୃଷ୍ଟ ଥିବା ଜଣାଯାଏ । ଏହି ପାଟବସ୍ତ୍ର ଗୁଡ଼ିକର ଧାରରେ ବିଭିନ୍ନ ପ୍ରକାର କୁମ୍ଭ ପକାଯାଇ ବୁଣାଯାଇ ଥାଏ ।

ପାଟବସ୍ତ୍ର ବ୍ୟତୀତ ସାଧାରଣ ପରିବାରଠାରୁ ଆରମ୍ଭ କରି ସଂଭ୍ରାନ୍ତ ପରିବାରର ନାରୀମାନେ ବିଭିନ୍ନ ପ୍ରକାର ଶାଢୀ ପରିଧାନ କରୁଥିବାର ଦେଖାଯାଏ । ଭାରତୀୟ ନାରୀ ହଳଦିଆ ଓ ଗୋଲାପି ରଙ୍ଗର ବସ୍ତ୍ର ପରିଧାନ ପ୍ରତି ଆକର୍ଷଣୀୟ ଥିବା ଅନୁଧ୍ୟାନ କରାଯାଏ । ଏହି ଶାଢୀ ବିଭିନ୍ନ ରଙ୍ଗ ଓ ବିଭିନ୍ନ ଡିଜାଇନ୍‌ର ଥିବା ପରିଦୃଷ୍ଟ ହୁଏ । ଶାଢୀ, ପତଳା ଓ ମୋଟା ଧରଣର । ପ୍ରାଚୀନ ଓଡ଼ିଶାରେ ବ୍ୟବହାର କରାଯାଉଥିବା ଶାଢୀଗୁଡ଼ିକ ମଧ୍ୟରେ ମେଘଡମ୍ବରୁ ଶାଢୀ, କଳା ଶାଢୀ, କଳାପାଟ ଶାଢୀ, କୁମ୍ଭପକା ଶାଢୀ, କଟକିଆ ଶାଢୀ, ଆଖୁପତରିଆ ଶାଢୀ, ଅଳପକା ଶାଢୀ, କଳାମେଘ ଶାଢୀ, ଟସର ଶାଢୀ, ନୀଳଶାଢୀ, ମେଘନାଦ ଶାଢୀ, ଦକ୍ଷିଣୀ ଶାଢୀ, ହିନ୍ଦୋଳ ଶାଢୀ, ଫୁଲଫୁଟା ଶାଢୀ, ତଉଁରୀ ଶାଢୀ, ହରଗଉରୀ ଶାଢୀ, ବ୍ରହ୍ମପୁରୀ ଶାଢୀ, କଳାକୁମ୍ଭ ଶାଢୀ, କାଞ୍ଚିପୁର ଶାଢୀ, ଚିତ୍ରମେଘ ଶାଢୀ, ଝଲାଶାଢୀ, ମୁଣୋହି ଶାଢୀ, କଳାଶାଢୀ, ପୋରିହି ଶାଢୀ, ଚନ୍ଦନକୁରା ଶାଢୀର ନାମୋଲ୍ଲେଖ ଦେଖିବାକୁ ମିଳେ ।

ନାରୀମାନେ ନିଜ ଶରୀରର ରଙ୍ଗ ଓ ରୁଚି ଅ[illegible]ୟୀ ଉପରୋକ୍ତ ଶାଢୀଗୁଡ଼ିକୁ ବ୍ୟବହାର କରିଥାନ୍ତି । ସାଧାରଣତଃ ଶାଢୀଗୁଡ଼ିକ ତୁଳା ଓ ଟସର ସୂତାରେ ବୁଣାଯାଇଥାଏ । ଉପରୋକ୍ତ ଶାଢୀ ମଧ୍ୟରେ ବ୍ରହ୍ମପୁର ଶାଢୀ ପ୍ରସିଦ୍ଧ ଥିବା ଜଣାଯାଏ । ଏଣୁ ବ୍ରହ୍ମପୁର ଶାଢୀ ବ୍ୟବହାର କରିବା ପାଇଁ ଓଡ଼ିଶାର ନାରୀମାନେ ଆଗ୍ରହୀଥିବା ଜଣାପଡେ (୯) । ଏହି ଶାଢୀ ଅପେକ୍ଷାକୃତ ପାଟବସ୍ତ୍ରଠାରୁ କମ୍ ଦାମର ଥିବା ଅନୁମାନ କରାଯାଏ । କମ୍ ମୂଲ୍ୟର ଶାଢୀଠାରୁ ଆରମ୍ଭ କରି ବହୁ ମୂଲ୍ୟର ଶାଢୀମାନ ସେତେବେଳର .ନାରୀ ସମାଜରେ ବ୍ୟବହୃତ ହେଉଥିବା କାହାକୁ ଅବିଦିତ ନୁହେଁ ।

ସଂଭ୍ରାନ୍ତ ଓ ସାଧାରଣ ପରିବାରର ନାରୀମାନେ ପାଟ ଓ ଶାଢୀ ବ୍ୟବହାର କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ଲୁଗା ମଧ୍ୟ ବ୍ୟବହାର କରୁଥିବା ଲକ୍ଷ୍ୟ କରାଯାଏ ! ଏହି ଲୁଗା ମୁଖ୍ୟତଃ ଗରିବ ଶ୍ରେଣୀର ନାରୀମାନଙ୍କଠାରେ ଦେଖାଯାଏ । ଶାଢୀ ତୁଳନାରେ 'ଲୁଗା' ଗୁଡ଼ିକ ସଂପୂର୍ଣ୍ଣ ରୂପେ ମୋଟା ଓ ଏହା ସୂତାରେ ବୁଣାଯାଇଥାଏ । ଲୁଗାର ଧାରରେ ମଧ୍ୟ ବିଭିନ୍ନ ପ୍ରକାର ଧଡ଼ି ଓ ଫୁଲ ପକାଯାଇଥିବାର ପରିଦୃଷ୍ଟ ହୁଏ । ଆଜିକାଲିର ଆଧୁନିକା ନାରୀ ସମାଜରେ ମୋଟା ଲୁଗାର ବ୍ୟବହାର ପ୍ରାୟତଃ ଦେଖାଯାଏ ନାହିଁ । କିନ୍ତୁ ଗାଁ ଗହଳରେ ଲୁଗା ପ୍ରତି ନାରୀମାନଙ୍କର ଆଦର କମିନଥିବା ଲକ୍ଷ୍ୟ କରାଯାଏ । ସେହି ଲୁଗା ବା ଖଦିଗୁଡ଼ିକ ମଧ୍ୟରେ ପୁରସମିଆ ଲୁଗା, କୁସୁମଖଦି, ରଣପୁର ଖଦି, ରଙ୍ଗ ତାଳିନା, ମଣିଆ ବନ୍ଧୀ, ଦକ୍ଷିଣୀ ରଙ୍ଗ, ସରସିଆ ଲୁଗା, ହଳଦିଆ ଲୁଗା, ଧୋବଲୁଗା, କଲିକତାଲୁଗା, ପାଣିଲୁଗା, ହରିପୁରଲୁଗା, କଳାଖଦି, ଜରିଲୁଗା, ରଙ୍ଗତାଳିନିଆଖଦି, ନାଗବନ୍ଧ ଲୁଗା, ଫୁଲାମି ଲୁଗା, ଛିଟ ଲୁଗା, ବଉଳାଖଦି, ସଅଣ ଖଦି, କାସ୍ତୁପୁର ଲୁଗା, ରଙ୍ଗଲୁଗା, କାନପୁର ଲୁଗା, ତଉଁରିଆ ଲୁଗା ପ୍ରଭୃତି ଅନ୍ୟତମ ବୋଲି କୁହାଯାଇ ପାରେ ।

ଲୁଗାଗୁଡ଼ିକର ଲମ୍ବ ପ୍ରାୟ ବାରହାତ ଥିବା ଲକ୍ଷ୍ୟ କରାଯାଏ (୫) । ଏହି ଲୁଗାଗୁଡ଼ିକ ନିତ୍ୟ ବ୍ୟବହୃତ ଅଟେ । ବିଶେଷ ପରିମାଣରେ ପାଣିଲୁଗା ବର୍ଷିୟସୀ ନାରୀମାନେ ବ୍ୟବହାର କରୁଥିବା ଦୃଷ୍ଟିଗୋଚର ହୁଏ । ଉପରୋକ୍ତ ଲୁଗା ବା ଖଦୀ ବ୍ୟତୀତ ପ୍ରାଚୀନ ଓଡ଼ିଶାର ନାରୀମାନେ 'ମଠା' ବସ୍ତ୍ର ବ୍ୟବହାର କରୁଥିବାର ଲକ୍ଷ୍ୟ କରାଯାଏ ।

ରକ୍ଷଣଶୀଳ ଓଡ଼ିଆ ପରିବାରର ନାରୀ ମନରେ ପବିତ୍ର ଭାବଧାରା ବିଭିନ୍ନ ବସ୍ତ୍ର ଆଣିଥାଏ ବୋଲି ଲୋକବିଶ୍ୱାସ ରହିଆସିଛି । ସେହି ବିଶ୍ୱାସର ବଶବର୍ତ୍ତୀ ହୋଇ ସରଳମନା ନାରୀ ବିଭିନ୍ନ ସମୟରେ ବିଭିନ୍ନ ବସ୍ତ୍ର ପରିଧାନ କରୁଥିବା ଦେଖାଯାଏ । ସେ ପୂଜା ପର୍ବ ଓ ରୋଷେଇ ସମୟରେ ଶୁକ୍ଳ ଲୁଗା ଓ ମଠା ବ୍ୟବହାର କରିଥାଏ । ଏହି ମଠାର ପ୍ରକାର ଭେଦ ଓ ନାମକରଣ ମଧ୍ୟ ଭିନ୍ନଥିବା ଲକ୍ଷ୍ୟ କରାଯାଇପାରେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ନାରୀମାନେ ବ୍ୟବହାର କରୁଥିବା ମଠାଗୁଡ଼ିକ ମଧ୍ୟରେ ବସନ୍ତମଠା, ଡୋରିଆମଠା, କେନିଆ ମଠା, ଟସର ମଠା, ବରମପୁରିଆ ମଠା, ସୋନପୁରମଠା ଇତ୍ୟାଦି ପ୍ରସିଦ୍ଧି ଲାଭ କରିଥିବା କାହାକୁ ଅବିଦିତ ନୁହେଁ ।

ଏତଦ୍‌ବ୍ୟତୀତ ନାରୀମାନେ ଏକମାତ୍ର ଲମ୍ବାଲୁଗାରେ ତାଳୁରୁ ତଳିପା ଯାଏଁ ଆବୃତ ହୋଇଥାନ୍ତି । କେହିକେହି ସେହି ପରିଧାନ ବସ୍ତ୍ରରେ ମୁଣ୍ଡରେ ଓଢ଼ଣା ଦେଇଥାନ୍ତି ତ ଅନ୍ୟ କେହି କେହି ଅନ୍ୟ ଏକ ଉତ୍ତରୀୟ ଓଢ଼ଣା ନିମିତ୍ତ ବ୍ୟବହାର କରିଥାନ୍ତି । ସାଧାରଣତଃ ଏହି ବସ୍ତ୍ରଟି ପରିଧାନ ବସ୍ତ୍ରଠାରୁ ଲମ୍ବାରେ ବହୁତ ଊଣାଥିବା ଦେଖାଯାଏ । ଏହା ଅନ୍ୟ ବସ୍ତ୍ର ପରି ମୋଟା ଧରଣର ନୁହେଁ । ଏହି ଉପୁରାଣ ବସ୍ତ୍ର ମଧ୍ୟରେ ପାଟ ଓ ନେତ ଅନ୍ୟତମ ଅଟେ । ଏଗୁଡ଼ିକର ବ୍ୟବହାର ବିବାହ ଉତ୍ସବ ସମୟରେ ବୋଲି କୁହାଯାଇ ପାରେ । ସଂଭ୍ରାନ୍ତ ପରିବାରର ନାରୀମାନେ ତାଳିନା ନେତ ବ୍ୟବହାର କରୁଥିବା ଜଣାଯାଇଥାଏ । ଏହାଛଡା ପ୍ରାଚୀନ ଭାରତର ମୂର୍ତ୍ତିଗୁଡ଼ିକୁ ଅନୁଧ୍ୟାନକଲେ ନାରୀ ଶରୀରରେ କାଞ୍ଚୁଲା ବ୍ୟବହୃତ ହୋଇଥିବା ଦେଖାଯାଏ । ସ୍ତନଯୁଗଳକୁ ସୁସଜ୍ଜିତ ଅବସ୍ଥାରେ ରଖିବା ପାଇଁ ଏହାର ଆବଶ୍ୟକତା ଯେ ଯଥେଷ୍ଟ ଏହାକୁ ଅସ୍ୱୀକାର କରାଯାଇନପାରେ । ପ୍ରାଚୀନ ଓଡ଼ିଶାର ନାରୀମାନେ ଯେ କାଞ୍ଚୁଲା ବ୍ୟବହାର କରୁଥିଲେ, ତାହାର ଦୃଷ୍ଟାନ୍ତ ବିଭିନ୍ନ ସାହିତ୍ୟରୁ ଜଣାଯାଇଥାଏ ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତିପାଦନ ହୁଏ ଯେ, ଭାରତର ଅନ୍ୟାନ୍ୟ ଅଞ୍ଚଳର ନାରୀମାନେ ବ୍ୟବହାର କରୁଥିବା ବିଭିନ୍ନ ବସ୍ତ୍ରଠାରୁ ଉତ୍କଳୀୟ ନାରୀମାନେ ବହୁଳ ଭାବରେ ବିଭିନ୍ନ ପ୍ରକାର ବସ୍ତ୍ର ପରିଧାନ କରିବାରେ ଆଗ୍ରହୀଥିବା ଉପଲବ୍ଧ କରିହୁଏ । ପ୍ରାଚୀନ ଉତ୍କଳ ଯେ ଏକଦା ବହୁମୂଲ୍ୟ ବସ୍ତ୍ରରେ ବିମଣ୍ଡିତଥିଲା କହିବା ଅଯୌକ୍ତିକ ନୁହେଁ ।

[ଉକ୍ତ ପ୍ରବନ୍ଧଟି ଓଡ଼ିଆ ଲୋକ ସାହିତ୍ୟ ଉପରେ ଆଧାରିତ]

---

ଗବେଷକ, ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
୭୬୦୦୦୭

# ନୂଆ ଓଡ଼ିଶା = ନୂଆ ପାଠ

ଶ୍ରୀ ଚନ୍ଦ୍ରଶେଖର ନାୟକ

୧୯୩୬ ମସିହା ଅପ୍ରେଲ ପହିଲା ଆମ ଓଡ଼ିଶାର ଜନ୍ମଦିନ। ଜ୍ଞାତ ଓ ଅଜ୍ଞାତ ଭାବରେ ଯେଉଁମାନେ ଓଡ଼ିଆ ଜାତି ଓ ସଂସ୍କୃତିର ପ୍ରାଣ ପ୍ରତିଷ୍ଠା ପାଇଁ ଅପ୍ରାଣ ଉଦ୍ୟମ କରିଥିଲେ, ଏହି ଶୁଭ ଅବସରରେ ଓଡ଼ିଆ ଜାତି ସେମାନଙ୍କୁ ନିଶ୍ଚୟ ଭକ୍ତି ଶ୍ରଦ୍ଧାଞ୍ଜଳି ନିବେଦନ କରିବ।

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତରୁ ବିଦେଶୀ ଇଂରେଜ ଶାସନର ଅବସାନ ପାଇଁ ବିଭିନ୍ନ ପର୍ଯ୍ୟାୟରେ ଯେଉଁ ଜନଜାଗରଣ ସଙ୍ଗଠିତ ହୋଇଥିଲା, ପୂର୍ଣ୍ଣ ସ୍ୱାଧୀନତା ତାହାର ଲକ୍ଷ୍ୟ ଥିଲେ ହେଁ ଭାରତୀୟମାନଙ୍କୁ ପରୀକ୍ଷାମୂଳକ ଭାବରେ ସ୍ୱାୟତ୍ତ ଶାସନଭିତ୍ତିକ କେତେକ କ୍ଷମତା ହସ୍ତାନ୍ତରିତ କରିବା ପାଇଁ ଯେଉଁ ଶାସନତନ୍ତ୍ର ୧୯୩୫ ମସିହାରେ ପ୍ରଣୀତ ହୋଇଥିଲା, ତାହା ଭାରତ ଶାସନ ଆଇନ ନାମରେ ବିଦିତ। ଅଖିଳ ଭାରତ ଜାତୀୟ କଂଗ୍ରେସ ବିଦେଶୀ ସରକାରଙ୍କ ଆନ୍ତରିକତାକୁ ଅବିଶ୍ୱାସ ନ କରି ପରୀକ୍ଷା କରିବା ଅଭିପ୍ରାୟରେ ପ୍ରୋକ୍ତ ଶାସନ ଆଇନକୁ ଗ୍ରହଣ କଲେ। ତଦନୁଯାୟୀ ତତ୍କାଳୀନ ଭାରତର ୧୧ଟି ପ୍ରଦେଶରେ ନିର୍ବାଚନ ସୂତ୍ରରେ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା। ଆମ ନୂଆ ଓଡ଼ିଶା ରାଜ୍ୟ ସେହି ୧୧ଗୋଟି ପ୍ରଦେଶର ଅନ୍ତର୍ଭୁକ୍ତ ହେଲା। ସେତେବେଳେ ସାବାଳକ ଭୋଟ ପ୍ରଥା ନ ଥିଲା। ଯେଉଁମାନେ ମାଟ୍ରିକ ପାସ କରିଥିବେ କିମ୍ବା ଅଧିକ ଚୌକିଦାରୀ ଟିକସ ଦେଉଥିବେ, ସେମାନଙ୍କର ଭୋଟ ଦେବାର କ୍ଷମତା ଥିଲା। ପୁଣି ବିଦେଶୀ ପ୍ରଶାସନକୁ ସୁହାଇଲା ଭଳି ଯେଉଁମାନେ କଥା କହିପାରିବେ ସେମାନଙ୍କୁ ମନୋନୟନ ସୂତ୍ରରେ ସରକାର ଆସେମ୍ବ୍ଲିକୁ ପଠାଇବାର ବ୍ୟବସ୍ଥା ରହିଥିଲା।

ସେତେବେଳେ ନୂଆ ଓଡ଼ିଶାରେ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ନାମରେ ୬ଟି ମାତ୍ର ଜିଲ୍ଲା ଥିଲା। ବିଶାଖାପାଟଣା ଜିଲ୍ଲାର ଜୟପୁର ଜମିଦାରୀ, ପର୍ଲାଖେମୁଣ୍ଡିର ଜୟପୁରର ଅନ୍ତର୍ଭୁକ୍ତ ହୋଇ ନ ଥିବା ଅଞ୍ଚଳ, ମଧ୍ୟ ପ୍ରଦେଶରୁ ଖଡ଼ିଆର ଜମିଦାରୀ, ବିଳାସପୁର ଜିଲ୍ଲାର ୫୪ଟି ଗ୍ରାମ ଏବଂ ଲୁହାକୁଣ୍ଡା, ବାଦିମାଳ, ପଣ୍ଡକୁଦରଗିଆ, ଯୋଗନି ଓ ଠାକୁରପାଲି, ଏହି ନୂତନ ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ ହେଲା। କ୍ଷେତ୍ରଫଳ ହେଲା ୩୨୬୯୫ ବର୍ଗ ମାଇଲ। ଲୋକସଂଖ୍ୟା ଥିଲା ୮୦ ଲକ୍ଷ ୪୩ ହଜାର ୬୮୧। ଓଡ଼ିଶା ଆସେମ୍ବ୍ଲିର ନିର୍ଦ୍ଧାରିତ ସଦସ୍ୟ ସଂଖ୍ୟା ୬୦ ରୁ ୫୬ ଜଣ ନିର୍ବାଚିତ ହୋଇଥିଲେ ଓ ୪ ଜଣଙ୍କୁ ସରକାର ମନୋନୟନ କରିଥିଲେ। ଏହି ନିର୍ବାଚନରେ ଜାତୀୟ କଂଗ୍ରେସ ପ୍ରଥମ କରି ଭାଗ ନେଇଥିବାରୁ ରଜା, ମହନ୍ତ, ଜମିଦାର ଓ ରକ୍ଷଣଶୀଳ ଗୋଷ୍ଠୀ ଏଥିରେ ବିଶେଷ ଆତଙ୍କିତ ହୋଇ ପ୍ରମାଦ ଗଣିଲେ। କଂଗ୍ରେସ ପ୍ରାର୍ଥୀଙ୍କୁ କୌଣସି ମତେ ପରାସ୍ତକରି ବିଦେଶୀ ଶାସନ ବାହୁଛାୟା ତଳେ ନିଜର ସ୍ୱାର୍ଥକୁ ବଜାୟ ରଖିବା ପାଇଁ ସେମାନେ ପ୍ରାଣମୂର୍ଚ୍ଛା ହୋଇ ନିର୍ବାଚନ ଯୁଦ୍ଧରେ ନିଜେ ଅବତୀର୍ଣ୍ଣ ହୋଇଥିଲେ ବା ନିଜ ପକ୍ଷରୁ ପ୍ରାର୍ଥୀ ଛିଡ଼ା କରାଇ ଥିଲେ। ସେତେବେଳେ କଂଗ୍ରେସର ଧ୍ୱନି ଥିଲା — "ମଠଧନ କୋଠ ହେବ, ଜମିଦାରୀ ଲୋପପାଇବ। ବେଠି ବେଗାରୀ ଉଠିଯିବ ଓ ଗଛ ମାଛରେ ପ୍ରଜାସ୍ୱତ୍ୱାଧିକାରୀ ହେବ ଇତ୍ୟାଦି"। ଏହା ଗାଁ ଗହଳର ନିପୀଡ଼ିତ ସ୍ତ୍ରୀ, କ୍ଷେତ ମଜୁରିଆ ଓ ବିଦେଶ କରୁଥିବା ଶ୍ରମିକମାନଙ୍କୁ ଅତି ମାତ୍ରାରେ ଆନ୍ଦୋଳନ କଲା। ସେମାନେ ନିଜେ ଭୋଟ ଦେଇ ପାରୁ ନ ଥିଲେ ମଧ୍ୟ କଂଗ୍ରେସ ପକ୍ଷରେ ଜନମତ ସୃଷ୍ଟିପାଇଁ ବିପୁଳ ଉଦ୍ୟମ କରିବାକୁ ଲାଗିଲେ। ନିର୍ବାଚନର ଫଳାଫଳରୁ ଦେଖାଗଲା ଯେ, କଂଗ୍ରେସ ପ୍ରାର୍ଥୀ ବିପୁଳ ଭୋଟରେ ସଂଖ୍ୟାଧିକ ସ୍ଥାନ ଦଖଲ କରିଛନ୍ତି। ପୁରୀରୁ ସ୍ୱର୍ଗତଃ ଜଗବନ୍ଧୁ ସିଂହ, ଜଗନ୍ନାଥ ମିଶ୍ର, ନିମାପଡ଼ାରୁ ମୋହନ ଦାସ, ଖୋରଧାରୁ ସ୍ୱର୍ଗତଃ ପ୍ରାଣନାଥ ପଟ୍ଟନାୟକ, ବାଣପୁରରୁ ସ୍ୱର୍ଗତଃ ଗୋଦାବରୀଶ ମିଶ୍ର, ବ୍ରହ୍ମପୁରରୁ ସ୍ୱର୍ଗତଃ ଲକ୍ଷ୍ମୀବାଈ, କଟକ ଜିଲ୍ଲାର ସ୍ୱର୍ଗତଃ ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ, ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀ, ଓ ନିତ୍ୟାନନ୍ଦ କାନୁନଗୋ, ସମ୍ବଲପୁରରୁ ପ୍ରହ୍ଲାଦ

ରାୟଗଡ଼, ବୋଧରାମ ଦୁବେ, ବାଲେଶ୍ୱରରୁ ସ୍ୱର୍ଗତଃ ମୁକୁନ୍ଦ ପ୍ରସାଦ ଦାସ ଓ କୋରାପୁଟରୁ ସ୍ୱର୍ଗତଃ ରାଧାକୃଷ୍ଣ ବିଶ୍ୱାସରାୟ ପ୍ରମୁଖ ବହୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନିର୍ବାଚନରେ ଜୟଯୁକ୍ତ ହୋଇଥିଲେ । ସେତେବେଳେ ଭୋଟ ପ୍ରଚାରର ମାଧ୍ୟମ ଥିଲା ସଂକୀର୍ତ୍ତନ । କଂଗ୍ରେସ ପ୍ରଚାରକ ଭାବରେ ବହୁ ପରୀକ୍ଷିତ କର୍ମୀ ନିର୍ବାଚନ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । କଂଗ୍ରେସ ସପକ୍ଷ ଓ ବିପକ୍ଷ ପ୍ରଚାର କଥା ମାଧ୍ୟମରେ କୌଣସି ବ୍ୟକ୍ତିଗତ ଅସୂୟା ନ ଥିଲା କି ଭୋଟ ପ୍ରଚାରରେ ଏତେ ଗାଡ଼ି ଘୋଡ଼ା, ଡାକବାଜି ଯନ୍ତ୍ର ବା ମାରଣାସ୍ତ୍ର ବ୍ୟବହାର ପ୍ରଶ୍ନ ନ ଥିଲା । ବିଭିନ୍ନ କ୍ୟାମ୍ପର ପ୍ରଚାରକମାନେ ଦୈନନ୍ଦିନ ମିଳିମିଶି ସାନ୍ଧ୍ୟ ମନୋରଞ୍ଜନ କରୁଥିଲେ । ସଂକ୍ଷେପରେ କହିବାକୁ ଗଲେ ଯେଉଁ ସତ୍ୟ ଓ ଅହିଂସା ମାଧ୍ୟମରେ ନିଜେ ମରିବୁ ପଛେ ଅପରକୁ ମାରିବୁ ନାହିଁ ନ୍ୟାୟରେ ସ୍ୱାଧୀନତା ସଂଗ୍ରାମ ପରିଚାଳିତ ହେଉଥିଲା । ତାହାହିଁ ଥିଲା ନିର୍ବାଚନ ପ୍ରଚାରର ମାଧ୍ୟମ । ଏହି ନିର୍ବାଚନ ସମରରେ ପୁରୀର ସୁନାମ ଧନ୍ୟ ଜମିଦାର ସ୍ୱର୍ଗତଃ ଲୋକନାଥ ମିଶ୍ର ଓ ଏମାର ମଠର ମହନ୍ତ ସ୍ୱର୍ଗତଃ ଗଦାଧର ରାମାନୁଜ ଦାସ ପରାସ୍ତ ହୋଇଗଲେ । ୬୦ଟି ସ୍ଥାନ ମଧ୍ୟରୁ କଂଗ୍ରେସ ୩୬ଟି ସ୍ଥାନ ଲାଭକରି ସଂଖ୍ୟା ଗରିଷ୍ଠ ରୂପେ ନବଗଠିତ ଓଡ଼ିଶା ଶାସନ ପାଇଁ ପ୍ରଥମ ମନ୍ତ୍ରି ମଣ୍ଡଳ ଗଢ଼ିବାର ବୈଧାନିକ ସ୍ଥାନ ଲାଭ କରିଥିଲା । ୧୯୩୭ ମସିହା ଜାନୁଆରୀ ୧୮ ରୁ ୨୩ ତାରିଖ ମଧ୍ୟରେ ଭୋଟ ଗ୍ରହଣ ଓ ଫଳାଫଳ ପ୍ରକାଶ ପାଇଗଲା । ସାରା ଭାରତର ୧୧ଟି ପ୍ରଦେଶରୁ ୮ ଗୋଟିରେ କଂଗ୍ରେସ ସଂଖ୍ୟା ଗରିଷ୍ଠ ହୋଇ ମନ୍ତ୍ରି ମଣ୍ଡଳ ଗଢ଼ିଲେ ।

## ଶାସନରେ ରହିବା ପାଇଁ କଂଗ୍ରେସର ସର୍ତ୍ତ

ସେତେବେଳେ କଂଗ୍ରେସରେ ଉଚ୍ଚକୋଟୀର ଶୃଙ୍ଖଳା ଥିଲା । ନିର୍ବାଚିତ ପ୍ରତିନିଧିମାନେ ବ୍ୟକ୍ତିଗତ ଆଚରଣରେ ସେହି ଶୃଙ୍ଖଳାକୁ କଡ଼ାକଡ଼ି ପାଳନ କରୁଥିଲେ । ସମସ୍ତେ ନିଜକୁ କଂଗ୍ରେସ କର୍ମୀ କହି ଆତ୍ମଶ୍ଳାଘା ଅନୁଭବ କରୁଥିଲେ । କଂଗ୍ରେସ ସଭାପତିଙ୍କ ସ୍ଥାନ ମୁଖ୍ୟ ଓ ମନ୍ତ୍ରୀଙ୍କ ସ୍ଥାନ ଗୌଣ ଥିଲା । କଂଗ୍ରେସ ସଭାପତିଙ୍କୁ ସେତେବେଳେ ରାଷ୍ଟ୍ରପତି କୁହାଯାଉଥିଲା । ଶାସନ ଗ୍ରହଣ ପାଇଁ କଂଗ୍ରେସ ବିକଳିଆ ନ ଥିବାରୁ ସେଥିପାଇଁ କେତେକ ମର୍ଯ୍ୟାଦା ସମ୍ପନ୍ନ ସର୍ତ୍ତ ଆରୋପ କରିଥିଲେ । ୧୯୩୭ ମସିହା ମାର୍ଚ୍ଚ ୧୮ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଧାରଣ କଲେ ଯେ, ମନ୍ତ୍ରି-ମଣ୍ଡଳର ପରାମର୍ଶ ଗଭର୍ଣ୍ଣର ବା ରାଜ୍ୟପାଳ ଗ୍ରହଣ କରିବେ । ଗଭର୍ଣ୍ଣର ନିଜର କୌଣସି ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ଶାସନରେ ହସ୍ତକ୍ଷେପ କରିବେ ନାହିଁ ।

## ରାଜ୍ୟପାଳଙ୍କ ବାର୍ତ୍ତା

ସାର୍ ଜନ ଅଷ୍ଟିନ୍ ହବାକ୍ ନବଗଠିତ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ହୋଇ ଆସିଲେ । ସମ୍ବାଦପତ୍ର ମାଧ୍ୟମରେ ଓଡ଼ିଶାବାସୀଙ୍କୁ ୧୯୩୬ ମସିହା ମାର୍ଚ୍ଚ ୩୦ ତାରିଖରେ ଏକ ବାର୍ତ୍ତାରେ ସେ କହିଲେ ଯେ, ବିଭିନ୍ନ ଭିନ୍ନ ଜାତୀୟ ମିଶ୍ରଣରେ ଯେଉଁ ନୂଆ ପ୍ରଦେଶଟି ଜନ୍ମଲାଭ କରିଛି, ତାର ଶାସନକୁ ସେ ପ୍ରଥମେ ଶୃଙ୍ଖଳିତ କରିବେ । ସରକାରୀ ନୀତି ସମ୍ପର୍କରେ ଆଲୋକପାତ କରି ସେ କହିଲେ ଯେ, ଉନ୍ନତ ଅଞ୍ଚଳକୁ ଲୁଟ ନକରି ଓଡ଼ିଶାର ଉନ୍ନତି ସାଧନହିଁ ଶାସନର ଲକ୍ଷ୍ୟ ହେବ । ସେଥିପାଇଁ ସମ୍ବଳ ସଂଗ୍ରହ ଓ ନିର୍ବାଚିତ ପ୍ରତିନିଧି ଓ ମନ୍ତ୍ରୀମାନଙ୍କ ସହଯୋଗ ସେ କାମନା କରିଥିଲେ ।

ଅଥଚ ନିଖିଳ ଭାରତ କଂଗ୍ରେସ କମିଟିଙ୍କ ଉପଯୁକ୍ତ ପ୍ରସ୍ତାବରେ ସେ ପ୍ରଥମରୁ ରାଜି ହୋଇ ପାରିଲେ ନାହିଁ । ତେଣୁ କଂଗ୍ରେସ ଦଳ ବିପୁଳ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ମଧ୍ୟ ପ୍ରଥମରୁ ମନ୍ତ୍ରି ମଣ୍ଡଳ ଗଠନ କରିପାରିଲେ ନାହିଁ ।

## ବିକଳ୍ପ ମନ୍ତ୍ରି ମଣ୍ଡଳ

ଅଗତ୍ୟା ଗଭର୍ଣ୍ଣରଙ୍କର ଆମନ୍ତ୍ରଣ ହେଲା ଅଣ କଂଗ୍ରେସ ଦଳର ନିର୍ବାଚିତ ନେତା ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ । ୧୯୩୭ ମସିହା ଅପ୍ରେଲ ପହିଲା ତାରିଖରେ, କୃଷ୍ଣଚନ୍ଦ୍ର ଗଜପତି ଏକ ମନ୍ତ୍ରି-ମଣ୍ଡଳ ଗଠନ କଲେ । ସେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା । ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତି ସହଯୋଗୀ ମନ୍ତ୍ରୀ ଭାବରେ ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ (ଗଞ୍ଜାମ) ଓ ମୌଲବି ମହମ୍ମଦ ଲତିଫୁର ରହମନ (ପୁରୀ)ଙ୍କୁ ସହଯୋଗୀ ମନ୍ତ୍ରୀ ଭାବରେ ନେଇ ଏକ ମନ୍ତ୍ରି ମଣ୍ଡଳ ଗଠନ କଲେ । ଏହାହିଁ ହେଲା ଓଡ଼ିଶାର ସର୍ବ ପ୍ରଥମ ମନ୍ତ୍ରି ମଣ୍ଡଳ । ମାତ୍ର ବିଧାନ ସଭାରେ ସଭ୍ୟମାନଙ୍କ ସହ ଏକାଠି ବସିବା ସୌଭାଗ୍ୟ ଏହି ମନ୍ତ୍ରି ମଣ୍ଡଳ ପାଇଲେ ନାହିଁ । ଏହା ଏକ ସଂଖ୍ୟାନ୍ୟୁନ ଗୋଷ୍ଠୀର ମନ୍ତ୍ରି ମଣ୍ଡଳ ଥିବାରୁ ବିଧାନ ସଭାରେ ନିଶ୍ଚିତ ପରାଜୟ ଆଶଙ୍କା କରି ପ୍ରଧାନମନ୍ତ୍ରୀ ବିଧାନସଭାର ଅଧିବେଶନ ଡକାଇଲେ ନାହିଁ ।

## କଂଗ୍ରେସ ମନ୍ତ୍ରି ମଣ୍ଡଳ

ଅଗତ୍ୟା ତତ୍କାଳୀନ ବଡ଼ଲାଟ୍ ଲିନ୍‌ଲିଥ୍‌ଗୋ ନିଖିଳ ଭାରତ କଂଗ୍ରେସ କମିଟିଙ୍କ ସର୍ତ୍ତ ମାନିନେଇ ପ୍ରତିଶ୍ରୁତି ଦେଲେ ଯେ ମନ୍ତ୍ରି ମଣ୍ଡଳର ପରାମର୍ଶ ପ୍ରାଦେଶିକ ଲାଟ୍ ଗ୍ରହଣ କରି ଶାସନ-ନିର୍ବାହ କରିବେ । ଏହି ପରିପ୍ରେକ୍ଷୀରେ ମାତ୍ର ତିନିମାସ ପରେ ୧୯୩୭ ଜୁଲାଇ ୧୮ ତାରିଖରେ ପାରଳା ମନ୍ତ୍ରି ମଣ୍ଡଳ ଇସ୍ତଫା ଦେଲେ । ବର୍ତ୍ତମାନ ମନ୍ତ୍ରି ମଣ୍ଡଳ ଗଢ଼ିବା ପାଇଁ ସଂଖ୍ୟାଗରିଷ୍ଠ କଂଗ୍ରେସ ଦଳର ନେତା ବିଶ୍ୱନାଥ ଦାସଙ୍କୁ ଗଭର୍ଣ୍ଣର ଆମନ୍ତ୍ରଣ କଲେ । ଦାସଙ୍କ ମନ୍ତ୍ରି ମଣ୍ଡଳ ୧୯୩୭ ଜୁଲାଇ ୧୯ ତାରିଖରେ ଶପଥ ଗ୍ରହଣ କଲେ । ପ୍ରଧାନମନ୍ତ୍ରୀ (ମୁଖ୍ୟମନ୍ତ୍ରୀ) ନିଜେ ଘରୋଇ ଓ ଅର୍ଥ ବିଭାଗ ଦାୟିତ୍ୱରେ ରହିଲେ । ସହଯୋଗୀ ମନ୍ତ୍ରୀଭାବରେ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ରାଜସ୍ୱ, ପୂର୍ତ୍ତ ଓ ବିକାଶ ବିଭାଗ ଏବଂ ଶ୍ରୀ ବୋଧରାମ ଦୁବେ ଶିକ୍ଷା, ଆଇନ୍ ଓ ସ୍ୱାୟତ୍ତ ଶାସନ ବିଭାଗର ଦାୟିତ୍ୱ ଗ୍ରହଣ କଲେ । ମନ୍ତ୍ରୀମାନଙ୍କୁ ପ୍ରଶାସନରେ ସାହାଯ୍ୟ କରିବାପାଇଁ ଶ୍ରୀ ଜଗନ୍ନାଥ ମିଶ୍ର, ଶ୍ରୀ ରାଜକୃଷ୍ଣ ବୋଷ,

୰ଯଦୁମଣି ମଙ୍ଗରାଜ ଓ ୰ରାଧାକୃଷ୍ଣ ବିଶ୍ୱାସରାୟ ପାର୍ଲିଆମେଣ୍ଟାରୀ ସେକ୍ରେଟେରୀ ରୂପେ ଦାୟିତ୍ୱ ଗ୍ରହଣ କଲେ । ଶ୍ରୀ ମୁକୁନ୍ଦ ପ୍ରସାଦ ଦାସ ବାଚସ୍ପତି ଓ ୰ଲକ୍ଷ୍ମୀଧର ଉପବାଚସ୍ପତି ରୂପେ ସର୍ବସମ୍ମତି କ୍ରମେ ନିର୍ବାଚିତ ହେଲେ । ଏହି ୩ ଜଣିଆ ମନ୍ତ୍ରିମଣ୍ଡଳଟି ହେଲା ଓଡ଼ିଶାର ସର୍ବପ୍ରଥମ କଂଗ୍ରେସ ମନ୍ତ୍ରିମଣ୍ଡଳ ।

## ବିଧାନସଭା ଅଧିବେଶନ

ସାର୍ ଜନ୍ ଅଷ୍ଟିନ୍ ହବାକ୍ ନୂଆ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ହୋଇ ଆସିଲାବେଳେ ତାଙ୍କୁ ଶାସନ କାର୍ଯ୍ୟରେ ପରାମର୍ଶ ଦେବା ପାଇଁ ଗୋଟିଏ ପରାମର୍ଶଦାତା କାଉନ୍‌ସିଲ୍ ଗଠନ କରିଥିଲେ । ଏହି କାଉନ୍‌ସିଲ୍‌ର ବୈଠକ ପୁରୀ ମ୍ୟୁନିସପାଲିଟି ସଭା ଗୃହରେ ବସୁଥିଲା । କ୍ରମେ ଓଡ଼ିଶାର ଏକ ସଚିବାଳୟ ପ୍ରତିଷ୍ଠିତ ହେଲା । କଟକର ଯେଉଁଠାରେ ଏବେ ସିଟି ହାସପିଟାଲ ହୋଇଛି ସେହିଠାରେ ଏହି ସଚିବାଳୟ କାର୍ଯ୍ୟ ଆରମ୍ଭକଲା । ଜଣେ ଚିଫ୍ ସେକ୍ରେଟେରୀଙ୍କ ଅଧୀନରେ ୪ ଜଣ ସେକ୍ରେଟେରୀ, ୧ ଜଣ ଅଣ୍ଡର ସେକ୍ରେଟେରୀ ଓ ୪ଜଣ ଆସିଷ୍ଟାଣ୍ଟ ସେକ୍ରେଟେରୀଙ୍କୁ ନେଇ ଓଡ଼ିଶା ପ୍ରଦେଶର ପ୍ରଥମ ସଚିବାଳୟ ପ୍ରତିଷ୍ଠିତ ହୋଇଥିଲା ।

ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ଓଡ଼ିଶାର ପ୍ରଥମ କଂଗ୍ରେସ ମନ୍ତ୍ରିମଣ୍ଡଳ ବ୍ୟବସ୍ଥା ସଭାର ଅଧିବେଶନ ପାଇଁ କଟକ ରେଭେନ୍‌ସା କଲେଜ୍ ହଲକୁ ବାଛିଲେ । ସେହିଠାରେ ୧୯୩୭ ଅଗଷ୍ଟ ୩୦ ତାରିଖ ଦିନ ଓଡ଼ିଶା ଆସେମ୍ବ୍ଲିର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା । ସ୍ୱାଧୀନତା ସଂଗ୍ରାମରେ ବିପୁଳ ପୁଲକ ଭରି ଦେଇଥିବା ଜାତୀୟ ଗୀତି "ବନ୍ଦେମାତରଂ" ଗାନ କରାଯାଇ ବିଧାନ ସଭାର ଶ୍ରୀ ଗଣେଶ ହେବାରୁ ଶାସନର ଶୀର୍ଷରେ ଥିବା ଇଂରେଜ ସରକାରଙ୍କ ପ୍ରତିନିଧି ରାଜ୍ୟପାଳ ଶ୍ରୀ ହବାକ୍‌ଙ୍କୁ ଏହା ପ୍ରୀତିକର ମନେ ନ ହୋଇଥିଲେ ମଧ୍ୟ ବାରଣ ବା ଆପତ୍ତି କରିବାର ବାଟ ନ ଥିଲା ।

## ଶୁଭେଚ୍ଛା

ନବପ୍ରସୂତ ଓଡ଼ିଶାକୁ ଶୁଭେଚ୍ଛା ଜ୍ଞାପନ କରି ଭାରତର ତତ୍କାଳୀନ ସମ୍ରାଟ ମହାମାନ୍ୟ ଅଷ୍ଟମ ଏଡୱାର୍ଡ ତାଙ୍କ ବାର୍ତ୍ତାରେ କହିଥିଲେ—"ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଓଡ଼ିଆ ଲୋକଙ୍କର ଦୀର୍ଘଦିନର ଆକାଂକ୍ଷିତ ଅଭିଳାଷ ପୂରଣ ହେଲା । ନୂତନ ଓଡ଼ିଶା ଅତୀତ ଗୌରବାବହ ଘଟଣାବଳୀରୁ ପ୍ରେରଣା ଲାଭ କରି ପବିତ୍ର ଓଡ଼ିଶାର ଐତିହାସିକ ପରମ୍ପରାକୁ ନିଷ୍ଠ ବଜାୟ ରଖିବ" ।

ଏହା କିନ୍ତୁ କଂଗ୍ରେସ ନେତୃବୃନ୍ଦଙ୍କୁ ଖୁସି କରିପାରି ନ ଥିଲା । ସେହି ପ୍ରସଙ୍ଗରେ ଏପ୍ରିଲ ପହିଲାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲିଙ୍ଗରାଜ ମିଶ୍ର ତାଙ୍କ ସଂପାଦିତ "ସମାଜ"ର ଅଗ୍ରଲେଖାରେ ନିଜର ବଳିଷ୍ଠମତ ଉପସ୍ଥାପନ କରିଥିଲେ ଯେ "ଏକ ଭାଷାଭାଷୀ ଗୋଟିଏ ରାଜ୍ୟ ପରସ୍ପରଠାରୁ ଛଡ଼ାଇଦିଆ ହୋଇଥିବା ମାଟିରୁ ମାଟିରୁ ଗୋଟିଏ ଗୋଟିଏ ଅଞ୍ଚଳକୁ ନେଇ କେଉଁଠାରେ ଏକତ୍ର ଗଠିତ ହୋଇନାହିଁ । ଆଜି ଓଡ଼ିଶା ପ୍ରଦେଶ ଏକ ଅଞ୍ଚଳଗୁଡ଼ିକ ବିଧାନରେ ଗଠିତ ହୋଇଛି । ସିଏକୁ ଛେନାଗୁଡ଼ ଦେଇ କୁଳି କରାଇ କାନଫୋଡ଼ାର ସିନ୍ଦୁର ମାରିଦେଲାପରି ସରକାର ଓଡ଼ିଶା ଲୋକଙ୍କୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ଛେନାଗୁଡ଼ ଦେଇ ତାଙ୍କ ନିଜ ଶାସନ କୌଶଳ ରୂପକ ଛୁଞ୍ଚିରେ ଫୋଡ଼ି ତଥାକଥିତ ସ୍ୱତନ୍ତ୍ର ସରକାରୀ ରୂପୀ ସିନ୍ଦୁରମାରି ଉତ୍କଳର କାନଫୋଡ଼ ଉତ୍ସବ କରାଇ ଦେଇଛନ୍ତି । ଏ ବିଦେଶୀ ଶାସନ ସୂତ୍ର ଥିବାଯାଏ ଏ କାନଫୋଡ଼ା ଯେ ଚିରଦିନ ଥିବ ତାହା ନିଶ୍ଚିତ" ।

ଓଡ଼ିଶାର ସେହି ଜନ୍ମତିଥିରେ ନୂଆଲାଟଙ୍କ ଅଭ୍ୟର୍ଥନା ପାଇଁ ବହୁତ ଆନନ୍ଦ ଉତ୍ସବ ହୋଇଥିଲା । ଏହା କିନ୍ତୁ ବିଭୋରତାର ଦିନ ନ ହୋଇ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଏକତ୍ରୀକରଣ ସୂତ୍ରରେ ବୃହତ୍ତର ଓଡ଼ିଶା ଗଠନ ପାଇଁ ସଂକଳ୍ପ ଦିବସ ରୂପେ ଗ୍ରହଣ କରିବାକୁ ଅନୁଭବ କରି ସ୍ୱର୍ଗୀୟ ଲିଙ୍ଗରାଜ "ସମାଜ"ର ସେହି ସଂପାଦକୀୟ ବିବରଣୀରେ କହିଥିଲେ ଯେ "ବିପଦଗ୍ରସ୍ତ ଭାବରେ ଆନନ୍ଦଉତ୍ସବ କରିବାରେ ବାଧା ନାହିଁ"। ଏକଥା କହିବା ମୂଳରେ ତାଙ୍କର ନିଶ୍ଚୟ ଅଭିଳାଷ ଥିଲା ଯେ ଏଥିପାଇଁ ଗରିବ ଓଡ଼ିଆଙ୍କ ରାଜକୋଷରୁ ପାହୁଲାଟିଏ ହେଲେ ଖର୍ଚ୍ଚ କରିବା ଉଚିତ୍ ହେବନାହିଁ । ଯାହାହେଉ ଗଭର୍ଣ୍ଣର ଶ୍ରୀ ହବାକ୍ ନିରପେକ୍ଷ ଭାବରେ ଜାହାରି କୌଣସି ଅନିଷ୍ଟ ନକରି ପ୍ରଦେଶର ମଙ୍ଗଳ ସାଧନ କରିବେ ବୋଲି ଶପଥ ନେଇଥିବାରୁ ତାଙ୍କ ତୁଣ୍ଡ ସୁତୁଣ୍ଡ ହେଉ ବୋଲି ଦୈନିକ ସମାଜର ସଂପାଦକ ସେଦିନ ଆଶା ପ୍ରକାଶ କରିଥିଲେ ।

ବିଶିଷ୍ଟ ପାର୍ଲିଆମେଣ୍ଟାରୀଆନ୍ ସ୍ୱର୍ଗୀୟ ମିଃ ବି. ଦାସ ନବ ଉତ୍କଳକୁ ସ୍ୱାଗତ ଜଣାଇ ଓଡ଼ିଶାର ଗଡ଼ଜାତଗୁଡ଼ିକ ଓଡ଼ିଆ ପ୍ରଦେଶର ଅନ୍ତର୍ଭୁକ୍ତ ହୋଇ ନ ଥିଲେ ମଧ୍ୟ ନୂତନ ଓଡ଼ିଶା ଗଠନ ସେମାନଙ୍କ ପାଇଁ ଭବିଷ୍ୟତ ଆଶାର ଉତ୍ସ ବୋଲି ଚେତାଇ ଦେଇ କହିଥିଲେ ଯେ ଓଡ଼ିଶାର ଗଡ଼ଜାତମାନେ ନୂତନ ପ୍ରଦେଶ ଗଠନରେ ଆନନ୍ଦ ଅନୁଭବ କରନ୍ତୁ । ଓଡ଼ିଶାର ପ୍ରଥମ ଲକ୍ଷ୍ୟ ହେବ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା । ଗଡ଼ଜାତ ଭିତରେ ସହନଶୀଳତା ପ୍ରକାଶ ଓ ସଂଖ୍ୟାଲଘୁ ସଂପ୍ରଦାୟ ଓ ଗୋଷ୍ଠୀର ଶିକ୍ଷା ଓ ଚାକିରୀ ବାକିରୀରେ ସମାନ ସୁବିଧା ପ୍ରତି ଦୃଷ୍ଟି ଦିଆଯିବ । ଏଥିପାଇଁ ସେହି ସଂଖ୍ୟାଲଘୁ ଗୋଷ୍ଠୀ ଓଡ଼ିଶାକୁ ମାତୃଭୂମି ରୂପେ ସ୍ନେହକରି ନିଜକୁ ଓଡ଼ିଆ ରୂପେ ଜ୍ଞାନ କରିବେ ବୋଲି ସେ ଆଶା କରିଥିଲେ । ଓଡ଼ିଶାର ଭାବି ସରକାରଙ୍କୁ ସ୍ମରଣ କରାଇ ସେ ପରାମର୍ଶ ଦେଇଥିଲେ ଯେ ପଡ଼ୋଶୀ ପ୍ରଦେଶ ଏପରିକି ବ୍ରହ୍ମଦେଶରେ ଥିବା ଓଡ଼ିଆଙ୍କ ଶିକ୍ଷା, ଉନ୍ନତି ଓ ସମାନ ସୁବିଧା ସୁଯୋଗ ଦାବୀକରି ସରକାର ନିଶ୍ଚୟ ଲଢ଼ିବେ ।

## କଂଗ୍ରେସ ସରକାରଙ୍କ ମର୍ଯ୍ୟାଦା

ଏହି ସବୁ ବିସ୍ମୟ, ପରାମର୍ଶ, ଶୁଭେଚ୍ଛା ଓ ଚେତାବନୀକୁ ଦୃଷ୍ଟିରେ ରଖି ସ୍ୱର୍ଗୀୟ ବିଶ୍ୱନାଥ ଦାସଙ୍କ ପ୍ରଥମ କଂଗ୍ରେସ ମନ୍ତ୍ରୀମଣ୍ଡଳ କାର୍ଯ୍ୟ ଆରମ୍ଭ କଲେ । ପଣ୍ଡିତ ନୀଳକଣ୍ଠ ସେତେବେଳେ ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ଥିଲେ । ପ୍ରକୃତରେ କହିବାକୁ ଗଲେ ତାଙ୍କର ଓଜସ୍ୱିନୀ ବକ୍ତୃତା ... ଯୋଗୁଁହିଁ ଓଡ଼ିଶାରେ କଂଗ୍ରେସକୁ ସଂଖ୍ୟାଗରିଷ୍ଠ ଆସନ ଦେଇ ପାରିଥିଲା । କଂଗ୍ରେସ ଶାସନର ମର୍ଯ୍ୟାଦା ପ୍ରତିଷ୍ଠା ଓ ପ୍ରସ୍ତୁତ ... କଲେ ସେ ଅଣ୍ଟାଭିଡ଼ି ବାହାରି ପଡ଼ିଲେ । ଲୋକଙ୍କ ସେତେବେଳେ ପୁରୀ ଜିଲ୍ଲାସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର । ପ୍ରଧାନମନ୍ତ୍ରୀ

ବିଶ୍ୱନାଥ ଦାସଙ୍କୁ ପୁରୀବାସୀ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କଲେ । ମନ୍ତ୍ରୀଙ୍କପାଇଁ କୌଣସି ବିଶେଷ ସୁରକ୍ଷାର ବ୍ୟବସ୍ଥା ନ ଥିଲା କି ଆବଶ୍ୟକତା ନ ଥିଲା । ଲୋକେ କଂଗ୍ରେସ କର୍ମୀଙ୍କୁ ଅତି ଆପଣାର ମନେ କରୁଥିଲେ । ସ୍ୱନାମଧନ୍ୟ କଂଗ୍ରେସ କର୍ମୀ ସ୍ୱର୍ଗୀୟ ମୁରାରୀ ତ୍ରିପାଠୀଙ୍କ ନେତୃତ୍ୱରେ କଂଗ୍ରେସର ସେବା ଦଳ ସ୍ୱୟଂସେବକମାନେ ସଭାରେ ଶାନ୍ତିଶୃଙ୍ଖଳା ରକ୍ଷା କରୁଥାନ୍ତି । ଏମାର ଚଉତରା ଉପରେ ପଣ୍ଡିତ ନୀଳକଣ୍ଠଙ୍କ ପୌରୋହିତ୍ୟରେ ସଭାକାର୍ଯ୍ୟ ଚାଲିଥାଏ । ଡାକବାଜି ଯନ୍ତ୍ର ନଥାଏ । ତଥାପି ହଜାର ହଜାର ପୁରୀବାସୀ ଅତ୍ୟନ୍ତ ଶୃଙ୍ଖଳିତ ଓ ନୀରବ ନିଶ୍ଚଳ ଭାବରେ ଭାଷଣ ଶୁଣୁଥାନ୍ତି । ବିଶୃଙ୍ଖଳାର କୌଣସି ଅବକାଶ ନ ଥାଏ । ଜଣେ ମାତ୍ର ପୋଲିସ ସବ୍‌ଇନସ୍‌ପେକ୍ଟର ମନ୍ତ୍ରୀଙ୍କ ସାଙ୍ଗେ ସାଙ୍ଗେ ରହିଥାନ୍ତି । ସଭାପତି ପଣ୍ଡିତ ନୀଳକଣ୍ଠ କଂଗ୍ରେସର ପୂର୍ଣ୍ଣ ସ୍ୱାଧୀନତା ଘୋଷିତ ନୀତି ପଥରେ ଏ କଂଗ୍ରେସ ମନ୍ତ୍ରୀମଣ୍ଡଳ ସୋପାନ ସ୍ୱରୂପ ବୋଲି କହି ଓଡ଼ିଶା ତଥା ଭାରତର କଂଗ୍ରେସ ମନ୍ତ୍ରୀମଣ୍ଡଳ ଦୀର୍ଘଜୀବୀ ଓ ଯଶସ୍ୱୀ ହୁଅନ୍ତୁ ବୋଲି ଆଶୀର୍ବାଦ ଢ଼ଙ୍ଗରେ ବୟାନ କରୁଥିବା ବେଳେ ସଭାସ୍ଥଳରେ ଯେପରି ବିପୁଳ ହର୍ଷ ଓ କରତାଳି ଧ୍ୱନୀ ସାଙ୍ଗକୁ ମୁହୁର୍ମୁହୁ "ବନ୍ଦେମାତରମ" ଧ୍ୱନୀ ଉଚ୍ଛୁଳି ପଡୁଥାଏ, ତାହା କାଲିପରି ମନେପଡୁଛି ।

ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାବହ ଦୈନିକ "ସମାଜ" ଭାରତସାରା କଂଗ୍ରେସ ମନ୍ତ୍ରୀମଣ୍ଡଳଙ୍କ ପ୍ରତି ବିପୁଳ ଜନ ସମର୍ଥନ ସଂବାଦ ପ୍ରକାଶ କରୁଥାନ୍ତି । ମାନ୍ଦ୍ରାଜରେ ୰ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ, ବମ୍ବେରେ ୰ବାଳଗଙ୍ଗାଧର ଖେର, ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶରେ ୰ଡକ୍ଟର ଖାଁ ସାହେବ, ମଧ୍ୟ-ପ୍ରଦେଶରେ ୰ରବିଶଙ୍କର ଶୁକ୍ଳ, ଆସାମରେ ୰ଗୋପୀନାଥ ବର୍ଦ୍ଦୋଲାଇ, ଯୁକ୍ତ (ଉତ୍ତର) ପ୍ରଦେଶରେ ୰ପଣ୍ଡିତ ଗୋବିନ୍ଦ ବଲ୍ଲଭପନ୍ତ, ବିହାରରେ ୰ଶ୍ରୀକୃଷ୍ଣ ସିହ୍ନାଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ମନ୍ତ୍ରୀମଣ୍ଡଳ ମଧ୍ୟ ପ୍ରଶାସନିକ ସ୍ୱତନ୍ତ୍ର ଜାତୀୟ ପ୍ରଭାବ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଉଚ୍ଛ୍ୱସିତ ସ୍ନେହ ସମ୍ବର୍ଦ୍ଧନା ଲାଭ କରୁଥାନ୍ତି ।

ଏହି ପରିପ୍ରେକ୍ଷୀରେ ବିଶ୍ୱନାଥ ଦାସ ମନ୍ତ୍ରୀମଣ୍ଡଳ ଓଡ଼ିଶାରେ ଓଡ଼ିଆତ୍ୱ ପ୍ରତିଷ୍ଠା ପାଇଁ ନାନାସ୍ତରରେ ଉଦ୍ୟମ କରିବାକୁ ଲାଗିଲେ ।

## ଅତଥି ସତ୍କାର

ଶ୍ରୀଯୁକ୍ତ ମ୍ୟାନସ୍ ଫିଲଡ୍ ସେତେବେଳେ ମୁଖ୍ୟ ଶାସନ ସଚିବ । ମୁଖ୍ୟମନ୍ତ୍ରୀ ଭାବରେ ବିଶ୍ୱନାଥ ଦାସଙ୍କର ତାଙ୍କ ସହିତ ଆଇନତଃ ଘନିଷ୍ଠ ସଂପର୍କ ରହୁଥିଲା । ଗାନ୍ଧୀ ଇଂରେଜ ଶାସନର ଅବସାନ ଚାହୁଁଥିବା ବେଳେ କୌଣସି ଇଂରେଜଙ୍କ ସହିତ ବ୍ୟକ୍ତିଗତ ବିଦ୍ୱେଷ ସୃଷ୍ଟି ନ କରିବାପାଇଁ କଂଗ୍ରେସ କର୍ମୀମାନଙ୍କୁ ବିହିତ ପରାମର୍ଶ ଦେଉଥିଲେ । ତେଣୁ ମ୍ୟାନସ୍ ଫିଲଡ୍‌ଙ୍କ ସହ ବ୍ୟକ୍ତିଗତ ସୁସଂପର୍କ ପ୍ରତିଷ୍ଠା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ତାଙ୍କୁ ଅତିଥିଶାଳରେ ନିଜଘରକୁ ସାମୟିକ ଆମନ୍ତ୍ରଣ କରୁଥିଲେ । ଯାହାଙ୍କର ଆଗମନ ତିଥି ବା ପ୍ରକାଶ ନ ଥାଏ ତାଙ୍କୁହିଁ ଅତିଥି କୁହାଯାଇଥାଏ । ଆମ ସଂସ୍କୃତିରେ ଅତିଥିଙ୍କୁ ଦେବସ୍ଥଳର ମର୍ଯ୍ୟାଦା ଦିଆଯାଇଛି । ଅତିଥି ନବବସ୍ତ୍ର ପରିଧାନ କରି ପିଢ଼ାରେ ବସନ୍ତି । ମ୍ୟାନସ୍ ଫିଲଡ୍‌ଙ୍କର ଆଦୌ ଧୋତି ପିନ୍ଧିବା ଅଭ୍ୟାସ ନ ଥିଲେ ହେଁ ସତ୍କାରକ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସ୍ନେହକୁ ଏଡ଼ି ନ ପାରି ପାଟ-ଯୋଡ଼ ପିନ୍ଧି, ଅଣ୍ଟାରେ ଖଡ଼ିଗୋଟାଳି ଖୋସି, ତଳେ ବସି କଦଳୀ ପତ୍ରରେ ଭୋଜନ କରିଥିଲେ । ସାହେବଙ୍କୁ ସାହେବୀ ଢ଼ଙ୍ଗରେ ଚର୍ଚ୍ଚା ନ କରି ଖାଣ୍ଟି ଓଡ଼ିଆ ଢ଼ଙ୍ଗରେ ଚର୍ଚ୍ଚା କରିବାରେ ଉଭୟେ ସତ୍କାରକ ଓ ସତ୍କାରିତ ପରମ ପୌରୁଷ ଲାଭକଲେ ।

## କିଏସେ ଆସୁଛ ଛିଡ଼ାହୁଅ

ଜିଲ୍ଲା ବା ସବ୍‌ଡିଭିଜନ ମହକୁମାରେ ପ୍ରତିଷ୍ଠିତ ସରକାରୀ ଖଜଣା ଖାନା ଅହର୍ନିଶ ଜଗିବା ପାଇଁ ସଶସ୍ତ୍ର ପୋଲିସ ପହରା ଥାଏ । ସୂର୍ଯ୍ୟାସ୍ତ ପରେ ସାଧାରଣତଃ ସେହିବାଟ ଦେଇ ଗମନା ଗମନ ନିଷିଦ୍ଧ ଥାଏ । କେହି ନଜାଣିବା ଦାଉ ସେହି ବାଟ ଦେଇ ଯିବାର ଦେଖିଲେ ପହରା ଦେଉଥିବା ଗାର୍ଡ ଏକ ନିର୍ଦ୍ଦେଶ ବଳରେ ତାଙ୍କୁ ଅଟକାଇ ଦିଅନ୍ତି । ଏହି ନିର୍ଦ୍ଦେଶଟି ଇଂରାଜୀରେ ଦିଆଯାଉଥିଲା । Halt ; who comes there ଏହି ପ୍ରଥାକୁ ବିଶ୍ୱନାଥ ଦାସଙ୍କ କଂଗ୍ରେସ ସରକାର ଭାଷାନ୍ତର କରି ବଦଳାଇ ଦେଲେ । ତେଣିକି ପହରୀଙ୍କଠାରୁ ଶୁଣାଗଲା–କିଏସେ ଆସୁଛ ଛିଡ଼ାହୁଅ ।

## ଓଡ଼ିଆ ମାଧ୍ୟମ ପରୀକ୍ଷା

ଆଗେ ହାଇସ୍କୁଲ ସ୍ତରରେ କେବଳ ମାତୃଭାଷା ଓ ସଂସ୍କୃତକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଷୟ ଇଂରେଜୀ ମାଧ୍ୟମରେ ପଢ଼ା ଓ ପରୀକ୍ଷା ହେଉଥିଲା । ଏ ପ୍ରଥାକୁ ବଦଳାଇ ଦେଇ ଓଡ଼ିଶାର ପ୍ରଥମ କଂଗ୍ରେସ ସରକାର ଗଣିତ, ବିଜ୍ଞାନ, ଇତିହାସ, ଭୂଗୋଳ ଇତ୍ୟାଦି ବିଷୟ ପାଇଁ ଇଂରେଜୀର ବିକଳ୍ପ ବ୍ୟବସ୍ଥା ରୂପେ ଓଡ଼ିଆ ମାଧ୍ୟମ ଗ୍ରହଣକରିବାର ନିର୍ଦ୍ଦେଶ ଦେଲେ । ଏକଥା ବିଭାଗୀୟ ସୂତ୍ରରୁ ବିଧିବଦ୍ଧ ଭାବରେ ପ୍ରକାଶ ପାଇବାରେ ପୁରୀଜିଲ୍ଲା ସ୍କୁଲର ତଦାନିନ୍ତନ ଛାତ୍ର ଭାବରେ ପିଲାମାନଙ୍କର ଯେଉଁ ବିପୁଳ ଆନନ୍ଦ ଉଲ୍ଲାସ ଲେଖକ ଅନୁଭବ କରିଛି, ତାହା ଅନିର୍ବଚନୀୟ । ସମ୍ବଲପୁର ବରଗଡ଼ ନିବାସୀ ପୁରୀଜିଲ୍ଲା ସ୍କୁଲର ତଦାନିନ୍ତନ ଗଣିତ ଶିକ୍ଷକ ଶ୍ରୀ କ୍ଷୀରେଶ୍ୱର ମିଶ୍ର, ଏମ୍.ଏ କଳାପଟାରେ ଓଡ଼ିଆରେ ଗଣିତ ଲେଖିଲାବେଳେ ନିଜେ ଯେପରି ଗୌରବ ଅନୁଭବ କରୁଥାନ୍ତି ତାଙ୍କ ଦୀପ୍ତିମନ୍ତ ମୁଖମଣ୍ଡଳରୁ ତାହା ସ୍ପଷ୍ଟ ବାରି ହେଉଥାଏ । ସେହି ସମୟରୁ ବହୁ କୃତବିଦ୍ୟ ଶିକ୍ଷକ ବିଜ୍ଞାନ, ଗଣିତ ଓ ଇତିହାସ, ଭୂଗୋଳ ଭଳି ବିଷୟ ଉପରେ ଓଡ଼ିଆରେ ବହିଲେଖିବା ଆରମ୍ଭ କରିଦେଲେ ।

## ଲଙ୍କାଟର ହରଣଚାଲ

ଖୋଦ ସରକାରୀ ଶିକ୍ଷାନୁଷ୍ଠାନ ରୂପେ ପରିଚିତ ପୁରୀ ଜିଲ୍ଲା ସ୍କୁଲର ପୁରସ୍କାର ବିତରଣ ଉତ୍ସବକୁ ସାଧାରଣତଃ ଜିଲ୍ଲା କଲେକ୍ଟର, କମିଶନର ବା ଉଚ୍ଚ ପ୍ରମୁଖ ବିଦେଶୀ ପ୍ରଶାସକ ବର୍ଗ ପୁରୋଧାରୂପେ ନିମନ୍ତ୍ରିତ ହୋଉଥିଲେ । ପରିବର୍ତ୍ତିତ ପରିସ୍ଥିତିରେ ୧୯୩୯ ମସିହାରେ ପୁରୀର କଂଗ୍ରେସ ବିଧାୟକ ଜଗବନ୍ଧୁ

ସିଂହଙ୍କୁ ପୁରସ୍କାର ବିତରଣୀରେ ପୌରୋହିତ୍ୟ କରିବା ପାଇଁ ଭିନ୍ନ ସ୍କୁଲ କର୍ତ୍ତୃପକ୍ଷ ଆମନ୍ତ୍ରଣ କଲେ । ନିରୂପିତ ସମୟରେ ଉତ୍ସବ ଆରମ୍ଭ ହେଲା । ଯେଉଁ ସ୍କୁଲରେ ଏହିପରି ଯେଉଁ ଉତ୍ସବମାନଙ୍କରେ ଆଗେ ବିଲାତରେ ରାଷ୍ଟ୍ରପତି "God Save the King" ଗାନ କରାଯାଉଥିଲା, ବଦଳରେ ବର୍ତ୍ତମାନ ସ୍ୱତନ୍ତ୍ର ଗମ୍ଭୀର ସ୍ୱରରେ ଝଙ୍କୃତ ହୋଇ ଉଠିଲା ଭାରତର ଜାତୀୟ ଗୀତ "ବନ୍ଦେମାତରମ୍" । ଏହା ଲଙ୍କାରେ ହରିଣର ପରି ହୋଇ ଥିବାରୁ ବହୁ ଜାତୀୟ ଭାବାପର୍ଣ୍ଣ ଶିକ୍ଷକ ଏହାକୁ ସୁଖକର ମଣିଲେ ସୁଦ୍ଧା ଇଂରେଜ ଶାସନ ପକ୍ଷପାତି ଶିକ୍ଷକ ଓ ନିମନ୍ତ୍ରିତ ଉଦ୍ଵ୍ୟକ୍ତିମାନଙ୍କ ପକ୍ଷରେ ଏହା ଭୀତି ଉତ୍ପାଦକ ହୋଇଥିଲା । ସଭାରେ ଉପସ୍ଥିତ ଥିବା ପୁରୀଜିଲା ସ୍କୁଲର ଛାତ୍ର ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରେରଣାର ପୀଠ (ପୁରୀ ମଙ୍ଗୁମଠରେ ଅନ୍ତେବାସୀ ୰ଧ୍ରୁବଚରଣ ଦାସ ବନ୍ଦେମାତରମ୍ ଗାନରେ ଏପରି ଭାବବିହ୍ୱଳ ହୋଇ ପଡ଼ିଲେ ଯେ ତାଙ୍କ ନିର୍ଦ୍ଦେଶରେ ସମବେତ ଛାତ୍ରଛାତ୍ରୀଙ୍କ ଘନ ଘନ କରତାଳି ଓ ଭାରତ ମାତାର ଜୟ ଜୟକାରରେ ପ୍ରକମ୍ପିତ ହୋଇ ଉଠିଲା ।

## ଜାତୀୟ ଫଟୋଚିତ୍ରର ପ୍ରସାର

ଶିକ୍ଷାମନ୍ତ୍ରୀ ଶ୍ରୀ ବୋଧରାମ ଦୁବେ ଓ ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ କର୍ତ୍ତବ୍ୟାନୁରୋଧରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଂସ୍ଥା ପରିଦର୍ଶନ କରୁଥିଲେ । ସେମାନଙ୍କ ପରିଦର୍ଶନ ଉପଲକ୍ଷେ ଅନୁଷ୍ଠାନରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେଉଥିଲା । ମହାତ୍ମା ଗାନ୍ଧୀ ଓ ପଣ୍ଡିତ ନେହରୁଙ୍କ ଭଳି ମହାଭାରତୀୟ ନେତୃବର୍ଗ ତଥା ପୁଣ୍ୟାତ୍ମା ଗୋପବନ୍ଧୁ ପ୍ରମୁଖ ଜାତୀୟବାଦୀ ନେତାମାନଙ୍କ ଫଟୋଚିତ୍ର ସ୍କୁଲରେ ଦୃଷ୍ଟିପଥାରୂଢ଼ ହେଲାପରି ଲାଗିବା ପାଇଁ ମନ୍ତ୍ରୀମାନେ ପରାମର୍ଶ ଦେଉଥିଲେ । ସେତେବେଳେ ମନ୍ତ୍ରୀମାନଙ୍କର ଇଚ୍ଛାଧୀନ ପାଣ୍ଠି ରହୁଥିଲା । ସେଥିରୁ ଏହି ଫଟୋଚିତ୍ର ବାବଦରେ ମନ୍ତ୍ରୀମାନେ କିଛି ଆର୍ଥିକ ସାହାଯ୍ୟର ବ୍ୟବସ୍ଥା କରିଦେଉଥିଲେ । ଏହାଫଳରେ ସରକାରୀ ବେସରକାରୀ ସଂସ୍ଥାମାନଙ୍କରେ ବିଶେଷତଃ ଶିକ୍ଷାନୁଷ୍ଠାନରେ ଜାତୀୟ ଭାବନାର ପ୍ରବେଶ ଓ ପରିପ୍ରକାଶ ସମ୍ଭବ ହୋଇପାରିଲା ।

## ସରୋଜିନୀ ନାଇଡୁଙ୍କ ପରିଦର୍ଶନ

କଂଗ୍ରେସ ଶାସନର ତତ୍ତ୍ୱାବଧାନ ଓ ମାର୍ଗଦର୍ଶନ ପାଇଁ ଅଖିଳଭାରତ କଂଗ୍ରେସ ଏକ ଦକ୍ଷ ପାର୍ଲିଆମେଣ୍ଟାରୀ ବୋର୍ଡ ଗଠିଥାଆନ୍ତି । ସ୍ୱାଧୀନତା ସଂଗ୍ରାମର ଜଣେ ଜଳୁଆ ବୀରାଙ୍ଗନା ସ୍ୱର୍ଗତ ସରୋଜିନୀ ନାଇଡୁ ବୋର୍ଡର ଥିଲେ ଜଣେ ପ୍ରତିଷ୍ଠିତ ସଭ୍ୟ । ସାହସିକତା, ବକ୍ତୃତା, ବିଚକ୍ଷଣ ବର୍ଦ୍ଧି ଓ ବିଦ୍ୟା-ବତ୍ତାରେ ଥିଲେ ହେଲେ ସେ ଲଜ୍ଜା କ ଥିଲେ । ଇଂରାଜୀରେ ସେ ସେତେବେଳେ ଉତ୍ତମ ଡିଗ୍ରୀ ଲାଭ କରିଥିଲେ ବା ନୁହେଁ ତାଙ୍କର ଇଂରାଜୀ କବିତା ଅତି ଉଚ୍ଚକୋଟୀର ଥିଲା । କବିକୋକିଳ ନାମରେ ପରିଚିତା ଥିଲେ । ୧୯୩୦ ମସିହାରେ ଧର୍ଷଣା ଲବଣ ଗୋଲା ଦଖଲ ପାଇଁ ଯେଉଁ ଅଭିଯାନ ଘଟଣା ହୋଇଥିଲା, ତହିଁର ନେତୃତ୍ୱ ନେଇଥିଲେ

ଏହି ସରୋଜିନୀ ନାଇଡୁ । ଏହି ଅଭିଯାନରେ ଭାଗ ନେଇଥିବା ସତ୍ୟାଗ୍ରହୀମାନେ ପ୍ରତିରୋଧକାରୀ ପୁଲିସଙ୍କ ଆକ୍ରମଣରେ ରକ୍ତସ୍ନାତହୋଇ ଯେପରି ଲୁଣ୍ଠିତ ହେଉଥିଲେ ଘଟଣାସ୍ଥଳରେ ଉପସ୍ଥିତ ଥିବା ମାର୍କିନ ସାମ୍ବାଦିକ ଓ. ଏବ୍. ମିଲରଙ୍କ ମର୍ମସ୍ପର୍ଶୀ ବିବରଣୀ ତହିଁର ସ୍ପଷ୍ଟ ପ୍ରମାଣ । ନାରୀନେତ୍ରୀ ସରୋଜିନୀଙ୍କ ବହୁମୁଖୀ ପ୍ରତିଭାର ପରିଚୟ ଦେଇ ଏକଦା କଂଗ୍ରେସ୍ ଅଧିବେଶନରେ ସ୍ୱନାମ ଧନ୍ୟ ରାଜନୀତିଜ୍ଞ ଚକ୍ରବର୍ତ୍ତୀ ସର୍ଗତ ରାଜଗୋପାଳାଚାରୀ କହିଥିଲେ —"Her wide parts, Deep penetration, quick conception and easy delivery are unique in the world." ଏହା ଦୁଇ ଅର୍ଥବୋଧକ ହୋଇଥିବାରୁ ସଭା ସ୍ଥଳରେ ବିପୁଳ ହାସ୍ୟରୋଳ ପ୍ରକାଶ ପାଇଥିଲା ।

ସେ ସରୋଜିନୀ ଓଡ଼ିଶା ଶାସନର ଭଲ ମନ୍ଦ ବୁଝିବାପାଇଁ ଓଡ଼ିଶା ପରିଦର୍ଶନରେ ଆସିଲେ । କଟକରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା । ପାର୍ଲିଆମେଣ୍ଟାରୀ ବୋର୍ଡପ୍ରତି ଐକାନ୍ତିକ ଆନୁଗତ୍ୟ ପ୍ରକାଶକରି ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଯେପରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ମନ୍ତ୍ରୀଙ୍କ ଅପେକ୍ଷା ପାର୍ଟି (ସଂସ୍ଥା) କେତେବଡ଼ ତହିଁର ପ୍ରମାଣ ମିଳୁଥିଲା ।

ଶ୍ରୀମତୀ ନାଇଡୁ ଓଡ଼ିଶାର ଏକମାତ୍ର ଉଚ୍ଚ ଶିକ୍ଷାନୁଷ୍ଠାନ ରେଭେନ୍ସା କଲେଜ ପରିଦର୍ଶନ କଲେ । ଛାତ୍ରାବାସରେ ଦେଖିଲେ ପିଲାଏ ଚିନାବାଦାମ ଖାଇ ଚୋପା ଖଟତଳେ ପକାଉଛନ୍ତି । ସେତେବେଳେ ଶରୀରମନ ଓ ଆତ୍ମାର ସଫାଇକୁ ସ୍ୱାଧୀନତା ସଂଗ୍ରାମର ସୈନିକମାନଙ୍କ ଯୋଗ୍ୟତାରେ ଅଗ୍ରାଧିକାର ଦିଆଯାଉଥିବାରୁ ଶ୍ରୀମତୀ ନାଇଡୁଙ୍କୁ ଛାତ୍ରାବାସ କକ୍ଷର ଅପରିଷ୍କୃତି ବଡ଼ ବାଧିଲା । ଛାତ୍ରମାନେ ହେଉଛନ୍ତି ଗାନ୍ଧିଜୀଙ୍କ ଭାଷାରେ ଘରର କର୍ପୂର ଉପତ୍ର । ସେମାନେ ପୁରାତନ ପତ୍ର ବଦଳରେ ନିତ୍ୟ ନୂତନ ପତ୍ର ସୃଷ୍ଟି କରୁଥିବେ । ତେଣୁ କେବଳ ସ୍ୱାଧୀନତା ସଂଗ୍ରାମପାଇଁ ନୁହେଁ ବିଭିନ୍ନ କ୍ଷେତ୍ରରେ ଦେଶକୁ ନେତୃତ୍ୱ ଦେବାରେ ଯେଉଁ ଛାତ୍ରମାନଙ୍କ ଉପରେ ଦେଶ ଭରସା ରଖିଛି, ସେମାନେ ମୁକ୍ତରୁ ନିଜକାମ ନିଜେ କରିବାପାଇଁ ଓ ପରିବେଶକୁ ସ୍ୱଚ୍ଛ ସୁନ୍ଦର ରଖି ଦିବ୍ୟଦୃଷ୍ଟି ସଂପନ୍ନକରି ଗଢ଼ି ଉଠିବାପାଇଁ ଛାତ୍ରାବସ୍ଥା ହିଁ ବାସ୍ତବ ତାଲିମ କ୍ଷେତ୍ର ବୋଲି ରୋକ୍‌ଠୋକ୍ ଅଭିମତ ପ୍ରକାଶ କରିଥିଲେ । ଆଜି କଲେଜ ପିଲାଏ ନାମତଃ ଜାତୀୟ ସେବାସଂସ୍ଥା ଗଢ଼ି କାର୍ଯ୍ୟତଃ ଅନୁଷ୍ଠାନର ପରିବେଶକୁ ମଳମୂତ୍ର ଉପେକ୍ଷାଂକାରରେ ଦୂଷିତ କରୁଥିବା ଅନୁଷ୍ଠାନର ସଂପତ୍ତିକୁ ଧ୍ୱଂସ ବିଧ୍ୱସ୍ତ କରୁଥିବା, ଶିକ୍ଷକଙ୍କୁ ଚାହିଁ ଚାପରା ବା ଆକ୍ରମଣ କରୁଥିବା ଦେଖିଲେ ସ୍ୱାଧୀନତା ସଂଗ୍ରାମ ସରୋଜିନୀ ନାଇଡୁଙ୍କର ସେହି ଅମୂଲ୍ୟ ଉପଦେଶ ମନେପଡ଼େ

## ବଡ଼ଲାଟଙ୍କୁ ବର୍ଜନ

ଭାରତର ବଡ଼ଲାଟ ୧୯୩୯ ଜୁଲାଇ ମାସରେ ସରକାରୀ ସ୍ତରରେ ପୁରୀ ଆସୁଥାନ୍ତି । ତାଙ୍କୁ ବିହିତ ସମ୍ବର୍ଦ୍ଧନା ଜ୍ଞାପନ କରିବାକୁ ପୁରୀଜିଲା ସ୍କୁଲରେ ପ୍ରସ୍ତୁତି ଆରମ୍ଭ ହୋଇଗଲା ମାତ୍ର ଓଡ଼ିଶାର ଛାତ୍ର ସମାଜ ତାଙ୍କୁ ବର୍ଜନ କରନ୍ତୁ ବୋଲି ଉଦ୍‌ବୋଧକ ଦେଇ ଛାତ୍ରନେତା ଶ୍ରୀ ସର୍ବେ ରାଜଚରା

୧୭-୭-୧୯୩୯ ତାରିଖରେ କଟକ ଶ୍ରୀ ପ୍ରେସରୁ ମୁଦ୍ରିତ ଏକ ପ୍ରଚାରପତ୍ରରେ ଛାତ୍ରମାନଙ୍କୁ ଆହ୍ୱାନ ଦେଲେ ଯେ– "ଶ୍ରୀ ଲିନ୍‌ଲିଥ୍‌ଗୋଙ୍କ ପ୍ରତି ଆମର ବ୍ୟକ୍ତିଗତ ଅଶ୍ରଦ୍ଧା ନାହିଁ । ମାତ୍ର ପୂର୍ଣ୍ଣ ସ୍ୱାଧୀନତା ଆମର କାମ୍ୟ । ସେ ଆସୁଛନ୍ତି ଏକ ସାମ୍ରାଜ୍ୟବାଦୀ ଶାସନ ତନ୍ତ୍ରର ପ୍ରତିନିଧି ରୂପେ । ତେଣୁ ଓଡ଼ିଶାରେ ପ୍ରତିଷ୍ଠିତ କଂଗ୍ରେସ ମନ୍ତ୍ରିମଣ୍ଡଳ ମଧ୍ୟ ତାଙ୍କୁ ସରକାରୀ ସ୍ତରରେ ସମ୍ବର୍ଦ୍ଧନା ଦେଉନାହାନ୍ତି । ସୁତରାଂ ମୁକ୍ତିକାମୀ ଓଡ଼ିଶାର ଛାତ୍ରସମାଜ ବଡ଼ଲାଟଙ୍କ ସମ୍ବର୍ଦ୍ଧନାରୁ ବିରତ ରହିବେ ଓ ସେଦିନ ହରତାଳ କରିବେ । "

କଂଗ୍ରେସ ସରକାର ବ୍ୟକ୍ତିଗତ ସ୍ୱାଧୀନତା ଓ ବ୍ୟକ୍ତିର ବିବେକ ଉପରେ ସମଧିକ ଗୁରୁତ୍ୱ ଆରୋପ କରୁଥିବାରୁ ଶିକ୍ଷାନୁଷ୍ଠାନକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥାନ୍ତି ଯେ ପିଲାମାନଙ୍କୁ ବ୍ୟକ୍ତିଗତ ସ୍ୱାଧୀନତା ଦିଅ । ସେମାନେ ମନକଲେ ବଡ଼ଲାଟ୍‌ଙ୍କ ସମ୍ବର୍ଦ୍ଧନାରେ ଯୋଗ ନଦିଅନ୍ତୁ । ପୁରୀ ଜିଲାସ୍କୁଲରେ ତାହାହିଁ ଅନୁସୃତ ହେଲା । ଶିକ୍ଷକ ଆମମାନଙ୍କୁ ଧାଡ଼ିକରି ଛିଡ଼ାକରାଇ ବ୍ୟକ୍ତିଗତ ସ୍ୱାଧୀନତା ଦେଲେ । ଲେଖକ ନିଜେ ଓ ତାଙ୍କର ସହପାଠୀ ଶ୍ରୀ ପ୍ରାଣକୃଷ୍ଣ ଶତପଥୀ ପ୍ରମୁଖ କେତେଜଣ ଛାତ୍ର ଧାଡ଼ିରୁ ଅଲଗା ହୋଇ ବଡ଼ଲାଟ୍‌ଙ୍କୁ ବର୍ଜ୍ଜନ କଲେ । ସେତିକିବେଳୁଁ ପୋଲିସିଙ୍କ ଗୁପ୍ତନଥିରେ ଆମରି କେତେଜଣଙ୍କ ନାମ ଇଂରାଜୀଶାସନ ବିରୋଧିବୋଲି ଟିପାରହିଲା ।

## କାଉଁରିଆ କାଠି

କଂଗ୍ରେସ ମନ୍ତ୍ରିମଣ୍ଡଳ କୌଣସିମତେ ଶାସନକୁ ଜାବୁଡ଼ି ଧରିନଥିଲେ ବା ସେଥିପାଇଁ ତାଙ୍କର ମୋହ ନଥିଲା । କଂଗ୍ରେସର ନୀତି ନିୟମ ଓ ମର୍ଯ୍ୟାଦାକୁ ସେମାନେ ବଡ଼ ମନେ-କରୁଥିଲେ । ଏକଦା ଗଭର୍ଣ୍ଣର ଶ୍ରୀଯୁକ୍ତ ହବାକ୍ ଛୁଟୀରେ ଯିବାକୁ ଥିବାରୁ ତାଙ୍କ ସ୍ଥାନରେ ଜଣେ ଅଧସ୍ତନ କର୍ମଚାରୀ କମିଶନର ଡ଼େନ୍ ସାହେବଙ୍କୁ ଅଧିଷ୍ଠିତ କରାଇବାପାଇଁ ବଡ଼ଲାଟ୍‌ଙ୍କ ସରକୁ ହୁକୁମ୍‌ନାମା ପ୍ରକାଶ ପାଇବାରୁ କଂଗ୍ରେସ ମନ୍ତ୍ରୀମଣ୍ଡଳ ସେ ପ୍ରକାର ନିଯୁକ୍ତିକୁ ନିଜର ମର୍ଯ୍ୟାଦା ହାନିକର ଉପଲବ୍‌ଧି କରି ବିରୋଧ କଲେ । ମନ୍ତ୍ରିତ୍ୱ ତ୍ୟାଗ କରିବୁପଛେ ଡ଼େନ୍‌ଙ୍କ ଅଧିନାୟକତ୍ୱ ସ୍ୱୀକାର କରିବୁନାହିଁ ବୋଲି ସ୍ପଷ୍ଟ ଜଣାଇଦେଲେ । ଅଗତ୍ୟା ଗଭର୍ଣ୍ଣର ହବାକ୍‌ଙ୍କର ଛୁଟୀ ବାତିଲ ହେଲା ।

ବିଶ୍ୱନାଥ ଦାସଙ୍କ କଂଗ୍ରେସ ନେତୃତ୍ୱରେ କଂଗ୍ରେସ ଶାସନ କାଳରେ ରଣପୁରରେ ପ୍ରଜାମେଳି ଓ ପଲ୍‌ଟିକାଲ ଏଜେଣ୍ଟ ମେଜରି ବେଜେଲ ଗେଟ୍‌ଙ୍କ ହତ୍ୟା ଏକ ଉଲ୍ଲେଖନୀୟ ଘଟଣା । ସେତେବେଳେ ଗଡ଼ଜାତଗୁଡ଼ିକ ଓଡ଼ିଶା ପ୍ରଶାସନରେ ଅନ୍ତର୍ଭୁକ୍ତ ନଥିଲେହେଁ ସେ ଅଞ୍ଚଳର ଶାନ୍ତି, ଶୃଙ୍ଖଳା ରକ୍ଷାପାଇଁ ଓଡ଼ିଶା ପୋଲିସଙ୍କର କେତେକାଂଶରେ ଦାୟିତ୍ୱଥିଲା । ରଣପୁର ପ୍ରଜାମେଳିକୁ ଦମନକରିବା ଲକ୍ଷ୍ୟରେ ଓଡ଼ିଶାରୁ ପୋଲିସ୍ ଫୌଜ ପଠାଇବା ପାଇଁ ଗଭର୍ଣ୍ଣରଙ୍କ ତାଗିଦା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଜାଣିଶୁଣି ପୋଲିସ୍ ଫୌଜ ପଠାଇବା ବିଳମ୍ବ କରିଦେଲେ । ତଦ୍ୱାରା ରଣପୁରର ବହୁ ନିରୀହ ପ୍ରଜା ଆତ୍ମରକ୍ଷା ପାଇଁ ତାଙ୍କର ପ୍ରତିବେଶୀ ଓଡ଼ିଶା ପ୍ରଶାସନର ସୀମା ଭିତରକୁ ନିରାପଦରେ ପହଂଚି ପାରିବାର ସୁବିଧା ହୋଇଥିଲା । ଆସନ୍ନ ହତ୍ୟା ମୁହଁରୁ ଅନେକେ ବର୍ତ୍ତିଗଲେ ।

ଢେଂକାନାଳର ପ୍ରଜାମେଳି ଓ ବାଜିରାଉତ ପ୍ରମୁଖଙ୍କର ଆତ୍ମବଳିଦାନ ସେହିପରି ଏକ ଉଲ୍ଲେଖନୀୟ ଘଟଣା । ବିଶ୍ୱନାଥ ଦାସ ମନ୍ତ୍ରୀମଣ୍ଡଳ ପ୍ରୋକ୍ତ ଆନ୍ଦୋଳନକୁ ସମର୍ଥନ ଜଣାଇ ସେହି ନୀତି ଅନୁସରଣ କରିଥିଲେ ।

## ଗାନ୍ଧୀ ସେବାସଂଘ ସମ୍ମିଳନ

ମହାତ୍ମାଗାନ୍ଧୀଙ୍କ ପ୍ରବର୍ତ୍ତିତ ରଚନାତ୍ମକ କାର୍ଯ୍ୟର ପ୍ରଚାର ଓ ପ୍ରସାର ପାଇଁ ୧୯୩୩ ମସିହାରେ ଗାନ୍ଧୀ ସେବା ସଂଘ ଗଠିତ ହୋଇଥିଲା । ମହାତ୍ମା ଗାନ୍ଧୀ ଏହାର ଥିଲେ ଦିଗ୍‌ଦର୍ଶକ । ପ୍ରତିବର୍ଷ ଏକ ଗ୍ରାମାଞ୍ଚଳରେ ଗାନ୍ଧୀ ସେବାସଂଘର ବାର୍ଷିକ ସମ୍ମେଳନ ଅନୁଷ୍ଠିତ ହୋଇଥାଏ । ୧୯୩୮ ମାର୍ଚ୍ଚ ମାସରେ ପୁରୀ ଜିଲା ଡେଲଙ୍ଗ ଥାନା ବେରବୋଇରେ ଗାନ୍ଧୀ ସେବା ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ହେଲା । ପୁଣ୍ୟାତ୍ମା ୰ଗୋପବନ୍ଧୁ ଚୌଧୁରୀ, ୰ଆଚାର୍ଯ୍ୟ ହରିହର ଓ ୰ରମାଦେବୀ ପ୍ରମୁଖ ଏହାର ପ୍ରଧାନ ଉଦ୍ୟୋକ୍ତା ଥିଲେ । ବିଶ୍ୱନାଥ ଦାସଙ୍କ କଂଗ୍ରେସ ମନ୍ତ୍ରୀମଣ୍ଡଳ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ । ସମ୍ମେଳନ ସହ ଏକ ଗୋସେବା ପ୍ରଦର୍ଶନୀ, ଖଦୀ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଓ ରଚନାତ୍ମକ କାର୍ଯ୍ୟର ବିଭିନ୍ନ ବାସ୍ତବ ଦିଗ ଏହି ସମ୍ମେଳନ ସହ ସଂପୃକ୍ତ ଥିଲା । ଏବେ ଯେପରି କଥା କଥାକେ ଡାକବାଜି ଯନ୍ତ୍ରର ଯଦୃଚ୍ଛା ଉପଯୋଗ କରାଯାଉଛି ସେତେବେଳେ ତାହାର ରୂପରେଖ ନଥିଲା । ହଜାର ହଜାର ଦର୍ଶକ, ଶ୍ରୋତା, ସୁଶୃଙ୍ଖଳିତ ଭାବରେ ସମ୍ମେଳନ ଦେଖୁଥିଲେ କଥା ଶୁଣୁଥିଲେ ଓ ଉପଭୋଗ କରୁଥିଲେ । ସମ୍ମେଳନରେ ଭାଗ ନେଇଥିବା ବହୁ ସଂଖ୍ୟକ ବ୍ୟକ୍ତିଙ୍କ ପାଇଁ ଖନ୍ଦାପାଇଖାନାର ବ୍ୟବସ୍ଥା ଥିଲା । ଅସ୍ଥାୟୀ ଉଠା ପାଇଖାନା ମଧ୍ୟ ରହିଥିଲା । ଗାନ୍ଧିଜୀଙ୍କ ମତରେ ସମସ୍ତ ପ୍ରକାର ଶିକ୍ଷା ସଫାଇରୁ ହିଁ ଆରବ୍‌ଧ ହେଉଥିବାରୁ ମଳମୂତ୍ରକୁ ପୋତିବାଉଳି ପାଇଖାନା ସଫାଇ ସମ୍ମେଳନ କାର୍ଯ୍ୟକ୍ରମର ଏକ ଅପରିହାର୍ଯ୍ୟ ଅଙ୍ଗ ଥିଲା । ବଡ଼ସାନ ସମସ୍ତ କର୍ମୀ ଝାଡୁ, ଝୁଡ଼ି, ଢ଼ଙ୍କି ଓ ଖୁରୁପି ଧରି ପାଇଖାନା ସଫାଇ କରୁଥିଲେ । ଆଜି ପରିବେଶକୁ ସ୍ୱଚ୍ଛ ସୁନ୍ଦର ରଖିବାପାଇଁ ଯେଉଁ ଧ୍ୱନି ଉଠୁଛି ଓ ଯାହାପାଇଁ ବଜେଟରେ ବିପୁଳ ବ୍ୟୟର ବରାଦ ରହୁଛି, ଜାତିର ଜନକ ବାପୁଜୀ ସ୍ୱଳ୍ପ ବ୍ୟୟରେ ତାହା ବହୁ ଆଗରୁ ସଚେତନ କରାଇ ଦେଇଥିଲେ । ଏହି ବେରବୋଇ ଗାନ୍ଧୀ ସେବାସଂଘ ସମ୍ମେଳନରେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ତାଙ୍କର ସହଯୋଗୀ ମନ୍ତ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ଓ ବୋଧରାମ ଦୁବେ ସ୍ୱହସ୍ତରେ ଝାଡୁ ଝୁଡ଼ି ଧରି ପାଇଖାନା ସଫାଇ କରୁଥିଲେ । ଆଜି ଏ କଥା କହିଲେ କେହି ବିଶ୍ୱାସ କରିବେ ନାହିଁ ।

ଏହି ସମ୍ମେଳନରେ ବାପୁଜୀ ଅନ୍ୟାନ୍ୟ ପ୍ରସଙ୍ଗ ଭିତରେ ସ୍ପଷ୍ଟ କହିଥିଲେ ଯେ ସାରା ଭାରତରେ ଓଡ଼ିଶା ତାଙ୍କର ପ୍ରିୟତମ ଭୂମି । ଓଡ଼ିଶାର କିଛି ସେବା କରି ପାରିଲେ ସେ ଭାରତର ସେବା କରୁଛନ୍ତି ବୋଲି ଅନୁଭବ କରିବେ ।

## ନିଶା ନିବାରଣ

ଓଡ଼ିଶାର ଲୋକେ ବିଶେଷତଃ ବାଲେଶ୍ୱରର ଭାଇମାନେ ବହୁତ ଅଫିମ ଖାଉଥିଲେ । ଏହି କଥାକୁ ଲକ୍ଷ୍ୟକରି ସମ୍ମିଳନରେ ବାପୁଜୀ କହିଲେ ଯେ ନିଶାବ୍ୟସନର ଦାସହୋଇ ଓଡ଼ିଶା ଲୋକେ ଗରିବ ହୋଇ ଯାଉଛନ୍ତି । ନିଶା ଓ ଆଳସ୍ୟ ଛାଡ଼ିଦେଲେ ଉତ୍କଳ ଏକ ଦିବ୍ୟସୁନ୍ଦର ଉଦ୍ୟାନରେ ପରିଣତ ହୋଇପାରିବ । ବିଶ୍ୱନାଥ ଦାସଙ୍କ କଂଗ୍ରେସ ସରକାର ଓ କର୍ମୀମାନଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ପ୍ରଦର୍ଶନୀ ସଂପର୍କରେ ମତଦେଇ ବାପୁଜୀ କହିଲେ ଯେ ଏଥିରେ ହାତ ପାଦ ଓ ଅଙ୍ଗୁଳିର ଉଚିତ୍ ବ୍ୟବହାର ଶିକ୍ଷା ଦିଆଯାଉଛି । କେବଳ କୃଷି ଉପରେ ନିର୍ଭର ନକରି ବିଭିନ୍ନ ହସ୍ତୋଦ୍ୟୋଗର ପ୍ରତିଷ୍ଠା କରିପାରିଲେ ପ୍ରତ୍ୟେକଘର ଗୋଟିଏ କାରଖାନାରେ ପରିଣତ ହୋଇଯିବ ଓ ଦାରିଦ୍ର୍ୟ ଦୂର ହେବ ।

ବାପୁଜୀଙ୍କର ଏହି ଅଭିମତକୁ ସରକାରୀ ସ୍ତରରେ କାର୍ଯ୍ୟ କରିବା ପାଇଁ ନବ ଓଡ଼ିଶାର ନବ କଂଗ୍ରେସ ସରକାର ବାଲେଶ୍ୱରରେ ଅଫିମ ବର୍ଜନ ଆନ୍ଦୋଳନ ଓଡ଼ିଶାର ବିଭିନ୍ନ ସ୍ଥାନରେ ସୂତା କଟା କେନ୍ଦ୍ର, ବୟନ କେନ୍ଦ୍ର, ମଧୁମକ୍ଷି ପାଳନ ଓ କୁଟୀର ସମିତିମାନ ଗଠନ କରି ଦାରିଦ୍ର୍ୟ ଦୂରୀକରଣର ବହୁ ସ୍ୱାବଲମ୍ବୀ ଯୋଜନା ହାତକୁ ନେଇଥିଲେ ।

## ଶିକ୍ଷା ସଂସ୍କାର

ବିଦେଶୀ ସରକାର ଅମଳରେ ଭାରତରେ ମ୍ୟାକଲେ ଶିକ୍ଷାପଦ୍ଧତି ପ୍ରଚଳିତ ଥିଲା । ଏକମାତ୍ର ଅଭିମୁଖ୍ୟ ଥିଲା ଶାସନପ୍ରତି ଅନୁଗତ କିରାଣୀ ବା କର୍ମଚାରୀ ସୃଷ୍ଟି । ଏହି ପଦ୍ଧତିର ପ୍ରଚଳନ ଦ୍ୱାରା ଭାରତର ନିଜସ୍ୱ ପରାବିଦ୍ୟା ଏକପ୍ରକାର ଲୋପ ପାଇଲା । ଶିକ୍ଷାରେ ପୁରୁଷାର୍ଥ ବୋଲି କିଛି ନ ଥିଲା । ସାଧାରଣରେ ଗୋଟିଏ ଧାରଣା ଜନ୍ମିଗଲା ଯେ ଇଂରେଜୀ ଶିକ୍ଷା ନ ପାଇଲେ ଲୋକ ଶିକ୍ଷିତରେ ଗଣ୍ୟ ହେବନାହିଁ । ଅଥଚ ଇଂରେଜୀ ଶିକ୍ଷା ପାଇବାର ଆର୍ଥିକ ଓ ଅନ୍ୟପ୍ରକାର ବ୍ୟାପକ ସୁବିଧା ସୁଯୋଗ ନଥିଲା । ତେଣୁ ସଂଖ୍ୟାଧିକ ଲୋକଙ୍କୁ ଅଶିକ୍ଷିତ ବା ମୂର୍ଖ ରଖି ମୁଷ୍ଟିମେୟ ଇଂରେଜୀ ପଢୁଆ ତଥାକଥିତ ଶିକ୍ଷିତ ଗୋଷ୍ଠୀ ହଳିଆପାଣିକୁ ଗୋଡ଼ ଦେବା ମର୍ଯ୍ୟାଦା ହାନିକର ମନେ କଲେ । ସମାଜରେ ଖଟିଖିଆ ଓ ପଢ଼ିଶିଖିଆ ଲୋକ ଭିତରେ ବ୍ୟବଧାନ ବଢ଼ିବାକୁ ଲାଗିଲା ।

ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁ ଏହାର ରହସ୍ୟ ଭେଦକରି ୧୯୦୯ ମସିହାରେ ସତ୍ୟବାଦୀରେ ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ଓ ଐତିହାସିକ କୃପାସିନ୍ଧୁ ପ୍ରମୁଖ ସାଥୀମାନଙ୍କୁ ନେଇ ଯେଉଁ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ତାହାର ଲକ୍ଷ୍ୟ ଥିଲା ସମାଜକୁ ସେହି ଉଚ୍ଚ ଚେତନାର ବ୍ରତଧାରୀ ପାଠପଢ଼ାଇବେ ଛାତ୍ରମାନଙ୍କୁ ସ୍ୱାବଲମ୍ବୀ, ସ୍ୱଦେଶପ୍ରେମୀ ଓ ସମାଜସେବୀ ରୂପେ ଗଢ଼ିତୋଳିବା । ମହାତ୍ମାଗାନ୍ଧୀ ସ୍ୱାଧୀନତା ସଂଗ୍ରାମର ପ୍ରଥମ ପର୍ଯ୍ୟାୟରେ ଦେଶବାସୀଙ୍କୁ ବିଦେଶୀ ଶାସନ ସହିତ ଅସହଯୋଗପାଇଁ ଯେଉଁ ଆହ୍ୱାନ ଦେଇଥିଲେ, ପ୍ରଚଳିତ ବିଦେଶୀ ଶିକ୍ଷା ସହ ଅସହଯୋଗ ତହିଁର ଅନ୍ତର୍ଭୁକ୍ତ ଥିଲା । ଗାନ୍ଧୀ ନୀତିର ଗୋଟିଏ ସାରକଥା ହେଉଛି ଯେ ଯେଉଁ ପ୍ରଚଳିତ ତ୍ରୁଟିଯୁକ୍ତ ଆସ୍ତର ବିରୁଦ୍ଧରେ ଗାନ୍ଧୀସ୍ୱର ଉତ୍ତୋଳନ କରୁଥିଲେ ତହିଁର ବିକଳ୍ପମାର୍ଗ ପୂର୍ବରୁ ସ୍ଥିର କରିଦେଉଥିଲେ । ପିଲାଏ ବିଦେଶୀ ଶିକ୍ଷା ପାଇବେ ନାହିଁ ବୋଲି ପ୍ରସ୍ତାବ କଲାବେଳେ କେଉଁ ବିକଳ୍ପ ଶିକ୍ଷା ପାଇବେ ତହିଁର ମାର୍ଗଦର୍ଶନ ଗାନ୍ଧିଜୀ କରି ଦେଉଥିଲେ ।

## ନୂଆପାଠ

ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ଶିକ୍ଷାକୁ ନୈତାଲିମ ବା ନବଶିକ୍ଷା କୁହାଗଲା । ଏହି ଶିକ୍ଷାରେ ବ୍ୟକ୍ତିର ମୌଳିକ ବିଚାର ଧାରା ଓ ସର୍ବାଙ୍ଗୀନ ବିକାଶ ପାଇଁ ସୁଯୋଗଥିବାରୁ ଏହି ନୂଆ ଶିକ୍ଷାକୁ ସାଧାରଣତଃ ମୌଳିକଶିକ୍ଷା କୁହାଗଲା । କାଶୀ ଓ ଗୁଜୁରାଟ ଭଳି କେତେକ ସ୍ଥାନରେ ଜାତୀୟ ବିଦ୍ୟାପୀଠମାନ ଗଢ଼ିଉଠିଲା ଓ ସେଥିରେ ବହୁ ଆଗ୍ରହୀ ଯୁବକ ଯୁବତୀ ନୂଆପାଠ ପଢ଼ିବାକୁ ଭର୍ତ୍ତିହେଲେ । ଅସହଯୋଗ ଆନ୍ଦୋଳନ ଓ ଲବଣସତ୍ୟାଗ୍ରହ ଭଳି ସ୍ୱାଧୀନତା ସଂଗ୍ରାମର ଅସ୍ଥିରତାଭିତରେ ମୌଳିକ ଶିକ୍ଷାର ବିଧିବଦ୍ଧ ରୂପରେଖ ପ୍ରଣୟନ ପାଇଁ ସମୟ, ସୁବିଧା ଓ ସୁଯୋଗ ଜୁଟିଲା ନାହିଁ । ୧୯୩୫ ଭାରତ ଶାସନ ଆଇନର ଅନୁବର୍ତ୍ତିତାରେ ନିର୍ବାଚିତ ମନ୍ତ୍ରିମଣ୍ଡଳ ପ୍ରାଦେଶିକ ଶାସନଭାର ଗ୍ରହଣ କରିବାରୁ ଅଳ୍ପସମୟ ପାଇଁ ହେଲେ ମଧ୍ୟ ଶାସନରେ ସ୍ଥିରତା ଆସିବାରୁ ଜାତୀୟ ମୌଳିକ ଶିକ୍ଷାର ବିଧିବଦ୍ଧ ପ୍ରଚଳନପାଇଁ ସରକାରୀ ସ୍ତରରୁ ଉଦ୍ୟମ ଆରମ୍ଭ ହୋଇଗଲା ।

ଏଥିପାଇଁ ଏକ ସଂଶ୍ଳିଷ୍ଟ ସଂସ୍ଥାର ଆବଶ୍ୟକତା ଉପଲବ୍ଧ ହେବାରୁ ୧୯୩୭ ଅକ୍ଟୋବର ୨୨ ତାରିଖରେ ୱାର୍ଦ୍ଧାରେ ମହାତ୍ମାଗାନ୍ଧୀଙ୍କ ପୌରୋହିତ୍ୟରେ ଏକ ସମ୍ମେଳନ ଅନୁଷ୍ଠିତ ହେଲା । ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବହୁ ଜାତୀୟବାଦୀ ଶିକ୍ଷକ, ଜାତୀୟ ଶିକ୍ଷା କର୍ମୀ ଓ ବିଭିନ୍ନ ପ୍ରଦେଶର ଶିକ୍ଷାମନ୍ତ୍ରୀମାନେ ଏହି ସମ୍ମେଳନରେ ଯୋଗ ଦେଲେ । ଏହି ନବ ଶିକ୍ଷାର ଅନ୍ତର୍ନିହିତ ଶିକ୍ଷା ବୁଝାଇବାକୁ ଯାଇ ଗାନ୍ଧିଜୀ ପରିଷ୍କାର କହିଥିଲେ ଯେ—"By education I mean an allround drawing out of the best in child and man—body, mind and spirit Literacy is not the end of education nor even the beginning. It is only one of the means where by man and woman can be educated. Literacy in itself is no education. I would there fore begin the child's education by teaching it a useful handicraft and enabling it to produce from the moment it beings its training. Thus every School can be mode self—Supporting, the condition being that the state takes over the manufactures of these Schools." ସ୍ୱସଂପାଦିତ "ହରିଜନ"ରେ ୩୧-୭-୩୭ ତାରିଖରେ ମହାତ୍ମାଗାନ୍ଧୀଙ୍କ ପ୍ରକାଶିତ ଏହି ଅଭିମତ ଉପରେ ଶିକ୍ଷା ସମ୍ମେଳନ ଉପର୍ଯ୍ୟୁପରି ବିଚାର ମନ୍ଥନ କରି ନିମ୍ନଲିଖିତ ପ୍ରସ୍ତାବ ଗ୍ରହଣ କଲେ ।

(୧) ଶିଶୁକୁ ସାତବର୍ଷଯାଏ ଅବୈତନିକ ବାଧ୍ୟତାମୂଳକ ଶିକ୍ଷା ଦିଆଯିବ

(୨) ମାତୃଭାଷା ଶିକ୍ଷାର ମାଧ୍ୟମ ହେବ

(୩) ଏହି ସାତ ବର୍ଷ ବ୍ୟାପୀ ଶିକ୍ଷା ପାରିପାର୍ଶ୍ୱିକ ଅବସ୍ଥା ସହ ସଂପୂର୍ଣ୍ଣ ଖାପ ଖାଉଥିବା ଭଳି ଏକ ବା ଏକାଧିକ ଉତ୍ପାଦନଶୀଳ ଶ୍ରମ ଭିତ୍ତିକ ଉଦ୍ୟୋଗଦ୍ୱାରା ସମନ୍ୱିତ ଓ ନିୟନ୍ତ୍ରିତ ହେବ । ମାନବିକତାର ବିକାଶ ପାଇଁ ଆବଶ୍ୟକ ଦକ୍ଷତା ଓ ସୁବିଧା ସୁଯୋଗ ସୃଷ୍ଟି ହେଉଥିବା ଭଳି ଉଦ୍ୟୋଗ ନିର୍ବାଚନ କରିବାକୁ ହେବ ।

(୪) ଶିକ୍ଷକମାନଙ୍କର ପାରିଶ୍ରମିକ ଏହି ଉତ୍ପାଦନଶୀଳ ଶିକ୍ଷାରୁ କ୍ରମେ ମିଳି ପାରିବ ବୋଲି ସମ୍ମିଳନୀ ଆଶାବାଦୀ ।

## ସିଲାବସ କମିଟି

ଏହି ନିର୍ଦ୍ଧାରଣକୁ ବାସ୍ତବ ରୂପରେଖ ପ୍ରଦାନ କରିବା ଲକ୍ଷ୍ୟରେ ଏକ ପାଠ୍ୟ ତାଲିକା ପ୍ରସ୍ତୁତ କରିବା ନିମନ୍ତେ ସେହି ଶିକ୍ଷା ସମ୍ମିଳନୀ କମିଟିଟିଏ ଗଠନ କଲେ । ସ୍ୱାଧୀନ ଭାରତରେ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ହୋଇଥିବା ବିଶିଷ୍ଟ ଶିକ୍ଷାବିତ୍ ଡ଼ଃ ଜାକିର ହୁସେନ୍ ଏହି କମିଟିର ଅଧ୍ୟକ୍ଷ ରହିଲେ । ସଦସ୍ୟମାନେ ହେଲେ କେ ଗୋଲାମ ସୟଦୁଦ୍ଦିନ୍, ପ୍ରଫେସର କେ. ଟି. ସାହା, ଆଚାର୍ଯ୍ୟ ବିନୋବାଭାବେ, କାକା କାଲେଲକାର, କିଶୋରୀଲାଲ ମଶ୍ରୁୱାଲା, ଜଗଦୀଶ ଚନ୍ଦ୍ର କୁମାରପ୍ପା, ଶ୍ରୀ କୃଷ୍ଣଚନ୍ଦ୍ର ଯାଜୁ, ଶ୍ରୀମତୀ ଆଶା ଦେବୀ, ଇ. ଡବ୍ଲ୍ୟୁ. ଆର୍ଯ୍ୟନାୟକମ୍ । ଏହି ସଦସ୍ୟବର୍ଗ ଶିକ୍ଷା ସଂସ୍କୃତି ଓ ମାନବିକ ମୂଲ୍ୟ ବୋଧରେ ଏକୁଁ ଆରେକ ବଳୀୟାନ ଥିଲେ । ଶ୍ରୀଯୁକ୍ତ କୁମାରପ୍ପା ଗାନ୍ଧୀ ଅର୍ଥନୀତିର ସାରତତ୍ତ୍ୱକୁ ହଜମ କରି ବାସ୍ତବ କ୍ଷେତ୍ରରେ ତାହାର ପ୍ରୟୋଗ ପାଇଁ ପୁସ୍ତକ ଲେଖିଥିଲେ ଓ ୱାର୍ଦ୍ଧାରେ ତାଲିମ ପ୍ରୟୋଗଶାଳା ମଧ୍ୟ ଖୋଲିଦେଇଥିଲେ । କାକା କାଲେଲକର ଭାଷା ପ୍ରବୀଣ ଥିଲେ । ଭାଷା ମାଧ୍ୟମରେ ଦକ୍ଷିଣ ଓ ଉତ୍ତର ଭାରତ ମଧ୍ୟରେ କିପରି ସମନ୍ୱୟ ପ୍ରତିଷ୍ଠା କରାଯାଇ ପାରେ ସେ ତାହାର ଥିଲେ ମାର୍ଗ ଦର୍ଶକ । ଆଚାର୍ଯ୍ୟ ବିନୋବା ଜଣେ ମନ୍ତ୍ରଦ୍ରଷ୍ଟା ଋଷି । ଦକ୍ଷିଣ ଭାରତର ତେଲୁଗୁ ଓ ତାମିଲ ଭଳି ଭାଷାକୁ ସେ ହଜମ କରିଦେଇଥିଲେ । ସଂସ୍କୃତ, ଗୁଜୁରାଟୀ, ମରାଠୀ, ହିନ୍ଦି ଓ ଇଂରାଜୀରେ ତାଙ୍କର ଦକ୍ଷତା ଥିଲା । ଗାନ୍ଧୀ ନୀତିର ସେ ଥିଲେ ଶ୍ରେଷ୍ଠତମ ପ୍ରବକ୍ତା । ଶ୍ରୀ ଯାଜୁଜୀ ଖଦୀ ନୀତିରେ ଦକ୍ଷ ଥିଲେ । ଆର୍ଯ୍ୟନାୟକମ୍‌ଜୀ ଦୁଇଟି ବିଷୟରେ ଏମ୍. ଏ. ପାଶ୍ କରିଥିଲେ ଓ ବିଲାତର ଏଡ଼ିନ୍‌ବରା କଲେଜରେ ଅଧ୍ୟାପକ ଥିଲେ । ତାଙ୍କ ଧର୍ମ ପତ୍ନୀ ଶ୍ରୀମତୀ ଆଶାଦେବୀ ଶିକ୍ଷାବିତ୍ ଥିଲେ ।

ଏହି ସୁଦକ୍ଷ କର୍ମକର୍ତ୍ତାଙ୍କୁ ନେଇ ଗଠିତ କମିଟି ୧୯୩୮ ମାର୍ଚ୍ଚ ମାସରେ ଯେଉଁ ରିପୋର୍ଟ ପ୍ରକାଶ କଲେ ତାର ନାମ ଥିଲା ୱାର୍ଦ୍ଧା ଶିକ୍ଷା ଯୋଜନା । ମହାତ୍ମାଗାନ୍ଧୀ ଏହି ଯୋଜନାକୁ ଅନୁମୋଦନ କରିବାପରେ କଂଗ୍ରେସର ହରିପୁରା ଅଧିବେଶନରେ ଅନୁମୋଦନ ପାଇଁ ପେଶ୍ କରାଗଲା । ହରିପୁରା କଂଗ୍ରେସରେ ଯୋଜନାଟି ପୁଂଖାନୁପୁଂଖ ବିଚାର ପରେ ଗୃହୀତ ହୋଇଥିବାରୁ ଭାରତସାରା ନବଶିକ୍ଷାର ପ୍ରଚାର ପାଇଁ ସେହି ବର୍ଷ ଏପ୍ରିଲ ମାସରେ "ହିନ୍ଦୁସ୍ଥାନୀ ତାଲିମ ସଂଘ ଗଠିତ ହେଲା । ମହାତ୍ମାଗାନ୍ଧୀଙ୍କ ଆଶ୍ରମ ସେବାଗ୍ରାମରେ ଏହାର ମୁଖ୍ୟ କାର୍ଯ୍ୟାଳୟ ରହିଲା । ନୈତାଲିମରେ ଶିକ୍ଷକ ତାଲିମ ଦାୟିତ୍ୱ ଏହି ସଂସ୍ଥାର ହେଲା ମୁଖ୍ୟ କର୍ତ୍ତବ୍ୟ ।

## ଓଡ଼ିଶାରେ ନୈତାଲୀମର ପ୍ରୟୋଗ

ବିଶ୍ୱନାଥ ଦାସଙ୍କ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ବିନାଦ୍ୱିଧାରେ ଓଡ଼ିଶାରେ ନୈତାଲୀମର ପ୍ରୟୋଗ ଆରମ୍ଭ କରିଦେଲେ । ସୁନାମଧନ୍ୟ ବୈୟାକରଣ ପୁରୀଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷକ ସ୍ୱର୍ଗୀୟ ଚନ୍ଦ୍ରମୋହନ ମହାରଣାଙ୍କ ସୁପୁତ୍ର ଶ୍ରୀ ଶରତଚନ୍ଦ୍ର ମହାରଣା ସେତେବେଳେ ସ୍କୁଲ ପରିଦର୍ଶକ ଥାଆନ୍ତି । ଗାନ୍ଧୀକଳ୍ପିତ ମୌଳିକ ଶିକ୍ଷାପ୍ରତି ସେ ବିଶେଷ ଆସ୍ଥାବାନ ହୋଇପଡ଼ିଲେ । ତେଣୁ ଓଡ଼ିଶା ସରକାର ତାଙ୍କୁ ସେବାଗ୍ରାମ ନୈତାଲିମ ସଂଘକୁ ଅଗ୍ରାଧିକାର ଭିତ୍ତିରେ ତାଲିମ ପାଇଁ ପଠାଇଲେ । ତାଲିମ ପାଇ ଫେରିବାପରେ ମହାରଣାଙ୍କ ପରିଚାଳନାରେ କଟକଜିଲ୍ଲା ଯାଜପୁର ସବ୍‌ଡ଼ିଭିଜନର ଦୁର୍ଗମ ପଲ୍ଲୀଅଞ୍ଚଳ ବରୀରେ ନୈତାଲୀମର ପରୀକ୍ଷାମୂଳକ ପ୍ରୟୋଗ ଆରମ୍ଭ ହେଲା । ସର୍ବଶ୍ରୀ ସଦାଶିବ ମିଶ୍ର (ଶ୍ରୀ ପୁରୁଷୋତ୍ତମପୁର, ପୁରୀ) ଫକୀର ମିଶ୍ର (ବୀରବଳଭଦ୍ରପୁର, ପୁରୀ), ବଂଶୀଧର ମଙ୍ଗରାଜ (ସାହୁପଡ଼ା, ପୁରୀ), ଗୋପୀନାଥ ଦାସ (ମଲଗାଁ, ପୁରୀ), ମଧୁସୂଦନ ମିଶ୍ର (କଟକ) ଓ ଶ୍ରୀ କସ୍ତୁରୀ ଚରଣ ନାୟକ (ବ୍ରାହ୍ମଣତରା ବୋଇ, ପୁରୀ) ପ୍ରମୁଖ ଶିକ୍ଷାକର୍ମୀମାନେ ତାଲିମ ପାଇ ଶିକ୍ଷକରୂପେ ଯୋଗ ଦେଲେ । ସଞ୍ଚାଳକଙ୍କ ଠାରୁ ଆରମ୍ଭକରି ଶିକ୍ଷକମାନେ ସମସ୍ତେ ଖଦୀ ପିନ୍ଧିଲେ । ହାତରେ ସୂତା କାଟିଲେ । ପରିବେଶକୁ ସଫା ରଖିଲେ । ମୌଳିକ ଧନ୍ଦାରୂପେ ଟକଳି ହେଲା ପିଲାମାନଙ୍କର ଉତ୍ପାଦନଶୀଳ ଜୀବନକ । ଟକଳି, ଭିଣା, ଓ ଚରଖାର ଓଁକାର ଗୁଞ୍ଜନ ପରିବେଶକୁ ଶାନ୍ତ ମୁଗ୍‌ଧ, ସଂହତିସଂପନ୍ନ ଓ ଆକର୍ଷଣୀୟ କରି ଗଢ଼ିବାକୁ ଲାଗିଲା । ମୌଳିକ ବିଦ୍ୟାଳୟ ସହିତ ଏକ ଆଦର୍ଶ କୃଷିକ୍ଷେତ୍ର ସଂଯୁକ୍ତ ହେଲା । ଶିକ୍ଷକ, ଛାତ୍ର, ପରିଚାଳକ ଓ ପରିଦର୍ଶକ ସମସ୍ତେ ନିଜକୁ ମାଟିମା'ର ସନ୍ତାନ ମନେକରି ସେହି କୃଷିକ୍ଷେତ୍ରରେ କାଙ୍କ କୋଡ଼ିଧରି କାମକଲେ । ଓଡ଼ିଶାର ଅନ୍ୟତମ ବରପୁତ୍ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗୀୟ କୃପାସିନ୍ଧୁ ହୋତା ନୈତାଲୀମରେ ମୁଗ୍‌ଧ ହୋଇ ସ୍ୱକୀୟ ବଜ୍ରନିର୍ଘୋଷ କଣ୍ଠରେ ପ୍ରକାଶ କଲେ ଯେ—"ଆମର ଏଣିକି କାଙ୍କ କୋଡ଼ିର ବିଶ୍ୱବିଦ୍ୟାଳୟ ହବ । ଶରୀର ଶ୍ରମର ଆଧାର ଉପରେ ପ୍ରତିଷ୍ଠିତ ସେହି ବିଶ୍ୱବିଦ୍ୟାଳୟ ସମାଜରୁ ପଢ଼ିଖିଆ ଖଟିଖିଆର ଭେଦ ଲୋପ କରିବ ।"

ସ୍ୱର୍ଗୀୟ ଗୋପବନ୍ଧୁ ଚୌଧୁରୀ ମହାଶୟ ଡେପୁଟି କଲେକ୍ଟର ଚାକିରୀ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥାନ୍ତି । କଟକ କାଠଯୋଡ଼ି କୂଳରେ ଥିବା ତାଙ୍କର ପ୍ରାସାଦର ମୋହ ଛାଡ଼ିଦେଇ ସେ ସପରିବାର ରହୁଥାନ୍ତି ସେହି ବରୀ ଅଞ୍ଚଳରେ । ଆଶ୍ରମ କରି ଗାଁ ଚାଷୀଙ୍କ ସହ ଚାଷୀ ହୋଇ ସେ ଚଳୁଥାନ୍ତି । ତାଙ୍କର ଗାଉଁଲି ବେଶଭୂଷାରୁ ସେ ସେତେ-

ବେଳର ଏମ୍. ଏ. ଡିଗ୍ରୀ ଧାରୀ ଓ ଜଣେ ଡେପୁଟି କଲେକ୍ଟର, ତାହା ଆଦୌ ବାରି ହେଉନଥାଏ । ତାଙ୍କୁ ଦେଖି ଲୋକେ ବିସ୍ମିତ ହୁଅନ୍ତି । ଶିକ୍ଷା ପରିଦର୍ଶକ ଶ୍ରୀ ଶରତଚନ୍ଦ୍ର ମହାରଣା ତାଙ୍କର ପୁତ୍ରୋପମ ଥିଲେ । ସ୍ୱର୍ଗୀୟ ଚୌଧୁରୀ ଶ୍ରୀ ମହାରଣାଙ୍କୁ ଏତେ ଭଲପାଉଥିଲେ ଯେ ତାଙ୍କ ଆଦରଣୀୟା ଏକମାତ୍ର କନ୍ୟା ଅନ୍ନପୂର୍ଣ୍ଣା (ଚୁନି)ଙ୍କୁ ଶରତଙ୍କୁ ବିବାହ ଦେଇ ଜାତିଗତ ବନ୍ଧନ ତୁଟାଇ ଗାନ୍ଧୀକଳ୍ପିତ ଶ୍ରେଣୀହୀନ ସମାଜ ଗଠନରେ ଓଡ଼ିଶାରେ ଏକ ଆଦର୍ଶ ସ୍ଥାପନ କଲେ । ବାସ୍ତବରେ କହିବାକୁ ଗଲେ ସ୍ୱର୍ଗୀୟ ଚୌଧୁରୀ ଓ ଶ୍ରୀ ଶରତ ମହାରଣା ଓଡ଼ିଶାରେ ନୈତାଲୀମର ' ଏହି ସର୍ବପ୍ରଥମ ପରୀକ୍ଷା ମୂଳକ ପ୍ରୟୋଗର ଥିଲେ ବିହିତ କର୍ଣ୍ଣଧାର ।

## ବଙ୍ଗୀୟ ପରଦର୍ଶନ

ଓଡ଼ିଶା ସରକାରଙ୍କ ବହୁ ଉଚ୍ଚପଦସ୍ଥ ବିଭାଗୀୟ କର୍ମକର୍ତ୍ତା ଶିକ୍ଷାମନ୍ତ୍ରୀ ଶ୍ରୀ ବୋଧରାମ ଦୁବେ ଓ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ-ବିଶ୍ୱନାଥ ଦାସ ମୌଳିକ ବିଦ୍ୟାଳୟ ପରିଦର୍ଶନ କରି ଦେଶପାଇଁ ଏହା ଅତ୍ୟନ୍ତ ଉପଯୋଗୀ; ତେଣୁ ସର୍ବଥା ସ୍ୱାଗତଯୋଗ୍ୟ ମନ୍ତବ୍ୟ ଲିପିବଦ୍ଧ କଲେ ।

ନୂଆ ଓଡ଼ିଶାରେ ନୂଆପାଠ ଓ ଓଡ଼ିଶାସାରା ଚହଳ ପକାଇବାକୁ ଲାଗିଲା । ମାତ୍ର କାଳ ସହିଲାନାହିଁ ।

## କଂଗ୍ରେସ ମନ୍ତ୍ରିମଣ୍ଡଳଙ୍କ ଇସ୍ତଫା

୧୯୩୯ ତୃତୀୟ ଭାଗରେ ଦ୍ୱିତୀୟ ମହାସମର ଆରମ୍ଭ ହେଲା । କଂଗ୍ରେସ ସରକାରଙ୍କୁ ନପଚାରି ବଡ଼ଲାଟ୍ ନିଜର ସ୍ୱତନ୍ତ୍ର କ୍ଷମତା ବଳରେ ଭାରତୀୟ ସୈନ୍ୟବାହିନୀଙ୍କୁ ୧୯୩୯ ସେପ୍ଟେମ୍ବର ୩ ତାରିଖରେ ଏହି ମହାସମରରେ ଲଗାଇ ଦେବାରୁ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ବିଦେଶୀ ସରକାରଙ୍କର ଗର୍ହିତାଚରଣକୁ ମର୍ଯ୍ୟାଦା ହାନିକର ବିଚାରି ଶାସନରୁ ଓହରି ଆସିବାପାଇଁ କଂଗ୍ରେସ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଲେ । କଂଗ୍ରେସ ପ୍ରତି ଏକାନ୍ତ ଅନୁଗତ କଂଗ୍ରେସ ଶାସିତ ୮ ଗୋଟି ପ୍ରଦେଶର ମନ୍ତ୍ରୀମାନେ କଂଗ୍ରେସ ନିର୍ଦ୍ଦେଶରେ ଇସ୍ତଫା ଦାଖଲ କରିଦେଲେ । ଆମ ନୂଆ ଓଡ଼ିଶାର ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ମନ୍ତ୍ରିମଣ୍ଡଳ ୧୯୩୮ ନଭେମ୍ବର ୬ ତାରିଖରେ ଶାସନରୁ ଇସ୍ତଫା ଦେଲେ ।

## ବାଣୀ ସତ୍ୟାଗ୍ରହ

ଏତିକିରେ କଂଗ୍ରେସର କର୍ତ୍ତବ୍ୟ ସାଙ୍ଗ ହେଲାନାହିଁ । ଦ୍ୱିତୀୟ ମହାସମରରେ ଭାରତର କୌଣସି ସଂପର୍କ ନାହିଁ ଓ ଭାରତୀୟମାନେ ଯୁଦ୍ଧ ଚାହାନ୍ତି ନାହିଁ ବୋଲି ଅଖିଳ ଭାରତ ଜାତୀୟ କଂଗ୍ରେସ ସ୍ପଷ୍ଟ ଘୋଷଣାକଲେ । —"ଇଂରେଜ ସରକାରଙ୍କ ଯୁଦ୍ଧ ଉଦ୍ୟମକୁ ଧନଜନ ଦେଇ ସାହାଯ୍ୟ କରିବା ଅନ୍ୟାୟ"—ଏହି ପଦକ ଉଚ୍ଚାରଣ କରି ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଧାରିତ ସ୍ଥାନରେ ଓ ଯଥାପୂର୍ବ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କୁ ଅବହିତ କରାଇ ସତ୍ୟାଗ୍ରହ କରିବାପାଇଁ ଦେଶବାସୀଙ୍କୁ କଂଗ୍ରେସ ଆହ୍ୱାନ ଦେଲେ । ଏହା ଗଣଆନ୍ଦୋଳନ ନହୋଇ ବଛା ବଛା ପ୍ରତିନିଧି ଓ କର୍ମୀଙ୍କ ଦ୍ୱାରା କାର୍ଯ୍ୟକାରୀ ହେବ ବୋଲି ନିର୍ଦ୍ଦିଷ୍ଟ କରି ଦିଆଗଲା । ଆଚାର୍ଯ୍ୟ ବିନୋବା ଭାବେ ଏହି ବାଣୀ ସତ୍ୟାଗ୍ରହର ପ୍ରଥମ ସତ୍ୟାଗ୍ରହୀ ରୂପେ ମନୋନୀତ ହୋଇ ୧୯୪୦ ଅକ୍ଟୋବର ୧୧ ତାରିଖରେ ସତ୍ୟାଗ୍ରହର ଶୁଭାରମ୍ଭ କରି ଗିରଫ ହେଲେ । ଏଣିକି ପ୍ରତି ପ୍ରଦେଶରେ ବାଣୀ ସତ୍ୟାଗ୍ରହ ଶୁରୁ ହେଲା । ଓଡ଼ିଶାର ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଓଡ଼ିଶାରେ ପ୍ରଥମ ସତ୍ୟାଗ୍ରହୀ ରୂପେ କଟକ ସଚିବାଳୟ ପରିସର ମଧ୍ୟରେ ଯୁଦ୍ଧବିରୋଧୀ ଧ୍ୱନି ଉଚ୍ଚାରଣ କରି ଗିରଫ ହେବାର ଘଟଣା ଏବେ ଲୋକସ୍ମୃତିରୁ ଯାଇନାହିଁ । ସଚିବାଳୟରୁ ତାଙ୍କ ପ୍ରିୟ କର୍ମଚାରୀବୃନ୍ଦ ତାଙ୍କୁ ପୁଷ୍ପ ମାଲ୍ୟ ପିନ୍ଧାଇ ଉଚ୍ଛ୍ୱସିତ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଜଣେ ଆଶ ପଦତ୍ୟାଗୀ ପ୍ରଧାନମନ୍ତ୍ରୀଙ୍କୁ ସବ୍ ଇନିସ୍ପେକ୍ଟର ଭଳି ଜଣେ ନିମ୍ନ ପଦସ୍ଥ ପୋଲିସ କର୍ମଚାରୀ ଗିରଫ କରିବାରେ ତଦାନିନ୍ତନ ବ୍ରିଟିଶ ଶାସନର ମର୍ଯ୍ୟାଦା ଅତିମାତ୍ରାରେ କ୍ଷୁର୍ଣ୍ଣ ହେଲା ବୋଲି ସମସ୍ତେ ଅନୁଭବ କଲେ ।

କେବଳ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ନୁହନ୍ତି ତାଙ୍କ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ପାର୍ଲିଆମେଣ୍ଟାରୀ ସେକ୍ରେଟାରୀ ଓ କଂଗ୍ରେସ ବିଧାୟକ ମାନେ ନିଜ ନିଜର ନିର୍ବାଚନ ମଣ୍ଡଳୀରେ ସତ୍ୟାଗ୍ରହ କରି ଗିରଫ ହେଲେ । ଭାରତସାରା ଧ୍ୱନି ସତ୍ୟାଗ୍ରହର ଅବିଶ୍ରାନ୍ତ ଧାରା ପ୍ରମାଣ କରିଦେଲା ଯେ କଂଗ୍ରେସ କେବଳ ଶାସନର ତୁଳିତଳ୍ପ ପାଇଁ ଲାଳାୟିତ ନୁହେଁ । ପୂର୍ଣ୍ଣ ସ୍ୱାଧୀନତାର ଲକ୍ଷ୍ୟରେ କଣ୍ଟକିତ ପଥ ଅତିକ୍ରମ କରିବାକୁ ସର୍ବଥା ଆଗଭର । ଭୋଟ ନୁହେଁ ' ତ୍ୟାଗହିଁ କଂଗ୍ରେସର ଲକ୍ଷ୍ୟ ।

## ପ୍ରଧାନମନ୍ତ୍ରୀଙ୍କୁ କାରାଦଣ୍ଡ

ଅଣ ସରକାରୀ ଦଳରେ ଲୋକେ ନିଜର ସ୍ଥିତି ପ୍ରମାଣ କରିବା ପାଇଁ କୌଣସି ସାମୟିକ ଘଟଣାକୁ ଆଳକରି ଦିନିକିଆ ବିକ୍ଷୋଭ, ଘେରାଉ, ବନ୍ଦ ବର୍ଜନ ଓ ସଭା ଶୋଭାଯାତ୍ରା କରି ମୂଳ ସମସ୍ୟାର ସମାଧାନ ଅପେକ୍ଷା ଲୋକଙ୍କ ଯାତନା ବଢ଼ାଇବାରେ ଲାଗିଛନ୍ତି । ସେମାନଙ୍କୁ ସତ୍ୟାଗ୍ରହୀ ଓ ସେମାନଙ୍କ କାମକୁ ସତ୍ୟାଗ୍ରହ ବୋଲି ସମ୍ବାଦପତ୍ରମାନେ ପ୍ରଚାର କରୁଛନ୍ତି । ଏହି ତଥାକଥିତ ସତ୍ୟାଗ୍ରହୀମାନେ ସତ୍ୟାଗ୍ରହ ଶାସ୍ତ୍ର ପଢ଼ନ୍ତି ନାହିଁ ବା ସତ୍ୟାଗ୍ରହରେ ତାଲିମର ଆବଶ୍ୟକତା ଉପଲବ୍ଧି କରନ୍ତି ନାହିଁ । ସେମାନଙ୍କୁ ଦୀର୍ଘ ସଜା ବା ଦୀର୍ଘ ଅଟକର ଆବଶ୍ୟକତା ସରକାରଙ୍କ ବିଚାରରେ ନଥାଏ । ସେମାନେ ଗିରଫ ହେଉ ହେଉ ବାହାରେ ଥିବା ତାଙ୍କ ଦଳ ଖଲାସ କର ଖଲାସ କର ବୋଲି ଧ୍ୱନି ଉଠାନ୍ତି ।

ସେତେବେଳେ କିନ୍ତୁ ଏହା ନ ଥିଲା । ସତ୍ୟାଗ୍ରହର ଗୁରୁ ମହାତ୍ମା, ଗାନ୍ଧୀ କହୁଥିଲେ—"ପ୍ରେମାଗ୍ନିରେ ପଥର ମଧ୍ୟ ତରଳିଯିବ । ଯଦି ନ ତରଳେ ତେବେ ବୁଝିବାକୁ ହେବ ଯେ ଅଗ୍ନିର ତେଜ କମ୍" । ଏହି ଦୃଷ୍ଟିରୁ ସତ୍ୟାଗ୍ରହୀ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ବିଶ୍ୱନାଥ ଦାଶ ବିଚାର ଅଦାଲତର ସମ୍ମୁଖୀନ ହେଲବେଳେ ବିଚାରପତିଙ୍କୁ ଅନୁନୟ କରି କହିଥିଲେ "ଆମକୁ କଠିନରୁ କଠିନ ଦଣ୍ଡ ଦିଅନ୍ତୁ ଯଦ୍ୱାରା ବ୍ରିଟିଶ

ସରକାର ତରଳିଯିବ । ଆମେ ଆମର ଇପ୍‌ସିତ ସ୍ୱାଧୀନତା ଲାଭ କରିବୁ ”

ବିଚାରରେ ପ୍ରଧାନମନ୍ତ୍ରୀଙ୍କୁ କାରାଦଣ୍ଡ ମିଳିଲା । ସେ ଅପିଲ କଲେ ନାହିଁ । ଖାଣ୍ଟି ସତ୍ୟାଗ୍ରହୀ ଭାବରେ କାରାଦଣ୍ଡ ବରଣ କଲେ ।

## ବ୍ରିଟିଶ ବିରୋଧୀ ଶିକ୍ଷା

କଂଗ୍ରେସ ଶାସନର ଅବସାନ ପରେ ଖୋଦ ଲାଟ-ସାହେବଙ୍କ ଦ୍ୱାରା ଶାସନ ପରିଚାଳିତ ହେଲା । ମିଷ୍ଟର ଆନସୋର୍ଲି ଆମ ପ୍ରଦେଶ ଗଭର୍ଣ୍ଣରଙ୍କର ପରାମର୍ଶ ଦାତା ନିଯୁକ୍ତ ହେଲେ । କଂଗ୍ରେସ ସରକାର ପ୍ରବର୍ତ୍ତନ କରିଥିବା ମୌଳିକ ଶିକ୍ଷା ଉପରେ ପୁନଃ ନିରୀକ୍ଷଣ ଆରମ୍ଭ ହୋଇଗଲା । ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ବିଶ୍ୱନାଥଦାଶଙ୍କ ଅମଳରେ ଯେଉଁ ବିଭାଗୀୟ ପରିଦର୍ଶକମାନେ ମୌଳିକ ଶିକ୍ଷାର ଭୂୟସୀ ପ୍ରଶଂସା କରିଥିଲେ ଏବଂ ସେମାନଙ୍କ ମୌଳିକ ଶିକ୍ଷା ଅସୁଖୀ ବୋଧ ହେଲା । ମୁଖ୍ୟ ଶାସନ ସଚୀବ ମୌଳିକ ସ୍କୁଲ ପରିଦର୍ଶନ କରି ସରକାରଙ୍କୁ ଯେଉଁ ରିପୋର୍ଟ ଦେଲେ ସେଥିରେ ପରିଷ୍କାର ଲେଖିଦେଲେ— "It is not natineal education, but anti British education." ଏତିକିରେ ଗଭର୍ଣ୍ଣର ଶ୍ରୀଯୁକ୍ତ ହବାକ ମୌଳିକ ଶିକ୍ଷାର ପ୍ରଚଳନ ସରକାରୀ ସ୍ତରରେ ବନ୍ଦ କରାଇ ଦେଲେ ।

ଏଣିକି ବେ-ସରକାରୀ ଉଦ୍ୟମରେ ମୌଳିକ ଶିକ୍ଷାକୁ ଉଜ୍ଜୀବିତ ରଖିବା ପାଇଁ ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସେବୀମାନେ ଅଣ୍ଟା ଭିଡ଼ିଲେ । ସ୍ୱର୍ଗତଃ ଗୋପବନ୍ଧୁ ଚୌଧୁରୀ ଓ ସ୍ୱର୍ଗତଃ ଆଚାର୍ଯ୍ୟ ହରିହର ପ୍ରମୁଖ ଏହାର ନେତୃତ୍ୱ ନେଲେ । ଶ୍ରୀ ଶରତ ଚନ୍ଦ୍ର ମହାରଣା ସରକାରୀ ଚାକିରୀରୁ ଇସ୍ତଫା ଦେଇ ଏହି ମୌଳିକ ଶିକ୍ଷା ସଙ୍ଗଠନରେ ନିଜକୁ ସଂପୃକ୍ତ ରଖିଲେ । ଘଟଣା କ୍ରମେ ଆସିଲା ୧୯୪୨ ମସିହା "ଭାରତ ଛାଡ଼" ଆନ୍ଦୋଳନ । ଏହି ଅନ୍ତିମ ସାଧୀନତା ସଂଗ୍ରାମ ଏକ ବିରାଟ ଜନ ଜାଗରଣ ଥିଲା । ଏହି ଆନ୍ଦୋଳନରେ ବହୁ ନେତା, କର୍ମୀ ଓ ସାଧାରଣ ଜନତା କାରାଦଣ୍ଡ, ମୃତ୍ୟୁଦଣ୍ଡ, ଅର୍ଥଦଣ୍ଡ, ଓ ନାନାଦି ନିର୍ଯ୍ୟାତନା ସହ୍ୟକରି ବିଦେଶୀ ସରକାରର ଭିତ୍ତୀକୁ ଦୋହଲାଇ ଦେଲେ । ଏହି ଜନ ଜାଗରଣରେ ମୌଳିକ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରୀ ଶରତଚନ୍ଦ୍ର ମହାରଣାଙ୍କ ପ୍ରମୁଖ ପୂର୍ବ ବର୍ଣ୍ଣିତ ସମସ୍ତ ଶିକ୍ଷକ ଭାଗ ନେଇ କାରାବରଣ କଲେ । ସ୍କୁଲ ଓ ଆଶ୍ରମକୁ ସରକାର ଧୂଳିରେ ମିଶାଇ ଦେଲେ । ନବ ଶିକ୍ଷାର ସ୍ଥିତି ଲୁପ୍ତ ପ୍ରାୟ ହୋଇଗଲା କହିଲେ କିଛି ଅତ୍ୟୁକ୍ତି ହେଲନାହିଁ ।

ଓଡ଼ିଶାର ବହୁ ନେତୃ ସ୍ଥାନୀୟ ବ୍ୟକ୍ତି ଓ କର୍ମୀ ବ୍ରହ୍ମପୁର କେନ୍ଦ୍ର ଜେଲରେ ବନ୍ଦୀ ଜୀବନ ଯାପନ କରୁଥିଲା ବେଳେ ମୌଳିକ ଶିକ୍ଷାର ଏବଂବିଧ ସ୍ଥିତି ସେମାନଙ୍କୁ ବହୁତ ବାଧିଲା । ବେଶୀ ଦୁଃଖିତ ହେଲେ ନୂଆ ଓଡ଼ିଶାର ନୂଆ ପ୍ରଧାନମନ୍ତ୍ରୀ ବନ୍ଦୀ ସ୍ୱର୍ଗତଃ ବିଶ୍ୱନାଥଦାଶ । ଯେଉଁ ମ୍ୟାନସ୍‌ଫିଲଡ୍‌ଙ୍କ କଲମରେ ମୌଳିକ ଶିକ୍ଷାର ସ୍ଥିତି ବିପର୍ଯ୍ୟସ୍ତ ହୋଇଗଲା ତାଙ୍କ ପ୍ରତି ସତ୍ୟାଗ୍ରହୀ ସ୍ୱର୍ଗତଃ ଦାଶଙ୍କ କୌଣସି ବ୍ୟକ୍ତିଗତ ଅସୂୟା ଜନ୍ମିଲା ନାହିଁ । କାରା ମହା ନିରୀକ୍ଷକ ବ୍ରହ୍ମପୁର ବନ୍ଦୀ ଶାଳାକୁ ପରିଦର୍ଶନରେ ଆସିଲାବେଳେ ବନ୍ଦୀ ସ୍ୱର୍ଗତଃ ବିଶ୍ୱନାଥ ଦାଶଙ୍କୁ ଭେଟିଲେ । ବିଶ୍ୱନାଥ ବାବୁ ମହା ନିରୀକ୍ଷକଙ୍କୁ ବନ୍ଧୁ ଭାବରେ ସ୍ୱାଗତ କଲେ । ଅନ୍ୟାନ୍ୟ କୁଶଳ ସମ୍ବାଦ ଭିତରେ How is Mr. mans field? ବୋଲି ତାଙ୍କ ପ୍ରଧାନମନ୍ତ୍ରୀତ୍ୱ ବେଳର ଚିଫ୍ ସେକ୍ରେଟେରୀଙ୍କ କୁଶଳ ଜିଜ୍ଞାସା କରିବାରେ ସେ ଯେଉଁ ମାନବୋଚିତ ଉଦାରତା ପ୍ରଦର୍ଶନ କଲେ ତାହା ସହବନ୍ଦୀ ତଥା ପରିଦର୍ଶକଙ୍କ ପାଇଁ ବହୁ ପ୍ରେରଣା ଦାୟକ ହେଲା ।

## ନବଶିକ୍ଷାର ପୁନର୍ଜନ୍ମ

" ଭାରତଛାଡ଼ " ଆନ୍ଦୋଳନ ଭିତରେ ଆଗା ଖାଁ ପ୍ରାସାଦରେ ବନ୍ଦୀ ଜୀବନଯାପନ କରୁଥିଲା ବେଳେ ମହାତ୍ମା ଗାନ୍ଧୀ ନବଶିକ୍ଷାର ଏକ ନବ ଦର୍ଶନ ଲାଭ କଲେ । ତାଙ୍କ ମତରେ ଶିକ୍ଷାକୁ କେହି ଭାଗଦେବା, ଛଡ଼ାଇନେବା ବା ଲୋପ କରିଦେବାର କଥା ହୋଇ ରହିଲାନାହିଁ । ତାଙ୍କ ପରି-କଳ୍ପିତ ଶିକ୍ଷାଦର୍ଶନ ମାତୃଗର୍ଭରେ ଭ୍ରୂଣର ସଞ୍ଚାରଠାରୁ ଶେଷ ନିଶ୍ୱାସ ତ୍ୟାଗଯାଏ ଉଦ୍ଦିଷ୍ଟ ରହିଲା । ଏହାକୁ କୁହାଗଲା— Education for life ବା ଜୀବନବ୍ୟାପୀ ଶିକ୍ଷା ।

୧୯୪୫ ଜାନୁୟାରୀ ମାସରେ ଶିକ୍ଷା କର୍ମୀମାନଙ୍କର ଏକ ବୈଠକରେ ମହାତ୍ମା ଗାନ୍ଧୀ ବୁଝାଇ କହିଲେ ଯେ— " ଶିକ୍ଷକ ପ୍ରକୃତରେ ଜଣେ ଗ୍ରାମ ସେବକ ହେବେ । କାର୍ଯ୍ୟ ହେବ ତାଙ୍କର ପୁରସ୍କାର ଓ ହୃଦୟ ହେବ କାର୍ଯ୍ୟର ସାକ୍ଷୀ ।

୧୯୪୭ ଡିସେମ୍ବର ମାସରେ ଗାନ୍ଧିଜୀ ଏହି ନବଶିକ୍ଷା ବା ନୈତାଲିମ ସମ୍ବନ୍ଧରେ ଯେଉଁ ବାର୍ତ୍ତା ଦେଇଥିଲେ ଦୈବ ଯୋଗକୁ ତାହାହିଁ ହେଲା ତାଙ୍କର ଅନ୍ତିମ ବାର୍ତ୍ତା । ସେହି ବାର୍ତ୍ତାରେ ଶିକ୍ଷକମାନଙ୍କର ଭାବୀ ବଂଶଧରମାନଙ୍କୁ ଗଢ଼ିବାର ଗୁରୁଦାୟିତ୍ୱ ବୁଝାଇ କହିଥିଲେ — " ନୈତାଲିମର ଶିକ୍ଷକ ଶ୍ରୀମଦ୍ ଭଗବତଗୀତାର ୨ୟ ଅଧ୍ୟାୟରେ ବର୍ଣ୍ଣିତ ସ୍ଥିତ ପ୍ରଜ୍ଞ ଲକ୍ଷଣରେ ଭୂଷିତା ହେବା ଉଚିତ" ।

୧୯୪୭ ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହେଲା । ତତ୍‌ପୂର୍ବରୁ ୨୩-୧-୧୯୪୬ ରୁ ସ୍ୱର୍ଗତଃ ହରେକୃଷ୍ଣ ମହତାବ ଓ ବିଶିଷ୍ଟ ଗାନ୍ଧୀବାଦୀ ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀ ୧୨-୫-୧୯୫୦ ରୁ ୫-୪-୧୯୫୬ ଯାଏଁ ଓ ସ୍ୱର୍ଗତଃ ହରେକୃଷ୍ଣ ମହତାବ ୫-୪-୧୯୫୬ ରୁ ୨୫-୨-୧୯୬୧ ଯାଏଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିଲେ । ମୌଳିକ ଶିକ୍ଷା ପୁଣି ନବଜୀବନ ଲାଭ କଲା । ପୁରୀ ଜିଲ୍ଲାର ରାଜସୁନାଖଳା, କଟକଜିଲ୍ଲାର ବରୀ ରାମଚନ୍ଦ୍ରପୁର, ବାଲେଶ୍ୱରର ଚଢ଼ିଗଡ଼ିଆ, ଗଞ୍ଜାମର ଭଞ୍ଜନଗର, ସମ୍ବଲପୁରର ବରଗଡ଼ ଓ କୋରାପୁଟର ନବରଙ୍ଗପୁରଠାରେ ମୌଳିକ ଶିକ୍ଷକ ତାଲିମ କେନ୍ଦ୍ର ସରକାର ପ୍ରତିଷ୍ଠା କଲେ । ପ୍ରାଥମିକ

ଶିକ୍ଷକମାନଙ୍କୁ ମୌଳିକ ଶିକ୍ଷାରେ ଅନୁପ୍ରାଣିତ କରାଇବା ପାଇଁ ପୁରୀ ଜିଲ୍ଲା ବୋର୍ଡ ପରିଚାଳନାରେ "ରଚନାତ୍ମକ ଶିକ୍ଷକ ତାଲିମ ଶିବିର" ଓ ରାଜ୍ୟ ଶିକ୍ଷା ବିଭାଗଙ୍କ ଆନୁକୂଲ୍ୟରେ ଭ୍ରାମ୍ୟମାଣ ତାଲିମ ଶିବିର–– Mobile training squad ପ୍ରତିଷ୍ଠା କରାଗଲା । ପ୍ରାଥମିକ ଶିକ୍ଷା ସିଲାବସ ପରିବର୍ତ୍ତିତ ହେଲା । କ୍ରମେ ଜଣାଗଲା ଯେ, ନବଶିକ୍ଷା ପୁରା ଦମରେ କାର୍ଯ୍ୟକାରୀ ହେଲେ ସମାଜକୁ ଏକ ବଳିଷ୍ଠ ପରାଙ୍ଗପୁଷ୍ଟ, ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଦଳିତକାନ୍ତ ହୋଇଯିବେ । ସେମାନେ ନାନାସ୍ତରରେ ସରକାରୀ କଳକୁ ପ୍ରଭାବିତ କରାଇ ଦ୍ରୁତ ଅଗ୍ରଗତି ଲାଭ କରୁଥିବା ମୌଳିକ ଶିକ୍ଷାର ଦର୍ଶନକୁ ପୁଣି ବିପର୍ଯ୍ୟସ୍ତ କରିଦେଲେ ।

## ଅନ୍ଧାରରେ ବାଡ଼ିବୁଲି

ସ୍ୱାଧୀନ ଭାରତ ପାଇଁ ଉପଯୋଗୀ ହେଲଭଳି ବିକଳ୍ପ ଶିକ୍ଷାନୀତି ଅଦ୍ୟାବଧି ଧାର୍ଯ୍ୟ ହୋଇ ପାରିଲା ନାହିଁ । ଶିକ୍ଷା ସେହିପରି ଅନୁପାଳିତ, ଲକ୍ଷ୍ୟହୀନ, ଚାକିରି ମୁଖାପେକ୍ଷୀ ହୋଇ ରହିଲା । ଛାତ୍ର ନେତା, ନୀତ, ଶିକ୍ଷକ, ସମାଜସେବୀ, ମନ୍ତ୍ରୀ ଓ ପ୍ରଶାସକ ସମସ୍ତେ ଅନ୍ଧାରରେ ବାଡ଼ି ବୁଲାଇବାରେ ଲାଗିଛନ୍ତି । ଶିକ୍ଷା କର୍ମ ଭିତ୍ତିକ ହେବ ବୋଲି ସମସ୍ତଙ୍କ ତୁଣ୍ଡରୁ ଶୁଣାଯାଉଛି । ଅଥଚ ଜାତିର ଜନକ ପରମ ପୂଜ୍ୟ ବାପୁଜୀ ନବ ଶିକ୍ଷାର ଯେଉଁ ଦିଗ ଦର୍ଶନ ଦେଇଥିଲେ ତାହା କାହାକୁ ଦେଖାଯାଉନାହିଁ ।

---

ମାର୍କଣ୍ଡସାହି, ପୁରୀ ।



# ଆମ ସଂସ୍କୃତି ଓ ଆମ ଶିକ୍ଷା

ଶ୍ରୀ ଶତ୍ରୁଘ୍ନ ନାଥ

ଶିକ୍ଷା ହେଉଛି ଏକ ମାନବିକ ପ୍ରକ୍ରିୟା । ଏହା ମାନବ ଜୀବନରେ ବୈଶିଷ୍ଟ୍ୟର ପରିଚୟ ଦିଏ । ଅନ୍ୟ ପ୍ରାଣୀ ଜୀବନରେ ଶିକ୍ଷାର ଭୂମିକା ନାହିଁ ବା ସାମାନ୍ୟ । କିନ୍ତୁ ମନୁଷ୍ୟ ଜୀବନରେ ଶିକ୍ଷା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଲାଗିରହିଛି । ମନୁଷ୍ୟପାଇଁ ଏହା ଏକ ନିରନ୍ତର ପ୍ରକ୍ରିୟା । ମନୁଷ୍ୟ ଜୀବନରେ ମଣିଷପଣିଆ ବିକାଶ କରିବା ହେଉଛି ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ । ସେ ନିଜ ପରିବାରରେ ଜଣେ ବ୍ୟକ୍ତି ଓ ସମାଜରେ ଜଣେ ନାଗରିକ । ସେ ଜଣେ ଆଜୀବନ ଶିକ୍ଷାର୍ଥୀ । ସେ ମଧ୍ୟ ଜଣେ ଉତ୍ପାଦନକାରୀ କର୍ମକ୍ଷମ ବ୍ୟକ୍ତି । ଏପରି ସବୁ ଭୂମିକା ମନୁଷ୍ୟକୁ ନିଜ ଜୀବନକାଳ ମଧ୍ୟରେ ବହନ କରିବାକୁ ପଡ଼ିଥାଏ ଓ ଏଥିପାଇଁ ସର୍ବତ୍ର ଆବଶ୍ୟକ ମାନବିକତା । ମନୁଷ୍ୟ ସୃଷ୍ଟିର ମୂଳରେ ରହିଛି କବିଙ୍କର ସେହି କଥାଟି "କାହିଁ ବନ୍ଧୁତା, କାହିଁ ପ୍ରେମସୁନ୍ଦର; ଯା'ର ପ୍ରାପତି ଲଗି ଦେବତା ନର" ମନୁଷ୍ୟ ଜନ୍ମଲାଭ କରେ, ସମସ୍ତଙ୍କ ସହିତ ମିଳିମିଶି ଭାଇପରି ସେ ଚଳିବ; ସ୍ନେହ କରିବ, ସେବା କରିବ; ଅନ୍ୟମାନଙ୍କ ପାଇଁ ତ୍ୟାଗ କରିବ; ସମାଜ, ଦେଶ ଓ ବିଶ୍ୱକୁ ଉନ୍ନତ କରିବ ଇତ୍ୟାଦି । ଏଥିରେ ସେ ନିଜେ ଆତ୍ମୋନ୍ନତି ଲାଭ କରିବ । ସେ ସମସ୍ତଙ୍କର ଓ ସମସ୍ତେ ତାଙ୍କର—ଏପରି ସ୍ନେହ, ସୁଖ ଓ ଶାନ୍ତିର ରଜ୍ଜୁରେ ବନ୍ଧାହୋଇ ରହିବେ । ଏହାହିଁ ମନୁଷ୍ୟ ଜୀବନର ସାର୍ଥକତା—ତାର ମାନବିକତା ଓ ଏହାହିଁ ନରର ନାରାୟଣତ୍ୱ ।

ଆଜି ସାରାବିଶ୍ୱରେ ଏହି ପ୍ରକ୍ରିୟାଟି ବିପନ୍ନ । ବିଶେଷକରି ଆମ ଦେଶରେ ଶାନ୍ତି, ଶୃଙ୍ଖଳା ଓ ସହନଶୀଳତାର ଅବକ୍ଷୟ ଘଟୁଛି । ହୁଏନସାଂ, ଫାହିୟାନ୍ ପ୍ରଭୃତି ପରିବ୍ରାଜକମାନଙ୍କ ବିବରଣୀରୁ ଜଣାଯାଏ, ପ୍ରାଚୀନ ଭାରତର ସମାଜରେ ଚୋରି ନ ଥିଲା, ଗୃହ ଉନ୍ମୁକ୍ତ ରହୁଥିଲା. ଲୋକେ ସଦାଚରଣ କରୁଥିଲେ । କିନ୍ତୁ ଆଜି ଦ୍ୱେଷ, ବାଦ, ବିସମ୍ବାଦ, କଳିକଜିଆ ବଢ଼ିଛି । ଦଙ୍ଗା, ଡକାୟତି, ହିଂସା, ହାଣକାଟ ଆଦିର ସଂଖ୍ୟା ବଢ଼ିଯାଉଛି । ସେ ଯଗର ଉଦାହରଣ କାହିଁ ? ଆଜି ଅତି ମାତ୍ରାରେ ସଂକୀର୍ଣ୍ଣତା, ସ୍ୱାର୍ଥପରାୟଣତା ଓ ସଂଯମହୀନତା । ଏପରି ସବୁ ଘଟିବା ଫଳରେ ଦେଶରେ ସଂହତିର ଅଭାବ ଦେଖାଯାଉଛି । ଶାନ୍ତି, ପ୍ରଗତି ଓ ସମୃଦ୍ଧିର ଚାବିକାଠି ହେଉଛି ସଂହତି । ସଂହତିର ଅଭାବରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ବଢ଼ିଯିବ । ସଦ୍‌ଭାବର ଅଭାବ ପରିଲକ୍ଷିତ ହେବ । ଦେଶ ଦୁର୍ବଳ ହୋଇଯିବ । ଏହି ଦୁର୍ବଳତାର ସୁଯୋଗ ନେବେ ବହିଃଶତ୍ରୁ । ଅତଏବ ଜାତୀୟ ସଂହତି ଏକାନ୍ତ ଆବଶ୍ୟକ । ଐକ୍ୟ ଓ ଏକାତ୍ମତା ସମଗ୍ର ଦେଶରେ ସୁଦୃଢ଼ ହେବା ଉଚିତ । ଆମମାନଙ୍କ କଥା, କାର୍ଯ୍ୟ ଓ ଚିନ୍ତାରେ ଦେଶପ୍ରାଣତା ସୁସ୍ପଷ୍ଟ ହେବା ଉଚିତ । ଆମମାନଙ୍କ ଆଚରଣ, ବୁଝାମଣା ଓ ମନୋଭାବରେ ଦେଶାନୁରାଗ ରହିବା ଆବଶ୍ୟକ । ଜାତୀୟ ସଂହତି ହେଉଛି ସ୍ୱଦେଶ ମମତା । ସ୍ୱଦେଶପ୍ରୀତି ଆମମାନଙ୍କୁ ଦେଶର ଅଗଣିତ ନରନାରୀଙ୍କୁ ଏକତ୍ର କରି ରଖେ, ଦୃଢ଼ ମନୋବଳ ଆଣେ । ଦେଶର ଗୌରବାନୁରାଗରୁ ଗର୍ବ ଜାତ ହୁଏ । ଏଥିପାଇଁ ପ୍ରାଣପାତ ବି ତୁଚ୍ଛ ମନେହୁଏ । ଏହି ଜାତୀୟ ଐକ୍ୟର ଅର୍ଥ ଏକାକାର ନୁହେଁ । ସମସ୍ତଙ୍କୁ ସମାନ କରିଦେବାର ନୁହେଁ । ବରଂ ବିଭିନ୍ନ ସମ୍ଭାବନା ଶକ୍ତି ଓ ସାମର୍ଥ୍ୟ ପ୍ରତି ସମ୍ମାନ ଦେଖାଇ ଦେଶର ଗୌରବକୁ ବହୁଗୁଣିତ କରିବାକୁ ହୁଏ । ଆହୁରି ମଧ୍ୟ ସଂହତି ଏକ ନାସ୍ତିସୂଚକ ବିଚାର ନୁହେଁ । ଐକ୍ୟର ଅଭାବକୁ ସଂହତିର ପରିଭାଷା କରାଯାଉଛି ବୋଲି ଏପରି ଭାବନା ମନକୁ ଆସିପାରେ । କିନ୍ତୁ ବସ୍ତୁତଃ ଏହାହିଁ ସଂହତି କଳ୍ପନା ନୁହେଁ । ଜାତୀୟ ଇତିହାସରେ ଐକ୍ୟର ଉଦାହରଣ ଅନେକ ସମୟରେ ପ୍ରଦର୍ଶନ କରାଯାଇଛି, ମହର୍ଷି ଶିଙ୍ଗ ଫଟା ମୁହିଁଲ ବେଳକୁ ଗୋଟା । ଏହା ହେଉଛି ଆମର ଚଳଣି । ଆମ ଧର୍ମ, ଭାଷା, ଜାତି, ବର୍ଣ୍ଣ ଆଦି ବିଭିନ୍ନତାର ସମାହାର । ଆଞ୍ଚଳିକ ତାରତମ୍ୟ ମଧ୍ୟ ରହିଛି । ଉଚିତ ବୁଝାବଣାର ଅଭାବରୁ ଏକାତ୍ମତାର ସ୍ୱରଟି ଅନେକ ସମୟରେ କ୍ଷୀଣ ହୋଇପଡ଼େ ବା ଏହାକୁ

ସୃଷ୍ଟି କରିଦିଆଯାଏ । ତେଣୁ ଏହିସବୁ ବହୁବିଧ ବିଭିନ୍ନତା ମଧ୍ୟରେ ଅଭେଦତ୍ୱ ପ୍ରତିଷ୍ଠା କରିବା ହେଉଛି ଜାତୀୟ ସଂହତି । ଏହା ହେଉଛି ଏକ ଅସ୍ତିସୂଚକ ବିଷୟ ଓ ଏହାର ଦୃଢ଼ୀକରଣ ତଥା ଶ୍ରୀବୃଦ୍ଧି ସାଧନାପାଇଁ ନିରନ୍ତର ସର୍ବବିଧ ଉଦ୍ୟମ ହେବା ଉଚିତ ।

ଏଥିପାଇଁ ଶିକ୍ଷା, ଶିକ୍ଷାଳୟ ଓ ଶିକ୍ଷକଙ୍କୁ ନିୟୋଜିତ କରାଯିବା ଉଚିତ । ପିଲାମାନଙ୍କ ମନରେ ସ୍ୱଦେଶପ୍ରୀତି ଜନ୍ମାଇବାପାଇଁ ଦେଶପ୍ରେମି ଅମର ଶହୀଦ୍‌ମାନଙ୍କ କାହାଣୀ ଶୁଣାଯିବା ଦରକାର । ସ୍ୱାଧୀନତା ସଂଗ୍ରାମର ଇତିହାସ ଓ ସେଥିରେ ତ୍ୟାଗ, ସେବା ଓ ଜୀବନ ଉତ୍ସର୍ଗର କାହାଣୀ ଗୁଡ଼ିକୁ ଉପସ୍ଥାପନ କରିବା ଆବଶ୍ୟକ । ଜାତୀୟ ପତାକା, ଜାତୀୟ ସଂଗୀତ ଓ ଜାତୀୟ ସଂକେତ ପ୍ରତି ସମ୍ମାନ ସ୍ଥାପନ କରାଯିବ । ଏସବୁର ଆହ୍ୱାନ ଆଦିର ଶିକ୍ଷାର୍ଥୀମାନଙ୍କ ପ୍ରତି ଜଣେ ରହିଛି ଏହାର ଆଲୋଚନା କରାଯିବ । ଦେଶପ୍ରେମର ସଂବାଦ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ଆବୃତ୍ତି କରାଯିବ । ଏସବୁ କଣ୍ଠରେ ନିଷ୍ଠା ପ୍ରକାଶ ପାଇବ । ସମଗ୍ର ଶିକ୍ଷାଳୟ ଯେପରି ଏହି ଉଦ୍ଦେଶ୍ୟରେ ଅନୁକୂଳ ହୁଏ ସେଥିପ୍ରତି ଧ୍ୟାନ ଦିଆଯିବ । ପାଠ୍ୟକ୍ରମର ବିଭିନ୍ନ ବିଷୟରେ ଏସବୁ ଅବଶ୍ୟକସ୍ଥଳେ ସ୍ଥାନପାଇବ । ଏସବୁ ବିଷୟ ବିଦ୍ୟାର୍ଥୀମାନଙ୍କ ଉପରେ ଲଦିଦିଆଯାଇ ପାରିବ ନାହିଁ । ସେମାନଙ୍କ ମନ ଓ ହୃଦୟରେ ଏହି ଜାତୀୟଭାବନା ଓ ଆନୁଗତ୍ୟ ଯେପରି ସ୍ୱତଃ ଜାଗିଉଠେ ଓ ସେମାନଙ୍କ ବ୍ୟକ୍ତିତ୍ୱର ଅଙ୍ଗୀଭୂତ ହୋଇଯାଏ ସେଥିପ୍ରତି ଲକ୍ଷ୍ୟ ରଖି କାର୍ଯ୍ୟ କରାଯିବ ।

ଜଣେ ଜୋଡ଼ି ସ୍ୱଦେଶ ବହଳ ମନୀଷି ଅନୁଭବ କରିଛନ୍ତି ଯେ ସେ ଆମ ଦେଶରେ ହିନ୍ଦୁ ଦେଖିଛନ୍ତି; ମୁସଲମାନ, ଖ୍ରୀଷ୍ଟିଆନ ପ୍ରଭୃତି ବିଭିନ୍ନ ଧର୍ମାବଲମ୍ବୀଙ୍କୁ ଦେଖିବାକୁ ପାଉଛନ୍ତି । ସେହିପରି ଭାବରେ ଓଡ଼ିଆ, ବଙ୍ଗାଳୀ, ତେଲୁଗୁ, ତାମିଲ ପ୍ରଭୃତି ବିଭିନ୍ନ ଭାଷାଭାଷୀ ଲୋକଙ୍କ ସଂପର୍କରେ ସେ ଆସିଛନ୍ତି । କିନ୍ତୁ ଏମାନଙ୍କ ମଧ୍ୟରେ ଭାରତୀୟ କିଏ ? ଏହି ଭାରତୀୟଙ୍କୁ ସେ ଦେଖିବାକୁ ପାଉନାହାନ୍ତି । ଅର୍ଥାତ୍ ଆମେ ଯେ ବିଭିନ୍ନ ଭାଷାଭାଷୀ ଓ ବିଭିନ୍ନ ଧର୍ମାବଲମ୍ବୀ ହେଲେ ହେଁ ଆମେମାନେ ପ୍ରତ୍ୟେକେ ବିଭିନ୍ନ ଜାତି, ଧର୍ମ, ଭାଷା ଆଦି ନିର୍ବିଶେଷରେ ଭାରତ ମାଟିର ସନ୍ତାନ ଓ ଭାରତୀୟର ଏହି ଭାବନା ଜାଗ୍ରତ ହେଉନାହିଁ । ଏହା ଫଳରେ ଆମେମାନେ ବିଚ୍ଛିନ୍ନତାବାଦୀ ହୋଇଯାଉଛୁ । ଆମ ଧର୍ମ, ଭାଷା ଓ ଅଞ୍ଚଳକୁ ନେଇ ଭରି ଆମ ସ୍ୱାର୍ଥକୁ ଆମେ ବଡ଼ କରୁଛୁ । ଏହା ଫଳରେ ସଂକୀର୍ଣ୍ଣ ମନୋଭାବ: ବନ୍ଧନର ଜୋଡ଼ି ମଧ୍ୟ ଦୁର୍ବଳ ହୋଇଯାଉଛି । ଅନେକ ସୃଷ୍ଟି କରାଯାଉଛି । ଯଦି ଆମ ଦେଶର ଅଖଣ୍ଡତା ଓ ସଂହତି ପ୍ରତି ଧ୍ୟାନଦେଲେ ଏହାର ସୁରକ୍ଷା ଓ ଶ୍ରୀବୃଦ୍ଧି ନ କରୁ ତେବେ ଆମ ଜାତି, ଧର୍ମ, ଭାଷା ଆଦି ଦୂରର କଥା, ଆମେ ରହିବା କି ? ସେଥିପାଇଁ କୁହାଯାଏ ଯେ ଆମେ ଏକତ୍ର ଓ ମିଳିତ ହେଲେ ଆମର ବିଜୟ କିନ୍ତୁ ଆମେ ବିଭିନ୍ନ ଓ ବିଚ୍ଛିନ୍ନ ହୋଇଗଲେ ଆମର ବିଲୟ ସୁନିଶ୍ଚିତ ।

ସୁତରାଂ ଆମ ମନରେ ଭାରତୀୟତ୍ୱର ସ୍ୱାଭିମାନ ସୃଷ୍ଟି କରାଯିବ । ଆମ ଦେଶ ବିଶାଳ, ଏହାର ଗୌରବୋଜ୍ଜ୍ୱଳ ଇତିହାସ ବହୁ ପ୍ରାଚୀନ ଓ ଏହାର ବହୁବିଧ ସମସ୍ୟାର ସଫଳ ସମାଧାନ କରିବାରେ ଆମର ସାମର୍ଥ୍ୟ ରହିଛି । ଏ ବିଷୟରେ ଆମର ପ୍ରତ୍ୟକ୍ଷ ଧାରଣା ଓ ପ୍ରତ୍ୟୟ ଜାତହେବା ଉଚିତ । ଏହା ବ୍ୟତୀତ ଆମ ସମସ୍ତଙ୍କ ସହଯୋଗରେ ଏହି ଦେଶର ଯୋଜନାବଦ୍ଧ ବିକାଶ ହେଉଛି ଓ ହେବ—ଏଥିରେ ଆମର ବିଶ୍ୱାସ ଓ ଭରସା ରହିବା ଉଚିତ । ଏହି ଦୃଷ୍ଟିରୁ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କର ପରିଭ୍ରମଣ ଓ ପରିଦର୍ଶନର ବ୍ୟବସ୍ଥା କରାଯିବ । ବିଭିନ୍ନ ଦର୍ଶନୀୟ ବସ୍ତୁ ଓ ସ୍ଥାନ ତଥା ବିକାଶ ପ୍ରକଳ୍ପଗୁଡ଼ିକ ଏହାର ଅନ୍ତର୍ଭୁକ୍ତ କରାଯିବ । ବିଭିନ୍ନ ରାଜ୍ୟ, ଶିକ୍ଷାୟତନର ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ଦୃଷ୍ଟିରୁ ୧୦+୨+୩ ଶିକ୍ଷାପଦ୍ଧତି ସାରା ଦେଶରେ ପରିବର୍ତ୍ତନ କରାଯାଇଛି । "ସତ୍ୟମେବ ଜୟତେ", ସା ବିଦ୍ୟା ଯା ବିମୁକ୍ତୟେ," ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି," "ଯତ୍ର ବିଶ୍ୱଂ ଭବତ୍ୟେକ ନୀଡ଼ଂ"' ଅନୋଭଦ୍ରା କ୍ରତବୋ ଯନ୍ତୁ ବିଶ୍ୱତଃ", । ନିଷ୍କାମ କର୍ମ, ଯମ ନିୟମ ପ୍ରଭୃତି ସଂସ୍କୃତିର ମୂଲ୍ୟବୋଧଗୁଡ଼ିକ ବିଷୟରେ ଶିକ୍ଷା ଦିଆଯିବ ।

ବିଭିନ୍ନ ସ୍ତରର ଶିକ୍ଷାୟତନରେ ଜାତୀୟ ଚରିତ୍ରର ବିକାଶ ପାଇଁ ବ୍ୟବସ୍ଥା କରାଯିବ । ଜାତୀୟ ଚରିତ୍ରହିଁ ଆମର ମାନବିକ ସମ୍ପନ୍ନ ବିକାଶର ପରିଚାୟକ । ଜାତୀୟ ଚରିତ୍ର କ୍ଷୀଣ, ସଂକୀର୍ଣ୍ଣ ଓ କ୍ଷୁଣ୍ଣ ହୋଇଗଲେ, ଆମ ମାନବିକ ସମ୍ପନ୍ନ କାହିଁ ?

ପ୍ରତ୍ୟେକ ବ୍ୟକ୍ତିର ପିତାଙ୍କ ଅନୁସୃତ ଧର୍ମ, ମାତୃଭାଷା ଓ ସ୍ୱକୀୟ ଜନ୍ମସ୍ଥାନ ରହିଛି । ସେହି ଧର୍ମପ୍ରତି ଅନୁଗତ୍ୟ, ଭାଷାପ୍ରତି ମମତା ଓ ଜନ୍ମସ୍ଥାନ ପ୍ରତି ଗୌରବ ରହିଛି ଓ ରହିବା ସ୍ୱାଭାବିକ । ଆମର ବନ୍ଧୁ, ସହାଧ୍ୟାୟୀ, ସହକର୍ମୀଙ୍କର ମଧ୍ୟ ସେ ପ୍ରକାର ଆନୁଗତ୍ୟ, ମମତା ଓ ଗୌରବ ରହିବା ଦରକାର—ଏହି ସ୍ୱୀକୃତି ଦେବା ଉଚିତ । ଏହାହିଁ ମାନବିକତା । ଆମେ କହୁ "ମାତୃଭୂମି, ମାତୃ ଭାଷାରେ ମମତା ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଜନରେ ଗଣିବା ଅଜ୍ଞାନୀ ରହିବେ କାହିଁ ?" ଠିକ୍ ସେହିପରି ସମସ୍ତଙ୍କର ମାତୃଭାଷା ରହିଛି, ଧର୍ମ ରହିଛି, "ମଜହବ ନହିଁ ଶିଖାତା, ଆପସ୍ ମେ ବୈର ରଖନା" । ଧର୍ମ ଓ ଧର୍ମ ନିରପେକ୍ଷତା କେବେହେଁ ପରସ୍ପର ବିରୋଧୀ ନୁହେଁ । ତେଣୁ ବିଭିନ୍ନ ଧର୍ମର ସାରସତ୍ୟ ଏକ ଓ ଏହାକୁ ଆମେ ଅଧ୍ୟୟନ କରିବା ମାନବ ଭାବରେ ବିଭିନ୍ନ ଧର୍ମ ଓ ଭାଷାର ଲୋକମାନେ ଏକ ଓ ଅଭିନ୍ନ । ଏହାକୁ ଶିକ୍ଷାମାଧ୍ୟମରେ ହୃଦୟଙ୍ଗମ କରିବା । ଜାତୀୟ ସଂହତି ଶିବିର ଆୟୋଜନ କରାଯାଉଛି । ଏହାକୁ ଆହୁରି ସୁଦୃଢ଼ ଓ ଉଦ୍ଦେଶ୍ୟାନୁକୂଳ କରାଯିବ । ବିଭିନ୍ନ ଭାରତୀୟ ଭାଷାର ସଂଯୋଜକ ଲିପି ଭାବରେ ଦେବନାଗରୀ ଲିପିକୁ ଗ୍ରହଣ କରାଗଲେ ଭାବଗତ ଏକାତ୍ମତା ବୃଦ୍ଧି ପାଇବ । ଶିକ୍ଷାର ସବୁ ସ୍ତରରେ ବ୍ୟକ୍ତିଗତ ଉତ୍କର୍ଷ ପ୍ରତି ଅଧିକ ଧ୍ୟାନ ଦିଆଯାଉଛି । ପାଠ୍ୟ ବିଷୟ ଅଧ୍ୟୟନ, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଦ୍ୱାରା ଏହା ସାଧନ କରାଯାଉଛି । ଏପରି ଏକତରଫା ଧ୍ୟାନ ନ ଦେଇ

ସାମାଜିକ ପରିବେଶରେ ବ୍ୟକ୍ତିତ୍ୱର ବିକାଶ କରିବା ପାଇଁ ଦଳଗତ କାର୍ଯ୍ୟ, ଯୌଥ ଆଲୋଚନା, ଦଳଗତ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦେବା ଉଚିତ । ଏହାମଧ୍ୟ ମାନବିକତା ବିକାଶର ଅନ୍ୟ ଏକ ଦିଗ ହେବ । "ମିତ୍ରସ୍ୟାହଂ ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷେ, ମିତ୍ରସ୍ୟ ଚକ୍ଷୁଷା ସମୀକ୍ଷାମହେ ।" ସମସ୍ତ ପ୍ରାଣୀଙ୍କୁ ମିତ୍ର ଚକ୍ଷୁରେ ଆମେ ଦେଖିବା, ମିତ୍ର ଚକ୍ଷୁରେ ମଧ୍ୟ ସେମାନଙ୍କୁ ସମାଲୋଚନା କରିବା । ଏହାହିଁ ହେବ ସଂହତି ଓ ସେଥିରୁ ହେବ ଜାତୀୟ ମମତା, ବିଶ୍ୱଜନ ପ୍ରୀତି" । ବସୁଧୈବ କୁଟୁମ୍ବକମ୍ ମଧ୍ୟ । ବସ୍ତୁତଃ ଆମେମାନେ ଜାତୀୟ ମନୋଭାବାପନ୍ନ ହେବା ସଙ୍ଗେସଙ୍ଗେ ସହଜରେ ଆନ୍ତର୍ଜାତିକ ହୋଇ ପାରିବା । ଏଥିମଧ୍ୟରେ ବିରୋଧ ରହିବ ନାହିଁ । ଭାଷା, ଭୂଗୋଳ, ଇତିହାସ, ସମାଜବିଜ୍ଞାନ, ବିଜ୍ଞାନ ଆଦି ପାଠ୍ୟ ବିଷୟର ଶିକ୍ଷା ମାଧ୍ୟମରେ ଆମ ଦୃଷ୍ଟି ଓ ଦିଗ୍‌ବଳୟ କ୍ରମେ ବିସ୍ଫାରିତ ହୋଇଯିବ । ଆମ କ୍ଷୁଦ୍ର ପରିବାରର ସୀମା ବଢିବଢି ଯାଇ ଆମ ମନ ମଧ୍ୟରେ ବିଶ୍ୱ ପରିବାରର ଚିନ୍ତା ସ୍ଥାନ ପାଇବ ।

ଏପରି ସ୍ଥଳରେ ସଂକୀର୍ଣ୍ଣତା ସର୍ବତୋଭାବରେ ପରିହାର କରିବାକୁ ପଡ଼ିବ ଏହା ମାନବିକତାର ପରିପନ୍ଥୀ । ଏହାକୁ ବର୍ଜନ କରିବା ପାଇଁ ସକଳ ନୀତି ଶାସ୍ତ୍ରରେ ପରାମର୍ଶ ଦିଆଯାଇଛି । ସମାଜ ବିଜ୍ଞାନୀମାନେ ମଧ୍ୟ ଏହାକୁ ସମର୍ଥନ କରନ୍ତି ନାହିଁ । "ମୋ ପାଇଁ ମୁଁ ମୋର ସବୁକିଛି", ଏହି ମନୋଭାବ ଘୋର ବିପର୍ଯ୍ୟୟର କାରଣ । ଏହା ଯୁଗେ ଯୁଗେ ପ୍ରମାଣିତ ହୋଇ ଅଛି । ଏହି ସଂକୀର୍ଣ୍ଣତା ଅହମିକା ନାମରେ ପରିଚିତ । ଏହାହିଁ ଲଘୁଚେତାମାନଙ୍କର ଲକ୍ଷଣ । "ଉଦାରଚରିତାନାମ୍ତୁ ବସୁଧୈବ କୁଟୁମ୍ବକମ୍" । ବେଦାନ୍ତ ଯୁଗରୁ ଏପର୍ଯ୍ୟନ୍ତ ସାଧୁସନ୍ଥମାନେ ଏହି ଜୀବନଯାପନ କରିଛନ୍ତି । ଏଥିପାଇଁ ସେମାନେ ଜୀବନଧାରଣ କରିଛନ୍ତି । ଏହାହିଁ ଆମ ଭାରତୀୟ ପରମ୍ପରା ଓ ସଂସ୍କୃତିର ଚିରନ୍ତନ ମୂଲ୍ୟବୋଧ । ଆଧୁନିକ ପରିଭାଷାରେ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ନାମରେ ଅଭିହିତ । ନିଜେ ବଞ୍ଚି ଅନ୍ୟମାନଙ୍କୁ ବଞ୍ଚାଇବା (Live and let live) ହେଉଛି ଏହାର ମୂଳ କଥା । ପରିବାର, ପାଠଶାଳା ଓ ସମାଜରେ ଏହାର ପ୍ରୟୋଗ ପାଇଁ ସମସ୍ତ ସୁଯୋଗ ଦିଆଯିବ । ପରସ୍ପର ସହଯୋଗିତା, ସହାବସ୍ଥାନ ଓ ସହନଶୀଳତାର ଧ୍ୟାନ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତଙ୍କର ରହିବ । ଏହା କଲେ ଆମେ ପଶୁଭାବାପନ୍ନ ବ୍ୟକ୍ତି ହେବା ପରିବର୍ତ୍ତେ ଦେବଦୁର୍ଲ୍ଲଭ ଭାରତୀୟ ଓ ବିଶ୍ୱବନ୍ଦନୀୟ ମାନବ ହୋଇପାରିବା । ଶିକ୍ଷାୟତନର ସମସ୍ତ ସ୍ତରରେ ଓ ସକଳ ବିଭାଗରେ ଏହାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଅତଏବ ଜାତୀୟ ସଂହତି ପାଇଁ ଶିକ୍ଷା ହେଉଛି ମାନବିକ ଶିକ୍ଷା ଓ ମାନବିକତା ପାଇଁ ଶିକ୍ଷା ।

ଅନେକ ସମୟରେ ଦାବୀ ଓ ଦାୟିତ୍ୱ ମଧ୍ୟରେ ସମନ୍ୱିତ ସଂପର୍କ ସ୍ଥାପନ କରି ନ ପାରି କଣା ମନୁଷ୍ୟ ପରି ବାଟବଣା ହୋଇ ଅଧିକାରକୁ ଅଗ୍ରାଧିକାର ଦେଇ ଆମେ କର୍ତ୍ତବ୍ୟରେ ଅବହେଳା କରୁ । ଦେଶର ଘୋର କ୍ଷତି ସାଧନ କରୁ । ସର୍ବତ୍ର ଅରାଜକତା, ହିଂସା ଓ ଧନଜୀବନର ହାନି ଘଟାଉ ଥାଉଁ । ଆତଙ୍କବାଦ ଖେଳିଯାଏ । ଏହା ଫଳରେ ଶାନ୍ତି, ପ୍ରଗତି ଓ ସମୃଦ୍ଧି ବ୍ୟକ୍ତି ତଥା ସମାଜ ଜୀବନରେ ସମ୍ଭବ ହୋଇପାରେ ନାହିଁ । ସଂପୂର୍ଣ୍ଣ ଭାବରେ କର୍ତ୍ତବ୍ୟ ବିମୁଖ ହୋଇ ଅଧିକାର ସର୍ବସ୍ୱ ହେବା ଯାହା, ସ୍ୱାର୍ଥାନ୍ଧ ହେବା ତାହା । ସ୍ୱାର୍ଥାନ୍ଧ ପ୍ରାଣୀ କେବେ ହେଁ ସାମାଜିକ ହୋଇ ପାରିବେ ନାହିଁ । ପକ୍ଷାନ୍ତରରେ ସମାଜର ପ୍ରାଣୀ କେବେ ହେଁ ବ୍ୟକ୍ତିଦ୍ୱୀପ ସୃଷ୍ଟି କରି ପାରିବେ ନାହିଁ ପ୍ରତ୍ୟେକ ବ୍ୟକ୍ତି ଯେ ମାନବ ସୃଷ୍ଟିର ଅବିଚ୍ଛିନ୍ନ ଅଂଶ ବିଶେଷ, ଏହା ସୃଷ୍ଟିର ଚରମ ଓ ପରମ ସତ୍ୟ । ତେଣୁ ଅଧିକାର ସହିତ ଦାୟିତ୍ୱ ସଂଶ୍ଳିଷ୍ଟ । ମିଳିତ ଜାତିସଂଘର ମାନବିକ ଅଧିକାର ଘୋଷଣାନାମାରେ ମହାତ୍ମା ଗାନ୍ଧୀଙ୍କ ଉଦାହରଣ ଓ ଉକ୍ତି ସହ ସାବ୍ୟସ୍ତ କରାଯାଇ ଅଛି । ଏହାହିଁ ଭାରତୀୟ ଭାବନା ଓ ଭାରତୀୟତା । ଏହା ମଧ୍ୟ ଯୁଗ ଯୁଗର ଭାରତୀୟ ଜୀବନସ୍ରୋତ । ଗାଁଗହଳରେ ଜନଜୀବନରେ ଓ ତଥାକଥିତ ପାଠପଢ଼ାରୁ ବଞ୍ଚିତ ଜନନୀ ହୃଦୟରେ ଏହି ସ୍ରୋତ ଚିର ପ୍ରବହମାନ । । ଅନାବିଳ ମାତୃସ୍ନେହ ଓ ଭାତୃତ୍ୱରେ ଏହା ପ୍ରକାଶ ପାଏ । ପରୀକ୍ଷା କୈନ୍ଦ୍ରିକ ଶିକ୍ଷାପଦ୍ଧତି, ପ୍ରତିଦ୍ୱନ୍ଦ୍ୱିତାମୂଳକ ସମାଜ ବ୍ୟବସ୍ଥା ଓ କ୍ଷମତାଲୋଭୀ ସର୍ବଗ୍ରାସୀ ରାଜନୈତିକ ଚିନ୍ତାଧାରା ଫଳରେ ଏହି ସ୍ରୋତଟି କ୍ରମେ କ୍ଷୀଣ ଓ ଲୁକ୍କାୟିତ ହୋଇଯାଉଛି । ଏହାର ପରିବର୍ତ୍ତନକରି ଶିକ୍ଷା, ସମାଜ ଓ ରାଜନୀତିକୁ ଏହି ସ୍ରୋତ ଦ୍ୱାରା ସୁଜଳା, ସୁଫଳା, ଶସ୍ୟଶ୍ୟାମଳା କରିବାକୁ ପଡ଼ିବ । ତାହାହେଲେ ଏହି ବୃହତ୍ତର ପରିପ୍ରେକ୍ଷୀରେ ଦାବୀ ଓ ଦାୟିତ୍ୱର ପ୍ରଶ୍ନ ପୌରନୀତି (Civics) ପାଠର ଅଳ୍ପ କେତୋଟି ପୃଷ୍ଠାରେ ସରିବାର ବିଷୟ ନହୋଇ ଶିକ୍ଷାର ସମସ୍ତ ସ୍ତର ଓ ଆସ୍ତରର ଉପଜୀବ୍ୟ ହୋଇ ରହିବ । ଏହାଛଡ଼ା ବ୍ୟକ୍ତିର ଗାରିମା ଓ ରାଷ୍ଟ୍ରର ଅଖଣ୍ଡତା ପାଇଁ ଆମେମାନେ ଅଙ୍ଗୀକାରବଦ୍ଧ । ଏହି ଉଭୟର ଯୁଗପତ୍ ପ୍ରକାଶ ଆମମାନଙ୍କର ଜୀବନବ୍ୟାପୀ ଧ୍ୟେୟ ସକଳ ସ୍ତରରେ ହୋଇ ରହିବା ଉଚିତ ।

ଅଧିକାର ପ୍ରତି ଅବାଞ୍ଛିତ ଓ ମାତ୍ରାଧିକ ଅଗ୍ରାଧିକାର ପ୍ରକାଶ କରି ଆମେମାନେ ଅନେକ ପ୍ରକାର ଜାତୀୟ ସଂପତ୍ତିର କ୍ଷୟ କରି ପକାଉଁ । ଜଙ୍ଗଲ ଉଜୁଡ଼ି ଯାଏ । ଶିକ୍ଷାଳୟ ଓ ପୁସ୍ତକାଳୟ ପୋଡ଼ି ପାଉଁଶ ହୁଏ । ପରିବହନ ପଥ ଓ ସାମଗ୍ରୀର ଅପବ୍ୟବହାର କରାଯାଏ । କହିବାର ଅଧିକାରକୁ ଏପରି ଜାହିର କରାଯାଏ ଯେ ଏହା ଝିମିଟି ଖେଳରୁ ମହାଭାରତ ଯୁଦ୍ଧରେ ପରିଣତ ହୋଇ ଧନ ଜୀବନ ଲୁଣ୍ଠିତ ହୁଏ । ଏ ଦେଶ ଆମର ଓ ଏହିସବୁ ଜାତୀୟ ସଂପତ୍ତି ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର । ଏହାକୁ କାର୍ଯ୍ୟକାରୀ କରିବାକୁ ହେବ । ଏଥିରେ ମତାନ୍ଧତା ଓ ଧର୍ମାନ୍ଧତାର ସ୍ଥାନ ନାହିଁ । ଅଛି ବନ୍ଧୁତା, ସ୍ନେହ ଓ ସମ୍ମାନ । ଏ ସବୁ ମଧ୍ୟ ମାନବିକତା । ଆମେ ଭଲ ମନୁଷ୍ୟ ହୋଇ ପାରିଲେ, ଭଲ କୋଟୀର ଭାରତୀୟ ତଥା ବିଶ୍ୱବନ୍ଧୁ ହୋଇ ପାରିବା । ତେଣୁ ମାନବିକତାର ଶିକ୍ଷା ହେଉଛି ସଂହତିର ଶିକ୍ଷା । ଏହା ଜାତୀୟ ସଂହତି ଓ ବିଶ୍ୱ ସଂହତି ।

ଏଠାରେ ଏହା ସ୍ମରଣ କରିବାର କଥା ଯେ ପାଠାୟତନର ପବିତ୍ରତା ସର୍ବଥା ଲକ୍ଷ୍ୟ କରିବାକୁ ପଡ଼ିବ । ବିଧିବିଧାନ ଭିତ୍ତିରେ


ସକଳ କଳଙ୍କିତ ଶକ୍ତି ଏଠି ମଧ୍ୟରେ ଅନୁପ୍ରବେଶରୁ ଛାନ୍ତ ରହିବେ । ତେବେ ଶିକ୍ଷାଳୟ ସର୍ବଦା ଅଧ୍ୟାପନା, ଅଧ୍ୟୟନ, ଅଧ୍ୟବସାୟ, ଓ କଠିନ ସାଧନାର ପୀଠ ହୋଇରହିବ । ଗାନ୍ଧୀ ପ୍ରବର୍ତ୍ତିତ ଓ ଓ ମୌଳିକ ଶିକ୍ଷାରେ ଅନୁସୃତ ସମୂହ ଜୀବନଯାପନର ଧାରା (Community Living) ସମସ୍ତ ଶିକ୍ଷାଳୟର ଅଙ୍ଗ ହୋଇ ରହିବ । ବିଶେଷ କରି ବିଭିନ୍ନ ଧର୍ମ, ଧର୍ମଗୁରୁ ଓ ଧର୍ମଶାସ୍ତ୍ରର ସାରସତ୍ୟ ବୁଝିବା ପାଇଁ ସର୍ବଧର୍ମ ପ୍ରାର୍ଥନାର ଅଭ୍ୟାସ କରାଯିବ । ସମୟ ସମୟରେ ଅଭିଭାବକ ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଯୋଗ ଦେବା ପାଇଁ ଉତ୍ସାହିତ କରାଯିବ । ମୌଳିକ ଶିକ୍ଷାଭିମୁଖୀ କାର୍ଯ୍ୟକ୍ରମର ପ୍ରବର୍ତ୍ତନ ପାଇଁ ୧୯୫୨-୫୩ରୁ ଦୁଇ ତିନି ବର୍ଷ ଆମ ରାଜ୍ୟରେ ନାନା ପ୍ରକାର ବ୍ୟବସ୍ଥା କରାଯାଇଥିଲା । ତନ୍ମଧ୍ୟରେ ଭ୍ରାମ୍ୟମାଣ ତାଲିମ ଶିବିର (Mobile Training squad) ଥିଲା ଅନ୍ୟତମ । ବିଭିନ୍ନତା ମଧ୍ୟରେ ଏକାତ୍ମତାର ବିକାଶ ପାଇଁ ଏହା ଏକାନ୍ତ ସହାୟକ ହୋଇଥିଲା । ଅବଶ୍ୟ କେତେକ କ୍ଷେତ୍ରରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନିଜକୁ ପବିତ୍ର କରିବାର ଉଦାହରଣ ଦୃଷ୍ଟିକୁ ଆସିଛି । କିନ୍ତୁ ଏହା ନିନ୍ଦନୀୟ । ଆମ ଶିକ୍ଷାୟତନଗୁଡ଼ିକରେ ଆମ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଏ ଯାଏ ମୁଖ୍ୟତଃ ଏକ ନିର୍ଦ୍ଦିଷ୍ଟ ଦିଗଆଡ଼କୁ ଝୁଙ୍କି ରହିଛି । ଅନ୍ୟ ରାଜ୍ୟ, ଭାଷା ଓ ସଂପ୍ରଦାୟର ଶିକ୍ଷାର୍ଥୀ ଆମ ଅନୁଷ୍ଠାନଭୁକ୍ତ ହୋଇଥିଲେ ହେଁ କାର୍ଯ୍ୟକ୍ରମଗୁଡ଼ିକ ସର୍ବଭାରତୀୟ ଚରିତ୍ର ଗ୍ରହଣ କରି ପାରିନାହିଁ । ରେଳ ପ୍ରଭୃତି ପରିବହନର ବ୍ୟବସ୍ଥା, ଦର୍ଶନୀୟ ସ୍ଥାନର ଗୁରୁତ୍ୱ, ଜୀବିକାର୍ଜନର ସୁଯୋଗ ଆଦି ହେତୁରୁ ଲୋକମାନଙ୍କର ଯାତାୟାତ ଓ ବସତି ସ୍ଥାପନରେ ଗତିଶୀଳତା ପରିଲକ୍ଷିତ ହେଉଅଛି ଏପରି ସ୍ଥଳେରେ ଆମ ଶିକ୍ଷାୟତନଗୁଡ଼ିକ ନିଜ ନିଜ ସ୍ୱରୂପ ଚିତ୍ରଣ ସାଜସଜ୍ଜା, ପାଠ୍ୟକ୍ରମ, ରୂପରେଖ, ପାଠୋତ୍ତର ବ୍ୟବସ୍ଥା ଆଦିରେ ଅଧିକ ଭାରତୀୟ ଅଭିମୁଖ୍ୟ ଗ୍ରହଣ କରିବା ଉଚିତ୍ ।

ଜାତୀୟ ସ୍ତରରେ ଭାବଗତ ସମନ୍ୱୟ ସମିତି (Emotional Integration Committee) ଜାତୀୟ ସଂହତିର ବିକାଶ ପାଇଁ କେତେକ ଶିକ୍ଷାଗତ ପ୍ରସ୍ତାବ ସୁପାରିଶ୍ କରିଛନ୍ତି । ଜାତି, ଧର୍ମ, ସଂସ୍କୃତି ଓ ରାଜନୀତି ନିର୍ବିଶେଷରେ ଦେଶବାସୀଙ୍କୁ ଏକତାବଦ୍ଧ କରିବା ପାଇଁ ଏ ସବୁ କାର୍ଯ୍ୟକାରୀ କରିବା ଉଚିତ୍ । ଅଧୁନା ମଧ୍ୟ ଜାତୀୟ ସଂହତି ପରିଷଦର ଶଙ୍କରେନ୍ଦ୍ରଚନ୍ଦ୍ରଙ୍କର ଉପସମିତି (୧୯୬୮) ସୁପାରିଶ କରିଛନ୍ତି, ପ୍ରାକ୍ ପ୍ରାଥମିକ ବିଦ୍ୟାଳୟ ସ୍ତରଠାରୁ ଉଚ୍ଚାଧ୍ୟୟନର ଶ୍ରେଣୀ ସ୍ତର ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଶିକ୍ଷା ଏପରି ଢଙ୍ଗରେ ପ୍ରତିଷ୍ଠିତ ହେବ ଯଦ୍ୱାରା ଏହା (କ) ସଂହତି, ଐକ୍ୟ ଓ ଭାରତୀୟ ଭାବ ସୃଷ୍ଟି କରିବାରେ ସାହାଯ୍ୟ କରିପାରିବ, (ଖ) ଗଣତନ୍ତ୍ରର ନୀତିଗୁଡ଼ିକରେ ଆସ୍ଥାସ୍ଥାପନ କରିବ ଓ (ଗ) ଆଧୁନିକ ସମାଜ ସୃଷ୍ଟି କରିବାରେ ସାହାଯ୍ୟ କରିବ । ଶିକ୍ଷାର ସ୍ତର ଅନୁସାରେ ଏହାର ପୁନଃ ବିନ୍ୟାସ କରିବାରେ ସୁଦ୍ଧର ପାର୍ଥକ୍ୟ ରହିବ । କିନ୍ତୁ ଜାତୀୟ ସଂହତି ଦୃଷ୍ଟିରୁ ଏହି ପୁନଃ ବିନ୍ୟାସ ଏକାନ୍ତ ଆବଶ୍ୟକ ।

ଅଜ୍ଞାନ ଅନ୍ଧକାର ଦୂର କରି ଶିକ୍ଷା ଜ୍ଞାନାଲୋକ ବିସ୍ତାର କରେ । ସେଥିପାଇଁ କୁହାଯାଏ, "ଜ୍ଞାନାଞ୍ଜନଶଲାକୟା ଚକ୍ଷୁରୁନ୍ମୀଳିତଂ ଯେନ" ସେ ଗୁରୁ । ବସ୍ତୁତଃ ନିଜ ବିଷୟରେ ତଥା ନିଜ ସଂପର୍କରେ ସଚରାଚର ସଂସାର ସମ୍ବନ୍ଧରେ ଜ୍ଞାନ ଫିଟାଇ ଦିଏ ବିଦ୍ୟା ଓ ଆତ୍ମସାକ୍ଷାତ୍କାରର ସାଧନା ଜାତ ହୁଏ । ଏପରି ବିଦ୍ୟାଦ୍ୱାରା ନିଜ ପର ମଧ୍ୟରେ ପ୍ରାଚୀର ରହେ ନାହିଁ । "ଜୟ ଜଗତ୍, ଜୟ ଭାରତ"ର ସାଧନା କରିବାକୁ ପଡ଼େ । ଏହି ଆତ୍ମବିଦ୍ୟା ସହିତ ବିଜ୍ଞାନ, ଗଣିତ, ଭୂଗୋଳ, ଭାଷା, ସାହିତ୍ୟ ପ୍ରଭୃତି ଶିକ୍ଷା ଦିଆଗଲେ ମଧ୍ୟ ସମଦୃଷ୍ଟି ଓ ସମଜ୍ଞାନଜାତ ହୁଏ । "ସମତ୍ୱଂ ଯୋଗ ଉଚ୍ୟତେ" । ଏପରି ଯୋଗାରୂଢ଼ ବ୍ୟକ୍ତି ପକ୍ଷରେ ସଂହତି ସହଜସାଧ୍ୟ ହୋଇଯାଏ ।


ବସ୍ତୁତଃ ଶିକ୍ଷା ହିଁ ଏକ ମାନବିକ ପ୍ରକ୍ରିୟା ଓ ଏହା ମାନବର କୈନ୍ଦ୍ରିକ ହୋଇଥିବାରୁ ମାନବିକତାର ବିକାଶ ହେଉଛି ଏହାର ଧ୍ୟେୟ । ତେଣୁ ମାନବ ହୃଦୟରେ ସଂହତିର ସଞ୍ଚାର ପାଇଁ ଏହା ଏକ ସମର୍ଥ ଆୟୁଧ । ବିଶ୍ୱର ବିଭିନ୍ନ ସଂପ୍ରଦାୟ ପାଇଁ ଉପାସନା ମନ୍ଦିର ରହିଛି । ଏହା ସଂପୃକ୍ତ ଉପାସକଙ୍କ ପାଇଁ ଉନ୍ମୁକ୍ତ । ଅନେକେ କହନ୍ତି, ସେହିସବୁ ମନ୍ଦିର ଈଶ୍ୱର ଉପାସନା ପରିବର୍ତ୍ତେ ମନ୍ଦିର ପ୍ରତିମା ପୂଜାର ପୀଠ ରୂପେ ପୂଜ୍ୟ । କିନ୍ତୁ ଶିକ୍ଷାଳୟ ହେଉଛି ଏପରି ଏକ ବିଦ୍ୟା ମନ୍ଦିର ଯାହାକି ସମଗ୍ର ବିଶ୍ୱର ସବୁ ସଂପ୍ରଦାୟର ଲୋକଙ୍କ ପାଇଁ ଉନ୍ମୁକ୍ତ ଓ ସେଠି ପ୍ରତିଭା ତଥା ଆତ୍ମଶକ୍ତିର ବିକାଶ ଘଟେ । ସଂପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କର ଅବାଧ ପ୍ରବେଶାଧିକାର ରହିଛି । ଏହା ବ୍ୟତୀତ ସଂହତିର ବୀଜ ସମସ୍ତଙ୍କ ହୃଦୟରେ ବୁଣାଯାଇ ପାରେ । ସଂହତିର ବିକାଶ ମାନବ ହୃଦୟରେ ଜନ୍ମେ । ତେଣୁ ଶିକ୍ଷା ହେଉଛି ସଂହତିର ବିକାଶ ପାଇଁ ଅତି ପ୍ରଶସ୍ତ ଓ ଅମୋଘ ଆୟୁଧ । କିନ୍ତୁ ଆମ ଦେଶରେ ଶିକ୍ଷାର ବିକାଶ ଆଶାନୁରୂପ ଭାବରେ ହୋଇପାରିନାହିଁ । ଶିକ୍ଷାଳୟରେ ସମସ୍ତେ ଓ ସମସ୍ତଙ୍କ ଆନୟରେ ଶିକ୍ଷା ପ୍ରବେଶ ଲାଭ କରିପାରି ନାହାନ୍ତି । ଶିକ୍ଷାର ଗୁଣାତ୍ମକ ବିକାଶ ଘଟି ନାହିଁ । ଅନେକେ ଲୋକ ଶିକ୍ଷା ସୁଯୋଗରୁ ବଞ୍ଚିତ । ଶିକ୍ଷା ପ୍ରତ୍ୟେକ ନାଗରିକଙ୍କ ପାଇଁ ଜୀବନ ବ୍ୟାପୀ ହୋଇ ପାରି ନାହିଁ କିମ୍ବା ପ୍ରତ୍ୟେକଙ୍କ ପାଇଁ ସର୍ବୋତ୍ତମ ଶିକ୍ଷାର ବ୍ୟବସ୍ଥା କରାଯାଇ ପାରି ନାହିଁ । ଆବଶ୍ୟକତା ତୁଳନାରେ ବ୍ୟୟବରାଦ ମଧ୍ୟ ଆଶାନୁରୂପ ନୁହେଁ । ଶିକ୍ଷାର ଗୁଣ ଓ ମାନ ବିଷୟରେ ସାମାଜିକ ସଚେତନତା ଯେତେ ହେବାର କଥା, ତାହା ହୋଇ ପାରିନାହିଁ । ସେହି ଅନୁପାତରେ ଏହି ସାଧନର ପରିସର ପର୍ଯ୍ୟାପ୍ତତା ସୀମିତ ହୋଇଯାଏ । ଅବଶ୍ୟ ମାନବିକତା ସଂହତି ପ୍ରତି ଧ୍ୟାନ ରଖିଲେ କେତେକାଂଶରେ ଗୁଣାତ୍ମକ ଦିଗ ଦିଗରେ କାର୍ଯ୍ୟ କରାଯାଇ ପାରେ ।

ଶହୀଦ ନଗର,
ଭୁବନେଶ୍ୱର ।







ଭ୍ରାମ୍ୟମାଣ ବିଜ୍ଞାନଶାଳା ପ୍ରଦର୍ଶନୀ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ • •




ବରି ଅଣ୍ଡରେଡିକା ଆସୋସିଏସନ୍ ଉଦ୍‌ଘାଟନ ଉତ୍ସବରେ ଶ୍ରୀ ସ୍କୁଲ • • • •






• • କଟକରେ ନବନିର୍ମିତ ଜବାହର ଲାଲ୍
ଇନଡୋର ଷ୍ଟାଡିୟମ୍ ଉଦ୍‌ଘାଟନ • •



• ଯାଜପୁର
ଗୁରୁକୁଳ •



ଗୋପାଳପୁର ବନ୍ଦର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ••




•• ଢେଙ୍କାନାଳରେ ସଂହତି ଦିବସ ପାଳନ ••






ଫେବୃଆରୀ ୨୩ ବିଧାନସଭାର ଅଧିବେଶନ ପରେ ରାଜ୍ୟପାଳ ଶ୍ରୀ ପାଣ୍ଡେ ...



୧୯୮୭-୮୮
ବଜେଟ୍ ଉପସ୍ଥାପନା ପାଇଁ




ଦକ୍ଷିଣ ଓଡ଼ିଶା କ୍ଷୁଦ୍ର ଶିଳ୍ପ ଆଲୋଚନା ଚକ୍ର ଉଦଘାଟନ ଉତ୍ସବ ।



ମହାନଦୀ-ବିରୁପା ବ୍ୟାରେଜ ନିର୍ମାଣ ସ୍ଥଳୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ..



ଅଲେଖି ବାବାଙ୍କ ପ୍ରତିଷ୍ଠା ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଉଦବୋଧନ ..



ଅଶୋକ ଜୈନ, ପୁରସ୍କାର ବିତରଣ (ଜାର୍ମାନ୍ ଚିତ୍ରାଙ୍କ ରେଖା ପ୍ରଦର୍ଶନୀ)



ମେଳା ଆଶ୍ରମ ସ୍କୁଲ ପୁରସ୍କାର ବିତରଣ ଉତ୍ସବ ...




ପୁସ୍ତକ ପ୍ରଦର୍ଶନୀ ୧୯୮୩.




WEL COME R.I. PRESIDENT M.A.T. CAPARAS
INTERDISTRICT INTERCITY MEETING

ସୁନ୍ଦରପୁର ଗୁଣ୍ଡିଚାର
ଭିତ୍ତିପ୍ରସ୍ତର ସ୍ଥାପନ ...





ଭୁବନେଶ୍ୱର ସାଧୁବାବା ମଠରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ (୫.୨.୮୪)..



ମାଧ୍ୟମିକ ବୋର୍ଡ ବାର୍ଷିକ ଉତ୍ସବରେ ଶିକ୍ଷାମନ୍ତ୍ରୀଙ୍କ ଉଦ୍‌ବୋଧନ ...

# ସ୍ୱତନ୍ତ୍ର ପ୍ରଦେଶ ଗଠନରେ ରାଜା ବୈକୁଣ୍ଠନାଥ

ଡକ୍ଟର ଜଗନ୍ନାଥ ପଟ୍ଟନାୟକ

୧୯୩୬ ମସିହା ଏପ୍ରିଲ ପହିଲାଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ମୂଳରେ ବହୁ ବ୍ୟକ୍ତି ଓ ଅନୁଷ୍ଠାନର ଆନ୍ତରିକ ପ୍ରଚେଷ୍ଟା ଓ ଅବଦାନ ନିହିତ । ତନ୍ମଧ୍ୟରୁ ଅନେକ ବ୍ୟକ୍ତିଙ୍କର ମହାର୍ଘ୍ୟ ଅବଦାନ ଉଲ୍ଲେଖଯୋଗ୍ୟ । ଅବଶ୍ୟ ଏହା ସହିତ ସେ ପ୍ରତ୍ୟକ୍ଷଭାବେ ଜଡ଼ିତ ନଥିଲେ ମଧ୍ୟ ତା'ର ପୃଷ୍ଠଭୂମି ରଚନା କରିବା ଦିଗରେ ସେ ସହାୟକ ହୋଇଥିଲେ । ସେହି ସୁନାମଧନ୍ୟ ଲବ୍ଧ ପ୍ରତିଷ୍ଠ ବ୍ୟକ୍ତି ଥିଲେ ବାଲେଶ୍ୱର ରାଜା ବୈକୁଣ୍ଠନାଥ ଦେ । ମାତ୍ର ଉକ୍ତ ଘଟଣାର ସ୍ମୃତିଚାରଣ ସମୟରେ ସାଧାରଣତଃ ତାଙ୍କ ଅବଦାନ ସଂପର୍କରେ ଆଲୋଚନା କରାଯାଉନଥାଏ । ତେଣୁ ସେହି ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଉକ୍ତ ନିବନ୍ଧର ଅଭିମୁଖ୍ୟ ।

ରାଜା ବୈକୁଣ୍ଠନାଥ ଦେଙ୍କର ଅବଦାନ ଉପରେ ଆଲୋକପାତ କରିବା ଅବସରରେ ତାଙ୍କର ଜୀବନୀ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଦେବା ଅପ୍ରାସଙ୍ଗିକ ହେବ ନାହିଁ । ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲା ଅନ୍ତର୍ଗତ ଜାହାନାବାଦ ସବଡିଭିଜନର ମାୟାପୁର ଗ୍ରାମରେ ଜନୈକ ଦେ ପରିବାର ପୁରୁଷାନୁକ୍ରମେ ବସବାସ କରି ଆସୁଥିଲେ । ସେମାନଙ୍କ ମଧ୍ୟରୁ ୧୬୪୦ ଖ୍ରୀଷ୍ଟାବ୍ଦରେ ମଧୁସୂଦନ ବାଲେଶ୍ୱରକୁ ସ୍ଥାନାନ୍ତରିତ ହୋଇଥିଲେ । ତାଙ୍କର ତଥା ତାଙ୍କ ଉତ୍ତର ପୁରୁଷଙ୍କର ଜୀବନୀ ସେପରି କିଛି ଘଟଣା ବହୁଳ ନଥିଲା । ମାତ୍ର ତାଙ୍କର ୯ମ ପୁରୁଷରେ ଶ୍ୟାମସୁନ୍ଦର ଦେ ନିଜର ପ୍ରତିଷ୍ଠା ଅର୍ଜନ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ସେତେବେଳେ ସେ ଥିଲେ ଏକ ବିସ୍ତୀର୍ଣ୍ଣ ଜମିଦାରୀର ଅଧିକାରୀ । କଟକ, ବାଲେଶ୍ୱର ଓ ମେଦିନାପୁର ଜିଲ୍ଲାରେ ତାଙ୍କର ୬୨ଟି ଜମିଦାରୀ ରହିଥିଲା । ଏହାର ପରିସୀମା ଥିଲା ଏକଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଆଉ ଏକଲକ୍ଷ ଏକର ଜମି । ତାଙ୍କର ପ୍ରତିଷ୍ଠା ପୋଇଁ ୧୮୭୭ ଖ୍ରୀଷ୍ଟାବ୍ଦରେ ଇଂରେଜ ସରକାର ତାଙ୍କୁ 'ରାଜା' ଉପାଧି ପ୍ରଦାନ କରିଥିଲେ । ବୈକୁଣ୍ଠ ନାଥ ଦେ ଥିଲେ ତାଙ୍କର ପୁତ୍ର ।

ବୈକୁଣ୍ଠନାଥ ଦେଙ୍କର ଜନ୍ମ ୧୮୪୨ ଖ୍ରୀଷ୍ଟାବ୍ଦରେ । ସେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷା ଲାଭ କରିଥିବାର ଜଣାଯାଏ । ଯୌବନାବସ୍ଥାରେ ପଦାର୍ପଣ କରିବା ପରେ ତାଙ୍କ ଠାରେ ଏକ ବଳିଷ୍ଠ ବ୍ୟକ୍ତିତ୍ୱ ନିହିତ ଥିବାର ପରିଚୟ ମିଳିଥିଲା । ତେଣୁ ପରେପରେ ଆରମ୍ଭ ହୋଇଥିଲା ତାଙ୍କର ଘଟଣା ବହୁଳ ଜୀବନ । ତାଙ୍କ ବ୍ୟକ୍ତିତ୍ୱର ପରିଚୟ ପାଇ ତତ୍କାଳୀନ ବାଲେଶ୍ୱର ଜିଲ୍ଲା ମାଜିଷ୍ଟ୍ରେଟ ଜନ ବିମସ ୧୮୭୩ ମସିହା ଫେବୃୟାରୀ ୫ ତାରିଖ ଦିନ ତାଙ୍କୁ ସ୍ପେଶାଲ ଅନରାରି ମାଜିଷ୍ଟ୍ରେଟ ପଦରେ ନିଯୁକ୍ତି ଦେଇଥିଲେ । ତାପରେ ୧୮୭୬ ମସିହାରେ ବାଲେଶ୍ୱର ରୋଡ଼ ସେସ୍ କମିଟିର ସଦସ୍ୟ ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା । ୧୮୭୭ ମସିହାରେ ସେ ବାଲେଶ୍ୱର ପୌର ସଂସଦର ଭାଇସ ଚେୟାରମେନ ଭାବେ ନିର୍ବାଚିତ ହୋଇଥିଲେ । ସେହି ସମୟରେ ସେ ବହୁ ଗଠନମୂଳକ କାର୍ଯ୍ୟଦ୍ୱାରା ନିଜର ମହତ୍ତ୍ୱ ପ୍ରତିପାଦନ କରିଥିବାର ଜଣାଯାଏ । ସେହି ବର୍ଷ ମଧ୍ୟ ସେ ତତ୍କାଳୀନ କମିଶନର ଟମାସ ଏଡ଼ିଜି ରେଭେନସାହଙ୍କ ଠାରୁ ଚିଠି ପାଇ ୧୮୭୭ ମସିହା ଜାନୁୟାରୀ ତା୧ରିଖ ଦିନ ମହାରାଣୀଙ୍କ ଘୋଷଣା ଉପଲକ୍ଷେ କଟକରେ ଆୟୋଜିତ ଦରବାରରେ ସେ ଯୋଗ ଦେଇଥିଲେ । ପୁନଶ୍ଚ ୧୮୮୦ ମସିହା ସେପ୍ଟେମ୍ବର ୨୯ ତାରିଖ ଦିନ ତାଙ୍କୁ ବ୍ରିଟିଶ ଇଣ୍ଡିଆନ ଏସୋସିଏସନର ସଭ୍ୟ ରୂପେ ନିଯୁକ୍ତି ମିଳିଥିଲା । ଏହିପରି ବିଭିନ୍ନ ପଦ ପଦବୀରେ ରହି ନିଜର କୃତିତ୍ୱ ଦ୍ୱାରା ସେ ଉଭୟ ଇଂରେଜ ସରକାର ଓ ଲୋକମାନଙ୍କର ଶ୍ରଦ୍ଧାଭାଜନ ହେବା ପରେ ୧୮୮୩ ଖ୍ରୀଷ୍ଟାବ୍ଦରେ ତାଙ୍କୁ ବଙ୍ଗୀୟ ବ୍ୟବସ୍ଥାପକ ସଭା ( Bengal Legislative Council ) ର ସଭ୍ୟ ରୂପେ ନିଯୁକ୍ତି ମିଳିଥିଲା । ଏହି ମହାନ ଗୌରବର ଅଧିକାରୀ ହେବାରେ ଓଡ଼ିଶାରୁ ସେ ଥିଲେ ପ୍ରଥମ ବ୍ୟକ୍ତି । ସେଥିପାଇଁ ୧୮୮୪ ମସିହା ଏପ୍ରିଲ ୬ ତାରିଖ ଦିନ ବାଲେଶ୍ୱରର ଅଧିବାସୀ ଏକ ବିରାଟ ସାଧାରଣ ସଭାରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇ ତାଙ୍କୁ ଏକ ମାନପତ୍ର ଅର୍ପଣ କରିଥିଲେ । କେବଳ ସେତିକି ନୁହେଁ । ତାଙ୍କର ସଂସ୍କାର

ତଥା ଗଠନମୂଳକ କାର୍ଯ୍ୟ ଓ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ଭାରତର ତତ୍କାଳୀନ ବଡ଼ଲାଟ ଲ୍ୟାନ୍ସଡାଉନ ୧୮୮୯ ମସିହା ଜାନୁୟାରୀ ତା୧ରିଖ ଦିନ ତାଙ୍କୁ 'ରାଜା ବାହାଦୁର' ପଦବୀରେ ଅଳଙ୍କୃତ କରିଥିଲେ । ୧୮୯୧ ମସିହାରେ ବାଲେଶ୍ୱର ପୌର ସଭାର ଚେୟାରମେନ ଭାବେ ନିର୍ବାଚିତ ହୋଇ ସେ ଉକ୍ତ ପଦରେ ୩ ବର୍ଷ କାର୍ଯ୍ୟ କରିଥିଲେ । ସେ ମଧ୍ୟ କଟକଠାରେ ପ୍ରତିଷ୍ଠିତ (Orissa Land owners Association) ୧୮୯୫ ଖ୍ରୀଷ୍ଟାବ୍ଦଠାରୁ ସଭାପତି ଓ ୧୮୯୦ଠାରୁ Balasore Land Association)ର ସଭାପତିଭାବେ କାର୍ଯ୍ୟ କରିଥିଲେ । ଇଂରେଜ ସରକାର ଦ୍ୱାରା ନିମନ୍ତ୍ରିତ ହୋଇ ୧୯୦୩ ମସିହାରେ ସେ ଦିଲ୍ଲୀରେ ଅନୁଷ୍ଠିତ ରାଜସୂୟ ଦରବାରରେ ଯୋଗ ଦେଇଥିଲେ । ଏହାଥିଲା ସଂକ୍ଷେପରେ ରାଜା ବୈକୁଣ୍ଠ ନାଥ ଦେଙ୍କର ଘଟଣା ବହୁଳ ଜୀବନର ଗୋଟିଏ ଦିଗ ।

ଉପରୋକ୍ତ ବିଭିନ୍ନ ପଦ ପଦବୀ ତଥା ସମ୍ମାନର ଅଧିକାରୀ ହୋଇ ମଧ୍ୟ ବହୁ ବ୍ୟକ୍ତିଙ୍କ ପରେ ବୈକୁଣ୍ଠ ନାଥ ଦେ ବିସ୍ମୃତିର କରାଳ ଗର୍ଭରେ ଲୀନ ହୋଇ ଯାଇଥାଆନ୍ତେ, ଯଦି ସମଗ୍ର ଓଡ଼ିଶାବାସୀଙ୍କର ସମୂହ ସ୍ୱାର୍ଥ ରକ୍ଷା ଦିଗରେ ତାଙ୍କର କୌଣସି ଅବଦାନ ନଥାଆନ୍ତା । ମାତ୍ର ଏଦିଗରେ ତାଙ୍କର ଅବଦାନ ଥିଲା ଉଲ୍ଲେଖ ଯୋଗ୍ୟ । ବିଶେଷତଃ ଏକ ସନ୍ଧିସନ୍ଧି ମୁହୂର୍ତ୍ତରେ ଲୋପ ପାଇବସିଥିବା ଓଡ଼ିଆ ଭାଷାକୁ ରକ୍ଷା କରିବା ଓ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାରେ ତାଙ୍କର ମହାର୍ଘ୍ୟ ଅବଦାନ ନିହିତ । ତା'ର ଏକ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ବଙ୍ଗଳା ଓ ମାନ୍ଦ୍ରାଜ ପ୍ରଦେଶରେ ଓଡ଼ିଆ ଭାଷାକୁ ବିଲୋପ କରିବା ପାଇଁ ଏକ ହୀନ ଚକ୍ରାନ୍ତର ସୂତ୍ରପାତ ହୋଇଥିଲା । ଏହାର ସୂତ୍ରଧାର ଥିଲେ ଇଂରେଜ ସରକାରଙ୍କ ଅଧୀନରେ ଥିବା ସଂପୂର୍ଣ୍ଣ ବଂଗୀୟ କର୍ମଚାରୀ । ସେମାନଙ୍କ ସହିତ କେତେକ ବେସରକାରୀ ବ୍ୟକ୍ତି ମଧ୍ୟ ଯୋଗ ଦେଇଥିଲେ । ପ୍ରଥମେ ୧୮୪୯ ମସିହାର ପଶ୍ଚିମ ସର୍କଲର ସ୍କୁଲ ଇନ୍ସପେକ୍ଟର ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ମିଳୁନଥିବାର ଆଳ ଦେଖାଇ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷାରେ ଶିକ୍ଷା ଦାନ ପାଇଁ ମତ ଦେଇଥିଲେ । ପରେ ପରେ ଶିକ୍ଷା ବିଭାଗର ପଦସ୍ଥ କର୍ମଚାରୀମାନେ ଏକ ଧାରଣା କରାଇବା ପାଇଁ ଉଦ୍ୟମ କରିଥିଲେ ଯେ ଓଡ଼ିଆ ଭାଷାଠାରୁ ବଙ୍ଗଳା ଭାଷା ଅଧିକ ପୁରାତନ ଓ ସମୃଦ୍ଧ ଏବଂ ଓଡ଼ିଆ ଭାଷା ବଙ୍ଗଳା ଭାଷାରୁ ହିଁ ଉଦ୍ଭବ । ତେଣୁ ଓଡ଼ିଆ ଭାଷା ବଙ୍ଗଳା ଲିପିରେ ଲେଖା ଯାଇ ପାରିବ । ଏହାର ପ୍ରଥମ ପ୍ରବକ୍ତା ଥିଲେ ଜଣେକ ବଙ୍ଗାଳୀ ଡେପୁଟି ସ୍କୁଲ ଇନସ୍ପେକ୍ଟରର ଉମାଚରଣ ହାଲଦାର । ସେ ୧୮୬୪ ମସିହାରେ କଟକରୁ ପ୍ରକାଶ ପାଉଥିବା 'ଷ୍ଟାର' ପତ୍ରିକାରେ ଏ ବିଷୟରେ ଲେଖାଟି ପ୍ରକାଶ କରି ଉପରୋକ୍ତ ମତ ବ୍ୟକ୍ତ କରିଥିଲେ । ତତ୍କାଳୀନ କଟକ ସର୍କଲ ସ୍କୁଲ ଇନସପେକ୍ଟରଙ୍କ ଉଇଁଟସେରୀ ମଧ୍ୟ ଏହା ସପକ୍ଷରେ ଯୁକ୍ତି ବାଢ଼ି କଟକର ଜିଲ୍ଲା କଲେକ୍ଟରଙ୍କୁ ପ୍ରଭାବିତ କରିଥିଲେ ।

ତାଙ୍କର ପ୍ରଧାନ ଯୁକ୍ତି ଥିଲା ଯେ ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକର ଅଭାବ ପାଇଁ ଓଡ଼ିଆଭାଷା ପରିବର୍ତ୍ତେ ବଙ୍ଗଳା ଭାଷାରେ ଶିକ୍ଷା ଦାନ କରାଯିବା ଉଚିତ । ମାତ୍ର ଏ ଦିଗରେ ସେତେବେଳେ ଇଛାକରି କୌଣସି ପଦକ୍ଷେପ ଯେ ଗ୍ରହଣ କରାଯାଇନଥିଲା, ଏଥିରେ ସନ୍ଦେହ ନାହିଁ । ସେ ଯାହାହେଉ ଏ ବିଷୟରେ କିଛି ଅନୁସନ୍ଧାନ ନକରି ଜିଲ୍ଲା କଲେକ୍ଟର ପ୍ରାଥମିକ ପଦକ୍ଷେପ ସ୍ୱରୂପ ୧୮୬୪-୬୫ ଖ୍ରୀଷ୍ଟାବ୍ଦରେ କେନ୍ଦ୍ରାପଡ଼ା ସମେତ ଓଡ଼ିଶାର ସ୍ୱଳ୍ପ କେତୋଟି ବିଦ୍ୟାଳୟରେ ବଙ୍ଗଳା ଭାଷାରେ ଶିକ୍ଷା ଦିଆଯିବ ବୋଲି ଏକ ଘୋଷଣା ଜାରୀ କରିଥିଲେ । ଏହା ଜାଣି ବୈକୁଣ୍ଠନାଥ ଦେ ବିଶେଷ ଭାବେ ମର୍ମାହତ ହୋଇଥିଲେ । ତେଣୁ ଉପରୋକ୍ତ ଯୁକ୍ତିପୂର୍ଣ୍ଣ ଖଣ୍ଡନ କରିବା ପାଇଁ ସେ କେତୋଟି ପଦକ୍ଷେପ ଗ୍ରହଣ କରିଥିଲେ । ପ୍ରଥମେ ୧୮୭୩ ମସିହାରେ ବାଲେଶ୍ୱରରେ 'ଦେ ପ୍ରେସ' ନାମକ ଏକ ଛାପାଖାନା ସ୍ଥାପନ କରି 'ସମ୍ବାଦ ବାହିକା' ନାମକ ଏକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏହାରି ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟ ପରିପୁଷ୍ଟ କରାଇ ବଙ୍ଗଳାଭାଷା ପ୍ରବର୍ତ୍ତନ ବିରୁଦ୍ଧରେ ଜନମତ ସୃଷ୍ଟି କରିବା । ଫଳରେ ଓଡ଼ିଶାରେ ସେତେବେଳେ ଏକ ପ୍ରକାର ବୌଦ୍ଧିକ ଜାଗରଣ ସୃଷ୍ଟି ହୋଇଥିଲା ଓ ଏହାର ଜନେ ସମ୍ବନ୍ଧ ପ୍ରବକ୍ତା ଥିଲେ ବୈକୁଣ୍ଠନାଥ ଦେ । ଏହା ସତ୍ତ୍ୱେ ପଶ୍ଚିମ ସର୍କଲର ସ୍କୁଲ ଇନସ୍ପେକ୍ଟର ଭୂଦେବ ମୁଖାର୍ଜୀ ୧୮୭୯ ମସିହ ଏପ୍ରିଲ ୨୪ ତାରିଖ ଦିନ ବାଲେଶ୍ୱରସ୍ଥିତ ସ୍କୁଲ ସମୂହରେ ବଙ୍ଗ ଭାଷାରେ ଶିକ୍ଷାଦାନ ପଦ୍ଧତିର ଆବଶ୍ୟକତା ରହିଛି ବୋଲି ବ ବୈକୁଣ୍ଠନାଥ ଦେଙ୍କ ପାଖକୁ ଏକ ଚିଠି ଲେଖିଥିଲେ । ଯାହ ସେତେବେଳେ ସେ ଥାଆନ୍ତି ଉପରୋକ୍ତ ସ୍କୁଲ ସମୂହର ପରିଦର୍ଶକ ମାତ୍ର ବୈକୁଣ୍ଠନାଥ ଦେ ଏପରି ଏକ ଚିଠି ପାଇବା ମାତ୍ରେ ତ ଏକ ଦୃଢ଼ ପ୍ରତିବାଦ ଜଣାଇ ତାହା ସେ କରାଇ ଦେବେ ନ ବୋଲି କହି ତାଙ୍କର ମତବ୍ୟକ୍ତ କରି ଇନସପେକ୍ଟରଙ୍କୁ ଜଣ ଦେଇଥିଲେ । କେବଳ ସେତିକି ନୁହେଁ । ୧୮୮୧ ମସିହା ଜାନୁୟ

ମାସରେ ବାଲେଶ୍ୱର ସହରର ବାରବାଟୀଠାରେ ସେ ପ୍ର ଏକ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ । ଏଥି ବିଦ୍ୟାଳୟରେ ପଠନ ପାଇଁ ସେ ନିଜେ ଓଡ଼ିଆ ଭାଷ 'ବାଳିକା ପାଠ' ନାମରେ ଏକ ପୁସ୍ତକ ରଚନା କରିଥି ପୁନଶ୍ଚ ଶ୍ରୀମତୀ ପ୍ରେଙ୍କରଙ୍କର ବାଲେଶ୍ୱର ଆଗମନର ସ୍ମୃତିରେ ବାଳିକା ବିଦ୍ୟାଳୟକୁ ସେ ଏକ ନମୁନା ବିଦ୍ୟାଳୟରେ ପରି କରାଇ ଏଥିରେ ସର୍ବଶ୍ରେଷ୍ଠ କୃତିତ୍ୱ ହାସଲ କରିଥିବା ଛା ଏକ ପୁରସ୍କାର ଦେବା ପାଇଁ ଘୋଷଣା କରିଥିଲେ । ବ୍ୟତୀତ ସେ ଅନ୍ୟ ବହୁବିଦ୍ୟାଳୟ ପ୍ରତିଷ୍ଠାକରି ସେଗୁଡ଼ି ଓଡ଼ିଆ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା ପ୍ରଚଳନ କରିଥି ସେ ମଧ୍ୟ ଓଡ଼ିଆ ଭାଷାରେ ଏକ ମାନଚିତ୍ର ପ୍ରଣୟନ କରି ଏଥିପାଇଁ ୧୮୮୩-୮୪ ଖ୍ରୀଷ୍ଟାବ୍ଦରେ ଅନୁଷ୍ଠିତ ପାଟଣ ପ୍ରଦର୍ଶନୀରେ ଏକ ମେରିଟ ସାର୍ଟିଫିକେଟ ସହ ଭ ସ୍ୱରୂପ ଏକ ବ୍ରୋଞ୍ଜ ପଦକ ତାଙ୍କୁ ପ୍ରଦାନ କରାଯା ଏହା ତତ୍କାଳୀନ ପ୍ରଦର୍ଶନୀ ପରିଚାଳନା କମିଟିର ସ ଭିଲର୍ସ ଥମ୍ପସନ ତାଙ୍କୁ ୧୮୮୪ ମସିହା ଡିସେମ୍ବର ତ ଚିଠିରେ ଜଣାଇ ଦେଇଥିଲେ । ତାଙ୍କର ଏହିସବୁ କୃତି

ବଙ୍ଗୀୟ ବ୍ୟବସ୍ଥାପକ ସଭାର ସଭ୍ୟ ହେବାପରେ ୧୮୮୪ ଖ୍ରୀଷ୍ଟାବ୍ଦ ଏପ୍ରିଲ ୬ ତାରିଖ ଦିନ ବାଲେଶ୍ୱର ନଗରବାସୀ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରି ତାଙ୍କୁ ଏକ ମାନପତ୍ର ପ୍ରଦାନ କରିଥିଲେ । ସେଥିରେ ଲେଖାଥିଲା, "ବୈକୁଣ୍ଠନାଥ ଦେ ବିଦ୍ୟାଳୟ, ମୁଦ୍ରାଯନ୍ତ୍ର ସଂସ୍ଥାପନ ଏବଂ ନାନାବିଧ ପୁସ୍ତକ, ପତ୍ରିକା ଓ ମାନଚିତ୍ର ଆଦି ପ୍ରଚାର ଦ୍ୱାରା ଆପ୍ରାଣ ଶିକ୍ଷା ବିସ୍ତାର ଓ ତହିଁ ସଙ୍ଗେସଙ୍ଗେ ପରାଙ୍ମୁଖ ଓଡ଼ିଆ ସାହିତ୍ୟର ବିଶେଷ ଉନ୍ନତି କରିଛନ୍ତି"। ବାସ୍ତବପକ୍ଷେ ଉପରୋକ୍ତ ପଦକ୍ଷେପ-ଗୁଡ଼ିକ ଗ୍ରହଣ କରି ସେ ଓଡ଼ିଆ ଭାଷାକୁ ବଞ୍ଚାଇବା ସଙ୍ଗେ ସଙ୍ଗେ ଏହାର ମାନବୃଦ୍ଧି କରାଇ ପରୋକ୍ଷରେ ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲେ ।

କେବଳ ସେତିକି ନୁହେଁ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ କରିବା ଦିଗରେ ରାଜା ବୈକୁଣ୍ଠନାଥ ଦେଙ୍କର ଆନ୍ତରିକ ପ୍ରଚେଷ୍ଟା କୌଣସି ଗୁଣରେ ନ୍ୟୁନ ନଥିଲା । ଏହା ସପକ୍ଷରେ ଜନମତ ସୃଷ୍ଟିକରିବା ପାଇଁ ୧୮୭୯ ମସିହାରେ ବାଲେଶ୍ୱର ଜାତୀୟ ସଂସଦ ନାମକ ଏକ ଅନୁଷ୍ଠାନ ଗଠନକରି ୧୮୮୪ ମସିହାରେ ସେ ଏହାର ସଭାପତି ଆସନ ଅଳଙ୍କୃତ କରିଥିଲେ ।

ସେତେବେଳେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଖଣ୍ଡ ବିଖଣ୍ଡିତ ହୋଇ ବିଭିନ୍ନ କର୍ତ୍ତୃପକ୍ଷଙ୍କର ଶାସନାଧୀନ ହୋଇ ରହିଥିଲା । ସେ ସବୁକୁ ଏକ ଶାସନାଧୀନ କରାଇବା ପାଇଁ ପ୍ରଥମେ ସେ ୧୮୭୬ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ତତ୍‌କାଳୀନ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ରିଚାର୍ଡ ଟେମ୍ପଲଙ୍କୁ ଏକ ଦାବୀପତ୍ର ଦେଇଥିଲେ । ମାତ୍ର ସରକାର ସେଥିପ୍ରତି କୌଣସି ଦୃଷ୍ଟି ଦେଇନଥିଲେ । ତଥାପି ବୈକୁଣ୍ଠନାଥ ନିଜ ଉଦ୍ୟମରୁ ବିରତ ହୋଇନଥିଲେ । ପୁନରାୟ ୧୯୦୨ ମସିହା ଡିସେମ୍ବର ୧୫ ତାରିଖ ଦିନ ତତକାଳୀନ ବଡ଼ଲାଟ ଲର୍ଡ କର୍ଜନଙ୍କ ନିକଟରେ ସେ ଏକ ଛାପା ଦାବୀପତ୍ର ଦାଖଲକରି ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ବଙ୍ଗଳାର ଶାସନାଧୀନ କରାଇବା ପାଇଁ ଯୁକ୍ତି ବାଢ଼ିଥିଲେ । ସେଥିରେ ସେ ଲେଖିଥିଲେ "ଓଡ଼ିଶାର କଳା, ସାହିତ୍ୟ ଓ ବିଜ୍ଞାନ ବଙ୍ଗଳାର ଶାସନାଧୀନ ହେବା ଆବଶ୍ୟକ"। ଏହା ବ୍ୟତୀତ ଓଡ଼ିଶା କହିଲେ ପ୍ରକୃତପକ୍ଷେ କେଉଁକେଉଁ ଅଞ୍ଚଳକୁ ବୁଝାଉଛି ତାର ଏକ ତାଲିକା ସେ ଏଥିରେ ସଂଲଗ୍ନ କରିଥିଲେ । ଦର୍ଶାଇଥିବା ଅଞ୍ଚଳ ହେଲା ବାଲେଶ୍ୱର, କଟକ, ପୁରୀ, ଅନୁଗୁଳ ଓ ୧୮ଟି ଗଡ଼ଜାତ ରାଜ୍ୟ ଯେଉଁଗୁଡ଼ିକୁ ନେଇ ଓଡ଼ିଶା ଗଠିତ । ଏହା ବ୍ୟତୀତ ସମ୍ବଲପୁର, ବାମଣ୍ଡା ବରଗଡ଼, ରାଇଗଡ଼, କଳାହାଣ୍ଡି, ରେଢ଼ାଖୋଲ, ଶାରଙ୍ଗଗଡ଼ ପାଟନା ଓ ସୋନପୁର ଓଡ଼ିଆ ଭାଷାଭାଷୀ ଅଞ୍ଚଳ ହୋଇଥିବାରୁ ସେଗୁଡ଼ିକୁ ମଧ୍ୟ ଓଡ଼ିଶାରେ ସାମିଲ କରିବାପାଇଁ ସେ ଲେଖିଥିଲେ । ସେହିପରି ଗଞ୍ଜାମ, ବ୍ରହ୍ମପୁର, ଟିକାବୋଲ ଓ ଘୁମସୁରକୁ ମଧ୍ୟ ଓଡ଼ିଶାରେ ଅନ୍ତର୍ଭୁକ୍ତ କରିବାପାଇଁ ସେ ଦାବୀପତ୍ରରେ ଲେଖିଥିଲେ । ଏହି ଦାବୀପତ୍ରଟିକୁ ସେ ତାଙ୍କ ଦ୍ୱାରା ପ୍ରକାଶିତ ସମ୍ବାଦପତ୍ର ଓ ଅନ୍ୟାନ୍ୟ ସମ୍ବାଦପତ୍ରରେ ବ୍ୟାପକଭାବେ ପ୍ରଚାର କରାଇଥିଲେ । ଏହା ମଧ୍ୟ ଫଳପ୍ରଦ ହୋଇଥିଲା । ଉପରୋକ୍ତ ପଦକ୍ଷେପ ପାଇଁ ସେ ଦିଲ୍ଲୀର ରାଜସୂୟ ଦରବାରରେ ଯୋଗଦେଇ ଫେରିବା ପରେ ଜାନୁୟାରୀ ୧୯, ୧୯୦୩ ମସିହାଦିନ ତାଙ୍କୁ ବାଲେଶ୍ୱର ନଗରବାସୀଙ୍କ ତରଫରୁ ଏକ ଅଭ୍ୟର୍ଥନା ଜ୍ଞାପନ କରାଯାଇଥିଲା । ଏହି ଅଭ୍ୟର୍ଥନା କମିଟିର ସଂପାଦକ ଥିଲେ ଆଶୁତୋଷ ଦରା ରାଜା ବୈକୁଣ୍ଠନାଥ ଦେଙ୍କ ସମେତ ଅନ୍ୟମାନଙ୍କର ଉପରୋକ୍ତ ପ୍ରଚେଷ୍ଟା ପାଇଁ ଇଂରେଜ ସରକାର ୧୯୦୫ରେ ଓଡ଼ିଶାକୁ ବଙ୍ଗଳାଶାସନ ଅଧୀନରୁ ବାହାର କରିନେଇ ବିହାର ସହିତ ମିଶାଇ ଅନ୍ୟ ଏକ ପ୍ରଦେଶ ଗଠନ କରିଥିଲେ ।

ପୁନରାୟ ବୈକୁଣ୍ଠନାଥ ଦେଙ୍କର ବାରମ୍ବାର ଦାବୀ ପାଇଁ ଇଂରେଜ ସରକାର ଓଡ଼ିଶା ଓ ବିହାର ପାଇଁ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଗଠନର ଆବଶ୍ୟକତା ଉପଲବ୍ଧି କରି ପାଟନାଠାରେ ୧୯୧୭ ମସିହା ଅକ୍ଟୋବର ତା୧ରିଖ ଦିନ ଏକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା କରିଥିଲେ । ୧୮୬୮ରେ କଟକଠାରେ ପ୍ରତିଷ୍ଠିତ ରେଭେନ୍‌ସା ମହାବିଦ୍ୟାଳୟ ଏହାର ଏକ ଅଙ୍ଗରୂପେ ଅନୁମୋଦନ ଲାଭ କରିଥିଲା । ରାଜା ବୈକୁଣ୍ଠନାଥ ଦେଙ୍କର ଏତାଦୃଶ ପଦକ୍ଷେପ ପାଇଁ ବିହାର ଓ ଓଡ଼ିଶାପାଇଁ ଗଠିତ ହୋଇଥିବା ବ୍ୟବସ୍ଥାପକ ସଭାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ତତ୍‌କାଳୀନ ଲେଫଟ୍‌ନାଣ୍ଟ ଗଭର୍ଣ୍ଣର ତାଙ୍କୁ ଏହାର ଏକ ସଦସ୍ୟ ଭାବେ ମନୋନୟନ କରିଥିଲେ । ତଦ୍ୱାରା ଉକ୍ତ ବ୍ୟବସ୍ଥାପକ ସଭାରେ ସେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରୂପେ ଗଠନ କରିବାପାଇଁ ଆଲୋଚନା କରିବାର ସୁଯୋଗ ଲାଭ କରିପାରିଥିଲେ ।

ଏହିପରି ଭାବେ ଲୋପ ପାଇବାକୁ ଯାଉଥିବା ଓଡ଼ିଆ ଭାଷାକୁ ବଞ୍ଚାଇବା ସମେତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସମୟୋଚିତ ବିଭିନ୍ନ ପଦକ୍ଷେପ ଗ୍ରହଣ କରି ରାଜା ବୈକୁଣ୍ଠନାଥ ଦେ ଭବିଷ୍ୟତର ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏ ଦିଗରେ ଏକ ପ୍ରଶସ୍ତକ୍ଷେତ୍ର ପ୍ରସ୍ତୁତ କରିଥିବା ଥିଲା ତାଙ୍କର କୃତିତ୍ୱ ।

ସାଧାରଣତଃ କୌଣସି କାର୍ଯ୍ୟ କରିବାରେ ଉଭୟ କ୍ଷେତ୍ର ପ୍ରସ୍ତୁତକାରୀ ଓ ନିର୍ମାତାଙ୍କର ଅବଦାନ ସମପରିମାଣରେ ସ୍ୱୀକାର୍ଯ୍ୟ । ସେପରିସ୍ଥଳେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ-ରୂପେ ଘୋଷଣା କରିବା ମୂଳରେ ରାଜା ବୈକୁଣ୍ଠନାଥ ଦେଙ୍କର ଅବଦାନ କୌଣସି ଗୁଣରେ ନ୍ୟୁନ ନଥିଲା ।

---

ପ୍ରାଧ୍ୟାପକ, ବି. ଜେ. ବି.
ସାଂଧ୍ୟ ମହାବିଦ୍ୟାଳୟ
ଭୁବନେଶ୍ୱର


# ଇନ୍ଦିରା ବିକାଶ ପତ୍ର କିଣି

## ଆପଣଙ୍କ ଜମାକୁ ୫ ବର୍ଷରେ ୨ ଗୁଣ କରାନ୍ତୁ ।

* ୫୦୦ ଟଙ୍କା, ୧,୦୦୦ ଟଙ୍କା ଏବଂ ୫,୦୦୦ ଟଙ୍କା ମୂଲ୍ୟର ବିକାଶ ପତ୍ର ସବୁ ଡାକଘରେ କିଣିବାକୁ ମିଳେ ।
* ଯଥାକ୍ରମେ ୨୫୦ ଟଙ୍କା, ୫୦୦ ଟଙ୍କା ଏବଂ ୨,୫୦୦ ଟଙ୍କା ଜମା ଦେଲେ ଉପରୋକ୍ତ ମୂଲ୍ୟର ବିକାଶ ପତ୍ର ମିଳିପାରିବ ।
* ବିନା ଦରଖାସ୍ତରେ ଡାକଘର କାଉଣ୍ଟରରୁ ଏହା ସିଧା ସଳଖ କିଣାଯାଇ ପାରିବ ।
* ଜମା ଦେବାର କୌଣସି ସର୍ବୋଚ୍ଚ ସୀମା ନାହିଁ ।
* ସହଜରେ ଅନ୍ୟ ଜଣକୁ ହସ୍ତାନ୍ତର କରାଯାଇ ପାରିବ ।
* ପାଞ୍ଚବର୍ଷପରେ ପରିପକ୍ୱ ମୂଲ୍ୟ ଅତି ସହଜରେ ମିଳିପାରିବ ।
* କିଣିଥିବା ଡାକଘର ବ୍ୟତୀତ ଅନ୍ୟ ଡାକଘରୁ ପରିପକ୍ୱ ମୂଲ୍ୟ ମିଳିବାର ବ୍ୟବସ୍ଥା ମଧ୍ୟ ଅଛି ।

ବିଶେଷ ବିବରଣୀ ପାଇଁ
ନିକଟସ୍ଥ ଡାକଘରେ
ଅନୁସନ୍ଧାନ କରନ୍ତୁ ।

ସ୍ୱଳ୍ପ ସଂଚୟ ସଂଗଠନ
ଓଡ଼ିଶା ସରକାର



# ସଫଳ କାହାଣୀ



## ଦ୍ୱିତୀୟ କିସ୍ତିର ସଫଳତା

ବାବାଜୀ ବେହେରାର ଡାକନାମ ଗାଲୁଆ । ବୟସ ୨୫ ବର୍ଷ । ବାପା ଗନ୍ଧର୍ବ ବେହେରା ଓ ମାଆ ସଖୀ ଦେଇ ଅଧିକ ବୟସ ଯୋଗୁଁ କାମ କରିବାକୁ ଅକ୍ଷମ । ନିଜର ସ୍ତ୍ରୀ, ସାନ ଭାଇ ୨ଜଣ ଏବଂ ୨ ମାସର ପୁଅକୁ ମିଶାଇ ୭ଜଣ ପରିବାର । ଗୋଟିଏ ବୋଲି ଭଉଣୀ ବିବାହିତା । ଜମି ଦେଢ଼ ଏକର ମାତ୍ର । ଜମିରୁ ଯାହା ଆୟହୁଏ ସେଥିରେ ୫।୬ ମାସ ଚଳିଯାଆନ୍ତି । ଗାଲୁଆର ବାପା ମଜୁରୀ କାମ କରି ଦିନକୁ ୮।୧୦ ଟଙ୍କା ଆଣନ୍ତି । ସେ ଟଙ୍କାରେ ବହୁ କଷ୍ଟରେ ପରିବାରଟି ଚଳନ୍ତି । ଘରର ବଡ଼ ପୁଅ ହିସାବରେ ଘର କିପରି ଚଳିବ, ସମସ୍ତଙ୍କର ପେଟକୁ ଦାନା, ପିନ୍ଧିବା ପାଇଁ ଖଣ୍ଡେ କନାର କିଭଳି ଅଭାବ ନ ରହିବ, ସେଥିପାଇଁ ଗାଲୁଆର ସବୁବେଳେ ଚିନ୍ତାହେଉ ।

ସରକାର ଗରିବ ଲୋକମାନଙ୍କୁ ଇ. ଆର. ଆର. ପି. ଯୋଜନାରେ ସାହାଯ୍ୟ ଦେବା ବିଷୟ ଗାଲୁଆ ଜାଣିଲା । ନିଜ ଗାଁର କେତୋଟି ଗରିବ ପରିବାର ଉପକୃତ ହେବାର ମଧ୍ୟ ସେ ଦେଖିଲା । କିନ୍ତୁ ତାଙ୍କର ଦେଢ଼ ଏକର ଜମି ଥିବାରୁ ସେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିଲା ନାହିଁ ।

ଏଣୁ ଟାଙ୍ଗୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦେଖାକରି କିପରି କିଛି ଆର୍ଥିକ ସାହାଯ୍ୟ ପାଇବ ଗୁହାରି କଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଇ. ଆର . ଡି. ଯୋଜନାରେ ୧୯୮୪-୮୫ରେ ମନୋହାରୀ ଦୋକାନ କରିବା ପାଇଁ ୩ ହଜାର ଟଙ୍କା ଋଣ ମଞ୍ଜୁର କରାଇଲେ । ଏଥିରେ ଶତକଡ଼ା ୩୩ ଭାଗ ରିହାତି ମିଳିଲା ।

ବର୍ତ୍ତମାନ ଭଗବାନ ଖାଲୁଆର ଦୁଃଖ ବୁଝିଛନ୍ତି । ଟାଙ୍ଗୀ ବଜାରକୁ ଲାଗି ଏକ ମନୋହାରୀ ଦୋକାନ ଆରମ୍ଭ କରିଛି । ଦିନକୁ ୧୦୦ ଟଙ୍କାରୁ ୧୨୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରି ପାରୁଛି । ମାସକୁ ୩,୬୦୦ ଟଙ୍କା ପାଉଛି । ଦୋକାନ କାର୍ଯ୍ୟରେ ତାର ସାନଭାଇ ମଧ୍ୟ ସାହାଯ୍ୟ କରୁଛି । ତାର ଭାଗ୍ୟର ପରିବର୍ତ୍ତନ ହୋଇଛି । ନିଜ ରୋଜଗାରରେ ବର୍ଷେ ତଳେ ବିଭାଘର ହୋଇଛି ଏବଂ ତିନିବଖରା ବିଶିଷ୍ଟ ଏକ ପକାଘର ଆରମ୍ଭ କରିଛି । ସେଥିରେ ୧୦।୧୧ ହଜାର ଟଙ୍କା ଖର୍ଚ୍ଚ ହେଲଣି । ଆଗାମୀ ବର୍ଷକ ମଧ୍ୟରେ ଘରକାର୍ଯ୍ୟ ଶେଷ କରିବ ବୋଲି ସ୍ଥିର କରିଛି । ବର୍ତ୍ତମାନ ଦୋକାନରେ ନଗଦ ୪ ହଜାର ଟଙ୍କାର ଜିନିଷ ଅଛି । ୨ ହଜାର ଟଙ୍କାର ବାକୀ ପଡ଼ିଛି । ସାନ ଭାଇକୁ ତୃତୀୟ ଶ୍ରେଣୀରେ ପଢ଼ାଉଛି । ଦୋକାନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଗୋଟିଏ ସାଇକେଲ କରିଛି । ତାର ଋଣ ମଧ୍ୟ ପରିଶୋଧ କରିଛି ।

ଖାଲୁଆ ତାର ପ୍ରଥମ ଥର ଋଣ ପରିଶୋଧ କରିଥିବାରୁ ଦ୍ୱିତୀୟଥର ତା ୨୬-୧୧-୧୯୮୬ରେ ଟାଙ୍ଗୀ ବ୍ଲକରେ ହୋଇଥିବା ଋଣ ମେଳାରେ ଟାଙ୍ଗୀ ଗ୍ରାମ୍ୟ ବ୍ୟାଙ୍କରୁ ୬ ହଜାର ଟଙ୍କା ପାଇଛି । ଏହି ଟଙ୍କାରେ ତାର ଦୋକାନକୁ ବଡ଼ କରିବ ।

## ବାର ଓ ଲିଚୁ ଲାଇଟ୍‌ରେ ଭାଗ୍ୟ ବଦଳିଲା

ବାପ, ମାଆ ହେଉଣ୍ଡ ପିଲଟିଏ । ନାଆଁ ତାର ଅଶୋକ, ବୟସ ୨୩ ବର୍ଷ । ମଗଧ ସମ୍ରାଟ ଅଶୋକ ନୁହେଁ କି କଳିଙ୍ଗ ଯୁଦ୍ଧରେ ବିଜୀଗିଜା ପୁଣିଜରି ଦୟାନଦୀକୁ ରକ୍ତ ରଞ୍ଜିତ କରିଥିବା ଅଶୋକ ବି ନୁହେଁ । ନାରିଜ ଯୁବକଟିଏ । ଘର ଅନୁଗୋଳ ସହରଠାରୁ ମାତ୍ର ୩ କିଲୋମିଟର ଦୂର ପରାସିଂହା ଗାଁରେ । ଲୋକମାନେ ତାକୁ ହୀନ ଡପାଳିଆ ବୋଲି କହନ୍ତି । ପିଲଟି ଦିନରୁ ମାଆକୁ ଖାଇଥିଲା, ଷୋହଳ ବର୍ଷ ନ ପୂରୁଣୁ ବାପକୁ ବି ହରାଇଲା । ସେଥିପାଇଁ ଏବଂ ଆର୍ଥିକ ଅନାଟନ ହେତୁ ତୋଟିରେ ତାଂର ହୋରି ଛିଡ଼ାହେଲା ।

୧୯୭୭ ମସିହାର କଥା । ଅଶୋକର ତିଲକିଆ ଡଙ୍ଗ ବି ଭାଇ ନ ଥାଏ । ଜଣେ ହିତାକାଂକ୍ଷୀଙ୍କ ପରାମର୍ଶରେ ୨ ହଜାର ଟଙ୍କା ଋଣ ଆଣି ମାଇକ [illegible] ସେଟ୍‌ଟିଏ କିଣିଲା । ଘରେ ରହି [illegible] ଭାଡ଼ା ଖଟିବା ସଙ୍ଗେ ସଙ୍ଗେ କେଶ ବି ପଇସା ବି ରୋଜଗାର କଲା । ଋଣ ବି ପରିଶୋଧ କରି ଖୁସିରେ ରହିଲା । ଏହା ମଧ୍ୟରେ ୬ ଗୋଟି ବର୍ଷ ବିତି ଯାଉଛି । ୧୯୮୩ ମସିହାରେ ସେବା ସମବାୟ ସମିତି ଏବଂ ପାର୍ଶ୍ୱସ୍ଥ ମହାଜନଙ୍କଠାରୁ ଟଙ୍କା ଋଣ ଆଣି ୫,୨୦୦ ଟଙ୍କାରେ ୫୦୦ କିଲୋଓ୍ୱାଟ ହୁଣ୍ଡା ଜେନେରେଟର, ୪,୫୦୦ ଟଙ୍କାରେ ଗୋଟିଏ ଫିଲେଫ୍ସ ଷ୍ଟେରିଓ କିଣିଲା । ଜେନେରେଟର ଓ ଷ୍ଟେରିଓ ଭଡ଼ା ଦେଇ କିଛି ରୋଜଗାର କଲା । କିଛି ଋଣ ବି ପରିଶୋଧ କଲା । ପ୍ରାୟ ଏକବର୍ଷ ପରେ ଆଉ କିଛି ଋଣ ଆଣି ୨ ହଜାର ଟଙ୍କାରେ ବାର ଲାଇଟ ଏବଂ ୪ ହଜାର ଟଙ୍କାର ଲିଚୁ ଲାଇଟ କିଣିଲା । ଏ ସବୁ ସରଞ୍ଜାମ ହେବାରୁ ଗରାଖ ସଂଖ୍ୟା ବଢ଼ିବାକୁ ଲାଗିଲେ । ଅଶୋକ ଭଲ ଦି' ପଇସା ଏଥିରୁ କମେଇଲା । ବିଭାଘର ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏ ସବୁ ଭଡ଼ା ଲଗାଇ ଲବ୍‌ଧ ଅର୍ଥରୁ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ସଙ୍ଗେସଙ୍ଗେ ଋଣ ବି ପରିଶୋଧ କରିପାରିଲା ।

ଏହା ମଧ୍ୟରେ ଅଶୋକ ସମସ୍ତ ଋଣ ପରିଶୋଧ କରି ସାରିଛି । ନିଜର ଭଉଣୀ ବିଭାଘରରେ ଆର୍ଥିକ ସାହାଯ୍ୟ କରିଛି । ଏତଦ୍ ବ୍ୟତୀତ ନିଜ ସ୍ୱଳ୍ପ ଜମିରେ ଧାନ ଓ ପନିପରିବା ଚାଷରେ ତାର ବଡ଼ ଭାଇ ଅକ୍ଷୟ କୁମାରକୁ ବେଳେ ବେଳେ ସାହାଯ୍ୟ କରିଥାଏ । ଆଉ ଗୋଟିଏ ଛୁଟି ଭଉଣୀକୁ ବି ପାଠ ପଢ଼ାଉଅଛି ।

୧୯୮୬ ମସିହା ପ୍ରାରମ୍ଭରେ ଅଶୋକ ଆଉ କିଛି ଋଣ ଆଣି ୧୪,୮୦୦ ଟଙ୍କାରେ ୧,୮୦୦ ଓ୍ୱାଟ ହୁଣ୍ଡା ଜେନେରେଟର ଗୋଟିଏ କିଣିଛି । ଅଦ୍ୟାବଧି ୨ ହଜାର ଟଙ୍କା ଋଣ ପରିଶୋଧ କରିବାକୁ ବାକୀ ରହିଛି । ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରିଛି ଅଶୋକ ।

## ପ୍ରମିଳାର ଦୁର୍ଦ୍ଦିନ ଘୁଞ୍ଚିଲା

କଟକ ଜିଲ୍ଲା ଆଠଗଡ଼ ପଞ୍ଚାୟତ ସମିତି ଅନ୍ତର୍ଗ
ସମସରପୁର ଗ୍ରାମପଞ୍ଚାୟତର ସଠିଲେ-ବାସୁଦେବପୁର ଗ୍ରାମ
ପ୍ରମିଳା ସ୍ୱାଇଁର ଜନ୍ମ । ସ୍ୱାମୀଙ୍କ ନାମ ଗନ୍ଧର୍ବ ସ୍ୱାଇଁ
ଜମିବାଡ଼ି ବିଶେଷ କିଛି ନାହିଁ । ଜମି ବୋଲି ନିଜର
ଦେଖିମିଳ । ଘରେ ଦଶ ପ୍ରାଣୀ କୁଟୁମ୍ବ । ଗୃହସ୍ୱାମ
ଦୁଇଓଳି ମଜୁରୀ ଲାଗି ବି ପିଲାମାନଙ୍କୁ ଭଲରେ ଗଣ୍ଡେ ଖାଇବା
ଦେଇପାରେ ନାହିଁ ।

ସୁଦିନ ଆସିଲା, ଆଠଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଦ୍ୱାରା ଆଇ. ଆର୍. ଡ଼ି. ପି. କାର୍ଯ୍ୟକ୍ରମରେ ପ୍ରମିଳା ଚିହ୍ନଟ ହେ
ତା ୨୪-୧-୧୯୮୩ ମସିହାରେ ସରକାରଙ୍କର ତରଫରୁ ୧,୫
ଟଙ୍କା ମୂଲ୍ୟର ଏକ ସିଲେଇ ମେସିନ ଏବଂ କପଡ଼ା
ଯୋଗାଇ ଦିଆଗଲା । ୧,୦୦୦ ଟଙ୍କା ୫୦ ପଇସା
ବ୍ୟାଙ୍କରେ ପରିଶୋଧ କରିବାକୁ ପଡ଼ିବ । ତାଙ୍କୁ
୪୯୯ ଟଙ୍କା ୫୦ ପଇସା ମିଳିଥିଲା । ଯାହାହେତୁ ଏ

ସିଲେଇ ମେସିନ ପକାଇବା ଦ୍ୱାରା ସେହି ଅଞ୍ଚଳର ଲୋକମାନେ ଘର ନିକଟକୁ ଆସିଲେ ସିଲେଇ କରିବା ପାଇଁ । ଦୈନିକ ସେ ୧୫ ଟଙ୍କା ରୋଜଗାର କରି ପାରୁଛି । ସରକାରୀ ଋଣ ୨୭ ଟଙ୍କା ୪୦ ପଇସା ପରିଶୋଧ କରିବାକୁ ଅଛି ।

ତା ୭-୧୨-୧୯୮୪ ମସିହାରେ କପଡ଼ା ପାଇଁ ତାକୁ ୧,୦୦୦ ଟଙ୍କା ଦିଆଗଲା । ଏକହଜାର ଟଙ୍କା ଉପରେ ତାକୁ ୩୩୩ଟଙ୍କା ୩୩ ପଇସା ଛାଡ଼ ମିଳିଥିଲା । ସେ କହେ ଏହି ସିଲେଇ ମେସିନ ପକାଇବା ଦିନଠାରୁ ମୋର ଦୁଃଖ ଦୂର ହୋଇଛି । ମୋର ଆଠଜଣ ପିଲା ଭିତରୁ ବଡ଼ଝିଅ ମାଟ୍ରିକ ପାଶକରି ସିଲେଇ ଟ୍ରେନିଂ ନେଇ ମୋତେ ସିଲେଇରେ ସାହାଯ୍ୟ କରୁଛି । ଛଅଜଣ ଝିଅ ସ୍କୁଲରେ ପାଠ ପଢୁଛନ୍ତି । ଇତି ମଧ୍ୟରେ ସେ ଆଠଗଡ଼ ଷ୍ଟେଟ ବ୍ୟାଙ୍କରେ ୧,୦୦୦ ଟଙ୍କା (ଏକହଜାର) ଟଙ୍କା ଜମା କରି ପାରିଛି । ବଡ଼ଝିଅର ବାହାଘର ପାଇଁ ମଧ୍ୟ ତାର ସାହସ ଆସିଲାଣି । ଗୃହସ୍ୱାମୀ ମଧ୍ୟ ଆନନ୍ଦିତ । ଆଉମାତ୍ର ଏକଶହ ତିରିଶିଟଙ୍କା ପଞ୍ଚସ୍ତରୀ ପଇସା ପରିଶୋଧ କରିବାକୁ ଅଛି ।

## କୈବଲ୍ୟର ସାଫଲ୍ୟ

ଗରିବ କୈବଲ୍ୟର ଘର ବାସାଇମେଣ୍ଡି ଗ୍ରାମରେ । ଟଙ୍କାପାଦ ବ୍ଲକ ଅନ୍ତର୍ଗତ ଏହି ଗ୍ରାମର ଗରିବ କୈବଲ୍ୟଙ୍କୁ ଜଣେ ଗରିବ ରୂପେ ଚିହ୍ନଟ କରାଯାଇ ୧୯୮୧-୮୨ ସାଲରେ ଇ. ଆର. ଆଇ. ପି. ଋଣ ପାଇଁ ତାଙ୍କରି ନାମ ସୁପାରିଶ କରାଗଲା ସେ ଅନୁଯାୟୀ ଶ୍ରୀ କୈବଲ୍ୟଙ୍କୁ ଶଙ୍କରାଖୋଲ ଷ୍ଟେଟବ୍ୟାଙ୍କ ତିନିହଜାର ଟଙ୍କାର ବ୍ୟବସାୟ ଋଣ ମଞ୍ଜୁର କଲେ । ବୁଝାଇ ଦିଆଗଲା କୈବଲ୍ୟଙ୍କୁ ଉକ୍ତ ଋଣଟଙ୍କା ମଧ୍ୟରୁ କେବଳ ମାତ୍ର ୭୫୦ ଟଙ୍କା ପରିଶୋଧ କରିବାକୁ ହେବ ।

କୈବଲ୍ୟ ଉକ୍ତ ଟଙ୍କାରେ ଏକ ତେଜରାତି ଦୋକାନ ଦେଇ, ଆରମ୍ଭ କଲେ ନିଜର ବ୍ୟବସାୟ । ବ୍ୟବସାୟରେ ଲାଭପାଇ ସେ ସମସ୍ତ ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ ଦ୍ୱିତୀୟ କିସ୍ତି ଋଣ ଆଣିବା ପାଇଁ ଯୋଗ୍ୟ ହୋଇପାରିଛନ୍ତି । ଦୋକାନ ଘର ଓ ନିଜର ରହିବା ଘର ଦୁଇ ବଖରାକୁ ମଜଭୁତ କରି ସାରିଲେଣି ଶ୍ରୀ କୈବଲ୍ୟ । ଏହା ମଧ୍ୟରେ ସେ ଏକ ଦୁଧିଆଳ ଗାଈ ଓ କେତେପନ ଛେଳି କିଣି ନିଜର ଏକମାତ୍ର ପୁତ୍ର ସାହାଯ୍ୟରେ ଏହିସବୁ ପରିଚାଳନା କରି ନିଜର ପରିବାର ପ୍ରତିପୋଷଣ ପାଇଁ ସକ୍ଷମ ହୋଇ ପାରିଛନ୍ତି । ସେ ଏଣିକି ଆଉ ପୂର୍ବଭଳି ପର ଦ୍ୱାରରେ ମଜୁରୀ ଖଟିବାର ଆବଶ୍ୟକତା ଉପଲବ୍ଧି କରନ୍ତି ନାହିଁ । କରି ଜାଣିଲେ ସରକାରଙ୍କର ଏହି ସବୁ ଯୋଜନା ଗରିବଙ୍କ ପାଇଁ ଅତି ଉପାଦେୟ ବୋଲି ସେ କହନ୍ତି ।

## ବିଷମ ପଥରେ ଚକ ଗଡ଼ିଲା

ପ୍ରାକୃତିକ ବେଷ୍ଟନି ମଧ୍ୟସ୍ଥ ଜନବସତିକୁ "କଟକ" କୁହାଯାଇଥାଏ । ଏହି କଟକ କିନ୍ତୁ ଅନ୍ୟ 'କଟକ' ସହିତ ସମାନ ନୁହେଁ । ତେଣୁ ନାମଟି ବି-ଷମ-କଟକ" । ଦିନଥିଲା ଗ୍ରାମଟିର ନାମକରଣରେ ଥିଲା ସାର୍ଥକତା । କାରଣ ଜନବସତି ହେଲେ ମଧ୍ୟ ଏହି ବିଷମ କଟକକୁ ଯିବା ବଡ଼ ବିଷମ ହୋଇ ପଡୁଥିଲା । କୋରାପୁଟ ଜିଲ୍ଲା ଗୁଣୁପୁର ଉପଖଣ୍ଡର ତହସିଲ ଓ ପଞ୍ଚାୟତ ସମିତି ମହକୁମା । ପ୍ରକୃତିର ଅପାସୋରା ଭଣ୍ଡାର - କୁନୁ-କୁନୁ ନାଦିନୀ ନିର୍ଝରଣୀ - ଜଳ ପ୍ରପାତ - ଭୀମକାନ୍ତ ଅରଣ୍ୟାନି ସହ ସୁସଜ୍ଜିତ ଉପତ୍ୟକା । ଏହି ଭୀମକାନ୍ତ ରୂପକୁ ଦେଖି ଯେ କୌଣସି ବିଦେଶାଗତ ମନରେ ଛନକା ଆସିଥାଏ । ଇତିହାସରେ ଲିପିବଦ୍ଧ ହୋଇ ନଥିଲେ ମଧ୍ୟ ଐତିହାସିକମାନଙ୍କ ଅନୁଧ୍ୟାନରୁ ଜଣାପଡେ ଯେ, କୋରାପୁଟ, କଳାହାଣ୍ଡି ଓ ବସ୍ତର ଅଞ୍ଚଳକୁ ନେଇ ମହାକାନ୍ତାର ନାମରେ ଏକ ବିଶାଳ ଭୂଖଣ୍ଡ ଥିଲା । ପରେ କଳାହାଣ୍ଡି ଓ କୋରାପୁଟର ବିସ୍ତୃତ ଅଞ୍ଚଳ ମହାବାଣ ରାଜ୍ୟ ରୂପେ ଅଭିହିତ ହୋଇଥିଲା । ୧୬ଶ ଶତାବ୍ଦୀ ଯାଏ ବିଷମ କଟକର ଐତିହାସିକ ତଥ୍ୟ ଆବିଷ୍କୃତ ହୋଇ ନଥିଲେ ମଧ୍ୟ ଏଠାରେ ମିଳିଥିବା ଶିଳା ଲେଖମାନଙ୍କରୁ ଅନୁଧ୍ୟାନ କରି ବିଶେଷଜ୍ଞମାନେ ଅନୁମାନ କରନ୍ତି ଯେ, ଏଠାରେ ୧୧ଶ ଶତାବ୍ଦୀର ଏକ ଆଭିଜାତ୍ୟ ସଭ୍ୟତା ଗଢି ଉଠୁଥିଲା କିନ୍ତୁ ୧୭ଶ ଶତାବ୍ଦୀରେ ଜନବସତି ବିଷମ କଟକରେ ଆରମ୍ଭ ହୋଇଥିଲା ଓ ବଡ଼ଖେମଣ୍ଡି ରାଜ ବଂଶୀୟ କୃଷ୍ଣଦେବ ତତ୍କାଳୀନ ଜୟପୁର ମହାରାଜା ରଘୁନାଥ କୃଷ୍ଣ ଦେବଙ୍କଠାରୁ ମାତ୍ର ୨,୫୦୦ ଟଙ୍କା ସାହାଯ୍ୟ ପାଇ ଏହି ଅରଣ୍ୟ ଅଞ୍ଚଳକୁ ବାସୋପଯୋଗୀ କରିଥିଲେ । ଶେଷ ଥାଟରାଜା ନରେନ୍ଦ୍ର ଅପୁତ୍ରିକ ଥିବାରୁ ପାରିକୁଦ ରାଜବଂଶର ନାବାଳକ ପୋଷ୍ୟପୁତ୍ର ଗୋବିନ୍ଦ ଚନ୍ଦ୍ର ଦେଓଙ୍କ ତରଫରୁ କୋର୍ଟ ଅଫ ୱାର୍ଡସ – ବିଷମ କଟକକୁ ଜୟପୁର ଅଧୀନରେ ରହିବା ପାଇଁ ରାଜି ହେଲେ ଓ ବିଷମ କଟକ ୧୯୨୬ ମସିହାରେ ଜୟପୁର ରାଜ୍ୟ ସହ ସାମିଲ ହେଲା ।

ସେହି ଐତିହାସିକ ଭୀମକାନ୍ତ "ବିଷମ କଟକ" ଆଜି ଆଉନାହିଁ । ଗ୍ରାମଟି କ୍ରମେ ସହରରେ ପରିଣତ ହେବାକୁ ଯାଉଛି । ଯାତାୟତର ପଥ ସୁଗମ ହେଲଣି । ଚାରି ଦିଗକୁ ଗାଡ଼ି ମୋଟର ଗ୍ରାମ ମଧ୍ୟ ଦେଇ ଚାଲିଲଣି ।

ଗ୍ରାମର ପରିବର୍ତ୍ତନ ସହ ତାଳ ମିଳାଇ ଚାଲିଛି "ହେମନ୍ତ" । ଋତୁ ପରିବର୍ତ୍ତନ ପରି ହେମନ୍ତର ବି ପରିବର୍ତ୍ତନ । ବାପ, ମାଆର ଅଲିଅଳ ଜ୍ୟେଷ୍ଠପୁତ୍ର । କେତେ ଆଦର, ଯତ୍ନରେ ବଢୁଛି ସେ । ପାଠ ପଢ଼ାରେ ମଧ୍ୟ ହେଳା ହୋଇନି । ପାଠ ପଢିବ, ଚାକିରୀ କରିବାକୁ ହେବ, ଘର ଉନ୍ନତ ହେବ । ପଢ଼ାବେଳଠୁ ସାଇକେଲ ମରାମତି ଦେଖିବା, ସମୟେ ସମୟେ ମରାମତିରେ ହାତ ଲଗାଇ ଦେବା ଇଚ୍ଛି ମନର ସଉକକୁ ମାରି ପାରେନି, ବାପାଙ୍କ ତାଗିଦ ସତ୍ତ୍ୱେ । ମେଟ୍ରିକ ପାସ ପରେ କଲେଜ ପାଠ । ବାପା ସରକାରୀ ସେବାରେ । ଛୋଟ ଚାକିରୀ । ତଥାପି ପୁଅର ପାଠ ପାଇଁ ଟଙ୍କା ଖଟାଇବାକୁ ପଡ଼ିବ । କଲେଜରେ ପାଦ ପକାଇଲା ହେମନ୍ତ । କେଉଁଆଡୁ କଳା ବାଦଲ ଘୋଟି ଆସିଲା ହେମନ୍ତର ଭାଗ୍ୟରେ । ଆଇ. ଏ. ପଢ଼ାରେ ହିଁ କଲେଜ ପାଠ


ଢୋରି ଦଉଡ଼ାଦେଲ ସବୁଦିନ ପାଇଁ । ଚାକିରୀ ତା କାହିଁ ପାଇବ ଏ ମହଙ୍ଗା ଯୁଗରେ । ତଥାପି ଦଉଡ଼ିଲ ଚାକିରୀ ପାଇଁ । କେତେ ଅଫିସ ଦାଣ୍ଡାରେ ଗୋଡ଼ରାଗୀ ଛିଡ଼ା ହୋଇଛି । କାକୁତି ମିନତି କରିଛି । ସବୁଠି ନିରାଶ ବାଣୀ ନା, ଆଉ ସେ ପାରିବନି । ହୀନମାନିଆ ହେବ ନାହିଁ ସେ । ମୁଣ୍ଡରେ ବୋଝ ପଡ଼ିଲା ପରି ଅନୁଭବ କଲା । ବାପ, ମାଆ, ଭାଇ, ଭଉଣୀ । ୭ ପ୍ରାଣୀର ପରିବାର । ବାପାଙ୍କର ସୀମିତ ଆୟ । ତା ଉପରେ ପୁଣି ବେକାରୀ ବୋଝ । କୌଣସି ଧନ୍ଦା କରିବାକୁ ହେଲେ ପୁଞ୍ଜି ଦରକାର । ଭାଇ, ଭଉଣୀଙ୍କର ପାଠପଢ଼ା ଇତ୍ୟାଦି । ନିଜ ହାତରେ ବିଦ୍ୟା ଥାଇ ମଧ୍ୟ ସେ ଆଜି ବେକାର । ହଠାତ୍ ଦିନେ ପାଇଗଲା ଜୀବନର ଆଲୋକ ବର୍ତ୍ତିକା । ସରକାରଙ୍କ ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ବେକାର ଯୁବକଙ୍କ ଆତ୍ମ ନିଯୁକ୍ତି । ଉଣେଇଶ ଶହ ପଞ୍ଚାଅଶି ମାର୍ଚ୍ଚ ମାସ । ସାଇକେଲ ଦୋକାନ ପାଇଁ ୨୫ ହଜାର ଟଙ୍କା ଋଣ, ବିଷମ କଟକ ଭାରତୀୟ ଓଭରସିଜ୍ ବ୍ୟାଙ୍କ କରିଥାରେ । ଏଥିପାଇଁ ୬,୦୦୦ ହଜାର ଟଙ୍କା ଛାଡ଼ (ସବ୍‌ସିଡ଼ି) । ଛାତି କୁଣ୍ଡେଇ ମୋଟ ହୋଇଗଲା ହେମନ୍ତର । ମନରେ ଅଫୁରନ୍ତ ସାହସ । ଜୀବନର ପାଥେୟ । ସାଇକେଲ ମରାମତିରୁ ଆରମ୍ଭ କରି ଆବଶ୍ୟକ ସାଇକେଲ ଅଂଶଗୁଡ଼ିକର ବିକ୍ରି । ପୁଣି ଖୁଚୁରା ବହିପତ୍ର ବିକ୍ରି । ନିଜ ଦୋକାନରେ ଦୁଇଜଣ ଶ୍ରମିକ । ମାସିକ ୧,୫୦୦ ରୁ ୨,୦୦୦ ଟଙ୍କା ଆୟ । ବ୍ୟାଙ୍କଋଣ ପରିଶୋଧ କରି ଚାଲିଛି ହେମନ୍ତ । ବ୍ୟବସାୟକୁ ଆହୁରି ବଢ଼େଇବ ଆହୁରି ବ୍ୟସ୍ତ ରହିବ ଦୋକାନରେ, ଏଇ ସ୍ୱପ୍ନରେ ହେମନ୍ତ ବିଭୋର ।



**ରାଜ୍ୟପାଳ ପାଣ୍ଡେଙ୍କ ସହିତ ଆଲୋଚନାରତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚେଆରମେନ୍**

# ଗୋପାଳପୁର ବନ୍ଦର

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ



ଓଡ଼ିଶାବାସୀଙ୍କ ପାଇଁ ଆଜି (୨୭-୨-୮୭) ଦିନଟି ଆନନ୍ଦର ଦିନ । ୧୯୮୬ ମସିହାରେ ଗୋପାଳପୁର ବନ୍ଦରର ଶୁଭ ଦିଆଯାଇଥିଲା । ଅନେକ ସମୟରେ ଦେଖାଯାଉଛି, ଯେଉଁ ବ୍ୟକ୍ତି ଶୁଭ ଦେଇଥାଆନ୍ତି, ସେ କାର୍ଯ୍ୟଟି ତାଙ୍କର କାର୍ଯ୍ୟକାଳ ଭିତରେ ସମ୍ଭବ ହୁଏନାହିଁ । ଆଜି ମୋ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଗୋପାଳପୁର ବନ୍ଦରର ଶୁଭ ଉଦ୍‌ଘାଟନ ସମ୍ଭବ ହୋଇଛି । ନୂତନ ଓଡ଼ିଶା ନିର୍ମାଣର ଆଉ ଏକ ସ୍ୱପ୍ନ ସାର୍ଥକ ହୋଇଛି ।

ଗୋପାଳପୁର ବନ୍ଦରର ଇତିହାସ ଅତୀବ ରୋମାଞ୍ଚକର । ଏକଦା ଏହା ଥିଲା ଓଡ଼ିଶାର ଏକମାତ୍ର ବନ୍ଦର । ସୀମାହୀନ ସାଗର ବକ୍ଷରେ ପଦ୍ଦଭ ଚଢ଼ି ଗଞ୍ଜାମ ଓ ଆଖପାଖ ଅଞ୍ଚଳର ବହୁ ବଣିକ ଦେଶ ବିଦେଶକୁ ଯାଉଥିଲେ ଏବଂ ବାଣିଜ୍ୟ କାରବାର ଚଳୁଥିଲା । ଇଂରେଜ ରାଜତ୍ୱ କାଳରେ ଓଡ଼ିଶାରେ କୌଣସି ବନ୍ଦର ରହିଲା ନାହିଁ । ଅବଶ୍ୟ ଇଂରେଜ ଶାସନ ପୂର୍ବରୁ ବାଲେଶ୍ୱରର ସୁବର୍ଣ୍ଣରେଖା ମୁହାଣରେ ଇତିହାସ ପ୍ରସିଦ୍ଧ ପିପିଲି ବନ୍ଦର ଥିଲା । କିନ୍ତୁ କାଳକ୍ରମେ ପିପିଲି ବନ୍ଦର ହେଲା ଅଚଳ ଓ ପରିତ୍ୟକ୍ତ । ତାହାଦ୍ୱାରା ପାଲ ସିଲେଇ କରୁଥିବା ଓ ବିଭିନ୍ନ ପ୍ରକାର ମାସ୍ତୁଲ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଥିବା ଲୋକେ କିପରି ବେକାର ହୋଇଗଲେ, ତାହା ଫକୀରମୋହନ ସେନାପତିଙ୍କ ବିଭିନ୍ନ ଲେଖାରୁ ଜଣାଯାଏ । ପିପିଲି ବନ୍ଦର ଅକାମୀ ହୋଇଯିବା ପରେ ଗୋପାଳପୁର ବନ୍ଦରକୁ ଓଡ଼ିଶାର ଏକମାତ୍ର ବନ୍ଦର ବୋଲି କୁହାଯାଉଥିଲା । ଯୁଦ୍ଧପାଇଁ ଜାହାଜ ସବୁ ଦରକାର ପଡ଼ିବାରୁ ୧୯୪୨ ମସିହାବେଳକୁ ଗୋପାଳପୁର ବନ୍ଦର ବନ୍ଦ ହୋଇଗଲା । ଓଡ଼ିଶାର ଦୀର୍ଘ ୩୦୦ ମାଇଲ ବିସ୍ତୀର୍ଣ୍ଣ ଉପକୂଳରେ କୌଣସି ବନ୍ଦର ରହିବ ନାହିଁ । ଓଡ଼ିଆ ଜାତି ପକ୍ଷରେ ଏହାଥିଲା ଏକ ଲଜ୍ଜାର ବିଷୟ ।



ଗୋପାଳପୁର ବନ୍ଦର ଉଦ୍‌ଘାଟନ ଆମ ଜାତୀୟ ଜୀବନରେ ଏକ ଅବିସ୍ମରଣୀୟ ସୁଦୂର ପ୍ରସାରୀ ଘଟଣା । ଓଡ଼ିଶା ରାଜ୍ୟର ଦ୍ୱିତୀୟ ବନ୍ଦର ଏହି ଗୋପାଳପୁର ଦିନେ ଓଡ଼ିଶାର ଅନ୍ୟତମ ମୁଖ୍ୟ ବନ୍ଦର ଥିଲା । ଏଠାରୁ ଓଡ଼ିଆମାନେ ସୁଦୂର ବର୍ମା, ଇଣ୍ଡୋନେସିଆ ତଥା ସିଂହଳକୁ ଯାତ୍ରା କରୁଥିଲେ । ସେହି ଐତିହାସିକ ସତ୍ୟ ଉପରେ ପର୍ଯ୍ୟବେକ୍ଷିତ ଘଟଣା ଆଜି ଆଉ ଥରେ ଇତିହାସ ସୃଷ୍ଟି କରିବ । ଏଇ ଶୁଭ ଅବସରରେ ନିଶ୍ଚିତ ଭାବରେ ଇତିହାସର ପୁନରାବୃତ୍ତି ହେବ ବୋଲି "ଉତ୍କଳ ପ୍ରସଙ୍ଗ" ର ଦୃଢ଼ ବିଶ୍ୱାସ ।

ଗୋଟିଏ ଜାତିର ଅନେକ ସ୍ୱପ୍ନ ଭିତରୁ ଗୋଟିଏ ସ୍ୱପ୍ନ ସାର୍ଥକ ହୋଇଛି । ଆମର ମୁଖ୍ୟମନ୍ତ୍ରୀଙ୍କ ଏକାନ୍ତ ନିଷ୍ଠା ଯୋଗୁଁ ଜାତୀୟ ଅଭ୍ୟୁତ୍ଥାନ ଏକ ନୂଆ ମୋଡ଼ ନେଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଏକାଧାରରେ ଇତିହାସ ଓ ଭବିଷ୍ୟତର କଳ୍ପନା ଓ ସ୍ୱପ୍ନର ତରଙ୍ଗ ଆମେ ଏଠାରେ ଲକ୍ଷ୍ୟ କରୁଛୁ । ଇତିହାସରୁ ରଙ୍ଗ ନେଇ ଭବିଷ୍ୟତର ସ୍ୱପ୍ନ ତରଙ୍ଗ ସୃଷ୍ଟି କରୁଛି ଗୋପାଳପୁର ବନ୍ଦର । ଏଇ ତରଙ୍ଗ ପୁଣି ଦିନେ ଖୁଲିବ ବଣିକ ସମ୍ଭୁଖ ଦେଶ ବିଦେଶର ସୁଦୂର ଉପକୂଳ । ଏଥି ନିମନ୍ତେ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନିଶ୍ଚିତ ଭାବରେ ଧନ୍ୟବାଦାର୍ହ । — ସଂ.

ଏବେ ଆମର ଗୋଟିଏମାତ୍ର ବନ୍ଦର ହେଲା ପାରାଦୀପ, କିନ୍ତୁ ଭାରତର ଅନେକ ରାଜ୍ୟରେ ଏଭଳି ଏକାଧିକ ଉନ୍ନତ ବନ୍ଦର ରହିଛି । ଆମେ ଭାବିଥିଲେ ପାରାଦୀପ ବନ୍ଦର ଏକ ପ୍ରଧାନ ବନ୍ଦରରେ ପରିଣତ ହେବ । ନାନା କାରଣରୁ ତାହା ସମ୍ଭବ ହେଲା ନାହିଁ । ଏହିପରି ଏକ ପରିସ୍ଥିତିରେ ୧୯୮୦ ମସିହାରେ ବିପୁଳ ଜନ ସମର୍ଥନ ଲାଭକରି ଏ ସରକାର କ୍ଷମତାକୁ ଆସିଲା ଏ ଜାତିର ସ୍ୱପ୍ନକୁ ଚରିତାର୍ଥ କରିବାପାଇଁ ।

## ସମ୍ପଦ ସମନ୍ୱୟରେ ସୁନାର ଓଡ଼ିଶା ନିର୍ମାଣ

କ'ଣ ସେ ସ୍ୱପ୍ନ? ସେ ସ୍ୱପ୍ନ ହେଉଛି ଓଡ଼ିଶାର ବିପୁଳ ପ୍ରାକୃତିକ ସଂପଦ ସହ ପରିଶ୍ରମୀ ତଥା ବୁଦ୍ଧିମାନଲୋକ ସଂପଦର ସମନ୍ୱୟ ଘଟାଇ ଏକ ସୁନାର ଓଡ଼ିଶା କିପରି ଗଢ଼ାଯାଇ ପାରିବ; ଓଡିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ



କିପରି ପରିଣତ କରିବାକୁ ହେବ । ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ଆଶୀର୍ବାଦ ଏବଂ ସର୍ବୋପରି ଓଡ଼ିଶାର ଜନସାଧାରଣଙ୍କ ବିପୁଳ ବିଶ୍ୱାସ ଓ ସମର୍ଥନରେ ଏ ସରକାର କ୍ଷମତାକୁ ଆସିବା ପରେ କେତେଗୁଡ଼ିଏ ସ୍ୱପ୍ନକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଧିବଦ୍ଧ ଯୋଜନାମାନ ପ୍ରସ୍ତୁତ କଲେ । ତନ୍ମଧ୍ୟରେ ଥିଲା ପାରାଦୀପ ବନ୍ଦରକୁ ଭାରତର ଏକ ପ୍ରଥମଶ୍ରେଣୀ ବନ୍ଦରରେ ପରିଣତ କରାଯିବ ଏବଂ ଗୋପାଳପୁରଠାରେ ଶୀଘ୍ର ନୂତନ ବନ୍ଦର ନିର୍ମାଣ କରାଯିବ । ଆଜି ଗୋପାଳପୁରରେ ବନ୍ଦର ନିର୍ମାଣର ସ୍ୱପ୍ନ ସାର୍ଥକ ହୋଇଛି ଏବଂ ପାରାଦୀପ ବନ୍ଦରର ସମୃଦ୍ଧି ସ୍ୱପ୍ନ ଖୁବ ଶୀଘ୍ର ସାର୍ଥକ ହେବାକୁ ଯାଉଛି ।

ପାରାଦୀପ, ବିଶାଖାପାଟଣା ପ୍ରଭୃତି ବନ୍ଦର ସହିତ ଗୋପାଳପୁର ଖୁବ୍ ଅଳ୍ପକାଳ ମଧ୍ୟରେ ତୁଳନୀୟ ହେବ । ପାରାଦୀପ ବନ୍ଦରବାଟେ ୧୫୨୦ ନିୟୁତ ଟନ୍ ଜିନିଷପତ୍ର ଆମଦାନୀ, ରପ୍ତାନୀ କରିବା ପାଇଁ ବ୍ୟବସ୍ଥା ହେଉଛି ।

ଆମେ ୫୦ଲକ୍ଷ ଟନ୍ କୋଇଲା ଓ ୬୦ ଲକ୍ଷ ଟନ୍ ଲୁହା ପଥର ଯେପରି ରପ୍ତାନୀ କରିପାରିବା, ସେଥିପାଇଁ ଉଦ୍ୟମ ଅବ୍ୟାହତ ରହିଛି । କାଳକ୍ରମେ, ପାରାଦୀପ ବନ୍ଦର ନିଶ୍ଚିତଭାବେ ପ୍ରାୟ ୧୫୦ ଲକ୍ଷ ଟନ୍ ପର୍ଯ୍ୟନ୍ତ ଜିନିଷପତ୍ର କାରବାର କରିପାରିବ । ଏହା ଫଳରେ ପାରାଦୀପ ସର୍ବପ୍ରଧାନ ବମ୍ବେ ବନ୍ଦର ତଥା ଅନ୍ୟ ତିନୋଟି ବନ୍ଦର ସହିତ ତୁଳନୀୟ ହୋଇ ପାରିବ । ସେଥିପାଇଁ କେନ୍ଦ୍ର ସରକାରଙ୍କ ସହିତ ଆମର କ୍ରମାଗତ ଯୋଗାଯୋଗ ଚାଲିଛି । ପାରାଦୀପ ବନ୍ଦରକୁ ଏକ ଗଭୀରତମ ବନ୍ଦରରେ ପରିଣତ କରାଯିବା ସଙ୍ଗେ ସଙ୍ଗେ ୨ଲକ୍ଷ ଟନ୍ ବିଶିଷ୍ଟ ଜାହାଜମାନ ଯେପରି ଆସିବ, ସେଦିଗରେ ଅବିରତ ଉଦ୍ୟମ ଚାଲିଛି । କେନ୍ଦୁଝର ଜିଲ୍ଲାର ବିସ୍ତୀର୍ଣ୍ଣ ଖଣିଜ ଅଞ୍ଚଳ ସହ ପାରାଦୀପର ଯୋଗାଯୋଗ ପାଇଁ ଦୈତାରୀଠାରୁ ବାଂଶପାଣି ପର୍ଯ୍ୟନ୍ତ ଏକ ନୂଆ ରେଳପଥନ୍ ମଧ୍ୟ ନିର୍ମିତ ହୋଇପାରେ । ଏ ସମସ୍ତ ଖଣିଜ ସଂପଦର ବିକାଶ



ନିମନ୍ତେ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଇଛି । ସେଥିପ[illegible] ପ୍ରାୟ ୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ ।

## ବଡ଼ମ୍ବ ପର ବୃହତ ବନ୍ଦର ନିର୍ମାଣର ସ୍ୱପ୍ନ

ବର୍ଷସାରା ୧୦ଲକ୍ଷ ଟନ୍‌ରୁ କମ୍ ଜିନିଷପତ୍ର 'ଆମଦା[illegible] ରପ୍ତାନୀ କରୁଥିବା ବନ୍ଦରକୁ ମାଇନର ପୋର୍ଟ କହନ୍ତି[illegible] ଗୋପାଳପୁର ବନ୍ଦର ସେହିପରି ଛଅମାସ ମାତ୍ର କାର୍ଯ୍ୟକ[illegible] ହେବ, ବାକି ଛଅମାସ ହୋଇ ପାରିବ ନାହିଁ । କା[illegible] ଅପ୍ରେଲ ୧୫ ତାରିଖ ପରେ ସମୁଦ୍ରରେ ଭୀଷଣ [illegible] ଆସୁଥିବାରୁ ଛୋଟ ଛୋଟ ବ୍ୟାକ୍ଟ ସାହାଯ୍ୟରେ ଜାହାଜ[illegible] ମାଲପତ୍ର ବୋଝେଇ କରିବା ସମ୍ଭବ ହେବ ନାହିଁ । [illegible] ହେଲ, ବନ୍ଦର କର୍ମମୁଖରେ ଥିବା ୬ମାସ ମଧ୍ୟରେ [illegible] ୫ଲକ୍ଷ ଟନ୍ ଜିନିଷପତ୍ର ଆମଦାନୀ ରପ୍ତାନୀ ହୋଇ ପାରିବ [illegible]

ଗୋପାଳପୁର ବନ୍ଦର ଓଡ଼ିଶାର ଦ୍ୱିତୀୟ ବିଶାଳ [illegible] ଓ ସବୁଦିନିଆ ବନ୍ଦରରୂପେ ପରିଗଣିତ ହେବାକୁ ଯାଉ[illegible]

ଗୋଟିଏ ବୃହତ୍ତମ ବନ୍ଦରପାଇଁ ବର୍ତ୍ତମାନ ଖର୍ଚ୍ଚ ଅନୁସାରେ ପ୍ରାୟ ୮୦କୋଟି ଟଙ୍କା ଦରକାର । ଏବେସୁଦ୍ଧା ଏହି କ୍ଷୁଦ୍ର ବନ୍ଦରପାଇଁ ପ୍ରାୟ ୩୦ କୋଟି ଟଙ୍କାର କାମ ହେଲଣି ଡ୍ରିଗ୍ରି ଇତ୍ୟାଦି ନିର୍ମିତ ହେଲେ ଆଉ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଏହା ସବୁଦିନିଆ ବନ୍ଦରରେ ପରିଣତ ହେବ । ରାଜ୍ୟ ସରକାର ଏ ବନ୍ଦର ଯୋଜନା ନିଶ୍ଚିତ ଭାବରେ କାର୍ଯ୍ୟକାରୀ କରିବେ ।



ଇତିହାସରେ ଗୋପାଳପୁର ଥିଲା ସବୁଦିନିଆ ବନ୍ଦର । ପ୍ରାଚୀନ କଳିଙ୍ଗର ଦନ୍ତପୁର ବନ୍ଦର ଏହା ନିକଟରେ ଥିଲା । ଦନ୍ତପୁର ବନ୍ଦରବାଟେ ବୁଦ୍ଧଙ୍କର ପବିତ୍ରଦାନ୍ତ ସିଂହଳକୁ ନେଇ ଯାଇଥିଲେ କଳିଙ୍ଗ ରାଜକନ୍ୟା ହେମମାଳା । ଏହି ଦାନ୍ତ ବର୍ତ୍ତମାନସୁଦ୍ଧା ସିଂହଳର ପ୍ରସିଦ୍ଧ ଦାନ୍ତ ମନ୍ଦିରରେ ପୂଜିତ । ସିଂହଳରେ କଳିଙ୍ଗ ରାଜବଂଶ ନାମରେ ଗୋଟିଏ ପ୍ରସିଦ୍ଧ ରାଜବଂଶ ଥିଲା । ଏହି କଳିଙ୍ଗରୁ କ୍ଷତ୍ରୀୟମାନେ, ସୈନ୍ୟମାନେ, ରାଜପୁତ ଓ ନାବିକମାନେ ଯାଇ ସେଠାରେ ବସତି ସ୍ଥାପନ କରିଥିଲେ । କଳିଙ୍ଗ ଇତିହାସକୁ ସମୃଦ୍ଧ କରିଥିଲେ ।

ନିକଟରେ 'ହିନ୍ଦୁ' ପତ୍ରିକାରେ ଜଣେ ଗବେଷକ ଲେଖିଛନ୍ତି ଯେ ସିଂହଳରେ ଦୁଇଶ୍ରେଣୀର ଲୋକ ଅଛନ୍ତି; ତାମିଲ ଏବଂ ସିଂହଳୀ । ସେ ତାଙ୍କର ଗବେଷଣାରେ ପ୍ରମାଣ କରିଛନ୍ତି, ସିଂହଳୀମାନଙ୍କର ବଂଶ ପରମ୍ପରା ହେଉଛନ୍ତି କଳିଙ୍ଗମାନେ । ତେଣୁ, କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଲେଖିଥିଲେ "ବୋଇତ ଲଗିଲା ଯାଇ ସିଂହଳ ଦୀପରେ" । ବୋଇତ ପ୍ରକୃତରେ ଯାଇ ସିଂହଳ ଦ୍ୱୀପରେ ଲଗିଥିଲା ଶହଶହ, ହଜାରହଜାର ସଂଖ୍ୟାରେ । ଇତିହାସର ପ୍ରତିକୂଳ ସ୍ରୋତରେ ଆମେ ଦେଖିପାରିବା ଶତାବ୍ଦୀ ଶତାବ୍ଦୀ ଧରି କଳିଙ୍ଗର ବାଣିଜ୍ୟ କିପରି ପ୍ରତିଷ୍ଠିତ ହୋଇଥିଲା ।



## ଇତିହାସର ପୁନରାବୃତ୍ତି

ଖ୍ରୀଷ୍ଟପୂର୍ବ ୭୮ରେ ଭାରତବର୍ଷରେ ପ୍ରଥମେ ନୌବାଣିଜ୍ୟ ଆରମ୍ଭ ହୋଇଥିଲା ବୋଲି ଐତିହାସିକମାନଙ୍କର ମତ । ପ୍ରାଚୀନ ଇଣ୍ଡୋନେସିଆର ଗୋଟିଏ ଆବିଷ୍କାରରୁ ଜଣାପଡ଼ିଛି ଯେ କଳିଙ୍ଗର ଜାହାଜ ଇଣ୍ଡୋନେସିଆରେ ଲାଗୁଥିଲା ଏବଂ କଳିଙ୍ଗମାନେ ହେଉଛନ୍ତି ପ୍ରାଚୀନତମ ନାବିକ । ଆମେ ଅତୀତରେ ଏକ ଗୌରବମୟ ଯୁଗ, ଏ ରାଜ୍ୟରେ ପ୍ରତିଷ୍ଠା କରିଥିଲୁ । କିପରି ଭାବରେ ଆମେ ସେ ଗୌରବମୟ ଯୁଗକୁ ଫେରାଇ ଆଣି ପାରିବା, ଏହାହିଁ ଇତିହାସର ଆହ୍ୱାନ ।

ସମସ୍ତେ କହନ୍ତି, ଇତିହାସର କେବେ ପୁନରାବୃତ୍ତି ହୁଏନାହିଁ । କେତେକ କ୍ଷେତ୍ରରେ ଏହା ସତ୍ୟ । ମାତ୍ର କେତେକ କ୍ଷେତ୍ରରେ ଇତିହାସର ପୁନରାବୃତ୍ତି କରାଯାଇ ପ୍ରାଚୀନ ଗୌରବର ଆବାହନ କରାଯାଇପାରେ । ଆଜକୁ ଦୁଇ ହଜାର ବର୍ଷ ତଳେ ଆମ କଳିଙ୍ଗ ରାଜ୍ୟ ଯାହା ଥିଲା, ଆଜିମଧ୍ୟ ସେଇଆ ରହିଛି । ଆମର ଅରଣ୍ୟ, ବେଳାଭୂମି, ଖଣିଜ ସଂପଦ ଓ ଲୋକ ସଂପଦ ରହିଛି । ଏ ସମସ୍ତ ଥାଇ ଆମେ ଓଡ଼ିଶାର ପୁନଃ ଜାଗରଣ ନିଶ୍ଚିତ ଭାବରେ କରିପାରିବା, ଯଦି ଆମର ଇଚ୍ଛାଶକ୍ତି ଥାଏ । ଏଥିପାଇଁ ଅର୍ଥର ଅଭାବ ନାହିଁ । ଇତିହାସ କହେ, ଉଦ୍‌ଯୋଗୀ ପୁରୁଷ ସିଂହ । କାପୁରୁଷମାନେ ଭାଗ୍ୟବାଦୀ । କିନ୍ତୁ ଯେଉଁମାନେ ଉଦ୍ୟମୀ, ଯେଉଁମାନଙ୍କର ଶକ୍ତି, ସାମର୍ଥ୍ୟ ଓ ସଂକଳ୍ପ ଅଛି, ସେମାନେ ନିଶ୍ଚିତ ଭାବରେ ଏହାକୁ କାର୍ଯ୍ୟକାରୀ କରିପାରିବେ । ଆଜି ଇତିହାସର ସନ୍ଧିକ୍ଷଣରେ ଓଡ଼ିଶା ଆହ୍ୱାନ କରୁଛି ଆମେ କଠୋର ପରିଶ୍ରମ କରି ଆମର ସ୍ୱପ୍ନକୁ ସାର୍ଥକ କରିବା । ଓଡ଼ିଶାକୁ ଭାରତର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ।

## କର୍ମର ଅବସର ନତଉତରେ

ଗୋପାଳପୁର ବନ୍ଦରକୁ ସବୁଦିନିଆ ବନ୍ଦରରେ ପରିଣତ କରିବା ସଂପର୍କରେ ପୁନେରେ ପ୍ରାଥମିକ ସମୀକ୍ଷା ହୋଇ ସାରିଲଣି । ଏହାର ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ ହେବା ପରେ ୩ବର୍ଷ ସମୟ ଭିତରେ ଆମେ ଏ କ୍ଷୁଦ୍ର ବନ୍ଦରକୁ ଏକ ବୃହତ୍ ବନ୍ଦରରେ ପରିଣତ କରିପାରିବା ।

ଗୋପାଳପୁର ଅଞ୍ଚଳ ଆନ୍ଧ୍ର ନିକଟବର୍ତ୍ତୀ । ଓଡ଼ିଶାର ଦକ୍ଷିଣରେ ଥିବା କୋରାପୁଟ, ଫୁଲବାଣୀ, ଗଞ୍ଜାମ, କଳାହାଣ୍ଡି ଆଦି ଜିଲ୍ଲା ଏବଂ ଗୋପାଳପୁର ଠାରୁ ରାୟପୁର ପର୍ଯ୍ୟନ୍ତ ଯେଉଁ







ସଡ଼କ ପଥର ପରିକଳ୍ପନା ରହିଛି, ତାହା କାର୍ଯ୍ୟକାରୀ ହେଲେ ମଧ୍ୟ ପ୍ରଦେଶ ପାଇଁ ଏହା ଏକ ପ୍ରବେଶ ଦ୍ୱାର ହେବ । ସେହି ଦୃଷ୍ଟିରୁ ଏହି ବନ୍ଦରର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ । ବିଶାଖାପାଟଣା ଏବଂ ପାରାଦୀପ ମଝିରେ ଗୋପାଳପୁରର ଅବସ୍ଥିତି ଦୃଷ୍ଟିରୁ ଉଭୟ ବନ୍ଦରରେ ଯଦି ଲୋଡ଼ିଂ ସକାଶେ କିଛି ଅସୁବିଧା ଉପୁଜେ, ତେବେ ସେ କାର୍ଯ୍ୟ ସବୁଦିନିଆ ଗୋପାଳପୁର ବନ୍ଦରରେ ସାଧିତ ହୋଇ ପାରିବ ।

## ଶିଳ୍ପ ସମୃଦ୍ଧି ପାଇଁ ଯୋଜନା

ଗୋପାଳପୁର ବନ୍ଦର ସମୁଦ୍ରର ସ୍ୱତନ୍ତ୍ର ବାଲି ପାଇଁ ହୋଇଛି । ଏହି ସମୁଦ୍ରର ବାଲିରୁ ମୋନାଜାଇଟ୍ ପ୍ୟାକ୍ ମିଳୁଥିବାରୁ ସେଠାରେ କାରଖାନା ସ୍ଥାପନ କରାଯାଇଛି । ସମୁଦ୍ରର ଏଇ କଳାବାଲି ଅତ୍ୟନ୍ତ ମୂଲ୍ୟବାନ୍ । ଏହା ଜାହାଜରେ ବୋଝେଇ ହୋଇ ବାହାରକୁ ଯିବ । ଏଠାରେ ମାତ୍ର ୨୮ ବର୍ଗ କିଲୋମିଟର ଅଞ୍ଚଳ ଏଇ ବାଲିରେ ପୁରି ରହିଛି । ଏହି ବାଲିକୁ ଭିତ୍ତି କରି ଏଠାରେ ଗଢ଼ି ଉଠିଥିବା ଆଇ. ଆର. ଇ. କାରଖାନା ଜରିଆରେ ଆଉ ଦୁଇଟି କାରଖାନା ମଧ୍ୟ ସ୍ଥାପିତ ହେବାକୁ ଯାଉଛି । ଏ ଦୁଇଟି 'କାରଖାନାରେ ପ୍ରାୟ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ । ଆଉ ମଧ୍ୟ ଥୋରିଅମ କାରଖାନା ପାଇଁ ୪କୋଟି ଟଙ୍କା ଏବଂ ମାଙ୍ଗାନାଇଟ୍ କାରଖାନା ସ୍ଥାପନ ପାଇଁ ୧୫ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହା ବ୍ୟତୀତ, ଆଟମିକ୍ ଏନାର୍ଜି କମିଶନ୍ ପକ୍ଷରୁ ଆଟମିକ୍ ଏନାର୍ଜି ଇଣ୍ଡଷ୍ଟ୍ରିଜ୍ ଓ ଅନ୍ୟ କେତେକ କାରଖାନାର ପରିକଳ୍ପନା କରା-

ଯାଉଛି । ରିଲଚ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ହିଣ୍ଡାଲିୟମ୍ ବ୍ୟାକ୍‌ସାଇଟ୍‌ର ସିଗ୍‌ମେଣ୍ଟ ନିର୍ମାଣ କରାଯିବ ୧୨୦ କୋଟି ଟଙ୍କା ବ୍ୟୟରେ । ଏଥିପାଇଁ ଜାତୀୟ ରାଜପଥ ନିକଟରେ ୬୦ ଏକର ଜମି ପଛଠ କରାଯାଉଛି । ଏହିପରି ଭାବରେ ଏ ଅଞ୍ଚଳରେ ବହୁ ଜନ କାରଖାନା ସ୍ଥାପିତ ହେବାକୁ ଯାଉଛି । ଶିଳ୍ପୋଦ୍ୟୋଗ ଓ ବ୍ୟବସାୟ ବାଣିଜ୍ୟ ଜରିଆରେ ଆମେ ଯେପରି ପ୍ରାଚୀନ କଳିଙ୍ଗର ଗୌରବ ଫେରାଇ ଆଣିବା, ସେ ଉଦ୍ୟମର ଅୟ-ମାରମ୍ଭ ହୋଇଛି ।





## କୃଷି ବିକାଶର ନବ ଦିଗନ୍ତ

କେବଳ ବାଣିଜ୍ୟ ବ୍ୟବସାୟ, ଶିଳ୍ପକାରଖାନା କିମ୍ବା ବନ୍ଦର କ୍ଷେତ୍ରରେ ନୁହେଁ କୃଷିର ଉନ୍ନତି ସହ ଗରିବ ଲୋକ ମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ବହୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଓଡ଼ିଶାକୁ ସମୃଦ୍ଧ କରିବାକୁ ହେଲେ ଲକ୍ଷ ଲକ୍ଷ ଗରିବ ଲୋକ ତଥା ବେକାର ଯୁବକଙ୍କୁ ସାହାଯ୍ୟ ଦେଇ ସେମାନଙ୍କୁ ନିଜ ଗୋଡ଼ରେ ଠିଆ କରିବାକୁ ହେବ । ଗରିବ ଅସହାୟ ଲୋକମାନଙ୍କୁ ଇ. ଆର. ଆର. ପି., ଆଇ. ଆର. ଡି. ପି. ଓ ହଜାରେ ଟଙ୍କିଆ ଯୋଜନା ଜରିଆରେ ବର୍ତ୍ତମାନ ସାହାଯ୍ୟ ଦିଆ ଯାଉଛି । ଏହାଦ୍ୱାରା ସେମାନେ ଛୋଟ ଛୋଟ ବେପାର କରି ନିଜର ଭରଣ ପୋଷଣ କରି ପାରିବେ ।

ଗୋପାଳପୁରରେ ମାଛଧରା ବନ୍ଦର ହେଲେ ନୋଳିଆ-ମାନଙ୍କ ବ୍ୟବସାୟ ବାଧାପ୍ରାପ୍ତ ହେବ ବୋଲି ସେମାନଙ୍କ ମନରେ ଆଶଙ୍କା ଜାତ ହୋଇଛି । କାରଣ ବର୍ତ୍ତମାନ ଆନ୍ଧ୍ର






ଉପକୂଳର ଅନେକ ମେକାନାଇଜଡ୍ ବୋଟ୍ ଆସି ଏଠାରୁ ବହୁତ ମାଛ ଧରି ନେଉଛନ୍ତି । ଏହାଫଳରେ ସେମାନେ ନିଜ ଜୀବିକାରୁ ବଞ୍ଚିତ ହେଉଛନ୍ତି । ତେଣୁ, ନାବିକ ବନ୍ଧୁମାନଙ୍କ ନିମନ୍ତେ ରାଜ୍ୟ ସରକାର ଏକ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି । ଆମର ମାଛ ଧରାଳି ପରିବାରଗୁଡ଼ିକୁ କିପରି ସାହାଯ୍ୟ ଦିଆଯିବ, ସେଥିପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହ ପରାମର୍ଶ କରି ଏ ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି କାର୍ଯ୍ୟକ୍ରମ ଜରିଆରେ ଆମର ଧୀବରମାନଙ୍କୁ ହଜାର ହଜାର ମେକାନାଇଜଡ୍ ବୋଟ୍ ସାହାଯ୍ୟ ଦିଆଯିବ । ସମବାୟ ସମିତିମାନ ଗଠନ କରି ସେମାନଙ୍କୁ ବ୍ୟବସାୟୀମାନଙ୍କ ଶୋଷଣରୁ ରକ୍ଷା କରାଯିବ । ଏହାଦ୍ୱାରା ହଜାର ହଜାର ମତ୍ସ୍ୟଜୀବୀ ପରିବାର ଥଇଥାନ ହେବା ସଙ୍ଗେ ସଙ୍ଗେ କାହାରି ମନରେ ଭୟ ବା ଆଶଙ୍କା ଉଠିବ ନାହିଁ । ଗରିବ ଅବସ୍ଥା ଦୂର କରିବାକୁ ହେଲେ ଗୋଟିଏ କାର୍ଯ୍ୟକ୍ରମ ଯଥେଷ୍ଟ ନୁହେଁ । ସାହାଯ୍ୟ ଏପରି ଦିଆଯିବା ଦରକାର, ଗରିବ ଲୋକଙ୍କ ଉପାର୍ଜନ ଅନ୍ତତଃ ୨ । ୩· ଗୁଣ ଯେପରି· ବଢ଼ି ପାରିବ । ଏଥିପାଇଁ ୨ । ୩ ଥର ମଧ୍ୟ ସାହାଯ୍ୟ ଦେବାକୁ ପଡ଼ିପାରେ । ଅତି ଗରିବ ଲୋକଙ୍କୁ ପ୍ରଥମ ଓ ଦ୍ୱିତୀୟ ଦଫାରେ ସାହାଯ୍ୟ ଦେଇ ଦାରିଦ୍ର୍ୟ ଦୂର କରିବା ପାଇଁ ବିଶେଷ ଉଦ୍ୟମ ହେଉଛି ।

ଚଳିତ ଯୋଜନାରେ ପାଞ୍ଚଟି ପ୍ରଧାନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ତନ୍ମଧ୍ୟରେ ପାନୀୟ ଜଳର ବ୍ୟବସ୍ଥା, ପ୍ରତ୍ୟେକ ଗାଁ—ବ୍ଲକ—ସବ୍‌ଡିଭିଜନ୍—ଜିଲ୍ଲା ସହ ରାସ୍ତାଘାଟର ସଂଯୋଗ, କୃଷି ପାଇଁ ଜଳସେଚନ ଓ ଜଳ ଅମଳ ସୁବିଧା, ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଇତ୍ୟାଦି ଅନ୍ତର୍ଭୁକ୍ତ । ଏଠାରେ ଏ ସମସ୍ତ କାର୍ଯ୍ୟ ପାଇଁ ବିଶେଷ ଦୃଷ୍ଟି ଦିଆଯିବ ।

ମୋର ବିଶ୍ୱାସ ଗୋପାଳପୁର ବନ୍ଦର ଏକ ପ୍ରଧାନ କର୍ମ ମନ୍ଦିରରେ ପରିଣତ ହେବା ସଙ୍ଗେ ସଙ୍ଗେ ଗଞ୍ଜାମ ଜିଲ୍ଲା ଓଡ଼ିଶାର ଗୌରବକୁ ଅଭିବୃଦ୍ଧି କରିବ ।

(ମୁଖ୍ୟମନ୍ତ୍ରୀଙ୍କ ପଦର ଅଭିଭାଷଣରୁ ସଂଗୃହୀତ—ସଂ)





## ଦାରିଦ୍ର୍ୟ ଦୂରୀକରଣ ପାଇଁ ଦ୍ୱିତୀୟ ଦଫା ସାହାଯ୍ୟ ଦିଆଯାଉ : ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରିଦ୍ର୍ୟ ନିରାକରଣ କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେଲେ ଯେଉଁ ଗରିବ ଲୋକମାନେ ପ୍ରଥମ ଦଫାରେ ସାହାଯ୍ୟ ନେଇ ସେମାନଙ୍କର ଇଚ୍ଛା ସତ୍ତ୍ୱେ କୌଣସି ଅପରିହାର୍ଯ୍ୟ କାରଣ ବଶତଃ ତାହା ଦ୍ୱାରା ସଂପୂର୍ଣ୍ଣ ଉପକୃତ ହୋଇପାରି ନାହାନ୍ତି, ସେମାନଙ୍କୁ ପୁନଶ୍ଚ ସାହାଯ୍ୟ ଦିଆଯାଇ ସେମାନଙ୍କର ଅଭ୍ୟୁତ୍ଥାନ କରାଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି ।

ରାଜ୍ୟ ସଚିବାଳୟଠାରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଆଦିବାସୀ ଉପଯୋଜନାର ବିଭିନ୍ନ ଦିଗ ସଂପର୍କରେ କେନ୍ଦ୍ର ଜନ କଲ୍ୟାଣ ବିଭାଗ ଉପମନ୍ତ୍ରୀ ଶ୍ରୀ ଗିରିଧର ଗମାଙ୍ଗୋଙ୍କ ସହିତ ଆଲୋଚନା ପ୍ରସଂଗରେ ମୁଖ୍ୟମନ୍ତ୍ରୀ ଏହା ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏ କ୍ଷେତ୍ରରେ ଆଦିବାସୀମାନଙ୍କ ସ୍ୱାର୍ଥର ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେ କହିଲେ ଯେ ସଂପ୍ରତି ଛୋଟ ଛୋଟ କାମଧନ୍ଦା କରିଆରେ ରାଜ୍ୟର ଏକଲକ୍ଷ ଗରିବ ଲୋକଙ୍କୁ ଅଭ୍ୟୁତ୍ଥାନ ପାଇଁ ବିନା ଋଣରେ ଏକ ହଜାର ଟଙ୍କା ଲେଖାଏଁ ସାହାଯ୍ୟ ଦେବା ପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି, ସେ ସାହାଯ୍ୟ ଅଧିକରୁ ଅଧିକ ଆଦିବାସୀ ଲୋକଙ୍କୁ ଦିଆଯିବ । ବ୍ଲକ୍ ସ୍ତରରେ ସମନ୍ୱିତ ଆଦିବାସୀ ଉନ୍ନୟନ ଏଜେନ୍ସି ଜରିଆରେ ସ୍ଥାନୀୟ ଆବଶ୍ୟକତା ପ୍ରତି ଦୃଷ୍ଟି ରଖାଯାଇ ବିଭିନ୍ନ ସୂତ୍ରରୁ ମିଳୁଥିବା ଆର୍ଥିକ ସହାୟତାର ଯଥାଯଥ ତଥା ଫଳପ୍ରଦ ଉପଯୋଗ କରାଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଏଥିପାଇଁ ଏଜେନ୍ସି ଦାୟିତ୍ୱରେ ଥିବା କର୍ମଚାରୀ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନଙ୍କ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ବୈଠକରେ କେନ୍ଦ୍ର ଉପମନ୍ତ୍ରୀ ଶ୍ରୀ ଗମାଙ୍ଗୋଙ୍କ ବ୍ୟତୀତ ରାଜ୍ୟ ହରିଜନ ଓ ଆଦିବାସୀ କଲ୍ୟାଣ ଉପମନ୍ତ୍ରୀ ଶ୍ରୀମତୀ ପଦ୍ମା ପୂଜାରୀ, ମୁଖ୍ୟ ଶାସନ ସଚିବ ଶ୍ରୀ ନୀଳଚନ୍ଦ୍ର ପରିଜା, ଅତିରିକ୍ତ ଉନ୍ନୟନ କମିଶନର ଶ୍ରୀ ରମାକାନ୍ତ ରଥ, ଆଦିବାସୀ ଓ ହରିଜନ କଲ୍ୟାଣ ସଚିବ ଶ୍ରୀ ସୀତାକାନ୍ତ ମହାପାତ୍ର ଓ ଅର୍ଥ ସଚିବ ଶ୍ରୀ ରବି ନାରାୟଣ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## କମ୍ପ୍ୟୁଟର ପାଠ୍ୟକ୍ରମର ପ୍ରସାର

କଂପ୍ୟୁଟର ଓ ଇଲେକ୍‌ଟ୍ରୋନିକସର ବ୍ୟବହାର କରିବା ସହିତ କର୍ମନିଯୁକ୍ତି କ୍ଷେତ୍ରରେ ଏହି ବିଷୟରେ ଶିକ୍ଷିତ ଓ ଦକ୍ଷତା ସଂପନ୍ନ ବ୍ୟକ୍ତିମାନଙ୍କର ଚାହିଦାର ମଧ୍ୟ ବୃଦ୍ଧି ଘଟିଛି । ନିକଟ ଭବିଷ୍ୟତରେ କର୍ମନିଯୁକ୍ତି ଚାହିଦାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କର ସହାୟତାରେ ଉକ୍ତ ବିଷୟମାନଙ୍କରେ ଶିକ୍ଷାର ସୁବିଧା ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ପଦକ୍ଷେପ ନେଇଛନ୍ତି ।

ସପ୍ତମ ପଞ୍ଚବାର୍ଷିକ ଯୋଜନାର ପ୍ରାରମ୍ଭରେ ଆମ ରାଜ୍ୟରେ ଡିଗ୍ରୀ କୋର୍ସ ପାଇଁ କେବଳ ବୁର୍ଲା ଇଂଜିନିୟରିଂ କଲେଜରେ ତଥା ଡିପ୍ଲୋମା କୋର୍ସ ପାଇଁ ବ୍ରହ୍ମପୁର ଇଂଜିନିୟରିଂ ସ୍କୁଲ ଓ ରାଉରକେଲା ମହିଳା ଇଂଜିନିୟରିଂ ସ୍କୁଲରେ ଓ ରାଜ୍ୟର ବିଭିନ୍ନ ସାତଟି ଆଇ. ଟି. ଆଇ. ରେ ସାଧାରଣ ଇଲେକ୍‌ଟ୍ରୋନିକସ୍ ପାଠ୍ୟକ୍ରମର ସୁବିଧା ଥିଲା । ମାତ୍ର ଚାହିଦା ବୃଦ୍ଧି ଦୃଷ୍ଟିରୁ ସରକାର ଉକ୍ତ ସୁବିଧାକୁ ଗତବର୍ଷ ଓ ଚଳିତ ବର୍ଷ ମଧ୍ୟରେ ଯଥେଷ୍ଟ ବୃଦ୍ଧି କରିସାରିଛନ୍ତି । ଗତବର୍ଷଠାରୁ ରାଉରକେଲାସ୍ଥ ଆଞ୍ଚଳିକ ଇଂଜିନିୟରିଂ କଲେଜରେ ବିଜ୍ଞାନ ଡିଗ୍ରୀଧାରୀ ଛାତ୍ରମାନଙ୍କ ନିମନ୍ତେ ଦୁଇବର୍ଷିଆ ପୋଷ୍ଟ ଗ୍ରାଜୁଏଟ୍ କଂପ୍ୟୁଟର ଆପ୍ଲିକେସନ କୋର୍ସ ଖୋଲାଯାଇଛି । ଏହାଛଡା ସେଠାରେ ଗତବର୍ଷଠାରୁ ଥିବା ଚାରିବର୍ଷିଆ କଂପ୍ୟୁଟର ସାଇନସ୍ ଏବଂ ଇଂଜିନିୟରିଂ କୋର୍ସ

ବୃଦ୍ଧି କରି ତା'ର ସ୍ଥାନସଂଖ୍ୟା ଆସନ୍ତା ବର୍ଷଠାରୁ ୩୦ ରୁ ୬୦ କୁ ବୃଦ୍ଧି କରାଯାଉଛି । ଉକ୍ତ କଲେଜରେ ଆସନ୍ତା ଶିକ୍ଷା-ବର୍ଷଠାରୁ ମଧ୍ୟ ସ୍ନାତକୋତ୍ତର ଆପ୍ଲାଏଡ୍ ଇଲେକ୍ଟ୍ରୋନିକ୍ସ ଏବଂ ଇନଷ୍ଟ୍ରୁମେଣ୍ଟେସନ୍ ପାଠ୍ୟକ୍ରମ ଖୋଲାଯାଉଛି । ସେହିପରି ବୁର୍ଲା ଇଂଜିନିୟରିଂ କଲେଜରେ ଥିବା ସ୍ନାତକ ଇଲେକ୍ଟ୍ରୋନିକସ୍ ଏବଂ ଟେଲିକମ୍ୟୁନିକେସନ୍ ପାଠ୍ୟକ୍ରମରେ ଆସନ୍ତା ବର୍ଷଠାରୁ ସ୍ଥାନସଂଖ୍ୟା ୩୦ ରୁ ୪୫ କୁ ବୃଦ୍ଧି କରାଯାଉଛି ।

ଡିପ୍ଲୋମା ସ୍ତରରେ ବ୍ରହ୍ମପୁର ଓ ରାଉରକେଲା ଇଂଜିନିୟରିଂ ସ୍କୁଲ ବ୍ୟତୀତ ତିନିବର୍ଷିଆ ଇଲେକ୍ଟ୍ରୋନିକ୍ସ ଡିପ୍ଲୋମା ପାଠ୍ୟକ୍ରମ କଟକ ଓ ଝାରସୁଗୁଡ଼ାସ୍ଥିତ ଇଂଜିନିୟରିଂ ସ୍କୁଲ ଏବଂ ଢେଙ୍କାନାଳ ଓ ଭୁବନେଶ୍ୱରସ୍ଥ ମହିଳା ପଲିଟେକ୍ନିକ୍ସରେ ଆସନ୍ତା ବର୍ଷଠାରୁ ଖୋଲାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । କଟକ ଇଂଜିନିୟରିଂ ସ୍କୁଲରେ ଏକବର୍ଷିଆ ପୋଷ୍ଟ ଡିପ୍ଲୋମା ଟେଲିଭିଜନ୍ ଇଂଜିନିୟରିଂ କୋର୍ସ ଖୋଲାଯାଇଛି । ଆସନ୍ତା ବର୍ଷଠାରୁ କଟକ ଓ ଝାରସୁଗୁଡ଼ା ଇଂଜିନିୟରିଂ ସ୍କୁଲ ଓ ଭୁବନେଶ୍ୱର ମହିଳା ପଲିଟେକ୍ନିକ୍ସରେ କଂପ୍ୟୁଟର ଇଂଜିନିୟରିଂର (ହାର୍ଡୱେୟାର) ତିନିବର୍ଷିଆ କୋର୍ସ ଖୋଲାଯାଉଛି । ଚଳିତ ବର୍ଷ ବ୍ରହ୍ମପୁର ଇଂଜିନିୟରିଂ ସ୍କୁଲରେ ଦେଢ଼ବର୍ଷିଆ ପୋଷ୍ଟ ଡିପ୍ଲୋମା କଂପ୍ୟୁଟର ପ୍ରୟୋଗ ସଂପର୍କୀୟ (ସଫ୍ଟୱେୟାର) କୋର୍ସ ଖୋଲାଯାଉଛି ଏବଂ ଉକ୍ତ କୋର୍ସ ଆସନ୍ତା ବର୍ଷ କଟକ ଇଂଜିନିୟରିଂ ସ୍କୁଲ, ଝାରସୁଗୁଡ଼ା ଇଂଜିନିୟରିଂ ସ୍କୁଲ, ମହିଳା ପଲିଟେକ୍ନିକ୍ସ, ଭୁବନେଶ୍ୱର ଏବଂ ତାଳଚେର ଇଂଜିନିୟରିଂ କଲେଜରେ ଖୋଲାଯାଉଛି । ବିଜ୍ଞାନ ଡିଗ୍ରୀଧାରୀ ଛାତ୍ରମାନଙ୍କ ନିମନ୍ତେ କୃଷି ବିଶ୍ୱବିଦ୍ୟାଳୟରେ ଥିବା ଇଂଜିନିୟରିଂ କଲେଜରେ ବର୍ଷିକିଆ କଂପ୍ୟୁଟର ଆପ୍ଲିକେସନ କୋର୍ସ ଖୋଲାଯାଉଛି ।

ଆଇ. ଟି. ଆଇ. ସ୍ତରରେ ଇଲେକ୍ଟ୍ରୋନିକ୍ସ ପାଠ୍ୟକ୍ରମ ୭ ଟି ସ୍ଥାନରେ ଅଛି । ଆଇ. ଟି. ଆଇ., କଟକ, ରାଉରକେଲା, ବାଲେଶ୍ୱର, ହୀରାକୁଦ, ପୁରୀ, ବ୍ରହ୍ମପୁର, ବରଗଡ଼, ଫୁଲବାଣୀ ଓ ମହିଳା ଆଇ. ଟି. ଆଇ. ଭୁବନେଶ୍ୱରରେ ଏହି ସୁବିଧା ଅଛି । ସେହିପରି ରେଡ଼ିଓ ଓ ଟି. ଭି. ମରାମତି ପାଠ୍ୟକ୍ରମ ୭ ଟି ଆଇ. ଟି. ଆଇ. ରେ ଖୋଲାଯାଇଛି । କଟକ, ରାଉରକେଲା, ବ୍ରହ୍ମପୁର, ବରବିଲ, ଭବାନୀପାଟଣା ଓ ମହିଳା ଆଇ. ଟି. ଆଇ. ଭୁବନେଶ୍ୱର ଓ କଟକରେ ଏହି ସୁବିଧା ଅଛି । ଚଳିତ ବର୍ଷ କଂପ୍ୟୁଟର ଆପ୍ଲିକେସନ କୋର୍ସ କେବଳ କଟକ ଆଇ. ଟି. ଆଇ. ରେ ଥିଲା । ଆସନ୍ତା ବର୍ଷଠାରୁ ଏହା ହୀରାକୁଦ ଓ ବ୍ରହ୍ମପୁର ଆଇ. ଟି. ଆଇ. ରେ ଖୋଲିବ । କଂପ୍ୟୁଟର ଓ ଇଲେକ୍ଟ୍ରୋନିକ୍ସ ପାଠ୍ୟକ୍ରମ ପ୍ରବର୍ତ୍ତନ କ୍ଷେତ୍ରରେ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଅଗ୍ରଗତି ଉଲ୍ଲେଖଯୋଗ୍ୟ ।

## ''ଏକତା ରକ୍ଷା ହେଲେ ପ୍ରଗତି ତ୍ୱରାନ୍ୱିତ ହେବ''

ଦେଶବାସୀଙ୍କ ମଧ୍ୟରେ ଐକ୍ୟ ମନୋଭାବ ଦୃଢ଼ୀଭୂତ ହେଲେ ଯାଇ କଷ୍ଟଲବ୍ଧ ସ୍ୱାଧୀନତା ଯେ କେବଳ ଅକ୍ଷୁଣ୍ଣ ରହିବ ତା' ନୁହେଁ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ପ୍ରଗତି ତ୍ୱରାନ୍ୱିତ ହେବ ବୋଲି ଖାଦ୍ୟ ଓ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୋହନ ନାଗ ମତବ୍ୟକ୍ତ କରିଛନ୍ତି ।

ସଂପ୍ରତି 'ଭାରତ ବଞ୍ଚାଓ' ପାଇଁ ଆୟୋଜିତ ସାଇକଲ ଯାତ୍ରାରେ ଯୋଗ ଦେଇଥିବା ସାଇକଲ ଆରୋହୀମାନଙ୍କୁ ଆନନ୍ଦପୁର ସବ୍‌ଡ଼ିଭିଜନର ରେକୁଟିଆ ଛକଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ଶ୍ରୀ ନାଗ୍ ଦେଓଗାଁ ଓ ଆନନ୍ଦପୁରଠାରେ ଦୁଇଟି ଜନ ସମାବେଶରେ ଏହି ଜାତୀୟ ଅଭିଯାନର ମହତ୍ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ନିଜ ନିଜ ମଧ୍ୟରେ ଏକତା ରକ୍ଷା କରି ଭ୍ରାତୃପ୍ରେମରେ ଆବଦ୍ଧ ରହିବାକୁ ଶ୍ରୀ ନାଗ୍ ଜନସାଧାରଣଙ୍କୁ ନିବେଦନ କରିଥିଲେ । ସେ କହିଲେ ଯେ ବର୍ତ୍ତମାନ ସମଗ୍ର ବିଶ୍ୱରେ ଭାରତବର୍ଷ ଏକ ବୃହତ୍ତମ ନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଆଦୃତ ହୋଇ ପାରିଛି ଏବଂ ବିଶ୍ୱକୁ ପରମାଣୁ ଯୁଦ୍ଧର ବିଭୀଷିକାରୁ ଭାରତ ରକ୍ଷା କରିବାକୁ ସମର୍ଥ ବୋଲି ବିଶ୍ୱବାସୀ ଆଶା କରୁଛନ୍ତି । ଭାରତବର୍ଷର ଏପରି ଖ୍ୟାତି ପ୍ରତି ଈର୍ଷା ପରାୟଣ ହୋଇ କେତେକ ବିଦେଶୀ ରାଷ୍ଟ୍ର ଓ ବିଭେଦକାରୀ ଶକ୍ତି ଦେଶ ମଧ୍ୟରେ ହିଂସାତ୍ମକ କାଣ୍ଡ କରିଆସେ ଅସ୍ଥିରତା ସୃଷ୍ଟି କରିବାକୁ ବହୁବିଧ ଉଦ୍ୟମ କରୁଛନ୍ତି । ଅତୀତରେ ଯେତେବେଳେ ଦେଶବାସୀଙ୍କ ମଧ୍ୟରେ ଏକତାର ଅଭାବ ଦେଖା-ଦେଇଥିଲା, ସେତେବେଳେ ଆମର ସ୍ୱାଧୀନତା ଅପହୃତ ହୋଇଥିଲା ବୋଲି ବର୍ଣ୍ଣାଇ ଜୟଚନ୍ଦ୍ରଙ୍କ ବିଶ୍ୱାସଘାତକତା ଦେଶ ପ୍ରତି କିପରି କ୍ଷତିକାରକ ହୋଇଥିଲା, ତାହା ଶ୍ରୀ ନାଗ୍ ବୁଝାଇଥିଲେ ।

ଏହିସବୁ ସଭାରେ ଶିଳ୍ପମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ପୂର୍ବରୁ ଶ୍ରୀ ପଟ୍ଟନାୟକ ସାଇକଲ ଯୋଗେ ହରିଚନ୍ଦନପୁରଠାରୁ ଏହି ଯାତ୍ରୀମାନଙ୍କ ସହିତ ରେକୁଟିଆ ଛକ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ଖଣି ରାଷ୍ଟ୍ର-ମନ୍ତ୍ରୀ ସାଇକଲ ଯାତ୍ରୀମାନଙ୍କୁ ସ୍ୱାଗତ କଣାଇ ନିଜେ ମଧ୍ୟ ସାଇକଲ ଚଳାଇ ଏହି ଯାତ୍ରାରେ ସାମିଲ ହୋଇ ସଭାସ୍ଥଳକୁ ଆସିଥିଲେ ।

## ମିନିଧରଣର କମ୍ପ୍ୟୁଟର ଶିଳ୍ପ ପ୍ରକଳ୍ପ

ଭୁବନେଶ୍ୱର ନିକଟସ୍ଥ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଛୋଟ ଧରଣର ପର୍ସନାଲ କଂପ୍ୟୁଟର ନିର୍ମାଣ ପାଇଁ ଏକ ପ୍ରକଳ୍ପ ପ୍ରତିଷ୍ଠା କରାଯାଉଛି । କମାଣ୍ଡର କଂପ୍ୟୁଟର ଲିମିଟେଡ ନାମକ ଏହି ପ୍ରକଳ୍ପରୁ ଚଳିତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଉତ୍ପାଦନ ଆରମ୍ଭ ହୋଇ-ଯିବ ବୋଲି ଆଶା କରାଯାଉଛି । ଏଥିପାଇଁ ଶିଳ୍ପ ଲାଇସେନସ, ମଳ ଯନ୍ତ୍ରପାତି ଓ କଞ୍ଚାମାଲ ଆମଦାନୀ ପାଇଁ ଅନୁମତି ଏବଂ ବିଦେଶୀ ଜ୍ଞାନ କୌଶଳ ଲାଭ ପାଇଁ ଆବଶ୍ୟକୀୟ ଅନୁମତି ପତ୍ର ମିଳିସାରିଛି । କେତେକ ଯନ୍ତ୍ରପାତି କଲିକତାରେ ପହଞ୍ଚି ସାରିଥିବା ମଧ୍ୟ ଜଣାପଡ଼ିଛି । ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଭିତ୍ତି-ଭୂମି ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ ହୋଇସାରିଛି । ଇପିକଲ୍, ଓ. ଏସ୍. ଏଫ୍. ସି. ଏବଂ ଷ୍ଟେଟ୍ ବ୍ୟାଙ୍କରୁ ଟର୍ମ ଲୋନ୍ ଆକାରରେ ଆର୍ଥିକ ସହାୟତା ପାଇଁ ମଞ୍ଜୁରୀ ମିଳିସାରିଛି । ଏସବୁ ଦୃଷ୍ଟିରୁ ଚଳିତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ପରୀକ୍ଷାମୂଳକ ଭାବେ ଏଠାରୁ ଉତ୍ପାଦନ ଆରମ୍ଭ ହୋଇପାରିବ ବୋଲି ଆଶା କରାଯାଏ ।

## ତଫସିଲଭୁକ୍ତ ଲୋକଙ୍କ ପାଇଁ ବାସଗୃହ ଓ ଗୃହଜମି

ତଫସିଲଭୁକ୍ତ ଜାତିର ପରିବାରଙ୍କର ଚଳଣିରେ ଉନ୍ନତି ପାଇଁ ଘରଡ଼ିହ ନଥିବା ପରିବାରଙ୍କୁ ଘରଡ଼ିହ ପାଇଁ ଜମି ଏବଂ ବିଭିନ୍ନ ଗୃହ ନିର୍ମାଣ କାର୍ଯ୍ୟକ୍ରମରେ ବାସଗୃହ ଯୋଗାଇ ଦିଆଯାଉଛି। ଷଷ୍ଠ ଯୋଜନାରେ ୩୬ ହଜାର ୧୨୩ ଟି ତଫସିଲଭୁକ୍ତ ଜାତିର ପରିବାରଙ୍କୁ ଘରଡ଼ିହ ଏବଂ ୨୧ ହଜାର ୨୫୨ ଟି ଘର ଯୋଗାଇ ଦିଆଯାଇଛି ।

୧୯୮୫-୮୬ ରେ ୧୯ ହଜାର ୨୫୨ ଟି ତଫସିଲଭୁକ୍ତ ଜାତିର ଲୋକଙ୍କୁ ଘରଡ଼ିହ ଏବଂ ୪ ହଜାର ୧୩୬ ଟି ବାସଗୃହ ଯୋଗାଇ ଦିଆଯାଇଛି । ଚଳିତ ଆର୍ଥିକ ବର୍ଷର ଡ଼ିସେମ୍ବର ଶେଷ ସୁଦ୍ଧା ୬ ହଜାର ୨୧୯ ଜଣ ତଫସିଲଭୁକ୍ତ ଜାତିର ଲୋକଙ୍କୁ ଘରଡ଼ିହ ବଣ୍ଟନ କରାଯାଇଛି । ୧୯୮୬-୮୭ ବର୍ଷରେ ୨ ହଜାର ୧୨୧ ଟି ତଫସିଲଭୁକ୍ତ ପରିବାରଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ଚଳିତ ବର୍ଷ ଡ଼ିସେମ୍ବର ଶେଷ ସୁଦ୍ଧା ୮୫ ହଜାର ୫୮୦ ଟି ତଫସିଲଭୁକ୍ତ ଜାତିର ପରିବାରଙ୍କୁ ୧ ଲକ୍ଷ ୫୬ ହଜାର ୬୦୪ ଏକର ସରକାରୀ ପତିତ ଜମି ଯୋଗାଇ ଦିଆଯାଇଛି । ସେହିପରି ଚଳିତ ବର୍ଷ ନଭେମ୍ବର ଶେଷ ସୁଦ୍ଧା ୪୦ ହଜାର ୫୨୯ ଟି ହରିଜନ ପରିବାରଙ୍କୁ ମୋଟ୍ ୪୫ ହଜାର ୧୨୯ ଏକର ସିଲିଂ ବହିର୍ଭୂତ ଜମି ମଧ୍ୟ ଯୋଗାଇ ଦିଆଯାଇଛି ।

୧୯୬୦ ଓଡ଼ିଶା ଭୂ-ସଂସ୍କାର ଆଇନ ଅନୁଯାୟୀ ୧୯୮୬ ଅପ୍ରେଲ ସୁଦ୍ଧା ଦାୟର ହୋଇଥିବା ୨୨ ହଜାର ୯୩୩ ଟି ଭୂ-ସଂସ୍କାର ମକଦ୍ଦମା ମଧ୍ୟରୁ ୨୧ ହଜାର ୧୮୬ ଟି ମକଦ୍ଦମାର ଫଇସଲା କରାଯାଇ ବେଆଇନ ଭାବେ ଅଧିକୃତ ୭୫୦୨ ଏକର ଜମି ୭୮୧୩ ଜଣ ତଫସିଲଭୁକ୍ତ ଜାତିର ଲୋକଙ୍କୁ ଯୋଗାଇ ଦିଆଯାଇଛି ।

## ହରିଜନ ବସ୍ତି ବିଦ୍ୟୁତ୍‌କରଣ

ତଫସିଲଭୁକ୍ତ ଜାତିର ଲୋକ ବାସ କରୁଥିବା ବସ୍ତି ଅଞ୍ଚଳରେ ସ୍ୱତନ୍ତ୍ର ବିଦ୍ୟୁତ୍ ଆଲୋକ ଯୋଗାଣ କାର୍ଯ୍ୟକ୍ରମରେ ଗତ ୧୯୮୫-୮୬ ବର୍ଷରେ ୪୫୫ ଟି ବସ୍ତିରେ ରାସ୍ତା ଆଲୋକ ଯୋଗାଇ ଦିଆଯାଇଥିଲା ଏବଂ ୭୪ ଟି ହରିଜନ ବହୁଳ ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇଥିଲା । ଆର୍ଥିକ ଉନ୍ନୟନ କାର୍ଯ୍ୟକ୍ରମରେ ସଂପୃକ୍ତ ଗରିବ ହରିଜନ ପରିବାରଙ୍କ ଘରକୁ ଗୋଟିଏ ଲେଖାଏଁ ଆଲୋକ ପଏଣ୍ଟ ଦେବା ପାଇଁ ଏକ କାର୍ଯ୍ୟକ୍ରମ ଗତବର୍ଷରୁ ହାତକୁ ନିଆଯାଇଛି । ଏଥିପାଇଁ ଗତ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ଏ ଦିଗରେ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

## ଜାତୀୟ ବିଜ୍ଞାନ ଦିବସ

ଚଳିତ ବର୍ଷଠାରୁ ଫେବୃୟାରୀ ୨୮ ତାରିଖକୁ "ଜାତୀୟ ବିଜ୍ଞାନ ଦିବସ" ରୂପେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଭାରତର ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ସି. ଭି. ରମଣ ୧୯୨୮ ମସିହା ଫେବୃୟାରୀ ୨୮ ତାରିଖ ଦିନ "ରମଣ ରଶ୍ମୀ" ଆବିଷ୍କାର କରି ପୃଥିବୀ ବିଖ୍ୟାତ ହୋଇଥିଲେ ଏବଂ ଏଥିପାଇଁ ପରେ ତାଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ଏହି ଦିବସକୁ "ଜାତୀୟ ବିଜ୍ଞାନ ଦିବସ" ରୂପେ ପାଳନ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ।

ଫେବୃଆରୀ ମାସ ୨୮ ତାରିଖ ଦିନ ପ୍ରଥମ କରି ସାରା ଦେଶରେ "ଜାତୀୟ ବିଜ୍ଞାନ ଦିବସ" ପାଳନ କରିବାକୁ ଆୟୋଜନ କରାଯାଉଛି । ଏହି ଅବସରରେ ସଭାସମିତି, ବିଜ୍ଞାନ ମେଳା ଏବଂ ରଚନା ଲିଖନ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଇତ୍ୟାଦି ଅନୁଷ୍ଠିତ ହେବ ।

ଲୋକମାନଙ୍କ ମଧ୍ୟରେ ବିଜ୍ଞାନକୁ ଜନପ୍ରିୟ କରାଇବା ଓ ଏ ସଂପର୍କରେ ସଚେତନ କରାଇବା ପାଇଁ ବିଜ୍ଞାନ ପ୍ରଦର୍ଶନୀର ଆୟୋଜନ କରିବା ନିମନ୍ତେ ଶିକ୍ଷାନୁଷ୍ଠାନଗୁଡ଼ିକୁ ରାଜ୍ୟ ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗ ତରଫରୁ ଅନୁରୋଧ କରାଯିବା ସଙ୍ଗେସଙ୍ଗେ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନେହେରୁ ଯୁବ କେନ୍ଦ୍ର ଓ ଜାତୀୟ ସେବା ସଂସ୍ଥା ଇତ୍ୟାଦି ମଧ୍ୟ ଉକ୍ତ ଦିବସକୁ ସଫଳତାର ସହିତ ପାଳନ କରିବା ପାଇଁ ନିବେଦନ କରାଯାଇଛି ।

## ଜୈବିକ ଶକ୍ତି କାର୍ଯ୍ୟକ୍ରମ

ରାଜ୍ୟରେ ଦିନକୁ ଦିନ ଗୋବରଗ୍ୟାସ ପ୍ଲାଣ୍ଟର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି । ପରିବାର ଶ୍ରେଣୀୟ ବାୟୋଗ୍ୟାସ ପ୍ଲାଣ୍ଟ ନିର୍ମାଣ ପ୍ରତି ଲୋକମାନେ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି । ଗତ ଷଷ୍ଠ ଯୋଜନା କାଳରେ ରାଜ୍ୟରେ ମୋଟ ୪୮୭୨ଟି ଗୋବରଗ୍ୟାସ ପ୍ଲାଣ୍ଟ ନିର୍ମିତ ହୋଇଥିବା ବେଳେ ୧୯୮୫-୮୬ ମସିହାରେ ମୋଟ ୫୩୫୦ଟି ଏପରି ପ୍ଲାଣ୍ଟ ନିର୍ମାଣ କରାଯାଇଛି । ଅଣ ପାରମ୍ପରିକ ଶକ୍ତି ବିକାଶ ବିଭାଗ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାଯାଉଛି ଯେ, ଉପରୋକ୍ତ ପ୍ଲାଣ୍ଟଗୁଡ଼ିକ ମଧ୍ୟରୁ ଶତକଡ଼ା ୯୩ ଭାଗ ପ୍ଲାଣ୍ଟ ବେଶ କାର୍ଯ୍ୟକ୍ଷମ ରହିଛି । ୧୯୮୬-୮୭ ମସିହାରେ ରାଜ୍ୟରେ ମୋଟ ୪ ହଜାରଟି ଗୋବରଗ୍ୟାସ ପ୍ଲାଣ୍ଟ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଉଛି । ସେଥି ମଧ୍ୟରୁ ଶତକଡ଼ା ପ୍ରାୟ ୫୦ ଭାଗର ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବାକି ପ୍ଲାଣ୍ଟଗୁଡ଼ିକର କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ରହିଛି । ସେଗୁଡ଼ିକ ମଧ୍ୟ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି ।

ରାଜ୍ୟରେ ନିର୍ମାଣ କରାଯାଉଥିବା ଅଳ୍ପ ସଂଖ୍ୟକ ଗୋଷ୍ଠୀ ଶ୍ରେଣୀୟ ଓ ଅନୁଷ୍ଠାନ ଶ୍ରେଣୀୟ ବାୟୋଗ୍ୟାସ ପ୍ଲାଣ୍ଟ ସନ୍ତୋଷ ଜନକ ଭାବରେ କାର୍ଯ୍ୟ କରୁଥିବାରୁ ଏପରି ପ୍ଲାଣ୍ଟ ବିଶେଷ ଜନପ୍ରିୟତା ଲାଭ କରୁଅଛି । କୋରାପୁଟଠାରେ ନିର୍ମାଣ କରାଯାଉଥିବା ଗୋଷ୍ଠୀଶ୍ରେଣୀୟ ପ୍ଲାଣ୍ଟ ଏକ ଆଦିବାସୀ ଗ୍ରାମକୁ ଶକ୍ତି ଯୋଗାଉଅଛି । ପୁରୀଠାରେ ମଣିଷ ମଳ ଉପଯୋଗରେ ହୋଇଥିବା ଜୈବିକଗ୍ୟାସ ପ୍ଲାଣ୍ଟ ସନ୍ତୋଷଜନକ ଭାବରେ କାର୍ଯ୍ୟ କରୁଅଛି । ବର୍ତ୍ତମାନ ଏହି ପ୍ଲାଣ୍ଟ ୪୧ଟି ପରିବାରକୁ ରୋଷେଇଘର ଗ୍ୟାସ ଯୋଗାଉଛି । ଦୁଇଟି ଆବାସିକ ବିଦ୍ୟାଳୟରେ ନିର୍ମାଣ କରାଯାଇଥିବା ଅନୁଷ୍ଠାନ ଶ୍ରେଣୀୟ ପାଣ୍ଟକୁ ମଧ୍ୟ ପାଇଖାନା ସହିତ ସଂଯୋଗ କରାଯାଇଛି । ବିଭିନ୍ନ ପଶୁଙ୍କ ମଳକୁ ନେଇ ନନ୍ଦନକାନନ ଚିଡ଼ିଆଖାନାଠାରେ ନିର୍ମାଣ କରାଯାଇଥିବା ଜୈବିକ ଗ୍ୟାସ ପ୍ଲାଣ୍ଟ ମଧ୍ୟ ଆଶାନୁରୂପ ଭାବେ କାର୍ଯ୍ୟ କରୁଅଛି ।

## ହରିଜନ ଅତ୍ୟାଚାର ତଦନ୍ତରେ କୌଣସି ହେଳାକୁ ପ୍ରଶ୍ରୟ ଦିଆଯିବ ନାହିଁ

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ

ରାଜ୍ୟରେ ହରିଜନ ଲୋକଙ୍କ ଉପରେ ଅତ୍ୟାଚାରଜନିତ ଘଟଣା ଓ ସେ ସମ୍ପର୍କୀୟ ଅଭିଯୋଗର ତଦନ୍ତ କ୍ଷେତ୍ରରେ କୌଣସି ହେଳାକୁ ପ୍ରଶ୍ରୟ ଦିଆଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଘୋଷଣା କରିଛନ୍ତି । ଫେବୃୟାରୀ ୧୨ ତାରିଖରେ ସଚିବାଳୟଠାରେ ଅନୁଷ୍ଠିତ ରାଜ୍ୟ ହରିଜନ ମଙ୍ଗଳ ଉପଦେଷ୍ଟା ପରିଷଦର ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିବା ସଙ୍ଗେ ସଙ୍ଗେ ସଂପ୍ରତି ରାଜ୍ୟରେ ଏଭଳି ଅତ୍ୟାଚାର ସମ୍ପର୍କରେ ଯଥେଷ୍ଟ ଜନଚେତନା ସୃଷ୍ଟି ହୋଇଛି ବୋଲି ସୂଚନା ଦେଇଥିଲେ । ସେ କହିଲେ ଯେ, ଏଭଳି କୌଣସି ଅତ୍ୟାଚାରଜନିତ ଘଟଣା ଘଟିଲେ କିମ୍ବା ଅଭିଯୋଗ ମିଳିଲେ ପୋଲିସ ତୁରନ୍ତ ତାହାର ବିହିତ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ଅତ୍ୟାଚାର ନିରୋଧ କମିଟି-ଗୁଡ଼ିକ ଅଧିକ ସକ୍ରିୟ କରାଯିବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ । ହରିଜନ ଲୋକଙ୍କୁ ବ୍ଲକ ଓ ମିନିବସ ଋଣ ପ୍ରଦାନ କ୍ଷେତ୍ରରେ ଯେଉଁସବୁ ସମସ୍ୟା ରହିଛି ସେ ସବୁର ସମୀକ୍ଷା କରି ଏ କ୍ଷେତ୍ରରେ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକ କେତେଦୂର ସହଯୋଗ କରୁଛନ୍ତି ତାହା ଅନୁସନ୍ଧାନ କରିବା ପାଇଁ ସେ ବିଭାଗୀୟ କର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟରେ ଅସବର୍ଣ୍ଣ ବିବାହ ସମ୍ପର୍କୀୟ ମକଦ୍ଦମା-ଗୁଡ଼ିକର ଯଥାଶୀଘ୍ର ଫଇସଲା କରାଯିବା ଆବଶ୍ୟକ ବୋଲି ମତପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏଥିପାଇଁ ଜିଲ୍ଲାପାଳ-ମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯିବ । ହରିଜନ ଛାତ୍ର, ଛାତ୍ରୀମାନଙ୍କୁ ଜାତୀୟକରଣ ପାଠ୍ୟପୁସ୍ତକ ଓ ପୋଷ୍ଟ- ମାଟ୍ରିକ ବୃତ୍ତି ଯଥା ସମୟରେ ଯୋଗାଇ ଦିଆଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଲେ ଯେ, ସବୁ ବ୍ଲକ ଅଞ୍ଚଳରେ ଯେପରି ଆବଶ୍ୟକ ସଂଖ୍ୟାରେ ଜାତୀୟକରଣ ପାଠ୍ୟପୁସ୍ତକ ଓ ଛାତ୍ରବୃତ୍ତି ମିଳିପାରିବ, ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ । ସେହି ସଙ୍ଗେସଙ୍ଗେ ହରିଜନ ଓ ଆଦିବାସୀମାନେ ଯେପରି ସହଜରେ ଓ ଶୀଘ୍ର ଆବଶ୍ୟକ ଜାତିଗତ ପ୍ରମାଣପତ୍ର ପାଇପାରିବେ, ତାହାର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ହରିଜନ ବସ୍ତିରେ ବିଦ୍ୟୁତକରଣ, ପାନୀୟଜଳ ଯୋଗାଣ, ଗୃହ ନିର୍ମାଣ ଋଣ, ଓ ହରିଜନ ଲୋକଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଅର୍ଥନୈତିକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ରାଜ୍ୟ ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ମନ୍ତ୍ରୀ ଶ୍ରୀ ରାସ ବିହାରୀ ବେହେରା, ବିଭାଗୀୟ ଉପମନ୍ତ୍ରୀ ଶ୍ରୀମତୀ ପରମା ପୂଜାରୀ, ଶ୍ରୀ ପ୍ରହଲ୍ଲଦ ମଲ୍ଲିକ, ଶ୍ରୀ ଲକ୍ଷ୍ମଣ ମଲ୍ଲିକ, ଶ୍ରୀ ଶାନ୍ତନୁ କୁମାର ଦାସ, ଶ୍ରୀ ସୁର ସେଠୀ ପ୍ରମୁଖ ସଦସ୍ୟ, ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ଶାସନ ସଚିବ ଶ୍ରୀ ସୀତାକାନ୍ତ ମହାପାତ୍ର ଓ ସମ୍ପୃକ୍ତ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ ।

## ଆଧ୍ୟାତ୍ମିକ ଶିକ୍ଷା ବିନା ଶିକ୍ଷା ପଦ୍ଧତି ସ୍ୱୟଂ ସଂପୂର୍ଣ୍ଣ ହେବ ନାହିଁ

-ରାଜ୍ୟପାଳ ଶ୍ରୀ ପାଣ୍ଡେ

ସମାଜର ପ୍ରଗତି ଓ ଅଭିବୃଦ୍ଧି ପାଇଁ ନାରୀ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ଆଧ୍ୟାତ୍ମିକ ଶିକ୍ଷା ବିନା ଶିକ୍ଷା ବ୍ୟବସ୍ଥା ସ୍ୱୟଂ ସମ୍ପୂର୍ଣ୍ଣ ହେବନାହିଁ ବୋଲି ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ କହିଛନ୍ତି ।

ଶ୍ରୀ ପାଣ୍ଡେ ସ୍ଥାନୀୟ ସତ୍ୟସାଇ ମହିଳା ମହାବିଦ୍ୟାଳୟର ଷଷ୍ଠବାର୍ଷିକ ଉତ୍ସବରେ ଯୋଗ ଦେଇ କହିଲେ ଯେ ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଅତି ପୁରାତନ କାଳରୁ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦିଆ ଯାଉଛି । ପୁରୁଷମାନଙ୍କ ସହିତ ସବୁ ସ୍ତରରେ ମହିଳାମାନଙ୍କୁ ସମାନ ଅଧିକାର ଦିଆଯାଉଛି । ଫରାସୀ ଓ ବ୍ରିଟିଶ ମହିଳାମାନେ ଭୋଟ ଅଧିକାର ପାଇବା ପାଇଁ ବହୁକାଳ ବ୍ୟାପି ସଂଗ୍ରାମରତ ଥିଲାବେଳେ ଭାରତବର୍ଷରେ ଏପରି ଅଧିକାର ସମ୍ବିଧାନରେ ଲିପିବଦ୍ଧ କରାଯାଇ କାର୍ଯ୍ୟକାରୀ ହୋଇଛି ।

ଭାରତ ବର୍ଷରେ କେରଳ ରାଜ୍ୟରେ ଶିକ୍ଷିତ ମହିଳାମାନଙ୍କ ସଂଖ୍ୟା ସର୍ବାଧିକ ବୋଲି ଦର୍ଶାଇ ଓଡ଼ିଶାରେ ମଧ୍ୟ ଅନୁରୂପ ପ୍ରଗତି ହେବା ଆବଶ୍ୟକ ବୋଲି ରାଜ୍ୟପାଳ ଦର୍ଶାଇଥିଲେ ।

ସେ କହିଲେ ଯେ, ଓଡ଼ିଶା ସରକାର ନାରୀ ଶିକ୍ଷା ପ୍ରସାର ପାଇଁ ଅଙ୍ଗୀକାରବଦ୍ଧ । ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ବିନା ବେତନରେ ଶିକ୍ଷା ଦିଆଯିବା, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱଳ୍ପ ବ୍ୟୟସାପେକ୍ଷ ଛାତ୍ରାବାସ ପ୍ରତିଷ୍ଠା କରିବା ଆଦି କାର୍ଯ୍ୟକ୍ରମର ସେ ପ୍ରଶଂସା କରିଥିଲେ ।

ଏହି ଉତ୍ସବରେ ରାଜ୍ୟପାଳଙ୍କ ସହଧର୍ମିଣୀ ଶ୍ରୀମତୀ ଶାନ୍ତା ପାଣ୍ଡେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ରାଜ୍ୟ ସତ୍ୟସାଇ ଟ୍ରଷ୍ଟର ଆବାହକ ଶ୍ରୀ ପ୍ରହ୍ଲାଦ ପଟ୍ଟନାୟକ ଓ ପୂର୍ବତନ ଏମ୍. ପି. ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା ଏହି ଉତ୍ସବରେ ଭାଷଣ ଦେଇଥିଲେ ।

## ଦାଦନ ଶ୍ରମିକ ସମସ୍ୟା

ଦାଦନ ଶ୍ରମିକ ଏଜେଣ୍ଟ ରୂପେ ଲାଇସେନସ୍ ନ କରି ଯେଉଁମାନେ ଓଡ଼ିଶା ବାହାରକୁ ଶ୍ରମିକ ପଠାଉଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଦାଦନ ଶ୍ରମିକ ଏଜେଣ୍ଟ ଆସୋସିଏସନ ସରକାରଙ୍କ ସଙ୍ଗେ ସହଯୋଗ କରିବାକୁ ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ର ନିବେଦନ କରିଛନ୍ତି ।

ଦାଦନ ଶ୍ରମିକ ଏଜେଣ୍ଟ ଆସୋସିଏସନର ସଭାପତି ଶ୍ରୀ ଲକ୍ଷ୍ମୀଧର ଭୋଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶ୍ରମ ରାଷ୍ଟ୍ରମନ୍ତ୍ରୀଙ୍କ ସଙ୍ଗେ ସେମାନଙ୍କ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ରାଜ୍ୟ ସଚିବାଳୟଠାରେ ଆଲୋଚନା କରିଥିଲେ । ଏହି ପ୍ରତିନିଧିମାନେ ପ୍ରସ୍ତାବିତ ପ୍ରତ୍ୟେକ ଶ୍ରମିକ ପିଛା ୧୦୦ ଟଙ୍କା ଅମାନତ ଟଙ୍କା ଜମାଇବା ନିମନ୍ତେ ଶ୍ରମ ରାଷ୍ଟ୍ରମନ୍ତ୍ରୀଙ୍କୁ ଅନୁରୋଧ କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ କେତେକ ଅସୁବିଧା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଆଲୋଚନା ସମୟରେ ଏଜେଣ୍ଟମାନେ ଓଡ଼ିଶା ବାହାରକୁ ପଠାଉଥିବା ଶ୍ରମିକଙ୍କ ଫଟୋ ଓ ନିର୍ଦ୍ଧାରିତ ଫର୍ମରେ ଅନ୍ୟାନ୍ୟ ବିବରଣୀ ଠିକ ସମୟରେ ଦେବା ଉପରେ ଶ୍ରମ ରାଷ୍ଟ୍ରମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।

ଆଲୋଚନାରୁ ପ୍ରକାଶ ଯେ, ପୁରୀ ଓ ଗଞ୍ଜାମ ଜିଲ୍ଲାରୁ ଯଥାକ୍ରମେ ୧୨୯ ଜଣ ଓ ୧୬ ଜଣ ଏଜେଣ୍ଟ ଲାଇସେନସ୍ କରିଛନ୍ତି । ଏହାର ନବୀକରଣ ଚଳିତମାସ ଶେଷସୁଦ୍ଧା କରାଇନେବେ ବୋଲି ଆସୋସିଏସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ।

ଏହି ବୈଠକରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ହରିହର କରଣ, ବିଧାୟକ ଡ଼କ୍ଟର ଦେବେନ୍ଦ୍ରନାଥ ମାନସିଂହ, ଶ୍ରମ ବିଭାଗ ଶାସନ ସଚିବ ଶ୍ରୀ ଭାସ୍କର ଚନ୍ଦ୍ର ପଟ୍ଟନାୟକ, ଦାଦନ ଶ୍ରମିକ ଦାୟିତ୍ୱରେ ଥିବା ଶ୍ରମ ବିଭାଗ ଅଫିସରମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ହରିଜନ ପରିବାର ଉପକୃତ

ରାଜ୍ୟରେ ଥିବା ମୋଟ ୭ ଲକ୍ଷ ୨୯ ହଜାର ୮୦୫ଟି ତଫସିଲଭୁକ୍ତ ଜାତି ପରିବାରଙ୍କ ମଧ୍ୟରୁ ଗତ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ, ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଉତ୍‌ଥାନ ଓ ଅନ୍ୟାନ୍ୟ ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମ - ଜରିଆରେ ୪ ଲକ୍ଷ ୬୪ ହଜାର ୮୧ଟି ପରିବାରକୁ ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ସମ୍ବଳ ଓ ଅର୍ଥ ସହାୟତା ଯୋଗାଇ ଦିଆଯାଇଥିଲା ।

ଗତ ୧୯୮୫-୮୬ ମସିହାରେ ଓ ଗତ ଆର୍ଥିକବର୍ଷ ଡ଼ିସେମ୍ବର ମାସ ଶେଷସୁଦ୍ଧା ଯଥାକ୍ରମେ ୮୦,୬୨୪ଟି ଓ ୪୪,୧୫୫ଟି ହରିଜନ ପରିବାରକୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି ।

ତଫସିଲଭୁକ୍ତ ଜାତିଙ୍କ ମଧ୍ୟରେ ହସ୍ତଚାଳିତ ବୁଣାକାର, ଚମଡ଼ା ଶିଳ୍ପୀ, ମତ୍ସ୍ୟଜୀବୀ ଏବଂ କୃଷକ ଶ୍ରେଣୀ ଓ ବିଭିନ୍ନ କୁଟୀର ଶିଳ୍ପରେ ନିୟୋଜିତ ହରିଜନ ଲୋକଙ୍କ ଆୟ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି ।

## ନାଲ୍‌କୋରେ ଅଧିକ ବାସଚ୍ୟୁତ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଦାମନଯୋଡ଼ି ଓ ଅନୁଗୁଳ ଅଞ୍ଚଳରେ ବାସଚ୍ୟୁତ ପରିବାରର ଲୋକଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦେବା ଏବଂ ସେମାନଙ୍କର ଉତ୍‌ଥାନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ- ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ସଚିବାଳୟ ଠାରେ ନାଲକୋ ଉପଜାତି ଓ ଆନୁସଙ୍ଗିକ ଶିଳ୍ପ ସମ୍ଭାବନ ସମ୍ପର୍କରେ ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ନାଲକୋ ପ୍ରକଳ୍ପ-ପ୍ରତିଷ୍ଠା ଫଳରେ ଦାମନଯୋଡ଼ି ଓ ଅନୁଗୁଳ ଅଞ୍ଚଳରେ ଯେଉଁ ସବୁ ପରିବାର ବାସଚ୍ୟୁତ ହୋଇଛନ୍ତି, ସେସବୁ ପରିବାରର ଲୋକଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦେବା ସଙ୍ଗେସଙ୍ଗେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କ ଉତ୍‌ଥାନର ବ୍ୟବସ୍ଥା କରିବା ଦିଗରେ ନାଲକୋ କର୍ତ୍ତୃପକ୍ଷ ପଦକ୍ଷେପ ନେବା ଆବଶ୍ୟକ । ନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଖେଳ କସରତର ବିକାଶ ପାଇଁ ମଧ୍ୟ ଆଦର୍ଶ ତାଲିମ ଅନୁଷ୍ଠାନ ସ୍ଥାପନ କରିବା ପାଇଁ ସେ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ ।

ନାଲ୍‌କୋ ପ୍ରକଳ୍ପରେ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ପ୍ରସ୍ତୁତ କରିବା କ୍ଷେତ୍ରରେ ରାଜ୍ୟର କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ-ମାନଙ୍କୁ ସୁଯୋଗ ଦିଆଯିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ । ଏଥିପାଇଁ କଟକ ଓ ଅନୁଗୁଳଠାରେ ନାଲ୍‌କୋ ପ୍ରକଳ୍ପର ଆବଶ୍ୟକ ଯନ୍ତ୍ରପାତିର ଏକ ପ୍ରଦର୍ଶନୀ କରାଯାଇପାରେ ବୋଲି ସେ ପ୍ରକାଶ କରିଥିଲେ । ଏହି ବୈଠକରେ ନାଲକୋର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡ଼ାଇରେକ୍ଟର ଶ୍ରୀ ପାତ୍ରିଲୁ, ରାଜ୍ୟ ଶିଳ୍ପ ବିଭାଗ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗୀୟ ଉଚ୍ଚପଦସ୍ଥ କର୍ମଚାରୀମାନେ ଯୋଗ ଦେଇଥିଲେ ।

## କଲେକ୍ଟରଙ୍କ ସାଧୁବାଦ

ଡେନମାର୍କର ପ୍ରଧାନମନ୍ତ୍ରୀ ଶ୍ରୀ ପାଉଲ୍ ସଟରଙ୍କୁ ସଂପ୍ରତି ତାଙ୍କର ଓଡ଼ିଶା ଗସ୍ତ ସମୟରେ ରାଜ୍ୟ ସରକାରଙ୍କ ତରଫରୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କର ନୂଆଦିଲ୍ଲୀସ୍ଥ ରାଷ୍ଟ୍ରଦୂତଙ୍କ ଜରିଆରେ ଓଡ଼ିଶାର ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବଟକୃଷ୍ଣ ଜେନା ଓ ପଦସ୍ଥ ଅଫିସରମାନଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି । ଏ ସଂପର୍କରେ ଶ୍ରୀ ଜେନାଙ୍କ ନିକଟକୁ ଆସିଥିବା ଏକ ପତ୍ରରେ କୁହାଯାଇଛି ଯେ ଗତ ମାସ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ସଟର ସସ୍ତ୍ରୀକ ତାଙ୍କର ପ୍ରତିନିଧି ଦଳଙ୍କ ସହଣରେ ଓଡ଼ିଶା ଆସି ଡେଲଙ୍ଗ ବ୍ଲକର ଜେନାପୁର ଓ ପୋଣଡ ଗ୍ରାମ ପରିଦର୍ଶନରେ ଯାଇଥିଲେ । ସେଠାରେ ସ୍ଥାନୀୟ ଗ୍ରାମବାସୀମାନଙ୍କ ସହିତ ସାକ୍ଷାତ କରି ସେ 'ଦାନିଡା' ଜଳ ଯୋଗାଣ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ସଂପର୍କରେ ଗଭୀର ସନ୍ତୋଷ ପ୍ରକାଶ କରିଥିବା ବିଷୟ ଏହି ପତ୍ରରେ ଉଲ୍ଲେଖ କରାଯାଇଛି । ତାଙ୍କର ପରିଦର୍ଶନ ସମୟରେ ସ୍ଥାନୀୟ ଗ୍ରାମାଞ୍ଚଳର ପ୍ରାକୃତିକ ଦୃଶ୍ୟ ଏହି ଦଳକୁ ବିମୋହିତ କରିଥିଲା ଏବଂ ସେମାନଙ୍କ ପକ୍ଷରେ ଓଡ଼ିଶା ଗସ୍ତ ଏକ ଅବିସ୍ମରଣୀୟ ଘଟଣା ହୋଇ ରହିବ ବୋଲି ମଧ୍ୟ ଏହି ପତ୍ରରେ ଉଲ୍ଲେଖ କରାଯାଇଛି ।

## ସୂଚନା ଓ ସେଚ ରାଷ୍ଟ୍ରମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ

ରାଜ୍ୟ ସେଚ ଓ ସୂଚନା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଫେବୃଆରୀ ୧୬ ଓ ୧୭ ତାରିଖ, ଦୁଇଦିନ ଧରି କଳାହାଣ୍ଡି ଜିଲ୍ଲାର ସଦର ଓ ନୂଆପଡ଼ା ସବ୍‌ଡିଭିଜନ୍ ଗସ୍ତ କରିଥିଲେ । ଏହି ଅବସରରେ ସେ ୧୬ ତାରିଖ ଦିନ 'ଭାଲୁଦର' କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ଏହାର ଅୟାକଟ ଅଞ୍ଚଳ ବୃଦ୍ଧି କରିବା ଲାଗି ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ଖଇରମାଳ ଗ୍ରାମର ବିଦ୍ୟାଳୟ ଗୃହ ଭାଙ୍ଗି ପଡ଼ିଥିବା ହେତୁ ତା'ର ମରାମତି କାମ ତୁରନ୍ତ ହାତକୁ ନେବା ପାଇଁ ସେ ସଦର ଏସ୍. ଡି. ଓ. ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ସିଂହ ଏକଟାରା ଗ୍ରାମରେ ଗୋଟିଏ ନୂତନ ମଧ୍ୟ ଇଂରାଜୀ ବିଦ୍ୟାଳୟ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଲୋକସଭା ସଦସ୍ୟ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଚାହାଳୋଡ଼ ଗ୍ରାମରେ ଏକ ସାଧାରଣ ସଭାରେ ମଧ୍ୟ ରାଷ୍ଟ୍ରମନ୍ତ୍ରୀ ଯୋଗ ଦେଇ ରାଜ୍ୟ ସରକାର କଳାହାଣ୍ଡି ଜିଲ୍ଲାର ବିକାଶ ଦିଗରେ ଯେଉଁସବୁ ପଦକ୍ଷେପ ନେଇଛନ୍ତି, ତାହା ଲୋକମାନଙ୍କୁ ବୁଝାଇଥିଲେ । ବାଜପୁର-ଠାରେ ଶ୍ରୀ ସିଂହ ଏକ ପ୍ରାଥମିକ ବିଦ୍ୟାଳୟ ଓ ବିନାରଭେଲ୍-ଠାରେ ଏକ ଆୟୁର୍ବେଦ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟନ କରିଥିଲେ ।

ସତର ତାରିଖ ଦିନ ଶ୍ରୀ ସିଂହ କେସିଙ୍ଗା ସମୀପସ୍ଥ [illegible] ଖଣ୍ଡେଲ ଗ୍ରାମରେ ଆୟୋଜିତ ଏକ ଚକ୍ଷୁ ଚିକିତ୍ସା ଶିବିର ପରିଦର୍ଶନ କରିଥିଲେ ଏବଂ କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।

## କଳାହାଣ୍ଡି ଜିଲ୍ଲାରେ ସାତଟି ସେତୁ

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ତରଫରୁ କଳାହା ଜିଲ୍ଲାର ବିଭିନ୍ନ ନଦୀ-ନାଳ ଉପରେ ଯେଉଁ ୯ଟି ସେତୁ ନିର୍ମି ହେଉଥିଲା, ତନ୍ମଧ୍ୟରୁ ୨ଟି ସେତୁ ସଂପୂର୍ଣ୍ଣ ହୋଇଗଲାଣି ଏ ଅବଶିଷ୍ଟ ୭ଟି ସେତୁର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ନିର୍ମାଣାଧୀନ ଥିବା ଏହି ୭ଟି ସେତୁ ବାବଦରେ ସରକାର କୋଟି ୮୫ ଲକ୍ଷ ୨୯ ହଜାର ଟଙ୍କା ବ୍ୟୟ କରିବା ଲାଗି ପ୍ରଶାସନି ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ଏଗୁଡ଼ିକ ମଧ୍ୟରୁ ଆସନ୍ତା ମାସ ଶେଷ ସୁଦ୍ଧା ଯେ ୩ଟି ସେତୁର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧା ହୋଇଛି, ସେସବୁ ହେଲା ଖଡ଼ିଆଳ-ନୂଆପଡ଼ା ରାସ୍ତାରେ ପେଣ୍ଡାବଣ ନାଳ ସେତୁ, ଖଇରଳୀ ନାଳ ସେତୁ ଓ ଶୁଖାନା ସେତୁ । ଏହି ୩ଟି ସେତୁ ପାଇଁ ଯଥାକ୍ରମେ ୧୯ ଲକ୍ଷ ୫ ହଜାର ଟଙ୍କା, ୧୯ ଲକ୍ଷ ୮୦ ହଜାର ଟଙ୍କା ଓ ୫ ଲକ୍ଷ ୩ ହଜାର ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି । । ଖଡ଼ିଆ ବୋଡେନ୍-ସିନାପାଲ୍ଲୀ ରାସ୍ତାରେ ୧୫ ଲକ୍ଷ ଟଙ୍କା ବ୍ୟ ଅଟକଳରେ ନିର୍ମିତ ହେଉଥିବା ପଜାପଡ଼ ସେତୁଟି ଆସ ଜୁନ୍ ଶେଷ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ଉଦ୍ୟମ ହେଉଛି । ସେହିପରି ଆସନ୍ତା ବର୍ଷ ନଭେମ୍ବର ମାସ ଶେଷ ସୁଦ୍ଧା ସଂପ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ଅନ୍ୟ ୩ଟି ସେତୁ ହେଲ ଖଡ଼ିଆଳ-ନୂଆପଡ଼ା ରାସ୍ତାରେ କୋମନା ନାଳ ସେ ଜାତୀୟ ରାଜପଥ ସଂସ୍ଥା ପାଇଁ ନିର୍ମିତ ହେଉଥିବା ଉତେଇ ସେ ଏବଂ ଖଡ଼ିଆଳ-ବୋଡେନ୍-ସିନାପାଲ୍ଲୀ ରାସ୍ତାରେ ଉଦନ୍ତି ନା ସେତୁ । ଏହିସବୁ ସେତୁର ନିର୍ମାଣ ବାବଦରେ ଯଥାକ୍ର ୨୫ ଲକ୍ଷ ୬୩ ହଜାର ଟଙ୍କା, ୪୦ ଲକ୍ଷ ଟଙ୍କା ଏବଂ ୬୦ ଲ ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି ।

## ରାସ୍ତା ଯୋଗାଯୋଗ ପାଇଁ ଅର୍ଥ ମଞ୍ଜୁର

ଭଦ୍ରକ ପୂର୍ତ୍ତ ଡିଭିଜନ୍ ଅନ୍ତର୍ଗତ ୬ଟି ରାସ୍ତାର ଉନ୍ନୟ ଗୋଟିଏ ରାସ୍ତା ଓ ଗୋଟିଏ ସେତୁର ନିର୍ମାଣ ବାବଦ ଚଳିତ ଆର୍ଥିକ ବର୍ଷରେ ସମୁଦାୟ ୨୪ ଲକ୍ଷ ଟଙ୍କା ମଞ୍ଜୁ କରାଯାଇଛି । ରାସ୍ତାଗୁଡ଼ିକର ଉନ୍ନୟନ ଲାଗି ସର୍ବାଧି ୧୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସ୍ଥଳେ ବାସୁଦେବପୁ ଠାରୁ ଧାମରା ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ ପାଇଁ ୬ ଲକ୍ଷ ଟ ଏବଂ ଗାନ୍ଧୁଟି ସେତୁର ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ମ ହୋଇଛି ।

ଉନ୍ନୟନ କରାଯାଉଥିବା ୬ଟି ରାସ୍ତା ମଧ୍ୟରୁ ଉଦ୍ ଅରଡ଼ି ରାସ୍ତାର କାର୍ଯ୍ୟ ସଂପୂର୍ଣ୍ଣ ହୋଇଗଲାଣି । ଏଥିପ ଚଳିତ ବର୍ଷ ମଞ୍ଜୁର କରାଯାଇଥିବା ୩ ଲକ୍ଷ ଟଙ୍କା ମଧ୍ୟ ଗତ ଡିସେମ୍ବର ମାସ ଶେଷ ସୁଦ୍ଧା ୧ଲକ୍ଷ ୩୪ ହଜାର ଟ

ବ୍ୟୟ କରାଯାଇଛି । ଏହି ରାସ୍ତାରେ ମଧ୍ୟ ବାଗିଛତ୍ରି ସେତୁର ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଉଛି । ସେହିପରି ଉତ୍ତରଶ–ବରପଦା–ବସନ୍ତିଆ–ଆନନ୍ଦପୁର ରାସ୍ତାର ଉନ୍ନୟନ ପାଇଁ ମଞ୍ଜୁର ହୋଇଥିବା ୫ ଲକ୍ଷ ଟଙ୍କା ମଧ୍ୟରୁ ଗତ ଡିସେମ୍ବର ଶେଷ ସୁଦ୍ଧା ୩ ଲକ୍ଷ ୯୯ ହଜାର ଟଙ୍କା ବ୍ୟୟ କରାଯାଇ ୨ କିଲୋମିଟର ରାସ୍ତା ପିଚୁ ଓ ୧ କିଲୋମିଟର ରାସ୍ତା ପକ୍କା କରାଯାଉଛି ।

ଏହିସବୁ ରାସ୍ତାଘାଟର ଉନ୍ନୟନ ଓ ନିର୍ମାଣ ବାବଦରେ ସେହି ମାସ ଶେଷ ସୁଦ୍ଧା ସର୍ବମୋଟ୍ ୧୩ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ କରାଯାଇଛି ।

## "ଶିକ୍ଷାନୁଷ୍ଠାନ ମଣିଷ ତିଆରି କାରଖାନାରେ ପରିଣତ ହେବା ଉଚିତ"

ଗତ ଫେବୃଆରୀ ୧୬ ତାରିଖରେ ରାହାମାଛ ସାରଳା ମହାବିଦ୍ୟାଳୟର ସପ୍ତାହବ୍ୟାପୀ ସାଂସ୍କୃତିକ ଉତ୍ସବର ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା, କ୍ରୀଡ଼ା ଓ ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଯଦୁନାଥ ଦାଶ ମହାପାତ୍ର କହିଲେ ଯେ କେବଳ ଶିକ୍ଷାନୁଷ୍ଠାନମାନଙ୍କର ଅଭାବ ପୂରଣ କରିଦେଲେ ଯେ ଶିକ୍ଷାର ମୌଳିକ ଲକ୍ଷ୍ୟ ସାଧିତ ହୋଇ ପାରିବ ତା ନୁହେଁ, ଅସୁବିଧା ଓ ସମସ୍ୟା ।ଥିବା ସତ୍ତ୍ୱେ ପ୍ରତ୍ୟେକଟି ଶିକ୍ଷାନୁଷ୍ଠାନ ଭଲ ମଣିଷ ତିଆରି କାରଖାନାରେ ପରିଣତ ହେବା ଉଚିତ । ବର୍ତ୍ତମାନର ପରିସ୍ଥିତିରେ ଶିକ୍ଷା ଦେଶର ସର୍ବାଙ୍ଗୀନ ଉନ୍ନତିରେ ବିନିଯୁକ୍ତ ହେବା ଆବଶ୍ୟକ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗୃହୀତ ହୋଇଥିବା ଶିକ୍ଷାନୀତିର ଆବଶ୍ୟକତା ସଂପର୍କରେ ଶ୍ରୀ ଦାଶ ମହାପାତ୍ର ପ୍ରାଞ୍ଜଳ ସୂଚନା ଦେଇଥିଲେ ।

ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ମେଜର ପ୍ରସନ୍ନ କୁମାର ଦାଶ କହିଲେ ଯେ ଉକ୍ତ ଶିକ୍ଷାନୁଷ୍ଠାନର ସଂପ୍ରସାରଣ କରା-ନଯାଇ ସେଗୁଡ଼ିକରି ସମୃଦ୍ଧି କରାଯିବା ଆବଶ୍ୟକ । ଶିକ୍ଷାନୁଷ୍ଠାନଗୁଡ଼ିକରେ ଉଚ୍ଚମାନ ନ ରହିଲେ ଶିକ୍ଷାର ମୌଳିକ ଆଦର୍ଶ ବ୍ୟାହତ ହେବ ବୋଲି ସେ ପ୍ରକାଶ କରିଥିଲେ ।

ଏହି ଉତ୍ସବରେ କଟକ ଦୂରଦର୍ଶନର ନିର୍ଦ୍ଦେଶିକା ଶ୍ରୀମତୀ ବୀଣା ଦେବୀ ଓ ତିର୍ତ୍ତୋଲର ବିଧାୟକ ଶ୍ରୀ ନିତ୍ୟାନନ୍ଦ ସାମନ୍ତରାୟ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । କଲେଜର ଅଧ୍ୟକ୍ଷ ଶ୍ରୀ ହୃଷିକେଶ ପଣ୍ଡା ସ୍ୱାଗତ ଭାଷଣ ଓ ବାଣୀବିହାରର ପ୍ରଫେସର ଡକ୍ଟର ନିତ୍ୟାନନ୍ଦ ଶତପଥୀ ମହାବିଦ୍ୟାଳୟ ସଂପର୍କରେ ସୂଚନା ଦେଇଥିଲେ । କଲେଜର ସଂପାଦକ ବିବରଣୀ ପାଠ କରିଥିଲେ ।

## ରିହାତି ଦରରେ ଖାଦ୍ୟଶସ୍ୟ

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଞ୍ଚଳରେ ଥିବା ୧୧୮ଟି ବ୍ଲକରେ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ରିହାତି ଦରରେ ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥା ୧୯୮୫ ଡିସେମ୍ବର ମାସରୁ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ଅନୁସାରେ କିଲୋ ପିଛା ଅତି ସରୁ ଗହମ ଟ ୨·୧୦ ପଇସା, ମଧ୍ୟମ ଧରଣର ଗହମ ଟ ୧·୯୦ ପଇସା ଓ ମୋଟା ଗହମ ଟ ୧·୫୦ ପଇସା ଦରରେ ଆଦିବାସୀମାନଙ୍କୁ ଯୋଗାଇ ଦିଆଯାଉଛି । ଏ ବାବଦରେ ଗତ ନଭେମ୍ବର ମାସ ଶେଷ ସୁଦ୍ଧା ୧ ବର୍ଷ ମଧ୍ୟରେ ୪୫୦୮ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୩୧,୧୯୫ ମେଟ୍ରିକ୍ ଟନ୍ ଗହମ ଓ ୧୦,୯୮୪ ମେଟ୍ରିକ ଟନ୍ ଗହମ ରିହାତି ଦରରେ ବିକ୍ରୟ କରାଯାଇଛି ।

କୋରାପୁଟ ଜିଲ୍ଲାର ୬ଟି ଓ ଫୁଲବାଣୀ ଜିଲ୍ଲାର ଦୁଇଟି ସବ୍‌ଡିଭିଜନ୍‌ରେ ସାପ୍ତାହିକ ହାଟମାନଙ୍କରେ ଭ୍ରାମ୍ୟମାଣ ସୁଲଭ ମୂଲ୍ୟ ଦୋକାନଗୁଡ଼ିକ ମାଧ୍ୟମରେ ଗହମ ଓ କିରୋସିନି ବିକ୍ରୟ ପାଇଁ ବ୍ୟବସ୍ଥା ହୋଇଛି ।

ଅନ୍ୟ ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ଭ୍ରାମ୍ୟମାଣ ସୁଲଭ ଦୋକାନ କାର୍ଯ୍ୟକାରୀ କରିବାକୁ ୧୧ଟି ଗାଡ଼ି କିଣିବା ପାଇଁ ଚଳିତ ବର୍ଷ ୨୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

## ଯୋଡ଼ା ସମନ୍ୱିତ ଜଳ ଯୋଗାଣ ପ୍ରକଳ୍ପ

ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ର ଗତ ଫେବୃଆରୀ ୧୪ ତାରିଖ ଦିନ ଯୋଡ଼ାଠାରେ ୨ କୋଟି ୮୬ ଲକ୍ଷ ୯୧ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ଥିବା ସମନ୍ୱିତ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରିଥିଲେ । ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଜନସ୍ୱାସ୍ଥ୍ୟ ବିଭାଗ ସୁପରିନ୍‌ଟେଣ୍ଡିଂ ଇଞ୍ଜିନିୟର (ପ୍ଲାନିଂ) ଓ ନିର୍ବାହୀ ଯନ୍ତ୍ରୀ ଶ୍ରମ ମନ୍ତ୍ରୀଙ୍କୁ ପ୍ରକଳ୍ପ ନିର୍ମାଣର ବିଭିନ୍ନ ସ୍ତରରେ ହାସଲ ହୋଇଥିବା ଅଗ୍ରଗତି ସଂପର୍କରେ ଅବହିତ କରାଇଥିଲେ ।

ଏଠାରେ ଉଲ୍ଲେଖନୀୟ ଯେ ଏହି ପ୍ରକଳ୍ପ ନିମନ୍ତେ ହୋଇଥିବା ବ୍ୟୟ ଅଟକଳରୁ କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ତରଫରୁ ୧ କୋଟି ୪୨ ଲକ୍ଷ ୮୧ ହଜାର ଟଙ୍କା ଯୋଗାଇ ଦିଆଯାଇଛି । ଅବଶିଷ୍ଟ ଅର୍ଥ ମଧ୍ୟରୁ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ, ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ଏବଂ ଶ୍ରମ ଓ ନିଯୋଜନ ବିଭାଗ ଯଥାକ୍ରମେ ୧୫ ଲକ୍ଷ ୫ ହଜାର ଟଙ୍କା, ୩୨ ଲକ୍ଷ ୫୬ ହଜାର ଟଙ୍କା ଏବଂ ୨୫ ହଜାର ଟଙ୍କା ଯୋଗାଇ ଦେଇଛନ୍ତି । ଏହା ବ୍ୟତୀତ ଯୋଡ଼ା ଏନ୍. ଏ. ସି. ୩୦ ଲକ୍ଷ ୧୦ ହଜାର ଟଙ୍କା, 'ଟିସ୍କୋ' ୪୦ ଲକ୍ଷ ୩୩ ହଜାର ଟଙ୍କା ଏବଂ ଓଡ଼ିଶା ଖଣି ନିଗମ ୬ ଲକ୍ଷ ୫୪ ହଜାର ଟଙ୍କା ଯୋଗାଇ ଦେଇଛନ୍ତି । ସେହିପରି ଅନ୍ୟ ୯ଟି ଖଣିର ସଂପୃକ୍ତ କର୍ତ୍ତୃପକ୍ଷମାନେ ସମୁଦାୟ ୧୯ ଲକ୍ଷ ୨୬ ହଜାର ଟଙ୍କା ଦେଇଛନ୍ତି । ଏହିପରି ଏ ବାବଦରେ ଜମା ଦିଆଯାଇଥିବା ମୋଟ୍ ୨ କୋଟି ୮୬ ଲକ୍ଷ ୯୧ ହଜାର ଟଙ୍କା ମଧ୍ୟରୁ ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ୨ କୋଟି ୬୬ ଲକ୍ଷ ୮୬ ହଜାର ଟଙ୍କା ବ୍ୟୟ କରାଯାଇଛି ଏବଂ ପ୍ରକଳ୍ପଟି ଯଥାଶୀଘ୍ର ସଂପୂର୍ଣ୍ଣ ହେବାକୁ ଯାଉଛି ।

ଏହି ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ୧୨ଟି ଆଦିବାସୀ ଅଧ୍ୟୁଷିତ ଗ୍ରାମ, ଯୋଦା ପୌରାଞ୍ଚଳ ଏବଂ ଅନ୍ୟାନ୍ୟ ଖଣି ଅଞ୍ଚଳରେ ବସବାସ କରୁଥିବା ୭୫ ହଜାର ଲୋକଙ୍କ ପାଇଁ ଦୈନିକ ୯୩ ଲକ୍ଷ ଲିଟର ପାଣି ଯୋଗାଇ ଦିଆଯାଇ ପାରିବ ।

## ପରିବେଶ ଉନ୍ନୟନ ଲାଗି ଅନୁଦାନ ବ୍ୟବସ୍ଥା

ପରିବେଶ ତଥା ଜଙ୍ଗଲ ସୁରକ୍ଷା ଦିଗରେ ଜନ ଚେତନା ସୃଷ୍ଟି ଲାଗି ଆଲୋଚନା ଚକ୍ର, କର୍ମଶାଳା, ଗ୍ରାମଯାତ୍ରା, ନର୍ସରୀ ପ୍ରସ୍ତୁତ, ଉନ୍ନତ ପରିମଳ ବ୍ୟବସ୍ଥା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦିର ଆୟୋଜନ କରିବା ପାଇଁ ବିଜ୍ଞାନ କାରିଗରୀ ଓ ପରିବେଶ ବିଭାଗ ତରଫରୁ ଅନୁଦାନ ଦିଆଯାଉଛି । ରେଜେଷ୍ଟ୍ରୀଭୁକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ଏବଂ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରିବା ସଙ୍ଗେସଙ୍ଗେ ବିଜ୍ଞାନକୁ ଜନସାଧାରଣଙ୍କଠାରେ ପହଞ୍ଚାଇ ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିକୋଣ ସୃଷ୍ଟି କରିବା ପାଇଁ ଏହି ଅନୁଦାନ ନେଇପାରିବେ ।

ଉପରୋକ୍ତ ଅନୁଷ୍ଠାନଗୁଡ଼ିକର ଅନୁରୋଧକ୍ରମେ ବିଭାଗ ତରଫରୁ ଆବଶ୍ୟକୀୟ ଦରଖାସ୍ତ ଫର୍ମ ଯୋଗାଇ ଦିଆଯିବ । ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସେମାନଙ୍କର ଦରଖାସ୍ତ ଏସ୍. ଡି. ଓ., ଏ. ଡି. ଏମ୍., ଜିଲ୍ଲାପାଳ କିମ୍ବା ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସଂପାଦକଙ୍କ ଜରିଆରେ ପଠାଇବା ଆବଶ୍ୟକ । ମାତ୍ର ଶିକ୍ଷାନୁଷ୍ଠାନଗୁଡ଼ିକ ସେମାନଙ୍କର ଦରଖାସ୍ତ ଅନୁଷ୍ଠାନର ମୁଖ୍ୟଙ୍କ ଜରିଆରେ ଦାଖଲ କରିବାକୁ ପଡ଼ିବ । ସେ କୌଣସି କାର୍ଯ୍ୟକ୍ରମର ଆୟୋଜନ କରିବାର ଯଥେଷ୍ଟ ପୂର୍ବରୁ ଦରଖାସ୍ତଗୁଡ଼ିକର ବିଚାର ପାଇଁ ରାଜ୍ୟ ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗକୁ ପଠାଇବା ଦରକାର ।

## ହଜାର ହଜାର ହେକ୍ଟର ଜମିରେ ବୃକ୍ଷ ରୋପଣ କରାଯିବ

ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଅନୁଯାୟୀ ଗତ ଆର୍ଥିକ ବର୍ଷରେ ରାଜ୍ୟରେ ୫,୭୭୦ ହେକ୍ଟର ଜମିରେ ବୃକ୍ଷ ରୋପଣ କରାଯିବା ସଙ୍ଗେସଙ୍ଗେ ଜଙ୍ଗଲ ହ୍ରାସ ପାଉଥିବା ୩,୭୩୨ ହେକ୍ଟର ଜମିରେ ପୁନରାୟ ବୃକ୍ଷରୋପଣ କରାଯାଇଛି । ଏଥିପାଇଁ ୪କୋଟି ୭୦ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଏହା ବ୍ୟତୀତ ନିଜ ଜମିରେ ବୃକ୍ଷରୋପଣ କରିବା ପାଇଁ ପ୍ରାୟ ୭୦ଲକ୍ଷ ଚାରା ବିନା ମୂଲ୍ୟରେ ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରାଯାଇଛି ।

ଚଳିତ ଆର୍ଥିକ ବର୍ଷରେ ୧୪,୮୦୦ ହେକ୍ଟର ଜମିରେ ବୃକ୍ଷରୋପଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ତନ୍ମଧ୍ୟରେ ୧୦,୮୦୦ ହେକ୍ଟର ଜମିରେ ବୃକ୍ଷ ରୋପଣ, ଜଙ୍ଗଲ ହ୍ରାସ ପାଉଥିବା ୪ ହଜାର ହେକ୍ଟର ଜମିରେ ପୁନଃ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଉକ୍ତ ସମୟ ମଧ୍ୟରେ ୧ କୋଟି ଚାରାଗଛ ମଧ୍ୟ ବିନା ମୂଲ୍ୟରେ ବିତରଣ କରାଯିବା ପାଇଁ ଲକ୍ଷ୍ୟ ରହିଛି । ଏଥିପାଇଁ ୬କୋଟି ୯୦ଲକ୍ଷ ଟଙ୍କା ବ୍ୟୟ କରାଯିବା ପାଇଁ ଅଟକଳ କରାଯାଇଛି ।

ପଞ୍ଚାୟତ, ଗ୍ରାମ୍ୟ ଯୁବକ ସଂଘ ଓ କ୍ଲବ୍, ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ଚାରା (ନର୍ସରୀ) ଉଠାଇବା ପାଇଁ ସହାୟତା ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ହୋଇଛି ।

ଏଠାରେ ଉଲ୍ଲେଖନୀୟ ଯେ ସ୍ୱିଡେନ୍ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାର ସହାୟତାରେ ଓଡ଼ିଶାର କଳାହାଣ୍ଡି, ଫୁଲବାଣୀ, କୋରାପୁଟ ଓ ସୁନ୍ଦରଗଡ ଜିଲ୍ଲା ବ୍ୟତୀତ ଅନ୍ୟାନ୍ୟ ୯ଟି ଜିଲ୍ଲାରେ ସାମାଜିକ ବନୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ୧୯୮୪ରେ ପ୍ରଥମେ ଏହି ଯୋଜନା ରାଜ୍ୟର ୪ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଥିଲା । ପରେ ୧୯୮୫ରେ ଏହା ଆଉ ଅଧିକ ୫ଟି ଜିଲ୍ଲାକୁ ସଂପ୍ରସାରିତ କରାଯାଇଛି । ଜନସାଧାରଣଙ୍କ ବିଭିନ୍ନ ମୌଳିକ ଆବଶ୍ୟକତା, ଯଥା:- ଜାଳେଣି କାଠ, ପଶୁ ଖାଦ୍ୟ, ଛୋଟ ଧରଣର ଜଙ୍ଗଲଜାତ ସାମଗ୍ରୀ ଓ ଗୃହ ତିଆରି କାଠୋପକରଣ ଇତ୍ୟାଦି ମେଣ୍ଟାଇବା ମୁଖ୍ୟତଃ ଏହି ଯୋଜନାର ଲକ୍ଷ୍ୟ ।

## ପ୍ରାଇଭେଟ ଟେଲିଫୋନ୍ ଏକସ୍‌ଚେଞ୍ଜ

ଓଡ଼ିଶା ରାଜ୍ୟ ଇଲେକ୍‌ଟ୍ରୋନିକ୍ସ ବିକାଶ ନିଗମ ଯୁଦ୍ଧ ସଂଗ୍ରଜ ଯୋଜନା ଅନ୍ତର୍ଗତ ଦୁଇଟି ଅନୁଷ୍ଠାନ ଗଠନ କରିବାକୁ ପଦକ୍ଷେପ ନେଇଛନ୍ତି । ପ୍ରଥମଟି ଘରୋଇ ଇଲେକ୍‌ଟ୍ରୋନିକ୍ସ ସଂଶ୍ଳିଷ୍ଟ ଶାଖା ଏକ୍ସଚେଞ୍ଜ (ଇ. ପି. ଏ. ଏକ୍ସ) ଓ ଦ୍ୱିତୀୟଟି ପୁସ୍ ବଟମ୍ ଟେଲିଫୋନ୍ । ୟୁନାଇଟେଡ୍ କ୍ୟୁଏରୀ ସହଯୋଗ କ୍ରମେ ଏହି ଅନୁଷ୍ଠାନ ଦୁଇଟି ବେଲଜିୟମ୍ ଜି. ଟି. ଇ. ଏ. ଟି. ଇ. ଏ. ଏବଂ ସ୍ୱିଡେନସ୍ଥ ଏରିକ୍‌ସନ୍‌ର ବୈଷୟିକ ସହଯୋଗ କ୍ରମେ ଅନୁଷ୍ଠିତ ହେବାକୁ ଯାଉଛି । ଏତଦ୍ ସମ୍ବନ୍ଧୀୟ ଆମଦାନୀପତ୍ର ବୈଦେଶିକ ସହଯୋଗ ଲାଗି ଭାରତ ସରକାରଙ୍କଠାରୁ ଆବଶ୍ୟକୀୟ ଅନୁମତିପତ୍ର ମିଳି ସାରିଛି । ଏହି ସଂସ୍ଥାର ପରିଚାଳନାଲାଗି ଉପଯୁକ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି ଏବଂ ଏହି ଅନୁଷ୍ଠାନରେ କାର୍ଯ୍ୟ କରିବା ପାଇଁ ନିଯୁକ୍ତିପତ୍ର ପାଉଥିବା ଯନ୍ତ୍ରୀମାନେ ମଧ୍ୟ ଉପଯୁକ୍ତ ତାଲିମ ପାଇସାରିଛନ୍ତି । ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟାନୁଷ୍ଠାନ, ଯଥା—ଶୀତତାପ ନିୟନ୍ତ୍ରଣଲାଗି ଉପଯୁକ୍ତ ବ୍ୟବସ୍ଥା, ସଂସ୍ଥାର ନିଜସ୍ୱ କୋଠାବାଡ଼ି ଇତ୍ୟାଦି ନିର୍ମାଣାଧୀନ ଅଛି । ୧୯୮୬ ଜୁଲାଇ ମାସ ସୁଦ୍ଧା ଏହାର ପ୍ରାଥମିକ ଉତ୍ପାଦନ ହେବାର ଆଶା କରାଯାଉଛି ।

## ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ

ଉତ୍କଳ ସଡ଼କ୍‌ଭିତ୍ତିକ ଅନ୍ତର୍ଗତ ସାରଦୋବାଠାରୁ ସାରଦୋବା–କପାରୀ ରାସ୍ତାର ଭିତ୍ତି ପ୍ରସ୍ତର ରାଜସ୍ୱ. ପ

ଓ ଆଇନମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ସ୍ଥାପନ କରିଥିଲେ । ଏହି ରାସ୍ତାଟିର ଦୈର୍ଘ୍ୟ ସମୁଦାୟ ୩କିଲୋମିଟର ଓ ଏହା ଆର: ଏଲ୍: ଇ: ଜି: ପି: ର ଅନ୍ତର୍ଭୁକ୍ତ । ପୂର୍ତ୍ତ ବିଭାଗ ୩ଲକ୍ଷ ୭୫ହଜାର ଟଙ୍କା ବ୍ୟୟରେ ଏହା ନିର୍ମାଣ ସଂପନ୍ନ କରିବେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ଶ୍ରୀ ଜୀବନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ରାମକୃଷ୍ଣପୁର ସରପଞ୍ଚ ଶ୍ରୀ ଉଦୟ ନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାଙ୍କ ପୂର୍ବ ଅନୁଭୂତି ବର୍ଣ୍ଣନା କରିବାକୁ ଯାଇ କିପରି ବିପଦ ଆପଦ ସମୟରେ ଓ ବର୍ଷାଦିନେ ଏ ଅଞ୍ଚଳ ଏକ ଦୁର୍ଗମ ଅଞ୍ଚଳ ଥିଲା, ଜଣେ ରୋଗୀ ମଧ୍ୟ ଜୀବନ ମରଣ ସମସ୍ୟା ଭିତର ଦେଇ କେତେ ଅସୁବିଧାରେ ଏ ଅଞ୍ଚଳରୁ ବାହାରକୁ ଯାଉଥିଲା, ତାହା ପ୍ରକାଶକରି ଏବେ ସେ ସମସ୍ତ ଅସୁବିଧା ବହୁ ପରିମାଣରେ ଦୂର ହୋଇପାରିଥିବାରୁ ତଥା ଉକ୍ତ ପରିକଳ୍ପିତ ରାସ୍ତା ପୂର୍ଣ୍ଣାଙ୍ଗ ହେଲେ ଏ ଅଞ୍ଚଳର ବହୁଦିନର ସ୍ୱପ୍ନ ସାର୍ଥକ ହେବ ବୋଲି ପ୍ରକାଶ କରି ଜିଲ୍ଲାପାଳ ଏ ଦିଗରେ ବିଶେଷ ଦୃଷ୍ଟି ଦେଇଥିବାରୁ ଏହା ଅତ୍ୟନ୍ତ ଉତ୍ସାହପ୍ରଦ ବୋଲି କହିଥିଲେ । ସାଳନ୍ଦୀ ଓ କପାଳୀ ନଦୀ ଉପରେ ବହୁ ପୋଲ ମଧ୍ୟ ହୋଇଛି । ଗମନାଗମନ ଓ ରାସ୍ତାଘାଟ କ୍ଷେତ୍ରରେ ଆମେ କ୍ରମଶଃ ଉନ୍ନତି କରିପାରିଛୁ । ସରକାରଙ୍କର ଗ୍ରାମାଞ୍ଚଳ ଉନ୍ନୟନ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ଜନ ସହଯୋଗ ଏକାନ୍ତ ଆବଶ୍ୟକ । ଭଣ୍ଡାରୀପୋଖରୀ ବିଧାୟକ ଶ୍ରୀ ପଞ୍ଚାନନ ମଣ୍ଡଳ, ଲୋକସଭା ସଦସ୍ୟ ଶ୍ରୀ ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲାପାଳ ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକ ମଧ୍ୟ ଏହି ଉତ୍ସବରେ ଉପସ୍ଥିତ ଥିଲେ । କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆୟୁର୍ବେଦିକ ଚିକିତ୍ସାଳୟ ଉଦ୍‌ଘାଟନ

ରାଜସ୍ୱ, ଅର୍ଥ ଓ ଆଇନ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଉଦ୍ରଖ ସବ୍‌ଡ଼ିଭିଜନ ଅନ୍ତର୍ଗତ ଗୁରିଗାଁଠାରେ ନବନିର୍ମିତ ଏକ ଆୟୁର୍ବେଦିକ ଚିକିତ୍ସାଳୟ ଫେବୃଆରୀ ୧୨ ତାରିଖ ଦିନ ଉଦ୍‌ଘାଟନ କରିଥିଲେ । ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟକ ଶ୍ରୀ ପଞ୍ଚାନନ ମଣ୍ଡଳ ସଭାପତିତ୍ୱ କରିଥିଲେ । ସ୍ଥାନୀୟ ସ୍କୁଲ, ଯୁବକ ସଂଘ ଓ ମହିଳା ସମିତି ତରଫରୁ ସ୍ଥାନୀୟ ସମସ୍ୟା ସମ୍ବନ୍ଧୀୟ ମାନପତ୍ର ପାଠ କରାଯାଇଥିଲା । ଉତ୍ସବରେ ପୌରୋହିତ୍ୟ କରି ରାଜସ୍ୱ ମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆୟୁର୍ବେଦିକ ଚିକିତ୍ସା ଉପରେ ଗୁରୁତ୍ୱ ପ୍ରଦାନ କରି କହିଲେ ଯେ ଅତିକାଳରୁ ମାନବସମାଜର ଅଶେଷ କଲ୍ୟାଣ ସାଧନ କରି ସୁସ୍ଥ ଜୀବନ ଯାପନରେ ଆୟୁର୍ବେଦ ସହାୟକ ଓ ସମର୍ଥ ହୋଇପାରିଛି । ସ୍ୱଳ୍ପ ବ୍ୟୟରେ ସମ୍ଭବ ହେଉଥିବା ଚିକିତ୍ସା ପଦ୍ଧତି ଓ ଚିକିତ୍ସକଙ୍କର ସାଧୁତା ତଥା ଆନ୍ତରିକତା ଗ୍ରାମାଞ୍ଚଳର ରୋଗୀମାନଙ୍କ ପକ୍ଷେ ଏକାନ୍ତ ଉପଯୋଗୀ ବୋଲି ସେ କହିଥିଲେ । ରୋଗୀର ପଥ୍ୟ ଏବଂ ପରିବେଶକୁ ମଧ୍ୟ ଚିକିତ୍ସା ପ୍ରଣାଳୀ ଅନ୍ତର୍ଭୁକ୍ତ କରି ଆୟୁର୍ବେଦ ଚିକିତ୍ସକ ଧ୍ୟାନ ଦେଇଥାନ୍ତି । ଏହି ନୂତନ ଚିକିତ୍ସାଳୟକୁ ଜନସାଧାରଣ ନିଜର ଅନୁଷ୍ଠାନ ପରି ଚିକିତ୍ସକଙ୍କ ସହ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସମସ୍ତ ସ୍ଥାନୀୟ ଅସୁବିଧା ଓ ସମସ୍ୟା ବିଷୟରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଧ୍ୟ ସେ କହିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଭାବେ ଯଥାକ୍ରମେ ଲୋକସଭା ସଦସ୍ୟ ଶ୍ରୀ ଅନନ୍ତ ପ୍ରସାଦ ସେଠୀ ଓ ଜିଲ୍ଲାପାଳ ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକ ଯୋଗ ଦେଇଥିଲେ । ଆୟୁର୍ବେଦିକ୍ ବିଭାଗର ଉପ ନିର୍ଦ୍ଦେଶକ ଶ୍ରୀ ସଚ୍ଚିଦାନନ୍ଦ ପାଣ୍ଡେ ଆୟୁର୍ବେଦ ଉପରେ ବିଶେଷ ଭାବେ ତର୍ଜମା ସହ ଆମର ସ୍ୱାସ୍ଥ୍ୟ ଓ ପୁରାତନ ଚିକିତ୍ସା ପ୍ରଣାଳୀଗତ ବିଧି ବ୍ୟବସ୍ଥା ସମ୍ପର୍କରେ ଉକ୍ତିଦା ସଙ୍ଗେସଙ୍ଗେ ମନୁଷ୍ୟର ସ୍ୱାସ୍ଥ୍ୟରକ୍ଷା ଉପରେ ଉପାଦେୟ ପରାମର୍ଶମାନ ଦେଇଥିଲେ ।

## ଉପର ଯୋଙ୍କ୍ ଜଳସେଚନ ଯୋଜନା

କଳାହାଣ୍ଡି ଜିଲ୍ଲାର ଉପର ଯୋଙ୍କ୍ ଜଳସେଚନ ଯୋଜନା କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଲାଗି ସେଚ ଓ ସୂଚନା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିଂଦର ସିଂହ ଫେବୃଆରୀ ୫ ତାରିଖରେ ଉପର ଯୋଙ୍କ୍ ପରିଦର୍ଶନ କରିଥିଲେ । ଏହି ମଧ୍ୟମ ଜଳସେଚନ ଯୋଜନାଟି ୧୯୮୧ ମସିହାରେ ଯୋଜନା କମିଶନଙ୍କ ମଂଜୁରୀ ପାଇବାପରେ ୧୯୮୬ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ପରିଷ୍କାର କରିବା ଲାଗି କେନ୍ଦ୍ର ସରକାରଙ୍କ ଅନୁମତି ଲାଗି ଅପେକ୍ଷା କରିବାକୁ ହୋଇଥିଲା । ଏହି କାର୍ଯ୍ୟ ପ୍ରକୃତରେ ୧୯୮୬ ଅକ୍‌ଟୋବର ମାସରେ ଆରମ୍ଭ ହୋଇଛି । ଗୁରିଗୋଟି ଡ୍ରେଜର ନଦୀବନ୍ଧ କାର୍ଯ୍ୟ ସ୍ଥଳୀରେ କାର୍ଯ୍ୟରତ ରହିଛି । ଏପର୍ଯ୍ୟନ୍ତ ମାଟିଖୋଳା କାମ ଶତକଡ଼ା ୩୨.୪୫ ଭାଗ ଶେଷ ହୋଇଛି ଏବଂ ୧୭.୮୪ ଭାଗ ମାଟି ପୂରଣ କାମ ହେଲଣି । ବନ୍ଧକାମରେ ବାଲି, ଗୋଡ଼ି ଓ ମେଟାଲ ସ୍ତରସ୍ତର ହୋଇ ପୂରଣ କରାଯାଇଥାଏ । ଏହି କାର୍ଯ୍ୟ ପାୟ ଶତକଡ଼ା ୨୪ଭାଗ ୧୯୮୭ ଜାନୁୟାରୀ ଶେଷସୁଦ୍ଧା ଶେଷ ହୋଇପାରିଥିବା ରାଷ୍ଟ୍ରମନ୍ତ୍ରୀ ଜାଣିବାକୁ ପାଇଥିଲେ । ଡାହାଣପଟ ହେଡ୍ ରେଗୁଲେଟର ଖନନ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଏହାର ପାଣ୍ଟ୍ କାନ୍ଥ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହେଲଣି । ଏହାର ଗୋଡ଼ି ସିମେଣ୍ଟ କାର୍ଯ୍ୟର ଶତକଡ଼ା ୪୦ଭାଗ ଏବଂ ବାମଭାଗ ହେଡ୍ ରେଗୁଲେଟର ଖୋଳାକାମର ୪୦ ଭାଗ କାମ ଶେଷ ହୋଇପାରିଛି । ୧୯୮୬-୮୭ ଆର୍ଥିକ ବର୍ଷରେ ବ୍ୟୟ କରିବା ଲାଗି ବରାଦ ୪କୋଟି ଟଙ୍କା ମଧ୍ୟରୁ ଗତ ଜାନୁଆରୀ ୩୧ ତାରିଖ ସୁଦ୍ଧା ୨କୋଟି ୫୬ଲକ୍ଷ ୩୮ ହଜାର ଟଙ୍କା ଖର୍ଚ୍ଚ ହୋଇପାରିଛି ବୋଲି ସମୀକ୍ଷାରୁ ଜଣାପଡ଼ିଛି ।

ଏହି ନଦୀବନ୍ଧ ଯୋଜନାରେ ୪୫ କି:ମି: ଦୈର୍ଘ୍ୟର ଦୁଇଟି ମୁଖ୍ୟ କେନାଲ ଖୋଳାଯିବ । ଏହି କେନାଲ ଖୋଳା କାର୍ଯ୍ୟ ବର୍ତ୍ତମାନ ଆରମ୍ଭ ହୋଇଛି ଏବଂ ଏହି କାର୍ଯ୍ୟ ୧୯୮୮-୮୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସଂପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଏକ କେନାଲ ଡିଭିଜନ୍ ସୃଷ୍ଟି କରାଯାଇଛି । ୧୯୮୭-୮୮ ମସିହାରେ ଏହି ନଦୀବନ୍ଧ ଯୋଜନା ଲାଗି ୬କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଯେଉଁ ବେଗରେ ଏବେ କାମ ଚାଲିଛି,

ସେହି ବେଗ ରକ୍ଷା କରାଗଲେ, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି ଯୋଜନା କାର୍ଯ୍ୟ ଶେଷ ହୋଇପାରିବ ବୋଲି ଆଶା କରାଯାଏ ।

ଏହି ସମୀକ୍ଷା ବେଳେ ମୁଖ୍ୟଯନ୍ତ୍ରୀ ଶ୍ରୀ ବି. ଏନ୍. ଦାସ, ଅତିରିକ୍ତ ଶାସନ ସଚିବ ଶ୍ରୀ ଗିରିଶ୍ ଚନ୍ଦ୍ର ପାତ୍ର, ସୁପରିଟେଣ୍ଡିଂ ଇଂଜିନିୟର ଶ୍ରୀ ଟିର୍କା ଓ ନର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ଜଙ୍ଗଲ ବିଭାଗ ତରଫରୁ ଇତିମଧ୍ୟରେ ନଦୀବନ୍ଧ ନିର୍ମିତ ହେଉଥିବା ମୁଖ୍ୟସ୍ଥାନରୁ ୧୦୦ଟି ଗଛ କାଟି ଅନ୍ୟ ସ୍ଥାନାନ୍ତରୀତ କରାଯାଇଛି । ସ୍ଥାନାନ୍ତରୀତ ହୋଇପାରି ନଥିବା ଅବଶିଷ୍ଟ ଗଛକୁ ଗୋଟିଏ ଜଡ଼କୁ ଆଡେଇ ରଖି କାର୍ଯ୍ୟରେ ଅଗ୍ରଗତି କରିବା ଲାଗି ଶ୍ରୀ ସିଂହ ଇଂଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜଙ୍ଗଲ ବିଭାଗ ବର୍ତ୍ତମାନ ସୁଦ୍ଧା ମାତ୍ର ୬ରୁ ୭ ହେକ୍ଟର ଜମିରୁ ଗଛକାଟି ସ୍ଥାନାନ୍ତରୀତ କରାଇଛନ୍ତି ଏବଂ ବଳକା ୬୬ ହେକ୍ଟର ଜଙ୍ଗଲର ଗଛ କଟାଯାଇଛି । ଏସବୁ କାଠକୁ ଭବାନୀପାଟଣାର ବନ ମଣ୍ଡଳ ପରିସ୍ରବକଙ୍କୁ ଫେବୃଆରୀ ଶେଷ ସୁଦ୍ଧା ସ୍ଥାନାନ୍ତରୀତ କରିବା ଲାଗି ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି । ଏହି ଯୋଜନାରେ ମୋଟ୍ ୩୩୯ ହେକ୍ଟର ଜଙ୍ଗଲ ପରିଷ୍କାର ହେଉଥିବା ବେଳେ ୪୧୯ ହେକ୍ଟର ଜମିରେ ନୂତନ ଜଙ୍ଗଲ ସୃଷ୍ଟି କରାଯିବ ।

ରାଷ୍ଟ୍ରମନ୍ତ୍ରୀଙ୍କ ପରାମର୍ଶକ୍ରମେ କର୍ମସ୍ଥଳରେ ବହୁସଂଖ୍ୟାରେ ଟ୍ରକ୍ ଓ ମୂଲିଆ ମୁତୟନ କରାଯିବା ଫଳରେ ଗତ ୪ମାସରେ କାର୍ଯ୍ୟର ପ୍ରକୃତ ଅଗ୍ରଗତି ଘଟିଛି । ଆଗାମୀ ଆର୍ଥିକ ବର୍ଷରେ ଯେଉଁ କାମ କରାଯିବ ତା'ର ଭିତିଭୂମି ଆଜିଠାରୁ ପ୍ରସ୍ତୁତ କରିବା ଲାଗି ଶ୍ରୀ ସିଂହ ପରାମର୍ଶ ଦେଇଛନ୍ତି ।

## ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି

ରାଜ୍ୟ ସରକାର ୬୮ଟି ଅନୁସୂଚିତ ନିଯୋଜନରେ ନିଯୁକ୍ତ ସମସ୍ତ ଶ୍ରେଣୀର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରୀ ହାର ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ହାର ସମସ୍ତ ରାଜ୍ୟରେ ଫେବୃଆରୀ ୨୩, ୧୯୮୭ ଠାରୁ ଲାଗୁ କରାଯିବ । ବର୍ଦ୍ଧିତ ମଜୁରୀ ହାର ଅନୁସାରେ ଅଦକ୍ଷ ଶ୍ରମିକମାନେ ପୂର୍ବରୁ ଧାର୍ଯ୍ୟ ଦୈନିକ ୭.୫୦ ପଇସା ପରିବର୍ତ୍ତେ ବର୍ତ୍ତମାନ ୧୦ ଟଙ୍କା ପାଇବେ । ସେହିପରି ଅର୍ଦ୍ଧ-ଦକ୍ଷ, ଦକ୍ଷ, ଅତି ଦକ୍ଷ ଶ୍ରମିକମାନେ ଯଥାକ୍ରମେ ଦୈନିକ ଟ୧୧.୫୦ ପଇସା, ଟ୧୪ ୫୦ ପଇସା ଏବଂ ୧୮ ଟଙ୍କା ସର୍ବନିମ୍ନ ମଜୁରୀ ପାଇବେ । କିରାଣୀ ଓ ପରିଦର୍ଶକୀୟ କର୍ମଚାରୀମାନଙ୍କ ନିମନ୍ତେ ମଧ୍ୟ ଅନୁରୂପ ସର୍ବନିମ୍ନ ମଜୁରୀ ହାର ବୃଦ୍ଧି କରାଯାଇଛି । ଯେଉଁ ସବୁ ନିଯୋଜନରେ ଏହି ସର୍ବନିମ୍ନ ମଜୁରୀ ବୃଦ୍ଧି କରାଯାଇଛି, ସେଗୁଡ଼ିକ ହେଲା :—

(୧) ଚଳଚିତ୍ର ଶିଳ୍ପ, (୨) ଛାପାଖାନା, (୩) କାଠ ବ୍ୟବସାୟ (କାଟିବା ଏବଂ କରତିବା ବ୍ୟତୀତ), (୪) ବାଣିଜ୍ୟ ଶାଳମଞ୍ଜି ସଂଗ୍ରହ, (୫) ଲୁଣ ପ୍ରଭୃତି ଶିଳ୍ପ, (୬) କରତ କଳ, (୭) ଓ ମାଟି ଶିଳ୍ପ, (୮) କେନ୍ଦୁପତ୍ର ସଂଗ୍ରହ, (୯) ଚିନାମାଟି (୧୦) ଧାନକଳ, ଡାଲିକଳ, ଏବଂ ଅଟାକଳ, (୧୧) ଲଙ୍କା ଓ ଚାଉଳ ପ୍ରଭୃତି ସଂସ୍ଥା, (୧୨) ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ, (୧୩) ରାସ୍ତା, କୋଠାବାଡ଼ି ନିର୍ମାଣ ଓ ରକ୍ଷଣାବେକ୍ଷଣ, (୧୪) ପଥର ଭଙ୍ଗା ଓ ପଥର ପେଷା, (୧୫) ରିଫ୍ରାକ୍ଟୋରି ଶିଳ୍ପ, (୧୬) କାଠ ବ୍ୟବସାୟ (କାଠ କାଟିବା ଓ କାଠ କରତିବା ସମେତ) (୧୭) ତେଲକଳ, (୧୮) ହୋଟେଲ ଓ ଭୋଜନାଳୟ, (୧୯) ତମାଖୁ (ବିଡ଼ି ତିଆରି ସମେତ), (୨୦) ଲଘୁ ଯାନ୍ତ୍ରିକ ଶିଳ୍ପ (୫୦ରୁ କମ୍ ଲୋକ କାମ କରୁଥିବା), (୨୧) ମଦ ଭାଟି, (୨୨) ବନ୍ଧ ବାଡ଼ ନିର୍ମାଣ ଓ ମରାମତି, ଜଳ ସେଚନ ପ୍ରକଳ୍ପ ଏବଂ ପୋଖରୀ ଓ କୂପ ଖନନ, (୨୩) ରାସାୟନିକ ଶିଳ୍ପ, (୨୪) ଧାତବ ଶିଳ୍ପ (କୁଟୀର ଓ ଗ୍ରାମ୍ୟ ଶିଳ୍ପ ବ୍ୟତୀତ), (୨୫) ସରକାରୀ ମଟର ପରିବହନ, (୨୬) ବେସରକାରୀ ମଟର ପରିବହନ, (୨୭) ଝୋଟ ଶିଳ୍ପ ଓ ଝୋଟ ସୁତୁଲି ଶିଳ୍ପ ଏବଂ (୨୮) ହସ୍ତତନ୍ତ ଓ ଗଣ୍ଠି ଶିଳ୍ପ ।

## ଗୋରୁଙ୍କୁ ରୋଗ ପ୍ରତିଷେଧକ ଟିକା

ସମ୍ବଲପୁର ସଘନ ଗୋ-ଉନ୍ନୟନ ଯୋଜନା ଅଞ୍ଚଳରେ ଗତ ଜାନୁଆରୀ ମାସରେ ୧୮୪୫ଟି ଗାଈଙ୍କଠାରେ ଉଭୟ ତରଳ ଓ ହିମୀକୃତ ଶୁକ୍ର ମାଧ୍ୟମରେ କୃତ୍ରିମ ପ୍ରଜନନ କରାଯିବା ସଙ୍ଗେସଙ୍ଗେ ୬ଟି ଗାଈଙ୍କୁ ପ୍ରାକୃତିକ ପଦ୍ଧତିରେ ଗର୍ଭାଧାନ କରାଯାଇଛି । ପୂର୍ବରୁ ପ୍ରଜନନ କରାଯାଇଥିବା ଗାଈଙ୍କଠାରେ ଏହି ମାସରେ ୭୭୨ଟି ଅଣ୍ଡିରା ଓ ୬୯୭ଟି ମାଈ, ଏପରି ମୋଟ ୧୪୬୯ଟି ଉନ୍ନତ ସଙ୍କର ବାଛୁରୀ ଜନ୍ମିଥିଲେ ଏବଂ ୩୧୭୩ଟି ଅଣ୍ଡିରା ବାଛୁରୀଙ୍କର ଧରାଣ ହୋଇଥିଲା । ୨୨,୪୩୮ଟି ପଶୁଙ୍କର ବିଭିନ୍ନ ରୋଗର ଚିକିତ୍ସା କରାଯାଇଛି । ୮୭୮୯ଟି ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ପ୍ରତିଷେଧକ ଟିକା ଦିଆଯାଇଥିଲା ଏବଂ ୩୧ କେ.ଜି. ଘାସମଞ୍ଜି ଯୋଗାଯାଇ ୬୬ ଜଣ ଘରୋଇ ଗୋପାଳଙ୍କୁ ପ୍ରଭାବିତ କରାଯାଇ ତାଙ୍କର ୨ ଏକର ୭୦ ଡେସିମିଲ ପରିମିତ ୨୦ଟି ପ୍ଲଟ ଜମିରେ ଘାସଚାଷ କରାଯାଇଥିଲା । ଏହି ମାସରେ ମଧ୍ୟ ୮୯,୮୮ ଲିଟର ଦୁଗ୍ଧ, ଜିଲ୍ଲା ଦୁଗ୍ଧ ସଂଘର ସଭ୍ୟ ଗୋପାଳଙ୍କଠାରୁ ସଂଗୃହୀତ ହୋଇ ସହରମାନଙ୍କରେ ବିକ୍ରୟ କରାଯାଇଥିଲା ।

## ନୂଆ ଉଠା ଜଳସେଚନ ପ୍ରକଳ୍ପ

ଢେଙ୍କାନାଳ ଜିଲ୍ଲା ଗଣ୍ଡିଆ ଅଞ୍ଚଳର ଛାଟିଆ, ଖଳର ଓ ବରଦା ଗ୍ରାମରେ ସେଚ ଓ ସୂଚନା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂ ଫେବୃଆରୀ ୧୧ରେ ତିନିଗୋଟି ଉଠା ଜଳସେଚନ ପ୍ରକଳ୍ପ ଉଦ୍ଘାଟନ କରିଛନ୍ତି । ଏହି ଅଞ୍ଚଳରେ ଜଳସେଚନର ସୁବିଧା ସୀମିତ ଥିବା ହେତୁ ଲହଡ଼ା ଗ୍ରାମରେ ଥିବା ପ୍ରସ୍ତାବିତ କନ୍ୟାଗୋଡ଼ା କ୍ଷୁଦ୍ର ଜଳସେଚନ କାର୍ଯ୍ୟର ସର୍ଭେ କାର୍ଯ୍ୟ ଶୀଘ୍ର ସଂପୂର୍ଣ୍ଣ କରିବା ଲାଗି ସ୍ଥାନୀୟ ବିଧାୟକ ଶ୍ରୀ ପ୍ରଫୁଲ୍ଲ କୁମାର ଭଞ୍ଜ ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଗ୍ରାମରେ ସମନ୍ୱିତ ପ୍ରସୂତ କାର୍ଯ୍ୟକ୍ରମର ଅଙ୍ଗ ସ୍ୱରୂପ ଅନୁଷ୍ଠିତ ଗୋଟିଏ ପ୍ରଦର୍ଶନୀ ମଧ୍ୟ ଶ୍ରୀ ସିଂହ ଉଦ୍ଘାଟନ କରିଥିଲେ ।

## ଆଇ.ଆର.ଡ଼ି.ପି.ର ସାଫଲ୍ୟ

ଗତ ଆର୍ଥିକ ବର୍ଷର ନଭେମ୍ବର ଶେଷ ସୁଦ୍ଧା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ୪,୩୫୫ ଜଣ ମହିଳାଙ୍କ ସମେତ ରାଜ୍ୟରେ ମୋଟ ୬୧,୪୩୨ ଜଣ ଉପକୃତ ହୋଇଛନ୍ତି । ଏ ମଧ୍ୟରେ ୧୩,୧୭୦ ଜଣ ତଫସିଲଭୁକ୍ତ ଜାତି ଓ ୧୬,୬୧୨ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଏହି ସମୟ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୦,୪୨୪ ଜଣ ଏବଂ ତା' ପଛକୁ ମୟୂରଭଞ୍ଜ ଓ କୋରାପୁଟ ଜିଲ୍ଲାରେ ଯଥାକ୍ରମେ ୭,୭୭୯ ଜଣ ଓ ୫,୧୬୮ ଜଣ ଉପକୃତ ହୋଇଛନ୍ତି ।

ଗ୍ରାମାଞ୍ଚଳର ଯୁବକମାନଙ୍କୁ ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ଏହି ସମୟ ମଧ୍ୟରେ ୧,୨୦୨ ଜଣ ମହିଳାଙ୍କ ସମେତ ୫,୬୦୪ ଜଣଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ଦିଆଯାଇ ସେମାନଙ୍କ ମଧ୍ୟରୁ ୨୮୦ଜଣ ମହିଳାଙ୍କ ସମେତ ୧,୬୮୮ ଜଣଙ୍କୁ ଥଇଥାନ କରାଯାଇଛି । ଏ ମଧ୍ୟରେ ୪୫୬ଜଣ ତଫସିଲଭୁକ୍ତ ଜାତି ଓ ୫୮୨ ଜଣ ତଫସିଲଭୁକ୍ତ ସଂପ୍ରଦାୟ ଅନ୍ତର୍ଭୁକ୍ତ ।

ବିଭିନ୍ନ କୃଷି କାର୍ଯ୍ୟକ୍ରମ ଜରିଆରେ ଗତ ନଭେମ୍ବର ଶେଷ ସୁଦ୍ଧା ରାଜ୍ୟରେ ୬,୫୨୬ ଜଣ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଭୂ-ଉନ୍ନୟନ ଲାଗି ୪୬୮ଜଣ, ଫଳୋଦ୍ୟାନ କରିବା ପାଇଁ ୧୫୯ ଜଣ ଏବଂ ହଳ-ବଳଦ ଓ ବଳଦ ଗାଡ଼ି କିଣିବା ପାଇଁ ୧.୫୦୨ ଜଣଙ୍କୁ ଋଣ ଦିଆଯାଇଛି । କୃଷି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇଥିବା ଲୋକମାନଙ୍କ ମଧ୍ୟରେ ୮୩୦ ଜଣ ତଫସିଲଭୁକ୍ତ ଜାତି ଓ ୩.୫୧୭ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ୨,୨୦୩ ଜଣଙ୍କୁ ସେଚକୂପ ଖନନ, ୫୦୭ ଜଣଙ୍କୁ ପାଣିପଂପ୍ ଖରିଦ ଲାଗି, ୨୫୦ ଜଣଙ୍କୁ ସେଚ ପୁଷ୍କରିଣୀ ଖନନ ଲାଗି, ଏପରି ମୋଟ୍ ୨,୯୬୫ ଜଣଙ୍କୁ ଋଣ ଦିଆଯାଇଛି । ଏମାନଙ୍କ ମଧ୍ୟରେ ୨୪ଜଣ ମହିଳାଙ୍କ ସମେତ ୨୪୬ ଜଣ ତଫସିଲଭୁକ୍ତ ଜାତି, ୮୯୦ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

ଅନ୍ୟାନ୍ୟ ଲାଭଜନକ ଧନ୍ଦାଗୁଡ଼ିକ ମଧ୍ୟରେ ଏହି ଯୋଜନା ଦ୍ୱାରା ଦୁଧିଆଳୀ ପଶୁ ପାଳନରେ ୧,୮୮୪ ଜଣ, ଛେଳି ଓ ମେଣ୍ଢା ପାଳନରେ ୪.୩୩୭ ଜଣ, ଘୁଷୁରି ପାଳନରେ ୬୫୮ ଜଣ, କୁକୁଡ଼ା ଓ ବତକ ପାଳନ ଦ୍ୱାରା ୧୪୨ ଜଣ ଉପକୃତ ହୋଇଛନ୍ତି । ଏହି ସମୟ ମଧ୍ୟରେ ମାଛଚାଷ ଲାଗି ୧୨ ଜଣ ମହିଳାଙ୍କ ସମେତ ୧.୪୪୪ ଜଣଙ୍କୁ ଋଣ ଦିଆଯାଇଛି । ଏ ମଧ୍ୟରେ ୮୦୧ ଜଣ ତଫସିଲଭୁକ୍ତ ଜାତି ଓ ୨୦୫ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

## କୋରପୁଟ ଜିଲ୍ଲା ଉନ୍ନୟନ କମିଟି ବୈଠକ

ଫେବୃଆରୀ ମାସରେ କୋରାପୁଟସ୍ଥ ପଞ୍ଚାୟତ ଭବନଠାରେ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଜିଲ୍ଲାସ୍ତରୀୟ ଓ ଉପଖଣ୍ଡ ଅଧିକାରୀ ଓ ବି. ଡି. ଓ.ମାନେ ଯୋଗ ଦେଇଥିଲେ ।

ସମୀକ୍ଷାରୁ ଜଣାଯାଇଛି ଯେ, ଜିଲ୍ଲାରେ ଥିବା ୨ଟି ଉଠା ଜଳସେଚନ ଡିଭିଜନର ୭୭୬ଟି ଜଳସେଚନ ପଏଣ୍ଟ ମଧ୍ୟରୁ ୫୩୨ଟି ପଏଣ୍ଟ କାର୍ଯ୍ୟକାରୀ ହେଉଛି । ଚାଷୀମାନଙ୍କୁ ପ୍ରବର୍ତ୍ତାଇ ରବି ଓ ଖରିଫ୍ ଋତୁରେ ଅନ୍ୟ ପଏଣ୍ଟଗୁଡ଼ିକୁ ମଧ୍ୟ କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀ ଓ ପ୍ରଶାସନିକ କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଗ୍ରାମାଞ୍ଚଳ ବିଦ୍ୟୁତକରଣ କାର୍ଯ୍ୟକ୍ରମରେ ମାର୍ଚ୍ଚ ମାସ ଶେଷସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ବିଦ୍ୟୁତ୍ କର୍ମକର୍ତ୍ତାଙ୍କୁ ସେ ପରାମର୍ଶ ଦେଇଥିଲେ ।

ପରିବାର କଲ୍ୟାଣ ଓ ସ୍ୱାସ୍ଥ୍ୟସେବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଆଦିବାସୀ ଓ ହରିଜନ ଅଧ୍ୟୁଷିତ ଅଞ୍ଚଳର ପରିବାର କଲ୍ୟାଣ ନିମନ୍ତେ ବ୍ୟାପକ ପ୍ରଚାର ଓ ଅସ୍ତ୍ରୋପଚାର ଶିବିରମାନ ଆୟୋଜନ କରିବାକୁ ଜିଲ୍ଲାପାଳ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ପାଇଁ ଚଳିତବର୍ଷ ଜିଲ୍ଲା ନିମନ୍ତେ ୨୦୪୫ଟି ନଳକୂପ ମଞ୍ଜୁର କରାଯାଇଛି । ତନ୍ମଧ୍ୟରୁ ଗତ ଜାନୁଆରୀ ମାସ ସୁଦ୍ଧା ୭୦୬ଟି ନଳକୂପ ବସାଯାଇଛି । ନଳକୂପ ଖନନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ସେଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଗ୍ରାମାଞ୍ଚଳର ଲୋକମାନଙ୍କୁ ଆବଶ୍ୟକୀୟ ତାଲିମ ଦେବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

ମାର୍ଚ୍ଚ ମାସ ସୁଦ୍ଧା ସ୍ୱଳ୍ପ ସଞ୍ଚୟ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ୪ କୋଟି ୨୦ ଲକ୍ଷ ଟଙ୍କା ପୂରଣ ପାଇଁ ଜିଲ୍ଲାପାଳ ସମସ୍ତ ଉପଖଣ୍ଡ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କର ସହଯୋଗ କାମନା କରିଥିଲେ ।

ସମନ୍ୱିତ ଗୃହ ନିର୍ମାଣ ଯୋଜନାରେ ଆସିଥିବା ଆବଣ୍ଟନ ଖର୍ଚ୍ଚ କରି ସମସ୍ତ ଗୃହ ନିର୍ମାଣ ଜୁନମାସ ଶେଷସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ବି. ଡି. ଓ. ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସ୍କୁଲଗୃହ ନିର୍ମାଣ ପାଇଁ ଥିବା ଆର, ଏଲ,; ଇ. ଜି. ପି. ଓ ଆଇ. ଟି. ଡି. ଏ. ଗ୍ରାଣ୍ଟର ସଦୁପଯୋଗ କରି ଶୀଘ୍ର ସ୍କୁଲଘର ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ଜିଲ୍ଲା ଯୋଗାଣ ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା । ବିଭିନ୍ନ ହାଟରେ ଯୋଗାଣ ବିଭାଗ ତରଫରୁ ଭ୍ରାମ୍ୟମାଣ ବିକ୍ରୟ କେନ୍ଦ୍ର ମାଧ୍ୟମରେ ଅତ୍ୟାବଶ୍ୟକ ଖାଦ୍ୟ ପଦାର୍ଥ ବିକ୍ରୀକୁ ସମ୍ପ୍ରସାରଣ ଓ ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଜିଲ୍ଲା ଯୋଜନା ସଂସ୍ଥା ତରଫରୁ ବିଭିନ୍ନ ପଞ୍ଚାୟତ ସମିତିକୁ ସ୍କୁଲ ଓ ଡାକ୍ତରଖାନା ଗୃହ ସଂପ୍ରସାରଣ, ହୋମିଓପ୍ୟାଥିକ ଚିକିତ୍ସାଳୟ ନିର୍ମାଣ ପାଇଁ ଅର୍ଥ ବଣ୍ଟନ କରାଯାଇଥିଲା ।

ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଗୋତି ଶ୍ରମିକ ଥଇଥାନ

ଗୋତି ଶ୍ରମିକ ଥଇଥାନ ଯୋଜନା ଆରମ୍ଭରୁ ଫେବୃଆରୀ ମାସ ଶେଷସୁଦ୍ଧା ରାଜ୍ୟରେ ମୋଟ ୩୪,୬୯୪ ଜଣ ଗୋତି ଶ୍ରମିକଙ୍କ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୧୦,୨୦୩ ଜଣ ତଫସିଲଭୁକ୍ତ ଜାତି ଓ ୧୨,୨୫୬ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

ଚଳିତ ଆର୍ଥିକ ବର୍ଷରେ ଗତ ଜାନୁୟାରୀ ଶେଷସୁଦ୍ଧା ୧୨୪୩ ଜଣ ତଫସିଲଭୁକ୍ତ ଜାତି ଓ ୨୧୨୫ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ ୪୫୩୬ ଜଣ ଗୋତି ଶ୍ରମିକଙ୍କ ଥଇଥାନ କରାଯାଇଛି । ଏହି ସମୟ ମଧ୍ୟରେ ବଲାଙ୍ଗୀର ଜିଲ୍ଲାରେ ସର୍ବାଧିକ ୧୯୯୮ ଜଣ ଏବଂ ତା ପଛକୁ କଟକ ଓ ପୁରୀ ଜିଲ୍ଲାରେ ଯଥାକ୍ରମେ ୧୮୧୦ ଜଣ ଓ ୧୨୮୪ ଜଣ ଗୋତି ଶ୍ରମିକଙ୍କ ଥଇଥାନ କରାଯାଇଛି ।

ଯୋଜନା ଆରମ୍ଭରୁ ବଲାଙ୍ଗୀର ଜିଲ୍ଲାରେ ସର୍ବାଧିକ ୫୫୨୨ ଜଣ ଏବଂ ତା'ପଛକୁ କଟକ ଓ କୋରାପୁଟ ଜିଲ୍ଲାରେ ଯଥାକ୍ରମେ ୫୨୨୯ ଜଣ ଓ ୩୯୬୩ ଜଣ ଗୋତି ଶ୍ରମିକଙ୍କ ଥଇଥାନ କରାଯାଇଛି । ଅନ୍ୟ ଜିଲ୍ଲାଗୁଡ଼ିକରେ ଥଇଥାନ ହୋଇଥିବା ଗୋତି ଶ୍ରମିକ ହେଲେ —ବାଲେଶ୍ୱର ଜିଲ୍ଲାରେ ୯୧୮ ଜଣ, ଢେଙ୍କାନାଳ ଜିଲ୍ଲାରେ ୧୨୪୬ ଜଣ, ଗଞ୍ଜାମ ଜିଲ୍ଲାରେ ୧୩୬୭ ଜଣ, କଳାହାଣ୍ଡି ଜିଲ୍ଲାରେ ୨୬୨୫ ଜଣ, କେନ୍ଦୁଝର ଜିଲ୍ଲାରେ ୧୪୪୪ ଜଣ, ମୟୂରଭଞ୍ଜ ଜିଲ୍ଲାରେ ୨୨୫୮ ଜଣ, ଫୁଲବାଣୀ ଜିଲ୍ଲାରେ ୨୨୪୦ ଜଣ, ସୁନ୍ଦରଗଡ଼ ଜିଲ୍ଲାରେ ୧୯୪୭ ଜଣ, ପୁରୀରେ ୩୦୩୦ ଜଣ, ସମ୍ବଲପୁରରେ ୨୯୦୬ ଜଣ ।

ରାଜ୍ୟରେ ଗୋତି ଶ୍ରମିକ ଥଇଥାନ କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ଗତ ଜାନୁୟାରୀ ଶେଷସୁଦ୍ଧା ବିଭିନ୍ନ ଜିଲ୍ଲାରେ ମୋଟ ୪୫,୧୫୬ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ମଧ୍ୟରୁ ୧୨,୨୨୭ ଜଣ ତଫସିଲଭୁକ୍ତ ଜାତି ଓ ୧୬,୮୩୪ ଜଣ ତଫସିଲଭୁକ୍ତ ସମ୍ପ୍ରଦାୟର ଲୋକଙ୍କ ସମେତ ମୋଟ ୪୪,୩୨୦ ଜଣଙ୍କୁ ଗୋତିମୁକ୍ତ କରାଯାଉଛି । ଏ ମଧ୍ୟରେ ଗତ ଆର୍ଥିକ ବର୍ଷର ଜାନୁଆରୀ ସୁଦ୍ଧା ମୁକ୍ତ ହୋଇଥିବା ୧୮୯୯ ଜଣ ଗୋତି ଶ୍ରମିକ ଅନ୍ତର୍ଭୁକ୍ତ ।

## ବାର୍ଦ୍ଧକ୍ୟ ଭତ୍ତା

ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୧ ଲକ୍ଷ ୫୦ ହଜାରରୁ ଅଧିକ ଦରିଦ୍ର ଲୋକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି । ପ୍ରଚଳିତ ବାର୍ଦ୍ଧକ୍ୟ ଭତ୍ତା ପରିକଳ୍ପନାକୁ ଆହୁରି ଅଧିକ ବ୍ୟାପକ କରାଯାଇ ନିରାଶ୍ରୟା ବିଧବାମାନଙ୍କୁ ଏହାର ପରିସରଭୁକ୍ତ କରାଯାଇଛି । ବାର୍ଦ୍ଧକ୍ୟ ଭତ୍ତା ପାଇଁ ସର୍ବନିମ୍ନ ବୟସ ସୀମା ୬୫ ବର୍ଷ ରଖାଯାଇଥିବା ସ୍ଥଳେ ଅସହାୟା ବିଧବାମାନଙ୍କ ପାଇଁ ଏହାକୁ ୫୦ ବର୍ଷ ରଖାଯାଇଛି ।

## କୋଲାବ୍ ଜଳସେଚ ପ୍ରକଳ୍ପରୁ ଜଳଯୋଗାଣ

ଜଳସେଚ, ଶକ୍ତି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ କୋରାପୁଟ ଜିଲ୍ଲା ଗସ୍ତରେ ଯାଇ ଅପର କୋଲାବ୍‌ର ନବ ନିର୍ମିତ ଡ୍ୟାମ୍, ଟନେଲ୍, ପାୱାର ହାଉସ୍ ପତିଗୁଡ଼ା ଡ୍ୟାମ୍ ଓ ଜୟପୁର ଏବଂ ପଦ୍ମପୁରଠାରେ ନିର୍ମିତ ହେଉଥିବା ମୁଖ୍ୟ କେନାଲ ଇତ୍ୟାଦି ପରିଦର୍ଶନ କରିଥିଲେ । ମାର୍ଚ୍ଚ ମାସରେ ଅପର କୋଲାବ୍ ପାୱାର ହାଉସ୍‌ରେ ପ୍ରଥମ ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ ହେବାର ଯେଉଁ ବ୍ୟବସ୍ଥା ଥିଲା, ତାହା କେତେଦୂର କାର୍ଯ୍ୟକାରୀ ହୋଇଛି, ତାହା ଶ୍ରୀ ଅଲ୍ଲୀ ଅନୁଧ୍ୟାନ କରିଥିଲେ । କିନ୍ତୁ ଟନେଲ୍ କାର୍ଯ୍ୟରେ ବିଳମ୍ବ ହେଉଥିବା ଦୃଷ୍ଟିରୁ ସେ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ସେ ଓ. ସି. ସି.ର ଇଂଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପାୱାର ହାଉସ୍‌ର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ବିଦ୍ୟୁତ୍ ବିଭାଗର ଇଂଜିନିୟରମାନଙ୍କ ସହିତ ଆଲୋଚନା ପ୍ରସଙ୍ଗରେ ଶ୍ରୀ ଅଲ୍ଲୀ ଦୁଇଟି ୟୁନିଟ୍ ଜୁନ୍ ମାସ ସୁଦ୍ଧା ବିଦ୍ୟୁତ୍ ଉତ୍ପାଦନ କରିବାକୁ ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ଅନ୍ୟ ଦୁଇଟି ୟୁନିଟ୍‌ର କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରିବା ଲାଗି ପରାମର୍ଶ ଦେଇଥିଲେ । ଅପର କୋଲାବ୍‌ର ପ୍ରତ୍ୟେକ କାର୍ଯ୍ୟ ତଦାରଖ କରିବା ପରେ ପ୍ରୋଜେକ୍ଟର ବିଭିନ୍ନ ଇଂଜିନିୟର, ଜୟପୁର ବିଧାୟକ ଶ୍ରୀ ଗୁପ୍ତ ପ୍ରସାଦ ଦାସ ଏବଂ ସ୍ଥାନୀୟ ବିଶିଷ୍ଟ ଭଦ୍ରବ୍ୟକ୍ତିମାନଙ୍କ ସହିତ ଆଲୋଚନା କରି ଶ୍ରୀ ଅଲ୍ଲୀ ଉଲ୍ଲେଖ କରିଥିଲେ ଯେ ପ୍ରଥମଥର ପାଇଁ ଏ ବର୍ଷ ଜୁଲାଇ ମାସରେ କୋଲାବ୍ ଯୋଜନାର ପଦ୍ମପୁର ମୁଖ୍ୟ କେନାଲରେ ୫ ହଜାର ହେକ୍ଟର ଜମିକୁ ଖାରଦ ପାଇଁ ଜଳ ଯୋଗାଇ ଦିଆଯିବ ।

## ଅଧିକ ସବ୍-ଟ୍ରେଜେରୀ ଖୋଲିବ

ଜନସାଧାରଣଙ୍କୁ ଅଧିକ ସୁବିଧା ଯୋଗାଇ ଦେବା ନିମନ୍ତେ ପ୍ରତ୍ୟେକ ଦୁଇଟି ବ୍ଲକରେ ଗୋଟିଏ ଲେଖାଏଁ ସବ୍-ଟ୍ରେଜେରୀ ଖୋଲିବା ପାଇଁ ସ୍ଥିର କରାଯାଇଛି । ତଦନୁଯାୟୀ ୧୯୮୫-୮୬ ମସିହାରୁ ୧୯୮୮-୮୯ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୫୮ଟି ସବ୍-ଟ୍ରେଜେରୀ ଖୋଲାଯିବାର ପ୍ରସ୍ତାବ ରହିଛି । ତନ୍ମଧ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ଖୋଲାଯାଇଥିବା ୧୬ଟି ଏବଂ ଚଳିତ ଆର୍ଥିକ ବର୍ଷରେ ଖୋଲାଯିବା ପାଇଁ ସିଦ୍ଧାନ୍ତ ହୋଇଥିବା ୧୨ଟି ସବ୍-ଟ୍ରେଜେରୀ ଅନ୍ତର୍ଭୁକ୍ତ ।

ରାଜ୍ୟରେ ବର୍ତ୍ତମାନ ସମୁଦାୟ ୧୧୬ଟି ଟ୍ରେଜେରୀ ଓ ସବ୍-ଟ୍ରେଜେରୀ କାର୍ଯ୍ୟ କରୁଛି । ତନ୍ମଧ୍ୟରେ କଟକ ଜିଲ୍ଲାରେ ୧୭ଟି, ପୁରୀ ଜିଲ୍ଲାରେ ୧୪ଟି, ବାଲେଶ୍ୱର ଜିଲ୍ଲାରେ ୧୦ଟି, ଗଞ୍ଜାମ ଜିଲ୍ଲାରେ ୧୨ଟି, ସମ୍ବଲପୁର ଜିଲ୍ଲାରେ ୮[illegible] କୋରାପୁଟ ଜିଲ୍ଲାରେ ୧୨ଟି, ବଲାଙ୍ଗୀର ଜିଲ୍ଲାରେ ୬[illegible] ଢେଙ୍କାନାଳ ଜିଲ୍ଲାରେ ୧୧ଟି, କଳାହାଣ୍ଡି ଜିଲ୍ଲାରେ ୫[illegible] କେନ୍ଦୁଝର ଜିଲ୍ଲାରେ ୬ଟି, ମୟୂରଭଞ୍ଜ ଜିଲ୍ଲାରେ ୬[illegible] ଫୁଲବାଣୀ ଜିଲ୍ଲାରେ ୪ଟି ଓ ସୁନ୍ଦରଗଡ଼ ଜିଲ୍ଲାରେ ୫[illegible] ଅବସ୍ଥିତ ।

# ସ୍ୱତନ୍ତ୍ର ପ୍ରଦେଶ ଗଠନରେ ପାରଳା ଗଜପତିଙ୍କ ଭୂମିକା

ଡ: ହରିହର କାନୁନ୍‌ଗୋ

ପ୍ରାଚୀନ ଐତିହ୍ୟ ଓ ପରଂପରା ସଂପନ୍ନ ପୁଣ୍ୟପୀଠ ପାରଳାଖେମଣ୍ଡିର ଗଙ୍ଗବଂଶୀ ରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବ (୨୬-୪-୧୮୯୨—୨୫-୫-୧୯୭୪) ସ୍ୱତନ୍ତ୍ର ନିର୍ମାତା ତଥା ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଓଡ଼ିଶାର ପୁରପଲ୍ଲିରେ ସୁପରିଚିତ । ତାହାଙ୍କ ବ୍ୟକ୍ତିତ୍ୱ, ବଳିଷ୍ଠ ନେତୃତ୍ୱ ଏବଂ ପ୍ରତ୍ୟୁତ୍ପନ୍ନମତିତା ଯୋଗୁଁ ଆଜି ଓଡ଼ିଆ ଜାତିର ସମ୍ମାନ, ଐତିହ୍ୟ ଓ ପରଂପରା ବଜାୟ ରହିଛି । ଏହାର ବହୁ ପୂର୍ବରୁ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଓଡ଼ିଶା ମରହଟ୍ଟାମାନଙ୍କ ହସ୍ତଗତ ହୋଇଥିଲାବେଳେ ଓଡ଼ିଆମାନଙ୍କର ଏକତ୍ରୀକରଣ ଓ ସ୍ୱାଧୀନତା ପ୍ରତିଷ୍ଠା ପାଇଁ ପାରଳା ଗଜପତି ବଂଶର ସ୍ୱନାମଧନ୍ୟ ଜଗନ୍ନାଥ ନାରାୟଣ ଦେବ (୧୭୬୦—୧୮୨୫ ଅହ୍ୱାନ ଦେଇଥିବା ପ୍ରସଂଗ ଇତିହାସରୁ ଜଣାଯାଏ । (୧) ।

୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଓଡ଼ିଶା ଅଧିକାର କଲାପରେ ଓଡ଼ିଆ ଜାତି ବିଚ୍ଛିନ୍ନ ହୋଇ ୪ଗୋଟି ପ୍ରଦେଶରେ ରହିବାକୁ ବାଧ୍ୟ ହେଲେ । ବଙ୍ଗଳା ସଙ୍ଗେ ଓଡ଼ିଶାର ଉତ୍ତର ଓ ପୂର୍ବାଞ୍ଚଳ, ପଶ୍ଚିମ ଓଡ଼ିଶାର କେତେକ ଅଂଶ ମଧ୍ୟପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲ୍ଲା ମାଡ୍ରାସ ପ୍ରେସିଡେନ୍‌ସିର ଶାସନାଧୀନ ହୋଇରହିଲା । ବିଚ୍ଛିନ୍ନ ଓଡ଼ିଆ ଜାତିର ଭାଗ୍ୟାକାଶରେ ଦେଖାଦେଲା ଘୋର ଦୁର୍ଦ୍ଦିନ । ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାକୁ ଛାରଖାର କରିଦେଲା । ଶାସକ ସଂପ୍ରଦାୟ ସେତେବେଳେ ପ୍ରତିକାର କିଛି କରିପାରିଲେ ନାହିଁ । ନଅଙ୍କ ଦୁର୍ଭିକ୍ଷର ଭୟାବହ ଅଭିନୟ ପରେ ୧୮୬୮ ମସିହାରେ ବିଲାତରେ ଥିବା ସେକ୍ରେଟେରୀ ଅଫ୍ ଷ୍ଟେଟସ୍ 'Sir Stafford North cote' ଓଡ଼ିଶା ଏବଂ ଆସାମକୁ ଗୋଟିଏ ସ୍ୱତନ୍ତ୍ର ଶାସନାଧୀନରେ ଆଣିବାର ପ୍ରସ୍ତାବ ଉଠାଇଲେ (୨) । ସେହିବର୍ଷ ଭାରତ ସରକାରଙ୍କର Accountant General George chesney ମାଡ୍ରାସ, ମଧ୍ୟପ୍ରଦେଶ ଓ ବଙ୍ଗଳା ରାଜ୍ୟସ୍ଥ ବିଚ୍ଛିନ୍ନ ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳଭୂମିଶାର ଏକ ସ୍ୱତନ୍ତ୍ର ଅଧିକ କରିବା ପାଇଁ ବ୍ରିଟିଶ ସରକାରଙ୍କୁ ପ୍ରବରାଇଲେ (୩) ।

ଏଣେ ଉନବିଂଶ ଶତାବ୍ଦୀର ଶେଷ ସତୁରିବର୍ଷରେ ବଙ୍ଗାଳିମାନେ ଏ ଦେଶର ସରକାରୀ ଅଫିସ, କୋର୍ଟ କଚେରୀ ସ୍କୁଲ ପ୍ରଭୃତିରେ ଭର୍ତ୍ତି ହୋଇ ଆପଣାର ପ୍ରତିପତ୍ତି ବଢ଼ାଇବାକୁ ଲାଗିଲେ (୪) । "ଓଡ଼ିଆ ଯେ ସ୍ୱତନ୍ତ୍ର ଭାଷା ନୁହେଁ, ବରଂ ବଙ୍ଗ ଭାଷାର ଗୋଟିଏ ବିକୃତ ଅଂଶ (Dialect)" ବୋଲି ପ୍ରମାଣ କରିବା ପାଇଁ କାନ୍ତିଲାଲ ଭଟ୍ଟାଚାର୍ଯ୍ୟ, ରାଜେନ୍ଦ୍ରଲାଲ ମିଶ୍ର ଓ ଭୂଦେବ ମୁଖୋପାଧ୍ୟାୟ ପ୍ରଭୃତି ବଡ଼ ବଡ଼ ନେତାମାନେ ବଦ୍ଧପରିକର ହୋଇ (୫) ଆଗେଇ ଆସିବା ଫଳରେ ପ୍ରତ୍ୟେକ ଅନୁଭବ କଲେ ଯେ ବିଭିନ୍ନ ଶାସନାଧୀନରେ ଛିନ୍ନ ବିଚ୍ଛିନ୍ନ ହୋଇ ରହିବା ଯୋଗୁଁ ଜାତୀୟ ଜୀବନର ପ୍ରକୃତ ବିକାଶ ସମ୍ଭବପର ନୁହେଁ । ତେଣୁ ମାତୃଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ଓଡ଼ିଆ ଆନ୍ଦୋଳନ ତୀବ୍ରତର ହୋଇ ଜାତୀୟ ଆନ୍ଦୋଳନ ରୂପନେଲା । ଫଳରେ ୧୮୭୨ ମସିହାରେ ତତ୍କାଳୀନ ବଙ୍ଗଳାର ଗଭର୍ଣ୍ଣର 'G Campbell' ଓଡ଼ିଆ, ବଙ୍ଗଳା ଓ ଆସାମୀ ଭାଷାକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାଷା ରୂପେ ଘୋଷଣା କଲେ (୬) । ଜନବିମ୍‌ସ ପ୍ରମୁଖ ଇଂରେଜ ପ୍ରଶାସକ ମଧ୍ୟ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ ।

ଉତ୍କଳ ସମ୍ମିଳନୀ ମାଧ୍ୟମରେ ଦେଶ ମିଶ୍ରଣ ଆନ୍ଦୋଳନକୁ ସଫଳ କରିବା ପାଇଁ କୁଳ ବୃଦ୍ଧ ମଧୁସୂଦନଙ୍କ ଆହ୍ୱାନରେ ୧୯୦୩ ମସିହାରେ ତାହାଙ୍କ ବାସଭବନରେ ହେଲା ଘରୋଇ ସଭା । ସେଥିରେ ଓଡ଼ିଆ ଭାଷାର ଉନ୍ନତି ଏବଂ ଓଡ଼ିଶା ମିଶ୍ରଣ ସଂପର୍କୀୟ ଆଲୋଚନା ଓଡ଼ିଆମାନଙ୍କ ମନକୁ ଦୃଢ଼ କଲା । ଫଳରେ ୧୯୦୩ ମସିହା ଡିସେମ୍ବର ୩୦, ୩୧ ରେ କଟକରେ ବସିଲା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ । ସେଥିରେ ଦେଶମିଶ୍ରଣ ପ୍ରସ୍ତାବ ସଫଳତାର ସହ ଗୃହୀତ ହେଲା । ଏହିପରି ୧୯୦୪ ମସିହା ଡିସେମ୍ବର ୨୮, ୨୯ରେ କଟକରେ ଉତ୍କଳ ସମ୍ମିଳନୀ ଦ୍ୱିତୀୟ ଅଧିବେଶନ, ୧୯୦୬ ମସିହା ଅପ୍ରେଲ ୧୩, ୧୪ ରେ ତୃତୀୟ ଅଧିବେଶନ, ୧୯୦୬ ଡିସେମ୍ବର ୨୬, ୨୭ ରେ ବ୍ରହ୍ମପୁରଠାରେ ଚତୁର୍ଥ ଅଧିବେଶନ, ୧୯୦୮

ଅପ୍ରେଲ ୧୮, ୧୯ ରେ ପୁରୀରେ ପଞ୍ଚମ ଅଧିବେଶନ, ସେହିବର୍ଷ କଟକରେ ଡ଼ିସେମର ମାସରେ ଷଷ୍ଠ ଅଧିବେଶନ, ୧୯୧୦ ଡ଼ିସେମର ୩୦, ୩୧ ରେ କଟକଠାରେ ପୁଣି ସପ୍ତମ ଅଧିବେଶନ ଏବଂ ୧୯୧୨ ଅପ୍ରେଲ ୬, ୭ ରେ ବ୍ରହ୍ମପୁର ଅଷ୍ଟମ ଅଧିବେଶନ ଓଡ଼ିଆ ମାନଙ୍କର ଆନ୍ଦୋଳନକୁ ତୀବ୍ରତର କଲା । ତେଣେ ୧୯୧୨ ମସିହାରେ ଲର୍ଡ଼ କର୍ଜନ ବିଲାତ ପାର୍ଲ୍ୟାମେଣ୍ଟର ଲର୍ଡ଼ ସଭାରେ ଓଡ଼ିଆମାନଙ୍କର ଅଭାବ ଅସୁବିଧା ପ୍ରତି ସରକାରଙ୍କ ଉଦାସୀନତାର ତୀବ୍ର ସମାଲୋଚନା କରି କହିଥିଲେ, "ଓଡ଼ିଆମାନେ ଯଦି ଗୋଟିଏ ବାଙ୍ଗୁଆ ଆନ୍ଦୋଳନକାରୀ ଜାତି ହୋଇଥାନ୍ତେ ତେବେ ସେମାନେ ଆଜି ସମଗ୍ର ଜଗତକୁ ତାଙ୍କ ପ୍ରତିବାଦ ଶୁଣାଇ ପାରିଥାନ୍ତେ ।" ୧୯୧୩ ଡ଼ିସେମର ୨୮, ୨୯ରେ ପୁରୀଠାରେ ମଧୁବାବୁଙ୍କ ସଭାପତିତ୍ୱରେ ହେଲା ପୁଣି ଉତ୍କଳ ସମ୍ମିଳନୀର ନବମ ଅଧିବେଶନ । ଏହି ସମୟରେ ଗଞ୍ଜାମରେ ଥିବା ତେଲୁଗୁମାନଙ୍କ ପକ୍ଷରୁ ଓଡ଼ିଆ ଆନ୍ଦୋଳନର ଘୋର ବିରୋଧାଚରଣ ଓ ପ୍ରତିକ୍ରିୟା ପ୍ରକାଶିତ ହେବାରୁ ମାନ୍ଦ୍ରାଜ ସରକାରଙ୍କ ଉପରେ ତାର ପ୍ରଭାବ ପଡ଼ିଲା । ଫଳରେ ମାନ୍ଦ୍ରାଜର ଗଭର୍ଣ୍ଣର Lord Pentland' ବ୍ରହ୍ମପୁରକୁ ଆସି ଲଣ୍ଡ ହୋଲଡ଼ର୍ସ ଆସୋସିଏସନ, ଓଡ଼ିଆ ସମାଜ ତଥା ଆନ୍ଧ୍ରଭାଷା ବିବର୍ଦ୍ଧିନୀ ସଭାର ସଭ୍ୟମାନଙ୍କ ପକ୍ଷରୁ ସ୍ମାରକପତ୍ର ଓ ସାକ୍ଷ୍ୟ ଗ୍ରହଣ କଲେ ।

ସେପରିବା ସମୟରେ ପାରଳାଖେମଣ୍ଡିର ନୂତନ ରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଆମନ୍ତ୍ରଣକ୍ରମେ ତାହାଙ୍କ ଆତିଥ୍ୟ ଗ୍ରହଣ କରି ପାରଳାରେ ଦୁଇଦିନ ଅବସ୍ଥାନ କଲେ । ଏହି ଅବସରରେ 'ଉତ୍କଳ ହିତୈଷିଣୀ ସମାଜ' ପକ୍ଷରୁ ଓଡ଼ିଶାରେ ପାରଳାଖେମଣ୍ଡି ସମେତ ମାନ୍ଦ୍ରାଜର ସମସ୍ତ ଓଡ଼ିଆଭାଷୀ ଅଞ୍ଚଳ ମିଶ୍ରଣ ସପକ୍ଷରେ ଦୃଢ଼ ଯୁକ୍ତି ଦର୍ଶାଇ ଏକ ସ୍ମାରକପତ୍ର ଦିଆଗଲା । ଲର୍ଡ଼ ପେଣ୍ଟଲ୍ୟାଣ୍ଡ ଉଚିତ ସମୟରେ ତାହାର ନ୍ୟାୟୋଚିତ ବିଚାର କରିବାକୁ ସମ୍ମତ ହେଲେ । ଫଳରେ ପାରଳା ଗଜପତି ରାଜାଙ୍କ ହୃଦୟରେ ଜାତୀୟ ଚେତନା ଦୃଢ଼ତର ହେଲା । ୧୯୧୩ ମସିହା ଅପ୍ରେଲ ମାସ ୨୬ ତାରିଖ ଦିନ ରାଜଗାଦିରେ ବସିବା ପୂର୍ବରୁ ସେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପ୍ରଜାମାନଙ୍କ ସୁଖ ସୁବିଧା ତଥା ଜାତୀୟ କଲ୍ୟାଣ କାର୍ଯ୍ୟରେ ଆଜୀବନ ବ୍ରତୀ ହେବା ପାଇଁ ଶପଥ ନେଲେ ।

୧୯୧୪ ଡ଼ିସେମର ୨୬, ୨୭ ତାରିଖରେ ଉତ୍କଳ-ସମ୍ମିଳନୀର ଦଶମ ଅଧିବେଶନ ବସିଲା ପାରଳାଖେମଣ୍ଡିରେ । ସମ୍ମିଳନୀର ସଭାପତି ଥିଲେ କୃଷ୍ଣ ଚନ୍ଦ୍ରଙ୍କ ଗଜପତିଙ୍କ ମାମୁଁ ଜୟପୁର ରାଜା ବିକ୍ରମଦେବ ବର୍ମା । ସେହି ସମୟରେ ପାରଳା ମହାରାଜା ଓଡ଼ିଆ ଭାଷାଭାଷୀ ସମସ୍ତ ଅଞ୍ଚଳକୁ ମିଶାଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଆବଶ୍ୟକ ବୋଲି ପ୍ରସ୍ତାବ ଦେଲେ । ଭାରତ ଅନ୍ୟ ପ୍ରତିବେଶୀମାନଙ୍କ ପ୍ରଭାବରୁ ମୁକ୍ତହୋଇ ଓଡ଼ିଆ ନିଜନିଜର ସ୍ୱତ୍ୱ ବଜାଇବାକୁ ସମର୍ଥ ହେବାଉଚିତ୍ । ମି଼. ଦାସ ଏହି ପ୍ରସ୍ତାବ ଉପରେ ବିଚାରକରି ଅସମ୍ଭବ ବୋଲି ମନ୍ତବ୍ୟ ଦେଇ ପୁଣି ଶେଷରେ ସମ୍ମତି ପ୍ରଦାନ କଲେ । ପୁଣି ଏହି ସଭାରେ ସିଂହଭୂମି, ଜୟପୁର ଏବଂ ପୂର୍ବରେ ପ୍ରକୃତିରେ ଓଡ଼ିଆ ଜନୋଭାଷା ଓ ଜୟପୁରକୁ ସ୍ୱତନ୍ତ୍ର ଜିଲ୍ଲା କରିବାପାଇଁ ଦାବୀ ହୋଇଥିଲା । ଏହି ଉପଲକ୍ଷେ ପାରଳା ମହାରାଜା ସେତେବେଳେ ଦଶହଜାର ଟଙ୍କା ବ୍ୟୟକରି ଅଧିବେଶନ ଫଳବତୀ କରିବା ସଙ୍ଗେ ସଙ୍ଗେ ମୂଳ ଉଦେଶ୍ୟ ପୂରଣ ଦିଗରେ ବଦ୍ଧପରିକର ହେଲେ ।

୧୯୧୫ ମସିହା ଡ଼ିସେମ୍ବର ୨୭, ୨୮ ରେ ସମ୍ବଲପୁରଠାରେ ଏହି ସମ୍ମିଳନୀର ଏକାଦଶ ଅଧିବେଶନ, ୧୯୧୬ ଡ଼ିସେମ୍ବର ୨୯, ୩୦ ରେ ବାଲେଶ୍ୱରଠାରେ ଦ୍ୱାଦଶ ଅଧିବେଶନ, ୧୯୧୭ ମାର୍ଚ୍ଚ ୩୦, ୩୧ ରେ କଟକରେ ତ୍ରୟୋଦଶ ଅଧିବେଶନ ଏବଂ ୧୯୧୭ ରେ ହୋଇଥିବା ବିଶେଷ ଅଧିବେଶନରେ ଓଡ଼ିଆ ଆନ୍ଦୋଳନର ଏକତ୍ରୀକରଣ ପ୍ରସ୍ତାବ ଅତି ଦୃଢ଼ତାର ସହିତ ଗୃହୀତ ହେଲା ।

୧୯୧୭ ଜୁଲାଇ ମାସରେ ମଣ୍ଟେଗୁ ଚେମସ୍‌ଫୋର୍ଡ ଶାସନ ସଂସ୍କାର ରିପୋର୍ଟ ପ୍ରକାଶ ପାଇବା ପରେ ୧୯୧୯ ରେ ଦେଶରେ ଶାସନ ସଂସ୍କାର ଆଇନ୍ ଲାଗୁ ହେବାରୁ ୧୯୨୦ ରେ ଓଡ଼ିଆ ଆସୋସିଏସନ ପକ୍ଷରୁ ବ୍ରହ୍ମପୁରରେ ପାରଳା ମହାରାଜାଙ୍କ ନେତୃତ୍ୱରେ ସମସ୍ତ ବିଚ୍ଛିନ୍ନାଞ୍ଚଳକୁ ମିଶାଇ ଓଡ଼ିଆଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେଉ ବୋଲି ଦୃଢ଼ଦାବୀ ହେଲା । ୧୯୨୦ ଫେବୃୟାରୀ ୨୦ ତାରିଖରେ ଭାରତର କେନ୍ଦ୍ର ବିଧାନ ସଭାରେ ବିହାର ଓଡ଼ିଶାର ନେତା ସଚ୍ଚିଦାନନ୍ଦ ସିହ୍ନା ପ୍ରସ୍ତାବ ଆଗତ କରି କହିଲେ, " ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳକୁ ମିଶାଇ ଏକ ଶାସନାଧୀନ କରାଯାଉ (୭) । ୧୯୨୦ ମସିହାରେ ପୁରୀଠାରେ ଉତ୍କଳ ସମ୍ମିଳନୀର ପଞ୍ଚଦଶ ଅଧିବେଶନ, ୧୯୨୧ ସେପ୍ଟେମ୍ବର ୨୧ ତାରିଖରେ A. B. Latthଙ୍କ ଦ୍ୱାରା ଭାରତୀୟ ବିଧାନ ସଭାରେ ଭାଷାସୂତ୍ରରେ ଓଡ଼ିଶା ପ୍ରଦେଶ ଗଠନ ଦାବୀ (୮), ୧୯୨୧ ଡ଼ିସେମ୍ବର ୩୦ରେ ସିଂହଭୂମିର ଚକ୍ରଧରପୁରରେ ଷୋଡ଼ଶ ଅଧିବେଶନ, ୧୯୨୩ରେ ବ୍ରହ୍ମପୁରର ସପ୍ତଦଶ ଅଧିବେଶନରେ ଭାଷା ସୂତ୍ରରେ ପ୍ରଦେଶ ଗଠନ ପ୍ରସ୍ତାବ ବଳବତ୍ତର ହେଲା ।

ମାନ୍ଦ୍ରାଜ ବିଧାନ ସଭାରେ ସେହିବର୍ଷ ଶଶୀଭୂଷଣ ରଥ ଓଡ଼ିଆ ସମସ୍ୟା ସମାଧାନ ପାଇଁ ଦୃଢ଼ଦାବୀ କଲେ । ମାନ୍ଦ୍ରାଜ ସରକାର ଏ କଥାର ଦୃଢ଼ ପ୍ରତିବାଦ କରିବାରୁ କେନ୍ଦ୍ର ସରକାର ଓଡ଼ିଆଙ୍କ ଦାବୀ ପ୍ରତି କର୍ଣ୍ଣପାତ କଲେ ନାହିଁ । ତେଣୁ ପାରଳା ମହାରାଜା ଆପଣାର ଉଦ୍ୟମ ଅବ୍ୟାହତ ରଖି ମାନ୍ଦ୍ରାଜ ସରକାର ବିରୋଧରେ ଗଭର୍ଣ୍ଣର ଜେନେରାଲଙ୍କୁ ବ୍ୟକ୍ତିଗତ ପତ୍ର ଲେଖି ଗଞ୍ଜାମ ଓଡ଼ିଆଙ୍କ ପ୍ରତି ବୈମାତୃକ ମନୋଭାବ ବିଷୟରେ ଜଣାଇଲେ ।

୧୯୨୪ରେ ବିହାର ଓଡ଼ିଶା ସରକାରଙ୍କ ବ୍ୟବସ୍ଥାପକ ସଭାରେ ଦେଶ ମିଶ୍ରଣ ପ୍ରସଙ୍ଗ ଉଠିବାରୁ ମାନ୍ଦ୍ରାଜ ପ୍ରଦେଶାନ୍ତର୍ଗତ ଓଡ଼ିଆମାନେ ଦେଶ ମିଶ୍ରଣ ପାଇଁ ପ୍ରକୃତରେ ଆଗ୍ରହୀ କି ନା ଜାଣିବା ପାଇଁ ଭାରତ ସରକାରଙ୍କ ନିଷ୍ପତ୍ତି ଅନୁସାରେ C. L. Phillip ଏବଂ A. C. Duffଙ୍କ ମିଳିତ ଉଦ୍ୟମରେ ଫିଲିପ୍ ଡଫ୍ କମିଶନ (Phillip Duff Commission) ବସିଲା (୯) । ଏହି କମିଶନ ୧୯୨୧ ମସିହା ଜନଗଣନା ରିପୋର୍ଟ ଅନୁସାରେ ତଦନ୍ତକରି ଓଡ଼ିଆମାନଙ୍କର ସଂଖ୍ୟା ଗରିଷ୍ଠତା ରହିଥିବା କୋରାପୁଟ, ଜୟପୁର ଓ ନବରଙ୍ଗପୁର ତାଲୁକା ଅଞ୍ଚଳ ବ୍ୟତୀତ ଭାଇଜାଗପଟମ୍ ଏଜେନ୍ସି ସୀମା

ଭିତରେ ଥିବା ଓଡ଼ିଆ ଭାଷୀ ଅଞ୍ଚଳ ସଂଖ୍ୟା ଲଘୁ ବୋଲି ମତ ଦେଲେ (୧୦) । ଫଳରେ ଦେଶ ମିଶ୍ରଣ ଦାବୀ ନେଇ ବିଭିନ୍ନ ଗଣ ଆନ୍ଦୋଳନ ତୀବ୍ରତର ହେଲା ।

୧୯୨୭ ମସିହା ନଭେମ୍ବର ୭ ତାରିଖରେ ଭାରତ ଶାସନ ସଂସ୍କାର ନିମିତ୍ତ ସାଇମନ୍ କମିଶନ ବସିଲା । କିନ୍ତୁ କମିଶନଙ୍କୁ କଂଗ୍ରେସ ପକ୍ଷରୁ ପୁରାପୁରି ବର୍ଜନ କରାଯିବା ଦେଖି ଦେଶ ମିଶ୍ରଣ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମସ୍ୟା କମିଶନଙ୍କ ଠାରେ ଦୃଢ଼ ଭାବେ ଉପସ୍ଥାପିତ କରିବା ପାଇଁ ପାରଳା ମହାରାଜା ମାନ୍ଦ୍ରାଜ ଯାତ୍ରା କଲେ । ସେଠାରେ ସ୍ମାରକପତ୍ର ସହ କମିଶନଙ୍କ ସମ୍ମୁଖରେ ସାକ୍ଷ୍ୟ ଦେଇ ପାରଳାକୁ ଫେରି ଆସି ଅଣକଂଗ୍ରେସ ନେତା ବ୍ରଜସୁନ୍ଦର ଦାସଙ୍କୁ ପାଟଣାଠାରେ ଓଡ଼ିଆଙ୍କ ତରଫରୁ ଅନୁରୂପ ସ୍ମାରକପତ୍ର ଓ ସାକ୍ଷ୍ୟ ଦେବା ପାଇଁ ପରାମର୍ଶ ଦେଲେ । ଫଳରେ ସେ ଅନ୍ୟାନ୍ୟ ବିଶିଷ୍ଟ ନେତାଙ୍କ ସହିତ ୧୯୨୮ ଡିସେମ୍ବର ୧୪ ତାରିଖରେ ପାଟନା-ଠାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଦାବୀ କରି ସ୍ମାରକ ପତ୍ର ଓ ସାକ୍ଷ୍ୟ ପ୍ରଦାନ କଲେ । ଫଳରେ ବିଭିନ୍ନ ଦିଗରୁ ବିଚାର କରି କମିଶନ ସେହି ବିଷୟରେ ଅନୁକୂଳ ମତ ଦେଇ କହିଲେ, "ଆମ୍ଭମାନଙ୍କ ନିକଟରେ ଉପସ୍ଥାପିତ କରାହୋଇଥିବା ସମସ୍ତ ବିଷୟ ବିଚାର କରି ଦେଖିଲୁ, ଓଡ଼ିଶାକୁ ଗୋଟିଏ ପୃଥକ ପ୍ରଦେଶ କଲେ ତାହା ନିଜର ସମସ୍ତ ଖର୍ଚ୍ଚ ସେ ଚଳାଇ ପାରିବ ।" ପୁଙ୍ଖାନୁପୁଙ୍ଖ ଭାବରେ ଏହି ପ୍ରସଙ୍ଗର ବିଚାର ଆଲୋଚନା କରିବାଲାଗି ବିହାର ଓଡ଼ିଶା ସରକାରଙ୍କ ପକ୍ଷରୁ ପାଟନା-ଠାରେ ସାଇମନ କମିଶନ୍‌ର ଗୋଟିଏ ସବ୍‌କମିଟି ବସିଲା । ସେହି କମିଟିର ସଭାପତି ଥିଲେ ମେଜର ସି. ଆର. ଅଟ୍‌ଲି । ତେଣୁ ଏହାକୁ ଅଟଲି କମିଟି ବୋଲି ମଧ୍ୟ କୁହାଯାଏ । ବିଶଦ୍‌ଭାବରେ ନାନା ଦିଗରୁ ଆଲୋଚନା କରି ଏହି କମିଟି ଓଡ଼ିଆମାନଙ୍କର ଦାବୀକୁ ସମର୍ଥନ କଲେ । ସାଇମନ କମିଶନ୍ ମଧ୍ୟ ତାଙ୍କର ରିପୋର୍ଟରେ ସିନ୍ଧୁ ପ୍ରଦେଶ ଓ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ କଥା ଉଲ୍ଲେଖ କରି ୧୯୩୦ ସେପ୍ଟେମ୍ବର ୨୦ ତାରିଖରେ ସୀମା ନିର୍ଦ୍ଧାରଣ ପାଇଁ ବାଉଣ୍ଡରି କମିଶନ୍ ବସାଇବାକୁ ସରକାରଙ୍କୁ ପରାମର୍ଶ ଦେଲେ (୧୧) ।

ସାଇମନ୍ କମିଶନ୍‌ଙ୍କ ଅନୁକୂଳ ରିପୋର୍ଟପରେ ୧୯୩୧ ମସିହା ଜାନୁୟାରୀ ୧୬ ତାରିଖରେ ଭାରତକୁ ଶାସନ ସଂସ୍କାର ଦେବା ନିମିତ୍ତ ପ୍ରଥମ ଗୋଲ୍‌ଟେବୁଲ ବୈଠକ ଲଣ୍ଡନରେ ବସିଲା । ସେଥିରେ ଓଡ଼ିଆଙ୍କ ପକ୍ଷରୁ ବିହାର ଓଡ଼ିଶା ସରକାର ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କୁ ପ୍ରତିନିଧି ରୂପେ ମନୋନୀତ କଲେ । ସେହି ବୈଠକରେ ପାରଳା ମହାରାଜା ଦେଶ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଷୟରେ ଦୃଢ଼ ଦାବୀ କରି ସ୍ମାରକ ପତ୍ର ଉପସ୍ଥାପିତ କଲାପରେ ଯେଉଁ ସାରଗର୍ଭକ ହୃଦୟସ୍ପର୍ଶୀ ଭାଷଣ ପ୍ରଦାନ କରିଥିଲେ, ତାହାର କିଛି ଅଂଶ ଉଦ୍ଧାର କରାଗଲା–

"କୋଟିଏ ଓଡ଼ିଆ ଲୋକଙ୍କ ପକ୍ଷରୁ ମୁଁ ସେମାନଙ୍କ ବହୁ ଦିନର ଗୁହାରି ଶୁଣାଇବାକୁ ଠିଆହୋଇଛି । ମୁଁ ଯେଉଁ ସ୍ମାରକ ପତ୍ର ଆପଣମାନଙ୍କୁ ଦେଇଛି, ସେଥିରୁ ଓଡ଼ିଆ ସମସ୍ୟାର ବିଶେଷ ବିବରଣୀ ଆପଣମାନେ ବୁଝି ପାରିବ । ବ୍ରିଟିଶ ସରକାରଙ୍କ ରାଜଧାନୀର ବହୁ ଦୂରରେ ଓଡ଼ିଆ ମାନେ ବିଚ୍ଛିନ୍ନ ହୋଇ ପଡ଼ିଥିବାରୁ ଏମାନେ ପ୍ରତ୍ୟେକ ପ୍ରଦେଶରେ ବହୁ ଜନସଂଖ୍ୟା ମଧ୍ୟରେ ଲୁଚି ଯାଉଛନ୍ତି । ଆପଣମାନେ ଓଡ଼ିଆମାନଙ୍କର ଏହି ଆବେଦନ ପ୍ରତି ସହାନୁଭୂତି ଦେଖାଇବେ । ଆମେ ଚାହୁଁ, ଭାଷା ଓ ଜାତି ହିସାବରେ ପ୍ରଦେଶ ଗଠନ । ଏହି ଭାବରେ ଓଡ଼ିଆମାନେ ମିଳିତ ହେଲେ ଭବିଷ୍ୟତ ପୁନର୍ଗଠନ ଆଇନ୍‌ରେ ଏମାନେ ବିଶେଷ ଭାବରେ ଉପକାର ପାଇପାରିବେ । କୋଟିଏ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ନଦେଲେ ଆପଣମାନେ ଭାରତରେ ନୂତନ ଶାସନ ସଂସ୍କାର ଆଇନ୍ ପ୍ରବର୍ତ୍ତନ କରି ଯଶସ୍ୱୀ ହୋଇ ପାରିବେ ନାହିଁ । ମୁଁ ଆଶାକରେ, ଆପଣମାନେ ସମସ୍ତେ ଉପଲବ୍ଧି କରି ସାରିଛନ୍ତି । ଆର୍ଥିକ ଅବସ୍ଥା ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଅନ୍ତରାୟ ହୋଇପାରେ ବୋଲି ଆପଣମାନେ ଭାବୁଥିବେ । କିନ୍ତୁ ମୁଁ କହେ, ଏହା କେବେ ହେଲେ ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ । ଯେତିକି ଚୂନାକୁ ସେତିକି ପିଠା ନ୍ୟାୟରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆଉ ଅସୁବିଧା କିଛି ହୋଇ ନ ପାରେ । ଆସାମ ଓ ବିହାର ପ୍ରଦେଶମାନ ଗଠନ ହେଲାବେଳେ ଭାରତ ସରକାର ଯେପରି ଉଦାରତା ଦେଖାଇଥିଲେ ଓଡ଼ିଶା ପ୍ରଦେଶ ଗଠନରେ ମଧ୍ୟ ସରକାର ସେହିପରି ଉଦାରତା ଦେଖାଇବେ ବୋଲି ମୋର ଆଶା । × × × "ଓଡ଼ିଆମାନଙ୍କର ସମସ୍ୟା ସଂପର୍କରେ ଏଠାରେ ଏକୁଟିଆ ହୋଇ ମୁଁ ଯାହା କହିଛି ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବେ ବୋଲି ଆଶା କରେ । ଭାରତପାଇଁ ଯେଉଁ ଔପନିବେଶିକ ସ୍ୱାୟତ୍ତ ଶାସନର ଯୋଜନା ପ୍ରସ୍ତୁତ ହେଉଛି, ଓଡ଼ିଆମାନେ ସେଥିରେ ଯେପରି ସମ ପ୍ରାଣରେ ଯୋଗଦେବେ ଏହାର ବିହିତ ବିଧାନ କରାଯାଉ ଏତିକି ମାତ୍ର ମୋର କାମନା (୧୨) ।

ଇଂରାଜୀରେ ଦେଇଥିବା ବକ୍ତୃତାର ସାରମର୍ମ ନିମ୍ନରେ ଉଦ୍ଧୃତ ହେଲା–

On behalf of ten millions of Oriyas, the subjects of his Majesty's Government, I rise to represent their long-standing grievances on this occasion. The memorandum I have placed in your hands a few days since has been able, I hope, to give a clear insight into all the present difficulties the Oriyas are placed under, situated as they are in four different provinces. I will not tire you with the details of the history for unification of the Oriyas, agitating as they have been for the last quarter of a century and more. As one well informed of the facts, I should lay before you all to day that the formation of a separate province for the Oriyas is a life and death problem to them. They feel tortured with all the disabilities and disadvantegs of one being a distant adjunct lying at fhe tail end of every province wherever they, far away from the seat

of Government of the respective provinces and always in a uniqueminority, completely losf sight of, being merged in the teeming millions of population of those provinces.

I appeal to you all gentlemen to appreciate the peculiar position of the Oriyas, and their demand as recommended by several official bodies time after time. We want a province of our own on the basis of language and race, to be ourselves a homgenious unit with feelings of contentment and peece, to realise and be benefitted by the projected reforms to India by both Indian and British politicians, who look forward to the day when the United States of India will consist of small federated states based on common language and race. Without a separate province for the ten millions of Oriyas, let met tell you, sir all your labcurs at this conference to develop parliamentary institutions in provinces with autonomous power will prove, on the contrary, seriously injurious to the Oriyas. The patience with which we have awaited and the loyalty to the British crown with which we have looked up to alwcys for justice, sympathy, and fair treatment have proved as what Lord Curzon put it it once "were the Orissans, an agitating people, which they are not, they would soon make their protest heard. As it is they have been sacrificed without compunction"

The question linance, however is evidently the only obstacle in the way of their recommending the formation of a separate province for the Oriyas. My answer to that is that the finance is not after all a fence of such insurmountable dimensions, when we have to save a great historic race with an ancient civilisation and culture from being obliterated. The old saying "cut your coct according to the cloth" if sirictly applied, to comes to the rescue, to a great extent informing the long sought after Orissan province and, again I am fully confident that the central Government with the same feelings of benefaction will come to the rescue of the new province as it did in the case of Assam and Bihar and Orissa when first they were created. I can also assure you, sir, that if circumstances so necessitakes, we the Oriyas are prepared to bear the burden of special taxation to meet any financial deficit of the future province".

ପାରଳା ମହାରାଜାଙ୍କର ଏହିଭଳି ବଳିଷ୍ଠ ବ୍ୟକ୍ତିତ୍ୱ ତାଙ୍କୁ କେବଳ ଓଡ଼ିଶାର ଜାତୀୟବାଦୀ ବନ୍ଧୁ ଭାବରେ ପ୍ରତିପାଦିତ ହେବାରୁ ସେହି ପ୍ରସ୍ତାବ ଅନୁସାରେ ୧୯୩୨ ମସିହା ଡିସେମ୍ବର ୨୪ ତାରିଖରେ ଗୋଲଟେବୁଲ ବୈଠକର ତୃତୀୟ ଅଧିବେଶନରେ ଭାରତର (Secretary of states 'Sir Samuel Hoare' ଘୋଷଣା କଲେ ଯେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବରେ ଭାରତର ଭବିଷ୍ୟତ ରାଷ୍ଟ୍ର ଭିତରେ ରହିବ । ୧୯୩୨ରେ ବ୍ରହ୍ମପୁରଠାରେ ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତିଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀର ବିଶେଷ ଅଧିବେଶନ ବର୍ଷି ଗୋଲଟେବୁଲ୍ ବୈଠକରେ ଯୋଗ ଦେଇଥିବା ପାରଳା ମହାରାଜାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ୧୯୩୩ ଫେବୃୟାରୀ ୧୨ ତାରିଖରେ କଟକରେ ମଧୁବାବୁଙ୍କ ଅନୁରୋଧକ୍ରମେ ଟାଉନ୍‌ହଲଠାରେ ତାହାଙ୍କୁ ଦିଆଯାଇଥିଲା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ।

ଏହାପୂର୍ବରୁ ସାଇମନ୍ କମିଶନଙ୍କ ପ୍ରସ୍ତାବ ଅନୁଯାୟୀ ଭାରତ ସରକାର ଓଡ଼ିଶା ପାଇଁ ୧୯୩୧ ସେପ୍ଟେମ୍ବର ୧୮ ତାରିଖରେ ( S. P. O. Donnel ) ଙ୍କ ଅଧ୍ୟକ୍ଷତାରେ ସୀମା ନିର୍ଦ୍ଧାରଣ କମିଟି ଗଠନ କରିଥିଲେ (୧୩) ଏହି କମିଶନ୍ ତଦନ୍ତ କରି ଓଡ଼ିଶାରୁ ପାରଳାଖେମୁଣ୍ଡି ଓ ଜୟପୁର ସମେତ ଅନ୍ୟାନ୍ୟ ପ୍ରାଦେଶିକ ଉପାନ୍ତ ଅଞ୍ଚଳ ସବୁ ବାଦ୍ ଦେଲେ (୧୪) । ଫଳରେ ଓଡ଼ିଆମାନଙ୍କ ପକ୍ଷରୁ ଆନ୍ଦୋଳନ ତୀବ୍ରତର ହେଲା । ୧୯୩୨ ସେପ୍ଟେମ୍ବର ୧୨ ତାରିଖରେ ଓଡ଼ିଆ ଡେପୁଟେସନ ପାରଳା ମହାରାଜାଙ୍କ ନେତୃତ୍ୱରେ ସିମ୍‌ଲାଠାରେ ପହଞ୍ଚି ଗଭର୍ଣ୍ଣର ଜେନେରାଲ୍ ('Lord Willingdon) କୁ ଓଡ଼େନାଲ୍ କମିଟିର ରିପୋର୍ଟରେ ଓଡ଼ିଆ ମାନଙ୍କ ପ୍ରତି କରାଯାଇଥିବା ଅନ୍ୟାୟ ବିରୁଦ୍ଧରେ ବୁଝାଇଲେ । ୧୯୩୩ ଜୁଲାଇ ୩ ତାରିଖରେ ପାରଳା ମହାରାଜାଙ୍କ ନେତୃତ୍ୱରେ ସାତଜଣିଆ ସଦସ୍ୟ ବିଶିଷ୍ଟ ଏକ କମିଟି ଲଣ୍ଡନ ଯାଇ ଭାରତର ( Secretary of states ) ନିକଟରେ ସ୍ମାରକ ପତ୍ର ସହ ଦାବୀ କଲେ (୧୫) । ଫଳରେ ୧୯୩୫ ନଭେମ୍ବର ୨୬ ତାରିଖରେ ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀ ଅଞ୍ଚଳ ଗୁଡ଼ିକ ପୁଣି ଓଡ଼ିଶାରେ ମିଶିବା ବିଷୟ ଯୁଗ୍ମ ପାର୍ଲାମେଣ୍ଟାରୀ କମିଟି ଦ୍ୱାରା ସୁପାରିଶ ଓ ବିଲାତର ସାଧାରଣ ସଭା ଗୃହରେ ଅନୁମୋଦିତ ହେଲା (୧୬) । ତଦନୁଯାୟୀ ଭାରତ ସରକାରଙ୍କ ବିଲ୍ ଭିତରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବ୍ୟବସ୍ଥା ସବୁ ତାଲିକାଭୁକ୍ତ କରାଯିବା ସଙ୍ଗେ ସଙ୍ଗେ ୧୯୩୬ ମସିହା ଅପ୍ରେଲ ମାସ ପହିଲା ଦିନ 'ସ୍ୱତନ୍ତ୍ର ଉତ୍କଳ ଦିବସ' ଘୋଷଣା କରାଯାଇ ତାହା ମହାସମାରୋହରେ ପାଳନ କରାଗଲା । (୧୭) ସ୍ୱତନ୍ତ୍ର ଉତ୍କଳ ଆନ୍ଦୋଳନର ବହୁ ଘଟଣାପୂର୍ଣ୍ଣ ଇତିହାସରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାରାଜାଙ୍କ ଆତ୍ୟନ୍ତିକ ସଂପୃକ୍ତି ଓ ଉଲ୍ଲେଖନୀୟ ଅବଦାନ ଯୋଗ୍ ତାହାକୁ ଓଡ଼ିଶାରୁ ଗୁଣମୁଗ୍ଧ ଜନତା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ନିର୍ମାତା ଭାବେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଆସିଛି ।

ଅଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ମହାବିଦ୍ୟାଳୟ
ପାରଳାଖେମୁଣ୍ଡି, ଗଞ୍ଜାମ

(୧) ମହତାବ ହରେକୃଷ୍ଣ—ଓଡ଼ିଶା ଇତିହାସ, ଷ୍ଟୁଡେଣ୍ଟସ ଷ୍ଟୋର, ୧୯୪୮, ପ୍ରଥମ ସଂସ୍କରଣ, ପୃ. ୨୫୩ ୨୫୪, ୨୨୭ ।

(୨) Risley circular of 3rd December, .1903, No. 3678, Para. 2.

(୩) Order of the Madras Government (Judicial) No. 2024, 15th December, 1890

(୪) General Report on Public Instructions, 1869—70, Para. 63.

(୫) ଉତ୍କଳଦୀପିକା—ମାର୍ଚ୍ଚ, ୧୩ ତାରିଖ ୧୮୬୯ ମସିହା, ସମ୍ପାଦକ କର୍ମଯୋଗୀ ଗୌରୀଶଙ୍କର ରାୟ ।

(୬) Selections from Important order in the Education Department (1872-73) P. 9.

(୭) Two Bachelor of Arts—The Oriya Movement Gauranga press, Calcutta, 1919, P. 30, 39.

(୮) "A more striking example of this class of division of people between the various provinces is that of the Oriyas" (Imperial Legislative Assembly Debates, Vol. II, No. 7, 21 and 22 September 1921, P. 711.

(୯) Phillip Duff Committee, P. 1 (Resolution by the Government of India, Home Department, No. F., 699/22 public, dated Simila, 1st October, 1924).

(୧୦) —Ibid—P, 4, Para—4.

11, Government of India's Despatch on proposals for constitutional Reform, Calcutta—1930, PP. 16-17.

12. Comments in Committee of whole Conference (16th January, 1931) from proceedings, Indian Round Table conference, P. 335-P. 396.

13. O' Dongel Committee Report, Vol—I / Appex-I (Reforms office Resolution No. F/12/VI/31, dated the 18th September, 1931) P. 1.

14. Orissa Boundary Committee Report, Vol-II, P. 275.

(୧୫) ସଂପା : ଶଶୀଭୂଷଣ ରଥ—ସାପ୍ତାହିକ ଆଶା—

16. Joint Committee on Indian Constitutional Reform proceeding, 1933-34, Vol-I, Part-II

(୧୭) ସଂପା : ଶଶୀଭୂଷଣ ରଥ—ସାପ୍ତାହିକ ଆଶା— ୧-୪-୧୯୩୬ ।



କେନ୍ଦ୍ରୀୟ ପେଟ୍ରୋଲିଅମ୍ ବୋର୍ଡ ଫୁଟ୍‌ବଲ ପ୍ରତିଯୋଗିତାରେ ବିଜୟୀ ଦଳଙ୍କୁ କପ୍ ପ୍ରଦାନ

# ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ

## ଭୁବନେଶ୍ୱର

ଜାତୀୟ ପର୍ବ ଉତ୍କଳ ଦିବସ ଉପଲକ୍ଷେ ଓଡ଼ଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତ ଲିଃ ର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ବନମ୍ର ଅଭିନନ୍ଦନ ।

ବୁଣାକାରଙ୍କ ସର୍ବାଂଗୀନ ଉନ୍ନତ ଓ କର୍ମ ଯୋଗାଣ ନମନ୍ତେ ରାଜ୍ୟ ସରକାରଙ୍କ ଫଳପ୍ରଦ ଯୋଜନା ଗୁଡ଼ିକ କାର୍ଯ୍ୟ କରାଇବାରେ ଏହ ଶୀର୍ଷ ସମିତ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କର ଗ୍ରାହକମାନଙ୍କୁ ଆଧୁନକ ରୁଚ ସଂପନ୍ନ ଓ ଉଚ୍ଚ ମାନର ବସ୍ତ୍ର ଯୋଗାଇ ଆସୁଅଛି ।

ରାଜ୍ୟରେ ଉତ୍ପାଦିତ ହସ୍ତତନ୍ତ ବସ୍ତ୍ର ବ୍ୟବହାର କର ବୁଣାକାରଙ୍କୁ ନୟମିତ କାମ ଯୋଗାଇବାରେ ସହାୟକ ହୁଅନ୍ତୁ ।

ଦି: ଦ୍ର:—1. ପର୍ବ ପର୍ବାଣୀରେ ବିକ୍ରି ଉପରେ 20% ସରକାରୀ ରିହାତି ମିଳିଥାଏ ।
2. ଜନତା ବସ୍ତ୍ର ରିହାତି ଦରରେ ବର୍ଷସାରା ମିଳେ ।

# ଇତିହାସ ପୃଷ୍ଠାରୁ ...
# କମଳଲୋଚନ ଦୋରା ବିଶୋୟୀ

ଡକ୍ଟର ଦଣ୍ଡପାଣି ବେହେରା

କମଳଲୋଚନ ଥିଲେ ଘୁମୁସର ରାଜ୍ୟର ଦୋରା ଥିବା ମୁଖ୍ୟ ବିଶୋୟୀ ଅଥବା ମାଳୁଆ ବିଶୋୟୀମାନଙ୍କ ପ୍ରଧାନ ବିଶୋୟୀ (ଅଧିକାରୀ) । ସେ ମଧ୍ୟ ପାହାଡ଼ିଆ ଜଙ୍ଗଲ ଅଞ୍ଚଳର ମୁଖ୍ୟ ଥିଲେ । ସେ 'ଅଭୟ ବୀରବର' (ରାଜ୍ୟ ରକ୍ଷକ) ରାଜ ଉପାଧି ଲାଭ କରିଥିଲେ । ସେ' ଘୁମୁସର ରାଜ୍ୟର "ବାହାଦୁର ବକ୍‌ସୀ" ଅବା ସେନାଧ୍ୟକ୍ଷ ଥିଲେ । ୧୮୧୫ ମସିହା ସାଲରୁ ୧୮୧୮ ସାଲ ଯାଏ ଏକ ନାବାଳକ ରାଜ୍ୟ ଅବା "ରାଜାପିଲା" ବଳଭଦ୍ର ଭଞ୍ଜଙ୍କର ଅଭିଭାବକ ଭାବେ ଘୁମୁସରର ରାଜକାର୍ଯ୍ୟ ପରିଚାଳନା କରିଥିଲେ । ପ୍ରକୃତରେ ବଳଭଦ୍ର ଭଞ୍ଜ ସେତେବେଳେ ମୃତ, କିନ୍ତୁ କୁଇତ ଗଡ଼ର ଏକ ନାବାଳିକା କନ୍ୟା (ଝିଅପିଲା)କୁ ବଳଭଦ୍ର ଭଞ୍ଜ ବୋଲି ଗଞ୍ଜାମ ଜିଲ୍ଲାର ତତ୍‌କାଳୀନ କଲେକ୍ଟର (ଜିଲ୍ଲାପାଳ) ସ୍କୋଟିସ ଉଡ଼ଙ୍କୁ ଧାରଣା ଦିଆଇ ସେ ୩ବର୍ଷ ଧରି ଘୁମୁସରର ଶାସନକାର୍ଯ୍ୟ ଚଳାଇଥିଲେ । କିନ୍ତୁ ସେ ଧାରାବାହିକ ଭାବେ ରାଜକୀୟ କର ଓ ବକେୟା ଖଜଣା କଲେକ୍ଟରଙ୍କୁ ଦେଉଥିଲେ । ତାଙ୍କର ଶାସନ କାଳରେ ୧୮୧୬ ମସିହା ଡିସେମ୍ବର ମାସରେ ପିଣ୍ଡାରୀ (ମରହଟ୍ଟା ସୈନ୍ୟ ବାହିନୀର ଏକ ବିଦ୍ରୋହୀ ସୈନ୍ୟ ଦଳ)ମାନେ ଘୁମୁସର ରାଜ୍ୟ ଆକ୍ରମଣ ଓ ଲୁଣ୍ଠନ କରି ସମସ୍ତ ଅଞ୍ଚଳକୁ ଧ୍ୱଂସ ବିଧ୍ୱସ୍ତ କରି ଦେଇଥିଲେ । ଏହି ଛଅ ହଜାର ପିଣ୍ଡାରୀମାନେ ଘୁମୁସର ଲୁଣ୍ଠନ କରିଥିବା ସମୟରେ ଗଞ୍ଜାମ ଜିଲ୍ଲା ବ୍ରିଟିଶ ଗୋରା ଶାସକମାନେ ଚରମ ନିଶ୍ଚେଷ୍ଟତା ଓ ବେପରବାହୀ ନୀରବତା ପ୍ରଦର୍ଶନ କଲେ ଏବଂ ବ୍ରିଟିଶ ସରକାରଙ୍କର ଏହି ମନୋଭାବ ବିରୁଦ୍ଧରେ ପ୍ରତିବାଦ କରି ସେହିବର୍ଷ କମଳଲୋଚନ ବିଦ୍ରୋହ କଲେ । ଘୁମୁସର ସର୍ବତ୍ର ବିଦ୍ରୋହର ବହ୍ନି ଜଳିଲା । ବ୍ରିଟିଶ ଶାସକମାନେ ଘୋର ବିପଦ ଓ ସଙ୍କଟର ସମ୍ମୁଖୀନ ହେଲେ । ସ୍କୋଟିସ ଉଡ଼ଙ୍କର ଭାଷାରେ ବ୍ରିଟିଶ ସୈନ୍ୟମାନଙ୍କ ପାଇଁ ଦୋରା ବିଶୋୟୀ "ଘୋର ଉଦ୍‌ବିଗ୍ନତା" (Very great annoyance)" ସୃଷ୍ଟି କଲେ ।

ଘୁମୁସରରେ ବିଦ୍ରୋହ ବ୍ୟାପକଭାବେ ଚାଲିଥିବା ସମୟରେ ଦୋରା ବିଶୋୟୀ ଚାରିହଜାର କନ୍ଧ ପାଇକଙ୍କୁ ୧୮୧୭ ସାଲ ମାର୍ଚ୍ଚ ମାସର ଶେଷ ସପ୍ତାହରେ ବିଦ୍ରୋହୀ ଖୋର୍ଦ୍ଧା ପାଇକଙ୍କୁ ସାହାଯ୍ୟ କରିବା ପାଇଁ ବାଣପୁର ପଠେଇଲେ । ସେହି ଘୁମୁସର ପାଇକମାନଙ୍କୁ ବ୍ରିଟିଶମାନେ "ଟେହାର" ଆଖ୍ୟା ଦେଇଥିଲେ । ଘୁମୁସର ପାଇକ-ମାନେ ବାଣପୁରରୁ ଖୋର୍ଦ୍ଧା ଓ ଖୋର୍ଦ୍ଧାରୁ ପୁରୀ ମାଡ଼ିଗଲେ । ସମଗ୍ର ଯାତ୍ରା ପଥରେ ଇଂରେଜମାନଙ୍କୁ ଅତର୍କିତ ଆକ୍ରମଣ କରି ଇଂରେଜ ବାହିନୀରେ ଆତଙ୍କ ସୃଷ୍ଟିକଲେ । ପୁରୀରେ ଥିବା ଗୋରା ସୈନ୍ୟମାନଙ୍କୁ ପରାସ୍ତ କଲାପରେ ସେମାନେ ଖୋର୍ଦ୍ଧାଯାଇ ଖୋର୍ଦ୍ଧାରାଜାଙ୍କୁ ସିଂହାସନରେ ପୁନଃ ଆରୋହଣ କରିବାକୁ ପ୍ରବର୍ତ୍ତାଇଲେ । ସେଠାରେ ସେତେବେଳେ କଉଣ ଦୋରା ବିଶୋୟୀ ଓ ବକ୍‌ସି ଜଗବନ୍ଧୁ ଯୁକ୍ତ ଖୋର୍ଦ୍ଧା-ଘୁମୁସର ପାଇକ ବାହିନୀର ନେତୃତ୍ୱ ନେଉଥିଲେ । ଖୋର୍ଦ୍ଧାରାଜା ପୁରୀ ଛାଡ଼ି ଖୋର୍ଦ୍ଧା ପ୍ରତ୍ୟାବର୍ତ୍ତନ କରି ସିଂହାସନାରୂଢ଼ ହେବା ପାଇଁ ଦୃଢ଼ଭାବେ ମନା କରିବା ଫଳରେ ଯୁକ୍ତ ପାଇକ ବିଦ୍ରୋହ ଭାଙ୍ଗିପଡ଼ିଲା ଓ ଘୁମୁସରର ପାଇକମାନେ ସ୍ୱରାଜ୍ୟ ପ୍ରତ୍ୟା-ବର୍ତ୍ତନ କଲେ । କିନ୍ତୁ, ଏହା ସତ୍ୟ ଯେ, ଯଦି ଘୁମୁସରର ପାଇକମାନେ ଖୋର୍ଦ୍ଧା ରାଜ୍ୟରେ ପହଞ୍ଚି ନ ଥାନ୍ତେ, ତାହାହେଲେ ୧୮୧୭ ମସିହାରେ ଖୋର୍ଦ୍ଧା ପାଇକ ବିଦ୍ରୋହ ସଂଘଟିତ ହୋଇ ନ ଥାଆନ୍ତା ଏବଂ ଫଳରେ ଖୋର୍ଦ୍ଧା ଇତିହାସ ଏକ ଗୌରବମୟ ଅଧ୍ୟାୟ ହରାଇ ବସିଥାନ୍ତା । ଦୋରାଙ୍କ ସହ ବକ୍‌ସି ଜଗବନ୍ଧୁ ମଧ୍ୟ ଘୁମୁସର ଆସିଲେ ଏବଂ ଏହି ଉଭୟଙ୍କର ନେତୃତ୍ୱରେ ଘୁମୁସରରେ ବିଦ୍ରୋହ ଘମାଘୋଟ ଚାଲିଲା । ଶାସନକାର୍ଯ୍ୟ ପରିଚାଳନା କରିବା ପରିବର୍ତ୍ତେ ବିଦ୍ରୋହ ପରିଚାଳନାରେ ଲିପ୍ତ ରହିଥିବା ହେତୁ ଦୋରା ବିଶୋୟୀଙ୍କୁ ୧୮୧୮ ମସିହାରେ ଘୁମୁସର ଶାସନରୁ କଲେକ୍ଟର ସ୍କୋଟିସ ଉଡ଼ ବିତାଡ଼ନ କଲେ । ବିତାଡ଼ିତ ଦୋରା ବିଶୋୟୀ ତତ୍ପରେ ଘୁମୁସରର ସମତଳ ଅଞ୍ଚଳ

ପରିତ୍ୟାଗ କରି ମାଳ ଅଞ୍ଚଳରେ ଅବସ୍ଥାନ କରି ସେଠାରେ ବ୍ରିଟିଶ ଶାସନ ବିରୁଦ୍ଧରେ ଅନବରତ ଭାବେ କନ୍ଧମାନଙ୍କୁ ମେଳାଇ ୧୮୧୮ ରୁ ୧୮୩୨ ମସିହା ଯାଏ ବିଦ୍ରୋହ ଅବ୍ୟାହତ ରଖିଲେ । ଏହି ସମୟରେ ଘୁମୁସରର ରାଜା ଥାଆନ୍ତି ଶ୍ରୀକର ଭଞ୍ଜ । ୧୮୩୨ ମସିହାରେ ଶ୍ରୀକରଙ୍କ ପୁତ୍ର ଧନଞ୍ଜୟ ଭଞ୍ଜ ପୁନଶ୍ଚ ଗାଦିସୀନ ହେବାରୁ ଦୋରା ବିଶୋୟୀ ମାଳ ଅଞ୍ଚଳ ଛାଡ଼ି ସମତଳ ଅଞ୍ଚଳରେ ପୁନଃ ପ୍ରବେଶ କଲେ । କାରଣ ଧନଞ୍ଜୟ ଭଞ୍ଜ ଥିଲେ ତାଙ୍କର ପରମ ହିତାକାଂକ୍ଷୀ ଓ ସମର୍ଥକ । ପୁନଶ୍ଚ ଦୋରା ବିଶୋୟୀ ଧନଞ୍ଜୟଙ୍କର ଶାସନରେ ତାଙ୍କର ପୂର୍ବ ପଦବୀରେ ଅଧିଷ୍ଠିତ ହେଲେ । କିନ୍ତୁ ଧନଞ୍ଜୟ ଭଞ୍ଜ ଖଜଣା ଯଥାର୍ଥ ଭାବେ ଦେଇ ନ ପାରିବାରୁ ତାଙ୍କ ବିରୁଦ୍ଧରେ ଜେନେରାଲ ହେନେରୀ ଟଏଲରଙ୍କ ଅଧିନାୟକତ୍ୱରେ ସରକାର ସାମରିକ ଅଭିଯାନ ପ୍ରେରଣ କଲେ । ୧୮୩୫ ସାଲ ନଭେମ୍ବର ମାସରେ ଜେନେରାଲ ଟଏଲର ଘୁମୁସର ରାଜ୍ୟ ଦଖଲ କଲେ ଏବଂ ଧନଞ୍ଜୟ ଓ ଦୋରା ବିଶୋୟୀ ପାହାଡ଼ିଆ ଜଙ୍ଗଲ ଭିତରକୁ ପଳାୟନ କରି ସେଠାରେ ବ୍ରିଟିଶ ସରକାରଙ୍କର ବିରୁଦ୍ଧରେ ବିଦ୍ରୋହର ସୀମା ଓ ଆକାରକୁ ବ୍ୟାପକ କଲେ । ସମଗ୍ର ପାହାଡ଼ିଆ ମାଳ ଅଞ୍ଚଳରେ ଆଦିବାସୀ କନ୍ଧମାନଙ୍କ ମଧ୍ୟରେ ବିଦ୍ରୋହର ଅଗ୍ନି ପ୍ରଜ୍ଜ୍ୱଳିତ ହେଲା । ଧନଞ୍ଜୟ ଓ ଦୋରା ବିଶୋୟୀଙ୍କୁ ଧରିବା ପାଇଁ ବ୍ରିଟିଶ ସୈନ୍ୟମାନେ ଯଥପରୋନାସ୍ତି ଚେଷ୍ଟା କଲେ । ସେମାନଙ୍କର ଚେଷ୍ଟା ବୃଥା ହେଲା । ୧୮୩୫ ସାଲ ଡିସେମ୍ବରମାସ ୩୧ ତାରିଖରେ ଉଦୟଗିରିଠାରେ ଧନଞ୍ଜୟ ଶେଷ ନିଶ୍ୱାସ ତ୍ୟାଗ କଲେ । କିନ୍ତୁ ସେ ଛାଡ଼ିଯାଇଥିବା ଟ ୭୦,୦୦୦ (ସତୁରୀ ହଜାର)ଟଙ୍କାକୁ ଦୋରା ବିଶୋୟୀ ଓ ତାଙ୍କର ସମର୍ଥକମାନେ ବିଦ୍ରୋହ କାର୍ଯ୍ୟରେ ବିନିଯୋଗ କଲେ । ମୃତ୍ୟୁପରେ ତାଙ୍କର ୧୩ ବର୍ଷ ବୟସ ପୁତ୍ର ଉଦ୍ଦଣ୍ଡରାଜ ଭଞ୍ଜଙ୍କ ସିଂହାସନ ଆରୋହଣ ତଥା ବିଦ୍ରୋହୀମାନଙ୍କ ପାଇଁ ରାଜକ୍ଷମା ଦାବୀକରି ଦୋରା ବିଦ୍ରୋହକୁ ଦ୍ୱିଗୁଣିତ କଲେ । ସରକାର ଏହି ଉଭୟ ଦାବୀକୁ ପ୍ରତ୍ୟାଖ୍ୟାନ କରି ଦୋରାଙ୍କୁ ବଳେ ବଳେ ଉଭଣରେ ଧରିବା ପାଇଁ କଟକର କମିଶନର ଓ ଛୋଟନାଗପୁରର ପଲିଟିକାଲ ଏଜେଣ୍ଟଙ୍କ ସହ ମାନ୍ଦ୍ରାଜ ସରକାର ସଂପର୍କ ସ୍ଥାପନ କଲେ । କିନ୍ତୁ ସରକାରଙ୍କର ସବୁ ଉଦ୍ୟମ ବ୍ୟର୍ଥହେଲା । ଶେଷରେ ଗଞ୍ଜାମ ଜିଲ୍ଲାର କଲେକ୍ଟର ଷ୍ଟିଭେନସନ ଦୋରା ବିଶୋୟୀଙ୍କୁ ଗିରଫ କରିବା ପାଇଁ ତଥା ଘୁମୁସରରେ ଶାନ୍ତି ସ୍ଥାପନ କରିବା ପାଇଁ ଜଣେ ସ୍ୱତନ୍ତ୍ର କମିଶନରଙ୍କୁ ତୁରନ୍ତ ନିଯୁକ୍ତି କରିବା ପାଇଁ ମାନ୍ଦ୍ରାଜ ସରକାରଙ୍କୁ ସୁପାରିଶ କଲେ । ଫଳରେ ଜର୍ଜ ଏଡ଼ୱାର୍ଡ ରାସେଲଙ୍କୁ ଘୁମୁସରର କମିଶନର ଭାବେ ଅବସ୍ଥାପିତ କରାଗଲା । ଦାୟିତ୍ୱ ବହନ କଲା ପରେ ସେ ଦୋରାଙ୍କର ଗିରଫ ୫ ହଜାର ଟଙ୍କାର ପୁରସ୍କାର ରାସେଲ ଘୋଷଣା କଲେ । ଏହାର ପ୍ରତିକ୍ରିୟାରେ ଦୋରା କଳ୍ପନାତୀତ ଅକଳନ କଲେ । ଦିନେ ହୁକମିଙ୍ଗିଆ ଘାଟି ପଥରେ ୩୫ ଜଣ ଗୋରା ସୈନ୍ୟ କେତେକ ବନ୍ଦୀମାନଙ୍କୁ ନେଇ ଅତିକ୍ରମ କରୁଥିବା ସମୟରେ ସେମାନଙ୍କ ଉପରେ ଦୋରା ଅସନ୍ତକ ଆକ୍ରମଣ କରି ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କୁ ହତ୍ୟାକଲେ ଏବଂ ଅନ୍ୟମାନଙ୍କୁ ଗୁରୁତର ଭାବେ ଆହତ କଲେ । ମୃତମାନଙ୍କ ମଧ୍ୟରେ ଥିଲେ ଲେଫଟେନାଣ୍ଟ ବ୍ରୋମଲେ ଓ ଇଡ଼ଗିନ ଗିବନ । ଏହି ଘଟଣା ବ୍ରିଟିଶ ଶାସକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟିକଲା । ରସେଲଙ୍କ ନେତୃତ୍ୱରେ ଇଂରେଜ ସୈନ୍ୟ ବାହିନୀ ଅଗ୍ରାଟ୍ରର ଜଗିପଡ଼ା ଆଦି ଗୁପ୍ତ ଘାଟି ଜାଗାମାନଙ୍କୁ ଅତର୍କିତ ଭାବେ ଆକ୍ରମଣ କଲେ । କିନ୍ତୁ ଦୋର ଅତି ଚତୁରତାର ସହ ନିଜ ସମର୍ଥକମାନଙ୍କ ସହ ଦଶପଲ୍ଲା ଦେଇ ନୟାଗଡ଼ରେ ପହଞ୍ଚିଲେ । ରସେଲ କିନ୍ତୁ ତାଙ୍କୁ ଧରିବା ପାଇଁ ସେ ଯାଏଁ ଗଲେ । ଏଣେ କଲେକ୍ଟର ଷ୍ଟିଭେନସନ ସାନଖେମୁଣ୍ଡି ଜମିଦାରୀ ଓ ଅନ୍ୟାନ୍ୟ ମାଳ ଅଞ୍ଚଳରେ ଦୋରାଙ୍କୁ ଖୋଜିବା ପାଇଁ ବ୍ୟାପକ ସୈନ୍ୟ ଶୃଙ୍ଖଳା କଲେ । ଦୋରା କିନ୍ତୁ ସରକାରଙ୍କର ସବୁ ଉଦ୍ୟମକୁ ପଣ୍ଡକରି ଶାସନର ଲମ୍ବା ହାତରୁ ନିଜକୁ ବହୁ ଦୂରରେ ରଖିପାରିଥିଲେ । କନ୍ଧମାନଙ୍କ ମଧ୍ୟରେ ସେ ପ୍ରଚାର କଲେ ଯେ, ସେମାନଙ୍କୁ ଶାସ୍ତି ବିଧାନ କରିବା ନିମନ୍ତେ ସେମାନଙ୍କ ଉପରେ ବହୁ ଅବାଞ୍ଛନୀୟ ଟିକସ ବସାଇବା ପାଇଁ ସ୍ଥିର କରିଛନ୍ତି । ଏହି ପ୍ରଚାରକୁ ମିଥ୍ୟାକହି ସରକାର ଜନ୍ଧ ଭାଷାରେ କୌଣସି ଟିକସ କନ୍ଧମାନଙ୍କ ଉପରେ ବସା ନ ଯାଉଥିବା ଘୋଷଣା ପ୍ରଚାର କଲେ । କିନ୍ତୁ ସରକାରଙ୍କର ଏହି ଘୋଷଣାର କୌଣସି ପ୍ରଭାବ କନ୍ଧମାନଙ୍କ ଉପରେ ପଡ଼ିଲନାହିଁ । ତାଙ୍କର ଦୋରାଙ୍କର ପ୍ରଚାରକୁ ସତ୍ୟବୋଲି ବିଶ୍ୱାସ କଲେ ।

ସରକାର ଦୋରା ଓ ତାଙ୍କର ସମର୍ଥକମାନଙ୍କ ବିରୁଦ୍ଧରେ ଯୁଦ୍ଧାଭିମାନ ଅବ୍ୟାହତ ରଖିଲେ । କ୍ରମଶଃ ଦୋରାଙ୍କ ବ୍ୟତୀତ ସବୁ ବନ୍ଧୁ ବାନ୍ଧବ, ସରଦାର, ନାୟକ ଓ ପାଇକମାନେ ଧରା ପଡ଼ିଲେ ଏବଂ ସରକାର ସେ ସମସ୍ତଙ୍କୁ "ଫାଶୀ ଖୁଣ୍ଟ"ରେ ହତ୍ୟା କିମ୍ବା ଦ୍ୱୀପାନ୍ତରିତ କଲେ ।

ଦୋରା ସମସ୍ତ ସମର୍ଥକ ଓ ବନ୍ଧୁ ହରାଇ ଏକାକୀ ଭାବେ ବିଭିନ୍ନ ସ୍ଥାନକୁ ଲୋକ ସମର୍ଥନ ଲାଭ ଆଶାରେ ବୁଲି ବୁଲିଲେ । କ୍ରମଶଃ ତାଙ୍କର ପ୍ରଭାବ ମଉଳିବାକୁ ଲାଗିଲା । କୋରଡ଼ ଓ ରଣଭା ଜଙ୍ଗଲରେ ବହୁ ସମୟ ରହିବା ପରେ ସେ ବଉଦ୍ଧର ପାଟଣା ରାଜ୍ୟକୁ ଯାତ୍ରା କଲେ । କିନ୍ତୁ ସେଠାରେ ପ୍ରତିକୂଳ ପରିସ୍ଥିତି ଦେଖି ସେ ସେଠାରୁ ଅନୁଗୁଳ ଅଭିମୁଖେ ଅଗ୍ରସର ହେଲେ । ତାଙ୍କର ଅନୁଗୁଳ ରାଜ୍ୟରେ ପ୍ରବେଶ କରିବା ସମ୍ବାଦ ଅନୁଗୁଳର ରାଜା ସୋମନାଥ ସିଂହଙ୍କ ହସ୍ତଗତ ହେବା ସଙ୍ଗେ ସଙ୍ଗେ ରାଜା ୫,୦୦୦ ଟଙ୍କା ଅର୍ଥ ଲୋଭରେ ଦୋରାଙ୍କୁ କଉଶଳରେ ଧରାଇ ଇଂରେଜମାନଙ୍କ ହସ୍ତରେ ତାଙ୍କୁ ଅର୍ପଣ କଲେ ।

୧୮୩୭ ମସିହାରେ ଜଣେ ରାଜାଙ୍କର ଦେଶଦ୍ରୋହୀ ମୂଳକ କାରସାଦି ଦ୍ୱାରା ଦୋରା ବ୍ରିଟିଶ ସରକାରଙ୍କଠାରେ ଧରା ପଡ଼ିଲେ । ଦୋରାଙ୍କର ବିଚାର ପରେ ତାଙ୍କୁ ମାନ୍ଦ୍ରାଜ ନିକଟସ୍ଥ ଗୁଟୀଠାରେ ତାଙ୍କୁ ରାଜବନ୍ଦୀ ଭାବେ ରଖାଗଲା ଏବଂ ସେଠାରେ ସେ ୧୮୪୬ ସାଲରେ ଶେଷ ନିଶ୍ୱାସ ତ୍ୟାଗ କଲେ ।

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ
ଭଞ୍ଜନଗର, ଗଞ୍ଜାମ ।

# ଓଡ଼ିଆ ଚଳଚ୍ଚିତ୍ର ୧୯୮୬

ଶ୍ରୀ ରଣଧୀର ଦାସ

ଓଡ଼ିଶାରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ହାର ଗତ ୫ ବର୍ଷ ମଧ୍ୟରେ ଆଶାଜନକ ଭାବେ ବୃଦ୍ଧି ପାଇଛି । ୧୯୭୦ ପର୍ଯ୍ୟନ୍ତ ବର୍ଷକୁ ହାରାହାରି ଗୋଟିଏ ଚିତ୍ର ମୁକ୍ତିଲାଭ କରୁଥିବା ବେଳେ, ୧୯୮୦ ରୁ ୧୯୮୬ ମଧ୍ୟରେ ଓଡ଼ିଆ ଚିତ୍ର ନିର୍ମାଣର ସଂଖ୍ୟା ବର୍ଷକୁ ହାରାହାରି ୧୩ଟି ପହଞ୍ଚିଛି । ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ପାଇଁ ଏହା ଗୌରବର ବିଷୟ । ଓଡ଼ିଆ ଚଳଚ୍ଚିତ୍ରର ସଂଖ୍ୟାତ୍ମକ ବୃଦ୍ଧି ପାଇଁ ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମର ଆର୍ଥିକ ସହଯୋଗ ସହିତ କଳିଙ୍ଗ ଷ୍ଟୁଡ଼ିଓର ଅବଦାନ ଉଲ୍ଲେଖନୀୟ ।

୧୯୮୬ ଡିସେମ୍ବର ୨୦ ତାରିଖ ସୁଦ୍ଧା ମୋଟ ୧୮ଟି ଚଳଚ୍ଚିତ୍ର ସେନସର ହୋଇଛି । ତନ୍ମଧ୍ୟରୁ ୧୬ଟି ଚିତ୍ର ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି । ଗୃହଲକ୍ଷ୍ମୀ, ସପନବଣିକ, ନଳଦମୟନ୍ତୀ, ହୀରାନୀଳା, ବାଜେ ବଇଁଶୀ ନାଚେ ଘୁଂଘୁର, ସତ କେବେ ଲୁଚି ରହେନା, ଏଇ ଆମ ସଂସାର, ଚକାଭଉଁରୀ, ସବୁ ମାୟାରେ ବାନ୍ଧା, ସଂସାର, କରୁଣାମୟ, ମାନିନୀ, ପକା କମଳ ପୋଡ ଛତା, ଛ ମାଣ ଆଠ ଗୁଣ୍ଠ, ନିବାଦ । ମୋଟ ୧୬ଟି ଚିତ୍ର ମଧ୍ୟରୁ 'ନଳଦମୟନ୍ତୀ' ପୌରାଣିକ ଚିତ୍ର ଏବଂ ଯୀଶୁଙ୍କ ଉପରେ 'କରୁଣାମୟ' ଚିତ୍ର ଆଧାରିତ ।

ସେନସର ହୋଇ ମୁକ୍ତିଲାଭ ହୋଇ ନଥିବା ଚିତ୍ର 'ସଂଧ୍ୟାତାରା' ଚିତ୍ରଟି କଳାଧବା ଏବଂ ଏହି ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ବମ୍ବେର କମେଡ଼ିଆନ ନିର୍ଦ୍ଦେଶକ ମୋହନଗ୍ରେଟି । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବାସୁଦେବ ରଥ । ମହାଶ୍ୱେତା, ବୀରେନ୍ ରାଉତରାୟ, ଡଲି ଜେନା, ମୋହନଗ୍ରେଟି ପ୍ରମୁଖ ଅଭିନୟ କରିଛନ୍ତି । ଉତ୍କଳ ମୁଭିଜ ପ୍ରଯୋଜିତ 'ଜୟଦେବ' ରଙ୍ଗୀନଚିତ୍ର ଜାନୁଆରୀ ମାସରେ ମୁକ୍ତିଲାଭ କରିବ । ଏହି ଚିତ୍ରରେ ଉତ୍ତମ, ଚକ୍ରପାଣି, ଜୟା, ମାମିନା, ଶର୍ମିଳା ପ୍ରମୁଖ ଅଭିନୟ କରିଛନ୍ତି । ନିର୍ଦ୍ଦେଶକ ଶ୍ରୀ ଶ୍ୟାମଳ ମୁର୍ଖାର୍ଜୀ ।

ସି.ଏସ.ରାଓଙ୍କ ନିର୍ଦ୍ଦେଶିତ ଗୃହଲକ୍ଷ୍ମୀ ଜାନୁୟାରୀ ୩ ତାରିଖରେ ମୁକ୍ତିଲାଭ କରିଛି । ଲକ୍ଷ୍ମୀ ଏଣ୍ଟରପ୍ରାଇଜସ ନିର୍ମିତ ଏହି ଚିତ୍ରର ବିଷୟ ବସ୍ତୁ ତେଲୁଗୁ ଚିତ୍ରର କାହାଣୀ ଉପରେ ଆଧାରିତ । ଚିତ୍ରରେ ମହାଶ୍ୱେତାଙ୍କ ଅଭିନୟ ଉଚ୍ଚକୋଟିର ହୋଇଛି । ଶ୍ରୀରାମ ପଣ୍ଡା ମଧ୍ୟ ଭଲ ଅଭିନୟ କରିଛନ୍ତି । ଚିତ୍ରଟି ବ୍ୟବସାୟିକ ସାଫଲ୍ୟ ହାସଲ କରିପାରି ନାହିଁ । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଫୁଲ୍ଲ କର ।

ପି.ଡ଼ି.ସିନେୟଙ୍କ ନିର୍ଦ୍ଦେଶିତ ପ୍ରଯୋଜିତ 'ସପନ ବଣିକ' ଏକ ସଫଳ ଚିତ୍ର।'ଶ୍ରୀରାମ, ମହାଶ୍ୱେତା, ଅଭିନୟ କରିଛନ୍ତି । ନବାଗତା ଦୀପ୍ତିନାଥଙ୍କ ଅଭିନୟ ଉଲ୍ଲେଖନୀୟ । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀ ଭୁବନେଶ୍ୱର ମିଶ୍ର । ରବି ପଟ୍ଟନାୟକ ସଂପାଦନା ଓ ସୁର ସାହୁଙ୍କ ଚିତ୍ର ଉତ୍ତୋଳନ ପ୍ରଶଂସାହ ।

ସର୍ବାଧିକ ଅର୍ଥ ବ୍ୟୟରେ ଦୁର୍ଗାନନ୍ଦଙ୍କ ପ୍ରଯୋଜିତ ଓ ପ୍ରଶାନ୍ତନନ୍ଦ ନିର୍ଦ୍ଦେଶିତ ହୀରାନୀଳା ୧୯୮୬ର ଏକ ଉଲ୍ଲେଖନୀୟ ଅସଫଳ ଚିତ୍ର । ୧୬ଟି ପ୍ରିଣ୍ଟ ରିଲିଜ କରାଇ ଏକ ଓଡ଼ିଆ ଚିତ୍ର ନିର୍ମାଣ ଜଗତରେ ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ଚିତ୍ରଟି ଦର୍ଶକଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇନାହିଁ । ଏହି ଚିତ୍ରରେ ଅଭିନେତା ସ୍ୱରୂପ ନାୟକ ଜଣେ ସଂଗୀତ ନିର୍ଦ୍ଦେଶକ ଭାବରେ ସ୍ୱୀକୃତି ପାଇଲେ । ପ୍ରଶାନ୍ତ, ମହାଶ୍ୱେତା, ଶ୍ରୀରାମ, ଡଲିଜେନା ପ୍ରମୁଖ ଅଭିନୟ କରିଛନ୍ତି । ଚିତ୍ର ଉତ୍ତୋଳନ କରିଛନ୍ତି ସୁପରିଚିତ କ୍ୟାମେରାମେନ ସୁରେନ୍ଦ୍ର ସାହୁ ।

ପୌରାଣିକ ଓଡ଼ିଆ ଚିତ୍ର ନଳଦମୟନ୍ତୀର ନିର୍ଦ୍ଦେଶନା ଦେଇଛନ୍ତି ଇଞ୍ଜିନିୟର ଶ୍ରୀ ବିଭୂତି ମିଶ୍ର । ଅକ୍ଷୟ ମହାନ୍ତିଙ୍କ ସଂଗୀତ ନିର୍ଦ୍ଦେଶନାରେ ଏହି ଚିତ୍ରରେ ଚକ୍ରପାଣି, ବିଜୟ ମହାନ୍ତି, ତନ୍ଦ୍ରା ଅଭିନୟ କରିଛନ୍ତି ।

ପ୍ରଯୋଜକ ଦେବବ୍ରତ କରଙ୍କ ୩ୟ ଚିତ୍ର 'ବାଜେ ବଇଁଶୀ ନାଚେ ଘଂଘୁର' କଟକରେ ୧୦୦ ଦିନ ଚାଲିବାରେ ଗୌରବ ଅର୍ଜନ କରିଛି । ସିଦ୍ଧାର୍ଥଙ୍କ ନିର୍ଦ୍ଦେଶନାରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଉତ୍ତମ, ସଂଗୀତା ଦାଶ, ବିବେକ ଶତପଥୀ, ଦେବୁ ବୋଷ ପ୍ରମୁଖ । ସଂଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କ ସାଫଲ୍ୟ ଉଲ୍ଲେଖନୀୟ । ଚିତ୍ରଟି ନୃତ୍ୟଗୀତ ଭରା ଏକ ଭିନ୍ନ ସ୍ୱାଦର ଚିତ୍ର ।

ଛାୟା ଫିଲ୍ମମ୍ ନିବେଦିତ ' ସତ କେବେ ଲୁଚି ରହେନା' ମାର୍ଚ୍ଚ ୧୪ ତାରିଖରେ ମୁକ୍ତିଲାଭ କରିଥିଲା । ରମେଶ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଏହା ଏକ ମନୋରଂଜନଧର୍ମୀ ଚିତ୍ର । ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଉତ୍ତମ, ବିଜୟ ମହାନ୍ତି, ଅପରାଜିତା, ତନ୍ଦ୍ରା ରାୟ । ହାସ୍ୟ ରସ ଅଭିନେତା ରାଧାପଣ୍ଡା, ଜର୍ସି, ଶ୍ୟାମେନ୍ଦୁ, ଦେବୁ ବୋଷ ମଧ୍ୟ ଅଭିନୟ କରିଛନ୍ତି । ଭଣ୍ଡ ବାବାଜୀଙ୍କ ସମ୍ପର୍କରେ ସାମାଜିକ (*Social satire* ) ଭଲ ଭାବେ ଚିତ୍ରଣ ହୋଇଛି । ତନ୍ଦ୍ରାରାୟ ଉଚ୍ଚକୋଟୀର ଅଭିନୟ କରିଛନ୍ତି । ଚିତ୍ରଟି ୧୦୦ ଦିନ ଚାଲିବାର ଗୌରବ ଅର୍ଜନ କରି ପାରିଛି ।

ଶ୍ରୀ ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ଏବଂ ପ୍ରଖ୍ୟାତ ନିର୍ଦ୍ଦେଶକ ଶିଶିର ମିଶ୍ରଙ୍କ ନିର୍ଦ୍ଦେଶିତ 'ଏଇ ଆମ ସଂସାର' ୧୯୮୬ ର ଅନ୍ୟତମ



ସଫଳଚିତ୍ର । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀ ଅକ୍ଷୟ ମହାନ୍ତି । ରାଜୁ ମିଶ୍ରଙ୍କ ଚିତ୍ର ଉତ୍ତୋଳନ ଉଲ୍ଲେଖନୀୟ । ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଉତ୍ତମ, ବିଜୟ ମହାନ୍ତି, ଅପରାଜିତା, ଶ୍ରୀରାମ ପଣ୍ଡା, ବୈଶାଳୀ ପରିଡା, ଦେବୁ ବୋଷ, ସୁଜାତା, ଦୁଃଖୀରାମ ପ୍ରମୁଖ । ସୁପରିଚିତ ଗୀତିକାର ଶିବାନନ୍ଦ ଦାସ କାନ୍ନୁନରେ ପ୍ରଥମଥର ପାଇଁ ସଂଳାପ ରଚନା କରିଛନ୍ତି ।

ମୁକ୍ତିତୋଲ୍ (କଟକ) ଙ୍କ ପ୍ରଯୋଜିତ ମହମ୍ମଦ ମହସୀନଙ୍କ ନିର୍ଦ୍ଦେଶିତ ଚକାଭଉଁରୀ ଏକ ମନୋରଂଜନଧର୍ମୀ ଓଡ଼ିଆ ଚିତ୍ର । ମହମ୍ମଦ ମହସୀନ ଏହି ଚିତ୍ର ନିର୍ଦ୍ଦେଶନାରେ ଆଶାନୁରୂପ ସାଫଲ୍ୟ ଅର୍ଜନ କରି ପାରି ନାହାନ୍ତି । ସଂଗୀତ ନିର୍ଦ୍ଦେଶନା ଶ୍ରୀ ଅକ୍ଷୟ ମହାନ୍ତି । ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଉତ୍ତମ, ବିଜୟ ମହାନ୍ତି, ହେମନ୍ତ ଦାସ, ଦେବୁ ବୋଷ, ରାଧା ପଣ୍ଡା, ଅପରାଜିତା, ପୁଷ୍ପା ପଣ୍ଡା ପ୍ରମୁଖ । ଏହି ଚିତ୍ରର ବହି ଦୃଶ୍ୟ ଭଦ୍ରକାଞ୍ଚଳରେ ନିଆଯାଇଛି ।

ନୂତନ ପ୍ରଯୋଜକ ପ୍ରକାଶ ଅଗ୍ରୱାଲଙ୍କ 'ସବୁ ମାୟାରେ ବାନ୍ଧା' କଟକରେ ୧୦୦ ଦିନ ଚାଲିବାରେ ଗୌରବ ଅର୍ଜନ କରିଛି । ଏହାର ନିର୍ଦ୍ଦେଶନା ଦେଇଛନ୍ତି ସବ୍ୟସାଚୀ ମହାପାତ୍ର । ଚିତ୍ରର କେତେକ ଦୃଶ୍ୟ ଶିମିଳାରେ ସୁଟିଂ ହୋଇଛି । ପୂର୍ବରୁ ଜୀବନସାଥୀ ଶିମିଳାରେ ସୁଟିଂ ହୋଇଥିଲା । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀ ଅକ୍ଷୟ ମହାନ୍ତି ଏବଂ ଗୀତଗୁଡ଼ିକ ଲୋକପ୍ରିୟ ହୋଇପାରିଛି । ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଉତ୍ତମ ଦତ୍ତ, ମହାଶ୍ୱେତା, ବୈଶାଳୀ ପରିଡା ଏବଂ ପୁଷ୍ପରାଜ । ସୁପରିଚିତ ସଂପାଦକ ରବି ପଟ୍ଟନାୟକ ଚିତ୍ରର ସଂପାଦନା (Editing) କରିଛନ୍ତି । ଏହି ଚିତ୍ରର ପ୍ରିମିୟର ଶୋ ଆତିଥ୍ୟ ପ୍ରଦାନ ଚିତ୍ର ନିର୍ମାତାଙ୍କ ଅନୁକରଣୀୟ ହେବା ବିଧେୟ ।

ଅଗଷ୍ଟ ୮ ତାରିଖରେ ଉଦୟ ଶଙ୍କର ଦାସଙ୍କ ନିର୍ଦ୍ଦେଶିତ 'ସଂସ୍କାର' ଚିତ୍ର ଉର୍ବଶୀ ହଲରେ ମୁକ୍ତିଲାଭ କରିଥିଲା । ସମାଜ ସଂସ୍କାର ପାଇଁ ଏକ ଦୃଢ଼ ପଦକ୍ଷେପ ନେଇଥିବା ଏହି ଚିତ୍ରଟି ବିଶେଷ ଆଦୃତ ହୋଇ ପାରି ନାହିଁ । ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ବିଜୟ ମହାନ୍ତି ଓ କସ୍ତୁ... ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ମହମ୍ମଦ ମୁସାରା ।

ଯୀଶୁଙ୍କ ଜୀବନ ଉପରେ ଆଧାରିତ କରୁଣାମୟ ଚିତ୍ରଟି ଏକ ତଥ୍ୟ... ଚିତ୍ର । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀ ଅକ୍ଷୟ ମହାନ୍ତି ।

''କଲ୍ୟାଣୀ' ପ୍ରତିଷ୍ଠାନର ଦ୍ୱିତୀୟ ଅବଦାନ ''ମାନିନୀ'' କଟକ... ବିଭିନ୍ନ ପ୍ରେକ୍ଷାଳୟରେ ଗତ ଡିସେମ୍ବର ୧୨ ତାରିଖରୁ ୧୨୫ ତ... ସପ୍ତାହରେ ପଦାର୍ପଣ କରିଛି । ପୂର୍ବରୁ ପ୍ରଯୋଜକ ସୁବିମଳ ମଲ୍ଲିକଙ୍କ ପ୍ରଥମ ଓଡ଼ିଆ ରଙ୍ଗୀନ ଚିତ୍ର କଟକରେ ୨୩ ସପ୍ତାହ ଚାଲିଥିଲା । ତଥ... ନାୟକଙ୍କ ପ୍ରଯୋଜିତ ''ଦଣ୍ଡାବାଳୁଙ୍ଗା'' କଟକର ବିଭିନ୍ନ ପ୍ରେକ୍ଷାଳୟରେ ପ୍ରତ୍ୟହ ୩ଟି ସୋ ଚାଲି ୧୨୫ ସପ୍ତାହ ଚାଲିଥିଲା । ଏହାର ନିର୍ଦ୍ଦେଶ... ଥିଲେ ମହମ୍ମଦ ମହସିନ୍ । ''ମାନିନୀ'' ଚିତ୍ରର ଚିତ୍ରନାଟ୍ୟ-ନିର୍ଦ୍ଦେଶନା... ଦେଇଛନ୍ତି ରବି କିନାଗୀ, ଚିତ୍ର ଉତ୍ତୋଳନ କରିଛନ୍ତି ରାଜେନ କିନାଗୀ...

ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଶ୍ରୀରାମ ପଣ୍ଡା, ରାମେଶ୍ୱରୀ ... ରାଧାପଣ୍ଡା । ପ୍ରଥମଥର ପାଇଁ ହିନ୍ଦି ଚଳଚ୍ଚିତ୍ର ଜଗତର ସୁପରିଚିତ ଅଭିନେତ୍ରୀ ରାମେଶ୍ୱରୀ ଖୁବ୍ ଆବେଗମୟ ଅଭିନୟ କରି ଓଡ଼ି... ଦର୍ଶକଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛନ୍ତି ।

'ଭୂତ' ଇଣ୍ଟରନ୍ୟାସନାଲ ନିବେଦିତ ମାଣିକ ଗଉଡୁଣୀ କିମ୍ବଦ... ଉପରେ ଆଧାରିତ 'ମାଣିକ' ଚିତ୍ରଟି ପୁରୀରେ ମୁକ୍ତି ଲାଭ କରିଛି । ଏ... ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ବିଜୟ ମହାନ୍ତି ଓ ତ... ରାୟ । ୧୯୮୬ରେ ମୁକ୍ତିଲାଭ କରିଥିବା ଚିତ୍ରମାନଙ୍କ ମଧ୍ୟରୁ 'ମାଣି... ଏକମାତ୍ର ଚିତ୍ର ଯାହାର ମୁକ୍ତିଲାଭ ସମୟରେ ପ୍ରିମିଅର ସୋ ହୋଇ ନ... କିମ୍ବା ସାମ୍ବାଦିକମାନଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ । ଏହି ଚିତ୍ର

ଦର୍ଶକମାନଙ୍କ ମଧ୍ୟରେ ଆଦୃତ ହୋଇପାରିନାହିଁ । ସଂଗୀତ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ।

ବସନ୍ତ ନାୟକଙ୍କ ପ୍ରଯୋଜିତ ଏବଂ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ 'ପକା କମଳ ପୋତ ଛତା' ଦୁର୍ଗାପୂଜା ପୂର୍ବରୁ ମୁକ୍ତିଲାଭ କରିଛି । ଏହି ଚିତ୍ରର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ସୁପରିଚିତ ସଂଗୀତ ନିର୍ଦ୍ଦେଶକ ଶ୍ରୀ ବାସୁଦେବ ରଥ । ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଉତ୍ତମ ମହାନ୍ତି, ପ୍ରଶାନ୍ତ ନନ୍ଦ, ମହାଶ୍ୱେତା, ଅପରାଜିତା, ଶ୍ରୀରାମ ପଣ୍ଡା ଏବଂ ପୃଥ୍ୱୀରାଜ । ଏହି ଚିତ୍ରଟିର ପ୍ରଥମଥର ପାଇଁ ଅନୁଗୁଳର ଗ୍ରାମ୍ୟଭାଷା ଚରିତ୍ର ମାଧ୍ୟମରେ ଦିଆ ଯାଇଛି । ସ୍ୱଳ୍ପ ସମୟ ମଧ୍ୟରେ ଚିତ୍ରଟି ପ୍ରେକ୍ଷାଳୟରୁ ସର୍ବାଧିକ ଅର୍ଥଲାଭ କରିବାରେ (କଟକରେ) ଏକ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି ।

ଫକୀର ମୋହନ ସେନାପତିଙ୍କ ଲୋକପ୍ରିୟ ଉପନ୍ୟାସ 'ଛମାଣ ଆଠଗୁଣ୍ଠ'ର ସୁପରିଚିତ ଅଭିନେତ୍ରୀ ଶ୍ରୀମତୀ ପାର୍ବତୀ ଘୋଷଙ୍କ ଦ୍ୱାରା ପ୍ରଯୋଜିତ । ସେ ନିଜେ ମଧ୍ୟ ଚିତ୍ରର ନିର୍ଦ୍ଦେଶନା ଦେବା ସଙ୍ଗେ ସଙ୍ଗେ ସାରିଆ ଭୂମିକାରେ ଅଭିନୟ କରିଛନ୍ତି । ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଶରତ ପୂଜାରୀ, ବିଜୟ ମହାନ୍ତି, ମାମିନା, ନିହାରୀକା ପ୍ରମୁଖ । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀ ପ୍ରଫୁଲ୍ଲ କର । ଚିତ୍ର ଉତ୍ତୋଳନ କରିଛନ୍ତି ଶ୍ରୀ ଅଶୋକ ସ୍ୱାଇଁ । ଏହି ଚିତ୍ରଟି ୧୯୮୬ ଆଞ୍ଚଳିକ ପାନୋରମାରେ ନିର୍ବାଚିତ ହୋଇଥିଲା । ଓଡ଼ିଆ ସାହିତ୍ୟର ଏକ ବଳିଷ୍ଠ ଉପନ୍ୟାସକୁ ଚିତ୍ର ରୂପ ଦେବାରେ ଶ୍ରୀମତୀ ପାର୍ବତୀ ଘୋଷଙ୍କର ନିଷ୍ଠା ଓ ଉଦ୍ୟମ ପ୍ରଶଂସନୀୟ ।

ନଭେମ୍ବର ୨୧ ତାରିଖରେ ଶ୍ରୀ କେ. ଏଚ. ସଦାରଙ୍କ ନିର୍ଦ୍ଦେଶିତ ରଙ୍ଗୀନ ଚିତ୍ର 'ନିନାଦ' କେବଳ ନୁନ୍ ଶୋ'ରେ ମୁକ୍ତିଲାଭ କରୁଛି । ଏହି ଚିତ୍ରଟିର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀ ବାସୁଦେବ ରଥ । ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ବୀରେନ୍ ରାଉତ୍‌ରାୟ, ଡକ୍ଟର ଶୈଳେଶ୍ୱର ନନ୍ଦ, ଝରଣା ଦାସ, ଅନୀତା ଦାସ ପ୍ରମୁଖ ।

ଏହି ଚିତ୍ରଟି ଏକ ସତ୍ୟ ଘଟଣା ଉପରେ ଆଧାରିତ । ଗ୍ରୀଷ୍ମ ଛୁଟୀ ଅବକାଶରେ ସ୍କୁଲ ଛୁଟୀର ଶେଷଦିନ । ଗୋଟିଏ ପିଲା ଛୁଟୀ ପରେ ଶ୍ରେଣୀରେ ଶୋଇପଡ଼ିଛି ଏବଂ ସ୍କୁଲର ପିଅନ ଶ୍ରେଣୀ ଗୃହ ଚାବି ପକାଇ ଚାଲିଯାଇଛି । ଗ୍ରୀଷ୍ମଛୁଟୀ ପରେ ପିଲାର ମୃତଦେହ ଶ୍ରେଣୀଗୃହରେ ଦେଖାଯାଇଛି । ଏହି ଘଟଣାକୁ ନେଇ ଚିତ୍ରଟି ପ୍ରସ୍ତୁତ ହୋଇଛି । ଚିତ୍ରଟି ପିକ୍‌ଚରରାଇଜେସନରେ ମୁଖ୍ୟ ଘଟଣାକୁ ବିଶେଷ ଗୁରୁତ୍ୱ ଦିଆଯାଇ ନାହିଁ । ତେଣୁ ଚିତ୍ରଟି ଦର୍ଶକମାନଙ୍କୁ ଆଦୌ ପ୍ରଭାବିତ କରି ପାରି ନାହିଁ ।

୧୯୮୬ରେ ମୁକ୍ତି ପାଇଥିବା ମୋଟ ଷୋଳଟି ଚିତ୍ର ମଧ୍ୟରୁ 'ସପନବଣିକ', 'ସତ କେବେ ଲୁଚି ରହେନା', 'ସବୁ ମାୟାରେ ବାନ୍ଧା', 'ଏଇ ଆମ ସଂସାର', 'ମାନିନୀ', 'ପକା କମଳ ପୋତ ଛତା', ବ୍ୟବସାୟିକ ସଫଳ ଓଡ଼ିଆ ଚଳଚିତ୍ର । ମାତ୍ର ଏହି ଛଅଟି ଚିତ୍ର ମଧ୍ୟରୁ 'ଏଇ ଆମ ସଂସାର' ଏବଂ 'ପକାକମଳ ପୋତ ଛତା' ସର୍ବାଧିକ ବ୍ୟବସାୟ କରିବ ବୋଲି ଆଶା କରାଯାଉଛି । ଶ୍ରୀ ପ୍ରଶାନ୍ତ ନନ୍ଦ, ଧୀରାନାଲା, ପକା କମଳ ପୋତ ଛତା, ୨ଟି ଚିତ୍ର ନିର୍ଦ୍ଦେଶନା ଦେଇଛନ୍ତି । ମହମ୍ମଦ ମହସିନ୍ ଓ ଶିଶିର ମିଶ୍ର 'ଟକାଇଦିଗା' ଓ 'ଏଇ ଆମ ସଂସାର' ନିର୍ଦ୍ଦେଶନା ଦେଇଛନ୍ତି । ନବାଗତ ନିର୍ଦ୍ଦେଶକ ଭାବରେ ଶ୍ରୀ ସବ୍ୟସାଚୀ ମହାପାତ୍ର, ବିଭୁତି ମିଶ୍ର, ରବି କିଲାରୀ ଓ ପାର୍ବତୀ ଘୋଷ ଦର୍ଶକମାନଙ୍କ ମଧ୍ୟରେ ପରିଚିତ ହୋଇଛନ୍ତି । ଷୋଳଟି କାହାଣୀ ମଧ୍ୟରୁ କେବଳ 'ଛ ମାଣ ଆଠ ଗୁଣ୍ଠ' ଏକ ଲୋକପ୍ରିୟ ବଳିଷ୍ଠ ମୂଳକାହାଣୀ ଉପରେ ଆଧାରିତ । ଅନ୍ୟ ଚିତ୍ରର କାହାଣୀଗୁଡ଼ିକ କୌଣସିଟି *Original* ନୁହେଁ ।

ଶ୍ରୀ ଅକ୍ଷୟ ମହାନ୍ତି ନଳ ଦମୟନ୍ତୀ, ବାଜେ ବଇଁଶୀ ନାଚେ ଘୁଙ୍ଗୁର, ଏଇ ଆମ ସଂସାର, ଟକାଇଦିଗା, ସବୁ ମାୟାରେ ବାନ୍ଧା, କରୁଣାମୟ ମୋଟ ୬ଟି ଚିତ୍ରର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଶ୍ରୀ ପ୍ରଫୁଲ୍ଲ କର ଏବଂ ଶ୍ରୀ ବାସୁଦେବ ରଥ ପ୍ରତ୍ୟେକ ୨ଟି ଚିତ୍ରର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଶ୍ରୀ ଭୁବନେଶ୍ୱର ମିଶ୍ର, ଶ୍ରୀ ଉପେନ୍ଦ୍ର କୁମାର, ନବାଗତ ଶ୍ରୀ ସ୍ୱରୂପ ନାୟକ, ଶ୍ରୀ ବସନ୍ତ ଦାସ, ମୁସିରା, ରାଧାକୃଷ୍ଣ ଭଞ୍ଜ ପ୍ରତ୍ୟେକ ଗୋଟିଏ ଗୋଟିଏ ଚିତ୍ରର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି । ସଫଳ ସଂଗୀତ ନିର୍ଦ୍ଦେଶକମାନଙ୍କ ମଧ୍ୟରେ ସର୍ବଶ୍ରୀ ଅକ୍ଷୟ ମହାନ୍ତି, ଭୁବନେଶ୍ୱର ମିଶ୍ର, ବାସୁଦେବ ରଥ, ରାଧାକୃଷ୍ଣ ଭଞ୍ଜଙ୍କ ନାମ ଉଲ୍ଲେଖନୀୟ ।

ଗତ ୫ ବର୍ଷ ମଧ୍ୟରେ ଚିତ୍ର ନିର୍ମାଣ ଓ ପ୍ରେକ୍ଷାଳୟ ବୃଦ୍ଧି ପାଇବା ଫଳରେ ଓଡ଼ିଶାରେ ଓଡ଼ିଆ ଚଳଚିତ୍ର ବ୍ୟବସାୟ ଏକ ଲାଭଜନକ ବ୍ୟବସାୟ ଭାବରେ ପ୍ରତିଷ୍ଠା ପାଇପାରିବ ।

ଜୀବନରଂଗ, ତଗରପଡ଼ା, କଟକ-୨



Telegram : FINCORISSA

TELEX:0676-225
PABX : 21123, 21125
21172, 21173

# ORISSA STATE FINANCIAL CORPORATION

## O. M. P. SQUARE, CUTTACK-3

We have been on the industrial scene of Orissa for the last 30 years. We are the pioneer financial institution for industrial financing in the State, so far, we have financed 15,121 units with over Rs. 208 crores till 31st March, 1986.

We have crossed Rs. 300 crores mark in respect of effective sanction and disbursed over Rs. 200 crores. We also disburse Central and State Capital Investment Subsidy and IDBI Seed Capital loan and Government's Seed loan to bridge the gap in equity. We have provided soft loan to 606 units amounting to Rs. 167·83 lakhs from our special share capital to meet the short fall in promoter's contribution. We operate IDBI's Refinance Scheme for Rehabilitation and IRBI line of credit for Rehabilitation. We also encourage NRI investment on softer terms.

If you are thinking of setting up an industry in Orissa, you would find it helpful to contact us, for we have many effective schemes to offer you and one may just suit to your needs.


WE PROVIDE :

1. Term-loan up to Rs, 60 lakhs to create fixed assets
2. Soft-loan up to Rs. 4 lakhs to Technician Entrepreneurs
3. Term-loan up to Rs. 2 lakhs with 10% margin to educate unemployed
4. Loans to Technician Entrepreneurs with 17½% margin
5. Loans to Medical Graduates for X-ray, E.C.G. and Electro-medical equipments.
6. Rehabilitation/Modernisation assistance with rate of interest 10 to 11½%
7. Composite-loans and loans for setting up Bio-gas Plants, Wind Mills and Solar appliances.

We assure you of our best services. For details please call on the Managing Director or our Regional Manager/Branch Manager.


**MANAGING DIRECTOR**

OGP—MP-VI (I. & P. R.) 83—15,000—25-3-1987






Vol. XLIII No. 8/9 UTKAL PRASANGA Regd. No. O-05/87
Licence No. C. R. N. P. 5—Licensed to post without Pre-Payment



PRINTED AT ORISSA GOVERNMENT PRESS, CUTTACK


ଉତ୍କଳ
ପ୍ରସଙ୍ଗ